## ଶତାବ୍ଦୀର ନାୟକ :

# ଗୌରୀଶଙ୍କର



ଡକ୍ଟର ଶ୍ରୀଚରଣ ମହାନ୍ତି

# ଶତାବ୍ଦୀର ନାୟକ : ଗୌରୀଶଙ୍କର

ସମ୍ପାଦକ — ଡକ୍ଟର ଶ୍ରୀଚରଣ ମହାନ୍ତି

ପ୍ରକାଶକ — ପ୍ରଗତି ଉତ୍କଳ ସଂଘ
୮/୯, ଫକୀରମୋହନ ନଗର
ସେକ୍ଟର - ୭, ରାଉରକେଲା - ୭୬୯ ୦୦୩

ପ୍ରଥମ ସଂସ୍କରଣ — ୧୯୯୪

ମୁଦ୍ରଣ — ସରସ୍ୱତୀ ପ୍ରିଣ୍ଟର୍ସ, ଶକ୍ତିନଗର
ରାଉରକେଲା - ୭୬୯ ୦୧୪

ଓ

ଷ୍ଟାଣ୍ଡାର୍ଡ ଆର୍ଟ ପ୍ରେସ୍, ସେକ୍ଟର - ୧୮
ରାଉରକେଲା - ୭୬୯ ୦୦୩

ମୂଲ୍ୟ — ୪୦ ୦୦
( ଚାଳିଶ ଟଙ୍କା ମାତ୍ର )

**SATABDIR NAYAK : GOURISANKAR**

*Editor :* Dr. Sricharan Mohanty

*Published by :* Pragati Utkal Sangh
8/9, Sector - 7, Rourkela - 3
PIN - 769 003, ORISSA

First Edition - 1994

*Printed at :* Saraswati Printers
Shaktinagar, Rourkela - 14

&

Standard Art Press
Sector - 18, Rourkela - 3

Price : 40 00
( Rupees Forty Only )

# ପ୍ରକାଶକଙ୍କ ନିବେଦନ

ଗତ ୧୯୬୬ ମସିହାରେ ପ୍ରତିଷ୍ଠିତ 'ପ୍ରଗତି ଉତ୍କଳ ସଂଘ', ରାଉରକେଲାର ଏକ ବଳିଷ୍ଠ ସାଂସ୍କୃତିକ ଅନୁଷ୍ଠାନ । ଏହାର ସୁସଂଗଠିତ ସମୃଦ୍ଧ ପାଠାଗାର ଅନେକ ସମୟରେ ଓଡ଼ିଆ ଗବେଷକମାନଙ୍କୁ ଆକୃଷ୍ଟ କରିପାରିଛି । ଅନ୍ୟାନ୍ୟ କାର୍ଯ୍ୟ ସହିତ ଗତ ୧୯୭୮ ମସିହାରୁ 'ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ' ପାଳନ ଓ ରାଉରକେଲା ରେଳଷ୍ଟେସନ ସମ୍ମୁଖ ମଧୁସୂଦନମାର୍ଗରେ ଉତ୍କଳ ଗୌରବ ମଧୁସୂଦନଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ଭଳି ମହତ କାର୍ଯ୍ୟ ଏ ଅନୁଷ୍ଠାନ କରି ଆସିଅଛି ।

ଓଡ଼ିଆ ଜାତୀୟ ଜୀବନରେ ଯେଉଁମାନେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କର ସ୍ମୃତିକୁ ପୂଜା କରିବା 'ପ୍ରଗତି ଉତ୍କଳ ସଂଘ'ର ଅନ୍ୟତମ ଲକ୍ଷ୍ୟ । ସେହି ଉଦ୍ଦେଶ୍ୟରେ ଉତ୍କଳ ଗୌରବ ମଧୁସୂଦନଙ୍କ ସହ ଅନ୍ୟାନ୍ୟ ମନୀଷୀମାନଙ୍କୁ ବକ୍ତୃତା ମାଧ୍ୟମରେ ଏହି ଅନୁଷ୍ଠାନ ପୂଜା କରି ଆସିଅଛି । ଊନବିଂଶ ଶତକର ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ମହାନ ଯୋଦ୍ଧା ଶତାବ୍ଦୀର ନାୟକ ଗୌରୀଶଙ୍କରଙ୍କ ଜୀବନୀ ଓ କୃତି ଚର୍ଚ୍ଚା ମାଧ୍ୟମରେ ଶ୍ରଦ୍ଧା ନିବେଦନ କରି ସଂଘ ନିଜକୁ ଗୌରବାନ୍ୱିତ ମନେ କରୁଅଛି ।

Madhusudan Das : The Legislature ପରି ଇଂରାଜୀରେ ଲିଖିତ ୬୦୦ ପୃଷ୍ଠାର ବୃହତ୍ ପ୍ରକାଶନର ଐତିହାସିକ ପଦକ୍ଷେପ ପରେ ସଂଘର ଦ୍ୱିତୀୟ ପ୍ରକାଶନ 'ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ' । ଏହି ପୁସ୍ତକ ଲୋକପ୍ରିୟତା ଅର୍ଜନ କରି ପ୍ରଥମ ସଂସ୍କରଣଟି ଯେପରି ଅଳ୍ପ ଦିନରେ ଶେଷ ହୋଇପାରିଲା, ପ୍ରକୃତରେ ତାହା ଆମକୁ ଆଶାରୁ ଅଧିକ ଦେଖାଇଲା । ତୃତୀୟ ଅବଦାନ ଭାବରେ ସାଢ଼େ ଚାରିଶହ ପୃଷ୍ଠାର ବୃହତ୍ 'ପ୍ରଗତି ଉତ୍କଳ ସଂଘ' ଓ ରାଉରକେଲାର ସାଂସ୍କୃତିକ ବିକାଶ ଧାରା' ଶିଳ୍ପ ନଗରୀ ରାଉରକେଲା ଉପରେ ଏକ ପ୍ରାମାଣିକ ପୁସ୍ତକ । ବର୍ତ୍ତମାନର ସଙ୍କଳନ ଏହି ଅନୁଷ୍ଠାନର ଚତୁର୍ଥ ପ୍ରକାଶନ ।

'ଶତାବ୍ଦୀର ନାୟକ : ଗୌରୀଶଙ୍କର' ପୁସ୍ତକକୁ ସଂପାଦନା କରିଛନ୍ତି ରାଉରକେଲା ସରକାରୀ କଲେଜର ବରିଷ୍ଠ ଅଧ୍ୟାପକ ଡକ୍ଟର ଶ୍ରୀଚରଣ ମହାନ୍ତି । ଏହି ଜାତୀୟ କାର୍ଯ୍ୟ କରିଥିବାରୁ ସଂଘ ତାଙ୍କୁ କୃତଜ୍ଞତା ଜଣାଉଛି ।

ଏହି ପୁସ୍ତକକୁ ଆଲୋକକୁ ଆଣିବା କ୍ଷେତ୍ରରେ ଅନୁଷ୍ଠାନର ପ୍ରକାଶନ ଉପଦେଷ୍ଟା ଶ୍ରୀ ଦେବେନ୍ଦ୍ର କୁମାର ଦାଶ ( ରାଉରକେଲା ମ୍ୟୁନିସିପାଲ କଲେଜ )ଙ୍କ ପ୍ରେରଣା ଓ ଉତ୍ସାହ ଭୁଲିବାର ନୁହେଁ ।

ଓଡ଼ିଶାର ବରିଷ୍ଠ ଗବେଷକ, ଲେଖକ ଓ ପ୍ରଫେସରମାନେ ଆମର ଅନୁରୋଧ ରକ୍ଷା କରି ସେମାନଙ୍କ ଲେଖା ପ୍ରଦାନ ପୂର୍ବକ ଆମକୁ ଅନୁଗୃହୀତ କରିଛନ୍ତି, ସେମାନଙ୍କୁ ପ୍ରଗତି ଉତ୍କଳ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରୁଅଛୁ ।

ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୁସ୍ତକକୁ ପ୍ରକାଶ କରିବାର ଉଦ୍ୟମ କରାଯାଇଥିଲା ମାତ୍ର କେତେକ ଅସୁବିଧା କାରଣରୁ ଆମେମାନେ ଏହାକୁ ଆଲୋକକୁ ଆଣିପାରିଲୁ ନାହିଁ । ସେଥିପାଇଁ ଅନ୍ୟ ଏକ ପ୍ରେସ୍‌ର ସାହାଯ୍ୟ ନେବାକୁ ପଡ଼ିଲା । ଆମର ଅନିଚ୍ଛାକୃତ ବିଳମ୍ବ ଓ କେତେକ ମୁଦ୍ରଣ ତ୍ରୁଟି ପାଇଁ ଆମେମାନେ ପାଠକ ପାଠିକାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଅଛୁ ।

ଆମର ଅନ୍ୟାନ୍ୟ ପ୍ରକାଶନ ପରି ଏ ପୁସ୍ତକ ଓଡ଼ିଶାର ଛାତ୍ର, ଅଧ୍ୟାପକ, ସମାଲୋଚକ ତଥା ବୁଦ୍ଧିଜୀବୀମାନଙ୍କର କାମରେ ଲାଗିପାରିଲେ ଆମର ଉଦ୍ଦେଶ୍ୟ ସଫଳ ହେବ ।

ହସ୍ତପତ୍ର

**ପ୍ରଗତି ଉତ୍କଳ ସଂଘ, ରାଉରକେଲା**

# ॥ ସୂଚୀପତ୍ର ॥

## ପ୍ରଥମ ଭାଗ


୧- ସମ୍ପାଦକୀୟ — ଡଃ ଶ୍ରୀଚରଣ ମହାନ୍ତି — କ

୨- ସମକାଳୀନ ଦୃଷ୍ଟିରେ ଗୌରୀଶଙ୍କର
- * ଫକୀରମୋହନ ସେନାପତି — ଙ
- * ମଧୁସୂଦନ ଦାସ — ଚ
- * ରାଧାନାଥ ରାୟ — ଛ
- * ମଧୁସୂଦନ ରାଓ — ଜ

୩- ଗୌରୀଶଙ୍କର ରାୟଙ୍କର ଜୀବନର କେତୋଟି ଅବିସ୍ମରଣୀୟ ଅଧ୍ୟାୟ — ମୁରଲୀ ମୋହନ ଜେନା — ଟ

୪- ଆତ୍ମସମ୍ବାଦ — ଡଃ ନଟବର ସାମନ୍ତରାୟ — ଣ

୫- ଗୌରୀଶଙ୍କର — ଲୋକରତ୍ନ ଡଃ କୃଷ୍ଣଚନ୍ଦ୍ର ଦାଶ — ତ


## ଦ୍ୱିତୀୟ ଭାଗ


୬- ଊନବିଂଶ ଶତକର ଓଡ଼ିଶା : ଐତିହାସିକ ପ୍ରେକ୍ଷାପଟ — ଡଃ କୈଳାସ ଚନ୍ଦ୍ର ଦାଶ — ୧

୭- ଗଳ୍ପ କୁହେଁ ସମାଲୋଚନା — ଡଃ ନଟବର ସାମନ୍ତରାୟ — ୧୭

୮- ଗୌରୀଶଙ୍କର ଓ ଉତ୍କଳଦୀପିକା — ଡଃ ବୈଷ୍ଣବ ଚରଣ ସାମଲ — ୨୪

୯- ଗୌରୀଶଙ୍କର ଓ ଓଡ଼ିଆ-ସାହିତ୍ୟ-ଚର୍ଚ୍ଚା — ଦେବବ୍ରତ — ୪୩

୧୦- ଊନବିଂଶ ଶତକର ପୁସ୍ତକ ପ୍ରକାଶନ ଓ ଗୌରୀଶଙ୍କର — ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) — ୬୮

୧୧- ଗୌରୀଶଙ୍କର : ଓଡ଼ିଆ ଜାତୀୟତାବାଦର ଭଗୀରଥ — ଡଃ ଶରତ ଚନ୍ଦ୍ର ନାୟକ — ୭୫

୧୨- ଗୌରୀଶଙ୍କର ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ — ଡଃ ସୁରେନ୍ଦ୍ର ନାଥ ଦାଶ — ୧୦୯

୧୩- ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟଶୈଳୀ ଓ ଗୌରୀଶଙ୍କର — ଡଃ ଗୌରାଙ୍ଗ ଚରଣ ଦାଶ — ୧୨୪

୧୪- ଓଡ଼ିଶାର ନବଜାଗରଣ ଓ ବିଚକ୍ଷଣ ଗୌରୀଶଙ୍କର — ଦେବେନ୍ଦ୍ର କୁମାର ଦାଶ — ୧୪୮

# ସମ୍ପାଦକୀୟ

ଓଡ଼ିଆ ଜାତିର ଏକ ସନ୍ଧିକ୍ଷଣ ସମୟରେ ଶତାବ୍ଦୀର ନାୟକ ଗୌରୀଶଙ୍କରଙ୍କର ଶୁଭ ଆବିର୍ଭାବ । ଯେଉଁ କଷ୍ଟିନ ଝଞ୍ଜା ସମୟରେ ସମଗ୍ର ଉତ୍କଳ ଜନନୀ ଶତଧାବେଳେ ବିଭିନ୍ନ ଦେଶରେ ଛିନ୍ନମୁଣ୍ଡା, ସେତେବେଳେ ତାହାର ମୁଖରେ ଭାଷା ଦେଇ ଜନମଣ୍ଡଳରେ ସ୍ୱାତନ୍ତ୍ର୍ୟ ଚେତନା ଫୁଟାଇବାକୁ ଯେଉଁ ସୁପୁତ୍ରମାନେ ଜନ୍ମ ହୋଇଥିଲେ ସେମାନଙ୍କ ମଧ୍ୟରେ କର୍ମବୀର ଗୌରୀଶଙ୍କର ହିଁ ପୁରୋଭାଗରେ ବିଦ୍ୟମାନ । ଗୌରୀଶଙ୍କର ରାୟ, କଟକ ଜିଲ୍ଲା ଅସୁରେଶ୍ୱର ଗ୍ରାମର ଓଡ଼ିଶାରେ ଅବସ୍ଥାପିତ ଏକ ବଙ୍ଗୀୟ କାୟସ୍ଥ ପରିବାରରେ ୧୮୩୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଗୌରୀଶଙ୍କରଙ୍କର ସମୟ ଥିଲା ଏକ ଦ୍ରୁତ ପରିବର୍ତ୍ତନର କାଳ । ସେ ଥିଲେ ଓଡ଼ିଶାର ପ୍ରଥମ ମାଟ୍ରିକ୍ୟୁଲେଟ୍ । ଉଚ୍ଚଶିକ୍ଷା ଲାଭପାଇଁ ସେ କଲିକତା ଯାଇଥିଲେ କିନ୍ତୁ ଶିକ୍ଷା ଲାଭ କରିନ ଫେରି ଆସିଥିଲେ । ପ୍ରଥମେ ଏକ କଚେରୀର ମୁହୁରି ପରେ ଓଡ଼ିଆ ଅନୁବାଦକ ଭାବରେ ତାଙ୍କର ଚାକିରି ଜୀବନ ସେ ଆରମ୍ଭ କରିଥିଲେ । ତାଙ୍କ ପରେ ମାଟ୍ରିକ୍ୟୁଲେସନ ପାସ୍ କରିଥିବା ବନମାଳୀ ସିଂହ, ନନ୍ଦ କିଶୋର ଦାସ, ବିଚ୍ଛନ୍ଦ ପଟ୍ଟନାୟକ ତଥା ରାଧାନାଥ ରାୟ ପ୍ରଭୃତିଙ୍କ ସହଯୋଗରେ ସେହି ମିତ୍ର ଗୋଷ୍ଠୀ ଗଠନ କରିଥିଲେ, ଗୌରୀଶଙ୍କର ସମସ୍ତ ଜୀବନ ଧରି ଏହି ପଦବୀ, ସମ୍ମାନ ତଥା ଉଚ୍ଚତର ଉପର ପାହାଚକୁ ଉଠି ନଥିଲେ । ଚେଷ୍ଟା ବି କରି ନଥିଲେ । ଗୌରୀଶଙ୍କରଙ୍କର ଜୀବନ ଥିଲା ଏକ ସାଧନାର ଜୀବନ । ବ୍ୟକ୍ତିଗତ ପଦ ମର୍ଯ୍ୟାଦା ଭୁଲି, ଜାତିର କର୍ତ୍ତବ୍ୟ ପାଳନକୁ ସେ ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଥିଲେ, ଫଳରେ ସରକାରୀ ଚାକିରିଆ ହୋଇ ମଧ୍ୟ ଜାତୀୟତାବାଦ ତାଙ୍କ ସହ ତାଳ ମିଳାଇ, ତାଙ୍କ ମୃତ୍ୟୁ ପରେ ନାନା ଭାବରେ ଓ ଉତ୍କଳ ଗୌରବ ମଧୁସୂଦନ ଓଡ଼ିଶାକୁ ଆସିଲା ପରେ ତାଙ୍କ ସହିତ ମିଶି ସେ ଦେଶ ଓ ଉପକୂଳବର୍ତ୍ତୀ ଓଡ଼ିଶାରେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଅଭ୍ୟୁତ୍ଥାନର ଅଗ୍ରଣୀ ଭୂମିକା ନେଇଥିଲେ ।

ଊନବିଂଶ ଶତାବ୍ଦୀ ଥିଲା ଭାରତର ଇତିହାସର ଏକ ସନ୍ଧିକାଳ । ଏହି ସନ୍ଧିକାଳରେ ଅତୀତ ସହ ବର୍ତ୍ତମାନର, ପ୍ରାଚୀନ ସାମନ୍ତବାଦ ସହ ନବ୍ୟ ସାମନ୍ତବାଦର, ପ୍ରାଚୀନ ପାଣ୍ଡିତ୍ୟ ସହ ଆଧୁନିକ ଶିକ୍ଷାର, ପ୍ରାଚୀନ ଚିନ୍ତନ ସହ ଆଧୁନିକ କଳ୍ପନାର ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିଥିଲା । ଏହି ସଂଘର୍ଷ ଭିତରେ ସନ୍ତୁଳନ ରକ୍ଷାକରି ଗୋଟିଏ ଜାତିକୁ ତା'ର କର୍ମପଥରେ ଆଗେଇ ନେବା ତଥା ନେତୃତ୍ୱ

ପାଠ ମାର୍ଗ ନିର୍ଦ୍ଦିଷ୍ଟ କରିବା ମହତ୍ତ୍ୱର କାର୍ଯ୍ୟ ଥିଲା । ଗୌରୀଶଙ୍କରଙ୍କର ସମସାମୟିକ ମାନେ ସୁଯୋଗ ପାଇଲେ ମାତ୍ର ସରକାରୀ ଚାକିରିରେ ଅନୁପ୍ରବେଶ କରିଛନ୍ତି । ଉପଯୁକ୍ତ କର୍ତ୍ତାଙ୍କ ସହ ଉତ୍ତମ ସମ୍ପର୍କ ରଖି ଆପଣାର ପଦ ମର୍ଯ୍ୟାଦାର ପାହାଚ ଡେଇଁଛନ୍ତି । ସୁଯୋଗ ଆସିଲେ ଆପଣାର ଉଦବୃତ୍ତ ଶ୍ରମ ସମୟ ତଥା ବୁଦ୍ଧିକୁ ଜନସାଧାରଣଙ୍କ କାର୍ଯ୍ୟରେ ବିନିଯୋଗ କରିଛନ୍ତି । ଗୌରୀଶଙ୍କରଙ୍କର ଉତ୍କୃଷ୍ଟତମ ବୈଶିଷ୍ଟ୍ୟ ହେଲା ମୃତ୍ୟୁ ପର୍ଯ୍ୟନ୍ତ ସେ ଯୁକ୍ତ ଥିଲେ ଏକ ଅନୁଷ୍ଠାନ । ବ୍ୟକ୍ତିଗତ ଜୀବନ ସେଠାରେ ସମର୍ପିତ ହୋଇଥିଲା । ସେ ହୋଇ ଉଠିଥିଲେ ସ୍ୱୟଂ ଏକ ଅନୁଷ୍ଠାନ । 'ଉତ୍କଳ ଦୀପିକା'ର ସେ ସମ୍ପାଦକ ଥିଲେ । ଏ କାର୍ଯ୍ୟ ତାଙ୍କ ବନ୍ଧୁମାନଙ୍କ ଦ୍ୱାରା ତାଙ୍କୁ ଅର୍ପଣ କରାଯାଇଥିଲା । ସ୍ୱୟଂ ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କରଙ୍କର ସାମର୍ଥ୍ୟ ଦେଖି ତାଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ । କିନ୍ତୁ ତାହାର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସେ ଶାନ୍ତ ସମ୍ପୂର୍ଣ୍ଣ କରିପାରିବେ ନାହିଁ । ତାଙ୍କୁ ଏକ ନୂଆ ରୂପରେ, ନୂଆ ଢଙ୍ଗରେ ପୁନର୍ଜୀବିତ କରିପାରିବେ, ଏହା ବିଚିତ୍ରାନନ୍ଦ ଦାସ କଳ୍ପନା କରି ନଥିଲେ । ଆଧୁନିକ ଓଡ଼ିଶାର ଆଦ୍ୟନେତା ଯଦି ଥିଲେ ବିଚିତ୍ରାନନ୍ଦ ଦାସ, ତାହାହେଲେ ଊନବିଂଶ ଶତାବ୍ଦୀ ଓଡ଼ିଶାର ନାୟକ ଥିଲେ ଗୌରୀଶଙ୍କର ।

ଗୌରୀଶଙ୍କର ଜାତରେ ଥିଲେ ବଙ୍ଗାଳୀ କିନ୍ତୁ ଜନ୍ମହେତୁ ଓଡ଼ିଶାର ପ୍ରାଚୀନ ସାହିତ୍ୟ, ଓଡ଼ିଶୀ ସଙ୍ଗୀତ, ଓଡ଼ିଆ ଭାଷା ତଥା ସର୍ବୋପରି ଓଡ଼ିଆ ଜାତୀୟତା ପାଇଁ ସଂଗ୍ରାମ କରିଯାଇଛନ୍ତି । ସାଧାରଣ ଦୃଷ୍ଟିରୁ ଦେଖିଲେ ଏହା ଏକ ପ୍ରକାର ଅନ୍ତର୍ବିରୋଧ । ବର୍ତ୍ତମାନର ସଙ୍କୀର୍ଣ୍ଣ ପ୍ରାଦେଶିକତା ଓ ଭାଷା ଭିତ୍ତିକ ଜାତୀୟତା ଏହିଭଳି ଏକ ଧାରଣାକୁ ଜନ୍ମ ଦେଇଥାଏ । ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ଓ ଶେଷ ଓଡ଼ିଶା ବଙ୍ଗ ସୁବା ସହ ସଂଯୁକ୍ତ ହେବା ଫଳରେ ତଥା ଚୈତନ୍ୟ ପରବର୍ତ୍ତୀକାଳରେ ବୈଷ୍ଣବ ଧର୍ମକୁ ମାଧ୍ୟମ କରି ବଙ୍ଗୋତ୍କଳ ସମ୍ବନ୍ଧର ଯେଉଁ ସୁଦୃଢ଼ ଭିତ୍ତି ହୋଇଥିଲା, ଗୌରୀଶଙ୍କର ସେହି ପରମ୍ପରାର ଥିଲେ ପ୍ରତୀକ । ଜାତିରେ ବଙ୍ଗାଳୀ ହେଲେ ବି ସଂସ୍କୃତି ଦୃଷ୍ଟିରୁ ସେ ଥିଲେ ଉତ୍କଳୀୟ । ଯେଉଁ ସମାଜର ରାଣୀ, ଦେବକ, ଡାକ୍ତ ଓ ଭଦ୍ରା ଜାଣି ତେଣୁ ମନକୁ ପୁଷ୍ଟ କରିଥିଲ, ସେ ସେହି ସମାଜର ସ୍ୱାର୍ଥରକ୍ଷା ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ । ତାହାର ଅନ୍ତରର ବେଦନାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ।

ଗୌରୀଶଙ୍କରଙ୍କର ପିତା ସଦାଶିବ ପ୍ରସାଦ ଯେପରି ତେଜସ୍ୱୀ ପୁରୁଷ ଥିଲେ ସେହିପରି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ପିତାଙ୍କର ଏହି ଗୁଣର ପ୍ରଭାବ ଗୌରୀଶଙ୍କରଙ୍କୁ ତେଜଗୁଣ ସମ୍ପନ୍ନ ତଥା ସ୍ୱାଭିମାନୀ କରି ଜୀବନର ପଥକୁ ନିର୍ଦ୍ଦିଷ୍ଟ କରିଥିଲା । ହୁଗୁଳି କଲେଜରେ ଦୁଇବର୍ଷ ଶିକ୍ଷା ସମାପ୍ତ କରିଥିଲେ ହେଁ, ସେ କିନ୍ତୁ ବର୍ଷ ବୃତ୍ତି ପରୀକ୍ଷା ନ ଦେଇ ଫେରି ଆସି ପ୍ରଥମେ କଲେକ୍ଟର କଚେରୀରେ କେବଳମାତ୍ର ଶିକ୍ଷକତା କରିଥିଲେ । ମାତ୍ର ପରେ ତାଙ୍କୁ ଉଚ୍ଚ କରଣିକ କର୍ମକ୍ଷେତ୍ର

ସ୍ୱାଗତ ପ୍ରଦାନ କରିଥିଲେ । ଦେଶ ଭିତରେ କମାଣ୍ଡ ବାନ୍ଧିଥିବା ଅଜ୍ଞତା, ଦରିଦ୍ରତା ଅଶିକ୍ଷା ଓ ଅସ୍ପୃଶ୍ୟତା ଅବସ୍ଥାକୁ ଅତ୍ୟନ୍ତ ନିଖୁଣ ଭାବରେ ଗୌରୀଶଙ୍କର ସ୍ପଷ୍ଟ ଭାବରେ ଦେଖି ପାରିଥିଲେ । ଜନ ସାଧାରଣଙ୍କର ଦୋଷତ୍ରୁଟିଗୁଡ଼ିକ ସେ ମନେ ମନେ ଅନୁଭବ କରି ତାଙ୍କର ସମର୍ଥନ ଯୁବକମାନଙ୍କ ସହିତ ସ୍ୱଦେଶର ଦୁର୍ଦ୍ଦଶା ଦୂର କରିବା ପାଇଁ ସାରସ୍ୱତ ଭାବରେ ସୂତ୍ରଧରଙ୍କୁ ଅବତୀର୍ଣ୍ଣ ହେଲେ । ସମ୍ବାଦପତ୍ରକୁ ଜନର ସାଧାରଣ ଲୋକପୋଷଣରେ ମାଧ୍ୟମ ଭାବରେ ଦେଖୁଥିଲେ ଯେଁ ଜନଙ୍କୁ ଅଭେଦୀ ଶାସକମାନଙ୍କ ନିକଟରେ କର୍ତ୍ତବ୍ୟ ଦେଇ କଥିଲେ । ଅନ୍ୟର ଅନୁମୋଦନ ନ କରୁଥିବା କାର୍ଯ୍ୟକୁ ସେ କେବେହେଁ ଉତ୍ସାହ ଦେଉ ନଥିଲେ, ସେଥିପାଇଁ ସବୁ କାର୍ଯ୍ୟରେ ଥାଇ ସ ଭକ୍ତି ନିକଟରେ ନିଜକୁ ବଳି ଦେଇ ନଥିଲେ । ସମ୍ପାଦକ ଗୌରୀଶଙ୍କର ଆଉ ମଧ୍ୟ 'ଦୀପିକା' ପୃଷ୍ଠାରେ ସେ ସମ୍ପାଦକଙ୍କ ଅବଶ୍ୟ ବା ଦେଶପ୍ରୀତିକୁ ଯେପରି ସମାଲୋଚନା କରୁଥିଲେ, ତାହା ଆଜିବି ଉଲ୍ଲେଖ କରିବା ଅନୁଚିତ ।

ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ଆଜି ଆଉ କାହାରି ଅଜଣା ନୁହେଁ, ତାହା ସର୍ବଜନବିଦିତ । ସେ ଉତ୍କଳବାସୀଙ୍କର ଦେଖିଲେ ଓଡ଼ିଆଙ୍କୁ ଭାଷାକୁ ରକ୍ଷା କରିବାକୁ ହେଲେ, ପ୍ରଥମେ ତା ସ୍ୱତନ୍ତ୍ରତାର ଆବଶ୍ୟକତା ଥାଏ, ତେଣୁ ତାହିଁ ପ୍ରଥମ ପଦକ୍ଷେପ ହେବା ଉଚିତ । ଏଣୁ ଲୋକମାନଙ୍କ ମଧ୍ୟରେ ଏହି ସ୍ୱାତନ୍ତ୍ର୍ୟ କଥା ପ୍ରଚାରିବାକୁ ଉପଯୁକ୍ତ ସାହିତ୍ୟ ଦେବା ପାଇଁ ଓଡ଼ିଆ ଭାଷାରେ ଥିବା ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର କାର୍ଯ୍ୟ ପ୍ରଥମ ପଦକ୍ଷେପ ହେବା ଉଚିତ । ତାଙ୍କ ଭାଷାରେ—"ଉତ୍କଳର ପୂର୍ବ ଗୌରବ ଯେପରି ଏକ ସମୟରେ ଭୁବନେଶ୍ୱର, ପୁରୀ ମନ୍ଦିର, କୋଣାର୍କ ଅନ୍ୟ ସମୟରେ ପୂର୍ବ ଉତ୍କଳ ଉତ୍କଳୀୟ ସାହିତ୍ୟ ଗ୍ରନ୍ଥମାନ ତୁଳନା ଭାଷାରେ ଜଣାଇ ଦେଉଅଛି ।" ପୁଣି ଗୌରୀଶଙ୍କର ଦେଖିଲେ ଉତ୍କଳର ପ୍ରାଚୀନ କାବ୍ୟମାଳା ମଧ୍ୟର ସମ୍ପୂର୍ଣ୍ଣ ଦେଶର ଭାବ ଦୃଷ୍ଟି କାର୍ଯ୍ୟକାରୀ ହୋଇ ସମ୍ମିଳିତ ଲକ୍ଷ୍ୟ କରୁଅଛି, ଉତ୍କଳର ପ୍ରାଚୀନ ସାହିତ୍ୟ ଯେପରି ଭାବ ସ୍ୱର-ତାଳ-ଯୁକ୍ତି-ସାଂସ୍କୃତିକ ଭାବର ମହତ୍ତ୍ୱ ପ୍ରତିପାଦନ କରୁଅଛି । ଲୋକମାନଙ୍କ ମଧ୍ୟରେ ସେହି ଗୁରୁତ୍ୱ ଦେଖାଇ ଆଣିବା ପାଇଁ, ସେ ପ୍ରାଚୀନ ସାହିତ୍ୟ, ସଙ୍ଗୀତ ତଥା ନୃତ୍ୟର ପୁନରୁଦ୍ଧାର କରିଥିଲେ । ପ୍ରକୃତ ମୂଳର କାର୍ଯ୍ୟପାଇଁ ସେ ଏକ ସେହିଭଳି ଆବଶ୍ୟକତା ଓ ଲୋକମାନଙ୍କ ନିକଟରେ ସେମାନଙ୍କର ମିଳିତ ଚାହିଦା ପହଞ୍ଚାଇବା ପାଇଁ ଗୋଟିଏ ଓଡ଼ିଆ ପତ୍ରିକାର ପ୍ରକାଶନର ଗୁରୁତ୍ୱ ସେ ଅନୁଭବ କଲେ । ଏହି କାର୍ଯ୍ୟ ପାଇଁ

କଟକ ପ୍ରିଣ୍ଟିଂ କମ୍ପାନୀ ଗଠନ କରିବାର କାରଣ ବହୁ ପୂର୍ବରୁ ମିଶନ ପ୍ରେସ୍ ଗୁଡ଼ିକ ସ୍ୱଚ୍ଛନ୍ଦରେ ନ ସେଠାରେ ଖ୍ରୀଷ୍ଟ ଧର୍ମ ସମ୍ପୃକ୍ତ ଗ୍ରନ୍ଥ କିମ୍ବା ପ୍ରାଚୀନ ଓଡ଼ିଆ ସାହିତ୍ୟ ଛପା ହେବାର ସମ୍ଭାବନା ନଥିଲା । ଏଣୁ ଓଡ଼ିଶାର ଇତିହାସ ଗୌରୀଶଙ୍କର ନାନା କଷ୍ଟ ସ୍ୱୀକାର ନୂତନ ପ୍ରିଣ୍ଟିଂ କମ୍ପାନୀ କରାଇ ପ୍ରାଚୀନ ସାହିତ୍ୟକୁ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଗୋଟିଏ ଜାତିର ସ୍ୱଭାବ ରକ୍ଷାକର୍ତ୍ତା ହେଲେ ।

ଗୌରୀଶଙ୍କରଙ୍କର ଅନ୍ୟତମ ମହତ୍କାର୍ଯ୍ୟ ଥିଲା ଉତ୍କଳର ପୂର୍ଣ୍ଣାଙ୍ଗ ଏକାଂଶ ଫାର୍ଡି କାଗଜ ସାରଟଙ୍କୁ ସମର୍ପଣ କରିବା । କଟାକ୍ଷ ସବୁ ଜନଙ୍କୁ ଦଳଦଳ ଜାଲି ଯେ ରକ୍ଷା କରିଥିଲେ ଓଡ଼ିଆ ଜାତିର ମହତ୍ତ୍ୱକୁ ଆହୁ ଜନ ଘଟଣାର ସମସ୍ତ ସୂଚନା ଓ ମନମତାକୁ ଉପଯୋଗ କରି ପାରିଥିଲେ ଉତ୍କଳର ସାର ପ୍ରସ୍ତୁତ ରହିଛି । ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ୱାଗତରେ ଲୁକ୍କାୟିତ ଥିବା ଜାତି-ପ୍ରେମ-ଭକ୍ତିକୁ ପ୍ରୋତ୍ସାହିତ କରିଥିବାରେ ତାଙ୍କର ଯେ ପ୍ରକାର ମହତ୍ତ୍ୱ ଅବଦାନ ଥିଲା ତାହା ଏହି ସଙ୍କଳନରେ ପ୍ରକାଶିତ ମଧୁସୂଦନଙ୍କ ନିଜ ଉକ୍ତିରୁ ପ୍ରମାଣିତ ହୁଏ ।

ଜାତିପାଇଁ ସର୍ବସ୍ୱ ଅର୍ପଣ କରିଥିବା, ଏ ଜାତିର ଇନ୍ଦ୍ରଦ୍ୟୁମ୍ନ ସୌଭାଗ୍ୟର ନାୟକ ଗୌରୀଶଙ୍କରଙ୍କୁ ଓଡ଼ିଆ ଜାତି କୃତଜ୍ଞ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

ଡ଼ଃ ଶ୍ରୀ ଚରଣ ମହାନ୍ତି

## ସମକାଳର ଦୃଷ୍ଟିରେ..............

# -- ଗୌରୀଶଙ୍କର --

● ଫକୀରମୋହନ ସେନାପତି

"ବାବୁ ଗୌରୀଶଙ୍କର ରାୟଙ୍କ ଉଦ୍ଦେଶ୍ୟରେ ଶତ ସହସ୍ର ପ୍ରଣିପାତ କରୁଅଛି । ସେ ଉତ୍କଳ ଦୀପିକାରେ ଉତ୍କଳ ସଭା ସପକ୍ଷରେ ଗତ ସପ୍ତାହ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ବାହାର କରୁଅଛନ୍ତି । ଆମ୍ଭେମାନେ ବାଲେଶ୍ୱରବାସୀ ସମସ୍ତ ଉତ୍କଳକୁ କେବଳ ତାହାଙ୍କର ଅନୁଗମନୀୟ ବାଣୀ ଶୁଣୁ ଅଛି । ଅସ୍ମମାନଙ୍କ ବାଲେଶ୍ୱରରେ ନବପ୍ରକାଶିତ "ବାଲେଶ୍ୱର ସମ୍ବାଦ ବାହିକା"ରେ କିଛି କିଛି ଲେଖୁଅଛି ।"

ଆତ୍ମଜୀବନ ଚରିତ—'ଓଡ଼ିଆ ଭାଷାର ସଙ୍କଟ' ଅଧ୍ୟାୟ ]

"ହେ ଗୌରୀଶଙ୍କର ଧନ୍ୟ ତୁମ୍ଭର ସାହସ,
ଦୀପିକା ଲେଖନୀରୁ ବସି ଓଡ଼ିଶା ଦରଶ ।
ନ ମାନ ବିପଦ ବାଧା ନ ଗୃହି ଦେହକୁ,
ମନ ପ୍ରାଣ ସମର୍ପି ପାଳିଛ ଦେଶକୁ ।
ଦେଖି ଦେଖି ତୋର ଗୁଣ ଜାଣିଛୁ ବିଶେଷ,
ଅଟ ତୁମ୍ଭେ ଜଣେ Man of Business ।

'ଉତ୍କଳ ଭ୍ରମଣ' ]

# -- ଗୌରୀଶଙ୍କର --

● ମଧୁସୂଦନ ଦାସ

---

..............ଆପଣମାନେ ସମସ୍ତେ ଗୌରୀଶଙ୍କରଙ୍କ ନାମ ଶୁଣି ଥିବେ । ଯେଉଁଠାରେ କେହି ଓଡ଼ିଆ କଥା କହନ୍ତି କିମ୍ବା ଓଡ଼ିଆ ପୁସ୍ତକ ପାଠ କରନ୍ତି, ସେଠାରେ ଗୌରୀଶଙ୍କରଙ୍କ ନାମ ଜଣା ଅଛି । ରାୟବାହାଦୁର ଉପାଧି ସେ ପାଇଥିଲେ । ମୁଁ କିନ୍ତୁ ରାୟବାହାଦୁର ଗୌରୀଶଙ୍କର, ବାବୁ ଗୌରୀଶଙ୍କର ଇତ୍ୟାଦି କଥା କହିବାକୁ ଇଚ୍ଛା କରେ ନାହିଁ । ମନୁଷ୍ୟର ଆତ୍ମା ଯେତେବେଳେ ତାହାର ମୃଣ୍ମୟ ପିଣ୍ଡରେ ପ୍ରବେଶ କରେ, ସେତେବେଳେ କାଏ କରେ ? ସେହି ସୁବର୍ଣ୍ଣମୟ ଈଶ୍ୱରଙ୍କ ଅନନ୍ତଆତ୍ମାର ଅଂଶ ପ୍ରବେଶ କରେ । ସେହି ମୃଣ୍ମୟ ପିଣ୍ଡର ନାମ ରାୟବାହାଦୁର, ବାବୁ, ମିଷ୍ଟର ଇତ୍ୟାଦି ହୁଏ । କିନ୍ତୁ ଆତ୍ମା ଯେତେବେଳେ ପ୍ରବେଶ କରେ କିମ୍ବା ମୃଣ୍ମୟପିଣ୍ଡ ଛାଡ଼ି ପଳାଏ, ସେତେବେଳେ ରାୟବାହାଦୁର, ବାବୁ ଇତ୍ୟାଦି ଉପାଧି ସବୁ କିଛି ଜଡ଼ ପିଣ୍ଡ ସହିତ ପକାଇ ଦେଇ ପଳାଏ । ଗୌରୀଶଙ୍କରଙ୍କ ଆତ୍ମା ସ୍ୱର୍ଗରେ ଅଛି । ବର୍ତ୍ତମାନ ତାଙ୍କ ଆତ୍ମାକୁ ମୁଁ ଆହ୍ୱାନ କରୁଅଛି । ତାଙ୍କୁ ରାୟବାହାଦୁର ଇତ୍ୟାଦି ସମ୍ବୋଧନରେ ଆହ୍ୱାନ କଲେ ସେହି ଆତ୍ମା ସେ ସବୁ କିଛି ଶୁଣିବ ନାହିଁ ।

ମନୁଷ୍ୟ ଉଭୟ ଚକ୍ଷୁ ଦ୍ୱାରା ଆଗକୁ ଅନାଏ । ପଶ୍ଚାଦ୍ଦିଗରେ ତାର ଚକ୍ଷୁ ନାହିଁ । ଏହି ହେତୁ ପଶ୍ଚାତରେ ଯାହା ହୋଇଅଛି ସେ ତାହା ଦେଖି ନାହିଁ । ଗୋଟିଏ ଜାତି ପକ୍ଷରେ ମଧ୍ୟ ତଦ୍ରୂପ । ସେତେବେଳେ ଗୋଟିଏ ଜାତି ଅଗ୍ରସର ତାହାର ସାଧାରଣତଃ ଆଗକୁ ବା ଭବିଷ୍ୟତ ପ୍ରତି ଦୃଷ୍ଟି ପଡ଼େ । ପଶ୍ଚାଦ୍ ଭାଗରେ ଜୀବନରେ ବା ଅତୀତ ଇତିହାସରେ ତାହାର ଅବସ୍ଥା କିପରି ଥିଲା, ସେ ଦେଖିବାକୁ ଇଚ୍ଛା କରେ ନାହିଁ ! ଶିଶୁ ଜନ୍ମ ହେଲେ ଅନେକ ଆଶା ଦେଖେ । ପଶ୍ଚାତରେ ଅର୍ଥାତ ପୂର୍ବରେ, ତାହାର ପିତା ମାତା କିପରି ଅବସ୍ଥାରେ ଥିଲେ, କେତେ ଦୁଃଖ କଷ୍ଟରେ ତାହାର ଜୀବନ ପାଳନ କରିଥିଲେ, ଏବେ ସେ ସବୁ ସେ ଜାଣେ ନାହିଁ । କିନ୍ତୁ ଯେତେବେଳଠାରୁ ଆମ୍ଭେମାନେ ଆମ୍ଭ ପିତାମାତା ପୂର୍ବରେ କିପରି ଭାବରେ ଜୀବନ ଯାପନ କରିଥିଲେ ଏ ସମ୍ବନ୍ଧରେ ନ ଭାବୁଁ, ସେମାନଙ୍କର କାର୍ଯ୍ୟଦ୍ୱାରା ସମାଜର, ଜାତିର କି ଉପକାର ହୋଇପାରେ ଜାଣିପାରୁ ନାହୁଁ । ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ । 'ଉତ୍କଳ ଦୀପିକା' ଉତ୍କଳର ପ୍ରଦୀପଟିଏ । ଏହି ସମୟରେ ମନୁଷ୍ୟ ଜାତି ଅଜ୍ଞାନାବସ୍ଥାରେ ଥିଲା । ସୃଷ୍ଟିର ପ୍ରଥମ ଦିନରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହେଲେ, ଅନ୍ଧକାର ପୃଥିବୀରେ ଘୋଟିଗଲା ମନୁଷ୍ୟ ସେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା, ସେତେବେଳେ ମନୁଷ୍ୟ କେଉଁ କାର୍ଯ୍ୟରେ ଜାତିକୁ

ସ୍ୱାସ୍ଥ୍ୟ ହେବାକୁ ପାଗର ସୃଷ୍ଟି କଲା । ସେତେବେଳେ ଲୋକଙ୍କୁ ଠେଲି ତାହାର ବଳ କପାଳେ ବୃଦ୍ଧ ଖଣ୍ଡ ସକଳ, ତାଙ୍କ ସମ୍ପର୍କରେ ଅତି ଉତ୍ପାଦନ କରିବାକୁ ତାକୁ ଦେହେ କଷ୍ଟ ସହ୍ୟ କରିବାକୁ ପଡ଼ୁଥିଲା । ବର୍ତ୍ତମାନ ପାପ କାଲିମା ଅନ୍ଧ ସହର । କିନ୍ତୁ ପ୍ରଥମରେ ସାହାର ମସ୍ତିଷ୍କ ପାପ ଅବସ୍ଥାରେ ଉଦ୍ବେଳିତ ହେଲା, ତାହାର ଦେହେ ଚେଷ୍ଟାର ଫଳ ଏହା । ଶ୍ରେଷ୍ଠ ମାନବ ଜାତି ତାହା ଠାରେ କୁଟିଳ ହେବାକୁ ଚାହେଁ ।

ଯେତେବେଳେ ମନୁଷ୍ୟ ଶିଶୁ ଅବସ୍ଥାରେ ଥିଲା, ଆତ୍ମରକ୍ଷା କରିବାର ଶକ୍ତି ତା'ର ନଥିଲା, ମାତା ତାହାକୁ ରକ୍ଷା କରୁଥିଲେ । ଆମମାନଙ୍କର ଆତ୍ମରକ୍ଷା କରିବାର ଶକ୍ତି ନଥିବା ସମୟରେ, ମାତା ଆମ୍ଭମାନଙ୍କୁ ରକ୍ଷା କରୁଥିଲେ । ଏହା ସମସ୍ତେ ସତ ହେଲେ ଆଜି ଆମ୍ଭ ଏଠାରେ ମାତୃପୂଜା ନିମନ୍ତେ ପ୍ରସ୍ତୁତ କରିବାକୁ ଦୁର୍ଗମ୍ୟ ନାହିଁ । ଗୌରୀଶଙ୍କର ପ୍ରଥମେ ଜୀବନରେ କ'ଣ କରିଥିଲେ ତାହା ସ୍ମରଣ ନାହିଁ ।

ମୁଁ ଓଡ଼ିଆମାନଙ୍କ ମଧ୍ୟରେ ଉତ୍କଣ୍ଠା ପାଏଁ । ଜଙ୍ଗଲମାଳାଙ୍କର କଳ୍ପିତ ବନ୍ଧନ । ତାହାର କାରଣ ବୋଧହୁଏ ଯେ ମୁଁ ଓଡ଼ିଶାରେ ପ୍ରଥମେ ଏମ୍.ଏ. । ମୁଁ ପ୍ରଥମେ ଇଂରାଜ ଶିଖି ସେତେ କଳ୍ପନାବୃତ୍ତି ହେଉଛି, ଯେଉଁଥିରେ ମୁଁ ଉତ୍ତମ ରୂପେ ତାହା ବୁଝିପାରୁଛି । ପ୍ରଥମେ ବାଲ୍ୟାବସ୍ଥାରେ ମନୁଷ୍ୟ ଯେପରି ଅବସ୍ଥା ଭୋଗ କରେ, ତାହା ମୁଁ ବର୍ତ୍ତମାନ ଅନୁଭବ କରୁଛି । ଆଉ କିଏ କରୁଥିବ କି ନାହିଁ ସନ୍ଦେହ । ବର୍ତ୍ତମାନର ସ୍ୱାର୍ଥପରତା ଘରର ସନ୍ତାନ ଏ ବଂଶ ଗଢ଼ାଇବା ଉଦାରତା ସୂତ୍ରରେ କୌଣସି ସ୍ୱାଧୀନତା କାର୍ଯ୍ୟ କଲେ ହରବାର, ସେ'ଲଖି ଯେପରି ଦାପ ଏକ ଦିନେ ଦେବାକୁ କଷ୍ଟ-ଅନୁଭ୍ୟ, ୫୦ ବର୍ଷ ତଳେ ସେମାନେ କପର୍ଦ୍ଦ ହୋଇ ନଥିବେ, ସବୁନ୍ତୁ । ସେତେବେଳେ ଗୌରୀଶଙ୍କର କାର୍ଯ୍ୟ ଶେଷରେ ବାସ ପଣ ଛୁଟା ହୋଇଥିଲେ ।

ତାଙ୍କଠାରେ ମୁଁ ବହୁତ ପାଠ ଏକ ଶିକ୍ଷା କରିଅଛି । ସମସ୍ତ ସମୟରେ କୌଣସି କାର୍ଯ୍ୟରେ ତାଙ୍କ ସହିତ ପରାମର୍ଶ କରେ । ମୁଁ ଯାହାଠାରୁ ଯୋଗିଏ କଥା ଶିଖିଅଛି, ତାଙ୍କୁ ସ୍ମରଣ କରୁଛି । ପିଲାକାଳେ ଅବଧାନଙ୍କ ଠାରେ (୧୦-୧୨) ଦିନ ପଢ଼ିଥିଲି । ସେଥିପାଇଁ ତାଙ୍କୁ ମୁଁ ୩୫ ବର୍ଷ ନିମନ୍ତେ ପେନ୍‌ସନ୍ ଦେଉଥିଲି । ମୁଁ ଗୌରୀଶଙ୍କରଙ୍କ ଠାରେ ପ୍ରଥମ ଋଣରେ ଋଣୀ । ତାଙ୍କର ଯେଉଁ କର୍ତ୍ତବ୍ୟ ଜ୍ଞାନ ଥିଲା, ତାହା ବଳରେ ସେ ସ୍ୱଦେଶ ନିଷ୍ଠ ଭାବରେ କାର୍ଯ୍ୟ କରୁଥିଲେ । ସେ ଯେତେବେଳେ ୩୦୦ ଟଙ୍କା ଦରମାରେ ଥିଲେ, ସେତେବେଳେ ତଳେଇଗଙ୍କୁ ମାଗ ନ ଥିଲେ ।

କଂଗ୍ରେସକୁ ଓଡ଼ିଶାରୁ ପ୍ରତିନିଧି ରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କର ଦିବାକୁ ସ୍ଥିର କଲୁ, ସେତେବେଳେ ସରକାରଙ୍କ ଆଦେଶ ପ୍ରଚାର ହେଲା ଯେ, ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଦିବେ ନାହିଁ । ମୁଁ ସେତେବେଳେ ପଚାରିଥିଲି "ମାନ୍ୟବର ମହାଶୟ ! ଆପଣ କ'ଣ କରିବାକୁ ସ୍ଥିର କରିଛନ୍ତି ?" ସେ କହିଥିଲେ –"କ'ଣ କରିବି ! ଚାକିରୀ ପଛେ ଯାଉ ଦେଶ ସକାଶେ ମୁଁ ଅବଶ୍ୟ କଂଗ୍ରେସକୁ ଦିବି ।"

ଆଜି ସେତେବେଳେ ଓଡ଼ିଆ ଜାତୀୟତ୍ୱ ଦେଖି ସ୍ୱଦେଶ ସେବାରେ ସ୍ୱକୀୟ ସର୍ବସ୍ୱ ତ୍ୟାଗ କରିବାକୁ ଅଗ୍ରସର ହେବେ ? ସ୍ୱର୍ଗତ ସ୍ୱଦେଶ ସେବକ ମୁଁ ସେମାନଙ୍କର ଚରଣ ତଳେ ଶିକ୍ଷା କରୁଛି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ସେ ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପରି କର୍ମକ୍ଷେତ୍ରରେ କର୍ତ୍ତବ୍ୟ ସମ୍ପାଦନ କରିବି ।

ତାଙ୍କ ଉଦ୍ଦେଶ୍ୟରେ ଯେଉଁ ଜଣ ହୋଇଅଛି ତାହା ପୂରଣ କରିବା ନିମନ୍ତେ ତାଙ୍କର ପ୍ରତିମା ସ୍ଥାପନ ବା ଅନ୍ୟ କିଛି ବନ୍ଦୋବସ୍ତ କରିବା ନିମନ୍ତେ ଅନେକ କହନ୍ତି । କିନ୍ତୁ ତାହା ନିତାନ୍ତ ଭ୍ରମ । ଏହାଦ୍ୱାରା କ'ଣ ସ୍ମୃତିରକ୍ଷା ହୋଇପାରେ ? ଫଟୋଟିଏ ରଖି ସ୍ମୃତିରକ୍ଷା କରିବାକୁ କେହି କେହି କହନ୍ତି । ତାଙ୍କର ୧୪ ବର୍ଷ ବୟସରେ ଗୋଟିଏ ଫଟୋ ଅଛି । ଆଉ ଗୋଟିଏ ୭୦ ବର୍ଷ ବୟସର । କେଉଁଟି ରଖିବ ? ଏସବୁ କେବଳ ମୂର୍ଖତା, କେହି କେହି କହନ୍ତି ତାଙ୍କର ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଉ—ନାମ ରହିବ । କଲିକତାରେ Huchington Street ନାମରେ ଗୋଟିଏ ରାସ୍ତା ଅଛି । କିନ୍ତୁ ଯାହା ପାଇଁ ସେହି ହେଷ୍ଟିଂସଙ୍କ ନାମରେ ଏହାର ନାମ ଦିଆ ଯାଇଛି, କେହି ଜାଣି ପାରନ୍ତି ନାହିଁ । ସ୍ମୃତି ରହିଲା କେଉଁଠି ? ସେତ ଦୂରର କଥା । ଆମର ଏ ଯେଉଁ କଲେଜିଏଟ ସ୍କୁଲ ଅଛି, ତାର ନାମ ସମ୍ବନ୍ଧରେ କେ ଏ କହୁଛି ଅମୁକ ଲୋକ, ଅନ୍ୟ କେହି କହୁଛି ଅମୁକ ଲୋକ । ଏଥିରୁ ପ୍ରକୃତ ସ୍ମୃତିରକ୍ଷା ହୋଇ ପାରିବ ନାହିଁ ।

ମୋ ଶିକ୍ଷା ଦ୍ୱାରା ଯଦି ଅନ୍ୟ କେତେକ ଅନୁଗାମୀଙ୍କ ଆତ୍ମା ଉପରେ କିଛି ଚିହ୍ନ ରଖିପାରେ, ତେବେ ତାଙ୍କର ସ୍ମୃତି ଅକ୍ଷୁର୍ଣ୍ଣ ବୋଲି ଜାଣିବାକୁ ହେବ । ତାହା କି ଚିହ୍ନ ରଖିପାରେ ? ଓଡ଼ିଶାର ଜାତି କ୍ଷେତ୍ରରେ ତାଙ୍କର ଆତ୍ମା ଯେପରି ଜାଗ୍ରତ ହୋଇଥିଲା, ସେହି ଆତ୍ମାର ଜାତି ଶୀଳତା ଯଦି କୌଣସି ପ୍ରକାର ଜାଗ୍ରତ ରଖିପାରେ, ତେବେ ତାଙ୍କର ସ୍ମୃତି ରହିବ । ଏହିପରି ଆତ୍ମା ଉପରେ ଉପକାରର ଉପାୟ କରିବା ଉଚିତ ।

★★
●
★★

# ॥ ଗୌରୀଶଙ୍କର ॥

● ରାଧାନାଥ ରାୟ

ମାହେନ୍ଦ୍ର ଯୋଗେତେ ଜନ୍ମ ଶୁଦ୍ଧକ ଅଙ୍ଗେଳେ
ହେ ଗୌରୀଶଙ୍କର ! ତୁମି ଧନ୍ୟ ଏ ଭୁବନେ
ଦେଶ ସ୍ୱଦେଶିତା-ରୂପ ଭାସ୍କର ଦିଶିଲେ,
ବଜ୍ର ସ୍ତୂପଶିଷ୍ଟ ଏବେ ତୋମାର ଶିଖରେ ।
ତ୍ରିନେତ୍ର ଶମ୍ଭୁଜୀ ଯଥା ପାର୍ଥ ଧନୁର୍ଦ୍ଧର
ତୁଷ୍ଟି ଗଙ୍ଗାଧରେ ଜୟ ଲଭି ତପୋବଳେ
ଲଭିଲେ, ଅମୋଘ ଅସ୍ତ୍ର ପାଶୁପତ ଶର
ଦେଖାଇଲ ମହାଦେବେ କାଳଦେଶ୍ୟ ପଡ଼ିଲ ।
ତୁମ୍ଭେଁ ତେମନ୍ତ ଭଦ୍ର ! ଅର୍ଜି ବିଦ୍ୟାଧନ
ପ୍ରତାପେ ବଙ୍ଗଭବନେ ବକ୍ତୃଶ୍ରମ କରି
ହୃଦୟ ଉଦ୍ଧିତ ସ୍ୱତ୍ୱ ଭାରତେଷ୍ଟ ଚଣ
ଉତ୍କଳ-ପାର୍ଥିବ ରୂପ ପାଶୁପତ ଧନ୍ନ ।
ଏଣୁକେ ବାଲେନ୍ଦ୍ର ଯଥା ଚନ୍ଦ୍ରଚୂଡ଼ ଶିରେ
ତବ ସ୍ମରେ ଯଶସ୍ୱୀନ୍ଦ୍ର ସ୍ୱଦେଶ ଅନ୍ତରେ ।

[ 'ମହାଯାତ୍ରା' ପ୍ରଥମ ସର୍ଗ ]

# ॥ କର୍ମୀ ଶ୍ରୀ ଗୌରୀଶଙ୍କର ସ୍ମୃ ॥

● ଭକ୍ତକବି ମଧୁସୂଦନ ରାଓ

ଶୁଭକ୍ଷଣେ ଜନ୍ମ ତବ ଉତ୍କଳ-ଭୂଷଣେ,
ଧର୍ମ ସୂତେ କର୍ମଯୋଗୀ, ତେଜେ ଶୁଦ୍ଧ ସଙ୍ଗେ
ସୃଷ୍ଟି ନବ୍ୟ ସ୍ୱାଧୀନତେ ଦେଶ୍ୱାରେ ବନ୍ଦନେ
ସାଧୁଜନ୍ମ ସ୍ୱପ୍ନବଳ ପୂର୍ଣ୍ଣ ପରଶ୍ରମେ ।
ଜଣ ତେଜେ ଶତ୍ରୁଦାନ୍ତ, ସମର୍ଥ ନୟାସ୍ତ,
ସତ୍ୟକାମ ସଖା, ଜଣିବାରେ ଅନ୍ତରସ୍ଥ
ଲିଭିଥିଲେ ପୁଣ୍ୟବଳେ ପରମ ସୁକ୍ଷଣେ
ଭୂମି ପରି ଧୂରନ୍ଧର ବାଣିଜ ରଭସେ ।
ଶ୍ରୀ ବ୍ରଜାନନ୍ଦ ପୁଣି ଶ୍ରୀ ଜଗମୋହନ *
ନାମ ସଙ୍ଗେ ତବ ନାମ ଯୁକ୍ତ ହେବ ପୁନଃ;
ମଣି କାଞ୍ଚନର ଯୋଗେ ବଢ଼ିବ ଉତ୍କଳେ,
ଯଶର ମନ୍ଦିର ମଧ୍ୟେ ପୁଣ୍ୟ ସ୍ପର୍ଶବଳେ ।
ନବ-ଯୁଗ-ଉଷାଶ୍ରେଷ୍ଠ "ଦୀପିକା" ପ୍ରକାଶି
ଧନ୍ୟ ଭୂମେ ଏ ଉତ୍କଳେ, ସୁକୃତ-ବିଳାସୀ ।

* ଶ୍ରୀ ବ୍ରଜାନନ୍ଦ ଦାସ ଓ ଶ୍ରୀ ଜଗନ୍ମୋହନ ସାହୁ କଟକ ପ୍ରିଣ୍ଟିଂ କୋମ୍ପାନୀର ପ୍ରବର୍ତ୍ତକ ।

[ 'ନବନ୍ତ୍ର ଗାଥା'ରେ ପ୍ରକାଶିତ ]

# ଗୌରୀଶଙ୍କର ରାୟଙ୍କ ଜୀବନର କେତୋଟି ଅବିସ୍ମରଣୀୟ ଅଧ୍ୟାୟ

✤ ମୁରାରି ମୋହନ ଜେନା

॥ ଏକ ॥

ଗୌରୀଶଙ୍କର ରାୟ ୧୮୬୯ ମସିହାରେ 'ନବସମ୍ବାଦ' ଛଦ୍ମନାମରେ ଓଡ଼ିଆ ଭାଷା ସାହିତ୍ୟର ଲୋପ ପାଇଁ ଷଡ଼ଯନ୍ତ୍ରକାରୀଙ୍କ ବିରୁଦ୍ଧରେ ବ୍ୟଙ୍ଗ କରି ଲେଖିଥିଲେ—

"ସ୍ୱଜାତି କ ଶୁଣିବ ଅବାନ୍ତିକ    ଜାଣି ଏଣୁ କଲ ଅବାନ୍ତିତରେ
ଓଡ଼ିଆ ପାଠିକ ସାହା ପଡ଼ିଅ    କରମ କଟିଯା ହେବ,
ବଣା କଲ ତାଙ୍କୁ ଓଡ଼ିଆ ଅକ୍ଷର    ଭାଷା ଉଡ଼ାଅ ଲୁଚିଲେଲେ
ଶିଖି ବାଙ୍ଗାଳୀ ବୋଲିବୁ ଶୁଣାଏ    ଭୁଲି ହୋଇବୁ ନବାବ,
ଏ ନ ସ୍ୱଚ୍ଛନ୍ଦ ଅକ୍ଷର କେତେଟା    ମନ୍ଦିରକୁ ଭଳାବାଡ଼"

ଏ ସନ୍ଦର୍ଭରେ ମୁଁ ଏତିକି ମନେପକାଏ ଯେ ବଙ୍ଗଦେଶର ଅନେକ ଶିକ୍ଷିତ ବାଲେଶ ବର୍ଷ ତଳେ ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିବା ପାଇଁ ସେମାନଙ୍କ ପ୍ରଚେଷ୍ଟା ଜାରି ରଖିଥିଲେ । ବଙ୍ଗଦେଶ ଜନ୍ମ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ପୁସ୍ତକ ରଚନା କରି ତା'ର ପ୍ରଚାର ଓ ପ୍ରସାରରେ ଯେଉଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ତା'ର ମୁହାଁମୁହିଁ ମୁକାବିଲା କରିବାକୁ ଗୌରୀଶଙ୍କର ଅଣ୍ଟାଭିଡ଼ି ବାହାରିଥିଲେ । ତାଙ୍କର ଅଦମ୍ୟ ଉଦ୍ୟମ ଓ ଅକ୍ଲାନ୍ତ ଆନ୍ଦୋଳନ ଫଳରେ ତତ୍କାଳୀନ ଓଡ଼ିଶା ସ୍କୁଲମାନଙ୍କରେ ବଙ୍ଗଳା ପୁସ୍ତକ ପରିବର୍ତ୍ତେ ଓଡ଼ିଆ ପୁସ୍ତକମାନ ପଠିତ ହେଲା । ଏଣୁ ଆମ ଭାଷା ସାହିତ୍ୟର ଏଭଳି ଏକ ସଙ୍କଟାପନ୍ନ ମୁହୂର୍ତ୍ତରେ ଗୌରୀଶଙ୍କର ଏ ଭାଷାକୁ ବଞ୍ଚାଇବା ପାଇଁ ଯେଉଁ ଲଢ଼େଇ-ଝଗଡ଼ା କରିଥିଲେ, ତାହା ଭଣ୍ଡି ଦିଆଗଲେ ବିସ୍ମରଣ ହେବାର ନୁହେଁ । ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଗଭୀର ମମତ୍ୱ-ବୋଧ ଆମ ଉତ୍ତର-ପୁରୁଷଙ୍କ ପ୍ରେରଣାର ଉତ୍ସ ହେଉ ।

॥ ଦୁଇ ॥

୧୯୧୮ ମସିହାରେ ଶ୍ରୀଧର ରାଉଙ୍କ ଦ୍ୱାରା ସଙ୍କଳିତ ମାତ୍ର ଦଶପୃଷ୍ଠା ବିଶିଷ୍ଟ କର୍ମ-

ସାର ଗୌରୀଶଙ୍କର ସ୍ମୃତି ଚାରେ ଉଲ୍ଲେଖ ଅଛି ଯେ—"ମହାପୁରୁଷମାନେ ଈଶ୍ୱରେଚ୍ଛା ସାଧନରେ ନାନା ପ୍ରକାର ସୁବିଧା ପାଆନ୍ତି । ସେ ସୁବିଧା ଈଶ୍ୱର ନିଜେ କରିଦିଅନ୍ତି । ଗୌରୀଶଙ୍କରଙ୍କୁ ଉତ୍କଳ ଦେଶର କେତୋଟି ମହତ୍କାର୍ଯ୍ୟ ସାଧନ ନିମନ୍ତେ ସେ ପ୍ରେରଣ କରିଥିଲେ । ତାଙ୍କ 'ସାହାଯ୍ୟ କରିବା' ନିମନ୍ତେ ସେ କେତେଗୁଡ଼ିଏ ମହାତ୍ମାଙ୍କୁ ସୃଷ୍ଟି କରି ଦେଇଥିଲେ । ସେମାନଙ୍କ ମଧ୍ୟରୁ ଶଚୀନନ୍ଦନ ଦାସ, ଜଗମୋହନ ଲାଲ ଏବଂ କମିଶନର ରେଭେନ୍‌ସା ସାହେବଙ୍କ ନାମ ଉଲ୍ଲେଖନୀୟ । ଶଚୀନନ୍ଦନବାବୁ କମିଶନର ସାହେବଙ୍କ ସିରସ୍ତାଦାର ଥିଲେ । ସେ ଏପରି ପ୍ରତିଷ୍ଠାଶାଳୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ଯେ ତାଙ୍କ କଥା କେହି ଟାଳିପାରୁ ନ ଥିଲେ । ସ୍ୱଦେଶର ଉପକାର ତାଙ୍କର ଗୋଟିଏ ବ୍ରତ ଥିଲା । ଓଡ଼ିଶାରେ ସେତେବେଳେ ଏକମାତ୍ର ଛାପାଖାନା 'ମିଶନ ପ୍ରେସ' ଏଥିପାଇଁ ଶଚୀନନ୍ଦନ ଗଡ଼ଜାତର ରାଜା ଓ ମୋଗଲବନ୍ଦୀର ଜମିଦାରମାନଙ୍କୁ ସମ୍ମିଳିତ ଏକ ଛାପାଖାନା ସ୍ଥାପନ କରିବାର ଉଦ୍ୟମ କଲେ । ଢେଙ୍କାନାଳ, ତାଳଚେର, କଣ୍ଟାଗଡ଼, ଦଶପଲ୍ଲା, ନରସିଂହପୁର, ଆଠଗଡ଼ ପ୍ରଭୃତିର ରାଜାମାନେ, କେନ୍ଦ୍ରାପଡ଼ାର ଜମିଦାର ଶ୍ରୀଯୁକ୍ତ ରାଧାଶ୍ୟାମ ନରେନ୍ଦ୍ର, କୋଠଦେଶର ଜମିଦାର ଭଗବାନ ସୁଏ ସିଂହ, ହରିଶପୁରର ଚୌଧୁରୀ କୃତ୍ତିବାସ ଦାସ, ଗୋଲକବାବୁ, ଜଗମୋହନବାବୁ ପ୍ରଭୃତି ଅଂଶୀଦାର ହେଲେ । ସମସ୍ତଙ୍କର ଅଂଶଧନ ପଚାଶ ଟଙ୍କା ଧାର୍ଯ୍ୟ ହେଲା ଓ ସାତହଜାର ପାଞ୍ଚଶ ଟଙ୍କା ମୂଳଧନ ଉଠିଲା । କମିଶନର ରେଭେନ୍‌ସା ସାହେବ ସ୍ୱୟଂ ଅଂଶୀଦାର ଥିଲେ ଏବଂ ସେତେବେଳ ଓଡ଼ିଶାରେ ଥିଲେ ଓଡ଼ିଶାର ଅନ୍ୟାନ୍ୟ ସଦନୁଷ୍ଠାନ ମାନଙ୍କରେ ଯେପରି ମଙ୍ଗଳ କାମନା କରୁଥିଲେ ଏବଂ ଛାପାଖାନାର ସେହିପରି କାମନା କରୁଥିଲେ । ଏଠାରୁ ପେନସନ୍ ନେଇ ବିଲାତ ଯିବା ସମୟରେ ତାଙ୍କ ଅଂଶର ଲଭ୍ୟ ଅନେକଦିନର ଜମା ରହିଲା । ଟଙ୍କା କାହାକୁ ଦିଆଯିବ ? ଗୌରୀଶଙ୍କରବାବୁ ତାଙ୍କ ନିକଟକୁ ପତ୍ର ଲେଖିଲେ । ରେଭେନ୍‌ସା ସାହେବ ଉତ୍ତର ଦେଲେ—"ଓଡ଼ିଶାର ମଙ୍ଗଳ ନିମନ୍ତେ ମୁଁ ଯାହା ଦାନ କରିଥିଲି, ତାହା ଅର୍ଥ ଗ୍ରହଣ କରିବ ନାହିଁ । ବରଂ ନିଜର ସ୍ୱଦେଶ ଓଡ଼ିଶାର କିଛି ଉପକାର ହେଉଥିବାର ଶୁଣିଲେ, ଆପଣାକୁ କୃତାର୍ଥ ମଣିବ ।"

ମୋ ମତରେ ଅନେକ ବର୍ଷ ତଳେ ତତ୍କାଳୀନ ଓଡ଼ିଶାର ବଦାନ୍ୟ ବ୍ୟକ୍ତିମାନଙ୍କର ସାହାଯ୍ୟ-ସହଯୋଗ ଓ ପୃଷ୍ଠପୋଷକ ତତ୍କାଳୀନ ଉକ୍ତ କମିଶନର ସାହେବଙ୍କ ଶୁଭଦୃଷ୍ଟିରେ ଯେଉଁ ପ୍ରିଣ୍ଟିଂ ପ୍ରେସ ସ୍ଥାପନ କରାଯାଇଥିଲା ଏବଂ ଓଡ଼ିଆଙ୍କର

ସାହିତ୍ୟର ମୂଳପୋକ ପାଠି ହୋଇଥିବା ଜନକଲ୍ୟାଣର ମୁଖାବଳି ଦଶ ସେହି 'ଉତ୍କଳ ଦୀପିକା' ପତ୍ରିକା ଆତ୍ମପ୍ରକାଶ କରିଥିଲା, ତାହା ବିଶେଷ ଭାବେ ସ୍ମରଣୀୟ । ଏହି ଘଟଣାରୁ ଆମକୁ ବିଶେଷ ଭାବେ ଅନୁସନ୍ଧାନ କରିବାର ଅଛି ଯେ, ବିଦେଶୀ ବେଙ୍କେ-ନଗା ସାହେବଙ୍କର ଏ ଭଷା ସାହିତ୍ୟ ଓ ଜାତୀୟତା ପ୍ରତି କି ମମତ୍ୱବୋଧ ଥିଲା ? ମିଶ୍ନି' ପ୍ରେସ ସ୍ଥାପିତ ନ ହୋଇଥିଲେ, 'ଉତ୍କଳ ଦୀପିକା' ପ୍ରକାଶ ପାଉନଥିଲେ ଓ ତାହା ଗୌରୀଶଙ୍କରଙ୍କ ଉଦ୍ୟୋଗ ତତ୍ତ୍ୱାବଧାନରେ ସଫଳତା ଓ ସମ୍ପାଦନ ନ ହୋଇଥିଲେ, ଆଜି ବୋଧହୁଏ ଆମର ଓଡ଼ିଆ ଭାଷା ନ ଥାନ୍ତା । ଆମର ଭାଷା ସାହିତ୍ୟକୁ ସଫୋଳିଷ୍ଟରେ ରକ୍ଷା କରିବା ଲାଗି ଗୌରୀଶଙ୍କରଙ୍କ ସଂଗ୍ରାମଶୀଳ ଭୂମିକା ଏ ଜାତିର ଇତିହାସରେ ଏକ ଅଲିଭା ସ୍ୱାକ୍ଷର ନୁହେଁ କି ?

## ॥ ତିନି ॥

୧୯୧୯ ମସିହାରେ ଉତ୍କଳ ସମ୍ମିଳନୀର ଯେଉଁ ୧୩ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ସେଥିରେ ଉତ୍କଳ ଗୌରବ ମଧୁସୂଦନ ଦାସ, ରାୟ ବାହାଦୁର ଗୌରୀଶଙ୍କର ରାୟଙ୍କ ପରଲୋକରେ ଶୋକ ପ୍ରକାଶ କରି ତାଙ୍କ ସମ୍ପର୍କ ପ୍ରସଙ୍ଗରେ କହିଥିଲେ- "ତାଙ୍କ ଠାରେ ମୁଁ ବହୁ ସାହସିକ ଶିକ୍ଷା କରିଅଛି । ସମସ୍ତ ସମୟରେ କୌଣସି କାର୍ଯ୍ୟରେ ତାଙ୍କ ଉଚିତ ପରାମର୍ଶ କରେ । ମୁଁ ତାହାଙ୍କଠାରୁ ଯୋଜିଏ କଥା ଶିକ୍ଷା କରିଛି, ତାଙ୍କୁ ଗୁରୁଜ୍ଞାନ କରୁଛି । ପିଲାବେଳେ ଅଦେଧାକଙ୍କ ଠାରେ ୧୦/୧୨ ଦିନ ପଢ଼ିଥିଲି । ସେଥିପାଇଁ ତାଙ୍କୁ ମୁଁ ୫୫ ବର୍ଷ ପର୍ଯ୍ୟନ୍ତ ପେନ୍‌ସନ ଦେଉଥିଲି । ମୁଁ ଗୌରୀଶଙ୍କରଙ୍କ ଠାରେ ଗୁରୁ ଭାବରେ ଋଣୀ ।

କଂଗ୍ରେସକୁ ଓଡ଼ିଶାର ପ୍ରତିନିଧି ରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କରବାବୁ ଯିବାକୁ ସ୍ଥିର କଲୁଁ, ସେତେବେଳେ ସରକାରୀ ଆଦେଶ ପ୍ରଚାର ଥିଲା ଯେ ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଯିବେ ନାହିଁ । ମୁଁ ସେତେବେଳେ ପଚାରିଥିଲି ମାଷ୍ଟର ମହାଶୟ ! ଆପଣ କଣ କରିବାକୁ ସ୍ଥିର କରିଛନ୍ତି ? ସେ କହିଥିଲେ କଣ କରିବ ? ଚାକିରୀ ପଛକେ ଯାଉ, ଦେଶ ସକାଶେ କଂଗ୍ରେସକୁ ଯିବି । (କରତାଳି) । ଆଜି କେତେଜଣ ଓଡ଼ିଆ କର୍ମଚାରୀ ଦେଶ ସକାଶେ ସରକାରଙ୍କ ଚାକିରୀ ପରିତ୍ୟାଗ କରିବାକୁ ଅଗ୍ରସର ହେବେ ? ଯାହାହେଉ ସକାଶେ ହେଉ, ମୁଁ ଗୌରୀଶଙ୍କର ବାବୁଙ୍କର ଚରଣ ତଳେ ଶିକ୍ଷା କରିଛି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପରି ନିର୍ଭୀକ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବ (କରତାଳି) ।

ମୋ ଶିକ୍ଷା ଦ୍ୱାରା ଯଦି ଅନ୍ୟ ଜାତିର ଅନୁଗାମୀମାନଙ୍କର ଆସ୍ଥା ଉପରେ କିଛି ଚୋଟ ଲାଗି-ପାରେ, ତେବେ ତାଙ୍କର ମୃତ୍ୟୁ ଅସ୍ତ୍ର ଜୋର୍ ଜାଣ କରିବାକୁ ହେବ । ତାହା କି ଚିନ୍ତା କରିପାରେ ? ଓଡ଼ିଶାର ଜାତି କ୍ଷେତ୍ରରେ ତାଙ୍କର ଆସ୍ଥା ଯେପରି ଜଡ଼ିତ ହୋଇଥିଲା, ସେଇ ଆସ୍ଥାର ଜାତୀୟତାକୁ ଯଦି କୌଣସି ପ୍ରକାରେ ନଷ୍ଟ କରାଯାଇପାରେ, ତେବେ ତାଙ୍କର ମୃତ୍ୟୁ ଘଟିବ । ଏମାନଙ୍କ ଆସ୍ଥା ଉପରେ ଉପକାରର ଉପାୟ ଚିନ୍ତାକରିବା ଉଚିତ୍ (ବିବେକାନନ୍ଦ)

ମୋ ମନରେ ଉତ୍କଳ ଗୌରବ ମଧୁସୂଦନ ଜନ୍ମଦିନ ଶୌର୍ଯ୍ୟଶଙ୍କରଙ୍କ ପ୍ରତି ଯେଉଁ ଅଖଣ୍ଡ ଶ୍ରଦ୍ଧା ଭକ୍ତି ଅର୍ଘ୍ୟ ନିବେଦନ କରୁ ଅଛେ ମହାତ୍ମାଙ୍କର ମୃତ୍ୟୁ ଅବସରରେ ଯେଉଁ ମହାମାନବର ମହତ୍ତ୍ୱ ସ୍ତୁତି ପାଠ କରୁଛନ୍ତି, ତାହା ଅନେକ ପରିପ୍ରେକ୍ଷୀରେ ଅନ୍ତ-ର୍ନିହିତ ତତ୍ତ୍ୱର ଅନୁଧ୍ୟାନ ଓ ଅନୁଶୀଳନ କରିବା ଏକାନ୍ତ ଆବଶ୍ୟକ ନୁହେଁ କି ?



# - ଆମ୍ଭ ସମ୍ବାଦ -

*** ଡ଼ଃ ନଟବର ସାମନ୍ତରାୟ**

ଆମ୍ଭେମାନେ ଏ ସପ୍ତାହରେ ଆପଣାର କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥିବାରୁ ନିୟମିତ ରୂପେ ପତ୍ରିକାର କର୍ତ୍ତବ୍ୟ ସାଧନରେ ଅକ୍ଷମ ହୋଇଅଛୁଁ । ଏଥିପାଇଁ ଭରସା କରୁଁ ପାଠକମାନେ ଆମ୍ଭମାନଙ୍କୁ କ୍ଷମା କରିବେ । ଆମ୍ଭେମାନେ ଯେ କେବଳ ପାଠକଙ୍କ ଉଦାରତା ଓ ଅନୁଗ୍ରହ ଉପରେ ନିର୍ଭର କରି ପତ୍ରିକାର କାର୍ଯ୍ୟ ନିର୍ବାହ କରୁଅଛୁଁ ଏ କଥା କହିବାର ବାହୁଲ୍ୟ ଅଟେ । ପାଠକମାନେ ଆମ୍ଭମାନଙ୍କର ପରମ ବନ୍ଧୁ ଓ ସକଳ ବିଷୟରେ ଦଳବଳର ସହାୟ ଅଟନ୍ତି ଓ ସେମାନଙ୍କର ନିୟମ ଏହି ଯେ ସମୟେ ଆପଣାର ସୁଖ ଓ ଦୁଃଖର ବିଷୟ ଅନ୍ୟ ବନ୍ଧୁଙ୍କ ଠାରେ ବ୍ୟକ୍ତ କରନ୍ତି । ଏହି କାରଣରୁ ଆମ୍ଭେମାନେ ଅଦ୍ୟ ଆପଣାର କଥା ପାଠକଙ୍କୁ ଜଣାଇବାକୁ ପ୍ରବୃତ୍ତ ହେଲୁଁ । ଯେଉଁ ଅନର୍ଥ ବିପଦ ଉପସ୍ଥିତ ହୋଇଥିଲା ତାହା ଈଶ୍ୱରଙ୍କ କୃପାରୁ ନିବୃତ୍ତ ହୋଇଅଛି । ଏବେ ଉତ୍କଳ ସ୍ୱଦେଶ ହିତୈଷୀ ପାଠକମାନେ ଅବଗତ ହୋଇ ଆମ୍ଭମାନଙ୍କ ପ୍ରତି ଦୟାଳୁ ବିବେଚନା କରନ୍ତୁ । ଉତ୍କଳର ମଙ୍ଗଳ ସାଧନ ଆମ୍ଭମାନଙ୍କର ଉଦ୍ଦେଶ୍ୟ, ଏଥିପାଇଁ ଆମ୍ଭେମାନେ ଯେତେ ଶାରୀରିକ ବୃଥା କ୍ଳେଶ ଭୋଗ କଲୁଁ ସେଥିରେ କିଛି ଶୋଚନା ନାହିଁ । ଏହା ସର୍ବସାଧାରଣ ଠାରେ ଆମ୍ଭେମାନେ ଆପଣା କର୍ତ୍ତବ୍ୟରେ ତ୍ରୁଟି ନ କଲେ କୃତାର୍ଥ ହେବୁଁ । ଏତଦ ମାତ୍ର ଭୂମିକା ଉତ୍ତାରୁ ଆମ୍ଭେମାନେ ମନୋମତ ବୃତ୍ତାନ୍ତ ଲେଖୁଅଛୁଁ ।

ପାଠକମାନଙ୍କର ସ୍ମରଣ ଥିବ ଯେ, ଜାନୁଆରୀ ତା ୨୪ ରଖ ପତ୍ରିକାରେ 'ରାମ ପଞ୍ଚାନନ' ସ୍ୱାକ୍ଷରରେ ଖଣ୍ଡିଏ ପ୍ରେରିତ ପତ୍ର ପ୍ରକାଶ ହୋଇଥିଲା । ବାବୁ ରାଜକୃଷ୍ଣ ମୁଖର୍ଜୀ ସେଥିରେ ଆପଣାଙ୍କୁ ଉଦ୍ଦିଷ୍ଟ ବିବେଚନା କରି ତଲଲିଖିତ ପତ୍ର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଅଧ୍ୟକ୍ଷଙ୍କୁ ଲେଖିଲେ । ଯଥା —

ଆପଣଙ୍କର ପ୍ରକାଶିତ ଉତ୍କଳଦୀପିକା ସଂଖ୍ୟା ୩୦ (ଗତ ୪ର୍ଥା ତା ୨୪ ରଖ ଶୁକ୍ର ସନ ୧୮୬୯ ମସିହାରେ ଶ୍ରୀରାମ ପଞ୍ଚାନନ ସ୍ୱାକ୍ଷରିତ ଖଣ୍ଡିଏ ପ୍ରେରିତ ପତ୍ର ପ୍ରକାଶିତ ହୋଇଅଛି । ଉକ୍ତ ପତ୍ରରେ ଆମ୍ଭମାନଙ୍କ ନାମରେ କେତେକ ଅପବାଦ ସୂଚକ କଥା ଥିବାରୁ ତାହା ଦଣ୍ଡବିଧିର ଦ ୫୦୦ ଧା ଅନୁସାରେ ଦଣ୍ଡନୀୟ ଅଟେ, ଅତଏବ ଆମ୍ଭେ ଆପଣମାନଙ୍କୁ ପ୍ରାର୍ଥନା କରୁଅଛୁଁ ଯେ, ଉକ୍ତ ପତ୍ରପ୍ରେରକର ପ୍ରକୃତ ନାମ ଧାମାଦି ଆମ୍ଭଠାରୁ ଲେଖି ପଠାଇବା. ଯେବେ ଯେ ଅମ୍ଭେ ତାହା ନାମରେ ଫୌଜଦାରୀ ଅଦାଲତରେ ଏବଂ ଉପଯୁକ୍ତ ଦଣ୍ଡାଧୀଶ ଦେଓ୍ୱାନୀ ଅଦାଲତରେ ନାଲିଶ

କରନ୍ତି । ତାହା ନ କଲେ ଅନ୍ୟେ ସମସ୍ତ ଅଧିକାରୀଙ୍କ ନାମରେ ନାଲିଶ କରିବାକୁ ଦୁଃଖର ସହିତ ବାଧ୍ୟ ହେବୁଁ ।

କଟକ ତା ୨୪ ଶେ ଜୁଲାଇ ସନ ୧୮୬୯
ଆପଣଙ୍କର ବାଧ୍ୟ ଭୃତ୍ୟ
ରାଜକୃଷ୍ଣ ମୁନ୍‌ସୀ ଏମ. ଏ. ବି. ଏଲ
ଅଧୀନ ଉପଦେଶକ କଟକ ହାଇସ୍କୁଲ
ଏବଂ ଉକିଲ ହାଇକୋର୍ଟ

ଏ ପତ୍ର କମିଟିର ସେକ୍ରେଟେରୀ ବାବୁ ଗୌରୀଶଙ୍କର ରାୟ ଦ୍ୱାରା ଡାକ୍ତରେଲ୍ଲିଙ୍କ ନିକଟରେ ଉପସ୍ଥିତ ହେଲେ ଓ ସେମାନେ ତର୍କ ବିତର୍କ କରିବାରୁ ପ୍ରକୃତରେ କୌଣସି ଅପବାଦ ସୂଚକ କଥା ନଥିବାର ସ୍ଥିର କରି ଉତ୍ତର ଲେଖିବାକୁ ସେକ୍ରେଟେରୀଙ୍କୁ ଆଦେଶ ଦେବାରୁ ସେ ନିମ୍ନଲିଖିତ ଉତ୍ତର ପଠାଇଲେ । ଯଥା—

ଆପଣଙ୍କର ପତ୍ର ଡାକ୍ତରେଲ୍ଲିଙ୍କ ନିକଟରେ ଉପସ୍ଥିତ କଲି ତାହାଙ୍କ ଆଦେଶାନୁଯାୟୀ ଲେଖୁଅଛି ଯେ ଉକ୍ତ ପତ୍ରରେ କୌଣସି ଅପବାଦସୂଚକ କଥା ନାହିଁ । ଅତଏବ ଏହି ପତ୍ରଲେଖକଙ୍କ ନାମ ପ୍ରମାଣ ଦେବାକୁ ସେମାନେ ଅସ୍ୱୀକାର କରନ୍ତି ।

ତା ୨୮ ଶେ ଜୁଲାଇ ସନ ୧୮୬୯
ଆପଣଙ୍କର ଅନୁଗତ ବାଧ୍ୟଭୃତ୍ୟ
ଗୌରୀଶଙ୍କର ରାୟ, -

ପତ୍ର ପଠାଇବା ଏତଦର୍ଥ ଉଚିତ୍ ଏପରି ଶୁଣାଗଲା ଯେ, ଅଧିକାରୀମାନେ ବାବୁଙ୍କଠାରେ କ୍ଷମା ପ୍ରାର୍ଥନା କଲେ ତାଙ୍କୁ ନାଲିଶ କରିବାକୁ କ୍ଷାନ୍ତ ହେବେ, କିନ୍ତୁ ଅଧିକାରୀମାନେ ଆପଣା ଦୋଷ ମାନି ନେଇଥିବାରୁ ଓ ବାବୁ ତାହାଙ୍କୁ ଯେ ସବୁ ଲିଖିତ କରିବାକୁ ସେମାନେ କ୍ଷମା ପ୍ରାର୍ଥନା କରିବାକୁ ଅସମ୍ମତ ହୋଇ କେବଳ ଏହି ପର୍ଯ୍ୟନ୍ତ ସ୍ୱୀକାର କଲେ ଯେ ବାବୁ ସେହି ପତ୍ର ଲେଖିଥିଲେ. ତେବେ କମିଟି ସେମାନଙ୍କ ପକ୍ଷର ଯଥାର୍ଥ ଭାବ ବୁଝାଇ ଦେଇ ବାବୁ ସ୍ୱାର୍ଥ ରକ୍ଷାର୍ଥେ କରିଥିବା ବିଷୟରେ ନାନା ପ୍ରମାଣ କରିବେ । ବୋଧହୁଏ ବାବୁ ଏ ପ୍ରସ୍ତାବକୁ ଯଥେଷ୍ଟ ଜ୍ଞାନ ନ କଲେ ଏବଂ ଡାକ୍ତର ମାନ ହାନି କାରଣରେ ଫୌଜଦାରୀରେ ନାଲିଶ କରିବାକୁ ଶ୍ରୀଯୁକ୍ତ ବର୍ଣ୍ଣିତ ସାହେବ ତାହାଙ୍କର ସ୍ୱଲଙ୍ଘନ କରିବାର ନ ଦେଇ ପ୍ରକାଶ୍ୟ ସଭାରେ ଅପବାଦର କଥା ଥିବାର ଜାହିର କରି ପ୍ରିନ୍ସିପାଲ କମିଟିର ସେକ୍ରେଟେରୀ ନାମରେ ସମନ ଆଣି ଦେଲେ ଓ ଅଗଷ୍ଟ ତା ୪ ଶେ ମକଦମା ଶୁଣିବାର ଦିନ ଧାର୍ଯ୍ୟ ହେଲା ।

ଏଥି ମଧ୍ୟରେ ଏ କଥା ନଗର ସାରା ପ୍ରସିଦ୍ଧ ହୋଇଗଲା । ଉକିଲ ଓ ଅନ୍ୟାନ୍ୟ ଦେଶୀୟ ଲୋକଙ୍କ ସହାନୁଭୂତି ଦେଖି ସେ ତାହା ଆଉ ଅଗ୍ରସର କଲେ । ସମେ

ମକଦ୍ଦମାର ଏକ ଅଦ୍ଭୁତ ହେବା ଓ କୌତୁକ ଦେଖିବା ପାଇଁ ଏତେ ଲୋକ କଚେରୀକୁ ଆସିଲେ ଯେ କଚେରୀ ଘର ଓ ବାରଣ୍ଡାରେ ତିଳେ ସ୍ଥାନ ନ ଥିଲା । ଉକୀଲମାନେ ଓକାଲତି ଛାଡ଼ି ନୀରବ ଧ୍ୟାନ କରି ଏକ ଦୃଷ୍ଟିରେ ସାହେବଙ୍କ ମୁଖ ଅନାଇ ରହିଥିଲେ । କେବଳ ଅଳ୍ପ ଲୋକମାନଙ୍କ ମୁଖରୁ ତାହାଙ୍କର କେବଳ ଏହି କଥା ସମସ୍ତଙ୍କ ମନରେ ଆନ୍ଦୋଳିତ ହେଉଥିଲା । ଯାହାହେଉ ମକଦ୍ଦମା ବିଚାରେ ହେଲା ଓ ବାବୁ ଡ଼ାକରି ଉଠି ସାକ୍ଷୀ ଆପଣା ଦୁଃଖ ଜଣାଇଲେ । ବାବୁ କହିଲେ ଯେ ସମ୍ପାଦକ ପତ୍ରିକା ଅପବାଦ ସୂଚକ ଅନେକ ଓ କଳ୍ପିତ କଥାମାନ ଛାପିଲ ରୂପେ ଅପବାଦ ସୂଚକ ହୋଇଅଛି । ଯଥା—

ପତ୍ରିକାରେ ଲେଖାଅଛି ଯେ ବାବୁ "ସ୍ୱଦେଶର ପ୍ରତି ଭକ୍ତି ହୋଇ ଛିଦ୍ରାନ୍ୱେଷଣ କରନ୍ତି" ଏଥିରୁ ବାବୁ ଏହି ସିଦ୍ଧାନ୍ତ କଲେ ଯେ ସ୍ୱଦେଶ ପ୍ରତି ଭକ୍ତି ହେବାର ଲେଖିବାରେ ପତ୍ରିକାର ବାବୁଙ୍କ ଦେଶାନୁରାଗ ଦୋଷ ବୋଲି ଅପବାଦ ଦେଇ ଅଛନ୍ତି । ବାବୁଙ୍କ "ଜଠରରେ କେତେ ଗୋଟି ଉକିଲ ଅଛନ୍ତି ରହିବାକୁ ସେତେ ସ୍ଥାନ ଅଛନ୍ତି। କରନ୍ତି" କଥା ପତ୍ରିକାର ଲେଖି ଏହି ଅପବାଦ ଦେଇଛନ୍ତି ଯେ ବାବୁ ଏତେ ମୂର୍ଖ ଯେ କେତେଟା ଅକ୍ଷର ଶିଖା କରିବାକୁ ହେଲେ ଅପାରଗ, ଏ ରୂପେ ତାହାଙ୍କର ବୁଦ୍ଧି ପ୍ରତି ଦୋଷାରୋପ ହେଲା । "ବାବୁ ଏକପ୍ରକାର ଚତୁରତାର ଜମି କରି ଉପାଧିକୁ 'ନ' ଲୋପ କରୁଅଛନ୍ତି ।" ଏ କଥା ପତ୍ରିକାର ଲେଖି ଏହି ଅପବାଦ ଦେଇଛନ୍ତି ଯେ ବାବୁ ଶୈଣିକ ଉପାଧି ଦ୍ୱାରା 'ଏମ ଏ' ଉପାଧି ପାଇଅଛନ୍ତି; ଅତଏବ ତାହାଙ୍କର ଜଣେ ପ୍ରତି ଦୋଷାରୋପ ହେଲା ଓ ସେଥିରେ ତାହାଙ୍କର ମେଷ କହିବାକୁ ପତ୍ରିକାର ଏହି ଅପବାଦ ଦେଇଛନ୍ତି ଯେ ବାବୁ ଏତେ ବୁଦ୍ଧିହୀନ ଯେ ଏହାଙ୍କୁ ମେଷ ସହିତ ଅଧିକ ଭିନ୍ନ ସଙ୍ଗେ ତୁଳନା କରାଯାଇପାରେ; ଏଥିରେ ତାହାଙ୍କର ବୁଦ୍ଧି ପ୍ରତି ବିଶେଷ ଦୋଷାରୋପ ହେଲା । ଏହିରୂପେ ପତ୍ରିକାଙ୍କର ଦୋଷ ବର୍ଣ୍ଣନା କରି ଆପଣା ଶୈଶବର ଘଟଣାକୁ ଦେବା ଉମିତ୍ତ କେତେ କଥା କହିଲେ ଓ କେଉଁ ଲୋକରେ କି ରୂପେ ଉତ୍ତୀର୍ଣ୍ଣ ହୋଇ ଉପାଧିମାନ କେଉଁ ସମୟରେ ପାଇଅଛନ୍ତି ତାହା ବ୍ୟକ୍ତ କଲେ ।

ଶ୍ରୀଯୁକ୍ତ ଜଣ୍ଟ ସାହେବ ଅତି ମନୋଯୋଗ ପୂର୍ବକ ତାହାଙ୍କର ବକ୍ତୃତା ଅବିରତ ଶ୍ରବଣ କଲେ ଓ ସ୍ୱୟଂ ଲେଖି ନେଇଁ ଅବଶ୍ୟକ ତାହାଙ୍କର ଅଳ୍ପ କଥା ପଚାରି ଅନ୍ୟ କାହାରି ଶୁଣିବାକୁ ପ୍ରବୃତ୍ତ କଲେ । ସନ୍ଧ୍ୟା ବାବୁଙ୍କର ସମସ୍ତ କଥା ଶେଷ ହେଲା, କିନ୍ତୁ ଲେଖନୀ ସ୍ୱୟଂ ସମସ୍ତଙ୍କ ସାକ୍ଷାତରେ ପାଠ କରି ମୋକଦ୍ଦମା ଡିସମିସ୍ ଓ ଅଭିଯୋଗ ଖଲାସ ହେବାର ଆଜ୍ଞା ଦେଲେ । ସ୍ୱୟଂ ଲେଖିବା ସମୟରେ ଯେ ସମସ୍ତ ତର୍କ ବିତର୍କ ହୋଇଥିଲା ତାହା ଲେଖିବାର ପ୍ରୟୋଜନ ନାହିଁ । ମୁଦାଲା ପକ୍ଷରେ ଶ୍ରେଷ୍ଠ ବ୍ୟାରିଷ୍ଟର ଉକିଲ ବାବୁ ରାମମୋହନ ମଲ୍ଲିକ ଉପସ୍ଥିତ ହୋଇଥିଲେ । ହାକିମଙ୍କ ସମ୍ପୂର୍ଣ୍ଣ ଅବିକଳ ଅନୁବାଦ ଏଠାରେ ପ୍ରକାଶ ହେଲା । ପାଠକମାନେ ପାଠ କରି ସକଳ ବିଷୟ ଜାଣି ପାରିବେ ।

# ରାୟ

ଅଦାଲତର ବିବେଚନାରେ ବାଦୀଙ୍କୁ ମେଷ କହିବାରେ ଅଭିଯୁକ୍ତଙ୍କ ଦଣ୍ଡବିଧି ଆଇନର ଦ ୫୦୦ ଧାରା ଅର୍ଥ ଅନୁସାରେ କୌଣସି ଅପରାଧ ହୋଇ ନାହିଁ । ଏ କାର୍ଯ୍ୟ ଦ ୪୯୯ ଧାରା ଦ୍ୱିତୀୟ ବର୍ଣ୍ଣିତ ଶ୍ରେଣୀ ମଧ୍ୟରେ ଅନ୍ତର୍ଭୁକ୍ତ । ଉଦ୍ଦେଶ୍ୟ ଭାବରେ ଓଡ଼ିଶା ଅସେମ୍ବ୍ଲି ଓ ଅନ୍ୟ ସ୍ଥାନରେ ଦେଇ ବକ୍ତୃତା ଅଥବା ପ୍ରକାଶିତ କରିବା ସମ୍ପର୍କରେ ଏକ ବକ୍ତୃତା ପାଠ କରିବାରେ ବାଦୀ ପ୍ରକାଶ୍ୟ ରୂପେ ସେହି ବକ୍ତୃତାର ପୋଷକତା କଲେ । ଅଭିଯୋକ୍ତା ଏପରି ମତକୁ ସ୍ୱାଧୀନତା ଜ୍ଞାନ କରି ସେଥିରେ ଅସନ୍ତୁଷ୍ଟ ହୋଇ ଜାତୀୟତା ସେ ଉପକାର ହେତୁ ଭାଷା ଦ୍ୱେଷ ଜନ୍ମ ଦେଉଥିବା ଏବଂ ଅଭିଯୋକ୍ତାଙ୍କ ବିବେଚନାରେ ବାଦୀ ଏପରି ପ୍ରସ୍ତାବର ପୋଷକତା କରିବାରେ ଅଲ୍ପ ବୁଦ୍ଧିର ପ୍ରକାଶ କରିଥିବାର ସେ ଉଲ୍ଲେଖ କରିଅଛି । ଉପଯୁକ୍ତ ବକ୍ତୃତା ନିଃସନ୍ଦେହ ସର୍ବସାଧାରଣ ସମ୍ପର୍କୀୟ ବିଷୟରେ ହୋଇଥିଲା ଓ ସେ ବିଷୟର ନିଷ୍ପତ୍ତିରେ ଓଡ଼ିଶା-ନିବାସୀମାନଙ୍କର ବିଶେଷ ସମ୍ପୃକ୍ତ ଅଛି । ସେହି ବକ୍ତୃତା ପୋଷକତା କରିବାରେ ବାଦୀର କାର୍ଯ୍ୟ ଯେପରି ଦେଖାଯାଉଅଛି ସେଥିର ଉଚିତ ସମାଲୋଚନା ବିବେଚନା କରିବା ଅପେକ୍ଷା ଲେଖକ ଅତିକ୍ରମ ଅଧିକ କରିନାହିଁ ।

ଅଭିଯୁକ୍ତ ବାଦୀ କହନ୍ତି ଯେ 'ସ୍ୱଦେଶ ଘାତ ଶକ୍ତି' ହେବାର କହିବାରୁ ତାହାଙ୍କର ଅପମାନ ହୋଇଅଛି, ମାତ୍ର ଅନ୍ୟ ଉପାୟ ଦ୍ୱାରା ଏମ ଏ ଉପାଧି ପାଇବାର ଦୋଷାରୋପ ତାହା ଦ୍ୱାରା ହୋଇଅଛି ।

ପକ୍ଷର ଅବସ୍ଥା ବିବେଚନାରେ ଆମ୍ଭ ଜାଣିବାରେ 'ସ୍ୱଦେଶ ଘାତ ଶକ୍ତି' ହେବାର କହିବାରେ ବାଦୀର ଅପମାନ କୌଣସି ପ୍ରକାର ହେବା ଭଳି କିଛି ଦୋଷ ହୋଇ ନାହିଁ ଏବଂ ପକ୍ଷର ଯେ ଶବ୍ଦ ବ୍ୟବହାର ହୋଇଅଛି ତହିଁରୁ ବାଦୀ ଅନ୍ୟାୟ ଉପାୟ ଦ୍ୱାରା, ଏମ ଏ ଉପାଧି ପାଇବାର ଅର୍ଥ ହୋଇ ପାରିବାର ଅନୁମାନ କରାଯାଇ ନାହିଁ । 'ଏ ଦେମ ଏଇ ଅଧମମାନ ଯେଉଁ ରଙ୍ଗ ଦେଖିବା ଓ ତାଙ୍କୁ ମେଷ ପକ୍ଷ ବର୍ଣ୍ଣିତ୍ତ ପ୍ରକାଶ କରିଥିବାର ବ୍ୟକ୍ତ କରୁଅଛି ଇତ୍ୟାଦିରେ କେବଳ ପକ୍ଷ ସୁବିଧା ବାଦୀର ଉପାଧିର ଉଲ୍ଲେଖ କରିଅଛି ।

ଅତଏବ ଅଦାଲତ ବିଚାରରେ ଅଭିଯୋଗ ଅପ୍ରମାଣ ହୋଇ ନ ଥିବାରୁ ମକଦ୍ଦମା ଡିସମିସ କରାଗଲା ଓ ପ୍ରତିବାଦୀ ଗୌରୀଶଙ୍କର ହସ୍ତକୁ ଫୌଜଦାରୀ କାର୍ଯ୍ୟବିଧି ଆଇନର ଦ ୨୫୦ ଧାରା ଅନୁସାରେ ମୁକ୍ତିଦିଆଗଲା ।

ଟି. ଏମ୍. ରଥ
୪. ୮. ୧୯୨୯ ଏକ୍ଟିଂ ଜଏଣ୍ଟ ମାଜିଷ୍ଟ୍ରେଟ

ଅମ୍ଭେମାନେ ଏ ଜଷ୍ଟିସ୍‌ଙ୍କ ପ୍ରଶଂସା କରିବାକୁ ବାଧ୍ୟ ହେଉଅଛୁଁ । ଏହା ଯେ କେବଳ ଖୋସାମଦ ହୋଇଅଛୁ, ଅଥବା ଅମ୍ଭମାନଙ୍କ ପ୍ରଶଂସା ବାକ୍ୟକୁ ସେ ସାଧାରଣ ସନ୍ତୁଷ୍ଟ ନ କରିବେ ତାହା ଏ ଜଷ୍ଟିସ୍ ଅମ୍ଭମାନଙ୍କ ଜଣରେ ଦେଖିଥିବାରୁ ଉତ୍କଳୀୟ ଅମ୍ଭେମାନେ ଏହାର ସୁଖ୍ୟାତି କରୁଁ । ତଥାପି ଅମ୍ଭେମାନେ କହୁଁ ଯେ ଜଷ୍ଟିସ୍ ଉତ୍ତମ ହୋଇଅଛୁ । ବିଚାରକମାନେ ସର୍ବଦା ବସ୍ତୁର ଠିକ୍ କରୁଥିବାରୁ ଅନେକ ସମୟ ହସ୍ତମନ୍ତ୍ରେ ତୃପ୍ତିପାଉନ୍ତି, ଏଥିରେ ବଡ଼ ପ୍ରଶଂସା ନାହିଁ ବୋଲି କେହି ଯଦି କହିଲେ ଅମ୍ଭେମାନେ ସେଥିର ପ୍ରତିବାଦ କରୁନାହୁଁ । କିନ୍ତୁ ଶ୍ରୀଯୁକ୍ତ କର୍କ୍ ସାହେବ ଇଂରାଜ ହେବ ହୋଇ ସେ ଉତ୍କଳ ଭାଷା ବଟେ ତାତ୍ପର୍ଯ୍ୟ ବହିତ ପଥର ଯଥାର୍ଥ ବୁଝି ଏବଂ ତାତ୍ପର୍ଯ୍ୟରୂପେ ବୁଝିପାରି ମକଦ୍ଦମାର ଯଥାର୍ଥ ବିଗ୍ରହ କଲେ ଏହା ଅବଶ୍ୟ ଅତ୍ର ପ୍ରଶଂସାର ବିଷୟ ଅଟଇ ଓ ଏଥିରୁ ବୋଧହୁଅଇ ଯେ ସେ ଦେଶୀୟ ଭାଷା ବୁଝିବା ପାଇଁ ସାମାନ୍ୟ ଯତ୍ନ କରି ନାହାନ୍ତି । ଯାହା ହେଉ ଶ୍ରୀଯୁକ୍ତ କର୍କ୍ ସାହେବ ଜଣେ ମାଜିଷ୍ଟ୍ରେଟ୍ ଏ ମକଦ୍ଦମାର ବିଚାର କରିବ ଉତ୍କଳର ସର୍ବସାଧାରଣଙ୍କଠାରେ ଅଧିକ ସନ୍ତୁଷ୍ଟ ହୋଇଅଛନ୍ତି ।

ମକଦ୍ଦମାର ବୃତ୍ତାନ୍ତ ଲେଖକଙ୍କ ଶ୍ରୀଯୁକ୍ତ ବାବୁ ଗୋକୁଳକୃଷ୍ଣ ମୁଖର୍ଜୀଙ୍କ ବିଷୟରେ କିଛି କହିବା ଉଚିତ ଶାନ୍ତ ହୋଇ ନ ପାରୁଁ । ତାଙ୍କ ଉପରେ ଅମ୍ଭମାନଙ୍କର ଯେତେ ଦୂର ପ୍ରତ୍ୟାଶା ଥିଲା ତାହା ଅମ୍ଭେମାନେ ତାହାଙ୍କ ଆସିବା ପୂର୍ବ ତଳିତ ବର୍ଷ ବାବଦ୍‌ରେ ମାସ ତା ୨୦ ଖଣ୍ଡ ପତ୍ରିକାରେ ସର୍ବସାଧାରଣଙ୍କୁ ଜଣାଇଅଛୁଁ ଓ ଏ ମକଦ୍ଦମା ହେଲାରୁ ସେ ସେ ଆଶା ପୂର୍ଣ୍ଣ ହୋଇ ଏମନ୍ତ ବୁଝାଇ । ଅତି ବୁଦ୍ଧିମାନ କହନ୍ତି ଶୁଖା କେତେବେଳେ ଭ୍ରମରେ ପଡ଼ନ୍ତି ଓ କୋଟାଏ ମକଦ୍ଦମାରେ କେହି ହାରିଲେ ତାହାଙ୍କୁ ନିର୍ବୋଧ ଜ୍ଞାନ କରିବା ଯେମନ୍ତ ଯୁକ୍ତି ବିରୁଦ୍ଧ ସେହି କୋଟିଏ ମକଦ୍ଦମା ଜିତିଲେ ତାଙ୍କୁ ବୁଦ୍ଧିମାନ ଜ୍ଞାନ କରିବା ସେମନ୍ତ ଯୁକ୍ତିବିରୁଦ୍ଧ ଅଟଇ । ମନୁଷ୍ୟ କହୁ ଦେବତା ନୁହଇ ଯେ ସକଳ ବିଷୟରେ ଅଭ୍ରାନ୍ତ ରୂପେ ଜାଣି କରିବ । ବାବୁଙ୍କର ବୟସ ଅଳ୍ପ, କେବଳ ୨୦ ବର୍ଷ ଅଟଇ, ଏଥିରେ ସେ ଇଂରାଜୀ ବିଦ୍ୟାରେ ସର୍ବୋଚ୍ଚ ମର୍ଯ୍ୟାଦା ପ୍ରାପ୍ତ ହୋଇ ଅନେକ ସୁଖ୍ୟାତି ଲାଭ କରିଅଛନ୍ତି । ଉତ୍କଳ ଉପେନନା ହେବାରୁ ଅଳ୍ପ ବୟସ ଶୁଣିଲେ କେତେକେତ ଯଶର ଲଘବତା ଜାଣିବାର ସ୍ୱଭାବତଃ ଏହିମିତ ହୋଇପାରନ୍ତି । ତହିଁରେ ପୁଣି ଉତ୍କଳ ଭାଷା ଅଭ୍ୟାସ କାଳ ହେଲା ଶିଖିବାକୁ ଆରମ୍ଭ କରିଥିବାରୁ ଏଥିର ସକଳ ଭାବ ଭଙ୍ଗିକୁ ଅବଗତ ହେବାର ସମ୍ଭାବନା ନାହିଁ । ଏ ଅବସ୍ଥାରେ ଯେ ସେ ଭ୍ରମ ପ୍ରମାଦରେ ପଡ଼ିବେ ଏଥିରେ ଆଶ୍ଚର୍ଯ୍ୟ କି ଅଛି ? କିନ୍ତୁ ଦୁଃଖର ବିଷୟ ଯେ କେହି ପ୍ରବୀଣ ଲୋକ ତାହାଙ୍କର ଉପଦେଷ୍ଟା ନ ହେଲେ, ଅଥବା କେହି ମିଳିଥିଲେ ତାହା କଥାକୁ ଗ୍ରାହ୍ୟ ନ କଲେ; ସେ ଚୁପ ହୋଇଥିଲେ ଏବା ସେ ଭ୍ରମ ନଜାଣିବାରୁ ରକ୍ଷା ପାଇଥାନ୍ତେ । ତଥାପି ଅମ୍ଭେ ଏହି ଦେଶୀୟ ଲୋକଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ତାହାଙ୍କ ପ୍ରତି ଅନୁଗ୍ରହ ନ କରି ଗୁଣ ହୃଦୟରେ ରଖିବେ ।

ବାବୁ ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବାପାଇଁ ଏକ ଦୀର୍ଘ ଲେଖା ତା ୮. ୬ ୧୮୬୯ର 'ବଙ୍ଗଭାସ୍କର' ସାପ୍ତାହିକ ପତ୍ରିକାରେ ପ୍ରକାଶ କରିଥିଲେ । ଏ ପ୍ରସ୍ତାବର ଅନୁମୋଦନା ପାଇଁ ତା ୧୪. ୭. ୬୯ ରେ କମିଟି ଭବନରେ ଯେଉଁ ସଭା ହୋଇଥିଲା ସେଥିରେ କେବଳ କେତେକ ବଙ୍ଗୀୟ ସଭ୍ୟ ହାଲଦାର ମହାଶୟଙ୍କ ଅଭିମତକୁ ଅନୁମୋଦନ କରି ବକ୍ତୃତା ଦେଇଥିଲେ । ଏ ସମ୍ପର୍କରେ ତା ୨୪. ୭. ୬୯ ର ଦୀପିକାରେ ଶ୍ରୀରଙ୍ଗ ପଞ୍ଚାନନ ନାମରେ କୌଣସି ଲେଖକ (ଯେ କି ଗୌରୀଶଙ୍କର ରାୟ ବୋଲି ପଣ୍ଡିତ ମୃତ୍ୟୁଞ୍ଜୟ ରଥ କହନ୍ତି) ଏକ ପ୍ରେରିତ ପତ୍ରରେ ଲେଖିଥିଲେ, "ଏହି ବିଷୟରେ କେତେକ ଏ ଦେଶୀୟ ବ୍ୟକ୍ତିମାନେ ଆପତ୍ତି ଉତ୍ଥାପନ କରିଥିଲେ କିନ୍ତୁ ଶ୍ରୀଯୁକ୍ତ ବାବୁ ରାଜକୃଷ୍ଣ ବନ୍ଦୋପାଧ୍ୟାୟ ମହାଶୟ ସ୍ୱୀୟ ଅସାଧାରଣ ବିଦ୍ୟାବତ୍ତା ଓ ବାକପଟୁତା ପ୍ରଭାବରେ ବହୁ ବାଗାଡମ୍ବର କରିବାରେ ଉକ୍ତ ଉଚିତ ବିଷୟ ଧାର୍ଯ୍ୟ ହେଲା ।

ବାବୁ ମହାଶୟ ଅନେକ ବିଦ୍ୟାରେ ପାରଦର୍ଶୀ ହୋଇ ପ୍ରଶଂସାପତ୍ରମାନ ଲାଭକରି 'ଏମେ' ଉପାଧି ପ୍ରାପ୍ତ ହୋଇ ଅଛନ୍ତି, ସ୍ୱଦେଶର ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ନିମିତ୍ତ କୃତସଂକଳ୍ପ ହୋଇ ଅସ୍ମମାନଙ୍କର ସୌଭାଗ୍ୟକ୍ରମେ ଏ ଦେଶରେ ଅବତୀର୍ଣ୍ଣ ହୋଇଅଛନ୍ତି । ଉତ୍କଳର ସୌଭାଗ୍ୟ, ମନୋନୀତ ଉପଯୁକ୍ତ ଲୋକ ପାଇଅଛୁ, ଅନେକ ଉପପତ୍ତି ଲାଭ କରିବ ।

କିନ୍ତୁ ଦୁଃଖର ବିଷୟ ବାବୁ ସେ ପ୍ରକାର ବକ୍ତୃତା ତାହାଙ୍କ ଜଠରରେ କେତେ-ପୋଷି ଉତ୍କଳ ଅଭାବ ରହିବାକୁ ଯେତେକ ସ୍ଥାନଥାନ୍ତା ତେବେ ପଞ୍ଚାନ୍ତର ଥାଇ ନଥିଲା । ବାବୁ ଏକ ପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଅ' ଲୋପ କରିଅଛନ୍ତି । ଇତି" (ପତ୍ରି ଲେଖାର ସମୟ ତା ୧୫. ୭. ୧୮୬୯)

ଏହି ଲେଖାର ଭିତ୍ତିରେ ରାଜକୃଷ୍ଣବାବୁ ବୋର୍ଡରେ ଯେଉଁ ମାନହାନି ମକଦ୍ଦମା କରିଥିଲେ ଦୀପିକାର ତା ୭. ୮. ୬୯ ସଂଖ୍ୟାରେ ତା'ର ପରିପୂର୍ଣ୍ଣ ବିବରଣୀ 'ଅଦ୍ଭୁତ ସମ୍ବାଦ' ନାମକ ଲେଖାରେ ଦେଖିବାକୁ ମିଳେ । ବର୍ତ୍ତମାନ ପ୍ରବନ୍ଧର ପ୍ରଥମରେ ଏହାକୁ ଆମେ ସ୍ଥାପନ କରି ତାହାର ବିଶ୍ଳେଷଣ କରିବାକୁ ଯାଉଅଛୁ ।

ଶ୍ରୀରଙ୍ଗ ପଞ୍ଚାନନଙ୍କ ପ୍ରେରିତ ପତ୍ରରୁ ଦୃଷ୍ଟି ବାକ୍ୟାଂଶ ଉଦ୍ଧାର କରି ଯେଉଁ ସ୍ଥଳଟି ଅପରାଧ ପ୍ରବଳ କଥା ଥିବାର ରାଜକୃଷ୍ଣ ବାବୁ ବୋର୍ଡରେ କହିଛନ୍ତି ସେ ସବୁ ହେଉଛନ୍ତି ତାଙ୍କର (କ) ଦେଶାନୁରାଗ ଶୂନ୍ୟତା (ଖ) ମୂର୍ଖତା ଓ ଅପାରଗତାଜନିତ ଅଳସବୃତ୍ତି (ଗ) ଗୁଣହୀନ ତୁଚ୍ଛତା ଓ (ଘ) ବୁଦ୍ଧି-ବିବେକ ହୀନତା । ଏଥିପାଇଁ ଦଣ୍ଡବିଧିର ୫୦୧ ଧାରା ଅନୁସାରେ ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ସେ ଶ୍ରୀ ଶ୍ରୀ' କମିସନର ବାର୍ଣ୍ଣେଲ୍‌ଙ୍କ ପାଖରେ ଜଣାଇଛନ୍ତି । କିନ୍ତୁ କର୍ତ୍ତୃ ସାହେବ ଦଣ୍ଡବିଧି

ଆଇନର ୫୦୦ ଧାରା ଅର୍ଥ ଅନୁସାରେ ଏଥିରେ କୌଣସି ଅପବାଦ ନ ଥିବାର କହି ୪୯୯ ଧାରାର ଦୃଷ୍ଟି-ଭଙ୍ଗି ବନ୍ଧ ମଧ୍ୟରେ ଏ କଥାକୁ ବାହାର କରି ଅଛନ୍ତି । ଏ ସମସ୍ତ ବୁଝିବା ପାଇଁ ଆମେ ପେନାଲ କୋଡ଼ର ୫୦୦ ଓ ୫୦୧ ଧାରା ନିମ୍ନରେ ଉଦ୍ଧାର କରି ଦେଉଛୁ ।

500 – Punishment for defamation-Whoever defames another shall be punished with simple imprisonment for a term which may extend to two years, or with fine, or with both.

501 – Printing or engraving matter known to be defamatory whoever prints or engraves any matter knowing or having good reason to believe that such matter is defamatory of any person, shall be punished with simple imprisonment for a term which may extend to two years, or with fine, or with both.

କୌଣସି ଲୋକଙ୍କ ଅପବାଦସୂଚକ ଅପରାଧ ଧରାଯାଇ ପ୍ରମାଣିତ ହେଲେ ପରେ ସେଥି ଦଣ୍ଡର ବ୍ୟବସ୍ଥା କରାଯାଏ ତାହା ଏହି ଦୁଇଟି ଧାରା ୫୦୦ ଓ ୫୦୧ରେ ଥିବାର ଦେଖିବାକୁ ମିଳେ । କେଣ୍ଡୁ ଅପରାଧ ଥିବାର ପ୍ରମାଣ ନ ମିଳି କେବଳ ଏହି ଦୁଇ ଧାରାରେ ମୁକଦ୍ଦମା ହେଉଛି ପକ୍ଷକୁ ଦଣ୍ଡର ଭରସା ନାହିଁ ସମ୍ଭବ ନୁହେଁ । କୌଣସି ଲୋକଙ୍କ ଥିବା ଅପବାଦର ସ୍ୱରୂପ କ'ଣ ? ଓ କେଉଁ କ୍ଷେତ୍ରରେ ଅପବାଦ ଥିବା ସତ୍ତ୍ୱ ମନେ କରାଯାଉଥିଲେ ହେଁ ତାହା ଅପବାଦସୂଚକ ହୁଏ ନାହିଁ – ଏ ସବୁ ୪୯୯ ଧାରାର ଅର୍ଥବୋଧକରୁ । କେଣ୍ଡୁ ଦର୍ଶକ ସାହେବ ଏହି ଧାରାର ଦୃଷ୍ଟି ଭଙ୍ଗି ବନ୍ଧ ମଧ୍ୟରେ ଏ କେଶ୍‌କୁ ବିଚାର କରିଅଛନ୍ତି । ସେମାନଙ୍କ କୋର୍ଟର ଏହି ଧାରାଟି ଦେଉଛୁ—

499 — Defamation—Whoever by words either spoken or intende to be read, or by signs or by visible representations, makes or publishes any imputation concerning any person intending to harm or knowing or having reason to believe that such imputation will harm the reputation of such person, is said, except in the cases herein after excepted to defame that person.

X X X

Explanation 3 — An imputation in the form of an alternative or expressed ironically, may amount to defamation.

୪୯୯ ଧାରାର ସହ ୪ଟି ବର୍ଣ୍ଣିତ ବ୍ୟାଖ୍ୟା ( Explanaton ) ଯାହା ଗୋଟିଏ ଲୋକଙ୍କର ଜନଲ୍ ତାହା ମାନହାନୀ ୪୯୯ର ଅନ୍ତର୍ଭୁକ୍ତ ହେବ ନାହିଁ ! ଏଠାରେ କେବଳ ତୃତୀୟ ବ୍ୟତିକ୍ରମ ପ୍ରାସଙ୍ଗିକ ବୋଲି ଉଦ୍ଧାର କରୁଅଛୁ । ଏହା ପରେ ଏହି ୪ଟି ଦୃଷ୍ଟାନ୍ତ ମାଧ୍ୟମରେ ବୁଝାଇଦିଆଯାଇଛି । ସୁବିଧା ନିମନ୍ତେ Illustration ଦେଉଛୁ —

Third Exception :—Conduct of any person touching any public question— It is not defamation to express in good faith any opinion whatever respecting the conduct of any person touching any public question, and respecting his character so far as his character appears in that conduct, and no further.

ପେନାଲ୍ କୋଡ଼ର ୪୯୯ ଧାରା —ଡିଫେମେସନ ବା ମାନହାନିର ସଂଜ୍ଞା ବର୍ଣ୍ଣିତ ଅଛି ଓ ତତ୍ ଉଲ୍ଲିଖିତ ବ୍ୟାଖ୍ୟା ମାଧ୍ୟମରେ ଉକ୍ତ ଶାସ୍ତ୍ରୀୟ ଆଲୋଚ୍ୟ ଟ୍ରେଜେରିପକ୍ଷର ଦୃଷ୍ଟିଭଙ୍ଗୀକୁ ଉପର ଆଧାର କରିଛନ୍ତି ତାହା ଜାଣିବା ପୂର୍ବରୁ ଗଙ୍ଗାଧର ବାବୁଙ୍କ ସମ୍ପର୍କିତ ଅପବାଦ ମୂଳକ ଅଭିଯୋଗର ଯଥାର୍ଥତା ବର୍ତ୍ତମାନ ଆମେ ଆଲୋଚନା କରୁଅଛୁ ।

ପ୍ରଥମ ଅଭିଯୋଗ— "ସ୍ୱଦେଶର ସ୍ୱାର୍ଥ ବଳିଦେଇ ଦେଶର ଉତ୍କଳର ସ୍ୱାର୍ଥ ଇତ୍ୟାଦି"—ଏଥିରେ ଭାଷାଭଙ୍ଗୀ ଦେଶାତ୍ମବୋଧ ନଥିବାର ଯେ ଅନୁଭବ କରୁଅଛନ୍ତି । କିନ୍ତୁ ମୂଳ ପାଠର ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଭ୍ରମାତ୍ମକ । କାରଣ ସେ ନିଜ ଦେଶ ଅର୍ଥାତ୍ ବଙ୍ଗ ଦେଶ ସ୍ୱାର୍ଥ ବଳିଦେଇ ଉତ୍କଳର ସ୍ୱାର୍ଥ ପାଇଁ ଏ ଦେଶକୁ ଆସିଥିବା, ଏ ଦେଶର ସ୍ୱାର୍ଥକୁ ଉଚ୍ଚାସନରେ ବସାଇବାର ସ୍ୱାର୍ଥକୁ ସମର୍ଥନ କରିବା ତାଙ୍କ ପକ୍ଷେ ସ୍ୱାଭାବିକ ଅସ୍ୱାଭାବିକ । ଯଥାର୍ଥତଃ, ମୂଳପାଠରେ ଅଛି ଏକ ଲିପି ପରିଭାଷା ଯାହା 'ସ୍ୱଦେଶ ସ୍ୱାର୍ଥ ବଳିଦେଇ' ଓ 'ଉତ୍କଳର ସ୍ୱାର୍ଥ' ବ୍ୟବହାରରେ ସ୍ପଷ୍ଟ ହୋଇଛି । ଏହି ବ୍ୟାଖ୍ୟାର ପ୍ରସଙ୍ଗରେ ଅଛି ଠିକ ଏକ ଧାରଣା-ର୍ଥକ ଧାରଣା —ଅର୍ଥାତ୍ ନିଜ ଦେଶ ସ୍ୱାର୍ଥ ତ୍ୟାଗର ଅନୁରକ୍ତ ଓ ଉତ୍କଳ ସ୍ୱାର୍ଥର ସମର୍ଥନ ତଥା ବଙ୍ଗୀୟର ପ୍ରସଙ୍ଗ । ଉକ୍ତ ବାବୁଙ୍କ ସ୍ୱରୂପରେ ଏପରି ବିଶ୍ଳେଷଣ କରିଲେ ହିଁ ଏଥିରେ "ତାହାର ବ୍ୟାଖ୍ୟାର କୌଣସି ଦୋଷ ହେବା ଭଳି ଦୋଷ ହୋଇ ନାହିଁ" କହି ସେ ଏ ଅଭିଯୋଗକୁ ମୂଳଭିତ୍ତିହୀନ ବୋଲି ଖଣ୍ଡନ କରି ପାରନ୍ତି ।

ଦ୍ୱିତୀୟ ଅଭିଯୋଗ—ତାଙ୍କ "କଟକରେ କେତେକୋଟି ଟଙ୍କା ଉପାର୍ଜନ କରିବାକୁ ଯେତେ ସ୍ଥାନ ଥାଇ ଇତ୍ୟାଦି"— ଏଥିରେ ବାବୁଙ୍କର ମୂର୍ଖତା, ଅସାଧୁତା ତଥା ଅଳ୍ପ ବୁଦ୍ଧିର ଅପବାଦ ଦିଆଯାଇଛି । ଏପରି ଅର୍ଥ

ମଧ୍ୟ ସମ୍ପୂର୍ଣ୍ଣ ଅସଙ୍ଗତ । ଶାନ୍ତ୍ୟ ସେଠରେ ରହେ, ସମସ୍ତରେ ତାହା ଜାଣନ୍ତି ଦେହର ରକ୍ତରେ ପଶିଛି ହୁଏ । କିନ୍ତୁ ଯଦା ରହେ ମସ୍ତିଷ୍କରେ, ସମସ୍ତରେ ତାହା ସମ୍ପର୍କ ହେଲେ ଜ୍ଞାନ ଓ ବିବେକ ଶକ୍ତିରେ ଦୁଷ୍ପ୍ରାପ୍ତ ହୋଇଥାଏ । ଗୋଟିଏ ଲଘୁ ପରଣ୍ଡାସ ଦୃଷ୍ଟି ପାଇଁ ସେଠରେ ଯଦା ରହିବାର ପ୍ରସ୍ତାବ ସାଧାରଣତଃ ବ୍ୟାକରଣର ଜଗତରେ ଦେଖା ଯାଇଥାଏ କିନ୍ତୁ ଏହା କୌଣସି ନିୟମର ବିଧାନ ଅନୁସାରେ ବୋଲି ସ୍ବୀକୃତ ହୁଏ ନାହିଁ । ସାମାଜିକ ଜୀବନର ଚଳଣି ଭିତରେ ଏପରି ବ୍ୟାକର ପ୍ରୟୋଗ ରାଧାକୃଷ୍ଣ ବାବୁ ବୁଝିଥିଲେ ପରି ମନେ ହୁଏ ନାହିଁ । ଦେଖିବାର କଥା, ନନ୍ଦିତ ସାହେବ ଏ ଅଭିଯୋଗ ଉପରେ କୌଣସି ଟିପ୍ପଣୀ ଦେଇ ନାହାନ୍ତି ।

ତୃତୀୟ ଅଭିଯୋଗ— 'ବାବୁ ଏତଦ୍ବାରା ଗତ୍ୟନ୍ତର ଭଙ୍ଗ କରି ଉପାଧିକୁ 'ଖ' ଲୋପ କରି ଅଛନ୍ତି ।" ଏହିରୂ, କୌଣସି ମତ ଉପାଧି ଦ୍ୱାରା ଏମ. ଏ. ଉପାଧି ପାଇ ଅଛନ୍ତି' ବୋଲି ଏକ ନୂତନ ଅର୍ଥ ବାଗି ମାହାର କରିଅଛନ୍ତି । କିନ୍ତୁ ଏ ଅର୍ଥ ସମ୍ପୂର୍ଣ୍ଣ କପୋଳ କଳ୍ପିତ—ମୂଳପାଠରେ ଏହାର କୌଣସି ସୂଚନା ନାହିଁ । ନନ୍ଦିତ ସାହେବ ମଧ୍ୟ ଏପରି ଅର୍ଥକୁ ଖଣ୍ଡନ କରି ନାହାନ୍ତି ।

ଚତୁର୍ଥ ଅଭିଯୋଗ – ପତ୍ରପ୍ରେରକ ତାଙ୍କୁ 'ମେଷ' କହିବାକୁ ଯାଇଁ ମେଷ ପରି ଗୋଟିଏ ପଶୁ ସହିତ ତୁଳନା କରିଥାନ୍ତି । ରାଧାକୃଷ୍ଣ ବାବୁଙ୍କ ଏ ଅଭିଯୋଗ ମଧ୍ୟ ସତ୍ୟାନ୍ୱେଷୀ ଭିତ୍ତିହୀନ । ଏଇ 'ମେଷ' ଶବ୍ଦର ଗଠନ କୌଶଳ ଓ ତାର ତାତ୍ପର୍ଯ୍ୟ ବର୍ତ୍ତମାନ ବୁଝାଇ ଦେଉଅଛୁ । ଇଂରାଜୀରେ MLA ଓଡ଼ିଆ ଅକ୍ଷରରେ ଏମ୍ + ଏଲ୍ + ଏ, ଯାହା ଉଚ୍ଚାରଣରେ ହୁଏ, 'ଏମେଲେ' । ଠିକ୍ ସେହିପରି ଇଂରାଜୀରେ M A. ଓଡ଼ିଆରେ ଏମ + ଏ । 'ମେଷ'ର ଅପର ନାମ ଗଡ଼ଡ଼ଲ ଯାହା ସ୍ତ୍ରୀଲିଙ୍ଗରେ ହୁଏ ଗଡ୍ଡଳିକା ବା ଗଡ଼୍ଡଳିକା । ଏହାର ଅର୍ଥ ମେଷ ପଲର ଅଗ୍ରଗାମିନୀ ମେଷୀ । ଏଥିରୁ ହୋଇଛି ଗଡ୍ଡଳିକା ପ୍ରବାହ ପରି ଶବ୍ଦ । ଗୋଟିଏ ମେଷୀ ଯଦି ଆଗ ହେବାକୁ ପ୍ରଥମେ ଚେଷ୍ଟା କରେ ଅନ୍ୟ ମେଷମାନେ ସବୁ ନିର୍ବିଶେଷରେ ତାର ଅନୁସରଣ କରନ୍ତି । ବସ୍ତୁବିହୀନ ସ୍ଥଳେ ଅନ୍ୟ ଜଣଙ୍କ କଥାରେ ଲାଗି ଯାଇ କେହି କାମ କଲେ ସେ ଗଡ୍ଡଳିକା ପ୍ରବାହ ନ୍ୟାୟରେ କାମ କରୁଛି ବୋଲି ବୁଝାଯାଇଥାଏ । ଭାଷାରେ ଶବ୍ଦର ଏପରି ପ୍ରୟୋଗକୁ ଲକ୍ଷଣା ପ୍ରୟୋଗ ବୋଲି କୁହାଯାଏ । ଏହାର ଅର୍ଥ ଯେଉଁ ସବୁ ଶବ୍ଦ ମୁଖ୍ୟ ପ୍ରତ୍ୟୟ ବା ଅଭିଧାଗତ ଅର୍ଥ ପ୍ରକାଶ ନ କରି ଅନ୍ୟାର୍ଥ ପ୍ରକାଶ କରନ୍ତି ସେହି ଶବ୍ଦ ଗୁଡ଼ିକ ଲକ୍ଷଣା । ଅର୍ଥାତ୍ ମୁଖ୍ୟ ଲକ୍ଷ୍ୟ ଅର୍ଥ ପ୍ରକାଶ ନ କରି ବ୍ୟବହାର କ୍ରମେ ଅନ୍ୟ ଅର୍ଥରେ ପ୍ରକାଶିତ ହେଲେ ଗୋଟିଏ ରୂଢ଼ି

ଶବ୍ଦରେ ପରିଣତ ହୁଏ । କେବଳ ରାଜ୍‌ଭାଷା ପ୍ରବନ୍ଧରେ 'ମେଷ' ଅପେକ୍ଷା ଏହାର ସମସ୍ତ ଅର୍ଥ—'ବ୍ୟୁତ୍ପତ୍ତିଗତ ଭାବେ ଅନାର ଅନୁସନ୍ଧାନହିଁ ପ୍ରଧାନ । ଉପାଧିରେ ଏପରି ଅନ୍ତ୍ୟାନୁପ୍ରାସର ଭାବ ପ୍ରାଧାନ୍ୟ ଲକ୍ଷ କରିବାକୁ ତାହାକୁ ପଶୁ ସଙ୍ଗେ ତୁଳନା କରିବାର ପ୍ରଶ୍ନ ଉଠୁ ନାହିଁ । ଏ ଶବ୍ଦକୁ ଅନ୍ୟ ଏକ ଦୃଷ୍ଟିରୁ ମଧ୍ୟ ଅର୍ଥ କରାଯାଇପାରେ । ବାବୁଙ୍କର ଉପାଧି ହେଉଛି 'ଏ ମେଷ' । ଏହାକୁ 'ଷ' ବର୍ଜିଲେ ଏହା ହେବ 'ଏମେ' ଯାହାର ଇଂରାଜୀ ରୂପ M. A. । ପୁଣି ଓଡ଼ିଆରେ ଏଇ 'ଏମେ' ହେଉଛି ମେଣ୍ଢାର ରବ, ଯେପରି ଗାଈର 'ହାମା', ଘୋଡ଼ାର 'ହି ହି', କୁକୁରର 'ଭୁ ଭୁ', ଛେଳିର 'ମେ' । ଦେଖିବାର କଥା, ରାଜକୃଷ୍ଣ ବାବୁ ନିଜ ଉପାଧିକୁ ଏମ. ଏ. ଲେଖିଲେ ବେଳେ ପଞ୍ଚେଶ୍ୱରଙ୍କ ଏହାକୁ 'ଏମେ' କରନ୍ତି, ଯାହା ଏକ ବ୍ୟଙ୍ଗାତ୍ମକ ଭାବର ଦ୍ୟୋତକ ମାତ୍ର । କେବଳ ଲଙ୍ଗ୍ ସାହେବଙ୍କ ଭାଷାରେ ଅଛି, "ଏମ ଏ ଅକ୍ଷରମାନ ଯେଉଁ ଭାବ କରିବା ଓ ବାବୁ ମେଷ ପରି ଲଢୁଛନ୍ତି ପ୍ରକାଶ କରିବାର ବ୍ୟଙ୍ଗ କରିବା ଇଚ୍ଛାରେ କେବଳ ପଞ୍ଚେଶ୍ୱରଙ୍କ ବାପାର ଉପାଧିର ଉଲ୍ଲେଖ କରିଅଛନ୍ତି ।" ଫଳରେ ରାଜ୍‌ଭାଷାର ପ୍ରବନ୍ଧର ଅର୍ଥ ଯାହା ଭୁତ ଶବ୍ଦ-'ବେଶ୍ୟା' ପ୍ରଭୃତି ଭେଦ ହେଉ, ତାହା ଏଠି ସ୍ମୃତିରେ ସ୍ଥାନ ପାଇ ନାହିଁ । ଶେଷରେ 'ଏତିକି କୁହାଯାଇ ପାରେ ଯେ, ପଞ୍ଚେଶ୍ୱରଙ୍କ ଲେଖାର ଅଂଶ ଶୁଣିଲେ ମାନଜ୍ଞାନ ହୁଏ ନାହିଁ ବୋଲି ରାଜକୃଷ୍ଣ ବାବୁ ଉତ୍ତର ଦେଇଛନ୍ତି ସେଥିରେ ଯଥେଷ୍ଟ ଅଛି ଏକ ଲଘୁ ଉପହାସ, ଏହା ମଧ୍ୟ ସ୍ପଷ୍ଟତା ବ୍ୟଙ୍ଗ ବା ବିଦ୍ରୂପାତ୍ମକ । ଏ ବ୍ୟଙ୍ଗ ବା ଶ୍ଳେଷ କ'ଣ ଏପରି ପ୍ରକୃତିର, ଯାହା ରାଜକୃଷ୍ଣ ବାବୁଙ୍କ ବଂଶଗତ ଗୌରବ, ତାଙ୍କର ସ୍ୱାର୍ଥ ଓ ପାଣ୍ଡିତ୍ୟ ଉପରେ ଆଘାତ ଆଣି ଦେଇଛି ? ବିଶେଷତଃ ପଞ୍ଚେଶ୍ୱରଙ୍କ କେଉଁ ପରିବେଶ ଓ ତାହାକୁ ଲକ୍ଷ୍ୟ କରି, ଏ 'ଶ୍ଳେଷ'ର ପ୍ରୟୋଗ କରିଥିଲେ ? ଏ ଉଭୟ ପ୍ରଶ୍ନର ସମାଧାନ ଲଙ୍ଗ୍ ସାହେବଙ୍କ ସ୍ୱଦତ୍ତ ପ୍ରଶଂସାପତ୍ରରେ ଲିପିବଦ୍ଧ ହୋଇ ରହିଅଛି ।

ଓଡ଼ିଆ ଅକ୍ଷର ଉଠାଇ ଦେଇ ବଙ୍ଗାକ୍ଷର ପ୍ରଚଳନ କରିବା ସମ୍ବନ୍ଧରେ ଉଦ୍ଦେଶ୍ୟମୂଳକ ଯେଉଁ ଆନ୍ଦୋଳନ ହୋଇଥିଲା ରାଜକୃଷ୍ଣ ବାବୁ ସେଥିରେ ଯୋଗ ଦେଇ ପ୍ରକାଶ୍ୟରେ ସେ ପ୍ରସ୍ତାବର ଯୌକ୍ତିକତା ଓ ସମର୍ଥନ କରିଥିଲେ । ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବା ଅଭିମତ ସମ୍ପୂର୍ଣ୍ଣ ଅବାସ୍ତବ, ହାସ୍ୟାସ୍ପଦ ମଧ୍ୟ । କେବଳ ପଞ୍ଚେଶ୍ୱରଙ୍କ ଏହି ଅଭିମତକୁ ଲକ୍ଷ୍ୟ କରି ବ୍ୟଙ୍ଗାତ୍ମକ ଭାଷାରେ କେତେ ଉପଭୋଗ୍ୟ ମନ୍ତବ୍ୟମାନ ପ୍ରକାଶ କରିଥିଲେ । ଦେଖିବାର କଥା, ଏପରି ଅଦ୍ଭୁତ ପ୍ରସ୍ତାବକୁ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେ ଉପଯୁକ୍ତ । ସେ ଆନ୍ଦୋଳନର ପ୍ରତିକୂଳ ସିଦ୍ଧାନ୍ତ ଦୃଷ୍ଟିରେ ପରିଣତ ହୋଇଥିଲେ ତାହାଦ୍ୱାରା ସମ୍ପୃକ୍ତ ଓଡ଼ିଆମାନଙ୍କର ଅଶେଷ ଅନିଷ୍ଟ ସାଧିତ ହୋଇଥାନ୍ତା । ପଞ୍ଚେଶ୍ୱରଙ୍କ କେବଳ ଏଇ ବିଶେଷ କଥାକୁ ନେଇ

ଲେଖା ବେଳେ ଦୃଷ୍ଟିରେ ରଖିଥିଲେ; ରାଧାକୃଷ୍ଣ ବାବୁଙ୍କ ବ୍ୟକ୍ତିଗତ ଏବଂ ସାମାଜିକ କ୍ରିୟା କଳାପ ଉପରେ କୌଣସି ମନ୍ତବ୍ୟ ନ ଦେଇ ସେ ନିଜ ଆଲୋଚନାରେ ବାବୁଙ୍କର ଭୂମିକାର ବସ୍ତୁର ଶ୍ରେଣୀଗତ ସ୍ୱରୂପରେ ପ୍ରକାଶ କରିଅଛନ୍ତି । ଏକ ଦୁର୍ବଳ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ପ୍ରତିକୂଳ ମନ୍ତବ୍ୟ ଉପରେ ମତାମତ ପ୍ରକାଶ କଲାବେଳେ ତାର ସାମାଜିକ ଚରିତ୍ର ଉପରେ ଗଭୀର ଦୋଷାରୋପ କରି ନ ଯାଏ ଓ ଏପରି ମତାମତ ପୂର୍ବୋକ୍ତ ପ୍ରସଙ୍ଗର ପରିସର ଭିତରେ ସୀମିତ ରହେ, ତା ହେଲେ ସେପରି ମତାମତ ଭିତରେ ଥିବା ବ୍ୟଙ୍ଗ ବା ଶ୍ଳେଷ, ମାନହାନି ସୃଷ୍ଟି ଆଇନତଃ ଆସି ନ ପାରେ । ନବୀନ ଗାନ୍ଧେୟଙ୍କ ସ୍ୱତ୍ୱର ପ୍ରତିବାଦରେ ଏହି କଥାଟି ଅଛି ଓ ତାହା ପୂର୍ବୋକ୍ତ ପେନାଲକୋଡ୍‌ର ୪୯୯ ଦଫାର ଦ୍ୱିତୀୟ ବର୍ଜିତ ଶର୍ତ୍ତ ଓ ତାର ବ୍ୟାଖ୍ୟା ଉପରେ ହିଁ ପ୍ରତିଷ୍ଠିତ ହୋଇ ଅଛି । ଫଳତଃ, ରାଧାକୃଷ୍ଣ ବାବୁଙ୍କ ପୁତ୍ର ଅଭିଯୋଗ କରିବା ଯୁକ୍ତିଯୁକ୍ତ ନୁହେଁ । ଓଡ଼ିଆ ସମାଜ ପ୍ରକାଶକଙ୍କୁ, ତା'ର ନିର୍ଦ୍ଦିଷ୍ଟ ପ୍ରବନ୍ଧ ଉପରେ ତାଙ୍କର ଦୃଷ୍ଟି ଧାରଣା ଥିଲା ବୋଲି ମନେ ହୁଏ ନାହିଁ । ସମାଜ କର୍ତ୍ତୃପକ୍ଷ ସେ ସ୍ଥାନ ଯାଉଛନ୍ତି ତାହାକୁ ନିଜର ସ୍ୱାଧୀନ ମତାମତ ବୋଲି ଉଦ୍ଧୃତ କରି ଦେଇଛନ୍ତି । ଲେଖାର୍ଥ ପଢ଼ିକି ସମାଜ ଅନୁସରଣରେ ଲୁକ୍କାୟିତ ଥିବା ଲେଖକଙ୍କର ଯଥାର୍ଥ ଲକ୍ଷ୍ୟ ଉପଲବ୍ଧ ହେଲେ ମାନହାନିର ଅଭିଯୋଗ କୌଣସି ପ୍ରଶ୍ନ ଉଠେ ନାହିଁ । ଫଳରେ ରାଧାକୃଷ୍ଣ ବାବୁଙ୍କ କେଉଁଟି ଅଭିଯୋଗ ହୋଇଥିବା ଏହାକୁ ସ୍ୱୀକାର । ପରନ୍ତୁ ଫୌଜଦାରୀ କାର୍ଯ୍ୟବିଧି ଆଇନ (Code of Criminal Procedure)ର ୨୫୦ ଦଫା ଅନୁସାରେ ଗୌରୀଶଙ୍କର କ୍ଷତିପୂରଣ ଦେଇ ଥାଆନ୍ତି । ଏହି ଦଫାର ପାଠଟି ଦେଖନ୍ତୁ ।

Frivolous Accusations in Summons and Warrent Cases

250. False, frivolous or vexatious accusation--(1) If in any case instituted upon complaint or upon information given to a police officer or to a Magistrate, one or more person is or are accused before a Magistrate of any offence triable by a Magistrate and the Magistrate by whom the case is heard discharges or acquits all or any of the accused, and is of opinion that the accusation against them or any of them was false and either frivolous or vexatious, the Magistrate may, by his order of discharge or acquital, if the person upon whose complaint or information the accusation was made, is present call upon him forthwith to show cause why he should not pay compensation to such accused or to each

or any of such accused when there are more than one, or if such person is not present, direct the issue of a summons to him to appear and show cause as aforesaid.

ଉକ୍ତ ଆଦେଶବଳେ ବିଚାର-ଧାରା ଓ ତତ୍ ପ୍ରଦତ୍ତ ସିଦ୍ଧାନ୍ତ କେବଳ ପୂର୍ଣ୍ଣତଃ ଯୁକ୍ତିଯୁକ୍ତ ଓ ଆଇନ-ସମ୍ମତ ଯେ ଉପରୋକ୍ତ ଧାରା ଅଧୀନ ବିଶ୍ଳେଷଣ କରିବାର ଆବଶ୍ୟକତା ଅଛି ବୋଲି ମନେ ହୁଏ ନାହିଁ ।

ବାଣୀ ଭବନ,
ଶାନ୍ତିପୁର,
ଭୁବନେଶ୍ୱର-୨

# ଗୌରୀଶଙ୍କର ରାୟ


❋ ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶ


‘‘ସ୍ୱାଗତ ତୁମ
ଘରିଚ'ର ଶୀତଳେ ଲିଷା
ଗୌରବରେ ଗରିମାମୟ ଉତ୍କଳ ଭୂମିର
ତୁମେ ଥିଲେ ନନ୍ଦିଥିଲ ଉତ୍କଳ ଭୂମିର ।’’

—କୃଷ୍ଣବନ୍ଧୁ

‘‘ଗୌରୀଶଙ୍କର ପାଣ୍ଡିତ୍ୟଶାଳୀ ନୁହନ୍ତି କେବେ ହେଲେ ପଣ୍ଡିତର ଦାବି କରିନାହାନ୍ତି । ସେ ସରଳ, ନିଷ୍କପଟ ମନୁଷ୍ୟଟିଏ, ସରଳ ନିଷ୍କପଟଭାବରେ ନିଜର ଅନୁରାଗର ଆବେଗ ଅନୁସରଣ କରି ନିଜର ସାଧନପଥରେ ଅଗ୍ରସର ହୋଇ ଅଛନ୍ତି । କର୍ମସାଧନା ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ । ଜୀବନର ସକଳ କାର୍ଯ୍ୟରେ ସେ ନମ୍ର ସ୍ୱଭାବ ପରିଚୟ ଦେଇଅଛନ୍ତି । ଏହି ୫୦ ବର୍ଷ ଭିତରେ ଦେଶର ଏପରି କୌଣସି କାର୍ଯ୍ୟ, କୌଣସି ଆନ୍ଦୋଳନ କୌଣସି ଅନୁଷ୍ଠାନ ହୋଇନାହିଁ, ଯହିଁରେ ଏହି କର୍ମୀପୁରୁଷଙ୍କର ହସ୍ତ ହେଲେ ଯୋଗ ବା ସହାନୁଭୂତି ବାହାରନି ନାହିଁ ।

ଗୌରୀଶଙ୍କର ଶତ ଶତ ଦରିଦ୍ର, ଅସହାୟ ଛାତ୍ରଙ୍କୁ ବିଦ୍ୟାପଥରେ ସାହାଯ୍ୟ କରି-ଅଛନ୍ତି, ବହୁ ବିପନ୍ନ ଦୁଃସ୍ଥ ନରନାରୀଙ୍କୁ ଯଥାସାଧ୍ୟ ଅର୍ଥଦାନ କରିଅଛନ୍ତି । ଦେଶର ନାନା ସଦନୁଷ୍ଠାନରେ ଅର୍ଥ ଓ ସାମର୍ଥ୍ୟ ବ୍ୟୟ କରିଅଛନ୍ତି, ବହୁତ ଅର୍ଥବ୍ୟୟକରି କେତେ ସ୍କୁଲ ବୋର୍ଡ଼ିଂ, ଲାଇବ୍ରେରୀ, ଦାତବ୍ୟଖାନା ପ୍ରତିଷ୍ଠିତ କରିଦେଇ ଅଛନ୍ତି । ଏ ନଗରରେ ପ୍ରଧାନ କୀର୍ତ୍ତିସ୍ତମ୍ଭ ସ୍ୱରୂପ ଟାଉନହଲ ନିର୍ମାଣ କରି ଦେଇଅଛନ୍ତି । ଏ ସମସ୍ତ ଛାଡ଼ିଦେଲେ ସୁଦ୍ଧା କେବଳ କଟକ ପ୍ରିଣ୍ଟିଂ କମ୍ପାନୀର ସଫଳତା ଓ ଉନ୍ନତି, ଉତ୍କଳଦୀପିକାର ଦୃଢ଼ତା ଓ ସ୍ଥାୟିତ୍ୱ ଲାଗି ସେ ଜନସାଧାରଣଙ୍କର ଅଶେଷ ଶ୍ରଦ୍ଧା ଓ ସମ୍ମାନର ପାତ୍ର ।

(ଉତ୍କଳ ସାହିତ୍ୟ, ଅଷ୍ଟାଦଶ ଓ ଊନବିଂଶ ବର୍ଷ )

'ସ୍ୱଦେଶ ଭକ୍ତି ମଣିଷ୍ୟ ଗୌରୀଶଙ୍କରଙ୍କ ଜୀବନର ମୂଳଦୁଆ । ଏଣୁ ସମାଜର ସେବା କରି ସେ କର୍ମୀ, ଏ ସଂସାର ତ୍ୟାଗ କରି ନଥିବା ଯୋଗୀ କରି ଗୌରୀଶଙ୍କରଙ୍କ ଜୀବନ – କର୍ମୀ ଓ ଯୋଗୀ ଦୁହିଁଙ୍କ ଗୋଟିଏ ଶବ୍ଦରେ ‘‘କର୍ମଯୋଗୀ ।’’ କର୍ମ ତାଙ୍କର ଯୋଗସାଧନା ଥିଲା ଏଣୁ, ଯୋଗ ଥିଲା କର୍ମକୌଶଳ । ଏହା ତାଙ୍କର ଜୀବନୀ ମାତ୍ର ନୁହେଁ, ଅକ୍ଷରେ ଅକ୍ଷରେ ସତ୍ୟ ।

ଗୌରୀଶଙ୍କର ଆଧୁନିକ ଓଡ଼ିଶାର ଜଣେ ମହାନ୍ ଯୋଦ୍ଧା । ତାଙ୍କ ଯୁକ୍ତି ଅକାଟ୍ୟ ପ୍ରମାଣ, ଅଦମ୍ୟ ଓ ଅନିରୁଦ୍ଧ ସାହସ । ଲେଖନୀ ତାଙ୍କର ଅସ୍ତ୍ର, ନିଷ୍ଠା ତାଙ୍କର ସହଚର, ସ୍ୱାର୍ଥପରତା ତାଙ୍କର ଶତ୍ରୁ, ଆତ୍ମବଳ ହିଁ ତାଙ୍କର ବଳ । ଉତ୍କଳର ସ୍ୱାର୍ଥରକ୍ଷା, ସେବା ତାଙ୍କର ଲକ୍ଷ୍ୟ । ସେଥିପାଇଁ ସେ କୌଣସି ବିପଦ ବରଣ କରିବାକୁ ଯେ ପ୍ରସ୍ତୁତ ଥିଲେ, ସର୍ବସ୍ୱ ତ୍ୟାଗ କରିବାକୁ କୁଣ୍ଠିତ ହୋଇ ନ ଥିଲେ ।

ସେପରି ଅଧ୍ୟବସାୟୀ, ସେବାପରାୟଣ ଦୃଢ଼ପ୍ରତିଜ୍ଞ, ନିର୍ଭୀକ, ସ୍ୱାବଲମ୍ବୀ ସତ୍‌ପୁରୁଷ । କୌଣସି କର୍ମ ଆରମ୍ଭ କଲେ ଶେଷ ନ କରି ଛାଡ଼ନ୍ତି ନାହିଁ । ଅସାଧାରଣ ବ୍ୟକ୍ତିତ୍ୱ ଯୋଗୁଁ ସେ ସମସ୍ତଙ୍କୁ ସହଜରେ ଆକର୍ଷିତ କରି ପାରନ୍ତି । ବିଦେଶୀ ଶାସକ ତାଙ୍କ ମତାମତକୁ ଗୁରୁତ୍ୱ ଦେଉଥିଲେ; କ୍ଷମତାର ଧମକରେ ଦବିଯିବାର ପାତ୍ର ସେ ନ ଥିଲେ । ସ୍ୱଦେଶୀ ବିଦେଶୀ ସମସ୍ତଙ୍କ ଶ୍ରଦ୍ଧା ଆକର୍ଷଣ କରିବାର ମହତ୍ତ୍ୱ ସେ ଅର୍ଜନ କରି ପାରିଥିଲେ ।

ସେ କାଳେ ଓଡ଼ିଶାର ଦାନା ଖାଇ ଓଡ଼ିଶାର ସ୍ୱାର୍ଥ ବିରୁଦ୍ଧରେ ଯିବା କେତେକ ଶିକ୍ଷିତ ବଙ୍ଗାଳୀଙ୍କର ନିତ୍ୟନୈମିତ୍ତିକ କର୍ମ ହୋଇଥିଲା । କିନ୍ତୁ ଗୌରୀଶଙ୍କରଙ୍କ ଜୀବନ ଭିନ୍ନ ଉପାଦାନରେ ଗଢ଼ା ହୋଇଥିଲା । ସେ ବଙ୍ଗାଳୀ କୁଳରେ ଜନ୍ମ ହୋଇ ମଧ୍ୟ କୌଣସି ଓଡ଼ିଆଙ୍କ ଅପେକ୍ଷା ଅଧିକ ଓଡ଼ିଆ ହୋଇ ପାରିଥିଲେ । ତେଣୁ ଗୌରୀଶଙ୍କର ପାର୍କକୁ କଟକ ସହର ଓ ସମସ୍ତ ଓଡ଼ିଶା ହୃଦୟର ଅତି ଆଦରର ପଦକ ପରି ଧାରଣ କରିଛି । ଗୌରୀଶଙ୍କର ଓ ତାଙ୍କ ଶାସନକାଳ କାର୍ଯ୍ୟକାଳ ଗୌରୀଶଙ୍କର ଉତ୍କଳର ହୃଦୟନିଧି । ସେ କାଳ ଉତ୍କଳର କୃତୀ ସନ୍ତାନମାନେ ଗୌରୀଶଙ୍କରଙ୍କ ମହତ୍ତ୍ୱମହିମାକୁ ସ୍ୱୀକୃତି ଦେଇଛନ୍ତି—

"ଉତ୍କଳ ଧର୍ମର ସଙ୍ଗ କରିଦେଲ ରଣ
ଉତ୍କଳ ଦୀପିକା ରୂପ ଶାଣିତ ଖଣ୍ଡ
ଶୋଭନ ବାଲେନ୍ଦୁ ଯଥା ଚନ୍ଦ୍ରଚୂଡ଼ ଶିରେ,
ତବ ଶୁଭେ ଯଶଚନ୍ଦ୍ର ଶୋଭିବ ଅମ୍ବରେ ।'

( କବିବର ରାଧାନାଥ ରାୟ, କବିତାବଳୀ ୧୮୭୮ ସାଲ )

"ଶୁଭ କ୍ଷଣେ ଜନ୍ମ ତବ ଉତ୍କଳ ଭୂମିରେ
କର୍ମ ଯୁଦ୍ଧରେ କର୍ମଯୋଗୀ କେତେ ବିଘ୍ନ ସହି
ସ୍ମୃତି କର୍ତ୍ତବ୍ୟ ପୂଜାସ୍ଥଳେ ବିଶ୍ୱାସେ ବିନୟେ
ସାଧିଥିଲ ସୁଦୀର୍ଘକାଳ ପୁଣ୍ୟ ପରିଶ୍ରମେ ।"

ଭକ୍ତକବି ମଧୁସୂଦନ

"ହେ ଗୌରୀଶଙ୍କର, ଧନ୍ୟ ତୁମର ସାହସ
ଦୀପିକା ଲେଖିଛ ବସି ତରୁଣ ବୟସ
ନ ମାନି ବିପଦ ବାଧା ନ ଭୁଲି ଦେଶକୁ
ମନପ୍ରାଣ ସମର୍ପି ପାଳିଛ ବ୍ରତକୁ

ଦେଖି ଦେଖି ତୋର ଧନ ଜାଣିଛୁ ବନ୍ଧୋ
ଏଣୁ ଲୋକେ କହେ Man of Business''

ଫକୀରମୋହନ ସେନାପତି, ଉତ୍କଳ ଭ୍ରମଣଂ

"ଦେଶୀୟଙ୍କର କଷ୍ଟ ଦୂରଦେଶେ ଧାଇଁ
ତବ କର୍ମ ଯୋଗେ ରତ୍ନ ନ ଭରେ
ଏକାନ୍ତ ଯୋଗୀ ସକଳହିଁ ଚାହିଁ
ସାହିତ୍ୟ ସମାଜେ ସ୍ୱତନ୍ତ୍ରରେ ।''

ନନ୍ଦକିଶୋର ବଳ

୧୮୩୮ ଖ୍ରୀଷ୍ଟାବ୍ଦରେ ଗୌରୀଶଙ୍କରଙ୍କ ଜନ୍ମ; ଜନ୍ମସ୍ଥାନ କଟକ ଜିଲ୍ଲାର ଅସୁରେଶ୍ୱର, ଧାମିତପଡ଼ା ଗ୍ରାମ । ପିତାଙ୍କ ନାମ ସଦାଶିବ ପ୍ରସାଦ ରାୟ, ସେ ମୋହରିର କାର୍ଯ୍ୟ କରୁଥିଲେ । ସେତେବେଳେ ଚାଟଶାଳୀରେ ଅବଧାନ, ମକ୍ତବରେ ଆଖୁନ୍ଦ, ଚାଟଶାଳୀରେ ତାଳପତ୍ର ପୋଥି, ମକ୍ତବରେ ସ୍ୱଦେଶୀ କାଗଜର କିତାପ । ଗୌରୀଶଙ୍କର ଅବଧାନଙ୍କଠାରୁ ଓଡ଼ିଆ, ଆଖୁନ୍ଦଙ୍କଠାରୁ ଉର୍ଦ୍ଦୁ ଓ ଫାରସୀ ଭାଷା ଶିକ୍ଷା କରିଥିଲେ । ସେତେବେଳେ ଅଦାଲତ ଦପ୍ତରର ସବୁ ଫାରସୀରେ ଲେଖା ଯାଉଥିଲା, ମୁନ୍‌ସୀ ଫାରସୀ ମାଧ୍ୟମରେ ଶାସନ କାର୍ଯ୍ୟ ଚାଲୁଥିଲା । ବାଲ୍ୟ ବୟସରେ ସେ ପୁସ୍ତକ ହାତେ ପରିଚିତ ହୋଇଥିଲେ ।

୧୧ ବର୍ଷ ବୟସରେ କଟକ ଅମି ଗୌରୀଶଙ୍କର ଇଂରାଜୀ ସ୍କୁଲରେ ପଢ଼ିଲେ । ସେ ଜୁନିୟର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାସିକ ଆଠ ଟଙ୍କା ସରକାରୀ ବୃତ୍ତି ଲାଭ କରିଥିଲେ ।

ଉଚ୍ଚ ଶିକ୍ଷା ଲାଭ ଲାଗି ପ୍ରବଳ ଇଚ୍ଛା; କିନ୍ତୁ ସେଥିଲାଗି କଟକ ବା ଓଡ଼ିଶାରେ ଅନୁକୂଳ ସୁଯୋଗ ସୁବିଧା ସୃଷ୍ଟି ହୋଇ ନଥିଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ସେ କଲିକତା ଯାତ୍ରା କଲେ; ରେଳପଥ ତ ଦୂରର କଥା, ସେତେବେଳେ କଟକରୁ କଲିକତା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ପଥ ବି ନଥିଲା । ରାସ୍ତାଘାଟ ଅରଣ୍ୟସଂକୁଳ, ବନ୍ୟଜନ୍ତୁ ଓ ଚୋରଡକାୟତଙ୍କର ଉପଦ୍ରବ । ମନରେ ଆତଙ୍କ ସୃଷ୍ଟି କରୁଥିବ । ଏଭଳି ଅବସ୍ଥାରେ ସେ ଏକ ଶଗଡ଼ଗାଡ଼ିରେ ଚଢ଼ି ବାଲେଶ୍ୱର ପର୍ଯ୍ୟନ୍ତ ଯାତ୍ରା କଲେ; ତାପରେ ପଦ-ବ୍ରଜରେ, ବାଲେଶ୍ୱରରୁ ଚାଲି ଚାଲି ଯାଇ ହୁଗୁଳିରେ ପହଞ୍ଚିବାକୁ ତାଙ୍କୁ ଦଶଦିନ ଲାଗିଥିଲା ।

କିନ୍ତୁ ଦୁର୍ଭାଗ୍ୟ; ସବୁ ଶ୍ରମ ବ୍ୟର୍ଥ ହୋଇଗଲା । କଲିକତାରେ ସେ ବସନ୍ତ ରୋଗରେ ପୀଡ଼ିତ ହୋଇଥିବା ସମ୍ବାଦ ପାଇ ୧୮୫୮ରେ ପିତା ତାଙ୍କୁ କଟକ ଫେରାଇ ନେଲେ । ଉଚ୍ଚଶିକ୍ଷାରେ ଯବନିକା ପଡ଼ିଗଲା ।

ତା'ପରେ ସେ ଚାକିରି ଅନୁସନ୍ଧାନରେ ଲାଗିଲେ । ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଚାକିରିଟିଏ ମିଳିଲା—ଶିକ୍ଷକତା; ମାସିକ ବେତନ ୫୦ ଟଙ୍କା । ଏକାନ୍ତ କର୍ମଠ ଗୌରୀଶଙ୍କରଙ୍କୁ ଗତିହୀନ ଶିକ୍ଷକତାବୃତ୍ତି ସୁଖପ୍ରଦ ବୋଧ ହେଲା ନାହିଁ । ପ୍ରାୟ ଏକ ବର୍ଷ ବାଲେଶ୍ୱରରେ କଟାଇଲା ପରେ ସେ କଟକ କମିଶନର ଅଫିସରେ ଚାକିରି

ଅସ୍ଥାୟୀ ଅମଲାରୂପେ ନିଯୁକ୍ତି ଲାଭ କଲେ । ଅଳ୍ପକାଳ ମଧ୍ୟରେ ସେ କର୍ତ୍ତୃପକ୍ଷଙ୍କ ସୁଦୃଷ୍ଟି ଆକର୍ଷଣ କରିପାରିଥିଲେ, ନିୟମାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ଯୋଗୁଁ ! ଯାହା ଠିକ୍ ବୋଲି ବୁଝୁଥିଲେ, ସେ କରୁଥିଲେ ।

ତା'ପରେ ମନିଅର୍ଡର ଏକାଉଣ୍ଟ ପଦକୁ ତାଙ୍କୁ ବଦଳି କରାଗଲା । ପୋଷ୍ଟଅଫିସ୍ ନିୟମ ପାଳନ ସହ ତାଙ୍କର କଠୋର ଦୃଷ୍ଟି ଥିଲା । ଉପରସ୍ଥଙ୍କ ଲୋକଙ୍କୁ ତାଙ୍କର ଖାତିର୍ ମଧ୍ୟ ନଥିଲା । ଅତେବ ସ୍ୱୟଂ ମାକେଞ୍ଜି ସାହେବ ତଦନ୍ତ କରି ତାଙ୍କ ପାଖକୁ ମନିଅର୍ଡରର ଗୋଟି ମିଥ୍ୟା ଫର୍ମ ପଠାଇଲେ । ବେଆଇନ କାମ କରି ପାରିବି ନାହିଁ ବୋଲି କହି ସେ ପିଅନକୁ ଫେରାଇ ଦେଲେ ।

ମାକେଞ୍ଜି ଗର୍ଜି ଉଠିଲେ—ମୁଁ ହୁକୁମ୍ ଦେଉଛି, କର । ଗୌରୀଶଙ୍କର ଶାନ୍ତ ସ୍ୱରରେ ଉତ୍ତର ଦେଲେ—ମୁଁ ବେଆଇନ ହୁକୁମ୍ ମାନିପାରିବି ନାହିଁ ! ମନିଅର୍ଡର ହେବ ତ ଆପଣ ନିଜେ କାଟି ଦସ୍ତଖତ ଦିଅନ୍ତୁ ।

ସାହେବ ଏକାଉଣ୍ଟର କାର୍ଯ୍ୟ ନିଜେ କଲେ, ସେ ଦିନର ହିସାବ କାଟି ନିଜେ ସଂଶୋଧନ କରିଦେଲେ ।

ଗୌରୀଶଙ୍କର ଏ ନିୟମ ବହିର୍ଭୂତ କଥା କମିଶନରଙ୍କୁ ଜଣାଇଲେ । ଉପରୁ କଡ଼ା ତାଗିଦ ଆସିଲା । ମାକେଞ୍ଜି କ୍ରୋଧରେ ଅଗ୍ନିମୂର୍ତ୍ତି ଧମକ ଦେଲେ, କହିଲେ—ଚିହ୍ନି ଅଛି ମୋ ମନ କଥା, ନହେଲେ ଦଣ୍ଡନୀୟ ହେବ । ତୁମ ଚାକିରି ଯିବ ।

ଗୌରୀଶଙ୍କର କିନ୍ତୁ ଡରିଲେ ନାହିଁ ! ଏ ବିଷୟ 'ଉତ୍କଳଦୀପିକା' ପତ୍ରିକାରେ ଆଲୋଚନା ହେଲେ, ସାହେବଙ୍କ ମନସ୍ତାପ ମନରେ ମଲା; ସେ ଏଣିକି ସତର୍କ, ସାବଧାନ ହେଲେ ।

କଟକ କମିଶନରୀ ଅଫିସରେ ଗୌରୀଶଙ୍କର ପ୍ରାୟ ୧୨ ବର୍ଷ କିରାଣି କାର୍ଯ୍ୟ କରିଥିଲେ; ତାପରେ ତାଙ୍କର ପଦୋନ୍ନତି ହେଲା, ସେ ଏକଶହ ଟଙ୍କା ଦରମାରେ ଅନୁବାଦକ (ଟ୍ରାନ୍ସଲେଟର) ପଦରେ ନିଯୁକ୍ତି ଲାଭ କଲେ । ସେ ଦୁଇଟି କାମ ନେଇ-ବେଳକୁ ଚଳୁଥିଲେ—ସରକାରୀ ଚାକିରି, ଉତ୍କଳଦୀପିକାର ସମ୍ପାଦନା । ସେ ଚାକିରି କରୁଥିଲେ, କିନ୍ତୁ ମୁଣ୍ଡ ନୁଆଁଇ ନଥିଲେ । ଉଚ୍ଚକର୍ମଚାରୀଙ୍କୁ ଖୁସି କରିବା ପାଇଁ ସେ କୌଣସି ଦେଶଦ୍ରୋହୀ ବା ଜାତିଦ୍ରୋହୀ କର୍ମ କରୁ ନଥିଲେ; ସେ ସ୍ୱାଧୀନ ମତାମତ ନିମିତ୍ତ ସେ କୌଣସି ପ୍ରଲୋଭନରେ ବି ବଶ ହୋଇ ନଥିଲେ, ସର୍ବଦା ଆତ୍ମମର୍ଯ୍ୟାଦାର ପତାକା ଉଚ୍ଚକୁ ଟେକି ରଖିଥିଲେ । ସତ୍ୟ କହିବା ବେଳେ ତାଙ୍କର ଡରାଭୟ ସଂକୋଚ ନଥିଲା । ଫଳରେ ବିଦେଶୀ ସରକାରର ବିଶ୍ୱାସ ଓ ବିଶ୍ୱାସଭାଜନ ହୋଇ ପାରିଥିଲେ । ଏପରି ଦେଶୀୟ ମାନଙ୍କରେ ବି ତାଙ୍କର ସ୍ଥାନ ଅତି ଉଚ୍ଚ ଥିଲା । ତୁଚ୍ଛ ଚାକିରିକୁ ସମ୍ମାନ ଭାଜନର ଦ୍ୱିଗୁଣିତ ହେବା ସମ୍ଭବ ହୋଇଥିଲା ! ପ୍ରାୟ ୨୦ ବର୍ଷ ଏହି ପଦରେ ରହି ୧୮୮୨ ଖ୍ରୀଷ୍ଟାବ୍ଦରେ ସରକାରୀ ଚାକିରିରୁ ଗୌରୀଶଙ୍କରଙ୍କ ଅବସର ଗ୍ରହଣ କଲେ । ଓଡ଼ିଶାର ତତ୍କାଳୀନ କମିଶନର ସାହେବ 'ରାମ ସାହେବ' ନାମରେ ପ୍ରେରିତ-

ଦେଖିଲେ ପ୍ରବେଶଦ୍ୱାରରେ ଲେଖା ଥିଲେ । ସେ ଗୌରୀଶଙ୍କରଙ୍କୁ ଦେଖାଇ କହୁ-ଥିଲେ—ସେଇ ଏହା କରେ ମହିମା ଭକ୍ତ ମହିମ ।

ଗୌରୀଶଙ୍କର ଏକାନ୍ତ ସାହିତ୍ୟପ୍ରେମୀ; ପ୍ରାଚୀନ ସାହିତ୍ୟ ଉପରେ ତାଙ୍କର ଦଖଲ ଥିଲା; ପ୍ରିଣ୍ଟିଂ କମ୍ପାନୀ ହିଁ ଏହାର ପ୍ରକାଶ ଓ ପ୍ରଚାର ଦାୟିତ୍ୱ ନେଇ ବହୁତ କରିଥିଲେ ଓ ଏହାଦ୍ୱାରା ବିଦେଶୀ ଭାଷିକମାନେ ଯେ ଓଡ଼ିଆ ସାହିତ୍ୟର ଅସ୍ତିତ୍ୱ ପ୍ରମାଣ କରି-ଥିଲେ; 'ଇନ୍ଦ୍ରଧନୁ' ଓ 'ବିଜୁଳି' ସଂଗ୍ରାମରେ ସେ ଭାଷାକୁ ପକ୍ଷ ସମର୍ଥନ କରିଥିଲେ ଓ କେତୋଟି ଗବେଷଣାତ୍ମକ ପ୍ରବନ୍ଧ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରିଥିଲେ । କିନ୍ତୁ ସାହିତ୍ୟ ସାଧନା ଲାଗି ସେ ଅବକାଶ ସୃଷ୍ଟି କରିପାରି ନ ଥିଲେ; ସାମ୍ବାଦିକତା ଓ ସମାଜସେବାରେ ହିଁ ତାଙ୍କର ସମସ୍ତ ଶକ୍ତି ନିୟୋଜିତ ହୋଇଥିଲା ।

ପାଦ୍ରୀମାନଙ୍କ ସ୍ଥାପିତ ମିଶନ ପ୍ରେସ ଖ୍ରୀଷ୍ଟିୟାନ ଧର୍ମପୁସ୍ତକ ଓ ପାଠ୍ୟପୁସ୍ତକ ସବୁ ପ୍ରକାଶ କରୁଥିଲା; ଓଡ଼ିଆ ସାହିତ୍ୟ ପୁସ୍ତକ ଛାପିବାର କୌଣସି ବ୍ୟବସ୍ଥା ନ ଥିଲା । ବିଚିତ୍ରାନନ୍ଦ ଓ ଜଗନ୍ମୋହନଙ୍କ ସହଯୋଗରେ ୧୮୬୮ ଖ୍ରୀଷ୍ଟାବ୍ଦରେ ପ୍ରିଣ୍ଟିଂ କମ୍ପାନୀ ସ୍ଥାପିତ ହେଲା । କନିକାର ରାଜେନ୍ଦ୍ର ବାହାଦୁର ଓ ଢେଙ୍କାନାଳ ରାଜା ଭଗୀରଥ ମହେନ୍ଦ୍ର ବାହାଦୁର ଏ ଦିଗରେ ବିଶେଷ ସହାୟକ ହୋଇଥିଲେ ।

ଏକ ଛାପାଖାନା ସ୍ଥାପନ ଏ ଯୁଗର ଏକ ଉଲ୍ଲେଖଯୋଗ୍ୟ ଘଟଣା ନୁହେଁ, କିନ୍ତୁ ସେ କାଳରେ ଏହା ଦେଶୀୟ ଲୋକଙ୍କ ଏକ ମହାନ୍ ସ୍ୱପ୍ନ ସ୍ୱରୂପରେ ଏକାନ୍ତ ଦୃଷ୍ଟି-ଆକର୍ଷଣକାରୀ ହୋଇଥିଲା, ଆଧୁନିକ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲା, ପ୍ରାଚୀନ ସାହିତ୍ୟକୁ ଅଭିନବ ରୂପରେ ଏ ସମୟରେ ପରିବେଷଣ କରିଥିଲା, ଦେଶର ସ୍ୱରୂପ ରୂପାୟିତ କରି ଏକ ସମ୍ବାଦପତ୍ର ପ୍ରକାଶ କରିଥିଲା । କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନା ଦେଶ, ଭାଷା ଓ ସାହିତ୍ୟପ୍ରେମୀଙ୍କର ଏକ ମହନୀୟ କୃତିତ୍ୱ । ଏହାର ମାଧ୍ୟମରେ ହିଁ ଅଭ୍ୟୁଦୟ ଯୁଗର ଶୁଭାରମ୍ଭ ।

ସେ ଯୁଗରେ ଟାଇପ ଢଳାଇବା ଏବଂ ସେତେବେଳେ ସହଜସାଧ୍ୟ ବ୍ୟାପାର ନ ଥିଲା । ସୀସା ଅକ୍ଷର ତିଆରି ହୋଇ ନ ଥିଲା; ପଥରପଟା ଉପରେ ହାତରେ ଲେଖି ଛାପିବାକୁ ହେଉଥିଲା । ପଥରରେ ଅକ୍ଷର ଲେଖିବାରେ ରଘୁନାଥ ପାଠିଆଙ୍କ ନାମ ସ୍ମରଣୀୟ; ତାଙ୍କ ଲିପି ଅତ୍ୟନ୍ତ ସୁନ୍ଦର ହେଉଥିଲା । 'ଅକ୍ଷର ଛାପା' ଶୀର୍ଷକରେ ୪-୮-୧୮୬୭ର 'ଉତ୍କଳଦୀପିକା'ରେ ଗୌରୀଶଙ୍କର ଲେଖିଥିଲେ —"ଆମ୍ଭେମାନେ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ପଥର ଛାପାରେ ଚଳାଇ ଆସିଥିଲୁ ଅକ୍ଷର ଛାପାରେ ପତ୍ରିକା ଆରମ୍ଭ କଲୁଁ । ପଥରଛାପା ଅକ୍ଷର ପାଠକମାନେ ପଢ଼ିବାକୁ କ୍ଲେଶ ପାଉଥିଲେ । ତଥାପି ଆମ୍ଭେମାନେ କାଳିକର ମୂଲ୍ୟ ଉପସ୍ଥାପନରେ ହେଉଥିବାରୁ ପ୍ରତିକାର କରିବାକୁ ସକ୍ଷମ ହୋଇ ନ ଥିଲୁଁ । ଏଥର ବୋଧ ହୁଏ ସେମାନେ ତାଦୃଶ କଷ୍ଟ ପାଇବେ ନାହିଁ ଓ ଅକ୍ଷର ଛାପାରେ ଆମ୍ଭେମାନେ ଓଡ଼ିଆ ଧନ ହେଲା କାର୍ଯ୍ୟାରମ୍ଭ କରୁଥିବାରେ ଯଦ୍ୟପି କ ପ୍ରଥମ ହୁଉ

ଜନ ସମ୍ପାଦ୍ଧ କରି ସବାଙ୍କର ବିଷୟ ହେଉନାହିଁ । ମାତ୍ର ଅଳ୍ପ କାଳରେ ଉକ୍ତ ମୁଦ୍ରାଙ୍କନ ଦ୍ୱାରା ପାଠକ ମହାଶୟଙ୍କୁ ଅବଗତ କରିବୁଁ ବୋଲି ଭରସା ଅଛି" ।

ପ୍ରିଣ୍ଟିଂ କମ୍ପାନି ପ୍ରାଚୀନ କାବ୍ୟ, ମହାଭାରତ, ରାମାୟଣାଦି ପୁରାଣ, ଧର୍ମଶାସ୍ତ୍ର, ଓଡ଼ିଆ ପାଞ୍ଜି ପ୍ରକାଶ କରୁଥିଲେ । ଗୌରୀଶଙ୍କରଙ୍କ ଦକ୍ଷ ନେତୃତ୍ୱରେ ଏହି ଅନୁଷ୍ଠାନ ସୁନ୍ଦର-ଭାବରେ ଚାଲୁଥିଲା, ଅଂଶୀଦାରମାନଙ୍କୁ ୫୫ ହଜାର ଟଙ୍କା ଲାଭ ଦେଇ ୭୦ ହଜାର ଟଙ୍କାର ସମ୍ପତ୍ତି ଅର୍ଜନ କରିଥିଲା । ୧୯୧୭ ପର୍ଯ୍ୟନ୍ତ ସେ ଏହା ସହିତ ସଂପୃକ୍ତ ଥିଲେ ।

## ଉତ୍କଳଦୀପିକା

'ଉତ୍କଳ ଦୀପିକା' ହିଁ ଉତ୍କଳ ଗୌରବ ଗୌରୀଶଙ୍କରଙ୍କ ଜୀବନର ସର୍ବଶ୍ରେଷ୍ଠ କୀର୍ତ୍ତି । ପ୍ରିଣ୍ଟିଂ କମ୍ପାନି ସ୍ଥାପନର ଠିକ୍ ୧ ବର୍ଷ ପରେ ଅର୍ଥାତ ୧୮୬୬ ଖ୍ରୀଷ୍ଟାବ୍ଦରେ ଏହି ସମ୍ବାଦପତ୍ରର ଆତ୍ମପ୍ରକାଶ । ପ୍ରଥମ ଅବସ୍ଥାରେ ପତ୍ରିକା କୃଷ୍ଣବର୍ଣ୍ଣ ଓ ଶୀସା ଅକ୍ଷରର ବ୍ୟବହାର ଏହା ସାପ୍ତାହିକରେ ପ୍ରକାଶିତ ହେଉଥିଲା । ୧୮୬୭ ଜାନୁଆରୀ ଠାରୁ ଏହାର ଦ୍ୱିତୀୟ ବର୍ଷର ଗଣନା ହୋଇଥିଲା; ଗୌରୀଶଙ୍କରଙ୍କ ଏହାର ପ୍ରଥମ ସମ୍ପାଦକ ଭାବରେ ନିଯୁକ୍ତ ହୋଇଥିଲେ । ଲୁଣ୍ଠନକାରୀ କୁଟନୀତିଜ୍ଞ ଶୋଷକ, ଦାମ୍ଭିକ ଜମିଦାର ସାହୁକାର ଦେଶଦ୍ରୋହୀ ସ୍ୱାର୍ଥପର ଜମିଦାର ଓ ବିଦେଶୀ ମଧ୍ୟରେ ଦାନବୀୟ ଶକ୍ତି ଗୌରୀଶଙ୍କରଙ୍କ ନାମରେ ଏକ ବଡ଼ ଆତଙ୍କ ଥିଲା; ବୁଦ୍ଧି ପ୍ରବୃତ୍ତିର ସମ୍ପର୍କ ହୋଇ ନଥିଲା; ପୁଅ ବାପକୁ ବି 'ଦୀପିକାରେ ଦେବି' ବୋଲି ଭୟ ଦେଖାଉଥିଲା; ଫଳରେ ଲୋକ ଦୀପିକାକୁ 'ଦୀପିକାନ୍ଧ ଗୋରା' । ସ୍ୱାର୍ଥ ଓ ଶତାବ୍ଦୀକୁ ଅଧିକ କାଳ ଏହି ପତ୍ରିକା ନିରବଚ୍ଛିନ୍ନ ଭାବରେ ଚାଲିବା କଠିନ ହେବ ଏକ ଅସାଧ୍ୟ ସାଧନ ।

ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଜାତୀୟ ଜୀବନର ଏକ କରୁଣତମ ଅଧ୍ୟାୟ । ଏଥିରେ ଏକ ତୃତୀୟାଂଶରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା; ଏହା ଜାତୀୟ ଜୀବନକୁ ବିପର୍ଯ୍ୟସ୍ତ ଓ ନିସ୍ତେଜ କରିଦେଇଥିଲା । ଏହି ସର୍ବନାଶୀ ଦୁର୍ଭିକ୍ଷ ସରକାର ଓ ସମ୍ବାଦପତ୍ର ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରି ଗୌରୀଶଙ୍କର ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ କବଳରୁ ରକ୍ଷା କରିଥିଲେ । ଦୀପିକା ହୋଇଥିଲା ଦେଶବାସୀଙ୍କ ଜାଗୃତି ବାହିକା, ଅନ୍ଧକାରର ଏକ ଜ୍ୱଳନ୍ତ ଦୀପଶିଖା ।

ଜନକଲ୍ୟାଣ ଉଦ୍ଦେଶ୍ୟରେ କେବଳ ଜନକ ବ୍ରିଟିଶ ଅମଳର ପ୍ରଥମବର୍ତ୍ତୀ ସମାଲୋଚନା ଜାତି । ମହାନଦୀର ବନ୍ଧ ନିର୍ମାଣ, କୋଣାର୍କ ଓ ମାଣ୍ଡିଆ, ଢାଙ୍କଣ୍ଡା କେନାଲର ସମ୍ବାଦ ଓ ମଦ୍ୟପାନ ପ୍ରତିରୋଧ ଦାବି କରିଥିଲା ୧୮୬୭-୬୮ରେ କଟକରେ ସ୍ତ୍ରୀଶିକ୍ଷା କଲେଜ ଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ, କଟକରେ ନର୍ମାଲ ସ୍କୁଲ ସ୍ଥାପନ, ହିନ୍ଦୁ ବାଳିକା ବିଦ୍ୟାଳୟ, ବହୁ ଉଚ୍ଚ ଓ ନିମ୍ନ ବିଦ୍ୟାଳୟ ସ୍ଥାପନ ଦ୍ୱାରା ଶିକ୍ଷାର ପ୍ରସାର, ଓଡ଼ିଶା ବାହାରେ ଥିବା ଓଡ଼ିଆ ଭୂଭାଗ ଏକତ୍ରିତ ଓ ମୁଦ୍ରଣ, ଉତ୍କଳ ଭାଷାର ଉନ୍ନତି ନିମନ୍ତେ ପ୍ରଚାର, ଉତ୍କଳ ଭାଷାର ଉନ୍ନତି ଥିଲା ସମ୍ପାଦକଙ୍କର

ଓଡ଼ିଆ ଶିକ୍ଷାବିସ୍ତାର, ଉତ୍କଳ ସ୍ୱତନ୍ତ୍ର ପରୀକ୍ଷା ଶ୍ରେଣୀ, ଭଦ୍ରଲୋକଙ୍କ ଶିକ୍ଷା ଦେବାର ବିଧାନ, ଓଡ଼ିଆ ଭାଷାରେ ଶିକ୍ଷାଦାନର ଆବଶ୍ୟକତା, ଉତ୍କଳବାସୀ ଉଠାଇ ଦେବାର ଉଦ୍ୟମ, ଜନ୍ମଭୂମିରେ ଶିକ୍ଷାଦାନ, ଉତ୍କଳ ସନ୍ତାନଙ୍କ ଶୋଚନୀୟ ଦଶା, ଉତ୍କଳ ଭାଷାର ପୁନରୁଦ୍ଧାର ପାଇଁ ହୋଇଥିବା ସଭା ଆଦିର ବିବରଣୀ ପ୍ରକାଶ କରି ଓ ପଥପ୍ରଦର୍ଶନ ଦେଇ ପତ୍ରିକା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା ଓ ଜନଜାଗରଣ ଦିଗରେ ଉଦ୍‌ବୋଧନ କରିଥିଲା ।

ଓଡ଼ିଶା ଖଣ୍ଡିତ ଅଞ୍ଚଳଗୁଡ଼ିକର ମିଶ୍ରଣ, ବାଲେଶ୍ୱର ଜେଲରେ ଜାତି ସମ୍ପ୍ରଦାୟଙ୍କର ମିଶ୍ରଣ, ଓଡ଼ିଶା ସଙ୍ଗେ ସଂଯୁକ୍ତ ହେବାଲାଗି ସଂଗ୍ରାମର ଆୟୋଜନ, ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ପତ୍ରିକାର ନେତୃତ୍ୱ ଉଲ୍ଲେଖଯୋଗ୍ୟ ।

କେଉଁଝରର ଭୂୟାଁ ବିଦ୍ରୋହ, କଟକ ଜେଲର ରକ୍ଷା ଓ ମୋଗଲବନ୍ଦୀ ଜମିଦାରଙ୍କ ଅତ୍ୟାଚାର, ନୀଳକର ଅନ୍ୟାୟ ଜୁଲମ, ସାହୁ ଅତ୍ୟାଚାର, ଜମିଦାରୀ ଶାସନର ଦୁର୍ନୀତି, ଅଫିସ ଓ ଅଦାଲତ କଚେରୀର ଅନିୟମ, ଖାନଦାନୀ ଶିକ୍ଷା ଶାସନର ତ୍ରୁଟି ଭୂମିକୁ ପତ୍ରିକାରେ ପ୍ରକାଶ ପାଉଥିଲେ ।

ସମ୍ବାଦ ସେବାରେ, ପ୍ରଜାଙ୍କର ଦୁଃଖଦୈନ୍ୟ ଦୂରକରଣରେ ଗୌରୀଶଙ୍କରଙ୍କ ଐତିହାସିକ ଭୂମିକା ପ୍ରଶଂସାଯୋଗ୍ୟ ।

ଦୁର୍ଭିକ୍ଷ ରିଲିଫ-ସଙ୍ଗଠନ, ଓଡ଼ିଆ ତାଳପତ୍ର ପୋଥି ଉଦ୍ଧାର, କମ୍ପାନୀ ସ୍ଥାପନ, ଓଡ଼ିଆ ଜୋଇଣ୍ଟଷ୍ଟକ କମ୍ପାନୀ ସ୍ଥାପନ, କଟକର କଲେଜ, ବାଲିକା ବିଦ୍ୟାଳୟ ସ୍ଥାପନ, ଓଡ଼ିଶାରେ ପ୍ରଥମ ରେଳପଥ, ଓଡ଼ିଶାରେ ପୋଷ୍ଟାଫିସ ଲାଇନ ଆଦିର କଥା, ନବ ଉତ୍କଳର ଓ ରତ୍ନାକର, ସୁଭଦ୍ରା ଦେବୀଙ୍କ କଳାପାଣି, ସରକାରୀ ଚାକିରିରେ ଓଡ଼ିଆ ଲୋକଙ୍କ ନିଯୁକ୍ତି, ମଧୁସୂଦନ ରାଓ, ରାଧାନାଥ ରାୟ, ନବକିଶୋର ଦାସ, ଫକୀରମୋହନ, ରାଧାନାଥ, ଗୋପବନ୍ଧୁ, ବୟସ୍ ଆଦି ସାହିତ୍ୟିକଙ୍କ କୃତିତ୍ୱ, ଓଡ଼ିଆ ଷ୍ଟାମ୍ପ ଟିକେଟ ଓ ପୋଷ୍ଟକାର୍ଡ଼ ପ୍ରଚଳନ ଆଦି ଧର୍ମ, ଅର୍ଥନୀତି ଓ ଇତିହାସ ଉପଯୋଗୀ ସମ୍ବାଦ ପତ୍ରିକାରେ ପ୍ରକାଶ ପାଉଥିଲା ।

କଟକରେ କୌଣସି ସାଧାରଣ ପାଠାଗାର ସ୍ଥାପନ ଲାଗି ଏକାଧିକ ବର୍ଷ ଧରି ଗୌରୀଶଙ୍କର ଆନ୍ଦୋଳନ ଚଳାଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ଲାଭ, ଉତ୍କଳର ସାମୂହିକ ଅଭ୍ୟୁତ୍ଥାନ ପରେ ବି ତାହା ସମ୍ଭବ ହୋଇ ପାରିନାହିଁ ।

ଓଡ଼ିଆ ଭାଷାର ସ୍ୱାର୍ଥରକ୍ଷା ଓ ବିକାଶ ଦିଗରେ ପତ୍ରିକାର ଭୂମିକା ଅତୁଳନୀୟ । ଆଧୁନିକ ସାହିତ୍ୟର ଅଭ୍ୟୁଦୟ ସମୟରେ ନାନା ପଡ଼ୋଶୀ ଚକ୍ରାନ୍ତରେ ଧୂମାୟିତ; ଓଡ଼ିଆ ଭାଷାକୁ ନିପାତ କରିଦେବା ଥିଲା କେତେକ ଅଦୂରଦର୍ଶୀ, ମୁଷ୍ଟିମେୟ ବଙ୍ଗାଳୀଙ୍କର ଅପଚେଷ୍ଟା । ଓଡ଼ିଶାର ଗୌରବମୟ ଇତିହାସ ଓ ସଂସ୍କୃତି ବିଷୟରେ ଅଜ୍ଞ ସେମାନେ, ସ୍ୱାର୍ଥାନ୍ଧ; ଓଡ଼ିଶାର ଜଳବାୟୁ ନାମରେ ଯୋଗ ପ୍ରକାଶ କରୁଥିଲେ;

ସେମାନଙ୍କ ଓଡ଼ିଆ ଭାଷା ଉଚ୍ଛେଦ ଚେଷ୍ଟା ଫଳବତୀ ହୋଇନାହିଁ, ଏପରିକି ବୌଦ୍ଧ ସରକାରଙ୍କ ମନୋଭାବ; ଯାହାଙ୍କ ସେ ଥିଲା ତାଙ୍କର ଜନ୍ମଭୂମି । ପ୍ରାଦେଶିକ ସହାୟତାରେ ସେ ଭାଷାର ଦୃଢ଼ତାକୁ ଅକ୍ଷୁଣ୍ଣ କରି ରଖିବା କରିପାରିଥିଲେ । ବୌଦ୍ଧଙ୍କ ଉତ୍କଳୀୟମାନେ ଓଡ଼ିଆ ଏବଂ ଓଡ଼ିଆ ଜାତି ଚିର ସ୍ମରଣ କରିବ ।

ପାଠ୍ୟ ପୁସ୍ତକର ଅଭାବ ଓଡ଼ିଆ ଭାଷାର ଦୁର୍ଗତିର ମୁଖ୍ୟ କାରଣ ଥିଲା ? ଏହି ଅଭାବ ଦୂର କରିବା ଲାଗି ସରକାର ପୁରସ୍କାର ଘୋଷଣା କରିଥିଲେ । ଢେଙ୍କାନାଳର ରାଜା ଓଡ଼ିଆ ସାହିତ୍ୟପ୍ରେମୀ ଭଗୀରଥ ମହେନ୍ଦ୍ର ବାହାଦୁର ଓଡ଼ିଶାର ଇତିହାସ ସଙ୍କଳନ ଲାଗି ହଜାରେ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । ସେତେବେଳେ ରାଧାନାଥ ପରେ ପ୍ୟାରୀମୋହନ ଆଚାର୍ଯ୍ୟ, ବିଷ୍ଣୁ ଚରଣ ପଟ୍ଟନାୟକ, ଜଗନ୍ନାଥ ଦାସ, ଜଗନ୍ମୋହନ ଲାଲ, ଫକୀରମୋହନ ସେନାପତି, ମଧୁସୂଦନ ବନ୍ଦ୍ୟୋପାଧ୍ୟାୟ, କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଦ୍ୱାରିକାନାଥ ଚକ୍ରବର୍ତ୍ତୀ ଓ ଗୌରୀଶଙ୍କର ରାୟ ଓଡ଼ିଆ ପାଠ୍ୟପୁସ୍ତକ ରଚନା ଦିଗରେ ବ୍ରତୀ ହୋଇଥିଲେ । ପାଠ୍ୟପୁସ୍ତକ ପ୍ରକାଶ ପରେ ଓଡ଼ିଶାରେ ବଙ୍ଗଳା ସ୍ଥାନରେ ଓଡ଼ିଆ ଚଳାଇବା ସମ୍ଭବ ହୋଇଥିଲା, ସରକାରୀ ଆଦେଶ ବି ମିଳିଥିଲା । କିନ୍ତୁ ସେତେବେଳେ ସ୍କୁଲମାନଙ୍କରେ ଅଧିକାଂଶ ଶିକ୍ଷକ ଥିଲେ ବଙ୍ଗାଳି, ଓଡ଼ିଆ ଭାଷାରେ ପାରଦର୍ଶିତାର ଅଭାବ ସେମାନଙ୍କ ବିଶେଷ କରି; ଓଡ଼ିଆ ଭାଷା ପ୍ରଚଳନରେ ସେମାନେ ହେଲେ ମୁଖ୍ୟ ପ୍ରତିବନ୍ଧକ; ଏ ଆନ୍ଦୋଳନର ସୂତ୍ରପାତ କଲେ ସ୍ୱର୍ଗତ କାନ୍ତିଚନ୍ଦ୍ର ପଣ୍ଡିତ । ଓଡ଼ିଆଙ୍କ ସହିତ ସମସ୍ୟାକୁ ନେଇ ସେ ଏକ ପୁସ୍ତକରେ ଲେଖିଥିଲେ—

“ଉତ୍କଳର ଅଧିବାସୀ ଯେ ହେବେ, ସେ ସମସ୍ତେ ଉତ୍କଳଭାଷା ପରିତ୍ୟାଗ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଚେଷ୍ଟା କରିବେ । କାରଣ ସେତେବେଳେ ଉତ୍କଳ ଭାଷା ଉଠିଯାଇ ନାହିଁ ସେତେବେଳେ ସେଠାର ଲୋକର ଉନ୍ନତି ହେବ ଅସମ୍ଭବ ।

ତାଙ୍କ ସମୟରେ କଲିକତାରେ ଓଡ଼ିଶାର ଅଧିକନ ସ୍ତ୍ରୀ, ଲୋକସଂଖ୍ୟା ମାତ୍ର ୭ ଲକ୍ଷ । ସେଥିରୁ ସ୍ତ୍ରୀ, ଶିଶୁ ବାଦ୍ ଦେଲେ ୧୦/୧୨ ଲକ୍ଷ ଓଡ଼ିଆ ଲେଖା ଜାଣିବା ସମ୍ଭବ । ଏତେ କମ ଲୋକ ଙ୍କ ଏକ ସ୍ୱତନ୍ତ୍ର ଭାଷା ରହିପାରିବ ? ଅସୁବିଧା ଅନେକ; ଖଣ୍ଡିଏ ପୁସ୍ତକ ଛପାଇ ବିକ୍ରୀରୁ ତାର ମୂଲ୍ୟ ଉଠାଇବା ଅସମ୍ଭବ । ଯେଉଁ ବଙ୍ଗଳାରେ ଏକ ହଜାର ପୁସ୍ତକ ମୁଦ୍ରିତ ହେଉଥିବା ସ୍ଥଳେ ଓଡ଼ିଶାରେ ତିନି ଶହ ଖଣ୍ଡରୁ ଅଧିକ ମୁଦ୍ରିତ ହୋଇପାରୁନାହିଁ । ଏ ଅବସ୍ଥାରେ ଓଡ଼ିଆ ଭାଷାର ଉନ୍ନତି କରାଯାଇ ନ ପାରେ ।

ଏହି କଥାର ତୀବ୍ର ପ୍ରତିବାଦ କରି ୧୮୬୯ ଖ୍ରୀଷ୍ଟାବ୍ଦରେ ଗୌରୀଶଙ୍କର ପତ୍ରିକାରେ ଲେଖିଥିଲେ—

“ଯାହାର ଯେଉଁ ବିଷୟରେ ଜ୍ଞାନ ନାହିଁ ତାହାର ସେହି ବିଷୟରେ କୌଣସି କଥା କହିବା ଅନୁଚିତ ଅଟେ । ପ୍ରକୃତରେ ଦେଖାଯାଏ ଯେ ଉତ୍କଳବାସୀ

ପ୍ରଚଳିତ ହେବା ଭୂମିର ଅନୁଚିତ ବଙ୍ଗଳା ପ୍ରଚଳିତ ଥିବା ଦେଖିଲୁ ଉଣା ଲାଗଇ, ଅତଏବ ଉତ୍କଳବାସୀର ଉନ୍ନତି ହେବାର ସମ୍ଭାବନା ଅଛି ।"

ଓଡ଼ିଶା ବର୍ତ୍ତମାନ ବଙ୍ଗୀୟ ହୋଇ ବଙ୍ଗ ପଦବୀରେ ମିଶିଛି । ଓଡ଼ିଆ ଭାଷା ଜନସେବାର୍ଥ ଲାଞ୍ଛନା ବାକ୍ୟ ପ୍ରାପ୍ତ ହୋଇଅଛି । ଉତ୍କଳବାସୀ ଧୂଳି ଉଡ଼ାଇ କୁସିଆ ହୋଇ ଛାପାରେ ଶୋଉଅଛି । କେହି ଏହାର ଚର୍ଚ୍ଚା କରିବାକୁ ନାହିଁ । ତାଙ୍କ ଦେଶରେ ଏହି ଅବସ୍ଥା ସହିଲେ ଉନ୍ନତି ନାହିଁ, ଏ ଅଧୋଗତି ସାମୟିକ ମାତ୍ର ।

ତୃଣଭିତରେ ହାଲଦାର 'Star' ପତ୍ରିକାରେ ଏକ ପତ୍ର ପ୍ରବନ୍ଧ ଲେଖିଥିଲେ, ତାର ମର୍ମ -- "ଏଣିକି ଓଡ଼ିଆ ଭାଷାର ପୁସ୍ତକ ବଙ୍ଗାକ୍ଷରରେ ଛପାହେବା ଅବଶ୍ୟକ । ତାହାହେଲେ ବଙ୍ଗଳା ଓ ଓଡ଼ିଆ ଲେଖକ ଓ ପାଠକମାନେ ଓଡ଼ିଆ ଭାଷା ସହଜରେ ଶିଖି ପାରିବେ ।

ପତ୍ରିକା ଏ ସମ୍ପର୍କରେ ନିମ୍ନ ତାତ୍ପର୍ଯ୍ୟର ମନ୍ତବ୍ୟ ପ୍ରକାଶ କରିଥିଲେ — "ହାଲଦାର ବାବୁଙ୍କ ଉପରେ ଓଡ଼ିଆର ଉନ୍ନତି ନିର୍ଭର କରିବାକୁ ହେବ । ପ୍ରଧାନ ଯୁକ୍ତି ଏହା ଯେ ବଙ୍ଗଳା କାଗଜ ଓ ସମ୍ବାଦରେ ଓଡ଼ିଆକ୍ଷର ଲେଖା ହେଲେ ତେବେ ବଙ୍ଗଳା ଅକ୍ଷରରେ କାହିଁକି ଲେଖା ନହେବ ? ଆଉ ଦେଶୀୟ ପାଠକମାନେ ଯେବେ କାଗଜ, କଲମ, ପିଲାଙ୍କର ପୁସ୍ତକ ବଙ୍ଗଳା ନ କାଣନ୍ତି ତେବେ ଦୂରଣ ଲାଗନ୍ତି ଯେ ଏ ସମସ୍ତ ବଙ୍ଗଳାକୁ ଜାତ ହୋଇଅଛି !

ଓଡ଼ିଆ ଅକ୍ଷର ବିଲୁପ୍ତ, ଦେଶୀ ବଙ୍ଗାଳୀ; ହାଲଦାରଙ୍କ ଏହି ଉକ୍ତିରେ ଗୌରୀଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି —

ଓଡ଼ିଆ ଓ ବଙ୍ଗଳା ଅକ୍ଷର ସମ୍ବନ୍ଧ ବାବୁ ମନୋରଞ୍ଜନ ତୁଳନା ପରୀକ୍ଷା ଓ ତୁଳନା କରି ଦେଖିଲେ ଯେ ବଙ୍ଗଳା ଅକ୍ଷର କେତେ ଦୋଷ ପାଉଅଛି, ଏଥି ତାହାଙ୍କୁ ଉଚ୍ଚମୁକ୍ତା ଦ୍ୱାରରେ ବହନ କେତେ ପଦନ ପ୍ରାପ୍ତ କର କାଳୁଲମାନ ଦେଖିଲ । ଅଥବା ବାବୁଙ୍କର ବେଶିକର ହବ ହୃଦୟ ହୋଇଥିବ ଯେ ଚିଉଳ ଛୁଆ ଦେଖି ଗୋପ ଭିନ୍ନାଙ୍କର ବାଣୀ ଚକ୍ଷୁରାକୁ ମନରେ ପଡ଼ିବାକୁ ସ୍ୱପ୍ନରେ ସ୍ମୃତି ହୋଇଗଲେ । ଯଦିବେ ଏପରି କିଛି ନ ହୋଇଥିବ, ତେବେ ବାବୁ କାହିଁକି ଏ ଦୁଇ ଅକ୍ଷରକୁ ଦେଖି ଦେଖି ବଙ୍ଗଳାକୁ ସୁନ୍ଦର ମନେକରି ହଠାତ୍ ଚମକି ପଡ଼ିଲେ ଦେଇବ ବଙ୍ଗଳା ଅକ୍ଷର ଏତେ ସୁନ୍ଦର ଦେଖି ଓଡ଼ିଆ ଭାଷା ବାହାରି ଏଥିର ଲେଖା ନ ହେବ ?' 'ନବସମ୍ବାଦ' ଛିନ୍ନ ନାମରେ ଏକ ନାମହୀନ ଶର୍ଚ୍ଚିତ ପତ୍ରିକାରେ ପ୍ରକାଶ ପାଇଥିଲା —

"ବଙ୍ଗାଳି, କି କହିବି ଅବସ୍ଥିତ
କାହିଁ ଏଥି ଦଳି ଅତସ୍ମିତ ରଖ
ଓଡ଼ିଆ ଧାର୍ମିକ ଯାହାଙ୍କ ପଣ୍ଡିତ
ଜନମ ବାଡ଼ିଥିଲା ହେଲା
କବାକିଲ ତାଙ୍କୁ ଓଡ଼ିଆ ଅକ୍ଷର
ଭାଷା ଉଠିକ୍ କରିଲେରେ ।

ମିଶି ନାନା ଜାତି ବୋଲନ୍ତି ଯୁକତି
ବୁଝି ହୋଉଛୁ ଜଡ଼ବତ
ଏ କି ଛଦ୍ମଛଟା ଅପର ଲୋକେ ତୋ
ନଷ୍ଟ କରନ୍ତି କଣ୍ଠାଘାତରେ ।

ଛାଡ଼ପତ୍ରେ ଦେଇ ପିଲାଙ୍କ ଭାଷାକୁ
ଶିକ୍ଷକେ ଶିଖାନ୍ତି ସେମନ୍ତ
ବଙ୍ଗଳା ଅକ୍ଷରେ ଓଡ଼ିଆ ଲେଖିବା
ଶିଖନ୍ତି ଦେଖନ୍ତୁ ଭିତରେ ।

ପାଇ ଏ ସମ୍ମାନ ସ୍କୁଲ୍‌ର ପ୍ରଧାନ (ଅଧ୍ୟାପକ)
କହୁଛନ୍ତି ଦେଖ ଆଜି
ତା ଦେଖି ମୁଁ ଶୁଣି ଯଦି ବଳିଭଦ୍ରେ ଦେଖିଲି
କଦାପି ଦେଖିବା ବାଟରେ ।”

ସ୍କୁଲ୍‌ମାନଙ୍କରେ ଉଭୟ ବଙ୍ଗଳା ଓ ଓଡ଼ିଆ ପଢ଼ାଇବାକୁ ସରକାରୀ ଆଦେଶ ଥିଲା; କିନ୍ତୁ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପକ୍ଷେ ଓଡ଼ିଆ ପଢ଼ାଇବା କାଠିକର ପାଠ ଥିଲା । ଅଜ୍ଞତା ପାଛେ ପଦାରେ ପଡ଼ିଯିବ, କାନ୍ତିଚନ୍ଦ୍ର ଶଙ୍କିତ ହେଲେ; ‘ମୂର୍ଖ ମାଇଚଲା ତିନି ମଣି’ ହେଲା ତାଙ୍କର ଉକ୍ତି; ଏହାର ଅନ୍ୟ ନାମ ବକ୍ତୃତା; ଓଡ଼ିଆ ବର୍ଣ୍ଣ ଓ ଶବ୍ଦ ସହିତ ତୋଟାଏ ସମସ୍ତ ଭାଷାକୁ ଏଇ ସ୍ୱରରେ ବଙ୍ଗଳା କରିଯାଇ ନପାରେ । କିନ୍ତୁ କାନ୍ତିଙ୍କ ମୁଖରେ ଲୁଚ ପଶିଥିଲା; ସେଥିରୁ ତାହା-ଙ୍କର ‘ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ’ ପୁସ୍ତକ । ପଣ୍ଡିତଙ୍କ ମତରେ ବଙ୍ଗଳା ଗୋଟିଏ ସ୍ୱତନ୍ତ୍ର ଭାଷା, ଓଡ଼ିଆ ତାର ବିକୃତ ରୂପାନ୍ତର । ବିକୃତ ଭାଷା ନ ପଢ଼ି ଶୁଦ୍ଧ ଭାଷା ପଢ଼ିବା ଦେଶ ପକ୍ଷରେ ମଙ୍ଗଳକର । ପ୍ରକୃତ ପକ୍ଷେ କାନ୍ତିଙ୍କର ମନ୍ତବ୍ୟ ହିଁ ଅନୁକୂଳ ଥିଲା; ଓଡ଼ିଆ ଭାଷାର ସ୍ୱତନ୍ତ୍ର ଅସ୍ତିତ୍ୱ ଅସ୍ୱୀକୃତ ହେବା ଫଳରେ ଏକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା; ଆଧୁନିକ ସାହିତ୍ୟ ସୃଷ୍ଟି ଓ ପ୍ରାଚୀନ ସାହିତ୍ୟ ପ୍ରକାଶ ଲାଗି ଏହା ଯୋଗାଇଥିଲା ନୂତନ ଉଦ୍ଦୀପନା ।

ଗୌରୀଶଙ୍କର ଉତ୍କଳଦୀପିକା ପତ୍ରିକାରେ ଲେଖିଥିଲେ- “କେବଳ କେତେକ ଶବ୍ଦର ସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲିଯାଇ ପାରେ, ତେବେ କେହି ଉଡ଼ିଆକୁ ହିନ୍ଦୀ ବା ବଙ୍ଗଳା ନାମରେ ଅଭିହିତ କଲେ ଦୋଷ ହେବ ନାହିଁ । ମାତ୍ର ଭାଷାତତ୍ତ୍ୱବିତ୍‌ମାନେ ରୁଚିକୁ ଏପରି ଅବିଚାର କରନ୍ତି ନାହିଁ । ଅଥଚ ବଙ୍ଗର କେତେ ଲୋକଙ୍କର ଏହିପରି କହିବାର ଅନେକ କାରଣ ଅଛି । ଓଡ଼ିଶାର ଇତି-ହାସ ବଙ୍ଗଳାରେ ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଶାସନ କରୁଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ଶୁଣା ନାହିଁ । ଅତଏବ ବଙ୍ଗଳା ଓ ହିନ୍ଦୀ କୌଣସିରେ ଓଡ଼ିଶାର ସ୍ୱତ-ନ୍ତ୍ରତା ରହିବ ବଙ୍ଗଳାକୁ ଦେଖିବା ପ୍ରତ୍ୟକ୍ଷ ସେଥି ନିମନ୍ତେ ଅନ୍ୟଠାରେ ଲୁଣୀ

ହୋଇଥିଲେ ଏହା କଦାଚ ସମ୍ଭବ ନୁହେଁ | ବରଂ ଓଡ଼ିଶାର ଭାଷା କେତେକ ଅଞ୍ଚଳରେ ବଙ୍ଗଳାର ଅନୁମାନସିଦ୍ଧ ଅଟେ |

"ବାଲେଶ୍ୱରରେ ଓଡ଼ିଆଙ୍କର କେବଳ ଭାଷାଟି ଭିନ୍ନ ଅଛି ବଙ୍ଗଳାରେ କେବଳ ନାହିଁ | ମାତ୍ର ଶିକ୍ଷିତ ଘରରେ କି କିଛି ପୋଷାକରେ ?"

"କେବଳ ମୂର୍ଖମାନେ, ପୁଣି ସାହସ ମଧ୍ୟ କେତେକ, ସଂସ୍କୃତ, ପାରସୀ, ଓ ଇଂରାଜୀ ଶବ୍ଦମାନଙ୍କୁ ବଙ୍ଗଳା ବୋଲି ଅଜ୍ଞାନତାର ପରିଚୟ ଦେଇ ଥାଆନ୍ତି |"

ଦୀପିକା, ୨୭।୨।୧୮୭୦

"ସ୍ୱଭାବର ଶବ୍ଦ ପକ୍ଷପାତଶୂନ୍ୟ ହୋଇ ବିଚାର କରିବାକୁ ଚେଷ୍ଟା କରି-ଥାନ୍ତେ ତେବେ ଜାଣିପାରନ୍ତେ ଯେ ବର୍ତ୍ତମାନ ବଙ୍ଗଳା ଓ ଓଡ଼ିଆରେ ଯେଉଁ ପୁସ୍ତକାଦି ରଚିତ ହୋଇଅଛି ତହିଁରେ ଅଧିକ ସଂସ୍କୃତ ଶବ୍ଦ ମିଶ୍ରିତ ହୋଇଥିବାରୁ ଏ ଦୁହିଁଙ୍କର କିଛି ସମତା ଦେଖାଯାଏ | ସୁତରାଂ ଏ ଦୁଇ ଭାଷାକୁ ପୃଥକ୍ ବୋଲିବାକୁ ହେବ ଓ ଜାଣିବାକୁ ହେବେ ପୁସ୍ତକ ରଚନା କଲେ ଦୁଇ ଭାଷା କଦାଚ ଏକ ହୋଇ ନ ପାରିବ |"

'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ,' ଉ. ଦୀ.
୩ | ୯ | ୧୮୭୪

ନିଜ ମତକୁ ଦୃଢ଼ତର କରିବା ଲାଗି ଗୌରୀଶଙ୍କର ଏ ପ୍ରସଙ୍ଗରେ 'କାଲ-କଟା ରିଭ୍ୟୁ'ର ମତ ଉଦ୍ଧାର କରିଛନ୍ତି | ଏହା ହିଁ ତାଙ୍କ ଏ ବିଷୟରେ ସିଦ୍ଧାନ୍ତ, ଆମକୁ ଜଣାଯାଉଛି —

"ପୁସ୍ତକ ଲେଖିବାରେ ପ୍ରକାଶ ଯେ ଓଡ଼ିଶା କଟକ ସମ୍ମୁଖରେ ବଙ୍ଗଳା ପରବର୍ତ୍ତିରେ ଓଡ଼ିଆ ଭାଷା ସ୍ୱତନ୍ତ୍ର କରିବାରେ କମିଶନର ଓ ମିଶନାରୀମାନେ ଭ୍ରମରେ ପଡ଼ିଅଛନ୍ତି | କାରଣ ଏ ଦୁଇ ଭାଷାକୁ ସେମାନେ ପୃଥକ୍ ଜ୍ଞାନ କରନ୍ତି | ତଦନୁ-ସାରେ କେତେକ ଓଡ଼ିଆ ସ୍ୱତନ୍ତ୍ର ଭାଷା ନଥିବା ଓ ତାହା ବଙ୍ଗଳାର ଅପଭ୍ରଂଶ ନାହିଁ ଥିବାର ପ୍ରମାଣ କରିବାକୁ ଚେଷ୍ଟା ପାଇଅଛନ୍ତି | ମାତ୍ର ଆମ୍ଭମାନଙ୍କ ବିବେଚନାରେ ସେ କୃତକାର୍ଯ୍ୟ ହୋଇନାହାନ୍ତି | ତାହାଙ୍କର ମତ ସମର୍ଥନ ପାଇଁ ସେ କେତେକ ମାତ୍ର ହେତୁ ଦର୍ଶାଇ ଅଛନ୍ତି | ତାହା ଏହି ଯେ ଅନେକ ବଙ୍ଗଳା ଓ ଓଡ଼ିଆ ଶବ୍ଦ ଏକା ପ୍ରକାର ଅଛି | କିନ୍ତୁ ଏ କଥା ବଙ୍ଗଳା ଓ ଗୁଜୁରାଟି ସମ୍ବନ୍ଧରେ ମଧ୍ୟ କୁହାଯାଇପାରେ ଓ ଆମ୍ଭେମାନେ ଅନେକ ଅନେକ ଅନୁଭବ କରି କହୁଅଛୁଁ ଯେ କେତେ ସୁଶିକ୍ଷିତ ବଙ୍ଗାଳୀ ଗୁଜୁରାଟୀର ଗୋଟିଏ ଅକ୍ଷର ପଢ଼ିବା ନ ଜାଣି ଭିନ୍ନ ଭାଷାର ଦଶାଂଶର ନ ଅଂଶ ବୁଝିପାରନ୍ତି ମାତ୍ର ଏଥିପାଇଁ କି କେହି ଗୁଜୁରାଟୀ କି ବଙ୍ଗଳାକୁ ଏକ ବୋଲି ଅନୁ-ମାନ କରନ୍ତି ? ପ୍ରକୃତ କଥା ଏହି ଯେ ଓଡ଼ିଆ, ବଙ୍ଗଳା, ଗୁଜୁରାଟି ଓ ଅନ୍ୟ ଭାଷା-ମାନ ସଂସ୍କୃତରୁ ଉଦ୍ଭବ ହୋଇଥିବାରେ ସେହି ହେତୁରୁ ତାହାଙ୍କର ସାଦୃଶ୍ୟ ଅଛି | ଆମ୍ଭେମାନେ ବୋଧ କରୁଁ ନାହିଁ ଯେମନ୍ତ ଗୋଟି ଭିନ୍ନ ଭାଷା ଉପର ଭିନ୍ନ ଭାଷାର

ଅପଭ୍ରଂଶ ହୁଅନ୍ତା, ସେହିପରି ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ହୁଅନ୍ତା । ଯେବେ ବି ଓଡ଼ିଆ ଏକ ବଙ୍ଗଳା ହୁଅନ୍ତା (ଆମ୍ଭେମାନେ ଏ କଥା ସ୍ୱୀକାର କରୁନାହୁଁ) ତେବେହେଁ ଗଭର୍ଣ୍ଣମେଣ୍ଟ ଏହାକୁ ଓଡ଼ିଆ ଅଦାଲତମାନଙ୍କର ଭାଷା କରିବାରେ ସମର୍ଥ ନ ହୋଇ ପାରିଥାନ୍ତେ ! କାରଣ ଏହା ମଧ୍ୟ ବଙ୍ଗଳା ହେଲେ ମଧ୍ୟ ଓଡ଼ିଶା ପ୍ରତି ଭଲ ଭାଷା ଅଟଇ ଏବଂ ଓଡ଼ିଶାର ତିନି କୋଟି ଲୋକ କେବଳ ଏ ଭାଷାରେ କଥାବାର୍ତ୍ତା କରନ୍ତି ଏମନ୍ତ ନୁହେ । ଏ ଭାଷାରେ ପ୍ରାଚୀନ ଅନେକ ସାହିତ୍ୟ ଗ୍ରନ୍ଥ ରଚନା ହୋଇଅଛି ଓ ନବ ନବ ରଚନା ମଧ୍ୟ ହେଉଅଛି ।

ଅତଏବ ଓଡ଼ିଆର ଲୋକଙ୍କୁ ବଳପୂର୍ବକ ବଙ୍ଗଳା ଶିଖାଇ ଦେବେ ଗଭର୍ଣ୍ଣମେଣ୍ଟ ସେହିପ୍ରାୟ ଅନ୍ୟାୟ କରନ୍ତୁ ନା ଯେମନ୍ତ ସମ୍ପ୍ରତି ଗଭର୍ଣ୍ଣମେଣ୍ଟ ଉପରେ ଜିଦ୍‌ର ଭିଜାଣ୍ଡା ହୋଲ୍‌ଷ୍ଟାନର ପ୍ରଭୁ ବିସ୍ତୃତରେ ଅନ୍ୟାୟାଚରଣ କରିଥିଲେ ।’’

ଆପଣଙ୍କ ସମର୍ଥନ କରିବାକୁ ଯେ ଏଣ୍ଡ୍ରୁଲେଜଣେ ଲେଖକଙ୍କର ମତ ମଧ୍ୟ ଉଦ୍ଧାର କରୁଅଛନ୍ତି; ଏହାର ସମ୍ପାଦକ ନାଗେନ୍ଦ୍ରନାଥ, ମୈଥିଳି ଭାଷାର ଜଣେ କବିଙ୍କୁ କର୍ମିକ୍କ ଓ ସମ୍ପୃକ୍ତ ପଣ୍ଡିତ । ହିନ୍ଦୀ ଭାଷାବିଦ୍‌ଙ୍କର ଅଭାବରୁ ନିଜେ ଅଧିକାର ଭାଷା ବିଷୟରେ ଅଜ୍ଞ । ଓଡ଼ିଆର ପକ୍ଷପାତୀ ହେବାର ମଧ୍ୟ ବିଶେଷ କିଛି କାରଣ ନାହିଁ ।

‘‘ଜନକେ ଆମ୍ଭମାନଙ୍କ ବିବେଚନାରେ ଯେ ସେଇ ପ୍ରତାପିନେ ‘ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ’ ପ୍ରମାଣ କରୁଅଛନ୍ତି ସେ ପ୍ରଣାଳୀ ଅବଲମ୍ବନ କଲେ ଓଡ଼ିଆ କାହିଁକି ହିନ୍ଦୀ ମଧ୍ୟ ସ୍ୱତନ୍ତ୍ର ଭାଷା ନୁହେଁ ଏ କଥାର ପ୍ରମାଣ ହୋଇପାରେ । ବଙ୍ଗଳା ଓ ଓଡ଼ିଆ ଭାଷାରେ ଯେପରି ଅନେକ ମେଳ ଅଛି ହିନ୍ଦୀ ଓ ବଙ୍ଗଳାରେ ମଧ୍ୟ ସେହିପରି ମେଳ ଦେଖାଯାଏ ।’’

‘‘ରାଜେନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଅବଲମ୍ବିତ ଯୁକ୍ତି ପଦ୍ଧତିକୁ ସତ୍ୟ ସତ୍ୟ ସଙ୍ଗତ ବୋଲି ଧରିଲେ କହିପାରେ ଯେପରି ଓଡ଼ିଶା ଦେଶରେ ବଙ୍ଗଳା ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇଅଛି, ସେହିପରି ବଙ୍ଗଳା ଓ ଓଡ଼ିଶା ଉଭୟ ଦେଶରେ ହିନ୍ଦୀ ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇପାରେ ଅଥବା ମଙ୍ଗଳାର୍ଥ ଆର୍ଯ୍ୟାବର୍ତ୍ତରେ ଏକ ବଙ୍ଗ ଭାଷା ବା ଏକ ଓଡ଼ିଆ ଭାଷା ବା ଏକ ଆସାମୀ ଭାଷା ଅଥବା ହିନ୍ଦୀ ଭାଷା ପ୍ରଚଳିତ ହେବା ଉଚିତ ବୋଲି ମଧ୍ୟ ପ୍ରତିପନ୍ନ ହୋଇପାରେ ।’’

‘‘ସେ ଯେଉଁ ସ୍ଥଳରେ ଓଡ଼ିଆ ଓ ବଙ୍ଗଳାର ମେଳ ଦେଖିଛନ୍ତି ସେହି ସ୍ଥଳେ ବୁଝିଛନ୍ତି ବଙ୍ଗଳା ବୋଲିଅଛନ୍ତି । ଯେଉଁ ସ୍ଥଳେ ଭିନ୍ନ ରୂପ ଦେଖିଅଛନ୍ତି ସେ ସ୍ଥଳରେ ଓଡ଼ିଆକୁ ବିକୃତ ବଙ୍ଗଳାର ଅପଭ୍ରଂଶ ବୋଲିଅଛନ୍ତି, ଏହି ସେ ଯୁକ୍ତିର ଫଳ । ଯେଉଁ ସ୍ଥଳରେ ହିନ୍ଦୀର ମେଳ ସେ ସ୍ଥଳରେ ବଙ୍ଗଳା କାହିଁକି ହିନ୍ଦୀର ଓଡ଼ିଆର ଅପଭ୍ରଂଶ ନ ହେବ ? ଏହି ଅପଭ୍ରଂଶ ଏକ ମାତ୍ର ମହା ଅନର୍ଥକର । କିଏ କାହାର ଅପଭ୍ରଂଶ ତାହା ଏହା ବିଚାର କରିବା ଆବଶ୍ୟକ ଥିଲା ।

( ୩୦।୭।୧୮୭୦, ଉ:ଦୀ: ସଂଖ୍ୟା ୨୮ )

ପଣ୍ଡିତପ୍ରବରେ ଗୌରୀଶଙ୍କର ଜନ୍ମ ସିଦ୍ଧାନ୍ତରେ ଉଦ୍ଧୃତ ହୋଇ ଏହି ଅଶ୍ଳାଘ୍ୟ ସଂଗ୍ରାମର ବର୍ଣ୍ଣନାପ୍ରୋକ୍ତ ଅବଦାନ ଦେଖାଇଛନ୍ତି —

"ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ଉତ୍ପନ୍ନ ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ, ଏକ ବୃନ୍ତରେ ଭିନ୍ନ ଭିନ୍ନ ପୁଷ୍ପ ମାତ୍ର । ମୂଳ ବୃକ୍ଷ କାଳ ସହକାରରେ ଲୋପ ପାଇଅଛି । ଶାଖାଗଣ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରସ୍ପରର ନିରପେକ୍ଷ ହୋଇ ପ୍ରାଣ ଧାରଣ କରୁଅଛନ୍ତି । ଏମାନଙ୍କୁ ବଳପୂର୍ବକ ଏକ ଶ୍ରେଣୀରେ ପରିଣତ କରିବାକୁ ଚେଷ୍ଟାକଲେ ବୃଥା ଶ୍ରମହିଁ ହେବ । ଜୀବନ ସ୍ରୋତ ଯେ ଦିଗ ହୋଇ ପ୍ରବାହିତ ହେଉଅଛି ତାହା ଅଉ ଫେରିବାର ନୁହେ । ସେ ମିଳିବାର ସମୟ ଯାଇଅଛି । ସେତେବେଳେ ବଙ୍ଗଳା ଓ ଓଡ଼ିଆ ମିଳିବାର ହୋଇଥାନ୍ତା ଏମାନଙ୍କର ଶୈଶବାବସ୍ଥାରେ ଯେ ମେଳ ପଡ଼ିଥାନ୍ତା । ବର୍ତ୍ତମାନ ଏ ଦୁହେଁ ସମର୍ଥ ଯୁବପୁରୁଷ ଓ ସ୍ୱାଧୀନ ଭାବରେ ପ୍ରାଣ ଧାରଣେ ଉପଯୋଗୀ ଅଙ୍ଗ ପ୍ରତ୍ୟଙ୍ଗ ଭୂଷିତ ହୋଇଅଛନ୍ତି । ଏତେବେଳେ ଏମାନଙ୍କର ଜାତିକୁ ବଳପୂର୍ବକ ଅଦାଲତ ଓ ବିଦ୍ୟାଳୟମାନଙ୍କର ବହିଷ୍କୃତ କଲେ ଲୋପ ପାଇ ପାରିବ ନାହିଁ । ସୁତରାଂ ଅଦାଲତ ଓ ବିଦ୍ୟାଳୟରେ ବଳ ପ୍ରଚଳିତ ଭାଷାର କ୍ରମେ ଅବନତି ହେବ । ଆମ୍ଭେମାନେ ଆସାମର ଅଦାଲତରେ ପ୍ରଚଳିତ ବଙ୍ଗଭାଷା ଦେଖିଅଛୁଁ ।"

ଗୌରୀଶଙ୍କର ଆଧୁନିକ ଓଡ଼ିଆ ଗଦ୍ୟଶୈଳୀର ଜଣେ ପ୍ରବର୍ତ୍ତକ । ଉତ୍କଳ ଦୀପିକାର ଭାଷା ସାଧାରଣ ଭାବ ପ୍ରକାଶକ ଭାଷା, ସରଳ ସହଜବୋଧ୍ୟ । ଏହା ଭିନ୍ନ ଅଂଶରେ ସାହିତ୍ୟିକ ଗଦ୍ୟ, ବ୍ୟଙ୍ଗାତ୍ମକ, ସମାଲୋଚନାମୂଳକ, ହୃଦ୍ୟ, ହୃଦ୍‌ଗ୍ରାହୀ ସଜାଡ଼ିଆ, ଗବେଷଣାମୂଳକ, କିନ୍ତୁ ଅଧିକାଂଶରେ ଦୈନନ୍ଦିନ ଜୀବନ ଆଲୋଚନା-ରେ ବ୍ୟବହୃତ ଗଦ୍ୟ, ଅତ୍ୟଧିକ ସଂସ୍କୃତ ଶବ୍ଦ ପ୍ରୟୋଗରେ ଭାରାକ୍ରାନ୍ତ ନୁହେଁ । ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉକ୍ତି ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ —

'ଗୌରୀଶଙ୍କର ସମ୍ପାଦକ ରୂପେ ଅବତୀର୍ଣ୍ଣ ହେବା ପୂର୍ବରୁ ଉତ୍କଳର ଗୋଟିଏ ସାଧାରଣ ଭାଷା ନଥିଲା । ପୂର୍ବେ ଲିଖିତ ଭାଷାରେ ଉତ୍କଳୀୟମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହେଉ ନଥିବାରୁ ଉତ୍କଳ ଭାଷା ପ୍ରାଦେଶିକତାରେ ପୂର୍ଣ୍ଣ ଥିଲା । ଏମନ୍ତ କି ଉତ୍କଳ ଭାଷା ଗୋଟିଏ ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାକୁ ଅନ୍ୟ ଅଞ୍ଚଳର ଲୋକେ ବୁଝି ପାରୁ ନଥିଲେ । ଭାଷାରୁ ପ୍ରାଦେଶିକତା ଦୂର କରି ସମଗ୍ର ଉତ୍କଳରେ ଗୋଟିଏ ସାଧାରଣ ଭାଷା ପ୍ରବର୍ତ୍ତାଇବା ବିଷୟରେ ଉତ୍କଳଦୀପିକା ଯେଉଁ କାର୍ଯ୍ୟ କରିଅଛି ତହିଁର ମୂଲ୍ୟ ନିରୂପଣ କରିବା ସହଜ ନୁହେଁ ।"

( ଗୋପାଳଚନ୍ଦ୍ର ପ୍ରହରାଜ, ଉତ୍କଳ ସାହିତ୍ୟ, ତ୍ରିବିଂଶ ବର୍ଷ)

ଗୌରୀଶଙ୍କରଙ୍କ ପତ୍ରିକା ସମ୍ପାଦକୀୟ ବିଷୟରେ ସୁସାହିତ୍ୟିକ ଶ୍ରୀ ଶଶିଭୂଷଣ ରାୟଙ୍କ ଉକ୍ତି ମଧ୍ୟ ଯଥାର୍ଥ :—

"ଏହି ଲୋକଶିକ୍ଷାପ୍ରବୃତ୍ତ ସମ୍ପାଦକୀୟ ରଚନାରେ ଉତ୍କଳୀୟ ଦେଶୀଜନର, ଜାତିର, ଜୀବନର, ଭୂଷଣର, ବ୍ୟକ୍ତିର, ସମାଜର, ସାଧକର, ଭକ୍ତର, ଧର୍ମୋନ୍ମାଦର, ହୃଦ-

ଗ୍ରୋହ୍ମ୍ୟାମ ଓ ଡ୍ରବନ୍ତ ଠିକ ଅନୁରୂପ ହୋଇଥିଲା । ତାହାଙ୍କ ବାଇ ମୂଢା ପ୍ରଭୃତି ଦ୍ୱାରା ନୂତନ ବୋଧ ହୋଇଥିଲା । (ଉ. ସା., କଟକ, ବୈଶାଖ ବର୍ଷ) ସ୍ୱାର୍ଥିନ ନାଟ୍ୟ ପଢ଼ ପାଇଁ ଅଳଳଗ୍ନ ହୁଡା; ତାର ସଂରକ୍ଷଣ ଲାଗି ସେ ସାଗତାତ ପରିଶ୍ରମ କରିଥିଲେ । "ତାହାଙ୍କର ଅଧ୍ୟବସାୟ ଓ ମହାକବି ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ଓ ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କ ସାଧାରଣ ଭାଷାରେ ଅନୁଦିତ କରାଇ ଉତ୍କଳକୁ ଗୌରବାନ୍ୱିତ କରିଅଛନ୍ତି ।"- (ଶିକ୍ଷୁସଦ ଦୃଷ୍ଟି)

କୌଣସିକର ଓଡ଼ିଆକୁ ମାତୃଭାଷା ରୂପେ ଶ୍ରୀବୃଦ୍ଧି ଅର୍ଜନ କରିଅଛନ୍ତି, ତାର ଗୌରବକୁ ସେ ଶୈଳୀ ଅନୁକୂଳ ପରିସ୍ଥିତିରେ ବୃଦ୍ଧି କରିବାକୁ ଦେଇ-ନାହାନ୍ତି । ଆମ୍ଭମାନଙ୍କ ମାତୃଭାଷା (ଉତ୍କଳଦୀପିକା, ଉ.ସା., ଦ୍ୱାଦଶ ସଂଖ୍ୟା) ଶୀର୍ଷକରେ ଏହା ସ୍ପଷ୍ଟ ହୋଇଅଛି —

ଆମ୍ଭମାନଙ୍କ ମାତୃଭାଷା ଓଡ଼ିଆ, ଏହା କୁହାଯିବା ବିଷୟମାନେ ମୂଳ ନାହାନ୍ତି । ଏଥିରେ ଏ ଭାଷାର ଉନ୍ନତି ହେବ ବୋଲି ସେହି ଆମ୍ଭମାନଙ୍କର ଇଚ୍ଛା । ପୃଥିବୀ ମଧ୍ୟରେ ଚଳିଛି ବୋଲି ନାହିଁ ଏହା ଦେଖାଇବାକୁ ଅଭିଳାଷ କରୁଅଛନ୍ତି ସେମାନେ ଆପଣା ଆପଣା ମାତୃଭାଷାକୁ ବୃଦ୍ଧି କରିବା ନିମନ୍ତେ ସାଧ୍ୟାନୁସାରେ ଯତ୍ନ କରୁ-ଅଛନ୍ତି; ମାତ୍ର ଦୁଃଖର ବିଷୟ ଏହି ଯେ ଆମ୍ଭମାନେ ତାହା ନକରି ତେଥିର ଅବହେଳା କରୁଅଛୁଁ । ଆମ୍ଭମାନଙ୍କ ମାତୃଭାଷା ଅତି ନୂତନ ଭାଷା ନୁହେଁ, ଏହା ବହୁ ଦିନର ଭାଷା । ଯେଉଁମାନେ ଏହା ଅବିଶ୍ୱାସ କରନ୍ତି ସେମାନେ ପୁରାତନ ପୋଥିମାନ ଦେଖନ୍ତୁ, ତାହାହେଲେ ଆମ୍ଭମାନଙ୍କର କଥାର ପ୍ରମାଣ ପାଇବେ । ଆମ୍ଭମାନଙ୍କ ମାତୃଭାଷା ପୂର୍ବେ ୨୦୦ ବର୍ଷ ପୂର୍ବେ ଯେପରି ଅବସ୍ଥାରେ ଥିଲା, ଆଜି ବଙ୍ଗଳା ଭାଷା ଏତେ ଉନ୍ନତି ଲାଭ କରି ପୂର୍ବ ଗ୍ରନ୍ଥ ଦେଖି ଭିନ୍ନ ଅବସ୍ଥାପନ୍ନ ହୋଇଅଛି । ଗୋପାଳକୃଷ୍ଣ, ଉପେନ୍ଦ୍ରଭଞ୍ଜ ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କ କାବ୍ୟ ଯେଉଁମାନେ ମନଦେଇ ପଢ଼ିଅଛନ୍ତି ସେହିମାନେ ଏଥିର ପ୍ରମାଣ ପାଇଅଛନ୍ତି ।

ଗୌରୀଶଙ୍କରଙ୍କ 'ଉତ୍କଳ ଭାଷୋଦ୍ଧାରିଣୀ ସଭା'ର ସମ୍ପାଦକ ଥିଲେ, ଓଡ଼ିଆ ସାହିତ୍ୟର ଉନ୍ନତି ଏହି ଅନୁଷ୍ଠାନର ଲକ୍ଷ୍ୟ ଥିଲା; ୧୮୭୭ ମସିହାରେ ଏହି ଅନୁ-ଷ୍ଠାନ ପ୍ରତିଷ୍ଠିତ ହୋଇଥିଲା । ଏହି ଅନୁଷ୍ଠାନ ଜରିଆରେ କଟକର ମୋହନଗର-ମାନଙ୍କ ଆଗେ ଏହାର ଦେଖା ମିଳିଥିଲା — "ଓଡ଼ିଆ ଭାଷା ଉନ୍ନତ ହେବ, ଏହି ଆଶାରେ ଉତ୍କର୍ଷ ସାଧନାରେ ଉଦ୍ୟୋଗ ହେବ ଏବଂ ବିଦ୍ୟାଳୟ ମଧ୍ୟକୁ ମାନଙ୍କରେ ବର୍ତ୍ତମାନ ଚଳିତ ଥିବା ମିଶ୍ରିତ ଭାଷା ପରିବର୍ତ୍ତରେ ବିଶୁଦ୍ଧ ଭାଷା ଚଳନ ହେବ ଓ କେବଳ ଉପଯୁକ୍ତ ବ୍ୟକ୍ତିମାନେ ଅମଲଦାରୀ କର୍ମ କରିପାରିବେ" ସେ ସମ୍ପାଦନ ହୋଇଥିଲେ ।

କଟକ ମୁଦ୍ରାଯନ୍ତ୍ରରେ କାଗଜ ବ୍ୟବସ୍ଥା ପ୍ରବର୍ତ୍ତନ, ପଲ୍ଲୀ ଗ୍ରାମମାନଙ୍କରେ କାଗଜ ଓ ଡାକ ବିଭାଗ ଗଠନ, କଟକରୁ ବୃନ୍ଦାବନ ଓ ବଡ଼ଦାଣ୍ଡ ପର୍ଯ୍ୟନ୍ତ ଷ୍ଟିମାର ପ୍ରଚଳନ, ସମ୍ବଲପୁରରୁ ଓଡ଼ିଆ ଭାଷା ପ୍ରତିଷ୍ଠାରେ ଶାସ୍ତ୍ର ପ୍ରଚାର ଓ

ସରକାରଙ୍କ ଦୃଷ୍ଟି ବଙ୍ଗଳୀଙ୍କୁ ଦେବେ ନ, ସମ୍ବଲପୁର ମଧ୍ୟପ୍ରଦେଶ ଅନ୍ତର୍ଗତ ଓଡ଼ିଆ ଅଞ୍ଚଳର ଓଡ଼ିଶା ଉତ୍କଳ ମିଶ୍ରଣ ଉଦ୍ୟମ ନାନା କାର୍ଯ୍ୟରେ ଏହି ଅଭାବ ଦୂର ହୋଇଥିଲା ।

ସେ ସମସ୍ତ କାଗଜରେ ଗୋଟିଏ କଥା ପ୍ରକାଶନର ପକ୍ଷପାତ ଥିଲେ । ଯେ ସେ ସମୟରେ ବିଭିନ୍ନ ପ୍ରାଦେଶିକ ସମ୍ବାଦପତ୍ର କେବଳ ପରସ୍ପର ଭାବାତ୍ମକ ଅନୁକ-ରଣ୍ଡୀ ହୋଇପାରନ୍ତି, ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ପ୍ରଦେଶର ମୂଳ ତାହା ଦୂର ହୋଇ-ଥିବ । ଗୌରୀଶଙ୍କରଙ୍କର ନିଜର ସାହିତ୍ୟ ଜଗତର ପ୍ରାଣ ଧାରଣ ଦୃଷ୍ଟାନ୍ତ ଦ୍ରଷ୍ଟବ୍ୟ (୧୬।୧୨।୧୯୧୭, ଉତ୍କଳ ଓ ଏକଜାତୀୟ ଭାଷା, ଉତ୍କଳ ଦୀପିକା) ।

ଆମର ଭାରତରେ କେବଳ ବଙ୍ଗର ନାମର ମୁଁ ଭଲ ଦେଖାଯାଏ । ଯେଉଁ ଦୃଷ୍ଟାନ୍ତ ଦେଖି ଦେଶୀୟ ସମ୍ବାଦପତ୍ର ଅଧିକ ଯୋଗ୍ୟତା ସହିତ ଉନ୍ନତ ହେବାର ସୂଚନା ହୋଇଅଛି, ସେମାନେ ଦେଶ ପକ୍ଷରେ ଭିନ୍ନ ଭିନ୍ନ ପ୍ରାଦେଶିକ ଭାଷା ଉନ୍ନ-ମାନ ହୋଇ ଉଠିବେ ନାହିଁ ପତ୍ରମାନଙ୍କରେ ପ୍ରକାଶ ଯେ ସମସ୍ତ ପରିବାର ଭାଷା ପ୍ରଚଳିତ ଏବଂ ପୁଷ୍ଟି ଲାଭ ହେବ । ଅନ୍ୟତଃ ଏକାଧିକ ଲୋକ ଭିନ୍ନ ଭିନ୍ନ ଭାଷା ଗ୍ରହଣ କରିବାର ସାମର୍ଥ୍ୟ ଶିକ୍ଷା ଦ୍ୱାରା ହିଁ ଆସିପାରେ । ଅନ୍ୟ ଦେଶରେ ଅନେକ ଲୋକଙ୍କର ସାହିତ୍ୟ ଜ୍ଞାନ ନିଜ ଭାଷାକୁ ସମର୍ଥ ହେବେ । ଅତଏବ ତାହା ମଧ୍ୟରେ ରହିଥାଉ ଥାଉ । କିନ୍ତୁ ଭିନ୍ନ ଭାଷାର ଯୋଗେ ଅନ୍ତର୍ଭୁକ୍ତ ହୋଇଯାଇଥିବା । ଯଥା ସାହିତ୍ୟକୁ ଆପଣା ଦେଶର ବଦଳରେ ରଖିବା ଅପେକ୍ଷା ସଥାସମ୍ଭବ ସ୍ୱତନ୍ତ୍ର ଭାବରେ କରିବା ଭଲ । ଏଥିପାଇଁ ହୋଇପାରେ, କେହି ଅସ୍ୱୀକାର କରିବେ ନାହିଁ, ଏ ବିଷୟ ସାହିତ୍ୟ-ସମାଜର ଏକ ଶକ୍ତି ହେବା ବାଞ୍ଛନୀୟ ।

ଏହି ବିଷୟରେ ସାମୟିକ ଅଧିକ ଉଦାହରଣ ମୁଁ ଦେଉନାହିଁ । ସାହିତ୍ୟ ଯେପରି ହୋଇଅଛି ଦେଖିବାର ଲୋକଙ୍କୁ, ସେହିପରି ପ୍ରକାଶ ସମ୍ପାଦକମାନଙ୍କରେ ହେବା ମୋର ଅଭିପ୍ରାୟ ।

ଜାନୁୟାରୀ ପରେ ୧୯୧୭ରେ ସେ ଉତ୍କଳଦୀପିକା ସହ ସମସ୍ତ ସମ୍ପର୍କ ଛିନ୍ନ କଲେ । ଗୃହ ଓ ସମ୍ପାଦକ ପାଠ ଓ ସଙ୍ଗୀତ ଚର୍ଚ୍ଚା ଦେଇ ସେଥି ଅଧିକାଂଶ ସମୟ । ସେହି ସମୟରେ ଭାରତ ସରକାର ତାଙ୍କୁ ରାୟ ବାହାଦୁର ପଦରେ ଭୂଷିତ କରିଥିଲେ । ୧୯୧୭ ମାର୍ଚ୍ଚ ମାସରେ ତାଙ୍କର ଦେହାନ୍ତ ହେଲା ।

ପାରିବାରିକ ସୁଖ ସନ୍ତୋଷ ତାଙ୍କ ଜୀବନରେ ନ ଥିଲା । ବାଲ୍ୟାବସ୍ଥାରୁ ଉତ୍କଳୀ ମାଣିକ ସିଂଙ୍କ କନ୍ୟାଙ୍କୁ ସେ ବିବାହ କରିଥିଲେ । ମାତ୍ର ୧୭ ବର୍ଷ ବୟସରେ ପତ୍ନୀଙ୍କ କନ୍ୟା ଓ ଗୋଟିଏ ପୁତ୍ର କୋଳରେ ଦେଇ ପତ୍ନୀ ଏମାନଙ୍କୁ ଛାଡ଼ି ଚାଲିଗଲେ । ଏଗାର ବର୍ଷ ବୟସରେ ଏକମାତ୍ର ପୁତ୍ର କୈଳାସର ଅକାଳ ମୃତ୍ୟୁ ଘଟିଲା । ଗୌରୀଶଙ୍କର ଦ୍ୱିତୀୟ ବିବାହ କରି ନ ଥିଲେ । ଦାନ ଶୀଳ ସ୍ୱଭାବର ତାଙ୍କ କାର୍ଯ୍ୟ ଅନେକ କ୍ଷେତ୍ରରେ ଥିଲା, ତାଙ୍କର ସନ୍ତାନ କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହୁଥିଲେ; ତେଣୁ ପତ୍ନୀବିୟୋଗ ପରେ ସେ ତାଙ୍କ ସାଂସାରିକ ଦୁଃଖ କଷ୍ଟ ବାଧି ନ ଥିଲେ । ଗୌରୀଶଙ୍କର ତିନି ଭାଇଙ୍କୁ ମଣିଷ କରିବାଲାଗି ସାହାଯ୍ୟ ଚେଷ୍ଟା କରୁଥିଲେ । ଭାଇମାନେ ଜ୍ୟେଷ୍ଠଭ୍ରାତାଙ୍କୁ ପିତାପରି ମାନୁଥିଲେ ।

ଗୌରୀଶଙ୍କରଙ୍କ ଜୋତା ନ ଥିଲେ, ତାଙ୍କ ପାରିବାରିକ ଜୀବନ ଏକାନ୍ତ ସରଳ ଥିଲା। ସେ ମୋଟା ଚାଉଳର ଭାତ ଖାଉଥିଲେ, ମୋଟା ଦେଶୀ ଲୁଗା ପିନ୍ଧୁଥିଲେ। ଦିନକରେ ବସ୍ତ୍ର ଧନ ସଞ୍ଚୟ କରୁଥିଲେ ଓ ମଧୁବାବୁଙ୍କ ପାଖରେ ତାହା ବାନ୍ଧି କରି ଦେଉଥିଲେ। ଶଶିଭୂଷଣ ରଥଙ୍କ ଭାଷାରେ କହିଲେ "ସେ ଦାନ ସଦାବ୍ରତ ଅନୁଷ୍ଠାନ ବ୍ୟବସ୍ଥା କରି ସମସ୍ତ ଅର୍ଥ ପରହିତ କାର୍ଯ୍ୟରେ ସମର୍ପଣ କରିଯାଇଛନ୍ତି।"

କଟକ ଟାଉନ୍ ହଲ ତାଙ୍କର ପ୍ରଧାନ କୀର୍ତ୍ତି; ୧୯୦୪ ଖ୍ରୀଷ୍ଟାବ୍ଦରେ ଏହା ନିର୍ମିତ; ଏଥିଲାଗି ଗୌରୀଶଙ୍କର ଏଗାର ହଜାର ଟଙ୍କା ବ୍ୟୟ କରିଥିଲେ। କଟକ କାଠଯୋଡ଼ିର କାନ୍ଥ ସ୍ନାନଘାଟ ସେ ଚଉଦ ହଜାର ଟଙ୍କା ବ୍ୟୟ କରି ନିର୍ମାଣ କରିଥିଲେ। ସେ ପ୍ୟାରୀମୋହନ ଏକାଡେମୀ ସ୍କୁଲର ବହୁ ଉନ୍ନତି କରିଥିଲେ; କଟକସ୍ଥିତ ଏହାର ଗୃହ ନିର୍ମାଣ ଲାଗି ବହୁ ଅର୍ଥ ବ୍ୟୟ କରିଥିଲେ। ସ୍ୱ-ଜନ୍ମସ୍ଥାନ ଦକ୍ଷିଣପଡ଼ା ଗ୍ରାମର ଉନ୍ନତି ଲାଗି ସେ ବହୁତ ଚେଷ୍ଟିତ ଥିଲେ। ଏହି ଗ୍ରାମରେ ସେ ଗୋଟିଏ ବାଳିକା ବିଦ୍ୟାଳୟ, ପାଠାଗାର ଓ ଡାକ୍ତରୀ ଔଷଧାଳୟ ସ୍ଥାପନ କରିଥିଲେ। ଏହି ଅନୁଷ୍ଠାନମାନଙ୍କର ଗୃହ ନିର୍ମାଣ ଲାଗି ସେ ହଜାରହଜାର ଟଙ୍କା ଦାନ କରିଥିଲେ ଓ ରକ୍ଷଣାବେକ୍ଷଣ ଲାଗି ବ୍ୟାଙ୍କରେ ସେମାନଙ୍କ ନାମରେ ଦଶହଜାର ଟଙ୍କା ରଖି ଯାଇଥିଲେ। ନୂଆ ବଜାର, ପୁଷ୍କରିଣୀର ଉଦ୍ଧାର, ପୁରାତନ ମନ୍ଦିରମାନଙ୍କ ଜୀର୍ଣ୍ଣୋଦ୍ଧାର ଆଦି କାର୍ଯ୍ୟରେ ସେ ଅକାତରରେ ବହୁ ଅର୍ଥ ବ୍ୟୟ କରିଥିଲେ।

ଗାଇବା ବଜାଇବାରେ ତାଙ୍କର ରୁଚି ଥିଲା। ବେଶ୍ୟାମାନଙ୍କୁ ସଙ୍ଗୀତ ଶିକ୍ଷା ଦେବାରେ ସେ ବହୁ ଅର୍ଥ ନିନିଯୋଗ କରିଥିଲେ। ବେଶ୍ୟାମାନଙ୍କ ଯୋଗେ ଓଡ଼ିଶୀ ସଙ୍ଗୀତ ଶିକ୍ଷା ବିସ୍ତାର ଲାଭ କରିବ, ଏହି ବିଶ୍ୱାସ ତାଙ୍କର ଥିଲା, ଏହା ବ୍ୟର୍ଥ ପ୍ରମାଣିତ ହୋଇଥିଲା।

ଗୌରୀଶଙ୍କର ଜଣେ ଦକ୍ଷ ସମ୍ପାଦକ, ଜଣେ ସମାଜସେବୀ, ଜଣେ ଉଚ୍ଚଧର୍ମୀ ଓ ଦାନବୀର। ଓଡ଼ିଶାର ସ୍ୱାର୍ଥର ଉନ୍ନତି ଲାଗି ସେ ଧନ, ମନ, ପ୍ରାଣ ଉତ୍ସର୍ଗ କରି ଯାଇଛନ୍ତି। ଉତ୍କଳର ଉନ୍ନତି ଚିନ୍ତା ତାଙ୍କୁ ଅନେକ ଆନନ୍ଦ ଦେଉଥିଲା। ସେ ବୁଝିଥିଲେ — ଜୀବନ ଅର୍ଥ ଧର୍ମ — ସତ୍ କର୍ମ — କର୍ମଠାରୁ ବଳି ଧର୍ମ ନାହିଁ। ସେଥିପାଇଁ ଜାତି ଉତ୍କଳର ପାଇଁ ସେ ତାଙ୍କ ଅଶେଷ ଆଚରଣ ବଞ୍ଚିବା ଲାଗି ନିଜ ଜୀବନକୁ ସେ ତିଳେ ତିଳେ ବ୍ୟବହାର କରିଥିଲେ। କବି ମଦନମୋହନ ପଟ୍ଟନାୟକ ଯଥାର୍ଥ ଲେଖିଛନ୍ତି—

"ଶ୍ରୁତିବାଦରେ ସ୍ଥିତପ୍ରଜ୍ଞ/ ଅନେକପଦରେ ସୁସ୍ଥିରମନ/ ସବ୍ୟସାଚୀ ଲକ୍ଷ୍ୟ ଧର/ ଧର୍ମଦେବ ସାକ୍ଷୀ କରି/ ଉତ୍କଳ କେତନ ଉଡ଼ାଇଲା/ ଗୌରୀଶଙ୍କର ତପୋଧନ।"

## ସାହାଯ୍ୟକାରୀ ଗ୍ରନ୍ଥ –

(୧) କର୍ମଯୋଗୀ ଗୌରୀଶଙ୍କର—ପଣ୍ଡିତ ମୃତ୍ୟୁଞ୍ଜୟ ରଥ (୨) ପ୍ରଧାନାଥ ଜୀବନୀ — ଦୁର୍ଗାଚରଣ ରାୟ (୩) ସମ୍ବାଦପତ୍ରେ ସେକାଳର ଓଡ଼ିଶା — ସୁଧାକର ପଟ୍ଟନାୟକ (୪) ଉତ୍କଳସାହିତ୍ୟ ପତ୍ରିକା

# ଊନବିଂଶ ଶତକର ଓଡ଼ିଶା : ଐତିହାସିକ ପ୍ରେକ୍ଷାପଟ

● ଡକ୍ଟର କୈଳାସ ଚନ୍ଦ୍ର ଦାଶ

---

## ॥ ଏକ ॥

ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ସମ୍ଭାବନା ରାଜନୈତିକ ଧାରାରେ ଅବଗାହନ କଲେ ଦେଖାଯିବ ଊନବିଂଶ ଶତାବ୍ଦୀ ଏକ ସ୍ୱତନ୍ତ୍ର ଧାରାରେ ବହିଯାଏ । ଏହି ସ୍ୱାତନ୍ତ୍ର୍ୟ ତାହାର ବୈଶିଷ୍ଟ୍ୟ ହୋଇପାରେ ! ପରବର୍ତ୍ତୀ ଶତାବ୍ଦୀର ଅନ୍ତତଃ ପାଇଁ ପ୍ରେରଣାର ଏକ ଉତ୍ସ ମାତ୍ର ଗଣ୍ୟ ହୋଇପାରେ । ବରଂ ଯେଉଁ ଦୃଷ୍ଟିକୋଣ ନେଇ ବିବେଚନା କଲେ ଅଷ୍ଟାଦଶ ଶତକର ଓଡ଼ିଶା ଊନବିଂଶ ଶତାବ୍ଦୀରେ ସଚେଷ୍ଟ ସ୍ପନ୍ଦନହୀନ; ଊନବିଂଶ ଶତକରେ ସେହି ପ୍ରବେଶର ଧାରା ଅବ୍ୟାହତ ହୋଇ ରହିଛି । ଅଷ୍ଟାଦଶ ଶତାବ୍ଦୀର ସାମାଜିକ ସାଂସ୍କୃତିକ ପରିବେଶ, ଅର୍ଥନୈତିକ ବ୍ୟବସ୍ଥା, ରାଜନୈତିକ ସ୍ଥିତି ଓଡ଼ିଶାରେ ଊନବିଂଶ ଶତକର ଆରମ୍ଭରୁ କେଉଁ ରୂପ ନେଇ ଥିଲା, ତାହା ଏ ଯାବତ ନିରପେକ୍ଷ ଢଙ୍ଗରେ ବିଶ୍ଳେଷଣ ହୋଇନଥିବା ଭଳି ମନେ ହୁଏ । ଊନବିଂଶ ଶତାବ୍ଦୀ ଯେ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ପର୍ଯ୍ୟାୟ ତାହାରେ କୌଣସି ଦୃଷ୍ଟିକୋଣରୁ ବିଚାର କଲେ, ଐତିହାସିକ ସହଜରେ ସିଦ୍ଧାନ୍ତ ଗ୍ରହଣ କରେ । ତେବେ ଏହି ବର୍ଣ୍ଣିତ ପର୍ଯ୍ୟାୟର ଜୀବନଧାରା ନାନା ଦୃଷ୍ଟିକୋଣରୁ ବିଚାର କରାଯିବା ଉଚିତ; ଯେଉଁ ତାହାର ବିକାଶ ଏବଂ କେଉଁ ପରବର୍ତ୍ତୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଏକ ଭିନ୍ନ ପର୍ଯ୍ୟାୟରୁ ଆରମ୍ଭ ପାଇଁ ପ୍ରେରଣାର ରୂପେ କାର୍ଯ୍ୟ କରିଥିଲା, ତାହା ମଧ୍ୟ ବିଚାର୍ଯ୍ୟ । ଆଲୋଚ୍ୟ ପ୍ରବନ୍ଧ ଊନବିଂଶ ଶତକ ଓଡ଼ିଶାର ସାମାଜିକ-ଅର୍ଥନୈତିକ, ରାଜନୈତିକ ଧାରା ଉପରେ ଆଲୋକପାତ କରେ । ସମସ୍ୟା – ପୀଡ଼ିତ ଏଠାର ଜନମାନସର ଶତାବ୍ଦୀଟି କିପରି ଭାବରେ ଓଡ଼ିଶାକୁ ନାନା ମୋଡ଼ ଦେଇ ସ୍ୱତନ୍ତ୍ର ପଥରେ ଆଗେଇ ନେଇ ତାହା ବିଶ୍ୱର ପରିସରରେ ରହିଯାଇଛି ।

## ॥ ଦୁଇ ॥

ଊନବିଂଶ ଶତକର ଆରମ୍ଭକାଳରେ ମୋଗଲ-ଆଫଗାନ ଶାସନର ପରିସମାପ୍ତି ପରେ ମରହଟ୍ଟା-ବର୍ଗୀ ଶାସନର ଅବସାନ ହେବାକୁ ବସିଥିଲା । ବର୍ଣ୍ଣିତ ଓଡ଼ିଶା ସାମ୍ରାଜ୍ୟର ଏକ ଉପେକ୍ଷିତ ଅଙ୍ଗ, ଖୋର୍ଦ୍ଧାରେ ଭୋଇବଂଶୀ ଶାସନ, ଅନ୍ୟତ୍ର କୁହାତ ଗଡ଼-ଗଡ଼ଜାତ ସାମ୍ରାଜ୍ୟର ଏକ ଅସ୍ଥିର ଦେହଗ୍ରନ୍ଥୀ ପରି ଢଳି ଯିବା ଅବସ୍ଥାରେ ସତେ ଯେପରି ବଞ୍ଚିରହିଥିଲା । ଅବ୍ୟାହତ/ଲୁଣ୍ଠନ ଅଶାନ୍ତ ମୋଗଲ ବର୍ଗୀ ଶାସନ, ବହୁ ସଂଘର୍ଷ/ସଂଶୋଧିତ ଗଡ଼ଜାତ ରାଜ୍ୟମାନ ସେତେବେଳେ ବର୍ଗୀ

ଆସାମରେ ଅଶାନ୍ତି ହୋଇ କେବଳ ଅନ୍ତଃଶୁ ମୂଳକ ଯୁଦ୍ଧ ଲଢ଼ୁଥିଲେ ମଧ୍ୟ ଦୃଢ଼ତାର ଓଡ଼ିଶାର ସମ୍ବଳଲୁଣ୍ଠନର ବାସ୍ତବରେ ଆପଣା ଆପଣା ପକ୍ଷରେ ଅଧୀନସ୍ଥ ହୋଇ ରହୁଥାଉଥିଲେ । ଗଙ୍ଗବଂଶ ଶାସକର ପ୍ରଥମ ପର୍ଯ୍ୟାୟରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀର କେତେକ ଲର୍ଡ଼ କୋର୍ଟ, ମୋରଗାନ୍, ଫର୍ଗୁସନ୍ ଏବଂ ଫେନ୍ଗ୍ରିନ୍ ପ୍ରଭୃତି ସୁବର୍ଣ୍ଣରେଖା ଠାରୁ ପୁଣ୍ୟ-ଚନ୍ଦ୍ରାମ ପର୍ଯ୍ୟନ୍ତ ସାମରିକ ଅଭିଯାନରେ ଅଧି ଖଣ୍ଡିତ ଓଡ଼ିଶାକୁ ଅଧିକାର କରିନେଲେ । ଗଙ୍ଗବଂଶ ଶାସକର ଅନ୍ତିମ କାଳରେ ଏହା ଥିଲା ସମ୍ଭବତଃ ଏକ ଅବିସ୍ମରଣୀୟ ଘଟଣା ଯାହା ପରବର୍ତ୍ତୀ ଓଡ଼ିଶା ଗଠନରେ ଏକ ବିଶେଷ ଭୂମିକା ଗ୍ରହଣ କଲା ।

ଆଫଗାନ-ମୋଗଲ ମରହଟ୍ଟା ଶାସନ କାଳରେ ପୂର୍ବ ପରମ୍ପରା ବ୍ରିଟିଶ ଗଜପତି ସାମ୍ରାଜ୍ୟର ସ୍ୱଳ୍ପତମ ଅଂଶ, ଓଡ଼ିଶା ରାଜ୍ୟ, ନାନା ଭାବରେ ବର୍ଣ୍ଣିତ ହୋଇଥିଲା । ଏକ ପକ୍ଷରେ ବହୁ ସ୍ୱତନ୍ତ୍ରକୃତ ଗଡ଼ଜାତ ରାଜ୍ୟ (ଅଟଘ ରାଜ୍ୟର ଅଂଶ ବିଶେଷ), ଅନ୍ୟ ପକ୍ଷରେ ଖଣ୍ଡ-ଚୌରାସୀ-ମୁଖ୍ୟ କଟକକୁ ମୋଗଲ-ମରହଟ୍ଟାମାନେ ଏକ ଖଣ୍ଡିତ ଅଂଶର ପ୍ରଧାନ କେନ୍ଦ୍ର କରି ଶାସନ କରୁଥିଲେ । ଅନ୍ୟ ଏକ ଅଂଶକୁ ଖେମୁଣ୍ଡିବଂଶୀ ରାଜାମାନେ ପୂର୍ବ ଗଜପତି ବଂଶଧର କେତେକ ଜାଗୀରଦାର ଖୋର୍ଦ୍ଧା-ମହଲ୍ଲ ଶାସନର କେନ୍ଦ୍ର କରି ଶାସନ କରୁଥିଲେ । ବ୍ରିଟିଶ କମ୍ପାନୀ ତାର ଶାସନ କାଳରେ (ସମ୍ଭବତଃ ୧୮୦୩ ବର୍ଷ ପରେ) ପୁଣି ନାନା ଭାବରେ ବିଚ୍ଛିନ୍ନ ହୋଇଥିବା ଓଡ଼ିଶା ସାମ୍ରାଜ୍ୟକୁ ଗଢ଼ି ତୋଳିବାର ଉଦ୍ୟମ ଆରମ୍ଭ କରିଥିଲେ । ତାହା କିନ୍ତୁ ଥିଲା ବିକେନ୍ଦ୍ରୀକରଣ ପ୍ରଚେଷ୍ଟା କ୍ଷମତା ହସ୍ତାନ୍ତର ରୂପ । ସମ୍ଭବତଃ ୧୮୦୩ ଖ୍ରୀଷ୍ଟାବ୍ଦରେ ଔପନିବେଶିକ ଦୃଷ୍ଟିକୋଣରୁ ଖଣ୍ଡିତ ଓଡ଼ିଶା ସାମ୍ରାଜ୍ୟକୁ ଏକତ୍ରିତ କରିଥିଲେ ମଧ୍ୟ ବ୍ରିଟିଶ କମ୍ପାନୀ ଅନ୍ୟ ଏକ ନୀତିବଳରେ ଏହାକୁ ନାନା ପ୍ରକାରେ ବିଭକ୍ତ କରି ଶାସନ କଲେ । ଏହି ଶତାବ୍ଦୀର ମଧ୍ୟ ଭାଗକୁ ଓଡ଼ିଶା ନାମକୁ ମାତ୍ର ରହିଲା । ବଙ୍ଗଳା, ମାଡ୍ରାସ ଏବଂ ମଧ୍ୟପ୍ରଦେଶ ଶାସନ ଅଧୀନରେ ରହିଥିଲା ଓଡ଼ିଶା ରାଜ୍ୟର ସ୍ଥିତି ଅଳ୍ପ ପ୍ରାୟତଃ ନଥିଲା; ଏକ ଦୁର୍ଦ୍ଦଶା ଥିଲା, ଏକ ଧାରଣା ଥିଲା ।

ଗଙ୍ଗବଂଶ ଶତାବ୍ଦୀର ଆରମ୍ଭ କାଳରୁ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବ୍ରିଟିଶ ଶାସକଙ୍କୁ ଓଡ଼ିଆବାସୀ ସହଜରେ ଗ୍ରହଣ କରିନେଇ ନଥିଲେ । ଆରମ୍ଭରୁ ବିଦ୍ରୋହ/ପ୍ରତିରୋଧର ସ୍ୱର ଉଠିଥିଲା ଖୋର୍ଦ୍ଧା । ଖୋର୍ଦ୍ଧାର ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ । ଏହା ଥିଲା ପରବର୍ତ୍ତୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ଏକ ସୀମିତ ଦୃଷ୍ଟିକୋଣରୁ । ପରେ ପରେ ଏହି ପ୍ରତିରୋଧ ନାନା ମୋଡ଼ ନେଇ ଓଡ଼ିଶାର ବିଭିନ୍ନ ଅଂଶରେ ଏକ ଅଶାନ୍ତ ପରିବେଶ ଆରମ୍ଭ କରିଥିଲା । ସମସ୍ତ ଗଙ୍ଗବଂଶ ଶାସକଙ୍କ ଓଡ଼ିଶାର ବିଭିନ୍ନ ଅଂଶରେ ବିଭିନ୍ନ ସାମାଜିକ ଶ୍ରେଣୀମାନଙ୍କର ବିଦ୍ରୋହ ବ୍ରିଟିଶ ଶାସନର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଖୋର୍ଦ୍ଧା, ଘଣପୁର, ଘୁମୁସର, ସମ୍ବଲପୁର, କେନ୍ଦୁଝର, ପାରଳାଖେମୁଣ୍ଡି, ରାଜପୁର ପ୍ରଭୃତି ଅଞ୍ଚଳରେ ବିଦ୍ରୋହ/ପ୍ରତିବାଦର ସ୍ୱର ଶତାବ୍ଦୀର ଆଦ୍ୟକାଳରୁ ଶେଷକାଳ ପର୍ଯ୍ୟନ୍ତ ରହଥାଇ-

ଥିଲା । ଏ ଦୃଷ୍ଟିରୁ ବ୍ରିଟିଶ୍ ଶାସନ ପୂର୍ବର ମୋଗଲ/ବର୍ଗୀ ଶାସନ ପର ଓଡ଼ିଶାବାସୀଙ୍କୁ ବିଶେଷ ପ୍ରଭାବିତ କରିପାରିନଥିଲା । ୧୮୨୨ ମସିହାରୁ ଜଣଙ୍କ ଭୂମିଖ ପରେ ବ୍ରିଟିଶ୍ ଶାସନର ଅଧୀନତା ସ୍ୱାଧୀନତା ସମସ୍ତେ ଉପଲବ୍ଧି କରିପାରିଥିଲେ ।

ପାଇକ ଅର୍ଦ୍ଧ-ବିଦ୍ରୋହୀ (୧୮୧୭-୨୫) ମଧ୍ୟରେ କନିକା, ଅନୁଗୁଳ ଓ ସମ୍ବଲପୁର ଅଞ୍ଚଳର ବହୁଲୋକ ସାମୟିକ ଭାବେ ମୁକ୍ତ ହେବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ମାତ୍ର ସେହି ଜାଗରଣ, ସ୍ୱାଧୀନତା ଓ ଶକ୍ତି ସାମର୍ଥ୍ୟ ପାଇକ ବିଦ୍ରୋହରେ ଶେଷ ଥର ପାଇଁ ଦେଖା ଦେଇଥିଲା ତାହା ପ୍ରାୟତଃ ଏ ଜାତିପାଇଁ ଅଗ୍ନିଶିଖ ହୋଇଥିଲା । ଜଡ଼ତା, ଜଡ଼ବାଦିତା, ନିଷ୍କ୍ରିୟତା ତଥା ବିଦେଶୀ ଶାସନ ପ୍ରତି ଅବିଶ୍ୱାସ ଓ ଘୃଣାଭାବ ଏ ଜାତି ପ୍ରାଣରେ ରହି ଯାଇଥିଲା । ଶାସକଙ୍କ ଚରମ ଅବହେଳା ଏ ଜାତିର ଜୀବନର ଉପାଦାନକୁ ଅଧିକ ବିପନ୍ନ କରିଦେଇଥିଲା । ସେଥିପାଇଁ ପାଇକ ଅର୍ଦ୍ଧ-ଶତାବ୍ଦୀର ଇତିହାସ ହେଉଛି ଅବହେଳିତ ଜନଜୀବନର ଏକ ମର୍ମନ୍ତୁଦ, ଅସହାୟତାର ଇତିହାସ । ଓଡ଼ିଆ ଜାତିର ମୁକ୍ତିପଥ ଅନ୍ୱେଷଣର ପ୍ରଥମ ଅଭିବ୍ୟକ୍ତି ପାଇକ ବିଦ୍ରୋହଠାରୁ ମୁକ୍ତ ପଥର ଶେଷ ସୀମା-ଛକଦ୍ୱାର ଜଣଙ୍କ ଭୂମିଖ ମଧ୍ୟରେ ଥିବା ଅର୍ଦ୍ଧ ଶତାବ୍ଦୀ—ପ୍ରତାରଣା/ପ୍ରବଞ୍ଚନାର ଏକ ମୌଳିକ ପର୍ଯ୍ୟାୟ ।

॥ ତିନି ॥

ଏହି ଶତାବ୍ଦୀର ଅଶାନ୍ତ ରାଜନୈତିକ ପରିବେଶରେ ଅର୍ଥନୈତିକ ସ୍ଥିତି ସମ୍ପୂର୍ଣ୍ଣ ବିପନ୍ନ ହୋଇଥିଲା । ମୋଗଲ-ଅଫଗାନ୍‌ମାନଙ୍କ ଦ୍ୱାରା ବହୁବାର ଶୋଷିତ, ମରହଟ୍ଟା-ବର୍ଗୀ ଦ୍ୱାରା ବାରମ୍ବାର ଲୁଣ୍ଠିତ, ଓଡ଼ିଶା ସାମ୍ରାଜ୍ୟର ପ୍ରଜାମାନେ/ସାମନ୍ତମାନେ ପୁନର୍ବାର ଏକ ନୂଆ ସାମ୍ରାଜ୍ୟବାଦୀ ଶକ୍ତିର ଶୋଷଣ-କଳରେ ଆବଦ୍ଧ ହେବାକୁ ବସିଥିଲେ । ୧୮୦୩ ଖ୍ରୀଷ୍ଟାବ୍ଦଠାରୁ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବ୍ରିଟିଶ ଶାସକର ସାମ୍ରାଜ୍ୟବାଦୀ ନୀତିସମ୍ପନ୍ନ ଅଭିସନ୍ଧିରେ କବଳିତ ହୋଇଥିଲେ ଓଡ଼ିଶା ସାମନ୍ତବାଦୀ ମୁଣ୍ଡ । ବହୁତ ପ୍ରକାର ଦୈନ୍ୟ ନୂଆ ରୂପ ନେଲା । ନୂଆ ରୂପରେ ପୀଡ଼ିତ, ଶୋଷିତ, ଦଳିତ ଓଡ଼ିଶାର ପ୍ରଜାମାନେ ତଥାପି ଅପେକ୍ଷା କରି ବସିଥିଲେ ଏକ ମଙ୍ଗଳମୟ, ସ୍ୱଚ୍ଛନ୍ଦ ସମୟ ।

ବ୍ରିଟିଶ ଅଧିକୃତ ଓଡ଼ିଶାର କୃଷକର ମାନସିକତାକୁ ଯଦି ବୋଝୁଥାଇ ଦେଖିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ ଜଣାପଡ଼େ ଏବଂ ଦେବାନ୍ କୃଷ୍ଣଚନ୍ଦ୍ରଙ୍କ ଲିଖିତ ଆବେଦନରୁ ସ୍ପଷ୍ଟ ହୋଇପାରେ । ଏହାର ଇଂରାଜୀ ଅନୁବାଦରେ କୁହାଯାଇଛି ;

From Darootheng to Chattergarh - two extremeties of Khurdha the whole country was let out to farmers, where there were resources of Rs. 5/-, these farmers demanded payment of Rs. 15/-; salt rose from one pun to

five. Such was the deplorable state of the ryots that they were obliged to subsist on herbs and water and scarcely one amongst them had a vessel left to drink his water out of it. yet notwithstanding the extremety of wretchedness no one took any notice of their conditions.

(Orissa Records, vol. II, Translation of an oriya petition to the Government, pp. 81-83)

ବ୍ରିଟିଶ୍ ଶାସନର ପ୍ରତିଷ୍ଠା ସହିତ, ବିଶେଷ ଜମିଦାରମାନଙ୍କର ଓଡ଼ିଶାରେ ଜମି ଉପରେ ପ୍ରଜାସ୍ୱତ୍ୱ କୌଶଳ ଏବଂ ଅପହରଣ ବଳରେ ଅଧିକାଂଶ ଓଡ଼ିଆର ଅର୍ଥ କାଳରେ ଅର୍ଥନୈତିକ ମାନଦଣ୍ଡଟି କେବଳ ଦୋହଲି ଯାଇ ନଥିଲା, ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇ ନଥିଲା । ସମସ୍ତ ଓଡ଼ିଶାର କ୍ଷୁଦ୍ର କୃଷକ ଜମିଦାର/ସାମନ୍ତପତି ଶୃଙ୍ଖଳ ନାନା ପ୍ରକାର ଜବରଦଖଲ ଫଳରେ ନବ୍ୟ ସାମନ୍ତମାନଙ୍କର ପ୍ରଜାମାନଙ୍କ ଉପରେ ଉତ୍ପୀଡ଼ନ ପ୍ରବଳ ରୂପ ନେଇଥିଲା । ଏଥିପାଇଁ ଆଦିବାସୀ ସମ୍ପ୍ରଦାୟ (କନ୍ଧ, ମୁଣ୍ଡା, କନ୍ଧ ଭୂମିଜ, ଜୁଆଙ୍ଗମାନେ) ଏବଂ ଓଡ଼ିଶାର ସାଧାରଣ ଅଧିବାସୀମାନେ ଏହି ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ପ୍ରତିବାଦ ଏବଂ ପ୍ରତିରୋଧ କରିବାକୁ ଲାଗିଲେ । ଅଧିକାଂଶ ଓଡ଼ିଆର ହୃଦୟ ହୃଦୟ ସେହି ସମାଜ ବିଦ୍ରୋହ ମୁଣ୍ଡ ଟେକି ଉଠିଥିଲା, ତା'ହା ମୂଳତଃ ଅର୍ଥନୈତିକ କାରଣରୁ ହିଁ ଘଟିଥିଲା । ଓଡ଼ିଆ ଶାସିତ ଅଞ୍ଚଳ ଶୋଷିତ ଆଦିବାସୀ ପ୍ରଜାମାନେ ବ୍ରିଟିଶ୍ ଅର୍ଥନୀତି ଉପରେ ପ୍ରବଳ ଆଘାତ ଦେଇ ଶାସନର ଅବସାନ ପାଇଁ ଉଦ୍ୟମ କଲେ । ବ୍ରିଟିଶ୍ ଶାସନ ନୈତିକତାରେ ଥିବା ଦେଶୀୟ କୋଷ୍ଠୀକୁ ମଧ୍ୟ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଦୃଢ଼ ପ୍ରତିଜ୍ଞ ହେଲେ ।

ବ୍ରିଟିଶ୍ ଶାସନ ଅଦାୟ କର, ବଂଶୀୟ ନବ୍ୟ ଜମିଦାର ମାନଙ୍କର ଆତଙ୍କ, ନଗଦ ବାଣିଜ୍ୟିକ ଦ୍ରବ୍ୟ ଲବଣ ଉପରେ କଠୋର କଟକଣା ପ୍ରଭୃତି ଓଡ଼ିଶାର ଅର୍ଥନୈତିକ ପରମ୍ପରାକୁ ଧ୍ୱଂସାଭିମୁଖୀ କରିଦେଲା, ଦୈବୀ ଦୁର୍ବିପାକ (ବନ୍ୟା, ବାତ୍ୟା, ଦୁର୍ଭିକ୍ଷ) ମଧ୍ୟ ଏହାକୁ ଧ୍ୱଂସ କରି ଏକ ଭୟଙ୍କର ଦେଶରେ ପରିଣତ କରିଦେଲା । ୧୮୬୬ ରେ ନଅଙ୍କ ଦୁର୍ଭିକ୍ଷ, ୧୮୬୭, ୧୮୭୨, ୧୮୭୫ ଏବଂ ୧୮୯୨ର ଭୟଙ୍କର ବାତ୍ୟା ଦ୍ୱାରା ଓଡ଼ିଶାର ସାଧାରଣ-ଜୀବନ ବିପର୍ଯ୍ୟସ୍ତ ହୋଇଗଲା । ୧୮୬୫ ଖ୍ରୀଷ୍ଟାବ୍ଦରେ ମୌସୁମୀ ବର୍ଷା ନ ହେବା ଫଳରେ ସମସ୍ତ ବଙ୍ଗଳା ପ୍ରେସିଡେନ୍ସୀରେ ଦୁର୍ଭିକ୍ଷର ଆଶଙ୍କା ଥିଲା । ସେହି ସମୟରେ ଅଧିକ ବର୍ଷାର ଆବଶ୍ୟକତା ସମସ୍ତେ ଅନୁଭବ କରୁଥିଲେ ( ଅର୍ଥାତ ସେପ୍ଟେମ୍ବର ଅକ୍ଟୋବର ସମୟରେ ) ସେତେବେଳେ ବର୍ଷା ନ ହେବାରୁ ଖାଦ୍ୟ ଶସ୍ୟର ପ୍ରଚଣ୍ଡ ଅଭାବ ଘଟିଲା । ପୂର୍ବ ବର୍ଷମାନଙ୍କରେ ଖାଦ୍ୟଶସ୍ୟ ବିଶେଷ ଉତ୍ପନ୍ନ ହୋଇଥିଲେ ମଧ୍ୟ ତାହା ବହୁ ପ୍ରେରଣ ହେବା ଯୋଗୁଁ ସ୍ୱଳ୍ପତା ବଳେ ଉପଲବ୍ଧ କରାଯାଉଥିଲା । ଏହାର ପରିଣତିରେ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଲା । ଦ୍ରବ୍ୟର ମୂଲ୍ୟ

ବୃଦ୍ଧି ହେଲେ ମଧ୍ୟ ମଜୁରୀ ବୃଦ୍ଧି ନହେବା ଦ୍ୱାରା ଶ୍ରମିକ, କର୍ମଚାରୀ ମାନଙ୍କର ଅର୍ଥାଭାବ ବଢ଼ି ବଢ଼ି ଚାଲିଲା । ଖାଦ୍ୟ ଦ୍ରବ୍ୟ ଯଥେଷ୍ଟ ନଥିବା ଯୋଗେ ଧୀରେ ଧୀରେ ଦୁର୍ଭିକ୍ଷ ହେବାର ସମସ୍ୟା (ବିଶେଷତଃ ଲବଣ ଉତ୍ପାଦକ ମାନଙ୍କ ମଧ୍ୟରେ) ଦେଖାଦେଲା । ଯେଉଁ ମାନେ ଲବଣ ଉତ୍ପାଦନ କରୁଥିଲେ ସେମାନେ ସେଥିରୁ ବଞ୍ଚିତ ହେବାଦ୍ୱାରା କୃଷି ଆଡ଼କୁ ଢଳିଗଲେ । ଫଳରେ ଅଧିକ ସଂଖ୍ୟକ ଶ୍ରମିକ (Surplus labour) ସୃଷ୍ଟି ହୋଇ ଉଠିଲେ । ଖାଦ୍ୟଦ୍ରବ୍ୟର ମୂଲ୍ୟ ଆହୁରି ବଢ଼ି ବଢ଼ି ଚାଲିଲା । ନେତା ମାନେ ନିଶ୍ଚିନ୍ତ ହୋଇ ବସିଲେ । ଠିକ ସେହି ସମୟକୁ ପୂର୍ବରୁ ଥିବା ବନ୍ଦୋବସ୍ତ ଶେଷ ହୋଇ ଆସୁଥିଲା ଏବଂ ନୂଆ ବନ୍ଦୋବସ୍ତ କରିବା ଦ୍ୱାରା ଓଡ଼ିଶାର ବହୁ ସାମାଜିକ ଶ୍ରେଣୀ ମଣ୍ଡଳରେ ନାନା ଅଶାନ୍ତି ଦେଖାଦେଲା । ଦୁର୍ଭିକ୍ଷ ପୂର୍ବରୁ ଲୋକ ମାନଙ୍କର ଦାରିଦ୍ର୍ୟ ସମସ୍ତ ଶକ୍ତିର ସୀମାରେଖା ଡେଇଁ ଯାଇଥିଲା । ଜମିଦାର ମାନେ ଦରିଦ୍ର ହୋଇ ଯାଇଥିଲେ ଏବଂ ପ୍ରଜା/ରୟତ ମାନଙ୍କ ଉପରେ ଅଧିକରୁ ଅଧିକ ଖଜଣା ଲଦି ଦେଇ ଯାଉଥିବାରୁ ସେମାନେ କାବୁ ହୋଇଯାଉଥିଲେ । କୃଷିକାର୍ଯ୍ୟ ବ୍ୟତୀତ ବାଣିଜ୍ୟ/କ୍ଷୁଦ୍ର ଶିଳ୍ପ ପରିଚାଳନ ସମ୍ବନ୍ଧରେ ପ୍ରାୟତଃ ସେମାନେ ଅଭ୍ୟସ୍ତ ନଥିଲେ । ପୁଣି ଯାନବାହନ ଚଳାଚଳର ସାମାନ୍ୟ ସୁଯୋଗ ନଥିବାରୁ ଅନ୍ୟତ୍ର ଯିବା ଆସିବା ବନ୍ଦ ହୋଇଥିଲା । ସମସ୍ତ ସଞ୍ଚିତ ଧନ ଶେଷ ହୋଇ ଯାଇଥିଲା । ବାହାରୁ ଖାଦ୍ୟ ଆସିବା ମଧ୍ୟ ସମ୍ଭବ ନଥିଲା । ଏଣୁ ପ୍ରଦେଶଟି ବହୁ ଦିନରୁ ବାହାରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲା । ବ୍ରିଟିଶ୍ କମ୍ପାନୀ ଏ ସମସ୍ତ ଅସୁବିଧା ଉପଲବ୍ଧି ନ କରିବାରୁ ଦୁର୍ଭିକ୍ଷ ପାଇଁ ପ୍ରାୟ ସମସ୍ତ ଦାୟ ସରକାରର ହୋଇ ଯାଇଥିଲା ।

ଦୁର୍ଭିକ୍ଷର ପ୍ରବଳ ପ୍ରକୋପ କାଳରେ ବ୍ରିଟିଶ୍ ପ୍ରେସ୍ ଏବଂ ଭାରତୀୟ ଜନସାଧାରଣ ତାହାର କରୁଣ ରୂପଟିକୁ ବର୍ଣ୍ଣନା କରିପାରିଥିଲେ । ଇଂଲିଶ୍‌ମ୍ୟାନ (The English Man) ସମ୍ବାଦପତ୍ର (ଏପ୍ରିଲ ୨୮, ୧୮୬୬)ରେ ଏହା ନିମ୍ନମତେ ପ୍ରକାଶିତ ହୋଇଥିଲା :

There can be no doubt that the suffering, both in Orissa and in some other parts, is very great. Indeed for some months past, the aged and the feeble have been dropped off for want of proper food It is time, I think that measures were taken to collect a general fund for the relief of this general distress.

ଏହି ସମ୍ବାଦ ପତ୍ରର ସମ୍ପାଦକଙ୍କୁ ମେ ୨୪ ତାରିଖର ଏକ ପତ୍ରରେ ପୁଣି ପ୍ରକାଶ କରାଗଲା :

The real necessity is paddy and rice and seed to sow for the next session. Send us some thousands of mounds of

good rice and sell it at proper or rather generous valuation, and all the people through out the land shall lift up their hearts in blessings upon you and your young ones ········ one single shipload, landed at False point, and conveyed through the kindness of our irrigation friends, here to the heart of the province, will comfort for some time the dried up stomachs and parched lips of thousands.

ଦୁର୍ଭିକ୍ଷ ପୂର୍ବରୁ ବ୍ରିଟିଶ୍ କମ୍ପାନୀ ସେଥି ସ୍ୱରୂପ ଆଧାର ନେଇ ପ୍ରବନ୍ଧ କରିଥିଲେ ତାହା ଜନସାଧାରଣଙ୍କୁ ଆଦୌ ସୁବିଧା ଦେଇନଥିଲା । ସେଥିପାଇଁ ଦୁର୍ଭିକ୍ଷ ପରେ ସରକାରଙ୍କୁ ଏ ବାବଦରେ ଯଥେଷ୍ଟ ସଚେତନ ହେବାକୁ ପଡ଼ିଥିଲା । ୧୮୬୭ ଖ୍ରୀଷ୍ଟାବ୍ଦ ବେଳକୁ ପୂର୍ବର ବନ୍ଦୋବସ୍ତର ମିଆଦ ଶେଷ ହେବାକୁ ଯାଉଥିଲା । ଦୁର୍ଭିକ୍ଷର ଭୟଙ୍କରତା ଦେଖିବା ପରେ ପୁଣି ୩୦ ବର୍ଷ ପାଇଁ ବନ୍ଦୋବସ୍ତ ହୋଇଗଲା । ଫଳରେ ଦୁର୍ଭିକ୍ଷ ପରେ ପରେ ପୁନର୍ବାର ବନ୍ଦୋବସ୍ତ ସମ୍ପର୍କିତ ଅସୁବିଧାରୁ କୃଷିଜୀବୀମାନେ ରକ୍ଷା ପାଇଗଲେ । ତଥାପି ଏ କାଳରେ କର ସଂଖ୍ୟା ବୃଦ୍ଧି ହୋଇ କୃଷକ ଉପରେ ଚାପ ପଡ଼ିଯାଇଥିଲା । ସେଥିସହ ୩୦ ବର୍ଷ ପାଇଁ ସରକାର ଉତ୍ପନ୍ନ ଦ୍ରବ୍ୟ ଉପରେ ସ୍ଥିର କରିଥିବା ସେଥିରୁ ଅଧିକ ନ ବଢ଼ାଇବା ଦ୍ୱାରା ଦୁର୍ଭିକ୍ଷାକ୍ରାନ୍ତ କୃଷିଜୀବୀମାନେ ସାମାନ୍ୟ ଶାନ୍ତିରେ ବାସ କରୁଥିଲେ । କେବଳ ଏହି ବନ୍ଦୋବସ୍ତ ଯୋଗୁ ଜମିର ମୂଲ୍ୟ ଅର୍ଥନୈତିକ ବାବଦକୁ ନେଇ କରି ଓଡ଼ିଶା ରାଜ୍ୟର ସ୍ଥାନରେ ଅଶାନ୍ତ ପରିବେଶ ଏଡ଼ାଇବା ତଥାକଥିତ ଅଞ୍ଚଳ ମୂଳକ ମାନଙ୍କର ବନ୍ଦୋବସ୍ତ ଅଧିକ ପ୍ରଚଳିତ ହୋଇଥିଲା ।

ଊନବିଂଶ ଶତାବ୍ଦୀରେ ବ୍ରିଟିଶ୍ ଅଧୀନସ୍ଥ ଓଡ଼ିଶାର ଜନଜୀବନରେ ପୁନଃ ଶାନ୍ତି ଆସିପାରି ନଥିଲା । ୧୮୬୬ର ଦୁର୍ଭିକ୍ଷ, ୧୮୭୪ର ଭୟଙ୍କର ବାତ୍ୟାର ପ୍ରବଳ ପ୍ରକୋପରେ ଏହି ମାନଦଣ୍ଡ ଖୋଲିଯିବା ଦ୍ୱାରା ଶାସନର ଦୁର୍ବଳତା ଏବଂ ଅପାରଗତା ଅତ୍ୟନ୍ତ ସ୍ପଷ୍ଟ ହୋଇଉଠିଲା । ପ୍ରଜାଙ୍କ ମେରୁଦଣ୍ଡ ଦୋହଲିଯିବା ଦ୍ୱାରା କୃଷିର ଅଗ୍ରଗତି ଅସମ୍ଭବ ଥିଲା । ଦୁର୍ଭିକ୍ଷ ପରେ ପ୍ରଜା/ରାୟତ ମାନଙ୍କର ଦୁରବସ୍ଥା ବଢ଼ି ଚାଲିଥିଲା । କେବଳ ମଧ୍ୟ ଜମିଦାରୀ ଶୋଷଣ ବଢ଼ି ଚାଲିଥିଲା । ଯଦିଓ ସରକାର ଏ ବିଷୟରେ ସଚେତନ ଥିଲେ, ତଥାପି ପ୍ରଜାଙ୍କ ସ୍ୱାର୍ଥ ରକ୍ଷା କରିବା ଲାଗି ଭୂମି ଉପରେ ଅଧିକାର ପ୍ରତିଷ୍ଠା ହୋଇ ନଥିବାରୁ ଏ ଶୋଷଣ/ଅତ୍ୟାଚାରର ସମାପ୍ତି ଘଟିନଥିଲା ।

ବ୍ରିଟିଶ୍ ଅର୍ଥନୈତିକ ବ୍ୟବସ୍ଥା ଦ୍ୱାରା ଓଡ଼ିଶା ନାନା ଭାବରେ ଅଶାନ୍ତ ହୋଇଥିବା ସତ୍ତ୍ୱେ ଦୁର୍ଭିକ୍ଷ ପରେ ଓଡ଼ିଶାରେ ଏକ ମଧ୍ୟବିତ୍ତ ବୁର୍ଜୁଆ ଗୋଷ୍ଠୀ ସୃଷ୍ଟି ହୋଇ ଉଠିଥିଲେ । ଶିକ୍ଷା ଓ ଗମନାଗମନର ପ୍ରସାରଣ ହେବା ସହିତ ଏହି ସମ୍ପ୍ରଦାୟର ଉନ୍ମେଷ ଏବଂ ପରବର୍ତ୍ତୀ ସାମାଜିକ ରାଜନୈତିକ ଆନ୍ଦୋଳନର ଆରମ୍ଭ କରିଲା ।

# ସ୍ମୃତି

ଊନବିଂଶ ଶତାବ୍ଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଜୀବନରେ ନାନା ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଐତିହାସିକ ପୃଷ୍ଠପଟ୍ଟର ହଠାତ୍ ପରିବର୍ତ୍ତନ ଏହି ବିବର୍ତ୍ତନରେ କହିବା ଅପେକ୍ଷା ଅବଦାନ ହୋଇ ଏକ ସୁନିଶ୍ଚିତ ମତ ଦିଆଯାଇଛି । ଏ ପରିବର୍ତ୍ତନ ଏଥିପାଇଁ ତାତ୍କାଳିକ ନୁହେଁ ଏହା ଏକ ସ୍ୱତନ୍ତ୍ର ଧାରା; ସେ ବିଷୟ ଭିନ୍ନ ପ୍ରସଙ୍ଗ ଦାବୀ କରେ । ଯେବେ ଏ ପରିବର୍ତ୍ତନ ଥିଲେ ଅନେକ ଗୁଣ । ପ୍ରଚଳିତ ପରମ୍ପରା, ଅନ୍ଧବିଶ୍ୱାସ, ମଧ୍ୟଯୁଗୀୟ ଧର୍ମଧାରା, ସଙ୍କୀର୍ଣ୍ଣ ଦୃଷ୍ଟିକୋଣ ଦ୍ୱାରା ଓଡ଼ିଆର ବିଭିନ୍ନ ଅଞ୍ଚଳର ସାମାଜିକ ଜୀବନ ସଙ୍କୁଚିତ ହୋଇ ଯାଉଥିଲା । ଓଡ଼ିଶା ସେଥିରୁ ବାହାରି ପଡ଼ିଲା କିପରି ? ଏକ ପରମ୍ପରାବାଦୀ ସମାଜ ହଠାତ୍ ଜାଗି ଉଠିଲା କାହିଁ; ପରିବର୍ତ୍ତନକୁ ଗ୍ରହଣ କରିବାକୁ ଲାଗିଲା । ବ୍ରିଟିଶ୍ ଶିକ୍ଷା ବିସ୍ତାର, ବ୍ରିଟିଶ୍ କର୍ମଚାରୀମାନଙ୍କର ସଂସ୍କାର ପ୍ରୟାସ, ଏବଂ ବଙ୍ଗଳା ସାମାଜିକ ଯୋଗାଯୋଗ ଆନ୍ଦୋଳନ, ମିଶନାରୀ ମାନଙ୍କର କାର୍ଯ୍ୟକଳାପ, ଓଡ଼ିଆ ପ୍ରେସ୍ ପ୍ରତିଷ୍ଠା ସମ୍ବାଦପତ୍ର ଗୁଡ଼ିକରେ ନାନା ସାମୟିକ, ତର୍କ, ଲୁଗାକୁ ନେଇ ବ୍ୟାପକ ଚର୍ଚ୍ଚା - ସାମାଜିକ ପରିବର୍ତ୍ତନରେ ମୁଖ୍ୟ ଭୂମିକା ନେଇ ଥିଲା ।

ବ୍ରିଟିଶ୍ ଓଡ଼ିଶା ଅଧିକାର କରିବା ପରେ ପରେ ୧୮୨୨ ଖ୍ରୀଷ୍ଟାବ୍ଦରେ ବେମ୍ପଟନ୍ ଏବଂ ଜେମସ୍ ପେଗ୍ସଙ୍କ ପରିଚାଳିତ ଖ୍ରୀଷ୍ଟିଆନ୍ ମିଶନ ଦଳମାନେ ଓଡ଼ିଶାରେ ପାଦ ଦେଲେ । ବେମ୍ପଟନ୍ କଟକରେ ପ୍ରଥମେ ଓ ପରେ ପୁରୀରେ ଧର୍ମପ୍ରଚାର ଆରମ୍ଭ କରିଥିଲେ । ଲେସି ଏବଂ ସଟନ ପରେ ପରେ ଏହି କାର୍ଯ୍ୟରେ ଯୋଗଦାନ କଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସେମାନେ ଖ୍ରୀଷ୍ଟଧର୍ମ ପ୍ରଚାରରେ ଲାଗିପଡ଼ିଥିଲେ । ମିଶନାରୀମାନଙ୍କର ପ୍ରାରମ୍ଭିକ ଉଦ୍ୟମ ନାନା କାରଣରୁ ବିଫଳ ହୋଇଥିଲେ ମଧ୍ୟ ପରେ ପରେ ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନରେ ଏହା ଏକ ନୂତନ ଚେତନା ଆଣିବାରେ ମୁଖ୍ୟ ହୋଇ ଉଠିଥିଲା । ୧୮୨୮ ମାର୍ଚ୍ଚ ୨୩ ତାରିଖରେ ଗଙ୍ଗାଧର ଷଡ଼ଙ୍ଗୀ ନାମରେ ଜଣେ ଓଡ଼ିଆ ବ୍ରାହ୍ମଣଙ୍କ ଖ୍ରୀଷ୍ଟିଆନ୍ ହେବା ଫଳରେ ଆମ ସାମାଜିକ ଜୀବନର ଏକ ଚମତ୍କାର ଦୃଷ୍ଟି ଆରମ୍ଭ ହୋଇଥିଲା । କ୍ରମେ ଏହି ଧର୍ମାନ୍ତର ବା ଖ୍ରୀଷ୍ଟିଆନ୍ ହେବା ସ୍ୱାଧୀନ ସାମାଜିକ ଜୀବନରେ ନାନା ସମସ୍ୟାର ସୃଷ୍ଟି ଏପରିକି ସାମାଜିକ ସମ୍ପର୍କ ଛିନ୍ନ କରିଥିଲା ଏବଂ ସମାଜରେ ଯାହା ଚାଲିଥିବା ବ୍ରାହ୍ମଣ ହେଉ ଅପମାନିତ ହୋଇଥିଲେ । ତଥାପି ଖ୍ରୀଷ୍ଟଧର୍ମ ପ୍ରସାରିତ ହେବାକୁ ଲାଗିଲା । ଏହି ସମୟରେ ଯେଉଁମାନେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେଲେ ସେମାନଙ୍କ ମଧ୍ୟରେ ଥିଲେ ଗଙ୍ଗାଧର, ଦୟାଳୁ, ଧନଞ୍ଜୟ, ରାମଚନ୍ଦ୍ର, ସେବ୍ୟ ସାହୁ, ସେବ୍ୟ ନାୟକ, ବାମଦେବ, ଦାମୋଦର ଏବଂ ଭିକାରୀ । କିନ୍ତୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ନହୋଇ ଏହାର ପ୍ରଭାବରେ ଯେଉଁମାନେ ପ୍ରଭାବିତ ହୋଇଥିଲେ ସେମାନେ ହେଲେ ରାମନାଥ, ବଳରାମ, ଜଗନ୍ନାଥ, ଧନମାଳୀ ଏବଂ ଘନଶ୍ୟାମ । ହିନ୍ଦୁ ସମାଜର ନାନା କୁସଂସ୍କାର ପ୍ରତି ଯେଉଁମାନେ ଶବ୍ଦ ଉତ୍ତୋଳନ କଲେ ଓଡ଼ିଶାରେ ସେମାନଙ୍କ ମଧ୍ୟରେ ଥିଲେ ସନାତନ, ଭବାନୀ ବିଶ୍ୱାସ ଏବଂ

ଦେଖାଇଲେ । ଗଙ୍ଗାଧର ସ୍ୱର୍ଣ୍ଣକାରଙ୍କ ନାଟକକୁ ଏକ ପେଟିସନ ଦେଇ କଟକସ୍ଥ ବାଇବଲ ଧ୍ୱଂସ ପାଇଁ ପ୍ରସ୍ତୁତ ଥିଲେ । (The Calcutta Missionary Herald, vol. I, No. 6, June 1846, p-87).

ଓଡ଼ିଶାର ସାମାଜିକ ଜୀବନରେ ନାନା ପ୍ରକାରର କୁସଂସ୍କାର ସହିତ ଓଡ଼ିଶାର ଜନ ଅରଣ୍ୟରେ ବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ବିଭିନ୍ନ କୁସଂସ୍କାର ରହିଥିଲା । ନାନା କୁତ୍ସିତ ପରମ୍ପରା, ଯୌତୁକ ପ୍ରଥା, ନରବଳି ପ୍ରଭୃତି ଦ୍ୱାରା ସାମାଜିକ ଜୀବନ ଅଶାନ୍ତ ହୋଇଯାଇଥିଲା । ମିଶନାରୀମାନେ ହେତୁବାଦୀ ଦୃଷ୍ଟି-କୋଣ ନେଇ ଏସବୁର ମୂଳୋତ୍ପାଟନ କରିବାକୁ ସରକାରଙ୍କୁ ଅନୁପ୍ରାଣିତ କରିଥିଲେ । ଊନବିଂଶ ଶତକର ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ୧୮୩୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଓଡ଼ିଶାରେ ଗୋଟିଏ ମାତ୍ର ସରକାରୀ ସ୍କୁଲ ଥିଲା । ମାତ୍ର ମିଶନାରୀମାନେ ଓଡ଼ିଶାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସ୍ଥାପନ କରି ଶିକ୍ଷାର ପ୍ରସାର କରାଇଲେ । ୧୮୨୨ରେ ସେମାନଙ୍କ ଦ୍ୱାରା ୧୫ଟି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା; ଯଦିଓ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର ପାଇଁ ଏହା ମୂଳଲକ୍ଷ୍ୟ ଭିତ୍ତି ଥିଲା । ପାଠଶାଳାଗୁଡ଼ିକୁ ଏହା ଶିକ୍ଷା ଦେବାରେ ଯଥେଷ୍ଟ ଉତ୍କର୍ଷ ଥିଲା । ମିଶନାରୀମାନେ ନାରୀ ଶିକ୍ଷା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ପରେ ପରେ ବହୁତ ଆଦର ଲାଭ କରିଥିଲା । ୧୮୬୦ ଖ୍ରୀଷ୍ଟାବ୍ଦରୁ ଏହି ଉଦ୍ୟମର ସଫଳ-ରୂପ ଦେଖିବାକୁ ମିଳିଲା । ସେତେବେଳେ ଓଡ଼ିଆ ଇତିହାସ, ଭୂଗୋଳ ଏବଂ ବ୍ୟାକରଣକୁ ସୂଚୀବଦ୍ଧ ପୁସ୍ତକ ରଚନାରେ ମିଶନାରୀମାନେ ସଫଳ ହୋଇଥିଲେ । ସଟନ୍ ନେଇଟାଣି ପୁରୁଣୀୟ ଗ୍ରନ୍ଥ ଏହି କାଳରେ ରଚନା କରିଥିଲେ :

୧) History of Orissa (1839)
୨) Oriya Geography (1839)
୩) Oriya Primer and Padartha Vidyasar (1845)
୪) ଓଡ଼ିଆ ଇଂରାଜୀ ଅଭିଧାନ (୧୮୩୧)
୫) ଓଡ଼ିଆ ଅଭିଧାନ (୧୮୪୧-୪୩)

E. C. B Hallan ମଧ୍ୟ ଓଡ଼ିଆ ବ୍ୟାକରଣ ଏବଂ ଅଭିଧାନ ପ୍ରସ୍ତୁତ କରିଥିଲେ । ତନ୍ମଧ୍ୟ ଦୃଷ୍ଟିରୁ ବିଚାର କଲେ ଊନବିଂଶ ଶତକର ଓଡ଼ିଶାର ସାମାଜିକ ଜୀବନରେ ପରିବର୍ତ୍ତନ ପାଇଁ ମିଶନାରୀମାନଙ୍କର ଉଦ୍ୟମ ଉଲ୍ଲେଖନୀୟ । ଏହାକୁ ବାଦଦେଇ ଏ ଶତାବ୍ଦୀର ଓଡ଼ିଶାକୁ ଅନୁଧ୍ୟାନ କରିହେବ ନାହିଁ ।

ଓଡ଼ିଶାକୁ ମିଶନାରୀମାନେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଆସିଥିଲେ ମଧ୍ୟ ସେମାନଙ୍କର ଧାରାବାହିକ ଉଦ୍ୟମ ଫଳରେ ସାମାଜିକ ଜୀବନର ନାନା କୁତ୍ସିତ ପରମ୍ପରା । ବ୍ୟାଧିକୁ ସରକାରଙ୍କ ଦୃଷ୍ଟିକୁ ଆଣିପାରିଥିଲେ । ଏହାପରେ ଓଡ଼ିଶାରେ ନାନା ସମସ୍ୟାର ସମାଧାନ ପାଇଁ ପ୍ରାରମ୍ଭିକ ଉଦ୍ୟମ କରାଯାଇଥିଲା । ଧର୍ମ, ପରମ୍ପରା, ଅନାବଶ୍ୟକ ହିଂସା, ବାହ୍ୟ ଆଡ଼ମ୍ବର, ଅସ୍ପୃଶ୍ୟତା, ନରବଳି ପ୍ରଥା ବିଭିନ୍ନ ବ୍ୟାଧିରେ ଜର୍ଜରିତ

ସାମାଜିକ ଜୀବନରେ ପରିବର୍ତ୍ତନ/ପରିବର୍ତ୍ତନର ସୂତ୍ର ଆରମ୍ଭ ହେଲା । ମିଶନାରୀ ମାନଙ୍କର ଉଦ୍ୟମ ସହିତ ବ୍ରିଟିଶ ସରକାରଙ୍କର ଶିକ୍ଷାନୀତି ଦ୍ୱାରା, ଓଡ଼ିଆ ଭାଷାରେ ଛାପା-ଖାନା ପ୍ରତିଷ୍ଠା ଏବଂ ସମ୍ବାଦପତ୍ରର ପ୍ରଚଳନ ଫଳରେ ଏକ ବୁଦ୍ଧିଜୀବୀ ଶିକ୍ଷିତ ସମ୍ପ୍ରଦାୟର ଆବିର୍ଭାବ ପରିବର୍ତ୍ତନର ସୂଅକୁ ଦ୍ରୁତ କରିପାରିଥିଲା । ବହୁତ ଧାର୍ମିକ-ସାମାଜିକ ସଂସ୍କାର ଗୋଷ୍ଠୀ ସେତେବେଳେ ଭାରତରେ ଜନଜୀବନକୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରୁଥିଲେ । ସେ ସବୁ ମଧ୍ୟରେ ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ, ପ୍ରାର୍ଥନା ସମାଜ, ରାମକୃଷ୍ଣ ମିଶନ୍ ଏବଂ ଥିଓସଫିକାଲ୍ ସୋସାଇଟି ଅନ୍ୟତମ । ଏମାନେ ପାରମ୍ପାରିକ ସାମାଜିକ-ସାଂସ୍କୃତିକ ଜୀବନରେ ସଂସ୍କାର ଆଣିଥିଲେ । ଓଡ଼ିଶା ସେଥିରୁ ବାଦ ପଡ଼ିନଥିଲା । ୧୮୫୯ରେ ପ୍ରଥମେ କଟକରେ ମ୍ୟୁଚୁଆଲ୍ ଇମ୍ପ୍ରୁଭମେଣ୍ଟ ସୋସାଇଟି ସ୍ଥାପିତ କରାଯାଇଥିଲା । ଏଥିରେ ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନର ବହୁବିଧ ସମସ୍ୟାର ଆଲୋଚନା କରାଯାଉଥିଲା । କିନ୍ତୁ ୧୮୬୬-୬୭ର ଦୁର୍ଭିକ୍ଷ ପରେ ଏହାର ଅନେକ ସଭ୍ୟ ମୃତ୍ୟୁକୋଳ ଲଭିଲେ । ବ୍ରାହ୍ମ ସମାଜ ମଧ୍ୟ ଓଡ଼ିଶାରେ ୧୮୫୦ ସୁଦ୍ଧା ପହଞ୍ଚିପାରିଥିଲା । କାରଣ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଓଡ଼ିଶାକୁ ଆସି ଏହାର କାର୍ଯ୍ୟାବଳୀ ସ୍ଥିର କରିଥିଲେ । ଏହାକୁ କଟକ ସମାଜ କୁହାଯାଉଥିଲା । ପରେ ପରେ ଏହା ଆଦି ବ୍ରାହ୍ମ ସମାଜ ପନ୍ଥକୁ ଅନୁସରଣ କଲା ମାତ୍ର । ୧୮୬୯ ଜୁଲାଇ ୧ରେ କେତେକ ନୂତନ ଯୁବକ ବ୍ରାହ୍ମ ସମାଜ ପ୍ରତିଷ୍ଠା କଲେ । ୧୮୭୧ ଠାରୁ ହରନାଥ ଭଟ୍ଟାଚାର୍ଯ୍ୟ ଏହି ସମାଜର ଅଗ୍ରଗତି ପାଇଁ ଉଦ୍ୟମ କରିଥିଲେ । ମଧୁସୂଦନ ରାଓ ମଧ୍ୟ ଏଥିରେ ସକ୍ରିୟ ଭୂମିକା ନେଇଥିଲେ । କୃଷ୍ଣଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାମନାରାୟଣ ଦତ୍ତ, ଗିରିଶ ଚନ୍ଦ୍ର ମିତ୍ର, ବୈଦ୍ୟନାଥ ବାନାର୍ଜୀ ମଧ୍ୟ ଏଥିରେ ପ୍ରମୁଖ ଭୂମିକା ନେଇଥିଲେ । ୧୮୬୯ରେ ସମାଜ ତରଫରୁ ଉତ୍କଳ ଶୁଭକାରୀ ଏବଂ ୧୮୭୪ରେ ଧର୍ମବୋଧିନୀ ନାମକ ଦୁଇଟି ପତ୍ରିକା ଓଡ଼ିଶାରେ ପ୍ରକାଶ ପାଉଥିଲା । ଊନବିଂଶ ଶତକର ଶେଷ ଭାଗରେ ଫକୀରମୋହନ ଆଚାର୍ଯ୍ୟ, ପାଟ୍ଟିବରଣ ରାଓ, ବିଶ୍ୱନାଥ କର ପ୍ରଭୃତି ବ୍ରାହ୍ମ ସମାଜରେ ଯୋଗ ଦେଇ କଟକ ଓ ବାଲେଶ୍ୱରରେ ବ୍ରାହ୍ମ ଧର୍ମର ପ୍ରଚାର ଚଳାଇଥିଲେ । ପରେ ଏହାର ଅଗ୍ରଗତି ପାଇଁ ଭଗବାନ ଚନ୍ଦ୍ର ଦାଶ ଏବଂ ନନ୍ଦଲାଲ ବାନାର୍ଜୀ ବିଶେଷ ଉଦ୍ୟମ କରିଥିଲେ । ଆର୍ଯ୍ୟ ସମାଜ ମଧ୍ୟ ଓଡ଼ିଶାରେ ଆବିର୍ଭୂତ ହୋଇଥିଲା । ଏହି କାଳରେ ଚମ୍ପାମଣିରେ ଶ୍ରୀ ଚନ୍ଦ୍ର ପଣ୍ଡା ସାମାଜିକ ସଂସ୍କାର ପାଇଁ ଉଦ୍ୟମ କରିଥିଲେ ଓ ତାନ୍ତ୍ରିକ ଏବଂ ମୂର୍ତ୍ତିବାଦୀ ଦୃଷ୍ଟିକୋଣକୁ ଖଣ୍ଡନ କରିଥିଲେ । ଊନବିଂଶ ଶତକରେ ଘଟିଥିବା ହୋଇଥିବା ଅନ୍ୟତମ ସାମାଜିକ ସାଂସ୍କୃତିକ ଆନ୍ଦୋଳନର ସ୍ରଷ୍ଟା ଥିଲେ ମହିମା ସମ୍ପ୍ରଦାୟ । ଏହା ପ୍ରଚଳିତ ପାରମ୍ପାରିକ ଧର୍ମଧାରାର ସଂସ୍କାର ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲା । ଏକ ପକ୍ଷରେ ଖ୍ରୀଷ୍ଟିଆନ୍ ମିଶନାରୀ ମାନଙ୍କର ଅଯଥା ପ୍ରଭାବକୁ ରୋକ କରି ନିଷ୍ଠା ଓ ଚେତନାରେ ନୂତନ ଧାରା ପ୍ରବାହିତ କରାଇଥିଲେ ମହିମା ସମ୍ପ୍ରଦାୟ । ୧୮୭୬ ମସିହାରେ ମହିମା ଗୋସ୍ୱାମୀଙ୍କର ଅନ୍ତର୍ଦ୍ଧାନ । ପରବର୍ତ୍ତୀ କେତୋଟି ଦଶକରେ ଓଡ଼ିଶାର କୋଣେ କୋଣେ ଏହି ଧର୍ମ ଧାରା ଏକ ଆନ୍ଦୋଳନାତ୍ମକ କାର୍ଯ୍ୟରେ ଲାଗି ପଡ଼ିଥିଲା । ଊନବିଂଶ ଶତକର ମଧ୍ୟ ଭାଗରେ ମହିମାଙ୍କର ଖ୍ରୀଷ୍ଟିଆନ ମିଶନାରୀ

ମାନଙ୍କର ଦାବି ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସେମାନେ ସଂଘବଦ୍ଧ ଚେଷ୍ଟା କରିଥିଲେ । ସେମାନେ ସଭା ସମିତି ଗଠନ କରି ଜନମତ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ । ଏହାଦ୍ୱାରା ଲୋକମାନଙ୍କର, ଅନେକଙ୍କର ଉପକାର ହୋଇଥିଲା । କାରଣ, ସମ୍ପୂର୍ଣ୍ଣ ଅଙ୍ଗ ସଂଯୋଗ ପାଇଁ ସେମାନଙ୍କ ଦୃଷ୍ଟି କୋଣରୁ ତାହା ଥିଲା ସମସ୍ୟାର ମୂଳ ସମାଧାନ ପାଇଁ ପ୍ରଥମ ପଦକ୍ଷେପ । ଏହି କାରଣରୁ ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଏହା ଏକ ସ୍ୱାଭାବିକ ଘଟଣା ଥିଲା ।

ଏହି ସମୟରେ ଓଡ଼ିଶାରେ ସାମାଜିକ ଓ ରାଜନୈତିକ ଚେତନା ବୃଦ୍ଧି ପାଇଁ ଯେଉଁ ଅନୁଷ୍ଠାନ ଗୁଡ଼ିକ ଗଠନ ହୋଇଥିଲା, ସେଥିରେ ଥିଲା :

୧- କଟକ କ୍ରିକେଟ୍ କ୍ଲବ (୧୮୬୪)
୨- କଟକ ଡିବେଟିଙ୍ଗ ସଭା (୧୮୬୪)
୩- କଟକ ୟଙ୍ଗମେନ୍ସ ଏସୋସିଏସନ୍ (୧୮୬୪)
୪- ପୁରୀ ସୋସାଇଟି (୧୮୭୦)
୫- ବାଲେଶ୍ୱର ଉତ୍କଳ ହିତବାଦିନୀ ସଭା (୧୮୭୨)
୬- ଉତ୍କଳ ଭାଷା ଉଦ୍ଧାରିଣୀ ସଭା (୧୮୭୩)
୭- ଉତ୍କଳ ଦେଶ ହିତୈଷିଣୀ ସଭା (୧୮୭୮)
୮- ଉତ୍କଳ ଭାଷା ଉନ୍ନତିବିଧାୟିନୀ ସଭା (୧୮୭୯)
୯- ଓଡ଼ିଶା ଟେମ୍ପରାନ୍ସ ଏସୋସିଏସନ୍ (୧୮୭୯)
୧୦- ବାଲେଶ୍ୱର ନେଶନାଲ ସୋସାଇଟି (୧୮୭୮)
୧୧- ଭଦ୍ରକ ଦେଶ ହିତକାରିଣୀ ସଭା (୧୮୭୯)
୧୨- ଉତ୍କଳ ସଭା (୧୮୮୨)
୧୩- ଓଡ଼ିଶା ପିପୁଲ୍ସ ଏସୋସିଏସନ୍ (୧୮୮୨)
୧୪- ଅଗ୍ନି ଜଳ ପ୍ରଶନ୍ ଏଣ୍ଡ ପ୍ରୋଗ୍ରେସିଭ୍ ସଭା (୧୮୮୪)
୧୫- ଓଡ଼ିଶା ଗ୍ରାଜୁଏଟ ଏସୋସିଏସନ୍ (୧୮୮୮)
୧୬- ଓଡ଼ିଶା ମୁସଲିମ ଏସୋସିଏସନ୍ (୧୮୯୬)
୧୭- ଉତ୍କଳ ହିତୈଷିଣୀ ସଭା ।

ଓଡ଼ିଶାର ଜନଜୀବନରେ ସାମାଜିକ-ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଦିଗରେ ନୂତନ ଚେତନା ସୃଷ୍ଟି କରିବା ପାଇଁ ଏହି ସଭା ସମିତିଗୁଡ଼ିକ ଉଲ୍ଲେଖଯୋଗ୍ୟ ଉଦ୍ୟମ କରିଥିଲେ । ଏଥିରେ ଶିକ୍ଷିତ ଯୁବକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଏହି ସମୟରେ ଓଡ଼ିଶାର ସମ୍ବାଦପତ୍ର ସମୂହ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ଏହାର ପ୍ରଭାବରେ ଓଡ଼ିଆ ଜାତୀୟତାର ଚେତନା ସୃଷ୍ଟି ହୋଇଥିଲା । ୧୮୬୬ ଖ୍ରୀଷ୍ଟାବ୍ଦରେ ଉତ୍କଳ ଦୀପିକା ପ୍ରକାଶ ପାଇଥିଲା । ୧୮୬୮ ମସିହାରେ କଟକରେ ଏହି ପତ୍ରିକା-

[illegible] —

୧) [illegible] (୧୮୬୮)
୨) [illegible] (୧୮୬୯)
୩) ବାଲେଶ୍ୱର ସମ୍ବାଦ ବାହିକା (୧୮୬୮)
୪) ଉତ୍କଳ ହିତୈଷିଣୀ (୧୮୬୯)
୫) ଉତ୍କଳ ଦର୍ପଣ (୧୮୭୩)
୬) ଉତ୍କଳ ପୁତ୍ର (୧୮୭୩)
୭) [illegible] (୧୮୭୩)
୮) [illegible] (୧୮୭୩)
୯) [illegible] (୧୮୭୩)
୧୦) ପୁରୁଷୋତ୍ତମ ଚନ୍ଦ୍ରିକା (୧୮୭୮)
୧୧) ପୁରୁଷୋତ୍ତମ ପତ୍ରିକା (୧୮୮୦)
୧୨) ପୁରୁଷୋତ୍ତମ [illegible] (୧୮୮୨)
୧୩) [illegible] (ବାଲେଶ୍ୱର) (୧୮୮୨)
୧୪) ସେବକ (କଟକ) ୧୮୮୩
୧୫) [illegible] (କଟକ) ୧୮୮୩
୧୬) ଭାରତୀ (ବାଲେଶ୍ୱର) ୧୮୮୫
୧୭) ସ୍ୱଦେଶୀ (ବ୍ରହ୍ମପୁର) ୧୮୭୬
୧୮) [illegible] (ବ୍ରହ୍ମପୁର) ୧୮୭୭
୧୯) [illegible] (କଟକ) ୧୮୭୮
୨୦) [illegible] (କଟକ) ୧୮୭୯
୨୧) ମୟୂରଭଞ୍ଜ (ବାରିପଦା) ୧୮୭୯
୨୨) [illegible] (କଟକ) ୧୮୮୦
୨୩) [illegible] (ବାଲେଶ୍ୱର) ୧୮୮୩
୨୪) [illegible] (କଟକ) ୧୮୮୫
୨୫) [illegible] (ବାରିପଦା) ୧୮୮୬
୨୬) [illegible] (କଟକ) ୧୮୮୬

୧୭) ଓଡ଼ିଶା ଷ୍ଟାଣ୍ଡାର୍ଡ଼ (କେନ୍ଦ୍ରାପଡ଼ା) ୧୮୮୭
୧୮) ଜଗନ୍ନାଥ ପତ୍ରିକା ୧୮୮୭
୧୯) ସମ୍ବାଦବାହିକା (କଟକ) ୧୮୮୮
୨୦) ଓଡ଼ିଆ ଟେଲିଗ୍ରାଫ୍ (କଟକ) ୧୮୮୮
୨୧) ଆଶା (କଟକ) ୧୮୮୮
୨୨) ସାହିତ୍ୟ ସମ୍ମିଳନୀ (କଟକ) ୧୮୮୯
୨୩) ଦୀପକ (କଟକ) ୧୮୮୯
୨୪) ସମ୍ବଲପୁର ହିତୈଷିଣୀ (ବାମଣ୍ଡା) ୧୮୮୯
୨୫) ଉତ୍କଳ ପ୍ରଭା (ମୟୂରଭଞ୍ଜ) ୧୮୯୧
୨୬) ଇନ୍ଦ୍ରଧନୁ (କଟକ) ୧୮୯୩
୨୭) ବିଜୁଳି (ବାମଣ୍ଡା) ୧୮୯୩
୨୮) ବ୍ରାହ୍ମ (କଟକ) ୧୮୯୨
୨୯) ଉତ୍କଳ ଦର୍ପଣ (କଟକ) ୧୮୯୪
୩୦) ଉତ୍କଳ ବନ୍ଧୁ (ବାଲେଶ୍ୱର) ୧୮୯୬
୩୧) ପ୍ରଭାତ ବାର୍ତ୍ତା (କଟକ) ୧୮୯୬
୩୨) ଉଦ୍ୟାନ ନ୍ୟୁଜ୍ (ବ୍ରହ୍ମପୁର) ୧୮୯୬
୩୩) ଗଞ୍ଜାମ ଓଡ଼ିଆ ହିତବାଦିନୀ (ବ୍ରହ୍ମପୁର) ୧୮୯୯
୩୪) ଉତ୍କଳ ସାହିତ୍ୟ (କଟକ) ୧୮୯୭

ଏହିପରି ସଂଖ୍ୟାଧିକ ପତ୍ରପତ୍ରିକା ଊନବିଂଶ ଶତକର ଓଡ଼ିଶାକୁ ନାନା ଦିଗରୁ ଉଦ୍‌ବୋଧିତ କରିବାକୁ ଉଦ୍ୟମ କରିଥିଲେ । ସମସ୍ୟା-ପୀଡ଼ିତ ଓଡ଼ିଶାକୁ ବିଭେଦନା ଓ ଶତ ଶତ ଶତାବ୍ଦୀ ଧରି ଅବହେଳିତ ଜନଜୀବନରେ ଆଶା, ଭରସା ଆଦି ନୂତନ ଜିଜ୍ଞାସା ପ୍ରେରଣା ଯୋଗାଇଥିଲେ ପତ୍ରପତ୍ରିକା ।

## ॥ ପ୍ରାନ୍ତ ॥

ଓଡ଼ିଶାରେ ଊନବିଂଶ ଶତକର ବୈଶିଷ୍ଟ୍ୟ ଜାତୀୟତାବାଦର ଉନ୍ମେଷ । ଗଙ୍ଗ-ଗଜପତି ରାଜତ୍ୱ କାଳରେ ଦୃଢ଼ ରୂପ ନେଇ ଠିଆ ହୋଇଥିବା ଓଡ଼ିଶା ସାମ୍ରାଜ୍ୟ ୧୫୬୮ ଖ୍ରୀଷ୍ଟାବ୍ଦ ପରେ ତାହାର ପତନ ହୋଇଯାଇଥିଲା । ଏହାପରେ ବିଭିନ୍ନ କାରଣରୁ ୨୦୦ ବର୍ଷ କାଳ ଏ ଧାରଣାକୁ ପରିପୋଷଣ କରିବାକୁ କାହା ମନରେ ଆଗ୍ରହ ନଥିଲା । ଫଳରେ ବିଚ୍ଛିନ୍ନ ହୋଇଥିବା ବୃହତ୍ ଓଡ଼ିଆ ସମାଜ— ଚାରିଆଡ଼େ, ଛୋଟନାଗପୁର ପରଦେଶରେ ଏବଂ ମାଦ୍ରାଜ ପ୍ରେସିଡ଼େନ୍ସିରେ । କିନ୍ତୁ ବିଂଶ ଶତାବ୍ଦୀ କାଳରେ ଏହି ଚିନ୍ତାଧାରାର ପୁନରଭ୍ୟୁଦୟ ଏ ଶତାବ୍ଦୀର ଏକ ବଳିଷ୍ଠ ଘଟଣା ବୋଲି ଏ କ୍ଷେତ୍ରରେ ଚିନ୍ତାକରେ । ଊନବିଂଶ ଶତାବ୍ଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦୁଇଟି ପରସ୍ପର ବିରୋଧୀ ଚିନ୍ତାଧାରା ଓଡ଼ିଶାରେ ଦେଖିବାକୁ ମିଳିଥାଏ ।

୧) ଏକ ପକ୍ଷରେ ଓଡ଼ିଶାକୁ ଭାଷା ଦୃଷ୍ଟିରୁ, ଶାସନ ଦୃଷ୍ଟିରୁ, ଭୂଗୋଳ ଦୃଷ୍ଟିରୁ

ବର୍ଣ୍ଣିତ/ ଅନୂଦିତ ଏପରିକି ସଂସ୍କୃତ ଭାଷାରୁ ଅନୁବାଦର ଉଦ୍ୟମ ହୋଇଥିଲା ।

୬) ଅନ୍ୟ ପକ୍ଷରେ ଭୂଗୋଳାତ୍ମକ/ଐତିହାସିକ ଉଦ୍ଦେଶ୍ୟ କାଳରେ ଭାଷା ଦୃଷ୍ଟିରୁ, ଶାସନ ଦୃଷ୍ଟିରୁ, ଭୌଗୋଳିକ ଦୃଷ୍ଟିରୁ, ପରମ୍ପରା ଦୃଷ୍ଟିରୁ ଏହାକୁ ଏକତ୍ରିତ କରି ଅଖଣ୍ଡ ଓଡ଼ିଶା ରାଜ୍ୟ ଗଠନ ପାଇଁ ଅବ୍ୟାହତ ଉଦ୍ୟମ ଆରମ୍ଭ ହୋଇଥିଲା ।

ଭୌଗୋଳିକ ଓ ପ୍ରଶାସନିକ ଦୃଷ୍ଟିରୁ ଊନବିଂଶ ଶତାବ୍ଦୀରେ ଓଡ଼ିଶା ରାଜ୍ୟର ସ୍ଥିତିକୁ ସ୍ୱୀକାର କରିବାକୁ କୁଣ୍ଠିତ ହେବାକୁ ପଡ଼େ । ବ୍ରିଟିଶମାନେ ୧୮୦୩ରେ ଓଡ଼ିଶା ଅଧିକାର ପରେ ଓଡ଼ିଶାର ବିଭିନ୍ନ ଅଂଶକୁ ଓଡ଼ିଶା ପ୍ରଦେଶ ଭଳି ଶାସନ କରିଥିଲେ । ପ୍ରଶାସନ ଦୃଷ୍ଟିରୁ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମଧ୍ୟରେ ତଥାପି ଐକ୍ୟ ଭାଷା ଦୃଷ୍ଟିରୁ ରହିଥିଲା । କିନ୍ତୁ ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଶିକ୍ଷାସ୍ତରରେ ଗୃହୀତ ଓଡ଼ିଆ ଭାଷାକୁ ଉଚ୍ଛେଦ କରି ତା ପରିବର୍ତ୍ତେ ବଙ୍ଗଳା ଭାଷା କେତେକ ଅଞ୍ଚଳର ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରଚଳନ ପାଇଁ ପ୍ରଶାସନ ଓ ଶିକ୍ଷା କର୍ତ୍ତୃପକ୍ଷ କର୍ମଚାରୀ ବିଭିନ୍ନ ସମୟରେ ପ୍ରୟାସମାନ ଦେଇଥିଲେ । ୧୮୬୮ ଠାରୁ ୧୮୭୦ ମଧ୍ୟରେ ଏ ଦିଗରେ ଅଧିକତ ଉଦ୍ୟମ ହୋଇଥିଲା । ବାସ୍ତବରେ ଏହି ପର୍ଯ୍ୟାୟ ଓଡ଼ିଆ ଭାଷା ଇତିହାସର ଏକ ସଙ୍କଟମୟ କାଳ ବୋଲି ଚିହ୍ନା କରାଯାଇପାରେ । କେବଳ ବଙ୍ଗ ଭାଷା ନୁହେଁ, ହିନ୍ଦୁସ୍ଥାନୀ ଭାଷା ମଧ୍ୟ ଓଡ଼ିଶାର କେତେକ ଅଞ୍ଚଳର ଶିକ୍ଷାନୁଷ୍ଠାନରେ ପ୍ରଚଳନ ପାଇଁ ଉଦ୍ୟମ କରାଯାଇ ପାରିଥିଲା । ଓଡ଼ିଆ ଭାଷା ପ୍ରଚଳନକୁ କେନ୍ଦ୍ର କରି ଊନବିଂଶ ଶତକରେ ସେହି ଭାଷା ବିବାଦ ମୁଣ୍ଡଟେକି ଉଠିଥିଲା । ଓଡ଼ିଆ ଜାତୀୟତାବାଦ ଇତିହାସର ଏକ ଅବିସ୍ମରଣୀୟ ଅଧ୍ୟାୟ । ଗୋଟିଏ ପକ୍ଷରେ ଓଡ଼ିଆ ଭାଷା ଉଚ୍ଛେଦ, ଅନ୍ୟପକ୍ଷରେ ଓଡ଼ିଆ ଭାଷା ସୁରକ୍ଷା ପାଇଁ ସେହି ଆନ୍ଦୋଳନ ସୃଷ୍ଟିହେଲା, ତାହାହିଁ ପରବର୍ତ୍ତୀ କାଳରେ ଓଡ଼ିଶା ରାଜ୍ୟ ଗଠନର ଏକ ପୃଷ୍ଠଭୂମି ସ୍ୱରୂପ କାର୍ଯ୍ୟ କଲା । ୧୮୬୮ ଆରମ୍ଭରୁ ୧୮୭୦ର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷିତ, ପ୍ରସାରିତ ଓ ପ୍ରତିଷ୍ଠିତ କରିବା ପାଇଁ ହୋଇଥିବା ସମସ୍ତ ପ୍ରଚେଷ୍ଟାକୁ ଏହି ସମୟର ସ୍ମରଣୀୟ ପ୍ରାବନ୍ଧିକ ଡକ୍ଟର ପଟ୍ଟନାୟକ ନାଥ ଦାଶ ତାଙ୍କର ଗ୍ରନ୍ଥରେ ଆଲୋଚନା ମାଳାରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ନାମରେ ନାମିତ କରିଛନ୍ତି । ୧୮୬୮ରୁ ଆରମ୍ଭ କରି ୧୮୭୦ର ମଧ୍ୟ କାଳରେ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ସଂରକ୍ଷଣ ବା ପ୍ରଚଳନ ସମ୍ପର୍କିତ ଉଦ୍ୟମ ଓଡ଼ିଆ ଜାତୀୟତାବାଦ ଆନ୍ଦୋଳନ ଇତିହାସର ମୂଳ ଅଙ୍ଗ ବୋଲି ଗ୍ରହଣ କରାଯାଇପାରେ ।

କେବଳ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ ଊନବିଂଶ ଶତକ ଓଡ଼ିଶାରେ ଏକ ବିଚ୍ଛିନ୍ନ ଘଟଣା ହୋଇ ରହିନଥିଲା । ଏହି ସହିତ ଓଡ଼ିଶା ରାଜ୍ୟକୁ ସ୍ୱତନ୍ତ୍ର କରି ଗଢ଼ିବାର ସ୍ୱପ୍ନ ଏବଂ ଜାତୀୟତାର ଅବ୍ୟାହତ ଘଟଣା ଥିଲା । ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ମୂଳରୁ ଏହାର ସୂତ୍ରପାତ ହୋଇଥିଲେ ମଧ୍ୟ ଓଡ଼ିଆ ଭାଷା ସୁରକ୍ଷା ପରେହିଁ ଏହା ଏକ ସଂଗଠିତ ଆନ୍ଦୋଳନର ରୂପ ନେଇଥିଲା ।

ସ୍ୱତନ୍ତ୍ର ଓଡ଼ିଆ ରାଜ୍ୟ ଗଠନର ପ୍ରାରମ୍ଭିକ ପର୍ଯ୍ୟାୟ ଥିଲା ଭଞ୍ଜବଂଶ ଜୋଧୀର ଦେଖାଯାଏ । ଭାରତ ପାଇଁ ଥିବା ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଷ୍ଟାଫୋର୍ଡ ନର୍ଥକୋଟ୍ ପ୍ରଥମେ ୧୮୬୭ ଜୁଲାଇ ୨୫ରେ ଗଭର୍ଣ୍ଣର ଜେନେରାଲ ଜନ ଲାରେନ୍ସଙ୍କୁ ଦେଇଥିବା ଏକ ପତ୍ରରେ ବଙ୍ଗଳା ପ୍ରଦେଶକୁ ପ୍ରଶାସନ ଦୃଷ୍ଟିରୁ ବିଭକ୍ତ କରିବା ଉଚିତ ବୋଲି ଜଣାଇଥିଲେ । ଏହି ମତ ମଧ୍ୟ ସେପ୍ଟେମ୍ବରର ଅନ୍ୟ ଏକ ପତ୍ରରେ ଦିଆଯାଇଥିଲା । ଜନ ଲରେନ୍ସ କିନ୍ତୁ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ । ତଥାପି ନର୍ଥକୋଟଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ଶର୍ତ୍ତକୁ ଶତ୍ରୁ ଜଣାଉଥିଲା । ଉତ୍କଳ ଦୀପିକା (୧୩ ମାର୍ଚ୍ଚ ୧୮୭୪) ରେ ଓଡ଼ିଆ ରାଜ୍ୟ ଗଠନ କରିବା ଦ୍ୱାରା କିପରି ଶିକ୍ଷା ଏ ଜାତି ପ୍ରତି ଅଭିଜ୍ଞ ତା ପ୍ରତି ଦୃଷ୍ଟିକୋଣ ମତ ପ୍ରକାଶ କରିଥିଲା । ଏହି ପରି ତା ମଧ୍ୟ ୧୮୭୦ (ଅକ୍ଟୋବର ୨୨)ରେ ଓଡ଼ିଆ ଭାଷାର ଖଣ୍ଡ ଖଣ୍ଡ ଅଂଶକୁ ଏକତ୍ରିକରଣ କରିବା ପାଇଁ ଚମ୍ପାନ ବାସୀ ମାନଙ୍କର ବଡ଼ଲାଟଙ୍କୁ ନିକଟରେ ହୋଇଥିବା ଏକ ଦରଖାସ୍ତ ଆବେଦନକୁ ପ୍ରକାଶ କରିଥିଲେ । ଏଣୁ ଓଡ଼ିଶା ପ୍ରଦେଶ ଗଠନର ଆଦ୍ୟ ପର୍ଯ୍ୟାୟ ଏହି ଜୋଧୀର ମଧ୍ୟ ଭିତରୁ ଆରମ୍ଭ ହୋଇଥିଲା ।

ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ଏହି ଆଦ୍ୟ ପର୍ଯ୍ୟାୟରେ ଯେତେବେଳେ ଓଡ଼ିଆ ଭାଷାକୁ ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରି ଏହାର ସୁରକ୍ଷା ପାଇଁ ଅବ୍ୟାହତ ସଂଗ୍ରାମ ଚାଲିଥିଲା ସେତେବେଳେ ଓଡ଼ିଶା ରାଜ୍ୟ ଗଠନର ସ୍ୱପ୍ନ ଆରମ୍ଭ ହୋଇଯାଇଥିଲା । ଉନବିଂଶ ଶତକ ଓଡ଼ିଶାର ଧର୍ମ, ଭାଷା, ମାନ, ଅଧିକାର, ରାଜଧର୍ମକୁ ଯେଉଁ ଦୁଇଜଣ ବ୍ୟକ୍ତି ପ୍ରତିଷ୍ଠାପିତ କରିଥିଲେ ବିଶେଷ ଭାବରେ ସେମାନେ ହେଲେ ଗୌରୀଶଙ୍କର ରାୟ ଏବଂ ମଧୁସୂଦନ ଦାସ । ଜାତିୟର ଗୌରୀଶଙ୍କରଙ୍କର ଜାତି ନାୟକ ଭୂମିକା ପରେ ବିଂଶତି ଭାବରେ ପରିଲକ୍ଷିତ ହୋଇଥିବା ବେଳେ ମଧୁସୂଦନ ଶତାବ୍ଦୀର ଶେଷ ଦଶନ୍ଧି ଭୂମିରେ ଉଦୟମାନ ସୂର୍ଯ୍ୟରୂପେ ମୁଣ୍ଡଟେକି ଉଠିଥିଲେ । ଭଞ୍ଜବଂଶ ଜୋଧୀର ଓଡ଼ିଶା ଇତିହାସ ସଙ୍ଗଠ ପୁରସ୍କାର ଅବଦାନାଂଶରେ ଏଇ ଦୁଇଜଣ ବରପୁତ୍ରଙ୍କର ଜୀବନ ଓ କାର୍ଯ୍ୟାବଳୀ ଜଡ଼ିତ ।

### ❋ ତଥ୍ୟ ସୂତ୍ର ❋


୧) ମାନସିଂହ ମାୟାଧର, ଓଡ଼ିଆ ସାହିତ୍ୟର ଇତିହାସ, ଭୁବନେଶ୍ୱର ୧୯୮୩ ।
୨) ପଟ୍ଟନାୟକ, ସୁଧାକର, ସମ୍ବାଦ ପତ୍ରରୁ ଓଡ଼ିଶାର କଥା, ଗ୍ରନ୍ଥମନ୍ଦିର, କଟକ, ୧୯୭୨ ।
୩) ଜେନା, କୃଷ୍ଣଚନ୍ଦ୍ର, Land Revenue Administration in Orissa, S. Chand & Co, Delhi. 1968
୪) ପାତ୍ର କିଶୋରୀ ମୋହନ, Orissa under the East India Company, Munshiram Manoharlal, Delhi, 1971.

୫) ପାତ୍ର କିଶୋରୀ ମୋହନ ଏବଂ ଦେବୀ ବନ୍ଦିତା, An Advanced History of Orissa, Modern period, Kalyani Publishers, New Delhi, 1983.

୬) ପଟ୍ଟନାୟକ, ଗୋପୀନାଥ; The Famine and Some Aspects of the British Economic Policy in Orissa, 1866—1905, Vidyapuri, Cuttack, 1980.

୭) ମହାନ୍ତି, ସୁରେନ୍ଦ୍ର; [illegible], ଗ୍ରନ୍ଥ ମନ୍ଦିର, କଟକ, ୧୯୭୭ ।

୮) ମିଶ୍ର, ପ୍ରଦୀପ୍ତ କୁମାର, "Political Unrest in Orissa in the 19th Century", Punthi Pustak, Calcutta, 1983.

୯) ମହାନ୍ତି, ନିବେଦିତା, Oriya Nationalism : Quest for a United Orissa, Manohar, New Delhi, 1982.

୧୦) ଏସ୍‌ମାନ, ଏ କୁଲ୍‌କେ ହରମାନ୍ ଏବଂ ତ୍ରିପାଠୀ, ଗୟାଚରଣ (ସମ୍ପାଦିତ) The Cult of Jagannath and the Regional Tradition of Orissa, 1978, Manohar Publishers, New Delhi.

୧୧) ଦାଶ, ଉପେନ୍ଦ୍ର ନାଥ

କ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ଏକ ସିଂହାବଲୋକନ, ଝଙ୍କାର, ନଭେମ୍ବର, ଡିସେମ୍ବର, ୧୯୮୮ ।

ଖ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ଏକ ଦୃଷ୍ଟିପାତ, ସ୍ନାତକ-୨୨, ନଭେମ୍ବର ୧୯୮୭—ଜୁନ ୮୮ ।

ଗ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ପୁନର୍ସିଂହାବଲୋକନ, ଝଙ୍କାର, ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର, ଜାନୁଆରୀ, ଫେବ୍ରୁଆରୀ, ମାର୍ଚ୍ଚ, ମେ, ୧୯୮୯-୯୦ ।

୧୨) ବେହେରା, କରୁଣା ସାଗର ଏବଂ [illegible]
"Devastating Cyclone in Balasore district in 1874", Orissa Historical Research Journal, vol. XXX IV, No. 3 and 4.

୧୩) ପଟ୍ଟନାୟକ, [illegible]; Studies in superstitious beliefs, Myths, Magic witchcrafts, sorcery and sacrifice of the 19th century Orissa, OHRJ, vol. XXX III, No. 3 and 4.

୧୪) ସୁନ୍ଦର, ପାର୍ଶ୍ୱ, "The Christian Missionary activities in Orissa and their impact on 19th century", OHRJ, vol. XXXIV. No. 1 and 2.

୧୫) ଗ୍ରାମ, ଅନୁପ ଦାସ, "Educational uplift of women in the 19th century Orissa". The Journal of Orissan History, Orissa History Congress. June 1988.

୧୬) ପଟ୍ଟନାୟକ, ଅଶୋକ କୁମାର, .i) Missionaries and its social impact on 19th century Orissa". OHRJ. vol XXXV, No. 1 and 2.

(ii) "Growth of education and its social impact on 19th century Orissa". The Journal of Orissan History, June 1989.

ଅଧ୍ୟାପକ, ଇତିହାସ ବିଭାଗ
ଉତ୍କଳ ବିଶ୍ୱ ବିଦ୍ୟାଳୟ,
ଭୁବନେଶ୍ୱର - ୧

# ।। ଗଳ୍ପ ନୁହେଁ ସମାଲୋଚନା ।।

**● ଡକ୍ଟର ନଟବର ସାମନ୍ତରାୟ**

---

୧୮୬୯ ସାଲ ଅଗଷ୍ଟ ମାସ ୪ ତାରିଖ ବୁଧବାର— ଓଡ଼ିଆ ଜାତି ପକ୍ଷରେ ଏକ ସ୍ମରଣୀୟ ଦିବସ । କଟକର ଏକ୍‌ଟିଂ ଜଏଣ୍ଟ ମାଜିଷ୍ଟ୍ରେଟ୍ ଟି.ଏମ୍. କର୍ବେଟ୍ ସାହେବଙ୍କ ଇଜଲାସ ଆଜି ଲୋକାରଣ୍ୟ । ଏକ ସଙ୍ଗୀନ ମକଦମା । ସ୍ଥିର ଦେଖିବେ ଉଦ୍‌ବେଳିତ ଜନତା ଚାହିଁ ରହିଛି ମାଜିଷ୍ଟ୍ରେଟ୍ ସାହେବଙ୍କ ଶେଷ ଆଦେଶକୁ । ମକଦମା ହେଲେ ଚିତାପଟ ହେବା କିମ୍ବା ଚିତାପଟ ମାରିବା ତ ସାଧାରଣ କଥା । କିନ୍ତୁ ଏଥର ବ୍ୟାପାରଟା ଏକ ଅସାଧାରଣ । କାରଣ ଏହି ମକଦମାରେ ଗୋଟିଏ ଜାତିର ମାନମହତ୍ତ୍ୱ ହେଉଛି ସନ୍ନିହିତ କଥା ମୀମାଂସିତ ।

କଟକ କଲେଜ ଶ୍ରେଣୀର ପ୍ରଧାନ ଅଧ୍ୟାପକ ରାଜକୃଷ୍ଣ ମୁଖୋପାଧ୍ୟାୟ ଏମ୍.ଏ., ବି.ଏଲ୍., ମହାଶୟ କଲିକତା ବିଶ୍ୱବିଦ୍ୟାଳୟରୁ ସର୍ବୋଚ୍ଚ ଉପାଧି ଲାଭ କରି ଏହି ବର୍ଷ ଜାନୁଆରୀ ମାସରେ ଓଡ଼ିଆ ଛାତ୍ର ଅଧ୍ୟାପନା କରିବା ପାଇଁ ଆସିଥାନ୍ତି କଟକ । ସେଥି ସମ୍ବନ୍ଧେ ତାଙ୍କ ନାମରେ କୌଣସି ବ୍ୟକ୍ତିର ଅପମାନ ସୂଚକ ଲେଖା ଉତ୍କଳଦୀପିକାରେ ପ୍ରକାଶ ପାଇଥାଏ । ତେଣୁ ସେ ଆଇନର ୫୦୦ ଧାରାରେ ଅଧ୍ୟାପକ ମହାଶୟ ଦୀପିକା ସମ୍ପାଦକ ଗୌରୀଶଙ୍କର ରାୟଙ୍କ ବିରୁଦ୍ଧରେ ମକଦମା ଦାଏର କରିଥାନ୍ତି । ଏକ ପକ୍ଷରେ ଗୌରୀଶଙ୍କର,— ଓଡ଼ିଆ ଜାତିର ସାର୍ବଭୌମ ପ୍ରତିନିଧି; ଅପରପକ୍ଷରେ ଅଧ୍ୟାପକ ମୁଖୋପାଧ୍ୟାୟ,— ଓଡ଼ିଆ-ବିଦ୍ୱେଷୀ ବଙ୍ଗାଳୀମାନଙ୍କର ଶିରୋଭୂଷଣ । କର୍ବେଟ ସାହେବ ଦୀପିକା ଲେଖାର ଦୋଷ ଦୁର୍ବଳତା ଅନ୍ତରରୁ ବେଶ ଅନୁଭବ କରୁଥା'ନ୍ତି । ନ୍ୟାୟ ଓ ବିଚାରର ସୁସମନ୍ୱୟ ପାଇଁ ସେ ଏତେଦିନ ଅପେକ୍ଷା କରି ବସିଛନ୍ତି । ଏ ଆସନର ମହତ୍ତ୍ୱ ପ୍ରତିଷ୍ଠା ସେ କରିବେ କିପରି ? ତାଙ୍କ କଲମ ଏଣେ ଅଟକିଛି । ଆଜି ସ୍ଥିର ତାଙ୍କ ମୀମାଂସା ଶୁଣିବାକୁ ସହସ୍ର ଲୋକେ ଚାହିଁ ରହିଛନ୍ତି ତାଙ୍କର ଶେଷ ଆଦେଶକୁ । ଜନତାର ପଲକହୀନ ଦୃଷ୍ଟିକୁ ସେ କଦାପି ଖଣ୍ଡନ କରି ପାରିବେ ନାହିଁ ।

କର୍ବେଟ ସାହେବଙ୍କ ମନରେ ଏ ଦ୍ୱନ୍ଦ୍ୱ କାହିଁକି ? ଜନମନରେ କେତେ ଶଙ୍କା ସେ ବା ନ ଜାଣନ୍ତି ? ତାଙ୍କ ଶକ୍ତି'ର ଅସଲ ପରୀକ୍ଷା ହେଉଛି ଏ ମକଦମାର ବିଚାର ପ୍ରକୃତ । ଏହା ବ୍ୟକ୍ତିଗତ ନୁହେଁ । ତାଙ୍କ ବିଚାର ଉପରେ ନିର୍ଭର କରିବ ଗୋଟିଏ ଜାତିର ସ୍ୱତ୍ୱ । ତାଙ୍କ ଜୀବନରେ ସେ କେବେହେଁ ଏତେବଡ଼ ସଙ୍କଟ ଓ ବିଚାର ସମସ୍ୟାର ସମ୍ମୁଖୀନ ହୋଇ ନଥିଲେ ।

ଏ ଘଟଣାର ଠିକ୍ ୧୮ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ମାସ ୨୭ ତାରିଖରେ ଦୀପିକା ସ୍ତମ୍ଭରେ ନିମ୍ନଲିଖିତ କବିତାଟି ଅଷ୍ଟ ପ୍ରକାଶ କରିଥିଲା ।

"ଉତ୍କଳସ୍ଥ
ସୁନ୍ଦର ଅକ୍ଷର ।
ସରଳ ହୋଇଣ ବୋଲିବ କେଉଁ ବଙ୍ଗ ବାସୀ ଭୂନ'ଭାର । ପର
କଙ୍କାଳ ଭଙ୍ଗାଇ ବାନ୍ଧିବା ସଙ୍ଗାଳି ବାନ୍ଧି ଅଛି ଏ ଦେଶର,
ଦେଖିଲେ କି ଦୋଷ ହୋଇଲେକି ଯେଉଁ କାଣ ମନାସନ୍ତି ମୋର ।
ଦର୍ଶନେ ଲୁଚଗାଳ ତନ୍ତ୍ର ସୂର୍ଯ୍ୟ ଗୋଲ ଗଗନେ ଶୋଭନକର,
ଅନୁମାନ ମୋର ଏହୁ ନଶିବାର ଗୋଲ ଅକ୍ଷର ସୁନ୍ଦର ।
ଗୋଲକଙ୍କ ନାସ୍ତି ହୋଏ ମନୋହାରୀ ଶୋଭା ସବୁ ଗୋଲକାର,
ଅନୁସ୍ୱର ଏହୁ ହେଲ ଗୋଲ ମୁଣ୍ଡ ଗୋଲ କରନ୍ତି ଚୂଡ଼ାର ।
ହେବେ ମଣି ବନ ସୁନ୍ଦର ଏମିଇନ୍ତ ଦେଶୁଛ ରୂପ ମୋହର,
ଏ ବସ୍ତୁ ମାନଙ୍କୁ ସତେ କି ବଙ୍ଗାବାଲୁ ସତ କଲବ କ ତା'ର ।
ଯେଣୁ ଏ ପ୍ରସ୍ତାବ ଚାହେବଟି ଲୁପ କଲବଲ ହେବ କୁଆଡ଼,
ଉଠନ୍ତ ମୋହନ ବାସ୍ତ ନ ଭାଷଣ ଏ କଲ୍ପନା ବାତୁଳର ।"

ଏହି କବିତାର ମାସର ପ୍ରଥମ ସପ୍ତାହରେ 'ଇଣ୍ଡିଆ ମିରର' ନାମକ ଗୋଟିଏ ଇଂରାଜୀ କାଗଜରେ ବାବୁ ରମାନାଥ ରାଜେନ୍ଦ୍ରଲାଲ ଓଡ଼ିଆ ଭାଷାକୁ ବଙ୍ଗଳା ଅକ୍ଷରରେ ଲେଖିବା ପାଇଁ ଗୋଟିଏ ପ୍ରସ୍ତାବ ଦେଇଥିଲେ, ସେହି ଅବାସ୍ତବିକ ପ୍ରସ୍ତାବକୁ ନେଇ ଓଡ଼ିଆ ଅକ୍ଷର ମୁଖରେ ଉପରୋକ୍ତ କବିତାଟି ପ୍ରକାଶ ପାଇଥିଲା । ସେହି ମାସ ୧୯ ତାରିଖରେ 'ଇଣ୍ଡିଆ ମିରର'ରେ ରାଜେନ୍ଦ୍ରଲାଲ ମହାଶୟଙ୍କ ଉକ୍ତ ପ୍ରସ୍ତାବକୁ ସେହି କାଗଜ ସମର୍ଥନ କରିଥିଲା ବୋଲି ଲେଖିଥିଲେ ଅଧ୍ୟାପକ ମୁଖୋପାଧ୍ୟାୟ । ମୁଖୋପାଧ୍ୟାୟ ମହାଶୟଙ୍କ ଉକ୍ତ ବ୍ୟବହାରକୁ ଲକ୍ଷ୍ୟ କରି 'ସାହିତ୍ୟ' ସେହି ଲେଖାଟି ପ୍ରକାଶ କରିଥିଲେ, କର୍ଣ୍ଣେଲ ସାହେବଙ୍କ କଥାରେ ତାହାହିଁ ଥିଲା ପ୍ରଧାନ ଉପାଦାନ ।

ଏତିକିମାତ୍ର କର୍ଣ୍ଣେଲ ସାହେବ ପାଖରେ ବସିଥିବା ଓଡ଼ିଆ ପଣ୍ଡିତଙ୍କୁ ପ୍ରଶ୍ନ କଲେ, "ମୁଖୋପାଧ୍ୟାୟ ମହାଶୟଙ୍କ ଉକ୍ତି ଯାହା କହିଲେ ମୁଁ ତା' ବୁଝିଲି । କିନ୍ତୁ ଲେଖାଟି ଭିତରୁ 'ମେଧ' ଶବ୍ଦଟି ଆସିଲା କେମିତି ?" ପଣ୍ଡିତେ ଉତ୍ତର ଦେଲେ, "ଆମ ଶ୍ରୀଯୁକ୍ତ ବାବୁ ମହାଶୟ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଶିକ୍ଷା ଲାଭ କରିଅଛନ୍ତି; ତାଙ୍କୁ ଇଂରାଜୀ ଭାଷାରେ କେହିଁଠି କହନ୍ତି 'ଏମେ' । ଏ ଉପାଧିରେ 'ଧ' ଥିଲେ ତାହା ହୋଇଯାଆନ୍ତି 'ଏ ମେଧ' ।"

"ଅଚ୍ଛା, କହନ୍ତୁ ଭଲ କଥାଟା ଶିଖା ନ କରୁ ଏମିତି କଥାଟି ଯୋଡ଼ାଯୋଡ଼ି କରି କହିବା କ'ଣ ଏ ଦେଶ ଲୋକଙ୍କର ରୁଚି ?" ପଣ୍ଡିତେ ଉତ୍ତରରେ କହିଲେ, "ଏହା ଏ ଦେଶ ଲୋକଙ୍କର କେବଳ ବୈଶିଷ୍ଟ୍ୟ ନୁହେଁ, ଏହା ଜାତିର ଭାଷାର ବୈଶିଷ୍ଟ୍ୟ । ତେଣୁ ଏପରି କଥାଟି ଯୋଡ଼ାଯୋଡ଼ି ବ୍ୟାପାରଟା ଏ ଦେଶ ଭାଷା ସାହିତ୍ୟର ଏକ ଅମର କାବ୍ୟପଦ ।" କର୍ଣ୍ଣେଲ ସାହେବ ବିସ୍ମୟାଭିଭୂତ ହୋଇ କହି ଉଠିଲେ,

"ଓଡ଼ିଆମାନଙ୍କର କ'ଣ ଗୋଟାଏ ଜାତୀୟତା ଅଛି ? ଯାହାର ଭାଷା ସ୍ୱତନ୍ତ୍ର ନୁହେଁ ବୋଲି ଗତ ୬୦ ବର୍ଷ ଧରି ସରକାରୀ କାଗଜପତ୍ରରେ ଲେଖା ହୋଇ ଆସୁଛି, ତାହା ପୁଣି ଗୋଟିଏ ଜାତୀୟତା ଅଛି କେମିତି ?" ଏତେ ବଡ଼ ଅପମାନଟାକୁ ହଜମ କରିବା ଷଟ୍‌ଦୋପାଦୀ ପଣ୍ଡିତଙ୍କ ପକ୍ଷରେ ଏକାନ୍ତ ଅସମ୍ଭବ । ଏ ଅପମାନ ଜାତି ତଥା ଦେଶର ଅପମାନ । କିନ୍ତୁ ପଣ୍ଡିତଙ୍କ ବର୍ତ୍ତମାନ ଅବସ୍ଥାର ଦାସ । ମାଜିଷ୍ଟ୍ରେଟ ସାହେବଙ୍କ ସମ୍ମୁଖରେ ଅପ୍ରକୃତିସ୍ଥ ହେବା ଅବାଞ୍ଛନୀୟ । ଅନ୍ତରର କ୍ରୋଧ ଦମ୍ଭୋଳି ନେଇ ସ୍ନିଗ୍ଧ କଣ୍ଠରେ ପଣ୍ଡିତେ କହିବାକୁ ଲାଗିଲେ, "ମାଫ୍ କରିବେ ମାଜିଷ୍ଟ୍ରେଟ ସାହେବ ! ସରକାରୀ କାଗଜଟା ଠିକ୍ ଥିଲେ ସରକାରୀ କର୍ମଚାରୀମାନଙ୍କ ଥଳିଟା ଅଙ୍କରେ ପୂର୍ଣ୍ଣ ଥାଏ । ଲୋକଙ୍କ ଅନ୍ତରର ତୃପ୍ତି ଦେବା ଏମାନଙ୍କର କର୍ମମୟ ଜୀବନର ଲକ୍ଷ୍ୟ ନୁହେଁ !" "ପଣ୍ଡିତ ମହାଶୟ, ମୋତେ ଓଡ଼ିଆ ଭାଷା ଭଲ ଆସେ ନାହିଁ ବୋଲି ଆପଣଙ୍କର ସାହାଯ୍ୟ ନେଉଥିଲି । ସେଥି ସୁବିଧା ନେଇ ସରକାରଙ୍କୁ ସମାଲୋଚନା କରିବା ଆପଣଙ୍କ ପକ୍ଷରେ ସମୀଚୀନ ନୁହେଁ ।" "ମୋର ଦୋଷ ମାଫ୍ କରିବେ ବୋଲି ମୁଁ ଆପଣଙ୍କୁ ଅନୁରୋଧ କରୁଥାଉଛି । ମୋର ଜନ୍ମ ଓ ଜୀବନର ବୃତ୍ତି ମୁଁ ଭଲ ଭାବରେ ଜାଣେ । ଏ ମୋର ଔଦ୍ଧତ୍ୟ ନୁହେଁ, ଅନ୍ତରର ବାଣୀ ମାତ୍ର । ମୁଁ ସରକାରଙ୍କୁ ସମାଲୋଚନା କରୁନାହିଁ, କରୁଛି ସରକାରୀ କଳରେ ଥିବା କର୍ମଚାରୀ ବୃନ୍ଦଙ୍କୁ, ଯେଉଁମାନେ ଏତେ ବଡ଼ ଜାତିର ଅନ୍ତର କଥା ଏ ପର୍ଯ୍ୟନ୍ତ ବୁଝି ପାରି ନାହାନ୍ତି ।"

ଉଦ୍‌ବୁଦ୍ଧ ଜନତା ଭିତରେ ଖେଳିଗଲା ଏକ ମୃଦୁମନ୍ଦ ଗୁଞ୍ଜରଣ । ଜଜ୍ ସାହେବ ପଣ୍ଡିତଙ୍କ ଠାରୁ ଜନତା ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ଗୋଟିଏ ପାଖରେ ଦେଖିଲେ ହର୍ଷୋତ୍‌ଫୁଲ୍ଲ ଜନତାର ଆନନ୍ଦ କଳରବ, ଏମାନେ କିନ୍ତୁ ଫଣାରେ ଦମ ଅପର ପାର୍ଶ୍ୱରେ ଏକ ବିଚ୍ଛିନ୍ନ ଜନତାର କାଳିମାମୟ ମୁଖଚ୍ଛବି । ସମସ୍ତଙ୍କର ଆଖି ଲାଖି ରହିଛି ସାହେବଙ୍କଠି ।

"କର୍ମଚାରୀମାନେ ଭୁଲ କଲେ କେଉଁଠି ଓ କେମିତି ?" ଦୃଢ଼ ସ୍ୱରରେ ସାହେବ କଷ୍ଟପାଶ ଉତ୍ତର ଅପେକ୍ଷାରେ ବସି ରହିଲେ । ଆଉ ନମ୍ର ସ୍ୱରରେ ପଣ୍ଡିତେ କହିବାକୁ ଲାଗିଲେ, "ଭୁଲ ଦେଖାଇବା ମୋର ଉଦ୍ଦେଶ୍ୟ ନୁହେଁ, କର୍ତ୍ତବ୍ୟ ମଧ୍ୟ ନୁହେଁ । ଏ ଭୁଲ ଏମାନେ ଆଜି ନା କାଲି ବୁଝି ପାରିବେ । ଯାହାକୁ ଦୈଶିକ ଘଟଣା ଏ ଦେଶର ଜନତା ଭୁଲିବାରେ ଅଛି କେତେ । ଜନତାର ଜୀବନ ସ୍ରୋତ ସହିତ ଏମାନେ କୌଣସି ଯୋଗସୂତ୍ର ସ୍ଥାପନ କରି ନାହାନ୍ତି । ଇଂରେଜ ସରକାର ଏ ଦେଶକୁ ଶାସନାଧୀନ କଲାଦିନଠାରୁ କୌଣସି ଉତ୍ତମ ଶାସକ ଅଛି ଏ ଦେଶ ଲୋକଙ୍କ ଭାଷା ଅଧ୍ୟୟନ କରିବାକୁ ଇଚ୍ଛା କରିଛନ୍ତି କି ?" ହଠାତ୍ ସାହେବ କହି ଉଠିଲେ, "କାମଟା କରୁଛି ଅଙ୍କ ପାରୁନାହିଁ ?" "ନାମ ମିଶା ଅଛନ୍ତି, କିନ୍ତୁ ସେ ସଂଖ୍ୟାକୁ ଉପେକ୍ଷା କରିବାର କ୍ଷମତା କେଉଁଠି ଆପଣ ଅଣ ଦେଖୁଛନ୍ତି !" କହିନେଇରେ ସାହେବ ପଚାରିଲେ, "ତା' କେମିତି ?" ହସିଲେ ପଣ୍ଡିତ, "ଏ ସମସ୍ୟା ତ କୌଣସି

ତାଙ୍କୁ ଦେଇ, ଭଲ ଠିଆ ହୋଇନାହିଁ । ଗୋଟିଏ ଜାତିର ମାନ ମହତ୍ତ୍ୱ ଏହାରି ଉପରେ ନିର୍ଭର କରୁଛି । ଗୌରୀଶଙ୍କର-ରାମକୃଷ୍ଣ କେବଳ ତା'ର ଉପଲକ୍ଷ ମାତ୍ର ।" ମୁଖ ଶମ୍ଭୁ'ର ଭଲ ପ୍ରାଚୀନ କହି ଉଠିଲେ, "ମହଦମାନ ଶବ୍ଦର ଭାର ମୋ ଉପରେ; ଏ ବିଷୟରେ ଅଧିକ ଅନ୍ତର ହେବା ଆପଣଙ୍କ ପକ୍ଷରେ ସମୀଚୀନ ନୁହେଁ, ଶୋଭନୀୟ ନୁହେଁ ମଧ୍ୟ । ତେବେ ଏ ବିଷୟରେ ମୋର ଗୋଟିଏ ସନ୍ଦେହ ଅଛି । ଯେଉଁଠା ଲେଖାରେ ଏ ଶେଷ ଶବ୍ଦଟି ଯୋଡ଼ାଯୋଡ଼ି ଅବସ୍ଥା ଅଛି ତା' ଓଡ଼ିଆ ସାହିତ୍ୟରେ ଅଛି ବୋଲି ଆପଣ କହୁଛନ୍ତି । ଗୋଟିଏ ଉଦାହରଣ ଦେଇ ବୁଝାଇ ଦେବେ କି ?"

ପଣ୍ଡିତଙ୍କ ମନରେ ଅପୂର୍ବ ଉତ୍ସାହ ଦେଖାଦେଲା । ହର୍ଷ ଭରରେ କହି ଉଠିଲେ ଚମ୍ପାଦେଶୀୟ ସ୍ୱରରେ, "ଅହାର ସରସ ଜାଲ ହୋଇ ଉଭୟ । ଅସିତ ପଦ୍ମବନକୁ ଚରଣମସ୍ତୁ ।" ଏହାର ଭାବକୁ ସେ ବର୍ଷା କାଳର ଅର୍ଥ ବାହାର କଲେ । ଏ ଭାଗଟି ପାଦର ପ୍ରଥମ ଅକ୍ଷରମାନ ଅର୍ଥାତ 'ଅ' ଓ 'ସ' ବାଦ୍ ଦେଇ ଯାହା ରହିଲା ତାକୁ ବୋଲିଲେ ଭାଗିତ ଭାଷୋପାଖ ସ୍ୱରରେ । ସେଥିରୁ ସେ ବାହାର କଲେ ଶୀତ କାଳର ଅର୍ଥ । ତା' ପରେ ସେଇ ପାଦମାନଙ୍କରୁ ଆଉ ଗୋଟିଏ ଗୋଟିଏ ଅକ୍ଷର ଅର୍ଥାତ 'ଶା' ଓ 'ସ' ବାଦ୍ ଦେଇ ଯାହା ରହିଲା ତାକୁ ସେ ବୋଲିଲେ ମାନବଗଣ୍ଡି ସ୍ୱରରେ ଓ ସେଥିରୁ ବାହାର କଲେ ଗ୍ରୀଷ୍ମ କାଳର ଅର୍ଥ ।

ଶ୍ରୋତୃ ସମୁଦାୟ ଚକିତରେ ସ୍ତମ୍ଭି ରହିଗଲେ କର୍ଣ୍ଣେଲ ସାହେବ । ସେ ଭାବିବାକୁ ଲାଗିଲେ, "ଏ ଅକ୍ଷର କଥାରେ ପୁଣି ଏତେ ଚମତ୍କାର !!! ଗୋଟିଏ ପଦର ଗୋଟିଏ ରାଗିଣୀ ଓ ଗୋଟିଏ ଅର୍ଥ । ସେଥିରୁ ଅକ୍ଷରଟି ଏ କାଟିଦେଲେ ଅନ୍ୟ ଏକ ରାଗିଣୀ ଓ ଅନ୍ୟ ଏକ ଅର୍ଥ । ପୁଣି ଗୋଟିଏ ଅକ୍ଷର କାଟିଦେଲେ ଆଉ ଏକ ଭିନ୍ନ ରାଗିଣୀ ଓ ଭିନ୍ନ ଅର୍ଥ । ସେ ଅନେକଟି ଅର୍ଥ ପୁଣି ଅନେକଟି ରାଗକୁ ହିଁ ବୁଝାଉଛି । ସାହିତ୍ୟର ଶବ୍ଦବିନ୍ୟାସ କୌଶଳ ଓ ଛନ୍ଦତତ୍ତ୍ୱକୁ ନ ଜାଣିଲେ ଲେଖାରେ ଏମିତି ବାଛି ଶବ୍ଦ ଆହରଣ ଏକାନ୍ତ ଅସମ୍ଭବ ।" କୌତୂହଳପୂର୍ଣ୍ଣ କଣ୍ଠରେ ପ୍ରଶ୍ନ କଲେ, "ଓଡ଼ିଆରେ ଏମିତି ଶବ୍ଦବିନ୍ୟାସ କୌଶଳ ଦେଖେଇ ଅଛି ?" ଉତ୍ତର-ଦାନମୁଖରେ ପଣ୍ଡିତଜୀ କହିଉଠିଲେ, 'ଏ କୌଶଳ ଗୋଟିଏ ପ୍ରକାରର ନୁହେଁ, ତାହା ବହୁ ପ୍ରକାର ଓ ତା'ର ପରିମାଣ ମଧ୍ୟ ପ୍ରଚୁର ।" "କୌତୂହଳ ସହକାରେ ସାହେବ ପଚାରିଲେ, "ତେବେ ସରକାରୀ କର୍ମଚାରୀ ମାନଙ୍କର ଏପରି ଧାରଣା ହେଲା ଯେ ଓଡ଼ିଆରେ ସାହିତ୍ୟ ନାହିଁ ଓ ତାହା ବଙ୍ଗଳାର ଅପଭ୍ରଂଶ ମାତ୍ର ।" ମନରେ ଦମ୍ଭ ଧରି ପଣ୍ଡିତଜୀ କହିଲେ, "ସେଇଟା ଓଡ଼ିଆ ଜାତିର ଦୁର୍ଭାଗ୍ୟ । ଏ ଜାତିର ସ୍ୱଳ୍ପ ସଂଖ୍ୟା ହୋଇ ଆସିଛନ୍ତି ଏଠିକିଆଏ, ସେମାନଙ୍କ ଭିତରୁ ଅଧିକାଂଶ ଓଡ଼ିଆ ଜାଣନ୍ତି ନାହିଁ । ଏମାନେ, କିନ୍ତୁ, ଏ ଜାତି ଉପରେ ଯେଉଁ ଧାରଣା କରିଥିଲେ, ତାହାହିଁ ହେଲା ଅନ୍ୟାୟ ଓ ବେଆଇନ୍ ପରି ସତ୍ୟ । ଗୋଟିଏ ଅର୍ଥରେ ଓଡ଼ିଆ ସାହିତ୍ୟ ନାହିଁ ବୋଲି ମୁଁ ସ୍ୱୀକାର କରୁଛି । ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ । ଆଧୁନିକ ଜଗତରେ ବଙ୍ଗଳାରେ ଏପରି ସାହିତ୍ୟ ବିକାଶ ଲାଭ କରି

ଶାଖାବଳୀ । ଓଡ଼ିଆରେ ତା'ର ଉଦ୍ଭବ ଏ ପର୍ଯ୍ୟନ୍ତ ହୋଇନାହିଁ । କିନ୍ତୁ ଓଡ଼ିଆରେ ଯେଉଁ ସାହିତ୍ୟ ଅଛି, ବଙ୍ଗର ସାହିତ୍ୟ ବଙ୍ଗଳା ତାହିଁକି ଅନ୍ୟାନ୍ୟ ସ୍ୱରଙ୍କୁ ସାହିତ୍ୟରେ ଅଛି କି ନା ସନ୍ଦେହ । ଏ ସାହିତ୍ୟର ଅନେକ ଅଂଶ କେବଳ ସ୍ଥାନ ମାନଙ୍କରେ ଅଛି । ତାଳପତ୍ର ପୋଥିରେ ସେ ସବୁ ଲିପିବଦ୍ଧ । ସମ୍ପ୍ରତି ପରିବର୍ତ୍ତନ ସେହି ଜନଙ୍କ ଅଶ୍ରୁମୁଖଲୀ ମଧ୍ୟ ପରିବର୍ତ୍ତିତ ହୋଇଯାଉଛି । ଛାପାଖାନା-ଯୁଗରେ ଅନେକ ଜଣ ତାଳପତ୍ର-ପୁସ୍ତକରେ ଲିପିବଦ୍ଧ ହୋଇ ରହୁଛି । ଏହାର ଫଳାଫଳ ହେଉଛି ସବୁ । ଯୋଗ୍ୟଙ୍କ ଓଡ଼ିଆ ସାହିତ୍ୟ ଶହେର ପାଖୁ ବହୁ ଦୂରରେ ରହିଯାଉଛି । ଶହରବାସୀ ତାଙ୍କୁ ଦେଖିଥିଲେ ଯିବା ଚାହୁଁଥାନ୍ତେ । ଯାହା ତା' ଆଖିରେ ନ ପଡ଼ିଲା ତା' କଥା ସେ ଜାଣିବ କିପରି ? ସହରବାସୀ ଅଣଓଡ଼ିଆ ସରକାରୀ କର୍ମଚାରୀମାନେ ଜନସାଧାରଣ ପାଖୁ ଦୂରରେ ରହିଯାଉଥିବାରୁ ଓଡ଼ିଆ ଭାଷା ଓ ତା'ର ସାହିତ୍ୟ ନ ଥିବା ସିଦ୍ଧାନ୍ତ କରନ୍ତି । ଓଡ଼ିଆ ଜାତିର ଏହାଠାରୁ ଦୁର୍ଭାଗ୍ୟ ଆଉ କ'ଣ ହୋଇପାରେ ?"

ଭକ୍ସ'ଭ ସାହେବଙ୍କ ମୁଣ୍ଡ ଘୂରିଗଲା । ଗୋଟିଏ ହାତରେ ନ୍ୟାୟ ଦଣ୍ଡ, ଅପର ହସ୍ତରେ ପରିଶ୍ରମର ଦକ୍ଷିଣ ଦଣ୍ଡ । ଦୃଶ୍ୟକୁ ଚାହିଁ ଦେଖୁଛନ୍ତି ସେ । କହିବାକୁ ଆରମ୍ଭ କଲେ, "ଏ ଜାତି କ'ଣ ଥିଲା, କ'ଣ ବା ଆଜି ହୋଇଛି ? ପଣ୍ଡିତମାନଙ୍କର ଅଜ୍ଞତା ହିଁ ଏ ଦୁର୍ଗତି ପାଇଁ ଦାୟୀ । କୃତୀଶ ଶାସନର ୨୫୦୦ ବର୍ଷ ଧରିରେ ସେ ଅପେକ୍ଷାକୃତ ଅଗ୍ରଗତ ଅଧିକ ବଢ଼ିଯାଇଛି । ଲୋକଙ୍କୁ ଶୁଣିଲେ ଅଛି ଓଡ଼ିଆ ଭାଷା; କିନ୍ତୁ ସେ ଭାଷା ବୁଝିବେ କେତେଜଣ ? ଏମାନଙ୍କର ପ୍ରତିନିଧିତ୍ୱ କରିବାକୁ କେହି କହେ ସମର୍ଥ ହେଉ ନାହାନ୍ତି । ସ୍କୁଲମାନଙ୍କରେ ଏମାନଙ୍କର ସ୍ଥାନ ନାହିଁ; କାରଣ ଆଧୁନିକ ଶିକ୍ଷାରେ ଏମାନେ ଶିକ୍ଷିତ ନୁହନ୍ତି । ତେବେ ଏଥିରେ କ'ଣ ଓଡ଼ିଆଙ୍କର କେବଳ ଭୁଲ ? ନାମକୁ ମାତ୍ର ଗୋଟିଏ ହାଇସ୍କୁଲ, ବର୍ଷେ ହେଲା ଖୋଲିଛି ଏଫ. ଏ. ଶ୍ରେଣୀ । ଏତେ ଶିକ୍ଷିତ ଲୋକେ ଆସିବେ କେଉଁଠୁ ? ତେଣୁ ଏଇ ଦୁର୍ଯୋଗ ସୁଯୋଗର ଫାଇଦା ଉଠାଉଛନ୍ତି ଏ ଦେଶର ଅଣଓଡ଼ିଆ କର୍ମଚାରୀବୃନ୍ଦ ।" ଭକ୍ସ'ଭ ସାହେବଙ୍କ ଧ୍ୟାନମଗ୍ନ ଚାହାଣିରେ ଥିବା ଲୋକଙ୍କ ପାଖି ଶବଦରେ ଚକିତ ହୋଇ ପଡ଼ିଲେ । ତନ୍ଦ୍ରା ହେଉଛି ବନ୍ଦ ହୋଇଗଲା । ପୁଣି ସବୁ ଦେଖିଲେ ନ ବୁଝିଲା ଭଳି । ତନ୍ଦ୍ରା ଭାଙ୍ଗି ଅନ୍ୟ ଭାବରେ ଉଠି ବସି । ସବୁ କହିଲେ "ଏଥିସକାଶରେ ମୁଁ ଅନୁତପ୍ତ । ମୋ ହାତରେ ଥିବା କାଗଜ ପତ୍ର ହିଁ ମୋ ବକ୍ତବ୍ୟର ଉପାଦାନ । ସେଥିରୁ ବାହାରିବା ମୋ ପକ୍ଷରେ କଷ୍ଟକର ।" ଅପେକ୍ଷାମାଣ ଜନତାର ଭିତର ଅର୍ଥ ଭାବରେ ଚିନ୍ତାନିମଗ୍ନ ସାହେବ ତାହିଁଙ୍କ ଅଧିକ [illegible] ଅନୁଭବ କରିବାକୁ ଲାଗିଲେ ।

ଜନସମକ୍ଷରେ ପ୍ରତିଥର ଜନତା ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ ଉପସ୍ଥିତ ଭକ୍ସ'ଭ ସାହେବ । ସଙ୍ଗରେ ଗୌରୀଶଙ୍କର ଓ ଅଧ୍ୟାପକ ମୁଖୋପାଧ୍ୟାୟ । ସାହେବ ଆରମ୍ଭ କଲେ, "ଗୌରୀଶଙ୍କର ବାବୁ, ପତ୍ରିକାରେ ପ୍ରକାଶିତ ଆପଣଙ୍କ ଲେଖାଟି ଅତ୍ୟନ୍ତ ଆପତ୍ତିଜନକ । ଓଡ଼ିଶାର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ କଲେଜ ଶ୍ରେଣୀର ଅଧ୍ୟାପକଙ୍କ ପ୍ରତି ଏପରି ଅପମାନ-ଜନକ ବାକ୍ୟ ପ୍ରୟୋଗ ଶିଷ୍ଟତାର ପରିଚୟ ନୁହେଁ ।

ଆପଣଙ୍କର ଏ ସମ୍ପର୍କରେ କିଛି କହିବାର ଥିଲେ କହି ପାରନ୍ତି ।" ବଜ୍ରଗମ୍ଭୀର ସ୍ୱରରେ ଗୌରୀଶଙ୍କର କହିବାକୁ ଲାଗିଲେ, "କହିବାର ତ ବହୁତ ଅଛି, କିନ୍ତୁ ଶୁଣିବା ପାଇଁ ଏଠି ଲୋକ କାହାନ୍ତି ? ଯେଉଁମାନେ ଶୁଣି ପାରିବେ ବୋଲି ଆମ୍ଭମାନଙ୍କର ବିଶ୍ୱାସ ସେମାନଙ୍କର କାନ ଅଛି କି ? ଉତ୍ତର ଦେବ ବା କାହାକୁ ?" "ମୋର କେତେ ସ୍ୱପ୍ନ ଦେବା ପୂର୍ବରୁ ଆପଣଙ୍କ ମନର କଥା ଶୁଣିବା ପାଇଁ ମୋର ଅଭିଳାଷ ଅଛି । ଆପତ୍ତି ନଥିଲେ ତାହା ନିଃସଙ୍କୋଚରେ କହିବାକୁ ମୁଁ ସୁଯୋଗ ଦେଉଛି ।" ସାହେବଙ୍କ ଏ ଅନୁରୋଧ ପାଇଁ ଗୌରୀଶଙ୍କର କହିବାକୁ ଲାଗିଲେ "ମୁଁ ଜାତରେ ବଙ୍ଗାଳୀ; କିନ୍ତୁ ଏ ଦେଶରେ ମୋର ଜନ୍ମ । ସେହି ଦେଶର ମାଟି, ପାଣି, ପବନରେ ମୋର ଶରୀର ପରିପୁଷ୍ଟ, ସେ ଦେଶକୁ, ସେ ଦେଶର ଭାଷା ଓ ସାହିତ୍ୟକୁ ଅସ୍ୱୀକାର କରିବା ମୋ ମତରେ ଅମନୁଷ୍ୟତାର ଚରମ ନିଦର୍ଶନ ମାତ୍ର । ମୁଁ ବଙ୍ଗାଳୀ ହେଲେହେଁ ଓଡ଼ିଶା ମୋର ଦେଶ, ଓଡ଼ିଆ ଭାଷା ମୋର ମାତୃଭାଷା, ଓଡ଼ିଆ ସାହିତ୍ୟ ମୋର ଜାତୀୟ ଗୌରବ । ଯେଉଁ ବଙ୍ଗାଳୀମାନେ ଓଡ଼ିଆ ଭାଷାକୁ ଅସ୍ୱୀକାର କରି ତା' ସ୍ଥାନରେ ବଙ୍ଗଳା ପ୍ରଚଳନର ପକ୍ଷପାତୀ ହୋଇ ଉଠିଛନ୍ତି, ସେମାନଙ୍କର ଏ ଦେଶ ମାଟି ପ୍ରତି କୌଣସି ମମତା ନାହିଁ । ଏ ଦେଶର ଜାତୀୟ ସ୍ୱାର୍ଥ ପ୍ରତି ସେମାନେ ଜାଣିଶୁଣି ନିର୍ଲିପ୍ତ । ସେହି ଜନତାର ମୁଁ ଜଣେ ପ୍ରତିନିଧି, ସେ ଜନତା ମୋର ଚିରନମସ୍ୟ । ସେହି ଜନତାର ନୈତିକଶକ୍ତି ବଳରେ ମୁଁ ଜଣେ ବଙ୍ଗାଳୀ ଅପମାନ ଦେଉଛି ଯୋଡ଼ିଏ ସ୍ୱତନ୍ତ୍ର ଜାତୀୟ-ଭାଷାର ସଂରକ୍ଷଣ ପାଇଁ ! ଏ ଦେଶର ପାଣି-ପବନ, ଭାଷା- ସାହିତ୍ୟ ସହିତ ଯେ ସମ୍ପୂର୍ଣ୍ଣ ଅଜ୍ଞ, ତା'ର ଅଜ୍ଞତାକୁ କ'ଣ ପ୍ରମାଣ ସ୍ୱରୂପ ଉପସ୍ଥାପନ ପାରିବେ ସାହେବ ମହାଶୟ ? କାଳିଦାସ ମହାଶୟ ଲେଖିଛନ୍ତି- ପୁଣି ଡେପୁଟୀ ଇନ୍‌ସ୍‌ପେକ୍ଟର ! ସେ ଲେଖିଦେଲେ ଓଡ଼ିଆ ଭାଷାକୁ ବଙ୍ଗଳାରେ ଲେଖିବାକୁ । ଆମ ଅଧ୍ୟାପକ ମହାଶୟ ଏକେ. ପାଠ ପଢ଼ି କାହିଁ କ ସେହି ଶେଷ ଭାଷାରେ ସ୍ୱୀକଲେ ! ଲୋକଙ୍କର ଏମିତି ସ୍ୱୀକୃତିବା ସଂସ୍କୃତକୁ ସଂସ୍କୃତରେ କହନ୍ତି 'ଜହ୍ନବାଳିକା ପ୍ରବାହ' । ମୁଁ ତ ସେଇ ସଂସ୍କୃତ ଭାଷାରେ କହୁଥିଲି 'ମେଘ' ମାତ୍ର ।"

ଏକ ଗୁରୁତା ଭାଷଣ ଶେଷ ହେଲା । ପାଞ୍ଚ ମିନିଟ୍ ଧରି ଅପେକ୍ଷା କରି ବସିଥିବା ଜନତାର ଉତ୍ସୁକ ମୁଖମଣ୍ଡଳରେ ଖେଳି ଯାଉଛି । ସାହେବ କାଗଜ ଉପରେ କୁଆଁଧାରେ ଲେଖିଦେଇ ମୁଣ୍ଡ ଉପରକୁ ଉଠାଇ କହିବାକୁ ଲାଗିଲେ, "ଗୌରୀଶଙ୍କର ବାବୁ ! ଆପଣ ଯଥାର୍ଥରେ ଧର୍ମବୀର । ଏ ଜାତିର ସ୍ୱତନ୍ତ୍ରତା ଆପଣଙ୍କ ପାଇଁ ହିଁ ରୋଷଣାଏ । ନବଜାଗ୍ରତ ସଙ୍ଗଠନର ଅଗଣ ହିଁ ହେବେ ସାର୍ଥକ ଅଗ୍ରଦୂତ । ଏହା ହିଁ ମୋର ଶେଷ ଆଶୀର୍ବାଦ । ଅପଣ ନିର୍ଦ୍ଦୋଷ । ବନ୍ଦୀମୁକ୍ତ କେନ୍ଦ୍ରବର୍ତ୍ତୀଙ୍କର ଏକ ଜାତୀୟମୂଳକ ସଙ୍ଗଠନ ଏ ସମ୍ବଦମାର ପ୍ରଶଂସାପାତ୍ର ।"

ଧର୍ମମୂର୍ତ୍ତିର ଓଡ଼ିଆ ଜନତା'ର ଜୟ ଏକ ସଙ୍ଗରେ ପ୍ରଣାମ କଲେ ବକ୍ତ୍ରିତ ସାହେବଙ୍କ ପଶ୍ଚାତ ବନ୍ଧୁବର୍ଗୀଙ୍କୁ । ଜନସ୍ରୋତ-ଉତ୍ସାହ, ପୁଷ୍ପଚନ୍ଦନ-ବନ୍ଦୀମୁକ୍ତ ଗୌରୀଶଙ୍କର ସ୍ୱଦେଶର ସେବା ଆଦିରେ କଟକ ପ୍ରତି ଦୋଷାରୋପ ଦେଉଥିଲେ ।

× × × × × ×

ଗତ ୫୫ ବର୍ଷ ପରେ କର୍ମବୀର ଗୌରୀଶଙ୍କରଙ୍କର ଜନ୍ମ ଶତାବ୍ଦୀ ଭାଷାରେ ଲେଖିଥିଲେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ । ସେଥିପାଇଁ ଆଜି ପୁଣି ଏକ ଅବସର ସମ୍ପର୍କରେ ଲେଖାଟି ଯେ ଭାଷାର ଭଣିଛନ୍ତି ଏପରି — "ତାଙ୍କୁ ମହାଶୟ ଅନେକ ଶତାବ୍ଦୀର ସମ୍ପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ ନିଜ ଜନ୍ମ ଭୂମି ଉପାଧିପ୍ରାପ୍ତ ହୋଇ ଅଛନ୍ତି । ସ୍ୱଦେଶ ପ୍ରତି ଏହାଙ୍କ ହୋଇ ଉତ୍କଳର ସମ୍ମତ ସହିତ କୃତଜ୍ଞଙ୍କ ହୋଇ ଆମ୍ଭମାନଙ୍କର ଗୌରବାସ୍ପଦ ଏ ଦେଶରେ ଅବତୀର୍ଣ୍ଣ ହୋଇ ଅଛନ୍ତି । ଉତ୍କଳ ସୌଭାଗ୍ୟ ବୋଲି କହିବ ।

ବଡ଼ ଦୁଃଖର ବିଷୟ, ତାଙ୍କୁ ସେ ପ୍ରକାର ସମ୍ମାନ, ତାହାଙ୍କ ଜୀବନରେ କେତେ-ଥୋଟି ଉତ୍କଳ ଅକ୍ଷର କହିବାକୁ ଯେବେ ସ୍ଥାନ ଆଣ୍ଟୁ, ତେବେ ଅଧିକ ଯଥାର୍ଥର ନଥିଲା । ତାଙ୍କୁ ଏ ପ୍ରକାର ଶତ୍ରୁଭାବର ବର୍ଣ୍ଣ କରି ଉପାଧିରୁ 'ଶ' ଲୋପ କରି ଅଛନ୍ତି ।" ତାହା, ଏ ଟିକଣାଟି ଭିତରେ ଅଧ୍ୟାପକ ମୁଖୋପାଧ୍ୟାୟଙ୍କ ଅପମାନ ଦେଖାଯାଏ କୌଣସି ବିଷୟ ଓ ଲେଖା ଯାଇପାରି ? ଏହି ଲେଖା ଭିତରେ ତାଙ୍କ 'ମେଷ' ଅର୍ଥାତ୍ ଓଡ଼ିଆକୁ ବା ଜାଣନ୍ତି ? କିନ୍ତୁ ସେହିବାକୁ ପଡ଼େ, ସେହି ଲେଖାଟିର ଚଢ଼ନ ଓଡ଼ିଶାରେ ଏତେ ବଡ଼ ବହଳ ପଢ଼ାଯାଇଥିଲା, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ତାଙ୍କ ସହିତ ସ୍ୱତେ ସ୍ୱଭାବ ଜଣାପାଉ ନାହାନ୍ତି । ଯୁକ୍ତିବଳରେ ଯଦି କୁହାଯାଏ ଯେ ଏ ଲେଖା ପ୍ରମାଦ ରହିତ, ତା ହେଲେ ଏଡ଼ିଭ ମାଲିମକଦମାର ଆବଶ୍ୟକତା ଥିଲା କେଉଁଠି ? ଏ ପ୍ରଶ୍ନର ସମାଧାନ "କର୍ମବୀର ଗୌରୀଶଙ୍କର" (୧୯୬୫) ପୁସ୍ତକ ସମ୍ପାଦକ ଉପଦେଷ୍ଟାଙ୍କୁ ଆଜ ପର୍ଯ୍ୟନ୍ତ କାଏ କେଉଁଠି ଭଣିଛନ୍ତି ବୋଲି ମନେହୁଏ ନାହିଁ । ତଥାପି, ଦେଖିବାକୁ ପଡ଼ିଲେ ସଂସ୍କୃତ ପ୍ରକାଶ ନ କରି ମୃତ୍ୟୁଞ୍ଜୟଙ୍କ ସେହି ଲେଖାକୁ ଏ ଦେଶର ସମାଲୋଚକମାନେ ଲେଖକଙ୍କ ଆଗରେ ଥୋଇଦେଇ ତାଙ୍କୁ ନିଜ ନଜର ତଳର ଅଦେଖାର ଫଳହୋଇ ବାହାରେଇ ମାରୁଛନ୍ତି ।

ପ୍ରିଣ୍ଟିଂ ମେସିନରେ ଓଡ଼ିଆ ଅକ୍ଷର ଯୋଗାଉଥିଲେ କମ୍ପୋଜିଟରମାନେ । ସେମାନେ ଓଡ଼ିଆ ଅକ୍ଷର ଖୋଜିବା ସମୟରେ 'ଏ' ଓ 'କୁ' ଭିତରେ ତଫାତ୍ ଜାଣି ନ ପାରିଥିଲେ । 'କୁ' ପାଇଁ କେବଳ 'ଏ' ଅକ୍ଷର ଉପରେ ଗୋଟିଏ ଟେଣ୍ଟିଆ ଅର୍ଦ୍ଧଚନ୍ଦ୍ରାକାର ଚିହ୍ନ ଦେଉଥିଲେ । ଫଳରେ କମ୍ପୋଜରେ ପଡ଼ିଲେ ଏ ଦୁଇ ଅକ୍ଷରକୁ ଭୁଲ୍ କରିବା ଅଧିକ ସମ୍ଭବପର । ସେହି ହେତୁରୁ ପାଣ୍ଡୁଲିପିରେ ଥିବା 'ଏମେ'କୁ ପଣ୍ଡିତ ମୃତ୍ୟୁଞ୍ଜୟ ପଢ଼ିଥିଲେ 'କୁମେ' ।

ମାତ୍ର ଗୋଟିଏ ଅକ୍ଷର 'ଏ' । ସେଇଟି ଭୁଲ ହୋଇ ଯେଉଁ ସୃଷ୍ଟି କଲା ତାହା ଏ ଦେଶର ସମାଲୋଚନା ସାହିତ୍ୟରେ ସୃଷ୍ଟି କରି ଅଧ୍ୟାପକ ତାଙ୍କ ପରୀକ୍ଷାର ଅନ୍ତ କେଉଁଠି ଅଛି ?

ବାଣୀଭିଟେ
ସମନ୍ତରପୁର
ଭୁବନେଶ୍ୱର-୭୫୧୦୦୨ ।

# ॥ ଗୌରୀଶଙ୍କର ଓ 'ଉତ୍କଳ ଦୀପିକା' ॥

● ଡକ୍ଟର ବୈଷ୍ଣବ ଚରଣ ସାମଲ

'ଉତ୍କଳ ଦୀପିକା' —ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ (୧୮୬୬-୧୯୧୪) ଓଡ଼ିଶାର ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ଧାର୍ମିକ ତଥା ଜାତୀୟ ଜୀବନଧାରାର ମାର୍ମିକ ଆଲେଖ୍ୟ । ମନେହୁଏ ଉତ୍କଳଦୀପିକା ହିଁ ଓଡ଼ିଶାର ଅର୍ଦ୍ଧ-ଶତାବ୍ଦୀର ଇତିହାସ । ଏହି ଇତିହାସ ସେ କାଳର ପ୍ରତ୍ୟେକଟି ସମ୍ବାଦକୁ ପ୍ରକାଶ କରି ଜାତୀୟ ଜୀବନରେ ନୂତନ ଜାଗରଣର ଆଶା ଓଁକାର ସୃଷ୍ଟି କରିଥିଲା । ତେଣୁ ଏ ପତ୍ରିକା ଜାତୀୟ ଜୀବନରେ ଜାଗରଣର ଅଗ୍ରଣୀ—ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟର ପ୍ରତିଷ୍ଠାରେ ଯାଜ୍ଞିକନ୍ୟା । ଏହା ଏକ ସାପ୍ତାହିକ ସମ୍ବାଦପତ୍ର ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ସେତେବେଳେ ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଅଗ୍ରଣୀ ଭୂମିକା ନେଇଥିଲା, ବାସ୍ତବରେ ତାହା ଅଭୂତପୂର୍ବ । କର୍ମଯୋଗୀ ଗୌରୀଶଙ୍କର ରାୟ ଏହି ପତ୍ରିକା ସମ୍ପାଦନ କରି ଯେଉଁ ଦକ୍ଷତା ଓ ଜାତୀୟ ମମତାର ପରିଚୟ ଦେଇ ଯାଇଛନ୍ତି ତାହା ବାସ୍ତବରେ ବିସ୍ମୟୋଦ୍ଦୀପକ ।

## 'ଉତ୍କଳ ଦୀପିକା'ର ଜନ୍ମକାହାଣୀ :

ନ'ଅଙ୍କ ଦୁର୍ଭିକ୍ଷର ଠିକ୍ ପରେ ମୁହୂର୍ତ୍ତରୁ 'ଉତ୍କଳ ଦୀପିକା'ର ଜନ୍ମ । ଏହା ପୂର୍ବରୁ ସାଧୁ ସୁନ୍ଦର ଦାସଙ୍କର ହାତ ଲେଖା ପତ୍ରିକା 'କୁଜିବର' (୧୮୩୮), ରେଭେରେଣ୍ଡ ସି ଲେସିଙ୍କ 'ଜ୍ଞାନାରୁଣ' (୧୮୪୯), ଉଇଲିୟମ ଲେସିଙ୍କ 'ପ୍ରବୋଧ ଚନ୍ଦ୍ରିକା', (୧୮୫୬) ଖ୍ରୀଷ୍ଟାନ୍ ଭର୍ଣ୍ଣାକୁଲାର ଏଜୁକେସନ ସୋସାଇଟିର 'ଅରୁଣୋଦୟ' (୧୮୬୧) ଆଉ କେତୋଟି ପତ୍ରପତ୍ରିକା ପ୍ରକାଶ ପାଇଥିଲେ ହେଁ ଏଗୁଡ଼ିକ ଓଡ଼ିଶାର ଜାତୀୟ ଜୀବନର ଆଶା ଆକାଂକ୍ଷାକୁ ପ୍ରକାଶ କରିବାକୁ ସମର୍ଥ ନଥିଲା । ଯଦିଓ 'ପ୍ରବୋଧ ଚନ୍ଦ୍ରିକା' ଥିଲା ଏକ ମାସିକ ସାହିତ୍ୟ ପତ୍ରିକା ଓ ଖ୍ରୀଷ୍ଟ ଧର୍ମ ପ୍ରଚାର ଏହାର ଲକ୍ଷ୍ୟ ନଥିଲା ତଥାପି ଏହି ପତ୍ରିକା ବେଶୀ ଦିନ ତିଷ୍ଠି ପାରିନାହିଁ । ମାତ୍ର ଦିନ ବର୍ଷ ମଧ୍ୟରେ ଏହାର ଅବସାନ ଘଟିଲା । ଇଂରେଜମାନଙ୍କର ଶୋଷଣ ଓ ପୀଡ଼ନ, ମିଶନାରୀମାନଙ୍କର ଧର୍ମ ପ୍ରଚାର ଓ ଜଗନ୍ନାଥ ତଥା ସନାତନ ହିନ୍ଦୁ ଧର୍ମ ଉପରେ ଆକ୍ରମଣ, ଓଡ଼ିଶାର ଅଙ୍ଗଚ୍ଛେଦ ଜନିତ ଇଂରେଜ ଶାସନର ଆଘାତ, ଓଡ଼ିଆ ଜାତି ପ୍ରତି ଅନୁଦାରତା । କତିପୟ ଶିକ୍ଷିତ ବଙ୍ଗୀୟଙ୍କର ଓଡ଼ିଶାରେ ପ୍ରଭାବ ବିସ୍ତାର ଓ ବଙ୍ଗ ଭାଷାର ପ୍ରଚଳନ ପାଇଁ ମସୁଧା, ନ'ଅଙ୍କ ଦୁର୍ଭିକ୍ଷର ଭୟଙ୍କରତା ଆଦି କାରଣରୁ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ଜନ୍ମ ହେଲା ।

ପ୍ରାଚୀନ ସାହିତ୍ୟର ପ୍ରଚାର ନିମନ୍ତେ ଗୌରୀଶଙ୍କର କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କଲେ ଏବଂ ଏହି କମ୍ପାନୀ ପ୍ରତିଷ୍ଠା ପାଇଁ ସେ ବହୁ ବ୍ୟକ୍ତିଙ୍କର ସହଯୋଗ ଲାଭ କଲେ ।

“ଉକ୍ତ ଅଂଶ ବା ଜାତି ବିଶେଷ ପାଇଁ ଏକା ମୂଳଧନରେ ଏହି ପ୍ରିଣ୍ଟିଂ କମ୍ପାନୀ ଗଠିତ ହୋଇଥିଲା ଏବଂ ଏହି କାର୍ଯ୍ୟ ସମ୍ପୂର୍ଣ୍ଣତା ନିମନ୍ତେ କର୍ମୀ ଗୌରୀଶଙ୍କରଙ୍କୁ କର୍ତ୍ତୃତ୍ୱ ଦିଆ ଯାଇଥିଲା ।” (୧) ପ୍ରଥମେ ଏହି କମ୍ପାନୀର କାର୍ଯ୍ୟ ୧୮୬୫ ମସିହା ଜୁଲାଇ ମାସ ପହିଲାରୁ ଜଗମୋହନ ରାୟଙ୍କ ଦେଉଳ ବାଡ଼ିରେ ଆରମ୍ଭ ହୋଇଥିଲା । ସେତେବେଳେ ହାତିଆଙ୍କ ଅକ୍ଷର ଖୋଦେଇ ଦ୍ୱାରା ପଥରପଟା ଉପରେ ଛାପାକାର୍ଯ୍ୟ ପ୍ରଥମେ ଚଳୁଥିଲା ପରେ ଛାପାକଳ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନା ହୋଇଥିଲା । କଟକ ପ୍ରିଣ୍ଟିଂ କମ୍ପାନୀର ଅଂଶୀଦାରମାନେ ଦେଶର ସମସ୍ତ ଲୋକ ଖବର ଶୁଣାଇବା ପାଇଁ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିବା ଲାଗି ମନସ୍ଥ କଲେ । ସେଠାରେ ‘ନଅଙ୍କ’ର ଘୋର ଦୁର୍ଭିକ୍ଷ ଜନିତ ମୃତ୍ୟୁ ସମ୍ବାଦ ଜଣାଇବାକୁ ଦେଶର କେଉଁ ବୁଦ୍ଧିଜୀବୀ ଅନ୍ଧକାର ମଧ୍ୟରେ ସେମାନଙ୍କ ଉଦ୍ଯୋଗରେ ‘ଉତ୍କଳ ଦୀପିକା’ ନାମ୍ନୀ ‘ପତ୍ରିକା’ ଦେଖା ଦେଲା । ଛାପାଖାନା ବସିବାର ପ୍ରାୟ ମାସକ ପରେ ଅର୍ଥାତ ୧୮୬୬ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଉତ୍କଳ ଦୀପିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା ଏବଂ ବର୍ଷ ଶେଷରେ ପୁଣି ୧୮୬୭ ଅବଧି ଜାନୁଆରୀ ମାସ ପହିଲା ଠାରୁ ତାହାର ଦ୍ୱିତୀୟ ବର୍ଷ ଆରମ୍ଭ ହୋଇଥିଲା । ସମ୍ପ୍ରୁଳନକର୍ତ୍ତାଙ୍କ ଇଚ୍ଛାରୁ କର୍ମୀ ଗୌରୀଶଙ୍କରହିଁ ଏହି ପତ୍ରିକାର ଯୋଗ୍ୟ ସମ୍ପାଦକ ନିର୍ବାଚିତ ହୋଇଥିଲେ । ସ୍ୱଦେଶବାସୀ ଆଦର୍ଶ ମଧ୍ୟରେ ଥାଇ ଏପରି ଏକ ସୁଦକ୍ଷ ସମ୍ପାଦକ ହେବାର ଗୁରୁତ୍ୱର ବହନ କରିବାକୁ ସକ୍ଷମ ହେବା ଦ୍ୱାରା ଗୌରୀଶଙ୍କର ଯଥାର୍ଥ ଦେଶ ହିତୈଷିତାର ପରିଚୟ ଦେଇଅଛନ୍ତି ।

ଗୌରୀଶଙ୍କରଙ୍କର ସମ୍ପାଦକତ୍ୱର ବିଶେଷତ୍ୱ ହେଉଛି ସେ ଅନେକର ମତକୁ ତାଙ୍କ ନିଜର ବୁଦ୍ଧି ଦ୍ୱାରା ପ୍ରକାଶ କରି ସରକାରଙ୍କ ନିକଟରେ ଦାବି କରୁଥିଲେ । ସରକାର ଓ ଜନସାଧାରଣ, ରାଜା ଓ ପ୍ରଜାଙ୍କ ମଧ୍ୟରେ ତାଙ୍କର ପତ୍ରିକା ଥିଲା ଯଥାର୍ଥରେ ଏକ ସେତୁ । ଏହି କାରଣରୁ “ଉତ୍କଳରେ ପରେ ଅନେକ ପତ୍ରିକା ଦେଖା ଦେଇ ଲୋକପ୍ରିୟତା ପ୍ରକାଶ କରିଥିଲେ ହେଁ, ଦୀପିକା ଉତ୍କଳର ମୁଖପତ୍ର ରୂପେ ସର୍ବ-ସ୍ୱୀକାରରେ ଗୃହୀତ ହୋଇଥିଲା ।” (୨) ଉତ୍କଳର ବଂଶୀଧର ମହାନ୍ତି ମତ ଦିଅନ୍ତି—‘୧୮୬୬ ଦୁର୍ଭିକ୍ଷ ବେଳେ କଟକରୁ ମୁଖପତ୍ର ଉତ୍କଳ ଦୀପିକା ଯଦି ପ୍ରକାଶ ପାଇ ନ ଥାନ୍ତା ତେବେ ଆହୁରି ଯେ କେତେ ଲୋକ ମୃତ୍ୟୁବରଣ କରିଥାନ୍ତେ ତାହା କହି ହେବ ନାହିଁ । ‘(୩) ବାସ୍ତବରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଥିଲା ଓଡ଼ିଶାର ଯଥାର୍ଥ ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର ଭୟଙ୍କର ଅବସ୍ଥାର ଠିକ ଅବ୍ୟବହିତ ପରେ ପରେ ଏହାର ଜନ୍ମ ଏବଂ ଓଡ଼ିଶାର ଦୁର୍ଦ୍ଦଶା ନିବାରଣ ପାଇଁ ଏହାର ସଂଗ୍ରାମ ଓ ସାଧନା । କେଣୁ ଏହି ପତ୍ରିକା ଥିଲା ଅଖଣ୍ଡ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ସ୍ୱତନ୍ତ୍ରତା ସଂଗ୍ରାମ ଜାଗରଣର ମର୍ମବାଣୀ

---

୧) ମୁଦ୍ରଣଶିଳ୍ପ ଗ୍ରନ୍ଥାବଳୀ - ପୃ ୩୩୭ ।
୨) ମୁଦ୍ରଣଶିଳ୍ପ ଗ୍ରନ୍ଥାବଳୀ—କର୍ମଯୋଗୀ ଗୌରୀଶଙ୍କର—ପୃ-୩୭୧ ।
୩) ଉତ୍କଳର ବଂଶୀଧର ମହାନ୍ତି—୧୮୬୬ ଉତ୍କଳ ଦୀପିକା – ମୁଖବନ୍ଧ-ପୃ-୧୧ ।

## ନଅଙ୍କ ଦୁର୍ଭିକ୍ଷ ଓ 'ଉତ୍କଳ ଦୀପିକା' :

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ଠିକ୍ ପୂର୍ବବର୍ତ୍ତୀ କାଳରେ 'ଉତ୍କଳ ଦୀପିକା'-ର ଜନ୍ମ । ଏହି ପତ୍ରିକା ପ୍ରକାଶ ପାଇବା ଫଳେ ହିଁ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କଲା ଓ ସରକାରଙ୍କ ଦୃଷ୍ଟି ଦୁର୍ଭିକ୍ଷ ନିବାରଣ ପାଇଁ ଆକର୍ଷଣ କରିବାକୁ ସମର୍ଥ ହେଲା । ଏକ ପ୍ରାଚୀନ ସଭ୍ୟତା ସମ୍ପନ୍ନ ଜାତି କିପରି ଦୁର୍ଭିକ୍ଷ କବଳରେ ପଡ଼ି ମୁମୂର୍ଷୁ ହୋଇ ପଡ଼ିଲା ସେ ବିଷୟରେ ଦୀପିକା ପ୍ରାଣସ୍ପର୍ଶୀ ଭାବରେ ବିବରଣୀମାନ ପ୍ରକାଶ କଲା । ଗୋଟିଏ ସଂଖ୍ୟାରେ ଦୀପିକା ଲେଖିଥିଲା :— ଏଥି ମଧ୍ୟରେ ଫସଲ୍ ନଷ୍ଟ ହେବାରୁ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ଚାଉଳ ଦୁଇ ସେର ମିଳିଲା ଟଙ୍କାକୁ ସେ ୭ ର ଓ କେବେ କେବେ ସେ ୮ ର ପ୍ରାପ୍ତ ହେଲା । ମାତ୍ର ରବି ଫସଲ୍ ଅଳ୍ପ ଥିବାରୁ ଶୀଘ୍ର ତାହା ଶେଷ ହେଲା । କେତେକ ସଚ୍ଚରିତ୍ର ଭୂସ୍ୱାମୀମାନଙ୍କ ଓ କୃଷିକାର୍ଯ୍ୟ ବ୍ୟତୀରେକେ ଅନ୍ୟ କାହାର ଘରରେ ଶସ୍ୟ ରହିଲା ନାହିଁ । ବେପାରୀ-ମାନେ ନାନା ସ୍ଥାନରୁ ଚାଉଳ ଡୋଙ୍ଗା ଆଣିଲେ ଓ କୌଣସି ସ୍ଥାନରେ କୃଷି ଉଦ୍ୟମ ଲୋପ ହୋଇ ନ ଥିବାରୁ ଅଳ୍ପ କାଳର ଜନ୍ମ ସମାଚାର ହୋଇଥିଲା । ଓ କ୍ରମେ କ୍ରମେ ଦେଶର ଶସ୍ୟ ସେ ରୂପ ଶେଷ ହେବାକୁ ଆରମ୍ଭ ହେଲା ଦୁଃଖ ବୃଦ୍ଧି ହେଲା ଓ ସେହି ସମୟରେ ଲୋକମାନେ ଅର୍ଥଶୂନ୍ୟ ହୋଇ ପରର ସାହାଯ୍ୟ ଅନ୍ୱେଷଣ କରିବା କାରଣ କେତେକ ଘର ପରିବାରର ଭାର ଧରି ସ୍ଥାନାନ୍ତର ହେଲେ । କେତେକ ସନ୍ତୋଷରେ ନଗ୍ନପ୍ରାୟ ହୋଇ ସପରିବାର ମୃତ୍ୟୁ ଗ୍ରାସ ପ୍ରବେଶ ଅବସ୍ଥାକୁ ମୁକ୍ତିଲାଭ କଲେ ଏବଂ କେତେ କାରବାରକୁ ଦୁଃଖର ଶାନ୍ତି ସଙ୍କେତ ଭିକ୍ଷାଜୀବନ ସ୍ୱୀକାର ସମର୍ଥ ଥିଲେ ସେମାନେ କେବଳ କେତେକ ବାସ କରିବାର ଉପଯୁକ୍ତ ହେବା ଲାଗି କଲିକତାରେ ଦଣ୍ଡମାନ ଅପେକ୍ଷା କଲେ ।

ଏହି ରୂପ ଦିନ ଦିନ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଲା ଅନ୍ନାଭାବରେ ଲୋକମାନେ କ୍ଷୁଧା ନିବାରଣ କରନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ କୌଣସି ଉତ୍କଟ ବିସୂଚିକା ହେବାରୁ ଓଲଉଠା ରୋଗର ପ୍ରାଦୁର୍ଭାବ ହେଲା । ଅଟନ୍ୟ ପ୍ରାଣୀ ନାଶ ହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ସ୍ପଷ୍ଟ ଦର୍ଶନ ହେଲା । ସୁଖୀ ଅମୃତ ଉତ୍ପନ୍ନ ବ୍ୟାଧୀ ମାନେ ଦେଖିଲେ କ୍ଷୁଧା ନିବାରଣ କଲେ ନାହିଁ କଥାର ତାହାଙ୍କର କିଛି ଥିଲା ସେ ଦେଶରେ ଶସ୍ୟ ଅଛି । କେବଳ ମହାଜନମାନେ ଲଭ୍ୟାଂଶକୁ ତାହା ଦେଇ ନାହାନ୍ତି । ଆଉ, ଯଦ୍ୟପି ମହାଜନମାନେ ଅନ୍ନମାନଙ୍କର ଦୁର୍ଗତ ଅବସ୍ଥା ଜାଣିବାକୁ ଚେଷ୍ଟା କରନ୍ତେ ତେବେ ସେମାନେ କଦାପି ଏତେ କ୍ରମରେ ଉଠନ୍ତେ ନାହିଁ । ଏ ଦେଶର ଲୋକଙ୍କ ମଧ୍ୟରୁ ଧନବନ୍ତ ସ୍ୱଜାତି ଅନ୍ୟେ ବ୍ୟବସାୟ କେବଳ ଏକମାତ୍ର ହୋଇ ପାରନ୍ତି । ଅତଏବ ଧନବନ୍ତ ଲୋକ କେଉଁଠାରେ ଅନ୍ନାଭାବରେ ପ୍ରାଣପାତ୍ର ସେଠାରେ ଶସ୍ୟ ଅଛି ବୋଲି କେଉଁ ଜ୍ଞାନୀ ମନୁଷ୍ୟ ବୋଧ କରିବ ? ବିଶେଷରେ ଯେ ଦେଶରେ କୃଷି ଅଧିକାଂଶ ଲୋକଙ୍କର ଜୀବିକା ଏବଂ ଖେତଜାତ ପଦାର୍ଥ ବିକ୍ରୟ ଦ୍ୱାରା ଅନ୍ୟ ଆବଶ୍ୟକ ବ୍ୟୟମାନ ଚଳେ ସେଠାରେ ଏ ଶସ୍ୟର ବଡ଼ ମହାଜନ ରାଜପାଳେ ଓ ଏହାର

ଦେଶରେ ଦୁର୍ଭିକ୍ଷ ପଡ଼ିଥିଲା ତାହାର ସମ୍ବନ୍ଧରେ ଟାଇମ୍ସ ପତ୍ରିକା ଦ୍ୱାରା ନିବାରଣ ହୋଇପାରେ କେହି କେବେ ମଫସଲରେ ଧାନ କାହାରିକୁ କିଣି କରିବା ହଜାରେ ଲୋକଙ୍କ ପେଟ ଭରିବାର ଦେଖି ଅଛୁ-? ଏଥିରୁ କେବଳ ଜଣାଯାଏ ଯେ ମଫସଲରେ ଧାନର ଆଢ଼ତଦାର ଅତି ଅଳ୍ପ ଅର୍ଥାତ ଅଧିକାଂଶ ଲୋକଙ୍କ ଘରେ ଧାନ ଥାଏ । ତଥାପି କେତେକ ଜମିଦାର ଧାନ ରଖିଥା'ନ୍ତି ତାହା କେବଳ ଅସମୟ କୃଷିର ଉଦ୍ୟମ କରିବା ନିମନ୍ତେ ପ୍ରଜାମାନଙ୍କୁ ଦେଇ ସେମାନଙ୍କର ସୁଯୋଗ କରିଦେବା ନିମନ୍ତେ ସଞ୍ଚୟ କରିଥା'ନ୍ତି । ସେମାନେ ବାଂଦସାସ୍ଥି ଲୁଣ୍ଟନ୍ତି ଏବଂ ଉତ୍ପାତ ଫସଲର ଆଗମନ ଦେଖିଲେ ସହଜ ଶସ୍ୟ ଛାଡ଼ିଦେବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ ତଥାପି ଏ ସମସ୍ତ କଥା ଅଗ୍ରାହ୍ୟ ସାହେବମାନେ ସ୍ୱୀକାର କରିବେ ନାହିଁ କରନ୍ତେ ତାହାହେଲେ ଅବଶ୍ୟ ଜାଣି ପାରନ୍ତେ ଯେ ବିଦେଶକୁ ଶସ୍ୟ ଅବସ୍ଥା ବିନା ଲୋକଙ୍କର ରକ୍ଷାର ଉପାୟାନ୍ତର ନଥିଲା । ଶସ୍ୟ ରପ୍ତାନି ବନ୍ଦ ହେବ ନାହିଁ । ପରନ୍ତୁ ଆଜିର ବେଶି କଥା ତାହା କର ମନୋନୀତ ହେଲା ଓ ସେହି ଉପାୟ ଅବଲମ୍ବନ ଦ୍ୱାରା ଧାର୍ଯ୍ୟଙ୍କ ଦ୍ୱାରା ବେମୋଜନାର୍ଥ ଶତ୍ରୁ ସଫଳ ହେଲେ ମାତ୍ର କେତେ କେତେ ମନୁଷ୍ୟ ଜୀବନର ହେବା ହିସାବ ଏ ସମୟରେ ଉଦୟ ହେଲା ?'' (୪) ଏହି ବିବରଣୀରୁ ଓଡ଼ିଶାରେ ଦୁର୍ଭିକ୍ଷର କରାଳରୂପ ଦେଖିବାକୁ ମିଳେ । କେବଳ ଏହି ପତ୍ରିକା ନୁହେଁ, ଅନ୍ୟାନ୍ୟ ପତ୍ରିକା ମାନଙ୍କରୁ ଦୁର୍ଭିକ୍ଷ ସମ୍ପର୍କରେ ନାନା ଲୋମହର୍ଷଣକାରୀ ବିବରଣୀ ସହିତ ଦୁର୍ଭିକ୍ଷ ନିବାରଣ ପାଇଁ ସରକାରଙ୍କ ଉଦ୍ୟମ, ବିଭିନ୍ନ ବଦାନ୍ୟ ଅନୁଷ୍ଠାନ ମାନଙ୍କର ସାହାଯ୍ୟ, ଦୁର୍ଭିକ୍ଷ ସାହାଯ୍ୟ କମିଟି ଆଦି ନାନା ବିଷୟରେ ବିବରଣୀ ମିଳିଥାଏ । ସେତେବେଳେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଇଂରେଜ ସାହେବମାନେ ତତ୍ପରତା ପ୍ରକାଶ କରିଥିଲେ ସେତେବେଳେ ମଧ୍ୟ ସେଥିରେ ତ୍ରୁଟି ପରିଲକ୍ଷିତ ହୋଇଅଛି ପତ୍ରିକା ତାକୁ ସମାଲୋଚନା କରିଅଛି । '' × × × ମାତ୍ର ଦୁଃଖର ବିଷୟ ଯେ ସାହାଯ୍ୟ କର୍ମ ଦ୍ରୁତ ରୂପ ଧାରଣ ହେଉନାହିଁ । ଅଦ୍ୟାବଧି ବାଲକ ବାଳିକାଙ୍କ ରକ୍ଷା ପ୍ରଭୃତି ପ୍ରାୟ ଏକମାତ୍ର ହେଲା ସାହାଯ୍ୟ କମିଟିଙ୍କ ମନେ ପଡ଼ିଥିଲା ତଥାପି ସେମାନଙ୍କ ଦୁରବସ୍ଥା ଯେ ଏ ପର୍ଯ୍ୟନ୍ତ ମୋଚନ ନ ହେଲା ଏଥିର ଦୋଷ କାହା ଉପରେ ଦିଆଯାଇ ପାରେ । ସାହାଯ୍ୟ କମିଟି ସୁବିଧାର ସ୍ୱଳ୍ପ ଭୂଅନଙ୍କୁ ଉପଯୋଗୀ ହୋଇଥିଲେ ବର୍ତ୍ତମାନ ଟିକିମାନଙ୍କ ଶତରେ କୌଣସି ଖାଦ୍ୟ କରିବାର ଆବଶ୍ୟକ ହୁଅନ୍ତା ନାହିଁ । ସାହାଯ୍ୟ କମିଟିର ମେମ୍ବରମାନେ କେବଳ ବିଦ୍ୱାନ୍ ସମସ୍ତ ଇଂରେଜ ଲୋକ ଅଟନ୍ତି । ସେମାନେ ଦେଶର ଅବସ୍ଥା ଜାଣିବାନ ନ ଜଣ ଆପଣା ଆପଣା ଉଚ୍ଚସ୍ଥ ଏକର ପଦମାନରେ ବସି ପାଦ୍ରୀ ସାହେବଙ୍କୁ ଟିକଟର ବିତରଣ ଯୋଗାଣ କର୍ମରେ ନିଯୁକ୍ତ କରିବାକୁ ଲୋକେଞ୍ଚମାନେ ଏହି ଭଳି ହେଲା ଯେ ପାଦ୍ରୀଙ୍କ ଦଳ ଭୁକ୍ତି ନିମନ୍ତେ ଏ ରୂପ ଉପାୟ ହୋଇଅଛି । ଏହି ହେତୁରୁ ଦୁଃଖୀମାନେ ବସ୍ତ୍ର ଜନ୍ତୁ ଥାଉଣେ ମୁଖ ଅପଣା ଅପଣା ଅଗ୍ନି ଜୀଅନ୍ତି ସନ୍ତାନମାନଙ୍କୁ ପାଦ୍ରୀ ସାହେବଙ୍କ ନିକଟକୁ ପଠାଇଲେ ନାହିଁ । ତଥାପି କୌଣସି ଦିନ ହସ୍ତରେ ସନ୍ତାନ ଅର୍ପଣ କରାଇଥାନ୍ତି କେବେ ବର୍ତ୍ତମାନ ସମୟରେ ଏକ ଜଣ ମୂର୍ଖ ଅଦ୍ୟାବଧି

୪) ଉତ୍କଳ ଦୀପିକା – ପ୍ରଥମଭାଗ/ଦ୍ୱିତୀୟ ସଂଖ୍ୟା, ତା:-୧୮-୮ ୧୮୬୭ ।

ବାଲେଶ୍ୱର ନଗରରେ ଭ୍ରମଣ କରିବାର ଦେଖାଯାନ୍ତି। କାହିଁ ଏବଂ ଅନେକ ଦୁଃଖୀଲୋକ ଆପଣା ସନ୍ତାନମାନଙ୍କୁ କେବଳ କାଳଗ୍ରାସରୁ ମୁକ୍ତ କରିବା ନିମନ୍ତେ ନାମମାତ୍ର ଧନ ନେଇକରି କନ୍ୟା ଏବଂ ପୁତ୍ରକୁ ବେପାରୀଙ୍କ ହସ୍ତରେ ବିକ୍ରି କରନ୍ତେ ନାହିଁ। ହା, ସାହାଯ୍ୟ କମିଟିର ଅମନୋଯୋଗ ହେତୁରୁ କେତେ କନ୍ଦର୍ପ ଶ୍ରୀ ସ୍ତ୍ରୀ ଅବସ୍ଥାରେ ଅନ୍ତଃକୁ ଦୁଷ୍ଟ କର୍ମଦ୍ୱାରା ଜୀବନ ନିର୍ବାହ କରିବାକୁ ବାଧ୍ୟ ହେଲେ।" (୧) ୧୮୬୬ ମସିହାର ବିଭିନ୍ନ ସଂଖ୍ୟା ମାନଙ୍କରେ ଦୁର୍ଭିକ୍ଷର କାରଣ ଓ ଦୁର୍ଭିକ୍ଷ ସାହାଯ୍ୟ କମିଟିର କାର୍ଯ୍ୟ କଳାପ ସମ୍ପର୍କରେ ଦୀପିକା ନିର୍ଭୀକ ଭାବରେ ନାନା ବିବରଣୀ ସଂଗ୍ରହ କରିଥିଲା।

ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରାଯାଇ ତାର ପ୍ରତିକାର ପାଇଁ ମଧ୍ୟ ସୁଚିନ୍ତିତ ପରାମର୍ଶ ପ୍ରଦାନ କରାଯାଇ ଅଛି। କେଉଁ କାରଣରୁ ଦୁର୍ଭିକ୍ଷ ହେଲା ଓ ଏହାଦ୍ୱାରା କିପରି ଓଡ଼ିଶାର ଜନସାଧାରଣ ଶୋଚନୀୟ ଅବସ୍ଥାରୁ ମୃତ୍ୟୁବରଣ କଲେ ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକା-ରୁହିଁ ଦେଖିବାକୁ ମିଳେ। ସରକାରଙ୍କ ଦୋଷ ତ୍ରୁଟିକୁ ମଧ୍ୟ ଦୀପିକା ଯଥାର୍ଥ ଭାବରେ ଦେଖାଇ ଦେଇଅଛି। ଦୁର୍ଭିକ୍ଷ ଫଳରେ ଓଡ଼ିଶାର ଅର୍ଥନୀତି କିପରି ଦୋହଲିଗଲା ଓ ଓଡ଼ିଶାର ସାମାଜିକ ଜୀବନରେ ମିଶନାରୀମାନେ କିପରି ଧର୍ମ ପ୍ରଚାର କରିବାର ସୁଯୋଗ ନେଇ ଗଲେ ତାର ଚିତ୍ର ମଧ୍ୟ ଦୀପିକା ପୃଷ୍ଠାରୁ ଦେଖିବାକୁ ମିଳେ। ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କର ଦୁର୍ଭିକ୍ଷ ସାହାଯ୍ୟକୁ ଯେତେବେଳେ ଲୋକମାନେ କିପରି ଦେଖୁଥିଲେ ତା'ର ଚିତ୍ର ମଧ୍ୟ ଉତ୍କଳ ଦୀପିକାରେ ଅଛି। "ପାଦ୍ରୀ ସାହେବ ଏମାନଙ୍କର ଅନାଥାଳୟରେ ଉପସ୍ଥିତ ପାଇ ଲୁହକୁ କାରଣ ହେଉ ଯେତେକ ଯତ୍ନ ଓ ଦୟା ବହନ ଏ ଦୁର୍ଭିକ୍ଷର ଭାର ନେବା ନିମନ୍ତେ ଅନେକ ଲୋକମାନେ ମନେ କରନ୍ତି ଯେ କେବଳ ଖ୍ରୀଷ୍ଟିଆନ ଦଳବୃଦ୍ଧି କରିବା ଲାଗି ସେମାନେ ଏ ଭାର ଗ୍ରହଣ କରିଅଛନ୍ତି ଓ ସରକାର ମଧ୍ୟ ହିନ୍ଦୁ ଧର୍ମ ପ୍ରତି ପକ୍ଷପାତ ଦର୍ଶାଇ ତାହାଙ୍କ ଠାରେ ପିଲାମାନଙ୍କୁ ଅର୍ପଣ କରିଅଛନ୍ତି। ଯେଉଁ ପିଲାମାନେ ଏ ଭାରୁ ଯିବ ସେମାନଙ୍କ କଥା ଛାଡ଼ିଦେଲେ ଅନାଥଙ୍କ ମାତ୍ର ସେହିମାନଙ୍କଠାରେ କାହିଁକି ଜାତ ହୋଇ ଅଛି ସେମାନେ ସ୍ୱୟଂ ପାଦ୍ରୀ ସାହେବଙ୍କ ଦ୍ୱାରା ପ୍ରତିପାଳିତ ହେବାକୁ ଅବଜ୍ଞା ପ୍ରକାଶ କରି ଅଛନ୍ତି।" (୨) ଏତଦ୍ଭିନ୍ନ ଦୁର୍ଭିକ୍ଷର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା କିପରି ଓଡ଼ିଶାର ସାମାଜିକ ଜୀବନକୁ ଦୋହଲାଇ ଦେଇଥିଲା ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକାରୁ ମିଳିଥାଏ। ଦାରୁଣ ଦୁର୍ଭିକ୍ଷ ସମ୍ପର୍କରେ ସମ୍ବାଦ ପ୍ରକାଶ, ସରକାରଙ୍କ ଦୋଷ ଦୁର୍ବଳତା ସମ୍ବନ୍ଧରେ ସମ୍ଭବ, ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କର ସାହାଯ୍ୟ ଅନ୍ତରାଳରେ ଥିବା ପ୍ରଚ୍ଛନ୍ନ ଉଦ୍ଦେଶ୍ୟ, ଦୁର୍ଭିକ୍ଷ ଫଳରେ ସାମାଜିକ ବିଶୃଙ୍ଖଳ, ନୂତନ ପଠିତ ସମାଜର ସୃଷ୍ଟି ଆଦି ନାନା କଥାକୁ ଉତ୍କଳ ଦୀପିକା ନିର୍ଭୀକ ଭାବରେ ପ୍ରକାଶ କରି ସ୍ୱାର୍ଥୀ ପ୍ରତିକାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ ପକାଇବାକୁ ସମର୍ଥ ହୋଇ ପାରିଥିଲା। ଏହି କାରଣରୁ ବୁଝାଯାଇଥାଏ ଯେ ଦୁର୍ଭିକ୍ଷ ପ୍ରସଙ୍ଗକୁ ନା

୧) ଉତ୍କଳ ଦୀପିକା—ପ୍ରଥମ ଭାଗ/ଦ୍ୱିତୀୟ ସଂଖ୍ୟା ତା ୧୧-୮-୧୮୬୬।
୨) ଉ. ଦୀ. ୨ୟ/୨ ସ ୧୨-୧-୧୮୬୭

ଦୁର୍ଭିକ୍ଷ ସମୟରେ ଯଦି ଉତ୍କଳ ଦୀପିକା ପ୍ରକାଶ ପାଉଥା'ନ୍ତା ତେବେ ଓଡ଼ିଶାରେ ଦୁର୍ଭିକ୍ଷର କରୁଣ ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ।

## ଧର୍ମ, ସମାଜ ଓ ଉତ୍କଳ ଦୀପିକା :

ଊନବିଂଶ ଶତାବ୍ଦୀରେ ଇଂରେଜମାନଙ୍କର ଶାସନ ବିସ୍ତାର, ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କର ଧର୍ମ ପ୍ରଚାର, ବ୍ରାହ୍ମ ଧର୍ମର ସୃଷ୍ଟି ଓ ବିକାଶ, ମହିମା ଧର୍ମର ଅଭ୍ୟୁତ୍ଥାନ, ବୈଷ୍ଣବ ଧର୍ମର ପୁନର୍ଜାଗରଣ, ଜଗନ୍ନାଥ ଧର୍ମକୁ ମିଶିନାରୀ ମାନଙ୍କର ଆକ୍ରମଣ ଓ ଇଂରେଜ ସରକାରଙ୍କ ଅବହେଳା, ପୁରୀର ରାଜା ଦିବ୍ୟସିଂହ ଦେବଙ୍କ ପ୍ରତି ଦଣ୍ଡାଦେଶ ଆଦି ଘଟଣା ଓଡ଼ିଆମାନଙ୍କ ଜୀବନକୁ ବହୁଭାବରେ ପ୍ରଭାବିତ କରିଥିଲା । ଏହି ସମସ୍ତ ଘଟଣା ଉପରେ ଉତ୍କଳ ଦୀପିକା ସଚେତନ ଥାଇ ଏଥିରୁ ସମ୍ବାଦକୁ ପ୍ରକାଶ କରୁଥିଲା । ଦୀପିକା ଥିଲା ରକ୍ଷଣଶୀଳ ହିନ୍ଦୁ ଧର୍ମର ପକ୍ଷପାତୀ । ତେଣୁ ଅନ୍ୟାନ୍ୟ ଧର୍ମଧାରା ଏ ସମୟରେ ପ୍ରଚାର ବିସ୍ତାର କରୁଥିଲେ ହେଁ ଦୀପିକା ସେ ସବୁକୁ ସ୍ୱାଗତ କରୁନାହିଁ । ବରଂ ସେ ସମ୍ପର୍କିତ ସମ୍ବାଦମାନ ପ୍ରକାଶ କରି ସେଥିପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଦୁର୍ଭିକ୍ଷ ସମୟରେ ଘରୁ ବହୁ ଦୁଃସ୍ଥ ଜୀବନ ବଞ୍ଚାଇବା ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ବହୁ ଅନାଥ ବାଳକ ବାଳିକା ମଧ୍ୟ ପାଦ୍ରୀମାନଙ୍କ ଦ୍ୱାରା ଏହି ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଗୌରୀଶଙ୍କର ଏହି ଘଟଣାକୁ ଅନୁମୋଦନ କରି ନାହାନ୍ତି । ସେ ଖ୍ରୀଷ୍ଟ ଧର୍ମକୁ ନିନ୍ଦା କରି ନାହାନ୍ତି ମାତ୍ର କୌଣସି ହିନ୍ଦୁ ଏହି ଧର୍ମ ପ୍ରତି ଆକୃଷ୍ଟ ହୋଇ ଗ୍ରହଣ କଲେ ନିନ୍ଦା କରି ଅଛନ୍ତି । ଅପର ପକ୍ଷରେ ସେ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କ ସେବାଧର୍ମୀ ମୂଳକ କାର୍ଯ୍ୟକୁ ମଧ୍ୟ ଉଚିତ ପ୍ରଶଂସା କରି ଅଛନ୍ତି ।

ଊନବିଂଶ ଶତାବ୍ଦୀର ଓଡ଼ିଶାରେ ମଧ୍ୟ ବ୍ରାହ୍ମଧର୍ମ ଓ ମହିମା ଧର୍ମର ବିକାଶ ଓ ପ୍ରସାର ହୋଇଥିଲା । ମହିମାଧର୍ମକୁ ଦୀପିକା 'ନୂତନ ଧର୍ମ ପ୍ରଚାର' ରୂପେ ଉଲ୍ଲେଖ କରିଅଛନ୍ତି । ଏ ସମ୍ପର୍କରେ ଦୀପିକା ଲେଖିଥିଲା—"ଅନେକ ଦିନରୁ ଢେଙ୍କାନାଳ ମାନଙ୍କର ଏକ ନୂତନ ଧର୍ମ ପ୍ରଚାର ହେବାର ଉପକ୍ରମ ହୋଇଅଛି । ଏ ଧର୍ମର ନାମ ମହିମା । ଢେଙ୍କାନାଳର ଅନ୍ତଃପାତୀ କପିଳାସ ପର୍ବତରେ ଏକ ସନ୍ନ୍ୟାସୀ ଥିଲେ । ସେ ପ୍ରଥମେ ଅନ୍ନ ତ୍ୟାଗ କରି ଫଳାହାର କଲେ ତହିଁ ଉତ୍ତାରେ ଦୁଗ୍ଧ ପାନ କଲେ ଓ ଶେଷରେ କେବଳ ଜଳପାନ ଦ୍ୱାରା ଜୀବନ ଧାରଣ କରି ଶିବପୂଜା କରୁଥିଲେ । ଏକ ଦିନ ସେ ଆକାଶବାଣୀ ଶ୍ରବଣ କରି ତଦନୁସାରେ ଜଟା ମୁଣ୍ଡନ କରି ସ୍ୱତନ୍ତ୍ର ଧର୍ମ ପ୍ରଚାର କଲେ । ବର୍ତ୍ତମାନ ସେ ବହୁଳ ଶିଷ୍ୟ ସଂଗ୍ରହ କରି ନୂତନ ଏକ ଧର୍ମ ପ୍ରଚାର କରିବାରେ ପ୍ରବୃତ୍ତ ହୋଇ ଅଛନ୍ତି । ଏ ଧର୍ମରେ ଜାତି ବିଚାର ନାହିଁ, ଶାଳଗ୍ରାମ କିମ୍ବା ଓ ଶିବଲିଙ୍ଗ ପୂଜା ନିଷେଧ, କେବଳ ଏକମାତ୍ର ଈଶ୍ୱର ଏ ଧର୍ମାବଲମ୍ବୀମାନଙ୍କର ଉପାସ୍ୟ ଅଟନ୍ତି । ଉକ୍ତ ଧର୍ମ ପ୍ରଚାରକ ଅତି ଉତ୍କୋଚ ଏବଂ ଲୋକମାନଙ୍କୁ ଉପଦେଶ ଦେବାରେ ଅତ୍ୟନ୍ତ ତତ୍ପର ଅଟନ୍ତି । ସେ ଏବଂ ତାଙ୍କ ଶିଷ୍ୟମାନେ ଗୃହ ମଧ୍ୟରେ ଶୟନ କରନ୍ତି ନାହିଁ । ପିଣ୍ଡାବାଦ କୌଣସି ପାତ୍ରରେ ଭୋଜନ କରନ୍ତି ନାହିଁ ।

ଦାଣ୍ଡ ମଧ୍ୟରେ ଭଙ୍ଗା ଖପରରେ ଯେ କୌଣସି ଜାତି ଯାହାକିଛି ଖାଇବାକୁ ଦେଲେ ଖାଆନ୍ତି । ଏକ ଏକ ସ୍ଥାନରେ ସ୍ଥାୟୀ ବଡ଼ ବଡ଼ ଗୃହ ନିର୍ମାଣ କରି କେତେ ପଚାଶ ସହସ୍ର ଲୋକଙ୍କୁ ଭୋଜନ ଦିଅନ୍ତି ଓ ଯେତେବେଳେ ଇଚ୍ଛା ହେଲେ ଗୃହକୁ ଭସ୍ମୀଭୂତ କରି ସ୍ଥାନ ତ୍ୟାଗ କରନ୍ତି । ପ୍ରାୟ ୨୦ ରୁ ୩୦ ସହସ୍ର ଲୋକ ଏ ଧର୍ମ ଅବଲମ୍ବନ କରିଥିବା ଶୁଣାଯାଏ । ଭକ୍ତ ସନ୍ନ୍ୟାସୀ ଯେଉଁ ସ୍ଥାନକୁ ଯାଇ ଥାଆନ୍ତି ସେଠାରେ ଲୋକମାନେ ତାହାଙ୍କର ଏପରି ଅନୁଗତ ହୋଇ ପଡ଼ନ୍ତି ଯେ ସେ ଯାହା କହନ୍ତି ସେଥିରେ ଅନାସ୍ଥା କରିବାକୁ କେହି ସାହସୀ ହୁଅନ୍ତି ନାହିଁ ଏବଂ ସେ ଯାହାଙ୍କୁ ମାଗୁଥାନ୍ତି ସେ ତାହା ଦେଉଥାନ୍ତି ।" (୭) ଏହି ନୂତନ ଧର୍ମ ସମ୍ପର୍କରେ ପତ୍ରିକା ହିଁ ପ୍ରଥମେ ସମ୍ବାଦ ପରିବେଷଣ କରି ଓଡ଼ିଶାର ଜନ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହି ଧର୍ମ ଅଲେଖ ଧର୍ମ । ଏହା ହିନ୍ଦୁମାନଙ୍କ ଧର୍ମ ବିରୁଦ୍ଧ ବା ବ୍ରାହ୍ମଣମାନଙ୍କ ଧର୍ମ ପ୍ରସୂତ ପରି ନୁହେଁ । ଏହି ଧର୍ମ ସେତେବେଳେ ଓଡ଼ିଶାର ସ୍ୱଳ୍ପ ସମୟରେ ଦ୍ରୁତ ଗତିରେ ପ୍ରଚାର ଲାଭ କରିବାକୁ ଲାଗିଲା । ବ୍ରାହ୍ମଣମାନେ ଏ ଧର୍ମ ପ୍ରତି ବିଦ୍ୱେଷ ପ୍ରକାଶ କଲେ । ସମାଜର ଉଚ୍ଚ ବର୍ଗମାନେ ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ପ୍ରକାଶ କଲେ ନାହିଁ । ତତ୍କାଳୀନ ପ୍ରଶାସକ ସମାଜ ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ଦେଖାଇଲେ । ତଥାପି ଏହି ଧର୍ମ ପ୍ରଚାର ଲାଭ କରିବାକୁ ଲାଗିଲା । ସନ ୧୮୬୩ ମସିହା ବେଳକୁ ପତ୍ରିକା ପୁଣି ଲେଖିଥିଲେ—"ଅସ୍ମମାନଙ୍କ ଏ ଜିଲ୍ଲାରେ କେତେ ଗୋଟି ଲେଖି ଥାନ୍ତି ଯେ ଢେଙ୍କାନାଳ ପ୍ରଭୃତି ଗଡ଼ଜାତ ପ୍ରଭୃତି ଗଡ଼ଜାତମାନଙ୍କରେ କୁମ୍ଭିପଟିଆ ନାମଧେୟରେ ପାପ ପୁଣ୍ୟ ଅବିଶ୍ୱାସୀ ଲୋକ ଏକ ସମ୍ପ୍ରଦାୟ ଜନ୍ମି ଅଛନ୍ତି । ଏମାନଙ୍କ ଗୁରୁର ନାମ ମହିମା ଗୋସାଇଁ । ଏହି ସମ୍ପ୍ରଦାୟ ମଧ୍ୟରୁ କେତେ ବ୍ୟକ୍ତି ମଧ୍ୟସ୍ଥରେ ପ୍ରବେଶ ହୋଇ ଲୋକଙ୍କ ଜାତି ପ୍ରଭୃତି ନଷ୍ଟ କରିବାରେ ସୁଦ୍ଧା ତାହାଙ୍କ ହିନ୍ଦୁ ଧର୍ମର ବିଦ୍ୱେଷ ଭାବ ଜାତ ହୋଇ ପ୍ରତ୍ୟକ୍ଷ ବାହାର କରୁଅଛନ୍ତି । ସେହି ବୈରାଗୀଙ୍କ ମଧ୍ୟରୁ ବୁଲିକରି ଅନେକ ମାସ ୨ ହେବ ଜଗନ୍ନାଥଙ୍କୁ ଅର୍ପିତ ହୁଏ ନାହିଁ ବୋଲି ଏହି ନାନା ଜାତି ମଧ୍ୟରୁ ଲୋକେ ଦୀକ୍ଷିତ ଶିଷ୍ୟ ହୋଇ ତାହାଙ୍କ ସଙ୍ଗେ ମିଶି ବୁଲୁଅଛନ୍ତି । ରାଜା ଓ ବ୍ରାହ୍ମଣ, ଭଣ୍ଡାରୀ, ଧୋବା, ମାଳୀ ଓ ଦାସ ଏହି ପାଞ୍ଚ ଜାତିଙ୍କୁ ଛାଡ଼ି ଆଉ ସମସ୍ତଙ୍କ ଘରେ ଭୋଜନ କରନ୍ତି । ଶ୍ରୀଜଗନ୍ନାଥଙ୍କୁ ପୂଜା ମାନନ୍ତି ନାହିଁ । ଏ ସମସ୍ତଙ୍କ ଘରୁ ଅନ୍ନ ମାଗି ନେଇ ହାଣ୍ଡିରେ ରଖି ଦାଣ୍ଡରେ ଗୁରୁ ଶିଷ୍ୟ ସମସ୍ତେ ଏକତ୍ର ଭୋଜନ କରି ହାଣ୍ଡିକୁ ଭାଙ୍ଗି ପକାଇ ଦିଅନ୍ତି । କେତେକ ଏମାନଙ୍କୁ ଦେବ ମାନନ୍ତି ଓ କେତେକ ଲୋକ ଏମାନଙ୍କ ପାଖରେ ପୁଅଙ୍କ କଥାରେ ଅଣ ଦେଖି ଅନ୍ୟ ଭକ୍ତ ହୋଇ ପ୍ରତି ପାଳନ କରି ଥାନ୍ତି । ପୁଅ କାମନା ସଫଳ କରିବାର ଶୁଣାଯାଏ । ଯାହା ହେଉ ଏମାନଙ୍କ ଦ୍ୱାରା ଜାତି ଧର୍ମନାଶର ପ୍ରବଳ ସମ୍ଭାବନା ହେବାରୁ କେଉଁ ସମ୍ବଲପୁରର ବ୍ରାହ୍ମଣମାନେ ଏକମତ ହୋଇ କରି ଅଛନ୍ତି ମହିମା ଗୋସାଇଁଙ୍କ ଦ୍ୱାରା ସଂସ୍ଥାପିତ ଜାତି ନାଶ ହେଉଛି । ସେମାନେ ପଣ୍ଡିତ ହୋଇ ଓ ସ୍ୱଧର୍ମରେ ପ୍ରାୟଶ୍ଚିତ୍ତ ନ କଲେ କେହି ତାହାଙ୍କର ସମ୍ପର୍କୀ ହେବେ

୭) ଉତ୍କଳ ଦୀପିକା — ଦ୍ୱିତୀୟ ଭାଗ/୨୨ ସଂଖ୍ୟା - ତା ୧-୬-୧୮୬୭ ।

ନାହିଁ । ଏପରି ବହୁ ହେବାରୁ ଶିଷ୍ୟଙ୍କ ସଂଖ୍ୟା ହ୍ରାସ ହେଉଅଛି ଓ ସେମାନେ ଶିଷ୍ୟ ହୋଇ ଅଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ଲୋକ ଘରକୁ ଫେରି ଆସି ପ୍ରାୟଶ୍ଚିତ୍ତ କରି ସ୍ୱଧର୍ମରେ ଅଛନ୍ତି ।" (୮)

ଊନବିଂଶ ଶତାବ୍ଦୀର ତୃତୀୟାର୍ଦ୍ଧ ବେଳକୁ ମହିମା ଧର୍ମ କ୍ରମେ ପ୍ରତିଷ୍ଠା ଅର୍ଜନ କଲା ଓ ୧୮୭୭ ମସିହା ବେଳକୁ ଏହି ଧର୍ମାବଲମ୍ବୀଙ୍କ ସଂଖ୍ୟା ୬୦ ହଜାର ପର୍ଯ୍ୟନ୍ତ ହୋଇଥିଲା ବୋଲି ଉତ୍କଳ ଦୀପିକାରୁ ଜଣା ଯାଇଥାଏ । ସନ ୧୮୭୩ ମସିହା ବେଳକୁ ଏହି ଧର୍ମ ସମ୍ବନ୍ଧରେ ବ୍ରାହ୍ମଣମାନେ ସଚେତନ ହେବାକୁ ଲାଗିଲେ । ତଥାପି ଏହି ଧର୍ମ ହ୍ରାସ ପାଇଲା ନାହିଁ । ବରଂ ଏହି ଧର୍ମ କ୍ରମପ୍ରସାରିତ ହେଲା । ଏହି ନୂତନ ଧର୍ମ ସମ୍ପ୍ରଦାୟ ସେତେବେଳେ ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଇଥିଲା । ଏମାନଙ୍କୁ ଯେତେ ମ୍ଳେଚ୍ଛ ଓ ଅଶ୍ଳୀଳ କୁହାଗଲେ ମଧ୍ୟ ଏମାନେ ଆପଣାର ଧର୍ମମତ ଏକାନ୍ତ ଅନୁରକ୍ତ ଥିଲେ । ଫଳରେ ଏହି ଧର୍ମ ସେତେବେଳେ ଲୋକଧର୍ମରେ ପରିଣତ ହୋଇଯାଇଥିଲା । ଶ୍ରୀ ଜଗନ୍ନାଥଙ୍କ ପ୍ରତି ଅସମ୍ମାନ ଏବଂ ତାଙ୍କୁ ରଥରୁ ଧ୍ୱଂସ କରିବାର ସଙ୍କଳ୍ପ ଯୋଗୁ ଏହି ଧର୍ମ ସେତେବେଳେ ସମସ୍ତ ଦେଶର ଦୃଷ୍ଟି ଆକର୍ଷଣ କରିଥିଲା । 'ଉତ୍କଳଦୀପିକା' ଏହି ନୂତନ ଧର୍ମର ଗତି ବିଧିକୁ ଲକ୍ଷ୍ୟ କରି ବିଭିନ୍ନ ସଂଖ୍ୟାରେ ପ୍ରକାଶ କରିଥିଲା ଓ ଏ ଧର୍ମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲା ।

ଊନବିଂଶ ଶତାବ୍ଦୀର ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ ଓ ଧର୍ମଧାରାକୁ ଗୌରୀଶଙ୍କର ସ୍ପଷ୍ଟ ଭାବରେ ଉପଲବ୍ଧି କରିଥିଲେ । ତେଣୁ ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ସେ କାଳର ବିଭିନ୍ନ ଧର୍ମଧାରାକୁ ପ୍ରକାଶ କରି ଓଡ଼ିଶାର ଜନ ସାଧାରଣଙ୍କୁ ଅବଗତ କରାଉଥିଲେ । ସେ ନିଜେ ବ୍ରାହ୍ମଧର୍ମାବଲମ୍ବୀ ଥିଲେ ମଧ୍ୟ ହିନ୍ଦୁଧର୍ମ ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା ଓ ଅନୁରକ୍ତି । ପଣ୍ଡିତ ମୃତ୍ୟୁଞ୍ଜୟ ତାଙ୍କ ସମ୍ପର୍କରେ ଲେଖିଛନ୍ତି — " ଗୌରୀଶଙ୍କର ବ୍ରାହ୍ମସମାଜର ଉଦାରନୈତିକ ମତବାଦ ଅନୁରକ୍ତ ଥିଲେ । ମୂଳରୁ ହିନ୍ଦୁ ସମାଜ ପ୍ରତି ତାଙ୍କର ବିରୁଦ୍ଧ ଭେଦଭାବ ଘଟି ନଥିଲା । [illegible] ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ହିନ୍ଦୁଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ । ସଂସ୍କାର ଦ୍ୱାରା ନାନା ଅସାର ଅଂଶ ଓ ଆବର୍ଜନା ଦୂର କରି ସକଳ ହିନ୍ଦୁ ବ୍ରାହ୍ମଧର୍ମ ଗ୍ରହଣ କରିବା ଓ ଜୀବନରେ ବ୍ରହ୍ମୋପାସନାକୁ ସାର ବୋଲି ଅବଲମ୍ବନ କରିବା ହିନ୍ଦୁର କର୍ତ୍ତବ୍ୟ ବୋଲି ସେ ମନେ କରୁଥିଲେ, କିନ୍ତୁ ଉଗ୍ର ସଂସ୍କାର ପଟୁତା କୌଣସି କାଳେ ସେ ପସନ୍ଦ କରୁ ନଥିଲେ । ହିଁ ଏବଂ ପ୍ରଚାର ସମ୍ଭାର କାର୍ଯ୍ୟ ତାଙ୍କର ସ୍ୱଭାବାନୁରୂପ ଚରିତ୍ର ଅନୁଶେଷ ଥିଲା ।" (୯) ଅତଏବ ଗୌରୀଶଙ୍କର ବ୍ରାହ୍ମଧର୍ମାବଲମ୍ବୀ ହୋଇଥିଲେହେଁ ହିନ୍ଦୁ ଧର୍ମକୁ ଘୃଣା କରି ନାହାନ୍ତି । ବରଂ ହିନ୍ଦୁଧର୍ମ ଶାସ୍ତ୍ରକୁ ସେ ସମ୍ମାନ ଦେଇ ଅଛନ୍ତି । ତେଣୁ ସମ୍ଭବତ ଶ୍ରୀଜଗନ୍ନାଥ ଧର୍ମ ପ୍ରତି

(୮) ଉତ୍କଳ ଦୀପିକା ଅଷ୍ଟମ ଖଣ୍ଡ/୩୬ ସଂଖ୍ୟା ତା ୬–୯–୧୮୭୩ ।

(୯) ପଣ୍ଡିତ ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ – ପୃ ୩୯୫ ୩୯୬ ।

ତାଙ୍କର ଗଭୀର ଶ୍ରଦ୍ଧା ପ୍ରକଟିତ ହୋଇଅଛି । ମହମ୍ମଦୀ ଧର୍ମ ପ୍ରତି ମଧ୍ୟ ତାଙ୍କର ଉଦାର ଧର୍ମୀୟ ଦୃଷ୍ଟିକୋଣ ପ୍ରକଟିତ ହୋଇଅଛି । ଖ୍ରୀଷ୍ଟଧର୍ମ ପ୍ରତି ତାଙ୍କର ବିଦ୍ୱେଷ ନଥିଲେ ହେଁ ଯେଉଁଠି ଧବଳ ସ୍ୱଜନମାନଙ୍କ ଧର୍ମାନ୍ତରଣ କରିବାର ଉଦ୍ୟମ ହୋଇଛି ସେଠି ସେ ଦୀପିକା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଛନ୍ତି ।

## ଉତ୍କଳ ସାହିତ୍ୟ ଓ 'ଉତ୍କଳ ଦୀପିକା'

'ଉତ୍କଳ ଦୀପିକା' ଓଡ଼ିଆ ଭାଷା ଓ ସାହିତ୍ୟର ସଙ୍କଟ ମୁହୂର୍ତ୍ତରେ ଆତ୍ମ ପ୍ରକାଶ କରିଥିଲା । ଯେଉଁ ସମୟରେ ବଂଗୀୟ ବୁଦ୍ଧିଜୀବୀମାନେ ଓଡ଼ିଆ ସାହିତ୍ୟର ଅସାରତା ପ୍ରତିପାଦନ କରୁଥିଲେ ସେହି ସମୟରେ ଉତ୍କଳ ଦୀପିକା ସେମାନଙ୍କ ଯୁକ୍ତିକୁ ଅମୂଳକ କରି ପ୍ରାଚୀନ ଓଡ଼ିଆ ସାହିତ୍ୟର ଗୌରବକୁ ପ୍ରଚାର କଲା । ୧୯୧୭ ମସିହାରେ ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନରେ ଅଭିଭାଷଣ ଦେଇ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଆପଣାର ଶ୍ରଦ୍ଧା ଓ ଅନୁଭୂତି ପ୍ରକାଶ କରିଥିଲେ । ସେ ଅଭିଭାଷଣରୁ ଗୌରୀଶଙ୍କରଙ୍କର ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି କିପରି ଗଭୀର ମମତା ଥିଲା ତାର ଯଥାର୍ଥ ସୂଚନା ମିଳିଥାଏ । 'ଉତ୍କଳ ପୁତ୍ର' ଠାରୁ ଉତ୍କଳ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟ ବିଦ୍ୱେଷୀ ଯେଉଁ ଆଲୋଚନା ଆରମ୍ଭ ହୋଇ 'ଉତ୍କଳ ଦର୍ପଣ'ରେ ଶେଷ ଆକାର ଧାରଣ କଲା ଏବଂ 'ବଙ୍ଗଳ'ରେ ତାର ପୂର୍ଣ୍ଣାହୁତି ଘଟିଥିଲା ସେହି ସବୁ ଆଲୋଚନାକୁ ଗୌରୀଶଙ୍କର ଲକ୍ଷ୍ୟ କରୁଥିଲେ । ତେଣୁ ଦୀପିକାରେ ସେ ଉତ୍ତମ ଭାଷ୍ୟ ଉପରେ ନାନା ଯୁକ୍ତି ଉପସ୍ଥାପନ କରି ପ୍ରତିପକ୍ଷମାନଙ୍କର ବକ୍ତବ୍ୟକୁ ଖଣ୍ଡନ କରିଥିଲେ ।

ଦୀପିକା ପ୍ରାଚୀନ ସାହିତ୍ୟର ଗୁଣାତ୍ମକ ବିଶ୍ଳେଷଣ କରି ସେଥିରୁ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବାହାର କରିଛି । 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ'' ପ୍ରତିପକ୍ଷମାନଙ୍କର ଏହି ଯୁକ୍ତିକୁ ବିରୋଧ କରିବାକୁ ଯାଇ ଦୀପିକା ଲେଖିଥିଲେ— ''ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରୁ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ଗ୍ରନ୍ଥ ରଚନା କରିଅଛନ୍ତି ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁରୀ କି ସ୍ୱଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତଚନ୍ଦ୍ରଙ୍କ ଠାରୁ ଅଧିକ ପାରଦର୍ଶିତା ଲାଭ କରି ଅଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଆଜି ବି ପର୍ଯ୍ୟନ୍ତ ବଙ୍ଗୀୟ ମଣ୍ଡଳୀରେ ସମାଦୃତ ହେଉଛନ୍ତି । ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଅଭାବର ସହିତ ଲୁକ୍କାୟିତ ହୋଇ ରହିଛି ବୋଲି ଯେ ଏହା କହନ୍ତୁ ସେଥିରେ ଅସ୍ତ୍ର ବକ୍ତବ୍ୟ ନାହିଁ । ମାତ୍ର ରସକଲ୍ଲୋଳଙ୍କ ସମ୍ବନ୍ଧରେ ବିଦ୍ୟାସୁନ୍ଦର ଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ । ଏହି ବାକ୍ୟର ଦୃଢ଼ତା ଜାଣିବା ପ୍ରମାଣ ଦର୍ଶାଇବା ବାହୁଲ୍ୟମାତ୍ର । ଯେ ବିଦ୍ୟାସୁନ୍ଦର ବାଣ୍ଟି ଏହି ଗ୍ରନ୍ଥ ଦ୍ୱୟ ପାଠ କରି ଅଛନ୍ତି ସେ ଏହି ଗ୍ରନ୍ଥ ଦ୍ୱୟର ଉତ୍କର୍ଷାପକର୍ଷ ବିଷୟ ବୁଝିପାରିବେ କରିଅଛନ୍ତି । ଦୀନକୃଷ୍ଣଙ୍କ ତ୍ରିଶ ଆଦ୍ୟକ୍ଷରମଧ୍ୟ ଅନେକ ଭକ୍ତ ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରି ଅଛନ୍ତି ।

ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଉଡ଼ିଶାର କବିକୁଳକେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରି ଅଛନ୍ତି ମାତ୍ର ଇଦାନୀଂ ପ୍ରଶଂସିତ କବି ରଚିତ ୨୦/୨୫ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ ।" (୧୦) ଏହିପରି ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଦୀପିକା ବିଭିନ୍ନ ସମୟରେ ସ୍ୱତନ୍ତ୍ର ମତ ପ୍ରଦାନ କରିଅଛି । ପ୍ରାଚୀନ ସାହିତ୍ୟକୁ ଦୀପିକା କଦା ନିନ୍ଦା କରିନାହିଁ ବରଂ ଓଡ଼ିଆ ଜାତୀୟତାର ମୂଳ ପିଣ୍ଡ ରୂପେ ପ୍ରାଚୀନ ସାହିତ୍ୟକୁ ଗ୍ରହଣ କରିଅଛି । ପ୍ରାଚୀନ ସାହିତ୍ୟର ପ୍ରଶଂସା କେବେହେଁ ନୂତନ ସାହିତ୍ୟକୁ ନିନ୍ଦା କରିନାହିଁ । ବରଂ ନୂତନ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଦୀପିକା ଦେଇଛି ପ୍ରେରଣା । ଯେଉଁଠି ଅଯଥାରେ ପ୍ରାଚୀନ ସାହିତ୍ୟର ଅବହେଳା କରାଯାଇଛି ସେଇଠି ଦୀପିକା ତାର ବିରୋଧ କରିଛି ।

## ବାର୍ତ୍ତାମୁଖୀ ସମାଲୋଚନା ଓ 'ଉତ୍କଳ ଦୀପିକା'

ଓଡ଼ିଆ ସାହିତ୍ୟରେ ସମାଲୋଚନାର ଐତିହାସିକ ବିକାଶ ସୂତ୍ରକୁ ସର୍ବପ୍ରଥମେ ଉତ୍କଳ ଦୀପିକାରେ ବାର୍ତ୍ତାମୁଖୀ ସମାଲୋଚନାର ଧାରା ଆରମ୍ଭ ହୋଇଥିଲା । ଏହି ଧାରା ପରବର୍ତ୍ତୀ କାଳରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ପତ୍ର ପତ୍ରିକାରେ ପ୍ରଚଳିତ ହୋଇଥିଲା । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏ ସବୁ ପତ୍ରିକାମାନ ସଂକ୍ଷିପ୍ତ ସମାଲୋଚନା ସମ୍ବାଦିକ ଶୈଳୀରେ ପ୍ରକାଶ କରୁଥିଲେ ସେହିପରି ମଧ୍ୟ ସମସାମୟିକ ସାହିତ୍ୟ ସୃଷ୍ଟି ସମ୍ପର୍କରେ ନାନା ମନ୍ତବ୍ୟ ପ୍ରଦାନ କରୁଥିଲେ । ଏ ଦିଗରେ 'ଉତ୍କଳ ଦୀପିକା' ଥିଲା ଅଗ୍ରଗାମୀ । ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରାଥମିକ ସୃଷ୍ଟି ସମ୍ପର୍କରେ ସର୍ବପ୍ରଥମେ 'ଦେଶୀ କସ୍ତୁରୀକଣ'ଙ୍କ ପତ୍ର ମାଧ୍ୟମରେ ଦୀପିକାରେ ସମାଲୋଚନା ପ୍ରକାଶ ପାଇଥିଲା । ୧୮୬୭ ମସିହା ଫେବୃୟାରୀ ୨୪ ତାରିଖ ସଂଖ୍ୟାରେ ଫକୀରମୋହନଙ୍କ 'ଜବନ ଚଣ୍ଡି' ଗ୍ରନ୍ଥର ଭାଷା ପ୍ରୟୋଗ ଶୈଳୀ, ବାକ୍ୟ ଗଠନ ଶୈଳୀ ଇତ୍ୟାଦି ବିଷୟରେ ସମାଲୋଚନା କରାଯାଇଅଛି । ତାଙ୍କର ଭାଷା ଓ ବାକ୍ୟ ଗଠନରେ ବଙ୍ଗଳା ଭାଷାର ପ୍ରବଳ ପ୍ରଭାବ ସମାଲୋଚକ ଦେଖାଇ ଅଛନ୍ତି । ଏହି ସମୟରୁ ହିଁ ଓଡ଼ିଆ ସମାଲୋଚନାର ଆରମ୍ଭ ହୋଇଅଛି । ପରେ ଫକୀରମୋହନ ନିଜର ଭାଷା ପ୍ରୟୋଗ ସମ୍ପର୍କରେ ସତର୍କ ହେଲେ ଏବଂ ତାଙ୍କର ସାହିତ୍ୟ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଧାନ ପ୍ରେରଣା ।

'ଉତ୍କଳ ଦୀପିକା' ଏହି ବାର୍ତ୍ତାମୁଖୀ ସମାଲୋଚନା ମାଧ୍ୟମରେ ପରବର୍ତ୍ତୀ କାଳର ବିଭିନ୍ନ ସାହିତ୍ୟିକ କୃତି ସମ୍ପର୍କରେ ପ୍ରକାଶ କରିଥିବା ଦେଖାଯାଏ । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏହା ମନ୍ତବ୍ୟ ପ୍ରକାଶ କରିଅଛି ସେହିପରି ମଧ୍ୟ ଆଧୁନିକ ଯୁଗରେ ରଚିତ ବିଭିନ୍ନ ଗ୍ରନ୍ଥମାନଙ୍କ ବିଷୟରେ ସ୍ୱତନ୍ତ୍ର ମନ୍ତବ୍ୟ ପ୍ରକାଶ କରିଅଛି । 'ଉତ୍କଳ ଦୀପିକା'ର ମନ୍ତବ୍ୟ ଥିଲା ସେ କାଳର ନୂତନ ସୃଷ୍ଟ ସାହିତ୍ୟ ପ୍ରତି ଏକ ଯଥାର୍ଥ ଦିଗ୍‌ଦର୍ଶନ ।

---

(୧୦) ଉତ୍କଳ ଦୀପିକା ପ୍ରଥମ ଭାଗ/୧୨ଶ ସଂଖ୍ୟା ତା ୨୦-୧୦-୧୮୬୭ ।

ଓଡ଼ିଆ ଯାତ୍ରା, ଓ ନାଟକ ସମ୍ପର୍କରେ ଉତ୍କଳ ଦୀପିକା ମଧ୍ୟ ବହୁତ ସମୟରେ ନାନା ମନ୍ତବ୍ୟ ପ୍ରକାଶ କରିଅଛି । ଓଡ଼ିଆ ଯାତ୍ରା ସମ୍ପର୍କରେ ଦୀପିକା ଲେଖିଥିଲେ—“ସମ୍ପ୍ରତି ଓଡ଼ିଶାରେ ଯାତ୍ରା ଯାତ୍ରା ନାମରେ ଯାହା ହୋଇଅଛି ଓ ଯାହାକୁ ଅନୁରାଗୀ ହୋଇ ଭଦ୍ରଲୋକମାନେ ଯହିଁ ଉତ୍ସାହରେ ଦେଖିବାକୁ ଯାଉଅଛନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ତହିଁରେ ଓଡ଼ିଶାର ଭବିଷ୍ୟତ କଦାପି ଉନ୍ନତି ପଥରେ ପ୍ରାପ୍ତ ହୁଅଇ । କଟକସହରରେ ଦେଖୁ ଯଦ୍ୟପି ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇ ଅଛନ୍ତି ଏହାକୁ ଆମ୍ଭେମାନେ ଘୋର ଅଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଅଧିକ କରୁଅଛୁ । ଆମ୍ଭେମାନେ ଭରସା କରୁଁ ଯେ ଓଡ଼ିଆବାସୀମାନେ ଏହାକୁ ପ୍ରତ୍ୟକ୍ଷ ସମୟମାନଙ୍କରେ ଉତ୍ସାହିତ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ଭଲ ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ବୃଦ୍ଧିମନ୍ତ ଲୋକଙ୍କ ସାହାଯ୍ୟ ବିନା ଏହିରୂ ବ୍ୟାପାର ସାଧନ ହୋଇ ନ ପାରେ ।”(୧) ଏହି ସମାଲୋଚନା ଶାମ୍ଭୁଦଶା । ତଥାପି ଏଥିରୁ ଓଡ଼ିଆ ଯାତ୍ରାର ଅବସ୍ଥା ସମ୍ପର୍କରେ ପ୍ରେରଣା ମିଳିଥାଏ । ପୁନଶ୍ଚ ଦୀପିକା ଯାତ୍ରା ସମ୍ପର୍କରେ ଲେଖିଥିଲେ—“ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତି ଅଟଇ । ପ୍ରଥମ ଦୁଇଟି ବଡ଼ ବଡ଼ ସ୍ଥାନରେ ଦେଖାଯାଏ, ଏମନ୍ତକି କଟକ ଜିଲ୍ଲାର ପ୍ରାୟ ବଡ଼ ବଡ଼ ଗ୍ରାମରେ ଏଥିର ଏକ ଏକ ଆଖଡ଼ା ଅଛି । ସୁଭଦ୍ରାହରଣ କେବଳ ଉପରଓଳିଆମାନେ କରନ୍ତି ନାହିଁ ଆମ୍ଭେମାନେ ଯେତେଦୂର ଦେଖିଅଛୁଁ କୌଣସି ଯାତ୍ରାରେ ସଙ୍ଗୀତର ବାଜନା ଶୁଣା ଯାଇନାହିଁ ଏବଂ ଆମ୍ଭମାନଙ୍କ ଦେଶରେ ଏହି ଯେ ସଙ୍ଗୀତ ତାହାକୁ ବୋଲୁଥାଏ ଯାତ୍ରାବାଲାମାନେ ଜାଣନ୍ତି ନାହିଁ କେବଳ ଉଚ୍ଚସ୍ୱର ହୋଇ ଗୁଡ଼ାଏ ଗୋଳ କରନ୍ତି ବା ନଟୁଆଗିରି କରନ୍ତି ଓ ନାନା ପ୍ରକାର କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକଙ୍କୁ ସନ୍ତୁଷ୍ଟ କରନ୍ତି । ସଙ୍ଗୀତ ସ୍ୱରତାଳର ଯାତ୍ରା କରିବା ଆଦୌ ଏଠାରେ କେହି ଜାଣନ୍ତି ନାହିଁ ।” (୨) ଓଡ଼ିଆ ଯାତ୍ରା, ଲୀଳା ଓ ଗୀତିନାଟକ ସମ୍ପର୍କରେ ଦୀପିକା ଅନେକ ସମୟରେ ବହୁତ ମନ୍ତବ୍ୟମାନ ପ୍ରକାଶ କରିଅଛି । ଜଗନ୍ନାଥ ମଲ୍ଲିକଙ୍କ ଗୀତିନାଟକ ‘ଗୋପୀନାଥ ବଲ୍ଲଭ’ ସମ୍ପର୍କରେ ମଧ୍ୟ ଅନେକ ସମାଲୋଚନା ଦୀପିକାରୁ ଦେଖିବାକୁ ମିଳିଥାଏ ।

‘ବାବାଜୀ’ ନାଟକ ତଥା ‘କାଞ୍ଚି କାବେରୀ’ ନାଟକ ସମ୍ପର୍କରେ ‘ଦୀପିକା’ ସ୍ୱତନ୍ତ୍ର ମନ୍ତବ୍ୟ ପ୍ରକାଶ କରିଅଛି । ବାବୁ ଜଗନ୍ମୋହନ ଲାଲଙ୍କ ରଚିତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ମୁଦ୍ରିତ ବାବାଜୀ ନାଟକ ସମ୍ପର୍କରେ ଦୀପିକା କହନ୍ତି—‘ଆମ୍ଭେମାନେ ଏ ପୁସ୍ତକ ଖଣ୍ଡି ଅତ୍ୟନ୍ତ ଆମୋଦର ସହିତ ପାଠ କରିଅଛୁଁ । ଓଡ଼ିଆ ଭାଷାରେ ଏ ଶ୍ରେଣୀର ନାଟକ ରଚନା ହୋଇ ନଥିଲା । ଏହି ପୁସ୍ତକ ତହିଁର ପ୍ରଥମ ଉଦ୍ୟମ ଅଟେ

---

(୧) ଉତ୍କଳ ଦୀପିକା—ତା ୨୦ ୧୧-୧୮୭୪ ।

(୨) ଉତ୍କଳ ଦୀପିକା—ତା ୨୮-୧୦-୧୮୭୬ ।

ତାଙ୍କୁ ଜଗମୋହନ ଲାଲ ଓଡ଼ିଆ ସାହିତ୍ୟ ସଂସାରରେ ଜଣାଶୁଣା ଅପରିଚିତ ନୁହନ୍ତି । ସମାଲୋଚିତ ଗ୍ରନ୍ଥ ରଚନାରେ ସେ ଅଧିକ କୃତକାର୍ଯ୍ୟ ହୋଇ ଅଛନ୍ତି । ତାଙ୍କ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ବୋଲିବାକୁ ମନ ବଳୁନାହିଁ ସତ୍ୟ ମାତ୍ର କଥିକା ସ୍ୱରୂପରେ ନାଟକ ନାମରେ ଯେଉଁ ସବୁ ରଚନା ବାହାରୁଅଛି ତହିଁ ସଙ୍ଗେ ତୁଳନା କଲେ ଏହାର ନାମ ନାଟକ ହେବା ବଡ଼ ଦୂଷଣୀୟ ନୁହଁଇ । ଜଗନ୍ନାଥ ପଡ଼ରେ ନାଟକର କଥା ଓ ରଚନାର ଛଟା କି ପ୍ରକାର ହେବ ଏ ବିଷୟ ଅତି ଚମତ୍କାର ରୂପେ ଗ୍ରନ୍ଥକର୍ତ୍ତା ବର୍ଣ୍ଣାଇ ଅଛନ୍ତି ଓ ଅନେକ ଲୋକ ଏହାକୁ ଆଗ୍ରହ ପୂର୍ବକ ପଢ଼ିବାର ଦେଖା ଯିବାରୁ ଅନାୟାସରେ ବୋଲିଯାଇ ପାରେ ଯେ ବର୍ତ୍ତମାନର ରୁଚିକୁ ଏହା ବଡ଼ ସୁନ୍ଦର ହୋଇଅଛି । ଭଣ୍ଡ ମଠଧାରୀଙ୍କ ଦୋଷ ପ୍ରକାଶ କରିବା ଏବଂ ଭୂତ ଡାଆଣୀ ଜଡ଼ି ମନ୍ତ୍ର ଇତ୍ୟାଦି ବିଷୟରେ ଲୋକଙ୍କର ଭ୍ରମ ଓ କୁସଂସ୍କାର ଛେଦନ କରିବା ଏ ଗ୍ରନ୍ଥର ମୋଖ ଉଦ୍ଦେଶ୍ୟ ଜଣାଯାଏ ଓ ଉଭୟରେ ଗ୍ରନ୍ଥକର୍ତ୍ତା ଆଶାତୀତ କୃତକାର୍ଯ୍ୟ ହୋଇ ଅଛନ୍ତି । ଫଳତଃରେ ଆମ୍ଭମାନଙ୍କର ମନ୍ତବ୍ୟ ଏହି ଯେ ପୁସ୍ତକ ଖଣ୍ଡିକ ଉତ୍ତମ ହୋଇଅଛି । ଏହା ଦ୍ୱାରା ନାଟକର ଚାହିଦା ମିଟିବ ଏବଂ ଅନ୍ୟାନ୍ୟ କୃତ-ବିଦ୍ୟମାନେ ଏ ପଥରେ ମନ ଦେଲେ ଅଚିରେ ଉତ୍କୃଷ୍ଟ ନାଟକ ଓଡ଼ିଆ ଭାଷାରେ ବାହାରିପାରେ ।"(୧୩)

'ଗୀତିକା' ପତ୍ରିକା ଭଳିଆରେ ପ୍ରକାଶିତ ସମ୍ବାଦ ବାହିକା, ବୋଧଦାୟିନୀ, ଉତ୍କଳ ହିତୈଷିଣୀ, ଉତ୍କଳ ଦର୍ପଣ, ଉତ୍କଳ ପୁତ୍ର, ଉତ୍କଳ ମଧୁପ, ଓଡ଼ିଆ ଓ ନବ ସମ୍ବାଦ, ସମ୍ବଲପୁର ହିତୈଷିଣୀ, ଉତ୍କଳ ପ୍ରଭା, ନବ ଧନ୍ତୁ ଓ ଶଙ୍ଖ ଆଦି ବିଭିନ୍ନ ପତ୍ର ପତ୍ରିକା ସମ୍ପର୍କରେ ନାନା ଦୃଷ୍ଟିକୋଣରୁ ମନ୍ତବ୍ୟ ପ୍ରକାଶ କରୁଅଛି । ଏହି ମନ୍ତବ୍ୟ ଗଠନମୂଳକ । ପୁନଶ୍ଚ ଆଧୁନିକ ସାହିତ୍ୟ ସମ୍ପର୍କରେ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସମକାଳୀନ ପ୍ରକାଶିତ ବିଭିନ୍ନ ଗ୍ରନ୍ଥମାନଙ୍କ ସମ୍ପର୍କରେ ମଧ୍ୟ ସୁଚିନ୍ତିତ ଟୀକା ଟିପ୍ପଣୀ ପ୍ରକାଶ କରୁଅଛି । ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ' ସମ୍ପର୍କରେ ଭୂୟସୀ ପ୍ରଶଂସା କରି ଲେଖିଥିଲେ—'ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଆଦୌ ନଥିଲା ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ତାହା ଷ୍ଟର୍ଲିଂ ସାହେବଙ୍କ ସଙ୍କଳିତ ପୁସ୍ତକ କେବଳ ନାମମାତ୍ର ଇତିହାସ ଥିଲା । ଓଡ଼ିଶା ଶିକ୍ଷା ବିଭାଗର କର୍ମଚାରୀମାନେ ଏ ପୁସ୍ତକର ଅଭାବ ମୋଚନ କରିବା ଉଦ୍ଦେଶ୍ୟରେ ସନ ୧୮୭୫ ସାଲରେ ଘୋଷି ଏ ବିଷୟ ଓଡ଼ିଶାର ଇତିହାସ ସକାଶେ ୫୦୦/- (ପାରିତୋଷିକ ଦେବା ବିଷୟରେ ବିଜ୍ଞାପନ ଦେବାରୁ ତହିଁର ଫଳ ସ୍ୱରୂପ ଏ ପୁସ୍ତକ ଖଣ୍ଡି ବାହାରିଅଛି । ଆମ୍ଭେମାନେ ଏହାର ଅନେକାଂଶ ପାଠ କରି ଅତ୍ୟନ୍ତ ଆନନ୍ଦ ଲାଭ କରିଅଛୁ ଏବଂ ବିବେଚନା କରୁଁ ଯେ ଗଭର୍ଣ୍ଣମେଣ୍ଟଙ୍କର ପ୍ରଦତ୍ତ ଟଙ୍କା ଉଚିତରେ ପ୍ରଦତ୍ତ ହୋଇ ସୁନ୍ଦର ଫଳ ଲାଭ କରିଅଛି । ଓଡ଼ିଶାର ଇତିହାସ ଓ ପ୍ରାଚୀନ ଗୌରବ ଓ ଆଧୁନିକ ଅବସ୍ଥା ଜନ୍ମଭୂମି ଷ୍ଟର୍ଲିଂ ସମୟର ଇଂରେଜ ସାହେବମାନେ ଏବଂ ସ୍ୱଦେଶ କାଳ ମିଶି ଯେ ସମସ୍ତ ଗ୍ରନ୍ଥମାନ

(୧୩) ଉତ୍କଳ ଦୀପିକା—୧୨ଶ ଭାଗ/୪୩ ସଂଖ୍ୟା ତା ୩-୧୧-୧୮୭୭ ।

ଲେଖିଅଛନ୍ତି ଏବଂ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ପରାମର୍ଶରେ ଉତ୍ସାହିତ ହୋଇ ଏବଂ ଅନ୍ୟାନ୍ୟ ପୁସ୍ତକରୁ ଯେ ସମସ୍ତ ଐତିହାସିକ ଓ ଅନ୍ୟ ଘଟଣାମାନ ନିଆଯାଇଅଛି ଗ୍ରନ୍ଥକାର ସେ ସମସ୍ତର ସାରମର୍ମ ସଙ୍କଳନ କରିବାରେ ଯଥାସାଧ୍ୟ ଅଧ୍ୟବସାୟ ଦେଖାଇ ଅଛନ୍ତି ଏବଂ ଅନ୍ୟାନ୍ୟ ପୁସ୍ତକରୁ ମଧ୍ୟ ଉପକରଣ ସଂଗ୍ରହ କରିବାରେ ତ୍ରୁଟି କରିନାହାନ୍ତି । ଆମ୍ଭେମାନେ ସେଥିପାଇଁ ତାଙ୍କୁ ଧନ୍ୟବାଦ ଦେଉଅଛୁ । ଏ ପୁସ୍ତକ ରଚନା ପ୍ରଣାଳୀ ଅତ୍ୟନ୍ତ ସୁନ୍ଦର ଏବଂ ଏହା ସର୍ବାଂଶରେ ସୁପାଠ୍ୟ ଅଟଇ ।" (୧୪) କାଳୀପଦ ବନ୍ଦ୍ୟୋପାଧ୍ୟାୟ, ଯେପରି ଭାବରେ ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ'କୁ ନିନ୍ଦା କରିଅଛନ୍ତି 'ଦୀପିକା' ତାର ଘୋର ବିରୋଧ କରିଛି । ଦୀପିକାର ବସ୍ତୁମୁଖୀ ସମାଲୋଚନାର ଶୈଳୀ ସ୍ପଷ୍ଟ ଏବଂ ଏହା କୌଣସି ପୁସ୍ତକର ଗୁଣାତ୍ମକ ମୂଲ୍ୟ ନିର୍ଣ୍ଣୟରେ ସଚେଷ୍ଟ । ତେଣୁ ଦୀପିକାର ମତାମତ ସେତେବେଳେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା ।

ଜଗନ୍ମୋହନ ଲାଲଙ୍କର 'ଭ୍ରମ ଭଞ୍ଜନ' କାବ୍ୟ ସମ୍ପର୍କରେ ଦୀପିକା ମନ୍ତବ୍ୟ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି –'ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ଆମୋଦର ସହିତ ଗ୍ରହଣ କରିଅଛୁ । ସମ୍ପ୍ରତି ଉତ୍କଳ ଦେଶର ବହୁ ଭାଷୀମାନେ ସାଧାରଣ ବିଦ୍ୟାଳୟ ଓ ବାଳକମାନଙ୍କର ଶିକ୍ଷା ନିମିତ୍ତ ଅନେକ ପୁସ୍ତକ ରଚନା କରି ଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ଦୁଇ ଏକ ଖଣ୍ଡ ପୁସ୍ତକ ଭିନ୍ନ ଅନ୍ୟ ସମସ୍ତ ବଙ୍ଗ ପୁସ୍ତକର ଅବିକଳ ଅନୁବାଦ ଅଟଇ । ବଙ୍ଗଳା ସଙ୍ଗେ ଉତ୍କଳର ସାଦୃଶ୍ୟ ବହୁଳତା ଥିଲେ ଦେଖିବାକୁ ଅନୁବାଦ କର୍ତ୍ତାମାନେ ଏତଦ୍ରୂପ ପୁସ୍ତକ ରଚନାର ଉପାୟ ସହଜ ଜ୍ଞାନ କରି ସେଥିରେ ପ୍ରବୃତ୍ତ ହେଉଅଛନ୍ତି ଏବଂ ବସ୍ତୁତଃ ଅବିକଳ ଅନୁବାଦ ଯେ କେତେ କଠିନ ତାହା ସେମାନେ ଜ୍ଞାନ କରନ୍ତି ନାହିଁ । ଏଥିର ଏହି ଫଳ ହୋଇଅଛି ଯେ ପ୍ରଚଳିତ ଉତ୍କଳ ଭାଷା ବଙ୍ଗଳାର ଭାବ ଭଙ୍ଗୀକୁ ପ୍ରାପ୍ତ ହୋଇ ଏକ ପ୍ରକାର ନୂତନ ଭାଷା ରଚନା ହେଉଅଛି । ଗ୍ରନ୍ଥକର୍ତ୍ତାମାନେ ବଙ୍ଗଳା ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ବଙ୍ଗଳା ଭାଷାରୁ ଅନୁବାଦ କରିବା ସମୟରେ ଅନେକ ବଙ୍ଗଳା ପଦ ଓ ଭାବ ପ୍ରକାଶର ନିୟମକୁ ଉତ୍କଳ ମଧ୍ୟରେ ଦେଇ ସେ ସମସ୍ତର ଦୋଷାଦୋଷ ଦେଖନ୍ତି ନାହିଁ ସୁତରାଂ ତଦ୍ଦ୍ୱାରା ଉତ୍କଳ ଭାଷାର ଅନେକ କ୍ଷତି ହେଉଅଛି ।" (୧୫) ଭ୍ରମ ଭଞ୍ଜନର ଗୁଣାତ୍ମକ ଆଲୋଚନା କରିବା ସଙ୍ଗେ ସଙ୍ଗେ ଏହାର ଅନୁବାଦରେ ଲେଖକ କିପରି ସ୍ୱାଭାବିକତା ପ୍ରଦର୍ଶିତ କରିଅଛନ୍ତି ସେ ବିଷୟରେ ଦୀପିକା ମନ୍ତବ୍ୟ ପ୍ରକାଶ କରିଅଛି । ଏତଦ୍ବ୍ୟତୀତ କୃଷ୍ଣ ସିଂହ ମହାଭାରତ ଓ ହରିବଂଶ ସମ୍ପର୍କରେ ମଧ୍ୟ ଦୀପିକା ବସ୍ତୁମୁଖୀ ସମାଲୋଚନା ଶୈଳୀରେ ସୁଚିନ୍ତିତ ମନ୍ତବ୍ୟ ଦେଇଅଛି । ସର୍ବଶେଷରେ କୃଷ୍ଣ ସିଂହ ମହାଭାରତ ଅନୁବାଦରେ ଚମତ୍କାରିତା ଓ ସାରଳା ଦାସଙ୍କ ମହାଭାରତ ସହିତ ଏହାର ବିଷୟଗତ ବୈଷମ୍ୟକୁ ଦୀପିକା ସଂକ୍ଷେପରେ ସୂଚାଇ ଅଛି । (୧୬)

(୧୪) ଉତ୍କଳ ଦୀପିକା — ୧୪ଶ ଭାଗ/୩୮ ସଂଖ୍ୟା ତା ୨୦-୯-୧୮୭୯ ।
(୧୫) ଉତ୍କଳ ଦୀପିକା ୧୪ଶ ଭା/୭ମ ସଂ-ତା ୧୩ ୨ ୧୮୭୯ ।
(୧୬) ଉତ୍କଳ ଦୀପିକା ୩୩ ଭା/୭ମ ସଂ ତା ୧୫-୨-୧୮୭୮ ।

'ଉତ୍କଳ ଦୀପିକା' ଆରମ୍ଭରୁ ପାଖ ୬୭ ବର୍ଷ ବ୍ୟାପୀ ସମସ୍ତ ସଂଖ୍ୟା ମଧ୍ୟରେ ବହୁ ବାର୍ତ୍ତାମୂଳୀ ସମାଲୋଚନା ପ୍ରକାଶ କରିଅଛି । ସେହି ସମାଲୋଚନା ଗୁଡ଼ିକ ଆଧୁନିକ ସମାଲୋଚନାର ପଥ-ନିର୍ଦ୍ଦେଶକ । ଉତ୍କଳ ଦୀପିକାର ସମାଲୋଚନା ଶୈଳୀକୁ ପରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ଆଦି ପତ୍ରିକା ଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଏବଂ ଓଡ଼ିଆ ଜାତୀୟତାର ପ୍ରତିଷ୍ଠା ପାଇଁ ଏହି ସବୁ ପତ୍ରିକା ବାର୍ତ୍ତାମୂଳୀ ସମାଲୋଚନା ମାଧ୍ୟମରେ ଯୁଗୋପଯୋଗୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଦୀପିକା ସେଥି ପୁସ୍ତକ ବା ସେଥି ସାହିତ୍ୟ ବିଷୟ ଉପରେ ସୁଚିନ୍ତିତ ମନ୍ତବ୍ୟମାନ ପ୍ରକାଶ କରିଥିଲା ତାହା ପରବର୍ତ୍ତୀ କାଳରେ ଅନେକାଂଶ ସତ୍ୟ ରୂପେ ବିବେଚିତ ହୋଇଅଛି ।

## ଓଡ଼ିଆ ଭାଷାର ନବୋତ୍ଥାନ ଓ 'ଉତ୍କଳ ଦୀପିକା' :

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଯେପରି ଓଡ଼ିଶାର ସଂସ୍କୃତି ଓ ଧର୍ମ ଧାରଣା ଉପରେ ବିଜାତୀୟ ସ୍ୱଭାବର ଆକ୍ରମଣ ହୋଇ ଆସିଥିଲା ସେହିପରି ମଧ୍ୟ ତାର ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରତିବେଶୀମାନଙ୍କ ତରଫରୁ ଆକ୍ରମଣ ଆରମ୍ଭ ହେବାକୁ ଲାଗିଲା । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଫଳରେ ଯେତେବେଳେ ଓଡ଼ିଆ ଜାତି ଦୁର୍ବଳ ହୋଇଗଲା ସେତେବେଳେ ତାର ସୁଯୋଗ ନେଇ ଏ ଦେଶରେ ଶାସନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ତଥା ଓଡ଼ିଶାର ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ବଙ୍ଗୀୟମାନେ ଓଡ଼ିଆ ଭାଷା ହଟାଇ ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଉଦ୍ୟମ କଲେ । ଅବଶ୍ୟ ଏହି ଉଦ୍ୟମ ଏହା ପୂର୍ବରୁ ଧୀରେ ଧୀରେ ଆରମ୍ଭ ହୋଇ ଆସିଥିଲା । ନଅଙ୍କ ଦୁର୍ଭିକ୍ଷ ପରେ ଏହାର ଉତ୍କଟ ରୂପ ପ୍ରକାଶ ପାଇଲା । ଏହିପରି ଏକ ସଙ୍କଟ ମୁହୂର୍ତ୍ତରେ 'ଉତ୍କଳ ଦୀପିକା' ସଂଗ୍ରାମୀ ଭୂମିକା ନେଇ ପ୍ରତିପକ୍ଷ ମାନଙ୍କର ସମସ୍ତ ଅପକୌଶଳକୁ ପଦାରେ ପକାଇ ଦେଇଥିଲା ଓ ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ମୌଳିକତା ପ୍ରତିପାଦନ କରିବାକୁ ସମର୍ଥ ହୋଇ ପାରିଥିଲା । ଓଡ଼ିଆ ଭାଷାର ସଂରକ୍ଷଣ ସମ୍ପର୍କରେ ଦୀପିକା ଯେପରି ଜନମତ ସୃଷ୍ଟି କରିପାରିଥିଲା ବାସ୍ତବିକ ତାହା ଅବିସ୍ମରଣୀୟ ।

ଓଡ଼ିଶାରେ ବିଦ୍ୟାଳୟମାନଙ୍କରୁ ଓଡ଼ିଆ ଭାଷା ହଟାଇ ଦେଇ ବଙ୍ଗଳା ଭାଷା ଚଳାଇବାକୁ ଯେତେବେଳେ ଉଦ୍ୟମ ହେଲା ସେତେବେଳେ 'ଦୀପିକା' ତାର ପ୍ରତିବାଦ କରିଥିଲା—"ବୃଟିଶ ଅଧିକାର ଏଠାରେ ସ୍ଥାପନ ହେଲାଠାରୁ ସେମାନଙ୍କର ସୁଶାସନ ପ୍ରଣାଳୀରୁ ଲୋକମାନେ ନାନା ପ୍ରକାର ବିଦ୍ୟା ଓ ଜ୍ଞାନ ଶିକ୍ଷା କଲେ ଓ ଯେଉଁ ଯେଉଁ ସ୍ଥାନରେ ଏକମାତ୍ର ଲୋକ ଲେଖା ପଢ଼ା ଜାଣି ନଥିଲେ ସେ ସମସ୍ତ ସ୍ଥାନରେ ପ୍ରଜା ବିଦ୍ୟାଳୟ ସ୍ଥାପନ ଓ ସ୍ଥାନୀୟ ଭାଷାର ପୁସ୍ତକାଦି ରଚନା ଓ ଲେଖା ପଠନ ହେଉଅଛି । ସେହି ଗଭର୍ଣ୍ଣମେଣ୍ଟ ଓଡ଼ିଶା ଦେଶର ଉପକାରାର୍ଥେ ବିଦ୍ୟାଳୟ ସ୍ଥାପନ କରି ଅପଣା ଟଙ୍କାକୁ ଶିଳିଭ କରିବା କାରଣ କିଛି ଅର୍ଥ ବ୍ୟୟ କରୁ ଅଛନ୍ତି, କିନ୍ତୁ ଯେ ସ୍ଥାନର ଉପରେ ଶିକ୍ଷାର ଭାର ଅଛି ସେମାନେ ଦେଶର ଭାଷା ହଟାଇ ଦେବାକୁ ଯତ୍ନ କରୁଅଛନ୍ତି, ଏହା କି ସାମାନ୍ୟ ଦୁଃଖର ବିଷୟ । ଶିକ୍ଷା ଦେବା ନିମିତ୍ତ ନିଯୁକ୍ତ ଥିବା ବଙ୍ଗମାନେ ବିଦେଶ ଅବଲମ୍ବ

କଣ କି ରୂପେ ବେତନ ଖର୍ଚ୍ଚ କରୁଅଛନ୍ତି ଆମ୍ଭମାନଙ୍କୁ ଏତନ୍ମାତ୍ର ଜଣାଯାଉ ବୋଧ ହେଉଅଛି । ଏହି ଦେଶରେ ଯେତେବେଳେ ପ୍ରଥମ ବିଦ୍ୟା ଶିକ୍ଷାର ଆରମ୍ଭ ହେଲା ଓ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ସ୍ଥାପନ କଲେ, ସେତେବେଳେ କି ପାଠୋପଯୋଗୀ ପୁସ୍ତକମାନ ଏହି ଦେଶରେ ଥିଲା ? ସେଠାରେ ତ ଅନ୍ୟ ଭାଷା ଶିକ୍ଷା ଦେବାର ହେତୁ ପ୍ରସ୍ତାବ କଲେ ନାହିଁ । କେବଳ ଏଠାରେ ଏ ରୂପ ହେବାର କାରଣ କି ?" (୧୭) ଓଡ଼ିଆ ଭାଷା ଉଠାଇ ଦେବାକୁ ଯେତେବେଳେ ଚକ୍ରାନ୍ତ ହେଲା ସେତେବେଳେ ଦୀପିକାରେ ପ୍ରକାଶ ପାଇଲା—"ଆମ୍ଭମାନଙ୍କର ଶୁଣିଲୁ ଡାକ୍ତର ରାଜେନ୍ଦ୍ରଲାଲ ଓ କାନ୍ତିଲାଲ ମହାଶୟମାନେ କହନ୍ତି ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଯେ ଦେଶ ବଙ୍ଗଦେଶ ଠାରୁ ବେଶୀ ଓ ଶହକୋଶ ପର୍ଯ୍ୟନ୍ତ ବଙ୍ଗ ସାଗର ଉପକୂଳରେ ବହୁଦୂର ବିସ୍ତାରିତ ହୋଇଅଛି ଯହିଁରେ କୋଟି କୋଟି ଲୋକ ବାସ କରନ୍ତି ଓ ଯେ ଦେଶର ଅନେକ ପ୍ରାଚୀନ କାଳର ଇତିହାସାଦି ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇ ଅଛି ସେହି ଦେଶର ଯେ ଭାଷା ପ୍ରଚଳିତ ଅର୍ଥାତ ଓଡ଼ିଆ ଭାଷା ସେ କି ଭାଷା ନୁହେଁ ? କେବଳ ଏହି ଭାଷାରେ ସାହିତ୍ୟ ଅଙ୍କ, ଜ୍ୟୋତିଷାଦି ବିଦ୍ୟାର ଭୂରି ଭୂରି ପୁସ୍ତକ ଲେଖିଅଛନ୍ତି ଅଛନ୍ତି ? ଯେ ଭାଷା ଭାରତର ଜନଦେବୀ ସ୍ୱରୂପ ସଂସ୍କୃତ ଭାଷାର କନ୍ୟା, ସେ କି ଭାଷା ନୁହେଁ ? ଯେ ଭାଷାର କୁସୁମ ସୁକୁମାର କବି ଦୀନକୃଷ୍ଣ, ଉପେନ୍ଦ୍ର, ଭକ୍ତ ଚରଣ କବିମାନେ ବିବିଧ ଅଳଙ୍କାରରେ ଭୂଷିତ କରି ଅଛନ୍ତି, ଯାହାର କମନୀୟ ରୂପ ମାଧୁରୀ ଦେଖି କାବ୍ୟ ରସାମୋଦୀ ବ୍ୟକ୍ତିମାନଙ୍କର ଚିତ୍ତ ଆନନ୍ଦ ସାଗରେ ପ୍ଲାବିତ ହୋଇଥାଏ, ସେ କି ଏକ ସ୍ୱତନ୍ତ୍ର ଭାଷା ନୁହେଁ ? କେବଳ ସାହିତ୍ୟାଦି ଭାଷା ତାହାର ଅନେକ ଉପଯୋଗୀ ଗ୍ରନ୍ଥରେ ଟୀକାଟିପ୍ପଣ ଅଭିଧାନ ପଦ ନ ଥିବା ଅଭାବ ଅଛି କରିବାକୁ ହେବ, ମନ୍ତ୍ର ଉତ୍କଳ ଭାଷାର ଅଭାବ ଦେଖି କରିଥିବ ଜାଣି ତହିଁରେ ତାହା ପ୍ରକାର ଯୋଗ୍ୟ ଅଛି, ଶାସ୍ତ୍ର ଅଛି ଏବଂ ତାହା ଗ୍ରନ୍ଥ ରୂପେ ପ୍ରଚଳିତ ହେଉଅଛି ଅନ୍ୟ ଅର୍ଥରେ ଅଲ୍ପ ଅଭାବ ସମାନ ।" (୧୮) ସେତିକିବେଳେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ସ୍ୱୀକାର ନକରି ତାକୁ ବଙ୍ଗଳା ଭାଷାର ଏକ ଉପଭାଷା ରୂପେ ବ୍ୟାଖ୍ୟା କରୁଥିଲେ ସେମାନଙ୍କ ମୁଖ ଏହାଦ୍ୱାରା ବନ୍ଦ ଏକ ଯଥାର୍ଥ ଉତ୍ତର । ଓଡ଼ିଆ ଭାଷାରେ ପାଠ ପୁସ୍ତକ ନ ଥିବାରୁ ବଙ୍ଗଳା ପାଠ୍ୟ ପୁସ୍ତକ ଚଳାଇବା ସପକ୍ଷରେ ଯେଉଁମାନେ ଯୁକ୍ତି କରୁଥିଲେ ସେମାନଙ୍କୁ ମଧ୍ୟ 'ଦୀପିକା' ସମାଲୋଚନା କରିଅଛି । ଓଡ଼ିଆ ଭାଷାର ଉନ୍ନତି କଲେ ଦୀପିକା କେତେକ ପ୍ରସ୍ତାବ ଦେଇଥିଲା । ଏଥିରେ ଉଲ୍ଲେଖ ଅଛି—"ପ୍ରଥମ ପ୍ରସ୍ତାବରେ ଆମ୍ଭମାନଙ୍କର ଲେଖିବାର ଅଛି ଯେ ବଙ୍ଗଭାଷା ଉଠିଗଲେ ଶିକ୍ଷା ବିଭାଗର କର୍ମଚାରୀମାନେ ଉତ୍କଳ ଭାଷାର ଉନ୍ନତି କରିବାକୁ ବାଧ୍ୟ ହେବେ । ବର୍ତ୍ତମାନ କର୍ମଚାରୀମାନେ ବଙ୍ଗ ଦେଶୀୟ ଥିବାରୁ ଏ ଦେଶୀୟ ଭାଷା ଜାଣନ୍ତି ନାହିଁ ଏବଂ ବିଦ୍ୟାଳୟରେ ବଙ୍ଗଳା ଭାଷା ପଠନ ହେଉଥିବାରୁ ଉତ୍କଳ ପକ୍ଷରେ ଇଚ୍ଛା ବଢ଼ି

୧୭) ଉତ୍କଳ ଦୀପିକା — ୩ୟ ଖଣ୍ଡ/୧ମ ସଂଖ୍ୟା ତା ୩ ୧-୧୮୬୮ ।

୧୮) ଉତ୍କଳ ଦୀପିକା — ୩ୟ ଖଣ୍ଡ/୪ର୍ଥ ସଂଖ୍ୟା ତା ୨୫-୧-୧୮୬୮ ।

ନାହିଁ । କେବଳ ଉତ୍କଳ ଭାଷା ପଠନ ହେଲେ ସେମାନେ ଅବଶ୍ୟ ଉତ୍କଳ ବିଦ୍ୟା ଶିକ୍ଷା କରିବେ ନଚେତ୍ ଧର୍ମ ତ୍ୟାଗ କରିବେ । ସୁତରାଂ ଓଡ଼ିଆ ଭାଷାର ଆଦର କରିବ । କେହି କେହି କହନ୍ତି ଯେ ଉତ୍କଳ ଭାଷାରେ ଯଥେଷ୍ଟ ପୁସ୍ତକ ନାହିଁ ଅତଏବ ଏ ସମୟରେ ବଙ୍ଗଳା ଭାଷା ଉଠାଇ ଦେଲେ ବିଦ୍ୟାଳୟ ସବୁ ବନ୍ଦ କରିବାକୁ ପଡ଼ିବ ମାତ୍ର ବିବେଚନା କରି ଦେଖିଲେ ଏ ପ୍ରଦେଶର ଭାଷା ବିଦ୍ୟାଳୟ ନିମିତ୍ତ ଯଥେଷ୍ଟ ପୁସ୍ତକ ଅଛି ଅର୍ଥାତ୍ ବଙ୍ଗଳାରେ ଯେ ପ୍ରକାର ପୁସ୍ତକମାନ ପଠିତ ହୁଅଇ ଓଡ଼ିଆ ଭାଷାରେ ସେ ପ୍ରକାର ପୁସ୍ତକ ପ୍ରାପ୍ତ ହୁଅଇ ଏବଂ କ୍ରମଶଃ ଉତ୍କଳ ପୁସ୍ତକର ଏ ପ୍ରକାର ବୃଦ୍ଧି ହେଉ ଅଛି ଯେ ଅଳ୍ପ କାଳରେ ସ୍ଥାୟୀ ଶିକ୍ଷାର ଉପଯୋଗୀ ସମସ୍ତ ପୁସ୍ତକ ପ୍ରାପ୍ତ ହେବ ।"(୧୯)

ରେଭେନ୍‌ସା ସାହେବ ଓଡ଼ିଆ ଭାଷାର ବିଶେଷତ୍ୱ ଓ ପ୍ରାଚୀନତ୍ୱକୁ ସ୍ୱୀକାର କରି ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଶିକ୍ଷା ଦେବା ଓ ଓଡ଼ିଶାରେ ଓଡ଼ିଆ ଭାଷାର ସଂରକ୍ଷଣ ପାଇଁ ଉଦ୍ୟମ ହେବା ଉପରେ ଗୁରୁତ୍ୱ ଦେଇଥିଲେ ହେଁ ୧୮୭୦ ମସିହା ବେଳକୁ ପୁନର୍ବାର ବଙ୍ଗୀୟ ଉଦ୍‌ବାସ୍ତୁମାନେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପକରି ବଙ୍ଗଳା ଭାଷା ଚଳାଇବାକୁ ଉଦ୍ୟମ କଲେ । ବାଲେଶ୍ୱର ବିଦ୍ୟାଳୟର ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ନାମକ ଏକ ପୁସ୍ତକ ରଚନା କରି ସେଥିରେ ଉତ୍କଳ ଓ ବଙ୍ଗଳା ଭାଷାର ଏକତ୍ୱ ପ୍ରମାଣ କରିବାକୁ ଉଦ୍ୟମ କଲେ । ସେହି ପୁସ୍ତକ ସମ୍ପର୍କରେ 'ଦୀପିକା' ଲେଖିଥିଲେ—"ଗ୍ରନ୍ଥକର୍ତ୍ତା ପୁସ୍ତକର ଆରମ୍ଭରେ ଲେଖନ୍ତି ଯେ ଭାଷାତତ୍ତ୍ୱବିତ ପଣ୍ଡିତଙ୍କର ମତାନୁସାରେ ଓଡ଼ିଆ, ବଙ୍ଗଳା, ହିନ୍ଦି ପ୍ରଭୃତି ଦଶ ଭାଷା ଏକ ମୂଳରୁ ଉତ୍ପନ୍ନ ଅର୍ଥାତ୍ ଓଡ଼ିଆ, ବଙ୍ଗଳା ଇତ୍ୟାଦି କେହି ସ୍ୱତନ୍ତ୍ର ଭାଷା ନୁହଁନ୍ତି କିନ୍ତୁ ତଦ୍ଦ୍ୱାରା ଅର୍ଥାତ୍ ଓଡ଼ିଆକୁ ବଙ୍ଗଳା ବୋଲି ସିଦ୍ଧାନ୍ତ କରିଅଛନ୍ତି । ଏଥିରୁ ତାହାଙ୍କର କେଉଁ କଥା ସତ୍ୟ ବୁଝିବାର କଠିନବୋଧ ହୁଅଇ ଭାଷାତତ୍ତ୍ୱ ପଣ୍ଡିତଙ୍କ କଥା ମିଥ୍ୟା ହୋଇ ନଥିବ ନଚେତ୍ କେଉଁ ଉତ୍କଳ ଭାଷାର କଥା ଗ୍ରନ୍ଥକର୍ତ୍ତା ଲେଖନ୍ତି ତାହାଛଡ଼ା ଆଉ କାହୁଁ ସ୍ୱତନ୍ତ୍ର ଓଡ଼ିଆ ଭାଷା ଥିବ । ଯେ ଯାହା ହେଉ ଆମ୍ଭେମାନେ ଓଡ଼ିଆ ଭାଷାକୁ କେବେହେଁ ସ୍ୱତନ୍ତ୍ର ଭାଷା ବୋଲୁ ନାହୁଁ ! ଏହାକୁ ପରତନ୍ତ୍ର ଅଧୀନ ବୋଲି ଜାଣୁ । ଗ୍ରନ୍ଥକର୍ତ୍ତାଙ୍କ ମତରେ କି ବଙ୍ଗଳା ସ୍ୱତନ୍ତ୍ର ଭାଷା ଯେ ଓଡ଼ିଆ ଭାଷା ସଙ୍ଗେ ସଂସର୍ଗରେ ମିଶିବାରୁ ସେ ସ୍ୱତନ୍ତ୍ର ଭାଷା ହେବ ନାହିଁ ? କେବଳ କେତେକ ସାଦୃଶ୍ୟ ହେବାରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲି ସ୍ୱୀକାର କରିବେ ତେବେ କେହି ଓଡ଼ିଆର ହିନ୍ଦି ଓ ବଙ୍ଗଳା ବାହାରିଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ତାହାକୁ ଏତେ ଅହଙ୍କାର କରନ୍ତି ନାହିଁ ଅଥଚ ବଙ୍ଗୀୟ ଲୋକେ ଏହାଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି । ଓଡ଼ିଶାର କୀର୍ତ୍ତି କଳାପ ବଙ୍ଗଳାର ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ଶୁଣା ନାହିଁ ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବ

(୧୯) ଉତ୍କଳ ଦୀପିକା—୩ୟ ଭାଗ/୨୪ଶ ସଂଖ୍ୟା ତା ୪-୪-୧୮୬୮ ।

ଦାଲୀପ୍ତ ନେଇ ବଙ୍ଗଳାରୁ ନେଉଥିବା ପ୍ରତ୍ୟେକେ ଭାଷା ଜମିଷ ଅନ୍ୟଠାରେ ରଖି ହୋଇଥିଲେ ତଦ୍ଦ୍ୱାରା ସମ୍ଭବ ନୁହନ୍ତି ବରଂ ଓଡ଼ିଶାର ଭାଷା ଦେଶେ ବଙ୍ଗଳାରେ ଚଳିବାର ଅନୁମାନ ହିଁ ସତ୍ୟ × × × × ସୁତରାଂ ଏ ଦୁଇ ଭାଷାକୁ ପୃଥକ ବୋଲିବାକୁ ହେବ ଓ ତାନ୍ତ୍ରିକାରୁ ଦେଶେ ପୁସ୍ତକ ରଚନା କରନ୍ତୁ ମୂଳ ଭାଷା ତଦ୍ଦ୍ୱାରା ଏକ ହୋଇ ନ ପାରିବ ।"(୧୦)

କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକାର ନକରି ବଙ୍ଗଳା ଭାଷାର ଅଂଶ ବୋଲି ମତ ଦେଇଥିଲେ ମଧ୍ୟ ତାହା ଓଡ଼ିଶାରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଥିଲା । 'ଉତ୍କଳ ଦୀପିକା' ତାଙ୍କର ଅଭିମତକୁ ତୀବ୍ର ଭାବରେ ଖଣ୍ଡନ କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିଥିଲା । କାନ୍ତିଚନ୍ଦ୍ରଙ୍କ ପୁସ୍ତକର ସୁଯୋଗ ନେଇ 'ଉତ୍କଳ ହିତୈଷିଣୀ' ମଧ୍ୟ ଓଡ଼ିଆ ଭାଷା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା । ଓଡ଼ିଶାରେ ବଙ୍ଗଳା ସରକାରୀ କାର୍ଯ୍ୟରେ ନିଯୁକ୍ତ ଥିବା ବଙ୍ଗାଳୀମାନେ ତଥା ଓଡ଼ିଶାର ବଙ୍ଗାଳି ଜମିଦାର ଓ ସେମାନଙ୍କ ଅନୁଗତ ବ୍ୟକ୍ତିମାନେ ଓଡ଼ିଆ ଭାଷା ହଟାଇ ବଙ୍ଗଳା ଭାଷା ଚଳାଇବାକୁ ପୁନର୍ବାର ଉଦ୍ୟମ କଲେ । ଗୋପନରେ ଦରଖାସ୍ତ ଲେଖାଲେଖି ସ୍ୱାକ୍ଷର ସଂଗ୍ରହ କରାଗଲା ଓ ସେଇ ଦରଖାସ୍ତ ଗଭର୍ଣ୍ଣମେଣ୍ଟକୁ ପଠାଗଲା । କାନ୍ତିବାବୁଙ୍କ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ଅଭିମତକୁ 'ଏଡ଼ୁକେସନ ଗେଜେଟ' ମଧ୍ୟ ସମର୍ଥନ କରିଥିଲା । ସେଥିରେ ବଙ୍ଗଦେଶ ନିବାସୀ ଜିଲ୍ଲା ସ୍କୁଲର ପ୍ରଧାନ କର୍ମଚାରୀ ଓ ସ୍କୁଲ ଇନସ୍‌ପେକ୍ଟର ଯେଉଁ ଅଭିମତ ପ୍ରଦାନ କରିଥିଲେ 'ଦୀପିକା' ତାକୁ ଉଦ୍ଧୃତ କରିଛି—"ସେ ଯେଉଁ ସ୍ଥଳେ ଓଡ଼ିଆ ବଙ୍ଗଳାର ମେଳ ଦେଖି ଅଛନ୍ତି ସେ ସ୍ଥଳେ ଦୁହିଁକି ବଙ୍ଗଳା ବୋଲି ଅଛନ୍ତି । ଯେଉଁ ସ୍ଥଳେ ଭିନ୍ନ ରୂପ ଦେଖି ଅଛନ୍ତି ସେ ସ୍ଥଳେ ଓଡ଼ିଆକୁ କଳୁଷିତ ବଙ୍ଗଳାର ଅପଭ୍ରଂଶ ବୋଲି ଅଛନ୍ତି । ଏହାର କାରଣ କଣ ? ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ ସେ ସ୍ଥଳରେ ବଙ୍ଗଳା ଭାଙ୍ଗି ଓଡ଼ିଆ ହେଲା ନାହିଁ ଯେଉଁ ସ୍ଥଳରେ ମେଳ ନ ହେଲା ସେ ସ୍ଥଳେ ବଙ୍ଗଳା ଭାଙ୍ଗି କଳୁଷିତ ଓଡ଼ିଆର ଅପଭ୍ରଂଶ ନ ହେଲା ? × × × × ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ଉତ୍ପନ୍ନ ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ । ଏକ ବୃକ୍ଷର ଭିନ୍ନ ଭିନ୍ନ ପଲ୍ଲବ ମାତ୍ର । ମୂଳ ବୃକ୍ଷ ତାକୁ ରସଦାନରେ ପୋଷଣ କରୁଅଛି । ଶାଖାଗଣ ଅପଣା ଆପଣା ଅବସ୍ଥିତି ଓ ପ୍ରକୃତିର ପରମ୍ପରାର ଅନୁସାରେ ବିଶେଷ ହୋଇ ପ୍ରାଣ ଧାରଣ କରୁଅଛନ୍ତି । ଏମନ୍ତକୁ ବଳପୂର୍ବକ ଏକ ଦେହରେ ପରିଣତ କରିବାକୁ ଚେଷ୍ଟା କଲେ ବୃଥା ଶ୍ରମ ହେବ ।"(୧୧) କଲିକତା ରିଭ୍ୟୁର ଜୁଲାଇ ୧୮୭୦ ସଂଖ୍ୟାରେ ମଧ୍ୟ କାନ୍ତିଚନ୍ଦ୍ରଙ୍କ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ" ପୁସ୍ତକର

---

୧୦) ଉତ୍କଳ ଦୀପିକା – ୫ମ ଖଣ୍ଡ/୯ମ ସଂଖ୍ୟା ତା ୨୬-୨-୧୮୭୦ ।

୧୧) ଉତ୍କଳ ଦୀପିକା—୫ମ ଖଣ୍ଡ/୮ମ ସଂଖ୍ୟା ତା ୩୦-୪-୧୮୭୦ ।

ଅସହଯୋଗିତା ହୋଇଥିଲା । ଉତ୍କଳ ଦୀପିକା ସେପରି ବଙ୍ଗଳା ଶବ୍ଦମାନେ ଏହି ପ୍ରବନ୍ଧ ପ୍ରସାରଣା ଦର୍ଶାଇଥିଲା ତାହା ଅନ୍ୟାନ୍ୟ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଥିଲା ।

୧୮୭୦ ମସିହା ପରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ହେଲା ଏବଂ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ ହେଲା । ତଥାପି ମଝେ ମଝେ ବଙ୍ଗୀୟ-ମାନେ ଓଡ଼ିଆ ଭାଷା ବିରୋଧରେ ନାନା ଆନ୍ଦୋଳନ କରୁଥା'ନ୍ତି । ଓଡ଼ିଶାରେ କିନ୍ତୁ ଓଡ଼ିଆ ଭାଷା ପ୍ରତି ଆଦର ବୃଦ୍ଧି ହେଉ ନଥାଏ । ଦୀପିକା ଏଥି ପାଇଁ ଦୁଃଖ ପ୍ରକାଶ କରିଛି, — "ଓଡ଼ିଆ ବାସୀମାନେ ଯେ ଆପଣା ମାତୃଭାଷା ପ୍ରତି କିଞ୍ଚିତମାତ୍ର ମନଯୋଗୀ ହୋଇ ତାହାକୁ ବହୁ ଗୌରବମୟ କରିବେ ଏହା ଅଛି । ଏଥିରେ ଏମାନେ ଅନ୍ୟ ଦେଶର ଲୋକଙ୍କ ପାଖରେ କେବଳ ନିନ୍ଦାର ଭାଜନ ହେଉଅଛନ୍ତି ।" (୨୨) ଉତ୍କଳଦୀପିକା ସେପରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ନିରବଚ୍ଛିନ୍ନ ସଂଗ୍ରାମ କରିଥିଲା ତାହା ବାସ୍ତବରେ ଅଭିନନ୍ଦନୀୟ । ବଙ୍ଗୀୟ ମାନଙ୍କର ଓଡ଼ିଆ ବିଦ୍ୱେଷ କବଳରୁ ସେ ହିଁ ସବୁବେଳେ ସଦାବେଳେ ସଜାଗ ରହିଥିଲା । ଦୀପିକାର ସଂଗ୍ରାମ ହେତୁ ହିଁ ଓଡ଼ିଶାରେ ଓଡ଼ିଆ ଭାଷା ତିଷ୍ଠି ରହି ପାରିଲା । ତଥାପି ୧୮୭୪ ମସିହା ବେଳକୁ ପୁନର୍ବାର ଓଡ଼ିଆ ଭାଷା ଉଚ୍ଛେଦ ପାଇଁ ଉଦ୍ୟମ ହୋଇଥିଲା । ସେତେବେଳେ ମଧ୍ୟ ଉତ୍କଳ ଦୀପିକା ନାନାଦି ଦିଗରୁ ଦଳପତିମାନଙ୍କର ପ୍ରବଳ ଚକ୍ରାନ୍ତ ଓ ଷଡ଼ଯନ୍ତ୍ରକୁ ବନ୍ଦ କରି ଦେଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ବଞ୍ଚିଗଲା ଓ ଓଡ଼ିଶାର ବିଦ୍ୟାଳୟ ତଥା ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଚାଲିଲା । ୧୮୭୦ ମସିହା ପରଠାରୁ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି ପାଇଁ 'ଉତ୍କଳଦୀପିକା' ହିଁ ସର୍ବାଦୌ ଐତିହାସିକ ଭୂମିକା ନେଇଥିଲା ।

## ଉପସଂହାର :

ଊନବିଂଶ ଶତାବ୍ଦୀର ଅସ୍ତ କଳୁଷିତ ଅନ୍ଧକାର ମଧ୍ୟରୁ ଏକ ନାଗରିକ ନବୀନ ବାର୍ତ୍ତା ନେଇ 'ଉତ୍କଳ ଦୀପିକା'ର ହେଲା ଅବତରଣ । ତାହାର ସଙ୍କଳ୍ପ ଏହାର ଅଟେ, ଜାତୀୟ ଜାଗରଣରେ ଏହାର ଦାନ, ଜାତୀୟତାର ମୂଳମନ୍ତ୍ର ସ୍ପଷ୍ଟ ହେ ଏହାର ଦିଗି । ଏଣୁ 'ଉତ୍କଳ ଦୀପିକା' ହିଁ ଓଡ଼ିଆଙ୍କର ନୈତିକ ସାହା— ଜାତୀୟତାର ଉଦ୍‌ଗାତା — ସଂସ୍କୃତିର ଚେତାବନୀ — ନବଯୁଗର ବାଣୀ— ଏକ ବହୁମୂଲ୍ୟ ନିଧି ଅତ୍ୟାଧୁନିକ ଓଡ଼ିଆ ଜାତିର ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର ମେମୋରାଣ୍ଡମ ସମ୍ବାଦ, ଦୁର୍ଭିକ୍ଷର କାରଣ ଅନୁସନ୍ଧାନ, ଦୁର୍ଭିକ୍ଷ କବଳରୁ ପାଇଁ ଆହ୍ୱାନ, ଓଡ଼ିଆ ଭାଷାର ପ୍ରତିଷ୍ଠା, ବଙ୍ଗୀୟମାନଙ୍କର ପ୍ରବଳ ଚକ୍ରାନ୍ତର ମୁଖା ଉନ୍ମୋଚନ, ଓଡ଼ିଆ ଶିକ୍ଷା ପ୍ରଚଳନ ପାଇଁ ଜାତୀୟ ସଚେତନତା ସୃଷ୍ଟି, ବିଦ୍ୟାଳୟ ପ୍ରତିଷ୍ଠା, ସରକାରୀ ପଦଗୁଡ଼ିକରେ ଓଡ଼ିଆ ପ୍ରାର୍ଥୀଙ୍କ ନିଯୁକ୍ତି, ଉଚ୍ଚପଦରେ ଓଡ଼ିଆମାନଙ୍କର ଅଧିଷ୍ଠାନ, କଲେଜ ପ୍ରତିଷ୍ଠା ଓ ଉଚ୍ଚ ଶିକ୍ଷା ପ୍ରସାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ,

---

୨୨) ଉତ୍କଳ ଦୀପିକା— ୭ମ ଭାଗ/୨୫ଶ ସଂଖ୍ୟା ତା ୨୯-୬-୧୮୭୨ ।

ସାମାଜିକ ଅବସ୍ଥାର ସମ୍ବାଦ ପରିବେଷଣ, ହିନ୍ଦୁ ଧର୍ମଶାସ୍ତ୍ରର ତତ୍ତ୍ୱ ଓ ପ୍ରକୃତ, ସନାତନ ଧର୍ମର ମହତ୍ତ୍ୱ, ଇଂରାଜୀ ଶିକ୍ଷାଭିମାନୀ ନାନା ଅବଗୁଣ, ରାଜା ଓ ଜମିଦାରଙ୍କ କାର୍ଯ୍ୟକଳାପ, ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ଓ ନୂତନ ସାହିତ୍ୟ ସୃଷ୍ଟି ପାଇଁ ଆହ୍ୱାନ, ପ୍ରକାଶିତ ସାହିତ୍ୟ ଗ୍ରନ୍ଥମାନଙ୍କର ସମାଲୋଚନା ଅନ୍ୟାନ୍ୟ ପତ୍ର ପତ୍ରିକା ଗୁଡ଼ିକର ବିବରଣୀ, ଉକ୍ତ ସାହିତ୍ୟ ତଥା ଗତ ସାହିତ୍ୟ ପ୍ରତି ସମର୍ଥକ ଓ ପ୍ରତିପକ୍ଷମାନଙ୍କର ବିଦ୍ୱେଷୀ ସମାଲୋଚନାର ଯୁକ୍ତିଯୁକ୍ତ ଖଣ୍ଡନ, ଯାତ୍ରା-ଲୀଳା-ନାଟକ-ରଙ୍ଗମଞ୍ଚ ସମ୍ପର୍କୀୟ ତଥ୍ୟ ଓ ମନ୍ତବ୍ୟ, ଦେଶର ଅର୍ଥନୈତିକ ଦୁର୍ଦ୍ଦଶା ପାଇଁ ସଙ୍କେତ, ସୁଦ୍ଧା କେନାଲ୍-ଡାକ ବାଂଲା-ବନ୍ଦୋବସ୍ତ ଆଦିର ସମ୍ବାଦ ପ୍ରଭୃତି 'ଉତ୍କଳ ଦୀପିକା'ର ପୃଷ୍ଠା ମଣ୍ଡନ କରି ଜନ୍ତାଙ୍କ କାଳଧ୍ୱ ମନରେ ନୂତନ ଭାବ ଜାଗରଣ ସୃଷ୍ଟି କରିଥିଲା । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିଷ୍ଠିତ 'ସମାଜ' ପର୍ଯ୍ୟନ୍ତ 'ଦୀପିକା' ଥିଲା ଓଡ଼ିଆ ଜାତୀୟ ଜୀବନର ଯଥାର୍ଥ ସାକ୍ଷୀ । ଏହାର ପ୍ରକୃତି ଦୃଷ୍ଟି ଥିଲା ଅତ୍ୟନ୍ତ ସମ୍ପ୍ରସାରିତ । ସତ୍ୟପୂତ ଦୃଷ୍ଟି ନେଇ ଏହା ଯେପରି ବର୍ତ୍ତମାନର ସୂତ୍ରଟିକୁ ଦେଖୁଥିଲା, ଅନ୍ତର୍ଦୃଷ୍ଟି ନେଇ ଅତୀତ ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖି ସମସ୍ୟାର ସମାଧାନ ପାଇଁ ସ୍ଥିତପ୍ରଜ୍ଞ ବିଚାରବୋଧ ପ୍ରକାଶ କରିବାକୁ ସମର୍ଥ ହୋଇପାରିଥିଲା । ଆଧୁନିକ ଓଡ଼ିଆ ଗଦ୍ୟର ଜନ୍ମ ବିକାଶରେ ଏହାର ଅବଦାନ ଯେପରି ତାତ୍ପର୍ଯ୍ୟପୂର୍ଣ୍ଣ ସେହିପରି ସୁସ୍ଥ ସାମ୍ବାଦିକତାର ଅଗ୍ରଗାମୀ ରୂପେ ଏହାର ଅନେକ ନିଶାଣ ଏଯାଏଁ ଦେଖାଯାଏ । 'ଉତ୍କଳ ଦୀପିକା' ସ୍ୱଏକ ବହୁ ହୋଇଥିଲା ଉଦ୍ଦେଶ୍ୟ ପାଇଁ, ଗୌରୀଶଙ୍କରଙ୍କର ମନ ଯୋଗ ଦେଇ ହୋଇଥିଲା; କିନ୍ତୁ ଦୀପିକା ହୋଇଥିଲା ଅନ୍ୟ ଶତାବ୍ଦୀ ଓଡ଼ିଶାର ଏକ ଇତିହାସ । ଗୌରୀଶଙ୍କରଙ୍କ ଜୀବନ ସେହି ଇତିହାସର ଶ୍ରେଷ୍ଠ ଦଲିଲ । ନବୋତ୍କଳ ନିର୍ମାଣରେ ଏହି ଇତିହାସର ଭୂମିକା ବାସ୍ତବିକ ଅତି ଗୁରୁତ୍ୱପୂର୍ଣ୍ଣ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର-୭୫୧୦୦୪ ।

# ଗୌରୀଶଙ୍କର ଓ ଓଡ଼ିଆ ସାହିତ୍ୟ-ଚର୍ଚ୍ଚା

● ଦେବବ୍ରତ

---

॥ ଏକ ॥

"ବାସ୍ତବରେ ରାଜନୀତି ଓ ସାମାଜିକ ନିୟମମାନଙ୍କର ମୂଳ ଉଦ୍ଦେଶ୍ୟ ଧର୍ମରକ୍ଷା ଏବଂ ସେ ସମସ୍ତର ଉନ୍ନତି ସଙ୍ଗେ ଧର୍ମର ଉନ୍ନତି ଜଡ଼ିତ ଅଛି । ଏଣୁ ସାହିତ୍ୟ-ଚର୍ଚ୍ଚାରେ ଧର୍ମ ଉନ୍ନତି ଅନ୍ତର ଅନ୍ୟ ଭାବିବେ ନାହିଁ ଏ କଥା ଆମ୍ଭମାନଙ୍କ ମନକୁ ଆସୁ ନାହିଁ । ଅତଏବ ଯେମନ୍ତ ସାହିତ୍ୟ-ଚର୍ଚ୍ଚାରେ ସେମନ୍ତ ରାଜନୀତି ଓ ସାମାଜିକ ଚର୍ଚ୍ଚାରେ ଲେଖକମାନଙ୍କର ମନୋଯୋଗୀ ହେବା ଉଚିତ ।" (୧)

୧୮୯୭ ମସିହା ଜୁନ ମାସରେ କୃଷ୍ଣପ୍ରସାଦ ଚୌଧୁରୀ ଓଡ଼ିଆ ସାହିତ୍ୟର ଇତିହାସ ସଙ୍କଳନର ପ୍ରସ୍ତାବ ଦେଇ ଯେଉଁ ପତ୍ର ଲେଖିଥିଲେ, ଉପରୋକ୍ତ ଉକ୍ତି ଥିଲା ସେହି ପତ୍ରର ପ୍ରତିକ୍ରିୟା । କୃଷ୍ଣପ୍ରସାଦ ଲେଖିଥିଲେ, "ସାହିତ୍ୟାଲୋଚନାହିଁ ସଭ୍ୟ ଜାତିର ସଭ୍ୟତା ବୃଦ୍ଧିର ସର୍ବୋତ୍କୃଷ୍ଟ ଉପାୟ । ଏହି ସାହିତ୍ୟାଲୋଚନ ନାନା ପ୍ରକାରରେ ସାଧିତ ହୋଇଥାଏ । × × ସାହିତ୍ୟର ଇତିହାସ (History of Literature) ଆମ୍ଭମାନଙ୍କ ଦେଶରେ ନାହିଁ । ପୃଥିବୀର ଅନ୍ୟାନ୍ୟ ସଭ୍ୟ ଦେଶରେ ତାହା ଅଛି ଏବଂ ତଦ୍ଦ୍ୱାରା ସେହି ୨ ଦେଶ କ୍ରମଶଃ ସଭ୍ୟତାର ଉଚ୍ଚତର ସୋପାନରେ ଆରୂଢ଼ ହେଉଅଛି । × ଏଥିଦ୍ୱାରା ଦେଶ ଓ ସମାଜର ଯେ କେତେ ଉପକାର ସାଧିତ ହୁଏ ତାହା ଭାଷାରେ ବୁଝାଇ ଦେବାକୁ ହେବନାହିଁ ।" (୨) କୃଷ୍ଣପ୍ରସାଦ ସାହିତ୍ୟ-ଚର୍ଚ୍ଚା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇ ପରୋକ୍ଷରେ ଅନ୍ୟାନ୍ୟ ବିଦ୍ୟା ଓ ବିଷୟର ଭୂମିକାକୁ ଗୌଣ କରି ଦେଇଥିଲେ । ଗୌରୀଶଙ୍କର ରାଜନୀତି ଓ ସାମାଜିକ ରୀତି-ନିୟମକୁ ଦେଶର ବା ସଭ୍ୟତା-ବିକାଶ ଦିଗ ଦୃଷ୍ଟିରୁ ନ ଦେଖି ଧର୍ମ-ବିକାଶ ସହିତ ଯୁକ୍ତ କରିଥିଲେ । ସାମାଜିକ ରୀତି-ନିୟମ, ରାଜନୀତିଠାରୁ ସାହିତ୍ୟ-ଚର୍ଚ୍ଚାର ଭୂମିକାକୁ ସେ ଉଚ୍ଚତର ଆସନ ଦେଇପାରି ନାହାନ୍ତି । କାରଣ ସମାଜ ବିକାଶରେ ଧର୍ମ, ରାଜନୀତି ଓ ସାମାଜିକ ରୀତି ନିୟମ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସାହିତ୍ୟ ତାହା କରେ ନାହିଁ । ସାହିତ୍ୟ ହେଉଛି ତତ୍କାଳୀନ ସମାଜର ପରିଣତିର ଫଳ । ରାଧାନାଥ ଓ ମଧୁସୂଦନ ପ୍ରମୁଖ କବି ଓ ଶିକ୍ଷା ପ୍ରସାରକଙ୍କ ଦୃଷ୍ଟିକୋଣ ଦ୍ୱାରା ଆଶାନ୍ୱିତ ହୋଇ ଓ ସମାଜ-ଜୀବନରେ ସେମାନଙ୍କର ଭୂମିକାକୁ ସର୍ବଶ୍ରେଷ୍ଠର ଗୌରବ ଦେବାକୁ ଯାଇ ତାଙ୍କର ଅନୁରକ୍ତମାନଙ୍କ ଦ୍ୱାରା ଯେଉଁ ଅପଚେଷ୍ଟା ଚାଲୁ ରହିଥିଲା, ଗୌରୀଶଙ୍କର କୃଷ୍ଣପ୍ରସାଦଙ୍କ ପତ୍ରକୁ ଉପଲକ୍ଷ୍ୟ କରି ସେହି ଅପଚେଷ୍ଟା ବିରୁଦ୍ଧରେ ଆପଣାର ସ୍ୱାଭାବିକ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି । ଉପରୋକ୍ତ ମନ୍ତବ୍ୟରେ ଗୌରୀଶଙ୍କର ପ୍ରାଚୀନ ମତାଦର୍ଶକୁ ଅନୁସରଣ କରି ଧର୍ମକୁ ବ୍ୟକ୍ତି ଓ ସମାଜର କେନ୍ଦ୍ର

ସମ୍ପାଦକ-ଗୋଷ୍ଠୀ ରୂପେ ସୁପରିଚିତ କରିଛନ୍ତି । ଆଧୁନିକ ଜୀବନର ମୂଲ୍ୟବୋଧ ପ୍ରଚାରକ, ସମାଜସେବୀ; ସାହିତ୍ୟ-ଚର୍ଚ୍ଚା ତା'ର ସହଯୋଗୀ । ଏଗୁଡ଼ିକ ମଧ୍ୟରେ ସାହିତ୍ୟ ଚର୍ଚ୍ଚାର ସ୍ଥାନ ଗୌଣ । ଗୌରୀଶଙ୍କରଙ୍କ ଜୀବନ-ବୃତ୍ତରେ ସାହିତ୍ୟ-ଚର୍ଚ୍ଚା କାହାରି ଅପେକ୍ଷା ଯାଉଥିଲା ରୂପରେଖ ମନୋଭାବ ତା'ର ଦୃଷ୍ଟାନ୍ତ । ପ୍ରଥମ ସଙ୍କଳନ ବର୍ଷର 'ଉତ୍କଳ-ଦୀପିକା' ଗୌରୀଶଙ୍କରଙ୍କ ମନୋଭାବକୁ ସ୍ପଷ୍ଟ କରେ । ସେ ନିଜ ତନ୍ତ୍ରରେ ସାହିତ୍ୟ-ଚର୍ଚ୍ଚାକୁ ଯେଉଁଭଳି କେନ୍ଦ୍ରସ୍ଥାନ ଦେଇନାହାନ୍ତି, ଠିକ୍ ସେହିଭଳି ତାଙ୍କ ସମ୍ପାଦିତ ଦୀପିକାରେ ସାହିତ୍ୟ ଚର୍ଚ୍ଚା ମଧ୍ୟ କେନ୍ଦ୍ରସ୍ଥାନ ପାଇନାହିଁ ।

ଗୌରୀଶଙ୍କର ନିଜେ ସାହିତ୍ୟିକ ନ ଥିଲେ ବା ସାହିତ୍ୟ ଚର୍ଚ୍ଚା ସଚେତନ ଭାବରେ ତାଙ୍କ ଆଲୋଚନାର କେନ୍ଦ୍ରୀୟ ବିଷୟ ନଥିଲା । କିନ୍ତୁ ସମ୍ପାଦକ ରୂପରେ, ସାମାଜିକ ଦାୟିତ୍ୱବୋଧର ଅନୁଷ୍ଠାନରେ ଓ ଓଡ଼ିଶାର ନବଜାଗରଣରେ ପ୍ରମୁଖ ପୁରୁଷ ହିସାବରେ କେବଳ ତାଙ୍କୁ ସେଥିରେ ଅଂଶ ଗ୍ରହଣ କରିବାକୁ ପଡ଼ି ନ ଥିଲା— ସମସାମୟିକ କାଳ ସାହିତ୍ୟ-ଚର୍ଚ୍ଚାରେ ତାଙ୍କୁ ମଙ୍ଗଳର ଭୂମିକା ନେବାକୁ ବାଧ୍ୟ କରିଥିଲା । ପ୍ରଥମ ପ୍ରକାଶିତ-ସମ୍ବାଦ ପତ୍ରର ସମ୍ପାଦକ ଭାବରେ, ପ୍ରଥମ ସମାଜ-ସଚେତକ ଲେଖକ ହିସାବରେ ତଥା ଓଡ଼ିଆ ଜାତୀୟ ଚେତନାର ଅଗ୍ରଦୂତ ଭାବରେ ଓଡ଼ିଆ ସାହିତ୍ୟର ଆଲୋଚନା ତାଙ୍କୁ କରିବାକୁ ହୋଇଥିଲା । ଫଳରେ ଗୌରୀଶଙ୍କରଙ୍କ ହାତରେ ଓଡ଼ିଆ ସାହିତ୍ୟରେ 'ସମାଲୋଚନା'ର ଉଦ୍ଭବ ହୋଇଥିଲା ତଥା ଓଡ଼ିଆ ସାହିତ୍ୟର ପରବର୍ତ୍ତୀରେ ମନ୍ତବ୍ୟମାନ ପ୍ରକାଶ କରିବା ଦ୍ୱାରା ସେ ସାହିତ୍ୟ-ଆଲୋଚନାର କଳେବରକୁ ସାଂପ୍ରଦାୟିକତା ଭିତରେ ସୀମାବଦ୍ଧ ନ କରି ବୈପ୍ଳବିକ ଦୃଷ୍ଟିକୋଣରୁ ପରିଚାଳିତ କରି ପାରିଥିଲେ ।

## ॥ ଦୁଇ ॥

ଓଡ଼ିଆ ସାହିତ୍ୟ ସହ ସମ୍ପର୍କର ପୁନଃଉଦ୍ଧାରଣ କରି ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ଅଧିବେଶନର ସଭାପତି ଅଭିଭାଷଣରେ ଗୌରୀଶଙ୍କର କହିଥିଲେ : ''ମୋର ସାହିତ୍ୟ ଆଲୋଚନା ଏତେ ଅଳ୍ପ ଯେ, ସେଥିରେ ପୁଷ୍ଟି ଓ ଅଭିଜ୍ଞତା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଦେବାକୁ ସାହସ ହେଉ ନାହିଁ । × ମୁଁ ଜଣେ ସୁବକ୍ତା ବା ଲେଖକ ନ ହେଲେ ହେଁ ଉତ୍କଳ ସାହିତ୍ୟ ପ୍ରତି ମୋର ଆନ୍ତରିକ ଅନୁରାଗ ଅଛି ଏବଂ ଏହାର ଉନ୍ନତି ଓ ପ୍ରଚାରାର୍ଥରେ ଦେଶବାସୀ ସମର୍ଥନରେ ଯଥାସାଧ୍ୟ ସହାୟତା ଯୋଗ ଦେବାକୁ ତ୍ରୁଟି କରି ନାହିଁ । ×

ମୁଁ କହୁଅଛି ଯେ, ଉତ୍କଳ-ସାହିତ୍ୟ ମୋତେ ଟାଣିଲା କଣ । ଶିଶୁ ଅବସ୍ଥାରେ ଚଟଶାଳୀରେ ଯାଇ, ଗୋପୀଭାଷାଦି ଯାହା ପଢ଼ିଥିଲି ତାହା କେବଳ ଅକ୍ଷର ଚିହ୍ନିବା ନିମନ୍ତେ । ଅର୍ଥ ବୁଝିବା କ୍ଷମତା ଅଥବା ବୁଝାଇବା ଲୋକ କେହି କେବେ ନଥିଲା, ପରେ ଇଂରାଜୀ ସ୍କୁଲରେ ମୋର ଓଡ଼ିଆ ଶିକ୍ଷା ମିଶନ ଶ୍ରୀସାଧୁଙ୍କର ମୁଦ୍ରିତ ବ୍ୟାକରଣ, ହିତୋପଦେଶ ପ୍ରଭୃତି ସୀମାକୁ ଡେଇଁ ନ ଥିଲା । ସୁତରାଂ ଉତ୍କଳ ସାହିତ୍ୟର ପରିଚୟ

ଅନେକ ପାଇ ନ ଥିଲି ବୋଲିବା ଅଯୁକ୍ତ ନୁହେଁ । ସ୍କୁଲ ଗ୍ରନ୍ଥ ସବୁଦାସ୍ତ ଆଣି ପାଇ ମେଟ୍ରିକଜ କଲେଜର ବନ୍ଧୁଙ୍କ ଠାରୁ ବୈଦେହୀଶ ବିଳାସ ପ୍ରଭୃତି ଗ୍ରନ୍ଥ ଏକ ପଦ ଅର୍ଥ ସହିତ ଶୁଣି ସେ ଏଗୁଡ଼ିକୁ ମନ ଧାରିଲି ଏବଂ ସେତେବେଳେ ଅନ୍ୟ କିଛି କରି, ଯଥା— ସ୍ୱର୍ଗୀୟ ବନମାଳୀ ମିଶ୍ର, ସୁଧାକରମୋହନ ପଟ୍ଟନାୟକ, ଜଗମୋହନ ଲାଲ, ଶ୍ୟାମ-ମୋହନ ସେନ ଆଦି ମିଶି କାବ୍ୟ ସମ୍ବାଦରେ ଅନ୍ତତଃ ଏକଘଣ୍ଟା ପ୍ରେମ ସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠ କରି ଉତ୍କଳ-ସାହିତ୍ୟର ସ୍ୱାଦ ପାଉଥିଲୁ ...... ।"(୩)

ଏହି ଦୃଷ୍ଟିଭଙ୍ଗୀରେ ଗୌରୀଶଙ୍କର ପ୍ରାଚୀନ ସାହିତ୍ୟ ଏବଂ ତାହାର ସମ୍ପର୍କ ସମ୍ପର୍କରେ ମତ ଉପସ୍ଥାପନ କରିଛନ୍ତି । ଗୌରୀଶଙ୍କରଙ୍କ ଜୀବନର ମଧ୍ୟ ପର୍ଯ୍ୟାୟରେ ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି । ସାହିତ୍ୟକୁ ଉପଭୋଗ କରିବାର ପ୍ରବୃତ୍ତି ତେଣୁ ସେ ଅନୁଭବ କରିଥିଲେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରୁ । ଆଧୁନିକ ବଙ୍ଗଳା ସାହିତ୍ୟ ତାଙ୍କର ସମକାଳରେ ପ୍ରକାଶିତ ହୋଇଥିଲେ ଓ ଇଂରାଜୀ ସାହିତ୍ୟ ସହ ତାଙ୍କର ଘନିଷ୍ଠ ପରିଚୟ ନ ଥିଲା । ଫଳରେ ସାହିତ୍ୟ ସମ୍ପର୍କରେ ତାଙ୍କର ଧାରଣା ଉକ୍ତ ପ୍ରମୁଖଙ୍କ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକୃତି-ଆଧାରିତ । ସମୟ କ୍ରମେ ଏହି ଧାରଣାର କିଛି ସଂସ୍କାର ଘଟିଛି, ବର୍ତ୍ତମାନ ମଧ୍ୟ ହୋଇଛି କିନ୍ତୁ ତାଙ୍କର ମୌଳିକତାବୋଧରେ ପରିବର୍ତ୍ତନ ଘଟିନାହିଁ । ଏହି ଦୃଷ୍ଟିଭଙ୍ଗୀରେ 'ଉତ୍କଳ ଦୀପିକା'ରେ ସେ ପ୍ରାଚୀନ ଓ ସମକାଳୀନ ଓଡ଼ିଆ ସାହିତ୍ୟର ଆଲୋଚନା କରିଥାନ୍ତି । ସାହିତ୍ୟ-ଚର୍ଚ୍ଚା ସମ୍ପର୍କରେ ଗୌରୀଶଙ୍କରଙ୍କ ଶ୍ରୀଜଗନ୍ନାଥ ସାହିତ୍ୟ-ପାଠକ ହିସାବରେ ତାଙ୍କର ସୀମାବଦ୍ଧତାକୁ ସେଠି ପତ୍ରମାନଙ୍କରେ ସୂଚିତ ନ କରେ ତା' ଅପେକ୍ଷା ତାଙ୍କ ମନୋଭୂମିର ପ୍ରାଞ୍ଜଳ ପରିଚୟ ହିଁ ଅଧିକ ଭାବରେ ପ୍ରଦାନ କରେ । ତାଙ୍କର ସମକାଳରେ ସୃଷ୍ଟି ହୋଇଥିବା ଓଡ଼ିଆ ସାହିତ୍ୟକୁ ତା' ବୋଲି ସେ ପ୍ରତ୍ୟାଖ୍ୟାନ କରି ନାହାନ୍ତି କିନ୍ତୁ ତାହାକୁ ସର୍ବଶ୍ରେଷ୍ଠ ବୋଲି ମଧ୍ୟ ଗ୍ରହଣ କରିନାହାନ୍ତି । ଏଭଳିକି ଉପନ୍ୟାସ ଓ ନାଟକ ଭଳି ଆଧୁନିକ ସାହିତ୍ୟ-ରୂପ ଗୌରୀଶଙ୍କରଙ୍କ ଦ୍ୱାରା ପ୍ରଶଂସିତ ଓ ଆଲୋଚିତ ହୋଇଛି ।

ଗୌରୀଶଙ୍କରଙ୍କ ସାହିତ୍ୟ ପ୍ରତ୍ୟୟ ଥିଲା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ-କେନ୍ଦ୍ରିକ । ସମକାଳରେ ସାହିତ୍ୟ-ସମାଲୋଚନାର ଭୂମିକାକୁ ସେ ଅସ୍ୱୀକାର କରିପାରି ନ ଥିଲେ । ଭିତର ମଧ୍ୟରେ ଥିବା ଭାବ-ଦ୍ୱନ୍ଦ୍ୱକୁ ବା ସେ ସ୍ପଷ୍ଟତଃ ଅନୁଭବ କରି ପାରି ନ ଥିଲେ । ସାହିତ୍ୟକୁ ସେ ଯେବେ ଆସ୍ୱାଦ-ପ୍ରଧାନ ବୋଲି ଗ୍ରହଣ କରିଥାଏ ତେବେ ସାହିତ୍ୟ କୃତିର ଭଲ ଓ ମନ୍ଦ ବିଚାର ସେତେବେଳେ ଅନାବଶ୍ୟକ । ଆଉ ଭଲ ଓ ମନ୍ଦର ବିଚାର କଲାବେଳେ କେବଳ ଅନୁଭୂତି ନୁହେଁ, କୌଣସି ସାହିତ୍ୟ-କୃତିର ସାମାଜିକ ଆବଶ୍ୟକତା ଅବଚେତନ ଭାବରେ ବିଚାର-ଦୃଷ୍ଟିକୁ ଆଚ୍ଛନ୍ନ କରେ । 'ବାକ୍ୟଂ ରସାତ୍ମକଂ କାବ୍ୟମ୍' - ବିଶ୍ୱନାଥ କବିରାଜଙ୍କ ଏହି ଅତି ପରିଚିତ କାବ୍ୟ ସଂଜ୍ଞାକୁ ସେ ଗ୍ରହଣ କରି ନେଇଛନ୍ତି । କିନ୍ତୁ ଭାବ ରସ ବା ଆବେଗ ଅଳଙ୍କାର ଶାସ୍ତ୍ରରେ ଚମତ୍କାର ଭାବରେ ଅନେକ ସମୟରେ ଗୃହୀତ ହୋଇଥିବାରୁ ଅନେକ ପ୍ରଧାନ କାବ୍ୟକୁ ସେ

ଶ୍ରେଷ୍ଠ ଭାବର ଗୌରବ ଦେଇଛନ୍ତି । ଶ୍ରେଷ୍ଠ ଭକ୍ତ ଭାବଂକୁ ସେମାନେ ଅବରୋଧ କରନ୍ତି ସେମାନଙ୍କର ସ୍ୱାତନ୍ତ୍ର୍ୟ ଶୁଣି ହୁଏତ କଥା, ନ ହେଲେ ବୈପରୀତ୍ୟ ଅବଜ୍ଞା-ଭଙ୍ଗୀରୁ ହେତୁ ଅବରୋଧ-ରୂପ ଭୂତପ୍ରାୟ – ଏହିଭଳି ଏକ ସିଦ୍ଧାନ୍ତରେ ସେ ପହଞ୍ଚିଛନ୍ତି । ଏ ପ୍ରସଙ୍ଗରେ ସେ ଲେଖିଛନ୍ତି : "ସଂସାରର ସାଧାରଣ ଭାଷା ଭାବ ଓ ଅବସ୍ଥା ସୋଚିଏ ରଖ ଅଛନ୍ତି । ସୁତରାଂ ଅପରାଧ ଘଟିଲେ ତାହାକୁ ଭାବା କେଉଁଥିରେ ଅପରାଧ ଲୁକାଇ ହୋଇ ସମ୍ଭବ ଶାସନରେ ପ୍ରଚଳିତ ହେଉଅଛୁ ।" (୪) ସେଥିପାଇଁ ସେମାନେ ଗୌରୀଶଙ୍କରଙ୍କ ସାହିତ୍ୟ ଧାରଣାକୁ ପ୍ରତ୍ୟାଖ୍ୟାନ କରୁଥିଲେ, ସେମାନଙ୍କ ଦୃଷ୍ଟିରେ ମଧ୍ୟ ସ୍ୱଧୀନାଥଙ୍କ ଭକ୍ତି ଅଳ୍ପ ନୃତ୍ୟ-ହବ୍ୟ; ଏତ ମାତ୍ର ଭାବ୍ୟ ଯାଇଛି । ସମସ୍ତ ଉନବିଂଶ ଶତକର ସାହିତ୍ୟ-ଚର୍ଚ୍ଚା ସ୍ୱଧୀନାଥଙ୍କ ଭାବ୍ୟ ଯାଇର ଦୃଷ୍ଟିକୋଣ କଥ ପଥରେ ଦୂରକୁ ପାଣ୍ଡି ବାଧ ହୋଇଥିଲା ।

'ରସ' ଶବ୍ଦର ସାହିତ୍ୟିକ ଅଭ୍ୟାସ ହେଉଛି ସମ୍ବନ୍ଧରେ ସେ ନୀତି-ଉପଦେଶ ଓ ଅଳଂକାର-ସଂଯୋଜନାକୁ ଗ୍ରହଣ କରିଅଛନ୍ତି । କବିଙ୍କ ମହତ୍ତ୍ୱ ପ୍ରତିପାଦନ ପ୍ରସଙ୍ଗରେ ସେ ଲେଖିଅଛନ୍ତି : "କାବ୍ୟର ରଚନା ପ୍ରଣାଳୀ ଓ ଶବ୍ଦ ଚାଲି ଅତଏବରେ ଲଳିତ ଏମନ୍ତ ହୋଇଛି । ତହିଁରେ ସ୍ଥାନେ ସ୍ଥାନେ ଭଲ କଥା ଅଛି, ଭଲ ଭାବ ଅଛି । ଦେଶାଚାର ଅନୁସାରେ ଦେହ ଶାସନର ଅଳଂକାର ଯେଉଁ ଯେଉଁ ହୋଇଥିଲେ ସେହି ସୌନ୍ଦର୍ଯ୍ୟରେ ଭୂଷା ହୋଇ ଦାଣ୍ଡି ବର ଅଧିକ ହୋଇଛି ।" (୫) ଏଠାରେ ଭାବ, ନୀତି ଉପଦେଶ ଓ ସୌନ୍ଦର୍ଯ୍ୟ ପ୍ରଧାନ ସାହିତ୍ୟର ଲକ୍ଷ୍ୟ ରୂପରେ ଗୃହୀତ । କିନ୍ତୁ ନୀତି-ଉପଦେଶ କଥନ ଏଥିରିକ, ଭାବ ଓ ସୌନ୍ଦର୍ଯ୍ୟ କହିଲେ ସେ କ'ଣ ବୁଝାନ୍ତି ଏ କଥା ସେ ଆଦୌ ସ୍ପଷ୍ଟ କରି ନାହାନ୍ତି । ଫଳରେ ରସ, ଭାବ, ସୌନ୍ଦର୍ଯ୍ୟ ଆଦି ପ୍ରତ୍ୟୟ-ଗୁଡ଼ିକ ଏଠାରେ ଗୌରୀଶଙ୍କର ଅସ୍ପଷ୍ଟ ଭାବେ ତାଙ୍କ ଆଲୋଚନା ଗୁଡ଼ିକରେ ବ୍ୟବହାର କରିଛନ୍ତି ।

'ସମାଲୋଚନା' ଶବ୍ଦଟି ସାହିତ୍ୟ ଆଲୋଚନା ଅର୍ଥରେ ପ୍ରଥମେ ଗୌରୀଶଙ୍କରଙ୍କ ଦ୍ୱାରା ବ୍ୟବହୃତ । 'ବୋଧଦାୟିନୀ' ପତ୍ରିକାରେ 'ଲ୍ପଚନ୍ଦ୍ରନ'ର ସେଠି ଅଶ୍ଳୀଳ ଓ ନିନ୍ଦାତ୍ମକ ଆଲୋଚନା ପ୍ରକାଶିତ ହୋଇଥିଲା, ତାହାର ଉତ୍ତର ଦେବାକୁ ଯାଇ ସେ ଲେଖିଥିଲେ : "... ପୁସ୍ତକର ସମାଲୋଚନା କରିବା ଅତି ଗୁରୁତର କାର୍ଯ୍ୟ ଅଟେ । ତହିଁର ଦୋଷ ଗୁଣ ଉଭୟ ରୂପେ ବିବେଚନା କରି ଉଭୟର ସମୁଚିତ ବର୍ଣ୍ଣନା ପୂର୍ବକ ପୁସ୍ତକ ଯଥା ମତ ପ୍ରମାଣ କରିବାକୁ ହୁଏ କେବଳ ଦୋଷ ଦେଖାଇବାର ସମାଲୋଚନାର ମର୍ମ ନୁହେଁ ।" (୬) ସମ୍ୟକ ବା ସାମଗ୍ରିକ ଆଲୋଚନାକୁ ସେ 'ସମାଲୋଚନା' ଅର୍ଥରେ ଗ୍ରହଣ କରିଛନ୍ତି ଓ ସେଥିପାଇଁ ସମାଲୋଚକଙ୍କର କାର୍ଯ୍ୟକୁ ଗୁରୁତର ଓ କଠିନ ବୋଲି ସେ ଗ୍ରହଣ କରିଛନ୍ତି । ଏହାର ଅବ୍ୟବହିତ ସମାଲୋଚକ ସ୍ୱଧର୍ମକୁ ସ୍ପଷ୍ଟ କରନ୍ତି : "ସମାଲୋଚକର କାର୍ଯ୍ୟ ବଡ଼ କଠିନ ଅଟେ । ସମସ୍ତ ତତ୍ତ୍ୱ ବିବେଚନା ନ କରି ଏକାବେଳକେ ଅପ୍ରକୃତ ବୋଲି ପରିତ୍ୟାଗ କରିବା ଉଚିତ ନୁହଇ ।" (୭) ସମାଲୋଚନା ଆଲୋଚକଙ୍କ ପାଣ୍ଡିତ୍ୟର ଉଦାହରଣ ନୁହେଁ ବା

ଆତ୍ମପ୍ରକାଶର ମାଧ୍ୟମ ମାତ୍ର ନୁହେଁ । ସାହିତ୍ୟ ମଧ୍ୟ ଏହାର ସମାଜ-ଗଠନାତ୍ମକ ଭୂମିକା ରହିଛି । ସମାଲୋଚକ ଲେଖକ ଓ ପାଠକଙ୍କର ମଧ୍ୟବର୍ତ୍ତୀ ଭାବେ—ଜଣଙ୍କୁ ସଚେତନ କରେ ଓ ଅନ୍ୟ ଜଣଙ୍କୁ ଗଠନ ମୂଳକ ଆଲୋଚନା ମାଧ୍ୟମରେ ସାହିତ୍ୟ ପାଇଁ ପଥ-ନିର୍ଦ୍ଦେଶ କରେ । ସେଥିପାଇଁ ସମାଲୋଚକଙ୍କର ପ୍ରଥମ ଆବଶ୍ୟକତା ସମାଲୋଚ୍ୟ ବସ୍ତୁର ସ୍ପଷ୍ଟ ପ୍ରକୃତ ଓ ଅଧ୍ୟୟନ : " ସମାଲୋଚନା ସ୍ୱେଚ୍ଛାଧୀନ ନୁହେଁ କିମ୍ବା ଖିଆଳୀଙ୍କ ଦ୍ୱାରା ନ ହେଲେ ତାହା ବାସ୍ତବତା ବୋଧ ପରିଚାଳିତ ହୁଏ । ଯେଉଁ ସମାଲୋଚନା ଦ୍ୱାରା ଲେଖକ, ପାଠକ ବା ସମାଲୋଚକ ନିଜର ଉପକାର ସମ୍ଭବ ନୁହେଁ, ସେ ରୂପ ସମାଲୋଚନା ଦ୍ୱାରା ସାଧାରଣ ହୃଦ୍‌ଗତ ସମ୍ବାଦ ପତ୍ରର କଲେବରର ଏକ ଅଂଶ ପୂରଣ କରିବା ଅନୁମୋଦନୀୟ ନୁହଇ ।" (୮)

ସାହିତ୍ୟର ସ୍ୱରୂପ ସମ୍ପର୍କରେ ଗୌରୀଶଙ୍କରଙ୍କର ସାଧାରଣ ଧାରଣା ମାତ୍ର ଥିଲା—ତତ୍ତ୍ୱଗତ ଦୃଢ଼ତା ନ ଥିଲା । କିନ୍ତୁ ସାହିତ୍ୟ ସମାଲୋଚନାର ଭୂମିକା ସମ୍ପର୍କରେ ତାଙ୍କର ଧାରଣା ଥିଲା ଅନେକାଂଶରେ ସ୍ପଷ୍ଟ ଓ ସମ୍ଭ୍ରାନ୍ତ । କରେ ସମାଲୋଚକଙ୍କର କର୍ତ୍ତବ୍ୟ କ'ଣ ହେବା ଉଚିତ—ଆପଣା ସମୟର ଲେଖକମାନଙ୍କୁ ତାହା ସେ ଶିଖାଇ ଦେଇଥିଲେ । ଓଡ଼ିଆ ସାହିତ୍ୟ-ଜନିତ ତାଙ୍କର ଆଲୋଚନାରେ ତାଙ୍କର ଏହି କର୍ତ୍ତବ୍ୟ ବୋଧ ହିଁ ପ୍ରକାଶିତ ।

## ॥ ତିନି ॥

'ଉତ୍କଳ ଦୀପିକା'ର କୌଣସି ଲେଖକଙ୍କ ଓଡ଼ିଆ ସାହିତ୍ୟ ଆଲୋଚନାର ପରିଚୟ ଦୃଷ୍ଟିଗୋଚର ନ ଥିଲା । ରେଭରେଣ୍ଡ ଜେମ୍ସ ଲଙ୍ଗ ବଙ୍ଗଳା ପାଇଁ ଓଡ଼ିଆ ଗ୍ରନ୍ଥମାନ, ନିଜର ପରଦର୍ଶନର ଗୋଟିଏ ତାଲିକା ଦେଇଥିଲେ ତଥା ଜନ ବିମ୍ସ ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ଗୋଟିଏ ପରିଚୟାତ୍ମକ ପ୍ରବନ୍ଧ ଦୁଇଟି ଇଂରାଜୀ ପତ୍ରିକାରେ ଲେଖିଥିଲେ—ତାହା ଥିଲା ଓଡ଼ିଆ ସାହିତ୍ୟ ସମ୍ପର୍କରେ ପ୍ରାଥମିକ ଇଙ୍ଗିତ ଓ ଆଲୋଚନା । (୯) ବଙ୍ଗଳା ସାହିତ୍ୟରେ ବି ସାହିତ୍ୟ ଚର୍ଚ୍ଚାର ତାହା ଥିଲା ପ୍ରାରମ୍ଭିକ ପର୍ବ । ଈଶ୍ୱର ଗୁପ୍ତ, ରାଜେନ୍ଦ୍ର ଲାଲ ମିତ୍ର, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ବଙ୍କିମଚନ୍ଦ୍ର ସାହିତ୍ୟ ଆଲୋଚନାରେ ନେତୃତ୍ୱ ନେଇଥିଲେ । ପୁଣି ଏମାନଙ୍କ ମଧ୍ୟରୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଛାଡ଼ିଦେଲେ ଅନ୍ୟ କାହାରି ପ୍ରଗତିଶୀଳ ଦୃଷ୍ଟିକୋଣ ଦେଖା-ଯାଇ ନ ଥିଲା । ବସ୍ତୁତଃ ମାଇକେଲ୍ ମଧୁସୂଦନଙ୍କ ଅନନ୍ୟ ପ୍ରତିଭା ଅନୁରୂପ ଦୃଷ୍ଟି ବଙ୍ଗଳା ସାହିତ୍ୟ ଚର୍ଚ୍ଚାରେ ପରିଦୃଷ୍ଟ ହୋଇ ନ ଥିଲା । (୧୦) ସାହିତ୍ୟ ତତ୍ତ୍ୱ ସମ୍ପର୍କରେ ପରିଚ୍ଛନ୍ନ ଅବବୋଧର ଅଭାବ ଓ ସାହିତ୍ୟର ମୂଲ୍ୟଗତ ଅବଧାରଣାରେ ଅସମର୍ଥ ଥିଲେ ବି ସେ ସମୟର ବଙ୍ଗଳା ସମ୍ବାଦ ପତ୍ର ଗୁଡ଼ିକ ସାହିତ୍ୟ ଓ ଅସାହିତ୍ୟ ନିର୍ବିଶେଷରେ ସମସ୍ତ ପ୍ରକାଶିତ ପୁସ୍ତକର ଗୋଟିଏ ତାଲିକା ଦେବାରେ ଅବହେଳା କରୁ ନ ଥିଲେ । ପୁଣି ପୁସ୍ତକର ଭାଷା ତଥା ବଙ୍ଗଳା ବନାମ ଇଂରାଜୀ ଓ ସଂସ୍କୃତ ଭାଷା ସମ୍ପର୍କିତ ବିବାଦ ୧୮୬୫ ମସିହା ପରବର୍ତ୍ତୀ ଅଧିକାଂଶ ବଙ୍ଗୀୟ ସମ୍ବାଦ ପତ୍ରକୁ ଆକ୍ରାନ୍ତ କରିଥିଲା ।

ବଙ୍ଗଳାର ପ୍ରତିଷ୍ଠିତ ସମ୍ବାଦ ପତ୍ର ସମ୍ବାଦ ପ୍ରଭାକର, ସମାଚାର ଦର୍ପଣ, ସମାଚାର ଚନ୍ଦ୍ରିକା ପ୍ରମୁଖଙ୍କୁ ଅନୁସରଣ କରି ନୂତନ ପୁସ୍ତକର ବିଜ୍ଞାପନ ଓ ପ୍ରାପ୍ତ ପୁସ୍ତକର ଆଲୋଚନା 'ଉତ୍କଳ ଦୀପିକା'ର ପୃଷ୍ଠାରେ ପ୍ରଥମେ ଦେଖାଦେଇଥିଲା । ସମ୍ବାଦ ପତ୍ର ପୃଷ୍ଠାରେ ଦେଖାଯାଉଥିବା ଅନୁରୂପ ସାହିତ୍ୟ-ସମାଲୋଚନାକୁ ଡକ୍ଟର ନଟବର ସାମନ୍ତରାୟ କହନ୍ତି 'ବାର୍ତ୍ତାମୂଳୀ ସମାଲୋଚନା ସାହିତ୍ୟ' (୧୧) "କଥା ଓ ସାହିତ୍ୟ ସମ୍ପର୍କୀୟ ଲେ(ଖ) ବାହାର ଅନ୍ୟାନ୍ୟ ସ୍ଥଳରେ କେବଳ ବାର୍ତ୍ତା ପରିବେଷଣ କରିବା ଏମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା" (୧୨) । ତାଙ୍କ ମତରେ ଏହି ବାର୍ତ୍ତାମୂଳୀ ସମାଲୋଚନାର ମୂଳ ଭିତ୍ତି ହେଲେ ଆଧୁନିକ ସାହିତ୍ୟର ଯଥାର୍ଥ ସମାଲୋଚନା ସୃଷ୍ଟି ହୋଇଛି । ଗୌରୀଶଙ୍କରଙ୍କ ପୁସ୍ତକ-ସମାଲୋଚନା ପ୍ରାଥମିକ ଶୃଙ୍ଖଳା ଓ ଆଲୋଚନାର-ଅସ୍ପଷ୍ଟତାକୁ ଅତିକ୍ରମ କରି ଶେଷରେ ସାହିତ୍ୟ ସମାଲୋଚନାର କୋଠରୀକୁ ଉନ୍ନୀତ ହୋଇପାରିଥିଲା । ଏହି ପୁସ୍ତକ-ସମାଲୋଚନା ପ୍ରମୁଖ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ-ଚର୍ଚ୍ଚାକୁ ଭାଷା ଓ ବହିରଙ୍ଗ ଆଲୋଚନାରୁ ମୂଳ ବସ୍ତୁର ଅନ୍ତଃସ୍ଥଳକୁ ଟାଣିନେଇଥିଲେ । ସାହିତ୍ୟ ତର୍କ । ଯେତେବେଳେ ମୂଳ ବସ୍ତୁକୁ ଆପଣାର କରିପାରେ ଓ ଆଲୋଚକ ନିର୍ଦ୍ଦିଷ୍ଟ ମେଧା-ଦୃଷ୍ଟିକୁ ଅବଲମ୍ବନ କରିବାରେ ସାମର୍ଥ୍ୟ ଲାଭ କରନ୍ତି, ସେତେବେଳେ ହିଁ ସାହିତ୍ୟ-ଚର୍ଚ୍ଚା ଯଥାର୍ଥ ସାହିତ୍ୟ ସମାଲୋଚନା ସ୍ତରକୁ ଉନ୍ନୀତ ହୁଏ । ଗୌରୀଶଙ୍କରଙ୍କ ପୁସ୍ତକ ସମାଲୋଚନା ୧୮୯୦ର ପରବର୍ତ୍ତୀ କାଳରେ କେବଳ ସମାଲୋଚ୍ୟ ପୁସ୍ତକ ବର୍ଣ୍ଣିତ ଘଟଣା ନ ଥିଲା ବା କୌଣସି ବନ୍ଧୁର ଗ୍ରନ୍ଥପୁସ୍ତକ ପ୍ରଚାରାର୍ଥ ବର୍ଣ୍ଣନା ମାତ୍ର ନ ଥିଲା । ତାହା ଥିଲା ଗୌରୀଶଙ୍କରଙ୍କର ମୌଳିକ ଦୃଷ୍ଟିକୋଣର ଅଭିବ୍ୟକ୍ତି ।

ଗୌରୀଶଙ୍କରଙ୍କର ପ୍ରଥମ ପୁସ୍ତକ-ସମାଲୋଚନା ପ୍ରକାଶିତ ହୋଇଥିଲା ପତ୍ରିକାର ଦ୍ୱିତୀୟ ବର୍ଷରେ, 'ଜଗନ୍ନାଥ ବଲ୍ଲଭ୍ୟ' ଶିରୋନାମରେ । ପଣ୍ଡିତ ମୋହନଙ୍କ ଦ୍ୱାରା ଅନୂଦିତ ବିଦ୍ୟାସାଗରଙ୍କ ଜୀବନ ଚରିତ ପୁସ୍ତକର ଆଲୋଚନା କରିବାକୁ ଯାଇ ଏଥିରେ ମୁଦ୍ରାକର ତା'ର ଭାଷା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ପଣ୍ଡିତ ମୋହନଙ୍କ ଭାଷା ଉପରେ ବଙ୍ଗଳାର ଅପପ୍ରଭାବ ଏଥିରେ ବିଶେଷ ଭାବେ ସମାଲୋଚିତ "ଉପର ଲିଖିତ ପୁସ୍ତକଟି ଅଶୁଦ୍ଧ ଓଡ଼ିଆ ଗ୍ରନ୍ଥର ଅନୁଲିପି ବଙ୍ଗଳାର ଅନୁକରଣ ଦୋଷ ଥିବାରୁ ସୁଖଦ ପ୍ରତିବୋଧ ହେଉଅଛି । ଏହିରୁ ଅନୁମାନ କରାଯାଉଅଛି ଯେ ଅଳ୍ପ ବୟସ୍କ ଛାତ୍ରମାନଙ୍କୁ ଏ ପ୍ରକାର ଗ୍ରନ୍ଥ ପଢ଼ାଇ ସ୍ୱଜାତିର ବିଜାତୀୟ ଭାବ ଶିକ୍ଷା ଦେବାକୁ ତାଙ୍କୁ ନ ପଢ଼ାଇବା ଶ୍ରେୟସ୍କର ।" (୧୩) ବଙ୍ଗଳା ଭାଷାରୁ ଅନୁବାଦ କରିବାକୁ ଯାଇ ଓଡ଼ିଆ ଲେଖକମାନେ ବଙ୍ଗଳାର ବ୍ୟାକରଣଗତ ପ୍ରୟୋଗକୁ ଗ୍ରହଣ କରନ୍ତି, ସେଥିପ୍ରତି ଆଲୋଚନାରେ ଏହା ପ୍ରଦର୍ଶିତ । ନୂତନ ରଚିତ ଏକ ପାଠ୍ୟ ପୁସ୍ତକ ଓ ଏହି ଆଲୋଚନାକୁ ଧରି କେହି ହେଲେ ସାହିତ୍ୟ ପୁସ୍ତକର ଭାଷା-ଚର୍ଚ୍ଚା ବା ସାହିତ୍ୟ ଚର୍ଚ୍ଚା କୁହାଯାଇ ପାରେ କିନ୍ତୁ ସାହିତ୍ୟ-ସମାଲୋଚନା ନୁହେଁ । ଉତ୍କଳ ବଂଶୀଧର ମହାନ୍ତି ଓଡ଼ିଆ ସମାଲୋଚନାର ଆଦ୍ୟରୂପ ଭାବରେ ଏହି ଆଲୋଚନାକୁ ଗ୍ରହଣ କରିଛନ୍ତି । (୧୪)

'ଭ୍ରମ ଭଞ୍ଜନ' ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରକାଶିତ କାବ୍ୟ । ଜଗନ୍-ମୋହନ ଲାଲ ପ୍ରାଚୀନ କାବ୍ୟଧାରା ସହ ସମନ୍ୱୟ ରଖି କବି ପାର୍ବତୀଙ୍କ ଭ୍ରମଣି

ବଣ୍ଡାଦାରୀର ଓଡ଼ିଆ ଭାଷାରେ ମୁକ୍ତ ଅନୁବାଦ କରି ତା'ର ନାମ ଦେଇଥିଲେ 'ଭ୍ରମ ଭଞ୍ଜନ' । 'ଭ୍ରମ ଭଞ୍ଜନ'ର ଆଲୋଚନା, ଗୌରୀଶଙ୍କରଙ୍କର ଯଥାର୍ଥ ସାହିତ୍ୟ ପ୍ରତିଭାର ପ୍ରଥମ ସମାଲୋଚନା ସ୍ୱରୂପ ଗ୍ରହଣ କରାଯାଇପାରେ । 'ନୂତନ ପୁସ୍ତକର ସମାଲୋଚନା' ଶୀର୍ଷକରେ ସେ ଲେଖିଥିଲେ : "ଏହି ନାମର ଏକଖଣ୍ଡି ଉତ୍କଳ ପୁସ୍ତକ ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ ଗ୍ରନ୍ଥ ରଚକର ନାମ ବାବୁ ଜଗନ୍ମୋହନ ଲାଲ ଏବେ ଗ୍ରନ୍ଥଟି କଟକ ପ୍ରିଣ୍ଟିଂ କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ସୁନ୍ଦରାକାର ଘଂଶୁନ ବକ୍ସ ପାଣ୍ଡିଲ ନାଟକଙ୍କ ଶସ୍ତ୍ୟାପି ନାମକ ବଙ୍ଗଳାରୁ ଏଥିର କଥାବସ୍ତୁ ଗ୍ରହଣ ହୋଇ ଉତ୍କଳ ଦେଶ ପ୍ରଚଳିତ ନାନା ପ୍ରକାର ଛନ୍ଦମାନଙ୍କରେ ରଚନା ହୋଇଅଛି ।

ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ସମାଦରର ସହିତ ଗ୍ରହଣ କରୁଅଛୁଁ । ସମ୍ପ୍ରତି ଉତ୍କଳ ଦେଶର ବିଦ୍ୟାର୍ଥୀମାନେ ସାଧାରଣ ବିଦ୍ୟାଳୟ ଓ ବାଳକଙ୍କ ଶିକ୍ଷାନିମିତ୍ତ ଅନେକ ପୁସ୍ତକ ରଚନା କରୁଅଛନ୍ତି । ମାତ୍ର ଦୁଃଖର ବିଷୟ ଯେ ଦୁଇ ଏକ ଖଣ୍ଡ ପୁସ୍ତକ ଭିନ୍ନ ଆଉ ସମସ୍ତ ବଙ୍ଗ ପୁସ୍ତକର ଅବିକଳ ଅନୁବାଦ ଅଟଇ । ବଙ୍ଗଳା ସଙ୍ଗେ ଉତ୍କଳର ସାଦୃଶ୍ୟ ଥିବାରୁ ଅଳ୍ପ କଷ୍ଟରେ ଅନୁବାଦ ପୁସ୍ତକର କର୍ତ୍ତାମାନେ ଏତଦ୍ରୂପ ପୁସ୍ତକ ରଚନାର ଉପାୟ ସହଜ ଜ୍ଞାନ କରି ସେଥିରେ ପ୍ରବୃତ୍ତ ହେଉଅଛନ୍ତି ଏବଂ ବସ୍ତୁତଃ ଅବିକଳ ଅନୁବାଦ ଯେ କେତେ କଠିନ ତାହା ସେମାନେ ଜ୍ଞାନ କରନ୍ତି ନାହିଁ । ଏଥିରୁ ପ୍ରତିପନ୍ନ ହୋଇଅଛି ଯେ ପ୍ରକୃତ ଉତ୍କଳ ଭାଷା ବଙ୍ଗଳାର ସଂକୀର୍ଣ୍ଣତାକୁ ପ୍ରାପ୍ତ ହୋଇ ଏକ ପ୍ରକାର ନୂତନ ଭାଷା ସୃଜନ ହେଉଅଛି । ଗ୍ରନ୍ଥକର୍ତ୍ତାମାନେ ବଙ୍ଗଳା ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ବଙ୍ଗଳା ଭାଷାରୁ ଅନୁବାଦ କରିବା ସମୟରେ ଅନେକ ବଙ୍ଗଳା ଶବ୍ଦ ଓ ବାକ୍ୟପ୍ରଣାଳୀର ଦୋଷମାନ ଉତ୍କଳ ମନେକରି ସେ ସମସ୍ତର ପ୍ରତିଶବ୍ଦ ଦେଉନ୍ତି ନାହିଁ — ସୁତରାଂ ତଦ୍ଦ୍ୱାରା ଉତ୍କଳ ଭାଷାର ଅନେକ କ୍ଷତି ହେଉଅଛି । କେହି କେହି ଅନୁବାଦ ନ କରି କେବଳ ବର୍ଣ୍ଣପରିବର୍ତ୍ତନ ପୂର୍ବକ ଅନୁବାଦ କର୍ତ୍ତାମାନେ ପୁସ୍ତକ ରଚନାର ପ୍ରବୃତ୍ତିକୁ ତୃପ୍ତ କରନ୍ତେ କେବେ ବହୁଳ ବଙ୍ଗଳା ମିଶ୍ରିତ ଓଡ଼ିଆ ପୁସ୍ତକ ଦେଖାଯାଉ ନାହିଁ । ଯାହା ହେଉ 'ଭ୍ରମଭଞ୍ଜନ' ଏ ଦୋଷରୁ ମୁକ୍ତ ପାଇଅଛି । କେବଳ ବଙ୍ଗ ପୁସ୍ତକର ଅନୁବାଦ ନୁହଇ ବୋଲି ଯେ ଏହା ଭଲ ହେଲା ଏମନ୍ତ ନୁହେଁ ମାତ୍ର ଗ୍ରନ୍ଥକର୍ତ୍ତା ଅବିକଳ ଅନୁବାଦକୁ ଶ୍ରେଷ୍ଠ ଜ୍ଞାନ ନ କରି ଭାଷାଶୁଦ୍ଧି ଭାବ କରିବାରୁ ଏ ରୂପ ଗ୍ରନ୍ଥ ହୋଇଅଛି । ଏ ପୁସ୍ତକର ଅନ୍ୟାନ୍ୟ ଯେ କିଛି ଦୋଷଆଦି ଓ ଦୋଷ ଶୂନ୍ୟ ଅଟଇ ବୋଲି ଆମ୍ଭେମାନେ କହୁନାହୁଁ ଏହାର ସୌଷ୍ଠବ ଗୁଣ ଏହି ଯେ ଉତ୍କଳର ସ୍ୱାଧୀନ କବିତା ସ୍ରୋତକୁ ଅନୁସରଣ କରୁଅଛି । ଯଦ୍ୟପି ବା ଆମ୍ଭମାନଙ୍କ ମତରେ ଉତ୍କଳର ପୂର୍ବ ରଚିତ କବିତା ସମସ୍ତ ରକ୍ଷା କରିବା ନୈତିକ ରକ୍ଷା ତାଙ୍କୁ ମଙ୍ଗଳ ଅଟଇ ଏବଂ ନୂତନ କବିତା ଅପେକ୍ଷା ପୁରାତନ କବିତାମାନ ଉତ୍ତମ ଓ କରି ବାଳକଙ୍କୁ ଶିକ୍ଷା ଦେବା ଉଚିତ ଅଟଇ ତଥାପି ଆମ୍ଭେମାନେ ଏ ପୁସ୍ତକକୁ ବିଦ୍ୟାଳୟ ପାଠ୍ୟ ପୁସ୍ତକ କରିବାର ଅନୁରୋଧ କରୁଅଛୁଁ କାରଣ ଏପରି କବିତାମାନ ପାଠକଲେ ବାଳକମାନେ କ୍ରମେ ଉପେନ୍ଦ୍ର ଭଞ୍ଜଙ୍କର କବିତାର ମର୍ମଗ୍ରହଣ କରିବାକୁ ସକ୍ଷମ ହେବେ ।"(୧୫)

ଏହି ଆଲୋଚନାରେ ଦ୍ରୁମଭଞ୍ଜନ ମୌଳିକ ନା ଅନୁବାଦ, ଅନୁବାଦର ତତ୍ତ୍ୱ ଓ ପ୍ରାଚୀନ ସାହିତ୍ୟ ସହ ଏହାର ସମ୍ପୃକ୍ତି ଆଲୋଚିତ । ଦ୍ରୁମଭଞ୍ଜନ କାବ୍ୟ ସ୍ୱତନ୍ତ୍ରରେ କେତେ ସଫଳ ଓ ଆଂଶିକ ସଫଳ, ଏ ପ୍ରଶ୍ନ ଆଲୋଚନାଟିରେ ଆଦୌ ଉପସ୍ଥାପିତ ହୋଇନାହିଁ । ବସ୍ତୁତଃ 'ଦ୍ରୁମଭଞ୍ଜନ'ର ସାହିତ୍ୟ-ମୂଲ୍ୟ ଉଦ୍‌ଘାଟନ-ପ୍ରଚେଷ୍ଟା ଏହି ଆଲୋଚନାରେ ନାହିଁ । ବିଦ୍ୟାଳୟର ପାଠ୍ୟପୁସ୍ତକ ହେବାପାଇଁ ଏହାର ଉପଯୋଗିତା ଏଥିରେ ମୁଖ୍ୟରୂପେ ଅବତାରଣ । ଆଲୋଚନାର ଉପସଂହାର ଅଂଶରେ ପ୍ରାଚୀନ କାବ୍ୟ ପ୍ରତି ତାଙ୍କର ପକ୍ଷପାତ ସ୍ପଷ୍ଟ । ଦ୍ରୁମଭଞ୍ଜନ ଆଧୁନିକ ଓଡ଼ିଆ କାବ୍ୟଧାରାର ଯେ ଉତ୍ପାଦ୍‌ସ୍ଥାନ କରିଥିଲା, ଗୌରୀଶଙ୍କର ସେଥିପ୍ରତି ସଚେତନ ମଧ୍ୟ ନ ଥିଲେ । ବଙ୍ଗଳା ଅନୁକରଣ ପ୍ରତି ବିଦ୍ରୂପାତ୍ମକ ତାଙ୍କ ଆଲୋଚନାର ବହୁଅଂଶ ଅଧିକାର କରିଛି । ପ୍ରାଚୀନ କବିତା ଓ ଆଧୁନିକ କବିତା ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ ସମ୍ପର୍କରେ ସଚେତନତାର ଅଭାବ— ଏହି ଆଲୋଚନାର ଅନ୍ୟ ଏକ ମୌଳିକ ଦୁର୍ବଳତା । ତଥାପି ସାମଗ୍ରିକ ଗୌରୀଶଙ୍କରଙ୍କ ଅଭିମତ ଯଥାର୍ଥତା ଓ ଅସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ପାରନ୍ତା । (୧୬) କିନ୍ତୁ ଏହି ଆଲୋଚନାର ଗୁରୁତ୍ୱ ଅନ୍ୟ କାରଣରୁ ହେଲା ପ୍ରାଚୀନ କାବ୍ୟଧାରା ଠାରୁ ବିଚ୍ଛିନ୍ନ ନ କରି ଏକ ଅଖଣ୍ଡ କାବ୍ୟଧାରା ଭିତ୍ତିରେ ଆଧୁନିକ କାବ୍ୟର ବିଚାର କରିବା ଓ ସମକାଳୀନ କବିଙ୍କ ପାଇଁ କେତେ ଆଦର୍ଶ ସମ୍ବୋଧନ, ସେଥିରେ ନିଜ ଆପଣାର ମନୋଭାବ ସୃଷ୍ଟି କରିବା । 'ଉତ୍କଳ ଦୀପିକା' ପୁସ୍ତକ ସମାଲୋଚନାର ସେହି ପରମ୍ପରା ଆରମ୍ଭ କରିଥିଲା ତାହା ଅନ୍ୟାନ୍ୟ ସମ୍ପାଦକ ସବୁ ଅନୁସରଣ କରିଥିଲେ । ବାଲେଶ୍ୱରରୁ ପ୍ରକାଶିତ 'ବୋଧଦାୟିନୀ'ରେ 'ଦ୍ରୁମଭଞ୍ଜନ'ର ଆଲୋଚନା ଏହାର ଦୃଷ୍ଟାନ୍ତ ।

ବହୁଦିନ ପର୍ଯ୍ୟନ୍ତ 'ଉତ୍କଳ ଦୀପିକା' ପୃଷ୍ଠାରେ ପାଠ୍ୟପୁସ୍ତକକୁ ଆଦର୍ଶ କରି ପୁସ୍ତକ ସବୁର ଆଲୋଚନା କରାଯାଇଛି । କେତେ କୌଣସି ପୁସ୍ତକର ସାମଗ୍ରିକ ଆଲୋଚନା ଅପେକ୍ଷା ତା'ର ଭାଷାଗତ ଆଲୋଚନା 'ଉତ୍କଳ ଦୀପିକା'ରେ ମୁଖ୍ୟ ହୋଇଥିଲା । ୧୮୭୭ ମସିହା ବେଳକୁ ଗୌରୀଶଙ୍କରଙ୍କ ଆଲୋଚନାରେ ଅନୁସନ୍ଧାନ ପରିବର୍ତ୍ତନ ଆସିଛି । 'ବାବାଜୀ କାହିଁବ'ର ସମାଲୋଚନା ଏହାର ଦୃଷ୍ଟାନ୍ତ । (୧୮) ୧୮୯୦ ବେଳକୁ ସାହିତ୍ୟ-ସମାଲୋଚନା କେବଳ ପୁସ୍ତକ ଗ୍ରନ୍ଥର ମନ୍ତବ୍ୟ-ପ୍ରକାଶ ନୁହେଁ — ତା'ର ଭଲ ଓ ମନ୍ଦଗୁଣର ଆଲୋଚନାରେ ପରିଣତ ହୋଇଥିଲା । ଗୌରୀଶଙ୍କରଙ୍କ ପୁସ୍ତକ ସମାଲୋଚନା ୧୮୯୦ ବେଳକୁ କିପରି ଉନ୍ନତ ହୋଇ ପାରିଥିଲା, ତାହାର ଉଦାହରଣ ସ୍ୱରୂପ ରାଧାନାଥଙ୍କ 'ପାର୍ବତୀ' କାବ୍ୟର ଦୀର୍ଘ ସମାଲୋଚନାକୁ ଅବତାରଣା କରାଯାଇଛି :

“ଶୀର୍ଷାଙ୍କିତ ପୁସ୍ତକ ଖଣ୍ଡି ଏ ଅମ୍ଭେମାନେ ବାମଣ୍ଡାର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନିକଟରୁ ସମାଲୋଚନାର୍ଥ ପ୍ରାପ୍ତ ହୋଇଅଛୁଁ । ଏହା ଆଧୁନିକ ଉତ୍କଳୀୟ କବି ରାଧାନାଥଙ୍କ ରସମୟୀ ଲେଖନୀରୁ ବାହାରିଛି । ଇନ୍ଦ୍ର ଦେଶ୍ରି ବାବୁପେଣ ପୁସ୍ତକର ଅଧିକାର କରିଥିଲେ ତେହିଁ ଅସମ୍ପୂର୍ଣ୍ଣ ଭାବରେ ରହିଅଛି ଏମନ୍ତ ନା ସନ୍ଦେହରେ

ସେମିକୋଲନ ଭଳି ପୂର୍ଣ୍ଣଚ୍ଛେଦର ଅବସ୍ଥାନ ହୋଇନାହିଁ ଏବଂ ଉଦ୍ଧୃତିର ସ୍ଥଳରେ କମା ଅର୍ଦ୍ଧପୂର୍ଣ୍ଣାଙ୍କ ସ୍ଥଳ ଦେଇ ? ଚିହ୍ନ ରହିଅଛି । ଏପରି ଅବସ୍ଥାରେ ଯତି-ଚିହ୍ନ ସମାଲୋଚନା କରିବା ନିରର୍ଥକ ମାତ୍ର । ଭୂମିକାରୁ ଜଣାଯାଏ ରାଧାନାଥ ବାବୁ କେତେକ ରଚନା କରିଥିଲେ ତେଉଁକ ପ୍ରକାଶିତ ହୋଇଅଛି । ପୁଣି ଅସୁସ୍ଥତା ହେତୁ ସେ ଶଯ୍ୟାଗତ ଥିବାରୁ ଅବଶିଷ୍ଟାଂଶ ଶୀଘ୍ର ରଚିତ ହେବାର ଆଶା ନାହିଁ । କେତେକ ରଚିତ ହୋଇଅଛି ଯହିଁରେ “ଉତ୍କଳର ଜାତିଗତର ଉଦ୍ଦେଶ୍ୟ ଅନେକତ୍ୱ ମିଳୁଥିବାରୁ ଅପାତତଃ ଅସମ୍ପୂର୍ଣ୍ଣ ଅବସ୍ଥାରେ” ପୁସ୍ତକ ଖଣ୍ଡି ପ୍ରକାଶିତ କରିଥିବାର ପଣ୍ଡିତ ମହାଶୟ ବ୍ୟକ୍ତ କରି ଏଥିରୁ ବୋଧହୁଏ କାଳଗଣିତ କପଟ ହୋଇଅଛି କେବଳ ହେତୁ ଅସୁସ୍ଥତାରେ ଅସମ୍ପୂର୍ଣ୍ଣ ନବାଗମନ ଜାଣିବା ପଣ୍ଡିତ ମହାଶୟଙ୍କ ଅଭିପ୍ରାୟ ହେଲୁ ଜାତିଗତ ମଧ୍ୟରେ ବିଷୟ ଓ ରଚନା ଭଳିଆ ଉଠିଥିବାରୁ ସମ୍ବନ୍ଧରେ ଆଲୋଚନା କରିବା ଆବଶ୍ୟକ ହେଲା ।

ବିଷୟ ।—ଉତ୍କଳର ସୁବର୍ଣ୍ଣଯୁଗ ଗଜପତିବଂଶୀୟ ପରାକ୍ରମଶାଳୀ ନୃପତି ଚୋଡ଼ଗଙ୍ଗ ଦେବ ଙ୍କର କନ୍ୟା ପଦ୍ମାବତୀ ଜନକ ଦେବ ମହାପାପରେ ଲିପ୍ତ ହୋଇଥିଲେ ତାହିଁ ବିଷୟ ଦେଇ ଏ ବିଷୟ ରଚିତ ହୋଇଅଛି । ଗଙ୍ଗାବଂଶୀୟ ରାଜାଙ୍କ ପକ୍ଷେ ଏହା ଗୌରବର ବିଷୟ ନୁହଇ କିମ୍ବା ସେହିଭଳି ବିଷୟ ଚାରପୁରୁଷଙ୍କ ହୋଇ ରହିବାର ଉଦ୍ଦେଶ୍ୟ ନୁହଇ । ରାଧାନାଥ ବାବୁ କେଉଁ ଉଦ୍ଦେଶ୍ୟ ସାଧନାର୍ଥ ଭାରତୀୟ ଓଡ଼ିଶାର କୀର୍ତ୍ତି ଯାତ୍ରାଙ୍କରୁ ଏହି ଜଘନ୍ୟ ପାପମୟ ବିଷୟ ଉଦ୍ଧାର କରି କବିତାମୟୀ ମୂର୍ତ୍ତିରେ ସୃଷ୍ଟି କରିବାକୁ ପ୍ରୟାସ ପାଇଅଛନ୍ତି ତାହା ଆମ୍ଭେମାନେ ଅନୁମାନ କରିବା କର ପାରୁନାହିଁ, ଆମ୍ଭେମାନେ କେବଳ ଏତିକି କହୁଁ ଯେ ଏଭଳି ବିଷୟ ସୃଷ୍ଟିବର କରିବାକୁ ଯାଇ ତାଙ୍କର ସୁନ୍ଦର ଲେଖନୀ କଳଙ୍କିତ ହୋଇଅଛି ।

ରଚନା ।—ରାଧାନାଥ ବାବୁଙ୍କର ରଚନା ଶକ୍ତିର ପରିଚୟ ଆମ୍ଭେମାନେ ତାଙ୍କ ପ୍ରଣୀତ ପୂର୍ବ ? କବିତାବଳୀ ମୂର୍ତ୍ତିରୁ ପାଇଅଛୁଁ ଏବଂ ଯାହାଙ୍କରୁ ତାହା କେବଳ ପ୍ରତିଷ୍ଠିତ ହୋଇଅଛି । ପଂକ୍ତିର ରଚନ ବଡ଼ ସୁନ୍ଦର ହୋଇଅଛି । ପୁଣି ସ୍ଥାନେ ? କବିତା ଏତେ ସୁକୋମଳ ଏବଂ ରମଣୀୟ ହୋଇଅଛି ଯେ ବାସ୍ତବରେ ପାଠକେ କହିଁରେ ବିମୋହିତ ହୋଇଯିବେ । ଏଭଳି ରଚନାରୁ କେତେଟି ଭଲ ଜିନିଷ ଥିବାର ଦେଖି ବାସ୍ତବରେ ଅମ୍ଭମାନଙ୍କର ଦୁଃଖ ହୋଇଅଛି । ଉପମା ଗୁଡ଼ିକ ଯଥ ଯୋଗ୍ୟ ଏବଂ ସ୍ଥାନେ ? ଅତିବ ଉପଯୁକ୍ତ ହୋଇ ମନୋହରତ୍ୱ ଲଭୁଅଛି । ଗ୍ରନ୍ଥଟି ଏଥିରେ ଏତେ ଅଦ୍ଭୁତ ଦେଖ ଦେଖାଯାଉ ଥିଲିବା ନୁହଇ । କେବଳ ସୁନ୍ଦର ଶବ୍ଦ ବସ୍ତୁରେ ପାଠେ ? ଭରିଛି ମଣି ତାର ଯୁକ୍ତା ବାଣି ହୋଇ ସଜାଇ ପରି ଜଣା ଯାଉଥିବାରୁ ଭିତ୍ତି ମଧ୍ୟରୁ କେତେକ ଗୁଡ଼ିକର ଆମ୍ଭେମାନେ ଉଲ୍ଲେଖ କଲୁଁ, ଯଥା; “କେଶେ ପୁଣି କେଶେ ପର୍ଯ୍ୟନ୍ତ” ଏ ସ୍ଥାନରେ “କେଶେ” ସ୍ଥାନରେ ‘କେତେ’ ହେବା ଉଚିତ ।
“ଅଳ ଭଠା ଆହ୍ଵ ଯଥ ଜନମନ ହୋଇଅଛି ଅଶ ଅଟଣ୍ଟ, ହେବ୍‌ଥିଲେ ହେତୁ ବୃନ୍ଦମୟ ବିନ୍ଦୁ ଦେଖାନ୍ତ ଦେ ବାସ୍ନମତ୍ତ”—ଭକ୍ତମାନେ ସୁନ୍ଦରଙ୍କୁ ଦେଖି ଯଥମନ ଜଣାବାର ବର୍ଣ୍ଣନା

ଉଦ୍ଧୃତାଂଶ ମାତ୍ର ଏତେ ଅଶ୍ଳୀଳ ଚିତ୍ରାଙ୍କ ଅନ୍ୟାଯ୍ୟ । "ମଦନ ଚେଷ୍ଟା ବୃଦ୍ଧି କଣ୍ଠୀମନ୍ତ୍ରଣା" ପଢ଼ି ଭକ୍ତିଭାବ୍ୟ ମନେ ପଡ଼ୁଅଛି । ଏହା ସୂକ୍ଷ୍ମ ରୁଚିର କଥା ସକଳ ପାଠ୍ୟ ହୋଇନାହିଁ । "ପ୍ରବଳେ ସ୍ତନିମା ଯାଇ ଅଳଙ୍କାର ଦାଶଣା ଲାଗୁ ବୃଦ୍ଧି ହେଲେ ।" 'ସ୍ତନିମା' ଓ 'ଦାଶଣା' ଶବ୍ଦ ବ୍ୟାକରଣ ଶୁଦ୍ଧ ବୋଲି ଆମ୍ଭମାନଙ୍କୁ ସନ୍ଦେହ ହେଉଅଛି । 'ମାଣବ ଚଳ' ନିତାନ୍ତ ଗ୍ରାମ୍ୟଭାଷା । ଏଭଳି ଗ୍ରାମ୍ୟ ପ୍ରୟୋଗ ଏ ପୁସ୍ତକର ଅନେକ ସ୍ଥଳରେ ଦେଖାଯାଏ । ସ୍ଥାନେ ୨ ଛନ୍ଦମାନ ଶିଥିଳ ନିଶ୍ଚିତ ହୋଇଯାଇଅଛି ଏବଂ ଏକ ୨ ସ୍ଥାନରେ ଛନ୍ଦ ରକ୍ଷଣ କରିବା କଠିନ ହୋଇଅଛି । ଏସବୁ ଦୋଷ ଛାଡ଼ି ଦେଲେ କାବ୍ୟ ଉପାଖ୍ୟାନ କରିବାରେ ଗ୍ରନ୍ଥକାର ବାବୁ ଏ ଗ୍ରନ୍ଥରେ କାରୀଗରି ଉତ୍ତମ ପରିଚୟ ପ୍ରଦାନ କରି ଅଛନ୍ତି । ଗ୍ରନ୍ଥ ଖଣ୍ଡିକ ବେଶି ନ ହେଲେ ବାସ୍ତବ ଶବାଶରେ କାଣିଚିଆ ଠେକେଇତୁବ ହୋଇଅଛି ବୋଲିପାରି ନ ପାରେ । କୌଶଲ୍ୟାର ଯେଉଁଅଛି ଶ୍ରୀରାମଙ୍କ ରୂପ ଧାରଣ କରି ପାର୍ବତୀଙ୍କ ସମ୍ମୁଖେ ଉପସ୍ଥିତ ହୋଇ ନିଜ କାହାଣୀ ବାନ୍ଧି କହିବା କଥାଟି ଅସ୍ୱାଭାବିକ ଓ ଅଯୌକ୍ତିକ ହୋଇଅଛି । ଯେବେ ପାର୍ବତୀ ଅଗସ୍ତ୍ୟ ମୁନିଙ୍କର ଏତାଦୃଶ ଶାପକଥା ଜାଣିଥାନ୍ତେ ତାହାହେଲେ ଏହା ନିତାନ୍ତ ସ୍ୱାଭାବିକ ଓ ସମ୍ଭବଯୋଗ୍ୟ ହୋଇଥାନ୍ତା । ଏଭଳି ବର୍ଣ୍ଣନା ପଢ଼ି ସେକ୍ସପିୟରଙ୍କ 'ହ୍ୟାମଲେଟ' ମନେ ପଡ଼ୁଅଛି । 'ହ୍ୟାମଲେଟ'ର ମୃତ ପିତା ଭୂତ ରୂପେ ହ୍ୟାମଲେଟ ସମକ୍ଷରେ ଆବିର୍ଭୂତ ହୋଇ ହ୍ୟାମଲେଟ୍‌କୁ ସେ ବିଷୟରେ ଜଣାଇଥିବା ଓ ବେଶ୍ୟା ଯେଉଁ ବିଷୟରେ କଥା କହିବା ଅତୀବ ସ୍ୱାଭାବିକ ଓ ସମ୍ଭବଯୋଗ୍ୟ ହୋଇଅଛି ମାତ୍ର ପାର୍ବତୀରେ ତଦ୍ୱିପରୀତ । କେବେ ଜଗନ୍ନାଥଙ୍କ ମାୟାରେ ସବୁ ହୋଇପାରେ । ତଥାପି ଏଭଳି ଅସମ୍ଭବ ଓ ଅସ୍ୱାଭାବିକ ଘଟଣା ଘଟାଇବାରେ ଜଗନ୍ନାଥଙ୍କର ଉଦ୍ଦେଶ୍ୟ କୌଣସି ଉଦ୍ଦେଶ୍ୟ ସଫଳ ହେଉ ନ ଥିବାରୁ ତାହା ସଙ୍ଗତ ବୋଲି ବୋଲି ଯାଇ ନ ପାରେ । ପାର୍ବତୀ ଏ କଥାକୁ ଅଗସ୍ତ୍ୟ ଜାଣିଥିଲେ ଜଗନ୍ନାଥଙ୍କ ଆଜ୍ଞା ଓ ଏ ରୂପ ବର୍ଣ୍ଣନା ଅଧିକ ସ୍ୱାଭାବିକ ଓ ରମଣୀୟ ହୋଇଥାନ୍ତା । ପାର୍ବତୀର ପ୍ରଧାନ ବିଷୟ ସ୍ୱାମୀଙ୍କ ନିଜ ଦୃଢ଼ତା ଉତ୍କଳ ଉତ୍ସବର । ମାତ୍ର ଏହି ପାର୍ବତୀର ଏହି ଅଂଶ କୌଣସିଲାଭ କଥାରେ ଭଲ ରୂପେ ଚିତ୍ରିତ କରିପାରି ନାହାନ୍ତି । ଏମନ୍ତ କି ରାଜା ପ୍ରଥମେ ଅପି କୌଶଲ୍ୟାକୁ ସନ୍ଧ୍ୟା କରିବା ଠାରୁ "ଗୀତ ଗୋବିନ୍ଦ" ଗାଏ ଘଟଣାବଳୀ ପର୍ଯ୍ୟନ୍ତ କହୁଁଦେବା ବିରୋଧୀ ହୋଇ ଯାଇଅଛି । କବିତାର ପ୍ରଧାନ ବିଷୟ ଏପରି ଦୋଷରେ ଦୂଷିତ ହେବା ସନ୍ଦେହ ଦୋଷ । ଏହି ଦୃଷ୍ଟି ବିଷୟରେ କବିଙ୍କର "ପାର୍ବତୀଙ୍କ" ଅନୁମାନକୁ ଭଲ ଲାଗିନାହିଁ । ଏ ଜାତୀୟ ସ୍ୱାଭାବିକ ବର୍ଣ୍ଣନା କାବ୍ୟରେ କବିଙ୍କର ଗଭୀର ଜ୍ଞାନ ହୋଇଅଛି ।

ଆମ୍ଭେମାନେ ଉପରେ ଯେଉଁ ଦୋଷସବୁ ଦେଖାଇଲୁଁ ତାହା କେବଳ ଉତ୍କଳ ଶିକ୍ଷା ବିଷୟର ଶିକ୍ଷ୍ୟ ସ୍ଥାନସ୍ଥ କରିବାକୁ ଉଚିତ ନୁହେଁ ବୋଲି ବିଚାରି କଲୁଁ । ଏହିଙ୍କ ଲେଖା ଯେପରି ସରଳ ଓ ରସମୟ ତହିଁରେ ଉପରୋକ୍ତ ଦୋଷମାନେ ନଥିଲେ 'ପାର୍ବତୀ' ଉତ୍କଳ ସାହିତ୍ୟର ଶୋଭିବ ଅତି ଉତ୍କୃଷ୍ଟ ଗ୍ରନ୍ଥ ହୋଇଥାନ୍ତା ସନ୍ଦେହ ନାହିଁ ।" (୧୯)

'ଭ୍ରମରଦୂତ'ର ସମାଲୋଚନା ଠାରୁ 'ପାବକ'ର ସମାଲୋଚନା ପର୍ଯ୍ୟନ୍ତ ସାହିତ୍ୟ ସମୀକ୍ଷକ ଗୌରୀଶଙ୍କରଙ୍କ ପାଇଁ ଏକ ଦୀର୍ଘ ଯାତ୍ରାପଥ । ଏହି ଯାତ୍ରାରେ ସେ କେତେ ଚଉକ ଅତିକ୍ରମ କରିଛନ୍ତି ଓ ଅନେକ ପାର୍ଶ୍ୱ ପଥରେ ମଧ୍ୟ ବୁଲି ଯାଇଛନ୍ତି । ସ୍ଥିର, ତଥାପି ଭିତର ଦେଇ ଆପଣା ସାହିତ୍ୟ-ଦୃଷ୍ଟିର ଭୂମି ଠିକ କରିଥିବା ଗୌରୀଶଙ୍କର ଆଧୁନିକ ସାହିତ୍ୟର ଦାର୍ଶନିକ ମର୍ମରେ କେତେ ସଚେତନ ହୋଇ ପାରିଥିଲେ, ତାହାର ନିଦର୍ଶନ ସ୍ୱରୂପ ଏହି ଦୀର୍ଘ ଆଲୋଚନା ସମ୍ପୂର୍ଣ୍ଣ ଓ ଅତୁଳନୀୟ ରୂପେ ଉଲ୍ଲେଖ୍ୟ । ସମ୍ପୂର୍ଣ୍ଣ କାବ୍ୟ-ଆଲୋଚନାରେ ତାଙ୍କ ବିଚାରଶକ୍ତି ମୂଲ୍ୟ ଅନେକ । ଏହି କୌଣସି କାବ୍ୟର ସ୍ୱତନ୍ତ୍ର ଭଙ୍ଗୀ (ଟେକ୍ନିକ୍) ଆଲୋଚନା କଲାବେଳେ, ତାହାର ଭେଦ ଓ ରଚନା ଶୈଳୀ, ବିଶେଷ ଉଲ୍ଲେଖ୍ୟ । ଗୌରୀଶଙ୍କରଙ୍କର ଏପରି ସଚେତନତା ଆଜି ଦୃଷ୍ଟିରୁ ଦେଖିଲେ ନୂତନ । ଅବଶ୍ୟ ପାଶ୍ଚାତ୍ୟ-ରୀତିରୁ ସେ ସାହିତ୍ୟ-ସମାଲୋଚନା ଠାରୁ ବିଚ୍ଛିନ୍ନ କରି ପାରିନାହାନ୍ତି ତଥାପି ଆଲୋଚନାର ଶେଷରୁ ବିଶେଷ ସଂଯୋଜ-ନାରେ ସ୍ୱାଧୀନଚିନ୍ତାର ଦୃଢ଼ତା ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି । 'ହାମଲେଟ୍' ନାଟକର ପ୍ରେମ ଓ ପାବକର ପ୍ରେମ ତତ୍ତ୍ୱ ମଧ୍ୟରେ ଥିବା ପାର୍ଥକ୍ୟ ତାଙ୍କ ଆଲୋ-ଚନାରେ ସ୍ପଷ୍ଟତଃ ପ୍ରଦର୍ଶିତ । 'ହାମଲେଟ୍'ର ପ୍ରେମ ବିଷୟର ସ୍ୱାଭାବିକତା କେବଳ ପାବକରେ ଥିବା ପ୍ରେମ ତତ୍ତ୍ୱରେ ନାହିଁ, ତୁଳନାତ୍ମକ ଭାବରେ ତାହା ଗୌରୀଶଙ୍କର ଦେଖାଇବାକୁ ଚେଷ୍ଟା କରିଛନ୍ତି । 'ଭ୍ରମରଦୂତ'ର ଆଲୋଚନା, ଅନୁବାଦର ଆଦର୍ଶ ଓ ସ୍ୱରୂପ ସମ୍ପର୍କ ପ୍ରଶ୍ନର ମଧ୍ୟରେ ସୀମାବଦ୍ଧ ଥିଲା ବେଳେ ପାବକର ଆଲୋଚନା 'ପାବକ' କାବ୍ୟର ବିଷୟ ବସ୍ତୁକୁ କେବଳ ସ୍ପର୍ଶ କରିବାକୁ ଯାଇ ନାହିଁ କାବ୍ୟ ସମ୍ପର୍କରେ କେତେକ ମୌଳିକ ପ୍ରଶ୍ନର ସମ୍ମୁଖୀନ ହୋଇଛି ।

ଏପ୍ରକାର ପୁସ୍ତକ ସମାଲୋଚନା ବା ବୁକ୍-ରିଭ୍ୟୁ । ସାହିତ୍ୟ ସମୀକ୍ଷା ହେଉଥିଲେ ବୁକ୍ ରିଭ୍ୟୁ ଶବ୍ଦ ବହୁ ଅର୍ଥରେ ବ୍ୟବହୃତ । ପୁସ୍ତକ ସମାଲୋଚନାର ଏକ ବିଶେଷ ରୂପ ବହୁଳ ଓ ସାହିତ୍ୟ-ସମାଲୋଚନାର ଏକ ରୂପଭେଦ ଆକାରରେ ତାହା ମଧ୍ୟ କେତେକ ଚିନ୍ତକମାନଙ୍କ ଦ୍ୱାରା ସ୍ୱୀକୃତ । (୨୦) ଗୁରୁତ୍ୱାର୍ଥରେ ବୁକ୍-ରିଭ୍ୟୁ, ସମାଲୋଚ୍ୟ ପୁସ୍ତକର ବିଷୟ ବସ୍ତୁର ସଂକ୍ଷିପ୍ତ ବା ବିସ୍ତାରିତ ବର୍ଣ୍ଣନା- ଉପରେ ସାପେକ୍ଷ । ବିଷୟବସ୍ତୁର ସରଳୀକରଣ ଓ ତାହାର ପୁନଃପ୍ରବୃତ୍ତି ଏହାର ଏକମାତ୍ର ଲକ୍ଷ୍ୟ । ବର୍ଣ୍ଣନା-ପ୍ରଧାନ ପୁସ୍ତକ-ସମାଲୋଚନାକୁ ଯଥାର୍ଥ ସାହିତ୍ୟ-ସମାଲୋଚନା ଭୂମିକା ଦିଆଯାଇ ପାରିବ ନାହିଁ – ସାହିତ୍ୟ ଚର୍ଚ୍ଚାର ଅନୁକୂଳ ପରିବେଶ ତାହା ଉଲ୍ଲେଖ୍ୟ । ଗୌରୀଶଙ୍କରଙ୍କ ପ୍ରାଥମିକ ଅବସ୍ଥାର ବୁକ-ରିଭ୍ୟୁ ଏହି ସାହିତ୍ୟ-ଚର୍ଚ୍ଚାର ଉଲ୍ଲେଖ୍ୟ । 'ପାବକ' ଭଳି ଆଲୋଚନାରେ ସମ୍ଭବତଃ ଗୌରୀଶଙ୍କର ସାହିତ୍ୟ-ସମୀକ୍ଷକ ହେବାର ଉଦ୍ୟମ କରିଛନ୍ତି । ଏହି ଉଦ୍ୟମ ଓଡ଼ିଆ ସାହିତ୍ୟ-ଚର୍ଚ୍ଚାର ପରମ୍ପରାକୁ ସମ୍ପ୍ରସାରିତ କରିଛି ।

## ॥ ଦୁଇ ॥

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ଶାସକ ଇଂରେଜମାନଙ୍କର ସଂସ୍ପର୍ଶରେ

ସମ୍ପର୍କରେ ଅତି ଅସ୍ପଷ୍ଟ ଭୂତରେ ଜ୍ଞାନ ଓ ଅନ୍ଧ-ବିଶ୍ୱାସ ଲୋକ ସୃଷ୍ଟି ହୋଇଥିଲା ।
ଅମଙ୍ଗଳ ଭଲ ଲାଗିବା ନ ଲାଗିବା ଠାରୁ ଆତ୍ମ-ଦୃଷ୍ଟି ପର୍ଯ୍ୟନ୍ତ – ସବୁ କଥାକୁ ପୁଣି
ଅତର୍କ ପରୀକ୍ଷା କରୁଥିଲୁ, ଶାସ୍ତ୍ରକାରମାନଙ୍କ ମାନଦଣ୍ଡରେ ତଉଲୁଥିଲୁ । 'ଭୂତ' ସମ୍ପର୍କିତ
ଆଲୋଚନା ସେହି ଅନ୍ଧ-ସଂସ୍କାରକତାର ଫଳ । ଔପନିବେଶିକ ଶାସନରେ ବନ୍ଧୁ
ଆମେ ଯେତେ ବଳା, ବସ୍ତୁ ଓ ଜ୍ଞାନବୋଧକୁ ଜାଗର ପୁଣି କରିବାକୁ ଆରମ୍ଭ କରିଥିଲୁ
—'ଭୂତ' ସମ୍ପର୍କିତ ନାନା ଆଲୋଚନା ତାହାର ସଙ୍କେତ ପ୍ରଦାନ କରିଥାଏ । 'ଉତ୍କଳ
ଦୀପିକା' ପୃଷ୍ଠାରେ ପ୍ରକାଶିତ କେତେକ ଆଲୋଚନା ଓ ପ୍ରାସଙ୍ଗିକ ମନ୍ତବ୍ୟରୁ ଗୌରୀ-
ଶଙ୍କରଙ୍କ ଦୃଷ୍ଟିକୋଣର ପରିଚୟ ମିଳିଥାଏ ।

୧୮୭୯ ମସିହା ଏପ୍ରିଲ ଛବିଶ ତାରିଖରେ 'କଟକଠାର ଉତ୍କଳ କଥା'
ଶୀର୍ଷକରେ ଗୌରୀଶଙ୍କର ଅନ୍ୟତ୍ର ପ୍ରକାଶିତ ଏକ ପ୍ରବନ୍ଧ ବର୍ଣ୍ଣନାତ୍ମକ କବିତାକୁ
ଲେଖକଙ୍କ ପାଦ ଟୀକାରେ ଜନ୍ମ, ସେହି ପତ୍ରିକାର ସମ୍ପାଦକ ଉକ୍ତଙ୍କୁ ସେଭଳି ମତ
ଦେଇଥିଲେ, ତା'ର ପ୍ରତ୍ୟୁତ୍ତର ଦେଇଛନ୍ତି । ସେ ମାତ୍ର ପନ୍ଦର ଦିନର ବ୍ୟବଧାନ
ସମ୍ବାଦରେ ପୁନର୍ବାର ଏହି ପ୍ରସଙ୍ଗ ଅବତାରଣା କରି ସେ ମନ୍ତବ୍ୟ ଦେଇଛନ୍ତି :
'ସମସ୍ତ ଲୋକଙ୍କ ଭୂତ ଏକପ୍ରକାର ନୁହଇ ।'' (୨୧) ଉକ୍ତ କବିତାକୁ ଅନ୍ୟମାନେ
ଆଦର ନ କରିବାର କାରଣ ସେମାନଙ୍କର ଭୂତ-ଭିନ୍ନତା । ଗୌରୀଶଙ୍କର ଭୂତକୁ
ଦେଶ-କାଳ ସାପେକ୍ଷ ବୋଲି ଗ୍ରହଣ କରିଛନ୍ତି । ଯେଉଁମାନେ ଓଡ଼ିଶାର ପାଣି-
ପବନରେ ବଢ଼ି ନାହାନ୍ତି ବା ଉକ୍ତ ସାହିତ୍ୟ ସହ ଏକାତ୍ମ ହୋଇ ପାରିନାହାନ୍ତି,
ସେମାନେ ଯେ ଉକ୍ତ-ସାହିତ୍ୟର କାବ୍ୟ ସୌନ୍ଦର୍ଯ୍ୟ ଗ୍ରହଣରେ ଅସମର୍ଥ ହେବେ, ତାଙ୍କ
ଦୃଷ୍ଟିରେ ଏଥିରେ କୌଣସି ବୈଚିତ୍ର୍ୟ ନାହିଁ ।

ଭୂତକୁ ଦେଶ, ସମାଜ ଓ କାଳ ସାପେକ୍ଷ ବୋଲି ଗ୍ରହଣ କଲେ ବି ଏଥିରେ
ସେ ମାର୍ଜିତ ଅମାର୍ଜିତ, ଉଚ୍ଚ-ନୀଚ ଭେଦ ସ୍ୱୀକାର କରନ୍ତି । ସାମାଜିକ ବର୍ଗ
ଅନୁସାରେ ଏହାର ଭେଦ ଘଟେ । ସାମାଜିକ ସ୍ତରଭେଦରେ ନିମ୍ନ ପାହାଚରେ
ଥିବା ଲୋକମାନଙ୍କ ଭୂତ ସମ୍ପର୍କରେ ମାର୍ଜିତ ଏଭଳି ଏକ ଅନ୍ତର୍ନିହିତ ଧାରଣାରୁ
ଗୌରୀଶଙ୍କର ମୁକ୍ତ ନ ଥିଲେ । ୧୮୭୮ ମସିହା ମାର୍ଚ୍ଚ ମାସ ୨୨ ତାରିଖରେ ଏକ
ଦେଶୀୟ ମହଲ୍ଲୁରେ ବର୍ଣ୍ଣିତ ପ୍ରସଙ୍ଗକୁ ତାଙ୍କର ଏଭଳି ଧାରଣା ସ୍ପଷ୍ଟ । ଇଂରେଜ-
ମାନେ ଥିଲେ ଶାସକ । ତେଣୁ ସେମାନଙ୍କ ଭୂତ ସମ୍ପର୍କରେ ମାର୍ଜିତ—ଏଭଳି ଏକ
ଧାରଣା ତାଙ୍କ ମନ୍ତବ୍ୟରୁ ସୃଷ୍ଟ ହୁଏ : ''ଅଧିକନ୍ତୁ ଇଂରେଜ ସାହେବ ମହୋଦୟ ଓ
ଅନ୍ୟାନ୍ୟ ସାହେବ ମେମମାନେ ଜଳପାନାଦି କରି ଅଧିକନ୍ତୁ ଉତ୍ସାହରେ ଅତି ସନ୍ତୁଷ୍ଟ
ହୋଇଥିବାର ଭଳି ପ୍ରସ୍ଥାନ କଲେ । ତୁମ୍ଭ ଏକ ବଙ୍ଗଦେଶୀୟ ଦର୍ଶକ ଅନ୍ଧକୂପକୁ
ଗୁରୁ କରି ନାନା କଲେ ମାତ୍ର ସେମାନେ ବୃଥା ଅହଙ୍କାର ଓ ଅନ୍ୟର କାର୍ଯ୍ୟକୁ ନିନ୍ଦା
କରିବାର ସେମାନଙ୍କର ସ୍ୱଭାବ ବୋଲିବାକୁ ହେବ କାରଣ ଅନ୍ୟ ବଙ୍ଗାଳୀଙ୍କ ମୁଖରୁ
ପ୍ରଶଂସା ଶୁଣିଅଛୁଁ'' । ସେହି ମହାପୁରୁଷଙ୍କ ପାଇଁ ଏତେ ଭାଷା ହୋଇଥିଲା ସେ ଯେତେ
ଅନ୍ତରଙ୍ଗ ସମ୍ପର୍କ ପ୍ରକାଶ କଲେ ଜେତେ ସେପରି ନିମ୍ନ ଲୋକଙ୍କୁ ଦେଏ

ପଡ଼ୁଛି ।" (୨୨) ରୁଚି ବିଷୟରେ ଉଚ୍ଚ ନୀଚ ଓ ମାର୍ଜିତ-ଅମାର୍ଜିତ ଭେଦକୁ ସ୍ୱୀକାର କରିନେବା ଦ୍ୱାରା ରୁଚି କେବଳ ମାର୍ଜିତ ହୋଇପାରେ ସେ ପ୍ରସଙ୍ଗ ମଧ୍ୟ 'ଉତ୍କଳ ଦୀପିକା' ପୃଷ୍ଠାରେ ବାରମ୍ବାର ଅବତାରଣା କରାଯାଇଛି । ରୁଚି ବାସ୍ତବରେ ସହଜାତ ମଧ୍ୟ ନୁହେଁ । ଅଭ୍ୟାସ ଓ ଅନୁଶୀଳନ ଫଳରେ ତାହାର ଉଦ୍ଭବ— ଦେଶ-କାଳରୁ ଏହାର ସୃଷ୍ଟି । ସାହିତ୍ୟ ଏବଂ ରୁଚିର ସମ୍ପର୍କ ଘନିଷ୍ଠ । ସାହିତ୍ୟିକ ଦୃଷ୍ଟି ତାକୁ ଉପଲବ୍ଧି କରିପାରେ ସହଜ । ସାହିତ୍ୟ ସହ ରୁଚିର ସମ୍ପର୍କ ଅତୁଳ୍ୟ । ସାହିତ୍ୟ ସୃଜନ ତଥା ସାହିତ୍ୟପାଠ ରୁଚିର ସୃଷ୍ଟି ଓ ରୁଚିକୁ ସୁମାର୍ଜିତ କରିପାରେ । 'ଉତ୍କଳ ଦର୍ପଣ'ର ଆଲୋଚନା ପ୍ରସଙ୍ଗରେ ଏଭଳି ମତାମତ ଦିଆଯାଇଛି : "ଯେବେ ଏହି ଧର୍ମ୍ମ ପଣ୍ଡିତ ସମସ୍ତେ ଏକାବାଟରେ ନ ଯାଇ ସାହିତ୍ୟର ଉତ୍କର୍ଷତା ହେତୁ, ଦୃଷ୍ଟି ଦେବେ ତେବେ ଅନୁମାନ ହୁଏ ମାସିକ ପତ୍ରିକାଠାରୁ ଏହାକୁ ପଢ଼ିବା ଦ୍ୱାରା ଅଧିକ ଉପକାର ହେବ । କାରଣ ତହିଁରେ ଉଭୟ ପ୍ରକାର ରୁଚି ଜାତ ଓ ଅପରାଧ ସୁମାର୍ଜିତ ହେବାର ସମ୍ଭାବନା ।" (୨୩) ୧୮୭୫ ମସିହା ଜାନୁଆରୀ ମାସ ତାରିଖ ସଂଖ୍ୟାରେ 'ଓଡ଼ିଆଙ୍କ ରୁଚି' ଶିରୋନାମାରେ ଓଡ଼ିଆମାନଙ୍କ ରୁଚିର ଧାରଣା ସମ୍ପର୍କରେ ସେ ଆଲୋଚନା କରିଛନ୍ତି । ତାଙ୍କ ମତରେ ଓଡ଼ିଶାର ଉନ୍ନତି ପଥରେ ଏହି ରୁଚି ସଂସ୍କାର ସମ୍ପର୍କ କହୁଛି : "ଆହା ! ରୁଚିକୁ ଯେତେଦିନ ଏଠାଲୋକେ ନିର୍ମୂଳ କରିବାକୁ ଚେଷ୍ଟା ନ କରାଯିବ ସେତେଦିନ ଯାଏ ଏଠା-ଲୋକଙ୍କ ଦୁରବସ୍ଥା ମୋଚନ ହେବାର ଆଶା ବିଫଳ ଅଟଇ । ଅତଏବ ଆମ୍ଭେମାନେ ଏଠାରେ ଉଦାରଶୀଳଙ୍କୁ ଅନୁରୋଧ କରୁଅଛୁ ଯେ ରୁଚି ପରିବର୍ତ୍ତନ ଉଦ୍ଦେଶ୍ୟରେ ପ୍ରଚାର ହେଉନ୍ତୁ ।"(୨୪) ଓଡ଼ିଆମାନେ ସଭ୍ୟ ଓ ଶିକ୍ଷିତ ହୋଇ ନ ଥିବାରୁ ସେମାନଙ୍କର ରୁଚି ଅମାର୍ଜିତ । ପରେ ମଧୁସୂଦନଙ୍କ ଠାରୁ ଆରମ୍ଭ କରି ବହୁ ଲେଖକ ଓ ପ୍ରାବନ୍ଧିକ ଓଡ଼ିଆମାନଙ୍କର 'ରୁଚି' ଆଲୋଚନା ପ୍ରସଙ୍ଗରେ ତା'ର ମାର୍ଜନା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବସ୍ତୁତଃ ଗୌରୀଶଙ୍କରଙ୍କ ରୁଚି-ଦୃଷ୍ଟିରୁ ତତ୍କାଳୀନ ରୁଚି ସମ୍ପର୍କିତ ଧାରଣା ଠାରୁ ଦୂରବର୍ତ୍ତୀ ନ ଥିଲା । କାରଣ ଦେଶ, କାଳ ଓ ପାତ୍ର ଅନୁସାରେ ରୁଚି ଭିନ୍ନ ହେଲେ ବି ଏକ୍ଷେତ୍ରରେ ସେ ଗୁଣଗତ ତାରତମ୍ୟ ଓ ମାର୍ଜିତ ଅମାର୍ଜିତ ଭେଦ ଭଲମନ୍ଦକୁ ସେ ସ୍ୱୀକାର କରନ୍ତି ଓ ଏହା ସହଜାତ ନୁହେଁ ବୋଲି ମଧ୍ୟ ସ୍ୱୀକାର କରନ୍ତି । ସାମାଜିକ ସ୍ତର ଅନୁସାରେ 'ରୁଚି'ର ସ୍ତର ରହିଛି । ତେଣୁ ଉଚ୍ଚବର୍ଗର ଅନୁକରଣରେ ନିମ୍ନ ବର୍ଗର ରୁଚି ପରିବର୍ତ୍ତନକୁ ସେ ସ୍ୱାଗତ କରନ୍ତି । ରୁଚି ସାମାଜିକ ଓ ସାଂସ୍କୃତିକ କର୍ତ୍ତୃତ୍ୱ (hegemony) ଅଟେ । ଗୌରୀଶଙ୍କର ଉଚ୍ଚବର୍ଗର ସାମାଜିକ ଓ ସାଂସ୍କୃତିକ କର୍ତ୍ତୃତ୍ୱକୁ ସାଧାରଣ ଓ ଅପରିହାର୍ଯ୍ୟ ରୂପେ ସ୍ୱୀକାର କରୁଥିବାରୁ ସେମାନଙ୍କର 'ରୁଚି'କୁ ସାଂସ୍କୃତିକ ପ୍ରତୀକ ରୂପରେ ଗ୍ରହଣ କରିଛନ୍ତି ।

'ରୁଚି'ର ଅବଶ୍ୟମ୍ଭାବୀତା ସ୍ୱୀକାର କରିନେଲେ ପରେ ବି ସାହିତ୍ୟ ଭଳି ବହୁ ସାଂସ୍କୃତିକ-ପ୍ରକାଶ କ୍ଷେତ୍ରକୁ 'ରୁଚି' ଦୃଷ୍ଟିରୁ ଆଲୋଚନା କଲାବେଳେ ସେ ଅପୂର୍ବ ଦୃଷ୍ଟି ସମ୍ପନ୍ନ ହୋଇଛନ୍ତି । 'ଯାତ୍ରା' ଭଳି ଜନସାଧାରଣ ଉପଭୋଗ୍ୟ ସାଂସ୍କୃତିକ-ଚର୍ଚ୍ଚା ଉପରେ ଆଲୋଚନା କଲାବେଳେ ସେ ଲେଖିଛନ୍ତି: "ସମ୍ପ୍ରତି ଓଡ଼ିଶାରେ ଯାହା 'ଯାତ୍ରା'

ନାମରେ ଖ୍ୟାତ ହୋଇଅଛୁ ଓ ଯାହାକୁ ବହୁପାଠ୍ୟ ହୋଇ ଭଦ୍ରଲୋକମାନେ ଘର-କଣେଷରେ ଦେଖିବାକୁ ବାଧ୍ୟ ହୁଅନ୍ତି ତାହା ଅତ୍ୟନ୍ତ ଦୂଷିତ ଓ ତହିଁରେ ଓଡ଼ିଶାର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଏଇ । ଏଣୁ ସ୍ୱଭାବରେ ଦେଶ ପକ୍ଷରେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇ ଅଛନ୍ତି ଏହାକୁ ଆମ୍ଭେମାନେ ଗୋଟିଏ ଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛୁଁ । ଆମ୍ଭେମାନେ ଭରସା କରୁଁ ଯେ ଓଡ଼ିଶା ବାସୀମାନେ ଏହାକୁ ହୃଦୟ ପରମାଣେରେ ଉତ୍ସାହିତ କରିବେ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ସତ୍ ପରାମର୍ଶ ଦେଇ ଓଡ଼ିଆ ଭାଷା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ସୁରୁଚିପ୍ରିୟ ଲୋକଙ୍କ ସାହାଯ୍ୟ ବିନା ଏ ସବୁ ବ୍ୟାପାର ସାଧନ ହୋଇ ନ ପାରେ ।"(୨୫) ଏହି ସମ୍ପାଦକୀୟରେ କେତେଗୁଡ଼ିଏ ଶବ୍ଦ, ଶୁଦ୍ଧାଶୁଦ୍ଧ ଓ ବାକ୍ୟାଂଶ ସମ୍ପର୍କରେ ସଚେତନ ହେଲେ ଗୌରୀଶଙ୍କରଙ୍କ ଶ୍ରେଣୀ-ଚର୍ଚ୍ଚା ରୁଚି-ଭିତ୍ତିକ ସାଂସ୍କୃତିକ-ପ୍ରତ୍ୟୟ ଲୁଚିତ ବକ୍ତବ୍ୟରେ ସ୍ପଷ୍ଟ ପ୍ରତୀତ ଆସେ । 'ଯାହା ଯାହା ନାମରେ ଖ୍ୟାତ ହୋଇଅଛୁ', 'ବହୁପାଠ୍ୟ ହୋଇ ଭଦ୍ରଲୋକମାନେ ଘର-କଣେଶରେ ଦେଖିବାକୁ ବାଧ୍ୟ ହୁଅନ୍ତି', 'ତାହା ଅତ୍ୟନ୍ତ ଦୂଷିତ', 'ଓଡ଼ିଶାର ରୁଚି', 'କୁତ୍ସିତ ପରିଚୟ' ଇତ୍ୟାଦି ପ୍ରୟୋଗ ଭିତର ଦେଇ ନିମ୍ନ ବର୍ଗର ଲୋକମାନଙ୍କର ଶବ୍ଦ-ବ୍ୟବହାର, ଉଚ୍ଚବର୍ଗର ସାଂସ୍କୃତିକ ଶ୍ରେଷ୍ଠତ୍ୱ କଥା ତଥା ନିମ୍ନବର୍ଗର ସାଂସ୍କୃତିକ-ପ୍ରମାଣ ସମ୍ପର୍କରେ ତାଙ୍କର ହେୟ ଓ ତାଚ୍ଛଲ୍ୟ ମନୋଭାବ ଅଭିବ୍ୟକ୍ତ । ସାଧାରଣ ଲୋକଙ୍କ ରୁଚି ଓ ସଂସ୍କୃତି ଓଡ଼ିଶାର ରୁଚି ଓ ସଂସ୍କୃତି ରୂପରେ ପରିଚିତ ହେଲେ କାଳେ 'ଓଡ଼ିଆ ରୁଚି'ର ଏକ 'କୁତ୍ସିତ ପରିଚୟ' ମିଳିବ, ସେଥିନେଇ ସେ ଆମକୁ ସତର୍କ କରାଇଦେଇଛନ୍ତି । ତାଙ୍କ ମତରେ ଓଡ଼ିଆମାନଙ୍କ ରୁଚିର ଏକ ସୁନ୍ଦର ପରିଚୟ ଦେବାକୁ ହେଲେ ଶିକ୍ଷିତ ଓ ଉଚ୍ଚବର୍ଗର ରୁଚିକୁ ଓଡ଼ିଆମାନଙ୍କର ଏକମାତ୍ର ରୁଚି ରୂପେ ସ୍ୱୀକୃତି ଓ ପରିଚିତ କରାଇବାକୁ ହେବ । ସାଧାରଣ ଲୋକମାନଙ୍କ ପାଇଁ ସଙ୍ଗୀତ ଓ ଅଜ୍ଞାନତା ସ୍ୱଭାବଜାତ ଅଟେ । ମୂର୍ଖତା ଓ ଗ୍ରାମ୍ୟ ସେମାନଙ୍କ ସଂସ୍କୃତିର ସବୁଠାରୁ ବଡ଼ ପରିଚୟ । ସେମାନଙ୍କ ଯାତ୍ରା ମଧ୍ୟ ସଙ୍ଗୀତକୁ ଲଜ୍ଜା ଓ ଗ୍ରାମ୍ୟ ଦୋଷରେ ଦୁଷ୍ଟ : "ଆମ୍ଭେମାନେ ଯେତେଗୁଡ଼ିଏ ଦେଖିଅଛୁଁ କୌଣସି ଯାତ୍ରାରେ ସଙ୍ଗୀତର ବାହାନା ମଧ୍ୟ ପାଇନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ ତାହାକୁ ବୋଲିବାର ଯାତ୍ରାବାଳାମାନେ ଜାଣନ୍ତି ନାହିଁ । କେବଳ ଗଳାଫଟା ହୋଇ ଚିତ୍କାର ଦେଇ ବୋଲନ୍ତି ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି ।"(୨୬) ଯାତ୍ରା ଜନସାଧାରଣଙ୍କ ଓ ନିମ୍ନ ବର୍ଗର ସଂସ୍କୃତି । ତେଣୁ ତାହାର ଆଲୋଚନା କଲାବେଳେ 'ଅଶ୍ଳୀଳ' ଭଳି ଉପେକ୍ଷା ମନୋଭାବ ପ୍ରଦର୍ଶିତ କରାଯାଇଛି ।

ରୁଚି ଓ ଅଶ୍ଳୀଳତା, ଉନିଶ ଶତାବ୍ଦୀର ସାହିତ୍ୟ-ଆଲୋଚନାରେ ଏହି ଦୁଇଟି କେନ୍ଦ୍ରୀୟ-ପ୍ରତ୍ୟୟ ଥିଲା । ଏହି ଭିତ୍ତି ଉପରେ ସର୍ବାଧିକ ଦୃଷ୍ଟି ଆକର୍ଷଣ କରି ଦୁଇଗୋଷ୍ଠୀର ଶିକ୍ଷିତ ଓଡ଼ିଆ ମଧ୍ୟବିତ୍ତ ଅପଣାର ଗୋଷ୍ଠୀସ୍ୱାର୍ଥର ବୃତ୍ତିକୁ କାଳକ

ସାହିତ୍ୟ-ଜଗତରେ ପଣ୍ଡିତ ଥିଲେ, ତାହା ଅତି ଜଣାଶୁଣା କଥା । କିନ୍ତୁ ସବୁଠାରୁ ମଜାର କଥା ହେଉଛି ଯୁବକ ଗୋଷ୍ଠୀ ତଥା ସେମାନଙ୍କର ପରସ୍ପର ଠାରୁ ବିଶେଷ ଦୂରବର୍ତ୍ତୀ ନ ଥିଲେ । ଯୁବକ ଗୋଷ୍ଠୀ ସାଧାରଣ ଜନତାର କଥା, ସଂସ୍କୃତି ଓ ସାଂସ୍କୃତିକ-ସ୍ୱାତନ୍ତ୍ର୍ୟକୁ ହେୟ ଦୃଷ୍ଟିରେ ଦେଖୁଥିଲେ । ଅତଏବ ସାଂସ୍କୃତିକ-ପ୍ରକାଶର ମନୋବୃତ୍ତିକୁ ହିଁ ଏହି ଦ୍ୱନ୍ଦ୍ୱର ସୃଷ୍ଟି । ଉଚ୍ଚ ଇଂରେଜମାନଙ୍କୁ ଅନୁସରଣ କରି ଶିଳ୍ପ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତ ସାହିତ୍ୟକୁ, ଦେଶର ଗୌରବ ନୁହେଁ, ସାମଗ୍ରିକ 'ଲୁଟ' ଠାରୁ ସେଗୁଡ଼ିକୁ ଅପଦସ୍ଥ କରିଦେଲେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ବର୍ତ୍ତମାନ 'ରୁଚି'ର ମାନଦଣ୍ଡରେ ମାପିଲେ । ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତ ସାହିତ୍ୟ ଭଳି ଅତୀତର ଓଡ଼ିଆ କାବ୍ୟ ସାହିତ୍ୟ ମଧ୍ୟ ଏକ ସାମନ୍ତ-ସମାଜ ଓ ଉଚ୍ଚବର୍ଗର ସୃଷ୍ଟି । ସମକାଳୀନ ରାଜନୈତିକ-ଚେତନା ଓ ଆକାଂକ୍ଷା ଦ୍ୱାରା ପ୍ରଲୁବ୍ଧ ହୋଇ ପ୍ୟାରୀମୋହନ ଆଚାର୍ଯ୍ୟ, ମଧୁସୂଦନ ରାଓ ପ୍ରମୁଖ ମନୀଷୀବୃନ୍ଦ ଓଡ଼ିଆ କାବ୍ୟ ସାହିତ୍ୟକୁ ଏକ ଶୌର୍ଯ୍ୟ ଓ ସଂସ୍କୃତ ସମାଜର ସୃଷ୍ଟି ବୋଲି ସ୍ୱୀକାର କରୁ ନ ଥିଲେ । ଗୌରୀଶଙ୍କରଙ୍କର ମାନସିକ ପ୍ରବୃତ୍ତି ଅତୀତର ସାମନ୍ତ ସମାଜ ଓ ସାହିତ୍ୟ ପ୍ରତି ସାନୁକୂଲ୍ୟ ଥିଲା । ତେଣୁ ପ୍ରାଚୀନ ସାହିତ୍ୟ, ବିଶେଷତଃ ଭଞ୍ଜ ସାହିତ୍ୟକୁ, ବର୍ତ୍ତମାନର ରୁଚିରେ ବିଚାରିବାକୁ ସେ ଚାହୁଁ ନଥିଲେ । ୧୮୭୮ ମସିହା ଜାନୁଆରୀ ଉତ୍କଳ ଦୀପିକାରେ 'ଉତ୍କଳ ଭାଷା'ର ବିବରଣୀ ଯେଉଁଭଳି ଭାବରେ ସେ ଉପସ୍ଥାପନ କରିଛନ୍ତି, ସେଥିରୁ ତାଙ୍କ ବକ୍ତବ୍ୟ ସ୍ପଷ୍ଟ । ଭଞ୍ଜ ସାହିତ୍ୟର ନିନ୍ଦୁକମାନଙ୍କ ପ୍ରତି ତାଙ୍କ ପାର୍ଥକ୍ୟ ଜାହିର ଓ ବେଦନା-- ଏହି ବିବରଣୀରେ ତାହା ସେ ଲେଖିଛନ୍ତି : "ବାବୁ (ପ୍ୟାରୀମୋହନ ଆଚାର୍ଯ୍ୟ) ପ୍ରଥମେ କହିଲେ ଯେ ପ୍ରାଚୀନ ଶିଳ୍ପ କାର୍ଯ୍ୟ ଓ କଥା ଦ୍ୱାରା ହିଁ ଓଡ଼ିଶାର ଗୌରବ ରହିଅଛି କୀର୍ତ୍ତିଗାଥିର ପରିଚୟ ଭୁବନେଶ୍ୱର ପ୍ରଭୃତି ମନ୍ଦିରମାନ ଓ କବିଙ୍କ ପଦ୍ୟରୁ ପ୍ରାଚୀନ ଗ୍ରନ୍ଥମାନ । ମନ୍ଦିରମାନଙ୍କ ଅଶ୍ଳୀଳ ମୂର୍ତ୍ତିର କଥା ଯଦ୍ୟପି ହେବାରେ ସେ ସମସ୍ତର ଗୌରବ ରହିଛି ବୋଲି ଯେ ମନ୍ଦିରମାନଙ୍କର କି ପର୍ଯ୍ୟନ୍ତ ଦୁର୍ଦ୍ଦଶା ହୋଇଥାନ୍ତା । ଆମ୍ଭେମାନେ କହି ନ ପାରୁଁ । କିନ୍ତୁ ସେହି ଅଶ୍ଳୀଳତାର ଅପରାଧରେ ପ୍ରାଚୀନ ସାହିତ୍ୟର ଏତେ ଦଶା ହେଲା ଯେ ସ୍ତୁତିବାଦ କେବଳ ଅନ୍ୟ ମନରେ ରଖିବେ ଯେ ସେଥିରୁ ଯଥାର୍ଥରେ ଆମ୍ଭମାନଙ୍କର କଳଙ୍କ ଅଟଇ । ସବୁ ଗ୍ରନ୍ଥମାନ ଅପେକ୍ଷା ଉପେନ୍ଦ୍ର-ଭଞ୍ଜ ଓ ଦୀନକୃଷ୍ଣ ଅପେକ୍ଷା ଲବଣ୍ୟବତୀ ଅଧିକ ଗାଳି ଖାଇଲେ । × × × ଆମ୍ଭମାନେ ଶଙ୍କା ଓ ଶିକ୍ଷିତ ବନ୍ଧୁମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଶ୍ରମ ସ୍ୱୀକାର ପୂର୍ବକ ପ୍ରାଚୀନ କାବ୍ୟମାନ ପାଠ କରି ତହିଁର ଦୋଷଗୁଣ ପର୍ଯ୍ୟାଲୋଚନା ପୂର୍ବକ ଗୁଣଗ୍ରାମକୁ ଗ୍ରହଣ କରନ୍ତୁ ।"(୨୭) ଗୌରୀଶଙ୍କର ପ୍ରଥମେ ଯୁବକଙ୍କ ବକ୍ତୃତାରେ ଏହା ବିଦ୍ୱେଷକୁ ଉଦ୍ଘାଟିତ କଲେ ଓ ତାଙ୍କର ଅଶ୍ଳୀଳତା-ଧାରଣାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଥାଆନ୍ତି । ଦୁର୍ଯ୍ୟୋଗ ଓ ଚମତ୍କାର ବିଷୟ ହେଉଛି ଯେ ଉଭୟଙ୍କ ମଧ୍ୟରେ ବିରୋଧ । ଭଞ୍ଜ ସାହିତ୍ୟ ଯେ ଅଶ୍ଳୀଳ ଓ ଦେହଭୋଗାଂଶରେ ବର୍ତ୍ତମାନ ରୁଚିକୁ ଅଯୋଗ୍ୟ ଏ କଥା ଅବଶ୍ୟ ଗୌରୀଶଙ୍କର ମଧ୍ୟ ସ୍ୱୀକାର କରିଛନ୍ତି : "ଆମ୍ଭେମାନେ ସ୍ୱୀକାର କରୁଁ କି ଯେ ସମୟରେ ଉକ୍ତ ପୁସ୍ତକମାନ ରଚିତ ହୋଇଥିଲା

ସେ କାଳର ରୁଚିଠାରୁ ବର୍ତ୍ତମାନ ରୁଚି ଅନେକ ଭିନ୍ନ ହୋଇଅଛି ଏଣୁ ଏକ ସେଥିରୁ ପୁସ୍ତକର ଅନେକାଂଶ ଏଥିରେ ଅଶ୍ଳୀଳତାର ଅପବାଦ ପାଇଁ ଅଛି ।" (୨୮) ତେଣୁ ଗୌରୀଶଙ୍କରଙ୍କର ନବରୁଚିଭଙ୍ଗ ରୁଚି ଓ ଅଶ୍ଳୀଳତାର ପ୍ରତ୍ୟୟ ସମ୍ପର୍କରେ କୁହନ୍ତି, କୌଣସି କଳାକୁ ତାହାର ମାନଦଣ୍ଡରେ ଗ୍ରହଣ ଓ ପ୍ରତ୍ୟାଖ୍ୟାନ କରିବ । ପ୍ୟାରୀ-ମୋହନ ପ୍ରମୁଖ 'ରୁଚି'କୁ ମାନଦଣ୍ଡ କରି ପ୍ରାଚୀନ ସାହିତ୍ୟ, ଭାଷା ଓ ରୀତିକୁ ପରିତ୍ୟାଗ କରୁଥିଲେ ସ୍ୱାଧୀନ ଓ ବ୍ୟକ୍ତି ସମ୍ପର୍କରେ ନାଟକ ରଚିଥିଲେ । ଏଣୁ ଗୌରୀଶଙ୍କର ଭାଷା ଓ ଅଧୁନାତନ ସାହିତ୍ୟକୁ ଗ୍ରହଣ କରୁଥିଲେ ସ୍ୱାଧୀନ, ଭାଷା, ପ୍ରାଚୀନ ଛନ୍ଦ ଓ ରୀତିକୁ ଗ୍ରହଣ କରିଛନ୍ତି । ପ୍ୟାରୀମୋହନ ଓ ମଧୁସୂଦନ ପ୍ରମୁଖ ସୁରୁଚି ସମ୍ପନ୍ନ ଶବ୍ଦ ପ୍ରୟୋଗ କରୁଥିଲେ ଗୌରୀଶଙ୍କର ସ୍ଥଳ ସଂଶୋଧନରେ ଅଭିଯୋଗ ଉପସ୍ଥାପନ କରିଛନ୍ତି । 'ସୁରୁଚି ଓ କୁରୁଚି' ଶୀର୍ଷକରେ ବାଲେଶ୍ୱର ସମ୍ବାଦ ବାହିକାରେ ପ୍ରକାଶିତ ଏକ ଲେଖାଟି ଏଥିର ସମାଲୋଚନା କରି ଓ କାଳିଦାସଙ୍କ ଗ୍ରନ୍ଥର ଯୋଗ୍ୟତା ପ୍ରସଙ୍ଗରେ ଏ ରୁ ଲେଖିଥିଲେ ପାଠକମାନଙ୍କ ଆମ୍ଭମାନଙ୍କର ଚରିତ୍ର ପ୍ରଚଳିତ ପ୍ରଥା ଏବଂ ସେ ପ୍ରଥା ବହୁକାଳ ବର୍ତ୍ତମାନ ଥାଇ ପୂର୍ବ ଅନୁଷ୍ଠାନର ଦେଶରେ ପୁରାଣ ପଦ୍ଧତି ଲେଖକଙ୍କର ଅବଧି ଅନେକ ନାହିଁ ଏବଂ ଧର୍ମଶାସ୍ତ୍ର, ଆଲୋଚନା ବା ଧର୍ମଚର୍ଚ୍ଚା । ସେଥି ପ୍ରକାରେ ଲୁଣା ହୋଇନାହିଁ । ଏକ କାଳର ଅଳ୍ପ ଶିକ୍ଷିତ ଅପରି-ଣାମଦର୍ଶୀ ଯୁବକ ଓ ଯୁବତୀର ଅକସ୍ମାତ୍ କର ଧ୍ୱନାଧାର ଜନ ଓ ରତିର ଅର୍ଥ ଗୁଡ଼ିକ ଯାହା ନାନା କଥା କହି ପାରନ୍ତି ··· × ×· ସେଥି ଲେଖକର ମନ କଳାନ୍ତି ତୁଳନା କରି ଲେଖକ ମନ ଦଶା ଆଶା କରିଲ ।" (୨୯) ସାହିତ୍ୟ ଆଲୋଚନାରେ ସମ-ସାମୟିକ କାଳରେ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ରୁଚିକୁ ଗୌରୀଶଙ୍କର ସ୍ୱୀକାର କରିଥିଲେ ବି ଦେଶ ଓ ସାମାଜିକ-ଧର୍ମ କ୍ଷେତ୍ରରେ ତାହାର ପ୍ରୟୋଗ ଚିନ୍ତା କରିଛନ୍ତି ।

## ॥ ପାଞ୍ଚ ॥

'ଅଶ୍ଳୀଳ ପ୍ରବନ୍ଧ' ଶିରୋନାମରେ ଗୌରୀଶଙ୍କର, ତଦାନୀ 'ଉତ୍କଳଦୀପିକା' ପତ୍ରିକାରେ ପ୍ରକାଶିତ ଈଶ୍ୱରଚନ୍ଦ୍ରଙ୍କ ବିଦ୍ୟାସାଗର ଅଶ୍ଳୀଳତାର ସମାଲୋଚନା ଉଦ୍ଧୃତ କରି ସାରମ୍ଭ ପରେ, ଲେଖିଛନ୍ତି : "ଦେଶର ସାହିତ୍ୟ ସମସ୍ତ ସମାଜର ସମ୍ପତ୍ତି, ବର୍ତ୍ତମାନ ସମାଜର ଓ ଭବିଷ୍ୟତ ସମାଜର । କେହି ଏହାର ସମ୍ପତ୍ତି ନୁହନ୍ତି । ସୁତରାଂ ସେ ପ୍ରକାର ପୁସ୍ତକ ରଚିତ କରିବା ରୁଚିର ଅଧିକାର ନୁହଇ । ସେଥି ନିମନ୍ତେ ଯେ ରୂପେ ପ୍ରମାଣ ହୋଇ ଅଛନ୍ତି ତାହାଙ୍କୁ ଶେଷରୂପେ ରକ୍ଷିତା ହିଁ ଉଚିତ କର୍ତ୍ତାମାନେ ତାହାଙ୍କୁ ଚିହ୍ନ କରି ଦୂରରେ ରଖାଇବା ଉଚିତ ନୁହେଁ ।" (୩୦) ଗୌରୀଶଙ୍କର କୌଣସି ପ୍ରାଚୀନ ସଂସ୍କୃତ-ରୁଚିକୁ ଦେଶ ଓ କାଳ ଭିତ୍ତିରେ ସୀମିତ କରି ରଖିବା ସ୍ୱୀକାର ନାହିଁ । କୌଣସି ରଚନା 'ସାହିତ୍ୟ' ବୋଲି ସ୍ୱୀକୃତ ହେଲା-ପରେ ତାହା ଆଉ କୌଣସି ବ୍ୟକ୍ତି ବିଶେଷର ସମ୍ପତ୍ତି ହୋଇ ରହେ ନାହିଁ ବା ବ୍ୟକ୍ତିଗତ ରୁଚି ଓ ଜନର ମାନଦଣ୍ଡରେ ତାହା ମାପିବାର ଆବଶ୍ୟକ ନାହିଁ । ତାହା ଏକ ଜାତିର

ଏମିତି ରୂପେ ପରିବର୍ତ୍ତିତ ହୁଏ । ଅନୁଷ୍ଠାନ ବିଶେଷର ମହତ୍ତ୍ୱ, ପ୍ରତିଷ୍ଠା ଓ ଶାସନକଳେବର ତାହା ଧାର୍ଯ୍ୟ କରେ ଓ ପବିତ୍ର ବସ୍ତୁ ରୂପେ ବିବେଚିତ ହୁଏ । ସ୍ୱାଧୀନ ସାହିତ୍ୟ, ବିଶେଷତଃ ଭକ୍ତି ସାହିତ୍ୟକୁ ସାଂସ୍କୃତିକ ମୂଲ୍ୟମାନର ଜଞ୍ଜାଳରେ ଜଡ଼ିତକରିବାର ପ୍ରଚେଷ୍ଟାକୁ ସେ ଅଦୌ ଅନୁମୋଦନ କରିପାରି ନାହାନ୍ତି । ସମ୍ଭ୍ରାନ୍ତଲୋକଙ୍କର 'ପେଟ୍ରୋନେଜ' ଜନ-ପ୍ରିୟତା ଓ ଭକ୍ତି ପିପାସୁଙ୍କର ଗୌରବର ପ୍ରାପ୍ୟ, ବୈଷ୍ଣବମାନଙ୍କ କୌଣସି ଦେବତା ଅଧିକାରୀଙ୍କ ଠାରୁ ଲାଭକର ସମ୍ମାନ ହିଁ ଦେଶ ସାହିତ୍ୟର ପ୍ରାପ୍ୟ । ସାହିତ୍ୟ ନାମରେ ଏମିତି ବୈଷ୍ଣବ ଶ୍ରଦ୍ଧା ତାହାର ଉପଯୁକ୍ତ ସମର୍ଥନ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ "ସେମିତିରେ ଏମିତିର ସମର୍ଥନ ଏବଂ ସମ୍ପର୍କର ଦେଶ ଭକ୍ତିଟି ସାଧାରଣ ହିତ ସାଧନ ଶାନ୍ତି ଲକ୍ଷଣ । ମୁଁ ସ୍ୱରାଜ୍ୟ ଠାରୁ ଦେଖିବାକୁ ଚାହେଁ ପ୍ରାଣ ଅମର ସାହିତ୍ୟ ଧର୍ମ ସାହିତ୍ୟର ନ ହେଲେ ଆମେମାନେ ସୁନ୍ଦର ଅଧ୍ୟାୟ ଯୋଗ୍ୟ ହେବୁ ନାହିଁ ।" (୩୧) ଗୌରୀଶଙ୍କରଙ୍କ ସମସ୍ତ ଜୀବନର ସାହିତ୍ୟ ଚର୍ଚ୍ଚା ଏହି ଦୃଷ୍ଟି ଭଙ୍ଗୀର ପ୍ରତିଫଳନ । ଫଳରେ ସାହିତ୍ୟର ମୂଲ୍ୟ ବିଚାର କଲାବେଳେ ଗୌରୀଶଙ୍କର ଜାତୀୟତାବାଦ ଦ୍ୱାରା ପ୍ରଭାବିତ । ବସ୍ତୁତଃ ତାଙ୍କର ଓଡ଼ିଆ ସାହିତ୍ୟ ଅଭିଜ୍ଞତା ଓଡ଼ିଆ ଜାତୀୟତାର ପରିଚାୟ ।

ବେନେଡିକ୍ଟ ଆଣ୍ଡରସନ ତାଙ୍କର Imagined Communities : On the Origin and Spread of Nationalism ପୁସ୍ତକରେ ଦେଖାଇଛନ୍ତି, ଜାତି ବା ଦେଶ ନାମରେ କୌଣସି ଅପରିବର୍ତ୍ତନୀୟ ଓ ସ୍ୱାଭାବିକ ସତ୍ତା ନାହିଁ । ପ୍ରତ୍ୟେକ ଦେଶ ବା ଜାତି ମାନବର କଳ୍ପନା ଦ୍ୱାରା ଗଠିତ ଓ ନିର୍ମିତ ସତ୍ତା । ଜାତୀୟତାବାଦ ତାହାର ଆତ୍ମ-ସଚେତନତାର କାରଣ ନୁହେଁ; ଏହା ସ୍ୱାଭାବିକ ଜାତି ସତ୍ତାକୁ ଉଦ୍ଭାବନ ଓ କଳ୍ପନା କରେ । (୩୬) ଊନବିଂଶ ଶତାବ୍ଦୀରେ ଓଡ଼ିଆ ସାଂସ୍କୃତିକ ଭୂମି ତାହାର ଭିତ୍ତି ରୂପେ ଗୃହୀତ ହୋଇଥାଏ । ଏହି ସ୍ୱତନ୍ତ୍ର, ଉଦ୍ଭାବନ ଓ କଳ୍ପନାରେ ସଂଯୁକ୍ତ ଭୂମିଖଣ୍ଡର ବା ସାମାଜିକ-ଗୋଷ୍ଠୀର ବୁଦ୍ଧିଜୀବୀମାନେ ହିଁ ପ୍ରମୁଖ ଭୂମିକା ନେଇଥାନ୍ତି । ଊନବିଂଶ ଶତକର ଶେଷ ଦଶକରେ ଏହିପରି ଏକ ବୁଦ୍ଧିଜୀବୀ ସମ୍ପ୍ରଦାୟର ଅଭ୍ୟୁଦୟ ହୋଇଥିଲା—ଯେଉଁମାନେ ଓଡ଼ିଆ ଜାତୀୟତାବାଦର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ମଧୁସୂଦନ ଦାସ, ଗୌରୀଶଙ୍କର, ଦାମୋଦର ପ୍ରସାଦ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ ଓ ଫକୀର ମୋହନ ସେନାପତି ଥିଲେ ଏହି ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଅଗ୍ରଣୀ । ଏମାନଙ୍କ ଭିତରେ ଗୌରୀଶଙ୍କର ହିଁ 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆ-ଜାତି ଗଠନରେ ସର୍ବାଧିକ ବଡ଼ ଭୂମିକା ନେଇଥିଲେ । ଜାତୀୟତାବାଦର ବେଳାରେ ଧର୍ମନିରପେକ୍ଷ ଉପନିବେଶ-ବିରୋଧୀ ସାଂସ୍କୃତିକ ପୁନର୍ଜାଗରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ଓଡ଼ିଆମାନଙ୍କୁ ଏକ ଜାତି ରୂପେ ସଙ୍ଗଠିତ କରିବା ପାଇଁ ଗୌରୀଶଙ୍କର ସଚେତନ ଭାବେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଭିତ୍ତି ରୂପେ ଗ୍ରହଣ କରିଥିଲେ । ୧୮୬୬ ମସିହାରୁ ସେ ଓଡ଼ିଆ ଜାତୀୟ ଚେତନାର ଅଭ୍ୟୁଦୟ-ପ୍ରକ୍ରିୟାର ସହିତ ଯୁକ୍ତ ରହିଥିଲେ । ବିଶିଷ୍ଟ ଚିନ୍ତାନାୟକ ଆନ୍ତୋନିଓ ଗ୍ରାମସି ଅନ୍ୟ ଏକ ପ୍ରସଙ୍ଗରେ ତାଙ୍କର Prison

Notebooksରେ ଲେଖିଛନ୍ତି : ସମାଜର ସାଧାରଣ ମଣିଷ ନିଜ ଜୀବନ ଓ ସଂସ୍କୃତିକୁ ଅନୁଭବ କରିପାରନ୍ତି କିନ୍ତୁ ବୁଝି ବା ଜାଣି ପାରନ୍ତି ନାହିଁ, ଅଥଚ ବୁଦ୍ଧିଜୀବୀ ମାନେ ତାହାକୁ ଜାଣନ୍ତି କିନ୍ତୁ ସ୍ୱାଭାବିକ ବୁଝନ୍ତି ନାହିଁ ଓ କେବେ ବି ଅନୁଭବ କରି ପାରନ୍ତି ନାହିଁ ।"(୩୩) ଫଳରେ ଜାତୀୟ ସଂସ୍କୃତି ବହୁ ଜନସାଧାରଣଙ୍କ ଉପରେ କୌଣସି ଅର୍ଦ୍ଧ-କଳ୍ପିତ ସଂସ୍କୃତି ଲଦିଦେଲେ ସେମାନେ ବୁଝି ବା ଜାଣି ପାରନ୍ତି ନାହିଁ ଆଉ ତାକୁ ଅନୁଭବ କରୁ ନଥିବାରୁ ଲଦିଥିବା ବୁଦ୍ଧିଜୀବୀ ମାନେ ପ୍ରକୃତ ସଂସ୍କୃତିର ଅବସାନରେ ଦୁଃଖ ପ୍ରକାଶ କରନ୍ତି ନାହିଁ । ବଙ୍ଗଳା ଓ ଓଡ଼ିଶାରେ ଜାତିର ଧର୍ମ ଆନ୍ଦୋଳନ ଉଭୟ ଅଂଶରେ ଜନସାଧାରଣଙ୍କ ମନରେ ବିଦ୍ୱେଷ ଭାବ ସୃଷ୍ଟି କରିଥିଲେ ହେଁ ବୁଦ୍ଧି-ଜୀବୀମାନଙ୍କ ଭିତରେ ପାରସ୍ପରିକ ବିଦ୍ୱେଷ ବଢ଼ିଲା, କାରଣ ସ୍ୱାର୍ଥ-ବୁଦ୍ଧି ଥିଲା । ଜାତୀୟତାବାଦର ଉନ୍ମେଷ ପାଇଁ ସେମାନେ ଯେତେବେଳେ ସଂସ୍କୃତିକୁ ଏକ ମାଧ୍ୟମ ରୂପରେ ଗ୍ରହଣ କରନ୍ତି, ସେତେବେଳେ ହେଉ ସଂସ୍କୃତିର ଗ୍ରାମ୍ୟ ଜୀବନକୁ ଅନୁଭବ ନ କରି ତା'ର ପ୍ରଚାର ଓ ପ୍ରସାର ପାଇଁ ଲାଗି ପଡ଼ିଥାନ୍ତି । ସଂସ୍କୃତିର ବାହ୍ୟ ରୂପଟି ହିଁ ସେମାନଙ୍କ ଜୀବନ-ଦୃଷ୍ଟିରେ ଧରା ପଡ଼ିଛି । ଗୋପୀନାଥଙ୍କର ସେଥିପାଇଁ ଓଡ଼ିଆ ସଂସ୍କୃତିକୁ ଅନୁଭବ କରି ନ ଥିବାରୁ ଓ ବୁଝିବାକୁ ଚେଷ୍ଟା କରି ନ ଥିବାରୁ ଉପବର୍ଣ୍ଣିତ ସାଂସ୍କୃତିକ-ପ୍ରକାଶକୁ—ଓଡ଼ିଆ ଭାଷା ସାହିତ୍ୟକୁ—ଓଡ଼ିଆ ସଂସ୍କୃତିର ପରମପଦ ଓ ପ୍ରାଣଶକ୍ତି ରୂପେ ଗ୍ରହଣ କରିଛନ୍ତି । ଉତ୍କଳ ପ୍ରୀତିଭାବ ପ୍ରଥମ କଥାକୁ ହିଁ ଓଡ଼ିଆ ସ୍ୱାଭିମାନ ଓ ବୁଦ୍ଧିମତ୍ତାର ପ୍ରତୀକ ସ୍ୱରୂପ ଉପେନ୍ଦ୍ର ଭଞ୍ଜଙ୍କ ପ୍ରସଙ୍ଗ ଆସିଛି । 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ' ଏଭଳି ଅଭିଯୋଗର ଉତ୍ତର ଦେବାକୁ ଯାଇ ଓଡ଼ିଆ ଜାତୀୟତାବାଦକୁ କେବଳ ଏକ ଭାବାଦର୍ଶିକତାର ideological) ଉଠେଇ ଦିଆଯାଇ ନାହିଁ, ସେଥିପାଇଁ ଉଦାହରଣ ରୂପରେ ଓଡ଼ିଆ ସାହିତ୍ୟକୁ, ବିଶେଷତଃ ଭଞ୍ଜ ପ୍ରମୁଖଙ୍କ କାବ୍ୟଧାରାକୁ, ମୁଖ୍ୟ ସ୍ଥାନ ଦିଆ ଯାଇଛି । ଓଡ଼ିଆ ଜାତି ଅତୀତରେ ଉନ୍ନତ ଥିଲା, ତାହାର ପ୍ରମାଣ ଓଡ଼ିଆର କାବ୍ୟକୃତି ! ସାଂପ୍ରତିକ କାଳରେ ଏହି ଦୃଷ୍ଟିଶୋଷଣତାର ଅଭାବ ଓ ଅନ୍ୟାନ୍ୟ ସହଯୋଗୀ କାରଣ ପାଇଁ ଓଡ଼ିଆ ଜାତିର ଅସ୍ତିତ୍ୱ ବିପନ୍ନ ହୋଇଛି । ଏଠାରେ ଓଡ଼ିଆ ଜାତୀୟତାର ବିକାଶ ପାଇଁ ତାହାର କଳ୍ପିତ ଦୋଷ ସବୁକୁ ଅନ୍ୟ ମୁଣ୍ଡରେ ଲଦି ଦିଆଯାଇଛି ଓ ଅତୀତ, ମଧ୍ୟର ସ୍ୱପ୍ନକୁ ଆଧାର କରି ପୁନଃ-ନିର୍ମାଣ ହୋଇଛି । ବଙ୍ଗଳା ଜାତୀୟତାର ପ୍ରତିପକ୍ଷରେ ଓ ତା' ସହ ପ୍ରତିଦ୍ୱନ୍ଦ୍ୱିତା କରି ଓଡ଼ିଆ ଜାତୀୟତାର ବିକାଶ । ଏହି ପ୍ରତିଦ୍ୱନ୍ଦ୍ୱିତା ଏକ ଐତିହାସିକ ଆବଶ୍ୟକତା ହୋଇଥିବାରୁ ଓଡ଼ିଆ ସାହିତ୍ୟ ସହ ବଙ୍ଗଳା ସାହିତ୍ୟର ଏକ ତୁଳନାତ୍ମକ ବିଶ୍ଳେଷଣ ଓ ବିଚାର ସଂକ୍ଷିପ୍ତ ରୂପରେଖ ଉପସ୍ଥାପିତ : "... ଏହି ବଙ୍ଗାଳି ସମାଜ ଉନ୍ନତ ଜାତିରେ ବି ପର୍ଯ୍ୟନ୍ତ ନାହିଁ ପହଞ୍ଚି ପାରିଅଛି । ତଥାପି ଉତ୍କଳୀୟ ଲୋକମାନେ ଯେ ସକଳ କାବ୍ୟଗ୍ରନ୍ଥ ରଚନା କରି ଯାଇଅଛନ୍ତି ତାହାର ସହିତ ତୁଳନା ହେବାପାଇଁ ଆଜି ପର୍ଯ୍ୟନ୍ତ ଗୋଟିଏ ମାତ୍ର କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇନାହିଁ । ଏକଥା ସତ୍ୟ ଅଟେ ଯେ ନବ ସାହିତ୍ୟ ବା ଗଣିତ ବା ଭୂଗୋଳ କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଙ୍ଗଳାରେ ବହୁ ଗ୍ରନ୍ଥ ପ୍ରକାଶ ହୋଇଅଛି ମାତ୍ର ଏହି ସକଳ ପୁସ୍ତକ

ଅନୁବାଦକ ଅପଟୁକ, ସ୍ୱାଧୀନ ପୁସ୍ତକ କେତେ ଖଣ୍ଡ ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳୀମାନେ ବିଦ୍ୟାସୁନ୍ଦରକୁ ସୁପ୍ରସିଦ୍ଧ ପୁସ୍ତକ ବୋଲି କହନ୍ତି ଓ ଏହି ଗ୍ରନ୍ଥ ରଚନା କରି ୰ ଭାରତ ଚନ୍ଦ୍ର ସମସ୍ତ ବଙ୍ଗଳା ଦେଶରେ ବିଖ୍ୟାତ ହୋଇଅଛନ୍ତି ।

ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରେ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଅଛନ୍ତି ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟା-ସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ମାଧୁର୍ଯ୍ୟ କି ସ୍ୱଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତ ଚନ୍ଦ୍ରଙ୍କ ଠାରୁ ଅଧିକ ପରାକାଷ୍ଠା ଲାଭ କରିଅଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଅଜ୍ଞ କି ପଣ୍ଡିତ ଶ୍ରୋତାମଣ୍ଡଳୀରେ ସମାଦୃତ ହେଉଅଛି । ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଅତ୍ୟନ୍ତ ଗର୍ହିତ ଅଶ୍ଳୀଳ ଭାବାଶ୍ରିତ ବୋଲି ଯେ ଯାହା କହନ୍ତୁ ସେଥିରେ ଆମ୍ଭର କହିବା ନାହିଁ । ମାତ୍ର ରସକଲ୍ଲୋଳ ଯେ ସର୍ବ ବିଷୟରେ ବିଦ୍ୟାସୁନ୍ଦର ଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ ।

ଏହି ଭାବର ଦୃଢତା କାରଣ ପ୍ରମାଣ ଦର୍ଶାଇବା ବାହୁଲ୍ୟ ମାତ୍ର । ଯେ ଉଭୟ ଭାଷା ଏବଂ ଗ୍ରନ୍ଥଦ୍ୱୟ ପାଠ କରିଅଛନ୍ତି ସେହି ଏହି ଗ୍ରନ୍ଥଦ୍ୱୟର ଉତ୍କର୍ଷାପ-କର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କ ପରି ଆହୁରି ମଧ୍ୟ ଅନେକ କବି ଅନେକ ଛନ୍ଦରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି । ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଓଡ଼ିଶାର କବି କୁଳ କେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରନ୍ତି ମାତ୍ର ଇଦାନୀଂ ମୁଦ୍ରାଙ୍କିତ ହୋଇ ରହିଛି ୨୦/୨୫ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ ।

କି ଅଳଙ୍କାର କି ବିଷୟ କି ଗୁଣରସ କି ଶବ୍ଦଚାତୁରୀ ସକଳ ବିଷୟ ରଚନାରେ ଉପେନ୍ଦ୍ର ଭଞ୍ଜ ଅଦ୍ୱିତୀୟ କବିତ୍ୱ ଶକ୍ତି ପ୍ରକାଶ କରିଯାଇ ଅଛନ୍ତି । ବିଶେଷରେ ଯମକ ଓ ଶ୍ଳେଷ ପଦ ରଚନାରେ ଯେପରି ନିପୁଣତା ଦେଖାଇ ଅଛନ୍ତି । ଆମ୍ଭେ ସାହସ କରି କହିପାରୁଁ ଯେ ସଂସ୍କୃତ ଭିନ୍ନ ଅପର କୌଣସି ଏମନ୍ତ ପୃଥିବୀର ଭାଷାରେ ନାହାନ୍ତି ଯେ ତାହାଙ୍କ ସହିତ ତୁଳନା ହୋଇ ପାରେ, ଉପେନ୍ଦ୍ର ଭଞ୍ଜ କୃତ ବୈଦେହୀଶ ବିଳାସରେ ସମ ସ୍ୱରରେ ପ୍ରତି ଅକ୍ଷରରେ ସମ ସ୍ୱର ଯୋଗାଇ ପ୍ରବୋଧ ଚନ୍ଦ୍ରିକାର ଆଶ୍ରମ ବର୍ଣ୍ଣନ ଅଧ୍ୟାୟର ପ୍ରତ୍ୟେକରେ ଲକ୍ଷଣୋଦ୍ଦେଶ ଋଷିମାନଙ୍କ ସହିତ ଯାହା ଏହି ସକଳ ସ୍ଥାନ ପାଠ ସମୟରେ ଭଞ୍ଜଙ୍କୁ ପ୍ରକୃତ ମନୁଷ୍ୟ ବୋଲି ସ୍ୱୀକାର କରିବାକୁ ସନ୍ଦେହ ବୋଧହୁଏ ।

ହାୟ ! ଏହି ସକଳ ଗ୍ରନ୍ଥର ଏପରି ଦୁର୍ଦଶା ଦେଖି ହୃଦୟ ଏକାବେଳକେ ବିଦୀର୍ଣ୍ଣ ହୋଇଯାଏ । ହାୟ ଏମନ୍ତ କି ସମୟ ଆମ୍ଭେମାନେ ଦେଖିବାକୁ ପାଇବୁ ଯେ ଏହି ସକଳ ଗ୍ରନ୍ଥର ଯଥାର୍ଥ ମର୍ଯ୍ୟାଦା ରକ୍ଷା ହୋଇଅଛି ।

ସଭ୍ୟତା ଶିକ୍ଷା ଓ ପ୍ରେମ ସ୍ୱଜାତିର ପତନ ଇଂଲଣ୍ଡର ଉନ୍ନତି ଓ ଭାରତର

ଅଧୋଗତିର ଦେଖିଲେ ସ୍ପଷ୍ଟରୂପେ ହୁଏ ଯେ ଏହି ଜଗତ ମଣ୍ଡଳରେ କୌଣସି ଯାତ୍ରୀ ନୁହନ୍ତି । କାଳରେ ସକଳ ପରିବର୍ତ୍ତନ ହୋଇଅଛି । ଅଦ୍ୟ ଦେଖ ଯେ କଲିକତା ନଗର କିଛିଦିନ ପୂର୍ବରେ ଜଙ୍ଗଲମୟୀ ଅରଣ୍ୟ ଭାବରେ ଅଳ୍ପ ଓ ଶଶକ ଶୃଗାଳାଦିଙ୍କ କେଳି ଭୂମି ରୂପେ ପରିଣତ ଥିଲା ସେହି କଲିକତା ନଗର ସମସ୍ତ ଭାରତର ରାଜଧାନୀ ହୋଇ ସ୍ୱର୍ଣ୍ଣଚୂଡ଼ ଦେବଗୃହ ଶ୍ରେଣୀ ସୁଳଳିତ ଅସଂଖ୍ୟ ପ୍ରାସାଦ ମଣ୍ଡଳୀ ଦେବମୂର୍ତ୍ତି ସୌଧମାଳା-ରେ ପରିପୂର୍ଣ୍ଣ ହୋଇଅଛି ଏହିପରି କେତେକ ଜନପୂର୍ଣ୍ଣ କୃଷିଶୀଳ ନଗର ଭୂମିସାତ ଓ କେତେକ ଜନଶୂନ୍ୟ ଅରଣ୍ୟ ସମୃଦ୍ଧିଶାଳୀ ନଗର ହୋଇଅଛି । ଏହିପରି ମନୁଷ୍ୟ ଜାତିର ଅବସ୍ଥା ମଧ୍ୟ ପରିବର୍ତ୍ତନଶୀଳ । ଦେଖ ଯେ ଇଂରେଜ ଜାତି ପୂର୍ବରେ ଅସଭ୍ୟ ଅରଣ୍ୟ ବାସୀ ଥିଲେ ସେହି ଇଂରେଜ ଜାତି ବର୍ତ୍ତମାନ ପୃଥିବୀ ବ୍ୟାପୀ ହୋଇ ଅସଂଖ୍ୟ ଦେଶରେ ଆପଣାମାନଙ୍କର ବାହୁବଳ ଓ ଜ୍ଞାନ ବଳରେ ସମାଜ ସ୍ଥାପନ କରି ପତାକା ଉଡାଇ ଅଛନ୍ତି । ଫଳେ ପୃଥିବୀ ମଧ୍ୟରେ ଏମନ୍ତ କଣ ଜାତି ଉପଜାତିର ଅସ୍ତିତ୍ୱ ଅଛିରେ ଇଂଲଣ୍ଡୀୟ ବଣିକ ଭାରତୀ ଭୂମିମାନ ନ ଦେଖିଅଛି କେବଳ ଯେ ଉତ୍କଳୀୟମାନେ ଏକଦା ସ୍ୱୀୟ ବାହୁବଳରେ ଲଙ୍କାରେ ଦ୍ୱୀପ ନଗର ଦକ୍ଷିଣେ କୁମାରୀକା ଅନ୍ତରୀପ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେମାନେ ସମ୍ପ୍ରତି ଦୁର୍ବଳ, ଅଳସ ଓ ଯେଉଁ ଉତ୍କଳୀୟମାନଙ୍କ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ଓ ଜଗନ୍ନାଥ ଦାସ ପ୍ରଭୃତି ମହା ମହା କବି ଜନ୍ମଗ୍ରହଣ କରିଥିଲେ ସେହି ଓଡ଼ିଆମାନେ ସମ୍ପ୍ରତି ଅଜ୍ଞ ଓ ବର୍ବର ହୋଇ ଅପରିଣାମ ଦର୍ଶୀ ବିଦେଶୀୟଙ୍କ ଦ୍ୱାରା ଅଭିହିତ ହେଉଛନ୍ତି ନା । ମାତ୍ର "ଓଡ଼ିଆ-ମାନେ ସ୍ୱଭାବତଃ ନିର୍ବୋଧ" ଏକଥା ଯେମାନେ କହନ୍ତି ସେମାନଙ୍କୁ କଦାପି ଜ୍ଞାନୀ ଓ ଅଦୂରଦର୍ଶୀ ଭିନ୍ନ ଆଉ କି କୁହାଯାଇପାରେ କେବଳ ଓଡ଼ିଆମାନେ ପୃଥିବୀରେ ଏମନ୍ତ ଜାତି ଯାହାକୁ ଯେ ସେ ସେମାନଙ୍କୁ ସ୍ୱଭାବତଃ ଅଜ୍ଞାନ ବୋଲି କୁହାଯାଇ ପାରେ ।" (ଶ୍ରୀ) ପରବର୍ତ୍ତୀ ସ୍ୱକୀୟ ବର୍ଷରେ ଏହିପରି ସମ୍ପାଦକୀୟରେ ପାଠିକା ପୃଷ୍ଠାରେ ଏହି ମତାମତକୁ ପ୍ରତିଧ୍ୱନିତ କରାଯାଇଛି କେବଳ । ଓଡ଼ିଆମାନେ ଯେ ଏକ ଜାତି, ଜଗନ୍ନାଥ ଦାସ ଓ ଉପେନ୍ଦ୍ର ପ୍ରମୁଖ ଜାତିର ଶାସ୍ତ୍ର ଓ ସାହିତ୍ୟ ସଂଚିତ, ପରବର୍ତ୍ତୀ କାଳର ଐତିହ୍ୟ ଆମର ଜାତୀୟତାବାଦୀ ପରିକଳ୍ପନାରେ ଏଭଳି ବକ୍ତବ୍ୟକୁ ଏପର୍ଯ୍ୟନ୍ତ ମଧ୍ୟ ଦୋହରାଇ ଆସିଛୁ । କିନ୍ତୁ ପରବର୍ତ୍ତୀ ଜଣଥିବା ଲେଖମାନେ ଯେ ବସ୍ତୁତଃ ଓଡ଼ିଆ ନଥିଲେ ଓ ଏକ ଜାତିର ମୁଖପାତ୍ର ରୂପରେ ଜଗନ୍ନାଥ ଦାସ ବା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସୃଷ୍ଟି କରିଥିଲେ, ଏକଥା ଆଜି ସ୍ପଷ୍ଟ ଭାବରେ ଏହା ଅନୁଭବ କରୁନାହୁଁ, ବୁଝିବାକୁ ଚେଷ୍ଟା ମଧ୍ୟ କରୁନାହୁଁ । ଯୋଗେଶଙ୍କର ପତ୍ରିକା ମାଧ୍ୟମରେ ଓଡ଼ିଆ ଜାତୀୟତାର ଚିନ୍ତ ଭଲ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ । ପ୍ରଥମ ବର୍ଷର ପତ୍ରିକା ଓ ନବେମ୍ବର ପ୍ରିଣ୍ଟିଂ କମ୍ପାନୀର କ୍ରମଶଃ ବଢ଼ିବା ସ୍ପଷ୍ଟ କରି ଉତ୍କଳ ପତ୍ରିକାର ଦ୍ୱିତୀୟ ବର୍ଷ ଦ୍ୱିତୀୟ ସଂଖ୍ୟାରେ କୁହାଯାଇଛି : "ଉତ୍କଳ ଦେଶର ସୁସନ୍ତାନ ଭଦ୍ରମାନଙ୍କର ଦାନଶୀଳତାପୂର୍ଣ୍ଣ ନାମ ଅନେକମାନଙ୍କ ସହଯୋଗିତା ଏତଦ୍ଦ୍ୱାରା ଦେଶାନ୍ତରରେ ପ୍ରସିଦ୍ଧ ହେବା ଦୃଷ୍ଟିର ଥିଲା । ଏ ବର୍ଷ ତାହା ଅଂଶୀଦାରମାନେ କେତେକ ନୂଆ ଯନ୍ତ୍ରପାତି ହୋଇ ଅଛନ୍ତି ଓ ସେ ରୂପ ସୃଷ୍ଟି ପୂର୍ବରେ କେବଳ ଜଳମଗ୍ନ ଥିଲା ଓ ତଦ୍ଭିନ୍ନ ସମସ୍ତ

ବସ୍ତୁର ଅଭାବ ହେଲେ ସେଥିପାଇଁ ଉତ୍କଳ ସାହିତ୍ୟର ପୁନଃ ସୃଷ୍ଟି କରିବା ପ୍ରଥମେ ପ୍ରେମ-ସୁଧାନିଧିର ପ୍ରକାଶ ହୋଇଅଛି ।” (୮୫)

ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କୁ ଏକ ସାଂସ୍କୃତିକ-ଭାଷାଗୋଷ୍ଠୀ ରୂପରେ ସଂଗଠିତ କରିବାର ଆକାଂକ୍ଷା ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ ପ୍ରାଣରେ ଔପନିବେଶିକ ଶାସନ ଫଳରେ ଜାଗ୍ରତ ଥିଲା । ଏକୁନ୍ନ ଭାଷାଗୋଷ୍ଠୀର ଜାତୀୟ ଅନେକ ମଧ୍ୟବିତ୍ତବର୍ଗ ଆପଣାର ସାଂସ୍କୃତିକ ମତବାଦକୁ ମୁକ୍ତ ଭାବରେ ପ୍ରକାଶ କରିବାକୁ ଅସମର୍ଥ ଥିଲେ । ତା’ସହିତ ଆପଣା ବାଣିଜ୍ୟ ଓ ଦୃଷ୍ଟିକୋଣ ହେତୁ ସେମାନେ ବହୁ ବର୍ଷ ଧରି ଭାଷାଗୋଷ୍ଠୀରେ ବିଭକ୍ତ ଥିଲେ । ନବ କଳିଙ୍ଗ ଓ ଜାଗ୍ରତ ଓଡ଼ିଆ ଜାତୀୟତାବାଦ ସେମାନଙ୍କ ଉଦାର ଦୃଷ୍ଟିର ଫଳଶ୍ରୁତି ହୋଇଥିବାରୁ ବିଭକ୍ତ ରୂପ ନେଇଥିଲା । ଗୌରୀଶଙ୍କରଙ୍କ ପରି ଅନେକ ଲେଖକ ଓ ସାହିତ୍ୟିକ ଜାତି-ଗଠନ ଓ ଜାତିର କଲ୍ୟାଣ-ଚିନ୍ତନର ସର୍ବଶ୍ରେଷ୍ଠ ସାଧନା ବୋଲି ପ୍ରଚେଷ୍ଟା କରିବାକୁ ପ୍ରବୃତ୍ତ ଥିଲେ । କେବଳ ଫକୀରମୋହନ, ମଧୁସୂଦନ ରାଓ, ବୈକୁଣ୍ଠନାଥ ଦେ ଓ ବ୍ରଜନାଥ ଦାସ ପ୍ରମୁଖ ଓଡ଼ିଆ କାବ୍ୟ-ସାହିତ୍ୟକୁ ଓଡ଼ିଆ-ଜାତିର ସାଂସ୍କୃତିକ-ପ୍ରତୀକ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ଥିଲେ । ଏବେବି ଏହି ସଂସ୍କୃତ ସହିତ ମାନସିକ ସ୍ତରରେ ସେମାନଙ୍କର ସାମ୍ନାଜ୍ୟ ନ ଥିଲା । ତା’ ସହିତ, ଅନୁଭବ, ଅବବୋଧ ଓ ଜ୍ଞାନ, ପ୍ରାଚୀନ ସାହିତ୍ୟ ସମ୍ପର୍କରେ ସେମାନଙ୍କର କୌଣସିଟି ନ ଥିଲା । ସାମନ୍ତ-ପରିବେଶ ଓ ମଧ୍ୟଯୁଗର ବିଦ୍ୱତ-ସମାଜର ସୃଷ୍ଟି ହେଲେ ବି ରାଜକୃଷ୍ଣ ଓ ଭକ୍ତ ପ୍ରମୁଖଙ୍କ କାବ୍ୟର ଆବେଦନ ସଂଗ୍ରହ ଓ ବିଦ୍ୱତ-ସମାଜ ମଧ୍ୟରେ ଅଙ୍କୁ ନ ଥିଲା । ଗ୍ରାମ, ସଙ୍ଗୀତ ଓ ଗୋଷ୍ଠୀପୋ ଭାବ ମଧ୍ୟ ଦେଇ ଜନସାଧାରଣଙ୍କୁ ତାହା ସ୍ପର୍ଶ କରିଥିଲା । ଜନସାଧାରଣଙ୍କ ସାହିତ୍ୟ ଓ ସାଂସ୍କୃତିକ-ପ୍ରକାଶ ସ୍ତର ଅନେକ ତଳେ ନୂତନ ବୁର୍ଜୁଆ, ଔପନିବେଶିକ ବୁର୍ଜୁଆଙ୍କ ପ୍ରଭାବରେ, ସାଦୃଶ୍ୟ ଥିଲେ । ଲେଖକମାନଙ୍କର ଚିନ୍ତା ବିନୋଦନର ମାଧ୍ୟମ ପୁସ୍ତକକୁ ଅଶ୍ଳୀଳ, କୁତ୍ସିତ ଓ ଦୂଷିତ ଜନ୍ମ ହରଣାସ୍ତ୍ର ନିର୍ମମ ଭାଷାର ଦ୍ୱାରା ଉପେକ୍ଷା କରିବାର ଚେଷ୍ଟା ଉନବିଂଶ ଶତକର ସାଂସ୍କୃତିକ ଜୀବନକୁ ଦ୍ୱିଧା ବିଭକ୍ତ କରିଥିଲା । (୮୬) ଉପେନ୍ଦ୍ର ଭଞ୍ଜଙ୍କର 'ବୈଦେହୀଶ' ଓ ଅଭିମନ୍ୟୁଙ୍କର 'ବିଦଗ୍ଧ ସମାଲୋଚନା'କୁ ଅଶ୍ଳୀଳ ପୁସ୍ତକ ଭାବେ ସ୍କୁଲମାନଙ୍କରୁ ବର୍ଜିତ କରିବା ପାଇଁ ପ୍ରଧାନାଙ୍କର ପରାମର୍ଶ ଜନ୍ମ, ଶିକ୍ଷା ବୈକୁଣ୍ଠନାଥ ଦେ ଗ୍ରେଟେକ୍ସଙ୍କ ଆଦେଶ ଜାରି କରିଥିଲେ । (୮୭) ଅମର ନୂତନ ମଧୁସୂଦନ ଭଞ୍ଜ ଓ ରାଧାନାଥଙ୍କର ଭାବ-ଆବେଦନ ହେତୁ ତାଙ୍କୁ ପରିତ୍ୟାଗ କରିବାକୁ ଚାହିଁଥିଲେ । ଦ୍ୱିତୀୟତଃ ସୋମନାଥ ସିଂହ ଜଗଦେବ (ଅନୁଗୁଳର ରାଜା) ଓ ଗୋପାଳ କୃଷ୍ଣଙ୍କ ଭଳି ଓଡ଼ିଆ କବିମାନେ ଥିଲେ ତାଙ୍କର ବିରୋଧୀ । ଏଣୁ ରସୁଲକୁଣ୍ଡାର ଭକ୍ତ ଗୁଣବନ୍ତ ଏହା ବିଶେଷ ବିଦ୍ରୋହ ସୃଷ୍ଟି ଘଟିଥିଲା । ସେହି କାଳର ଉପେନ୍ଦ୍ର ଭଞ୍ଜଙ୍କୁ ଓଡ଼ିଆ ଜାତୀୟତାର ପ୍ରତୀକ ସ୍ୱରୂପ ଭାବରେ ଗ୍ରହଣ କରିବାକୁ ସେମାନେ ବାଧ୍ୟ ଥିଲେ । ଫଳସ୍ୱରୂପ, ମଧ୍ୟଯୁଗ ସାହିତ୍ୟକୁ ଏମାନେ ଅସ୍ୱୀକାର କରି ଜାତୀୟ ଚେତନାର ପ୍ରତୀକ ଭାବରେ ପ୍ରଚେଷ୍ଟା

ଦେବାକୁ ସୃଷ୍ଟି ଥିଲେ । ଏହି ଭୁଇଁଫୋଡ଼ ମଧ୍ୟବିତ୍ତ ଗୋଷ୍ଠୀର ମତକୁ ଖଣ୍ଡନ ଓ ଉଦ୍ୟମକୁ ପ୍ରତିହତ କରିବା ପାଇଁ ଗୌରୀଶଙ୍କରଙ୍କୁ ଦୀର୍ଘଦିନ ଧରି ସଂଗ୍ରାମ କରିବାକୁ ହୋଇଛି । ଭାଷା ଆନ୍ଦୋଳନରେ ଏହି ବିବାଦ ଚରମ ରୂପ ଧାରଣ କରି ଶେଷରେ ଭାଷା ଓ ପ୍ରାଚୀନ ସାହିତ୍ୟ ସପକ୍ଷରେ ପରିସମାପ୍ତି ଲାଭ କରିବା ପର୍ଯ୍ୟନ୍ତ ଗୌରୀଶଙ୍କରଙ୍କୁ ବାରମ୍ବାର ସାମ୍ବାଦିକର ନୈର୍ବ୍ୟକ୍ତିକ ଭୂମିକା ପରିତ୍ୟାଗ କରି ସାହିତ୍ୟ-ଚର୍ଚ୍ଚା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ପଡ଼ିବାକୁ ହେବାକୁ ପଡ଼ିଛି । ଏହା ସତ୍ତ୍ୱେ ବ୍ୟକ୍ତିଗତ ବାଦପ୍ରତିବାଦ ଲାଗିନା ଯେ ନାହିଁ, ତାହା ମଧ୍ୟ ନୁହେଁ । ମାସିକ ସାହିତ୍ୟ ପତ୍ର 'ପ୍ରଦୀପ'ର ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ 'ଜାତୀୟ ସାହିତ୍ୟ' ପ୍ରବନ୍ଧର ଆଲୋଚନା କରି ବିରୋଧୀମାନଙ୍କ ଯୁକ୍ତିର ସ୍ୱବିରୋଧୀତା ଓ ଅସାରତା ଦେଖାଇବାକୁ ସେ ଚେଷ୍ଟା କରିଛନ୍ତି : "ଅନ୍ୟ ସ୍ଥାନରେ ଲେଖା ଅଛି 'ଆମ୍ଭମାନଙ୍କ ଜାତୀୟ ସାହିତ୍ୟ କେଡ଼େ ଅନୁନ୍ନତ' ଏବଂ ତହିଁ ପରେ ? ଦେଖାଯାଉଅଛି 'ଆମ୍ଭମାନଙ୍କ ମଧ୍ୟରେ ଜାତୀୟତା ନାହିଁ ଅତଏବ ଜାତୀୟ ସାହିତ୍ୟ ନାହିଁ ।' ଲେଖକେ ଏହାର 'ନୂତନ ଭାବ ପ୍ରବର୍ତ୍ତିତ ଓ ସମ୍ବର୍ଦ୍ଧିତ ହେବା ଜାତୀୟ ସାହିତ୍ୟର ଗୌରବ ଲକ୍ଷଣ ରୂପରେ ନିର୍ଦ୍ଦେଶ କରିଅଛନ୍ତି । ସେ ସ୍ଥଳେ ପ୍ରାଚୀନ ସାହିତ୍ୟରେ ଶୋଚନୀୟତା ଓ ଭକ୍ତି-ପରମ୍ପରତା ପ୍ରଦର୍ଶିତ ହୋଇଅଛି ସେ ସ୍ଥଳେ ତାହାକୁ ଜାତୀୟ ସାହିତ୍ୟ ବୋଲି ନ ଶିବ କାହିଁକି ଆଉ ଯେବେ ଜାତୀୟ ସାହିତ୍ୟ ଅତୀତ ନାହିଁ ତେବେ ତହିଁର ଅନୁନ୍ନତ ଅବସ୍ଥା କି ରୂପେ ସମ୍ଭବ ହୋଇପାରେ । ପ୍ରଥମେ ଜାତୀୟତା ଓ ଜାତୀୟ ସାହିତ୍ୟର ଲକ୍ଷଣ ଦର୍ଶାଇ ଦେଇଥିଲେ ବୋଧହୁଏ ତାହାଙ୍କ ମତ ବୁଝିବାରେ କଷ୍ଟ ହୁଅନ୍ତା ନାହିଁ । ଆମ୍ଭେମାନେ ଦେଖୁଅଛୁଁ ଯେ ଏକ ସମୟରେ ଓଡ଼ିଶାରେ ସାହିତ୍ୟର ଚର୍ଚ୍ଚା । କାଳକ୍ରମେ ଏହି ଓ ନାନା କାରଣରେ ଲୋକେ ଗ୍ରନ୍ଥ ରଚନା ଭୁଲିଯାଇଅଛନ୍ତି । ସେ ସମସ୍ତ ଅତୀତ ଜାତୀୟ ସାହିତ୍ୟ ମଧ୍ୟରେ ପରିଗଣିତ ହୋଇ ନ ପାରେ ଏଥିର ଯୁକ୍ତି ଆମ୍ଭେମାନେ ପାଇ ପାରୁନାହୁଁ ।"(୩୮) କେବଳ ପ୍ରାଚୀନ ସାହିତ୍ୟକୁ ନୁହେଁ, ଆଧୁନିକ ସାହିତ୍ୟକୁ ମଧ୍ୟ ସେ ଜାତୀୟ ସାହିତ୍ୟର ସଂଜ୍ଞା ସାର୍ଥକ ରୂପରେ ଗ୍ରହଣ କରିଛନ୍ତି । ଦେଶପ୍ରେମୋଦ୍ଦୀପକ ପୁଷ୍ପିତ ଭାବ ଓ ନୂତନ ସାହିତ୍ୟ-ରୂପର ସୃଷ୍ଟିକୁ ସେ ସାଦରେ ଅଭିନନ୍ଦନ କରିଥିଲେଛନ୍ତି । ଗୌରୀଶଙ୍କର ଓଡ଼ିଆ ସାହିତ୍ୟର ଆଲୋଚନା, ପ୍ରତ୍ୟାଲୋଚନା ମଧ୍ୟଦେଇ ଓଡ଼ିଆ ଜାତୀୟତା ବୋଧର ପ୍ରତିଷ୍ଠା ଓ ପ୍ରସ୍ଫୁଟିତ କରିଛନ୍ତି ।

## ॥ ଛଅ ॥

ଗୌରୀଶଙ୍କର ଥିଲେ, ଆଧୁନିକ ଭାବରେ, ଓଡ଼ିଆ ଭାଷାରେ, ଓଡ଼ିଆ ସାହିତ୍ୟର ଆଦ୍ୟ ସମୀକ୍ଷକ । ଜାତୀୟ ଚେତନା ଥିଲା ତାଙ୍କ ସାହିତ୍ୟ-ବିଚାରର ପ୍ରେରଣା ଭୂମି । ଓଡ଼ିଆ ଭାଷା, ପ୍ରାଚୀନ ସାହିତ୍ୟ ଓ ଓଡ଼ିଶାର ଇତିହାସ ପ୍ରତି ଐତିହାସିକ ଅନୁସନ୍ଧାନରେ ତାଙ୍କର ସମୀକ୍ଷକ ଦୃଷ୍ଟି ଥିଲା ଅଚ୍ଛିନ୍ନ । ସମକାଳୀନ ସାହିତ୍ୟର ସେ ଚର୍ଚ୍ଚା କରୁଥିଲେ ସାମ୍ବାଦିକର କର୍ତ୍ତବ୍ୟ ବୋଧରୁ, ଗୁଣ ଓ ଦୋଷର ଆଦର୍ଶକୁ ଭିତ୍ତି କରି । ସାହିତ୍ୟ ଓ

ସାହିତ୍ୟିକଙ୍କୁ ପ୍ରବର୍ତ୍ତ କରିଥିଲା। ତାଙ୍କ ଉତ୍କଳ-ସାହିତ୍ୟ ଏବଂ ଏକ ଦୃଷ୍ଟାନ୍ତ ଥିଲା। ଜଗନ୍-ନାଥ ମଲ୍ଲିକ ଆଦି ସମକାଳୀନ ନାଟ୍ୟକାରଙ୍କ ପରିଚୟ ଦେବାକୁ (୩୧), ଏହି କର୍ତ୍ତବ୍ୟ-ବୋଧକୁ ହିଁ ସେ ଦର୍ଶାଇଥିଲେ। ତାଙ୍କ ସାହିତ୍ୟ-ଚିନ୍ତାରେ ସାହିତ୍ୟର ବିଶିଷ୍ଟ ନାଟକ-ମଞ୍ଚ କେତେ ଯେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ନ ଥିଲା। କେବଳ ପ୍ରାଚୀନ ରଚନା ଗୁଡ଼ିକ ସାହିତ୍ୟ ଓ ଅନ୍ୟ କେତୋଟି ଗ୍ରନ୍ଥର ସାହିତ୍ୟିକଙ୍କ, ତାଙ୍କର ଆଲୋଚନାରୁ ଏ ସବୁ କେତେକ ସ୍ପଷ୍ଟ ହୁଏ ନାହିଁ। ପୁଣି ସାହିତ୍ୟ-ପୁସ୍ତକ ଗୁଡ଼ିକର ଆଲୋଚନା କଲାବେଳେ ସେ କତିପୟ ପଦ୍ଧତି ମଧ୍ୟ ଅନୁସରଣ କରିନାହାନ୍ତି। ତାଙ୍କ ଜୀବନ-କାଳରେ ସାହିତ୍ୟର କୌଣସି ଅଭାବ ଏହାର କାରଣ ହୋଇପାରେ। ସମସାମୟିକ ବଙ୍ଗଳା ସାହିତ୍ୟରେ ଈଶ୍ୱର ଚନ୍ଦ୍ର ଗୁପ୍ତ, ରାଜେନ୍ଦ୍ରଲାଲ ମିତ୍ର ଓ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ପ୍ରମୁଖ ସାହିତ୍ୟ-ଆଲୋଚନାର ସୁସ୍ଥ ପରମ୍ପରା ସୃଷ୍ଟି କରିଥିଲେ ଓ ସମକାଳୀନ ବଙ୍ଗଳା ସାମୟିକ ପତ୍ର ଗୁଡ଼ିକରେ ସାହିତ୍ୟ-ବିଚାର ବେଶ ଅଧିକ ବିବର୍ତ୍ତିତ ହୋଇଥିଲା, ତାଙ୍କର ସମକାଳୀନ ଅନ୍ୟ ଓଡ଼ିଆ ବୁଦ୍ଧିଜୀବୀ ଓ ପତ୍ରିକା-ସମ୍ପାଦକଙ୍କ ଭଳି ସେ ସବୁ ସମ୍ପର୍କରେ ଗୌରୀଶଙ୍କର ମଧ୍ୟ ଅବଗତ ଥିଲେ। କିନ୍ତୁ ସମସାମୟିକ ଓଡ଼ିଆ ପତ୍ରିକାର ସମ୍ପାଦକଙ୍କ ତୁଳନାରେ ତାଙ୍କ ପୁସ୍ତକ ସମୀକ୍ଷା ଗୁଡ଼ିକ ଯେ ଅଧିକ ସନ୍ତୁଳିତ ଓ ତାଙ୍କର ସାହିତ୍ୟ-ଦୃଷ୍ଟି ଅଧିକ ସୁସ୍ଥ ଥିଲା — ଏହା ତୁଳନାତ୍ମକ ଦୃଷ୍ଟିରେ ଆଲୋଚନା କଲେ ସ୍ପଷ୍ଟ ହୁଏ। (୩୦) ସାହିତ୍ୟ ତତ୍ତ୍ୱ ସମ୍ପର୍କରେ ଅବଗତ ଥିଲେ, ଆପଣା ଜୀବନ-କାଳରେ ସାହିତ୍ୟ ଚର୍ଚ୍ଚା ପାଇଁ ବିଶେଷ ସ୍ଥାନ ଥିବା ସତ୍ତ୍ୱେ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ-ଚର୍ଚ୍ଚାର ରୀତି କେବଳ ସ୍ଥାପନ କରିପାରି ନାହାନ୍ତି, ତଥା ଊନବିଂଶ ଶେଷ ଦଶକ ବର୍ଷରେ ଓଡ଼ିଆ ସାହିତ୍ୟ ସମାଲୋଚନା କେତେକ ମଧ୍ୟ ଦେଇଛନ୍ତି। ସମଗ୍ର ଭାବରେ ସେଇ କେତେକର ଯଥାର୍ଥ ମୂଲ୍ୟାୟନ ପଡ଼ିନାହିଁ।

## ପାଦଟୀକା :—

୧) ଉତ୍କଳ ଦୀପିକା, ୩।୪୩ (୨୮-୧୦-୧୮୬୭) ପୃ ୩୩୪

୨) ଏହି ୩୧।୨୬ (୨୬-୬-୧୮୯୬) ପୃ ୨୦୬।

୩) ଅଭିଭାଷଣ (ସ ପ୍ରଫେସର ବଂଶୀଧର ମହାନ୍ତି) ପୃଷ୍ଠା-୧୦, କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ, ୧୯୬୮ ଦ୍ୱିତୀୟ ସଂସ୍କରଣ, ଶ୍ରୀଯୁକ୍ତ ମହାନ୍ତି ଗୌରୀଶଙ୍କରଙ୍କ ଜୀବନର ସମୟ ଦେଇଛନ୍ତି '୧୯-୧୨-୧୯୧୭' (ପୃ ୧୫)। ମୃତ୍ୟୁଞ୍ଜୟ ରଥ କିନ୍ତୁ ତାଙ୍କର ସମୟ ଦେଇଛନ୍ତି ୧୬-୧୨-୧୯୧୭ (ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ, ପୃ ୩୫୪)। ଏହି ଉଭୟ ଭିତରୁ ମୃତ୍ୟୁଞ୍ଜୟଙ୍କ ପ୍ରଦତ୍ତ ସମୟ ହିଁ ଠିକ। (ଦ୍ରଷ୍ଟବ୍ୟ, ବାସନ୍ତୀକୁମାରୀ, କଟକର — ଓଡ଼ିଆ ସାହିତ୍ୟରେ ସମୀକ୍ଷା ଓ ସମ୍ପାଦନ, ପୃ ୨୮୦, ଭୁବନେଶ୍ୱର, ୧୯୭୭)।

୪) ଉତ୍କଳ ଦୀପିକା ୧୪।୨୬ (୨୮-୬-୧୮୭୯) ପୃ ୧୦୧।

୫) ଏହି ୧୩।୪ (୨୬-୧-୧୮୭୮) ପୃ ୧୬।

୬) ଏହି ୪।୧୫ (୧୦-୪-୧୮୬୯) ଅତିରିକ୍ତ। ସେପରି ପତ୍ର ବିଭାଗରେ ପ୍ରକାଶିତ ହୋଇଥିବାରୁ ଏହା ଗୌରୀଶଙ୍କରଙ୍କର କି ନା

ମତାମତ ବୁଝିହେଁ ବୋଲି ଯୁକ୍ତି କରାଯାଇପାରେ । ଗୌରୀଶଙ୍କର କେବେ ଛଦ୍ମନାମରେ 'ସ୍ୱାମ୍ମ' ଶିରୋନାମାରେ ଲେଖୁଥିବା ଦୃଷ୍ଟାନ୍ତ ରହିଛି ଓ ସେଥିପାଇଁ ସେ ବସ୍ତୁ-ସ୍ଥଳପୂର୍ବ ସନ୍ନିବେଶିତ ହୋଇଥିବା ଜଣାଶୁଣା କଥା । ଭାଷା ଓ ବକ୍ତବ୍ୟର ସମଧର୍ମିତା ହେତୁ ଏହାକୁ ଗୌରୀଶଙ୍କରଙ୍କର ମତାମତ ବୋଲି ଗ୍ରହଣ କରାଯାଇ-ପାରେ ।

୭) ଏକ୍ସ ୧୪|୩୨ (୧୩-୯-୧୮୭୯) ପୃ ୧୪୨ ।

୮) ଏକ୍ସ ୨୭|୨ (୯-୧-୧୮୯୨) ପୃ ୧୪ । ଏହା ଅବଶ୍ୟ 'ପ୍ରେରିତ ପତ୍ର' ଶିରୋନାମାରେ ଜଣେ ପାଠକର ମତାମତ ରୂପେ ପ୍ରକାଶିତ ।

୯) (i) Long, Rev. J.—Notes and Querries Suggested by a visit to Orissa in January, 1859—Journal of Asiatic Society of Bengal, vol. xxviii, No -3

(ii) ବଙ୍କିମ ରଚନାବଳୀ- ପୃ-୧୦୪-୧୧, ରବି ଚୌଧୁରୀ ଏଣ୍ଡ ସନ୍ସ, କଲିକତା, ୧୯୬୪ ।

୧୦) ସେନଗୁପ୍ତ, ସୁବୋଧଚନ୍ଦ୍ର- ବାଂଲା ସମାଲୋଚନା ପଦ୍ଧତି ପୃ ୫୦-୬୫, ଏ. ମୁଖାର୍ଜି ଏଣ୍ଡ କୋମ୍ପାନୀ ପ୍ରାଇଭେଟ ଲିମିଟେଡ, କଲିକତା, ୧୯୬୦

୧୧) ସାମନ୍ତରାୟ, ନଟବର—ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ପୃ ୪୮୮, ଭୁବନେଶ୍ୱର, ୧୯୮୩ ।

୧୨) ଏକ୍ସ, ପୃ ୪୮୯ ।

୧୩) ଉତ୍କଳ ଦୀପିକା, ୨୯ (୨-୩-୧୮୭୭) ପୃ ୩୫ ।

୧୪) ମହାନ୍ତି, ବଂଶୀଧର—ଅଭ ସମାଲୋଚନା ଓ ସମୀକ୍ଷକ; ସାହିତ୍ୟପଥ (୧୯୮୦) ପୃ ୭, ଓଡ଼ିଆ ସାହିତ୍ୟ ବିଭାଗ, ରେଭେନ୍ସା କଲେଜ, କଟକ,

୧୫) ଉତ୍କଳ ଦୀପିକା ୪|୭ (୧୩-୨-୧୮୭୯) ପୃ-୨୮ ।

୧୬) ସାମନ୍ତରାୟ, ନଟବର—ପୂର୍ବୋକ୍ତ, ପୃ ୫୬୫-୬୭ ।

୧୭) ଉତ୍କଳ ଦୀପିକା ୪|୧୫ (୧୦-୪-୧୮୭୯) ଅନୁଛେଦ । ପ୍ରେରିତ ପତ୍ର ଆକାରରେ ଲିଖିତ ।

୧୮) ଏକ୍ସ ୧୨|୪୩ (୩-୧୧-୧୮୭୭) ପୃ—୧୭୧ ।

୧୯) ଏକ୍ସ ୨୭|୪୦ (୩-୧୦-୧୮୯୧) ପୃ—୩୧୭-୧୭ ।

୨୦) Said, E.W.—The World, The Text and the Critic p. 1-2, faber & faber, London, 1984.

୨୧) ଉତ୍କଳ ଦୀପିକା ୪|୨୦ (୧୫-୫-୧୮୭୯) ପୃ ୭୯ ।

୨୨) ଏକ୍ସ ୧୩|୧୦ (୯-୩-୧୮୭୮) ପୃ ୩୮ ।

୨୩) ଏକ୍ସ ୧୦|୪ (୨୩-୧-୧୮୭୫) ପୃ ୧୩ ।

୨୪) ଏକ୍ସ ୧୦|୫ (୩୦-୧-୧୮୭୫) ପୃ ୧୯ ।

୨୫) ଏକ୍ସ ୧୦|୪୭ (୨୮-୧୧-୧୮୭୫) ପୃ ୧୮୩ ।

୬) ଏଣୁ ୧୧।୪୩ (୨୮-୧୦-୧୮୭୭) ପୃ ୧୬୯ ।

୭) ଏଣୁ ୧୩।୪ (୨୬-୧-୧୮୭୮) ପୃ ୧୪-୧୫ ।

୮) ଏଣୁ ୧୨।୩୯ (୨୯-୯-୧୮୭୭) ପୃ ୧୪୫ ।

୯) ଏଣୁ ୩୦।୪ (୨୬-୧-୧୮୯୫) ପୃ ୨୭-୨୮ ।

୧୦) ଏଣୁ ୨୧।୧୦ (୬-୩-୧୮୮୬) ପୃ ୭୭ ।

୧୧) ପୂର୍ବୋକ୍ତ—ପୃ ୧୨ ।

୧୨) Anderson, Benedict - Imagined Communities : Reflections on the Origin and Spread of Nationalism, P. 15, Verso, London, 1983.

୧୩) Gramsci, Antonio—Selections - from Prison Note-books (edited & translated by Q. Hoare and G. N. Smith) P. 418, Lawrence and Wishart, London, 1971

୧୪) ଉତ୍କଳ ଦୀପିକା ୧।୫ (୧-୯-୧୮୭୭) ପୃ ୧୯ ଓ ୧।୧୨ (୨୦-୧୦-୧୮୭୭) ପୃ ୪୬-୪୭ ।

୧୫) ଏଣୁ ୨।୨ (୧୨-୧-୧୮୭୭) ଅନୁଷ୍ଠ ।

୧୬) Banerjee, S.—Bogey of the Bawdy—Economic and Political Weekly, vol. XXII no. 29 p. 1204 5, July 18, 1987.

୧୭) ଉତ୍କଳ ଦୀପିକା ୨୦।୩୦ (୨୫-୭-୧୮୮୫) ପୃ ୨୩୪ ।

୧୮) ଏଣୁ ୨୦।୯ (୧-୩-୧୮୮୫) ପୃ ୬୬ ।

୧୯) ଏଣୁ ୭।୩ (୨୧-୧-୧୮୭୧) ପୃ ୧୦-୧୧ ।

୨୦) ଦେବବ୍ରତ —ପଦ୍ମାଳୀ ; ଔପନିବେଶିକ ଓଡ଼ିଶା: ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ (ସ ଶ୍ରୀଚରଣ ମହାନ୍ତି) ପୃ ୮-୧୦; ପ୍ରଥମ ଉତ୍କଳ ସଂଘ, ଭୁବନେଶ୍ୱର, ୧୯୮୯ ।

# ଊନବିଂଶ ଶତକର ପୁସ୍ତକ ପ୍ରକାଶନ ଓ ଗୌରୀଶଙ୍କର

● ଡ. ଜାନକୀ ବଲ୍ଲଭ ମହାନ୍ତି (ଭଦ୍ରକ)

ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ସହ ଓଡ଼ିଶାରେ ପୁନର୍ଜାଗରଣର ଧାରା ଘନିଷ୍ଠ ଭାବେ ଜଡ଼ିତ । ଏହା ପୁନର୍ଜାଗରଣ ପ୍ରବାହକୁ ତ୍ୱରାନ୍ୱିତ କରିଥିଲା । ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ଫଳରେ ଜନସାଧାରଣଙ୍କ ପକ୍ଷେ ସ୍ୱଦେଶର ଅତୀତ ଓ ବର୍ତ୍ତମାନକୁ ତଥା ବହିର୍ଜଗତକୁ ଜାଣିବା ସମ୍ଭବ ହୋଇଥିଲା । ଓଡ଼ିଶାରେ ଶିକ୍ଷା ପ୍ରସାର ତଥା ଖ୍ରୀଷ୍ଟ ଧର୍ମର ପ୍ରଚାର ଲାଗି ଖ୍ରୀଷ୍ଟୀୟ ମିଶନାରୀମାନେ ସର୍ବାଦୌ ଉଦ୍ୟମ କରିଥିଲେ । କଲିକତା ନିକଟବର୍ତ୍ତୀ ଶ୍ରୀରାମପୁର ଥିଲା ପୂର୍ବାଞ୍ଚଳୀୟ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରଧାନ କେନ୍ଦ୍ର । ଏହି ମିଶନାରୀ-ମାନଙ୍କ ଉଦ୍ୟମରେ ହିଁ ଓଡ଼ିଆରେ ସର୍ବାଦୌ (୧୮୦୭) ପୁସ୍ତକ ପ୍ରକାଶ ପାଇଥିଲା ଶ୍ରୀରାମପୁରରୁ ।

୧୮୩୬-୩୭ ମସିହାରେ ମିଶନାରୀମାନଙ୍କ ଉଦ୍ୟମ ଫଳରେ ଓଡ଼ିଶାର ପ୍ରଥମ ମୁଦ୍ରଣ ଯନ୍ତ୍ର 'ମିଶନ ପ୍ରେସ୍' କଟକରେ ସ୍ଥାପିତ ହୋଇଥିଲା । ଏଠାରୁ ମଧ୍ୟ ସେମାନେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକ ଓ ପତ୍ରିକା ପ୍ରକାଶନରେ ବ୍ରତୀ ହୋଇଥିଲେ । ତଥାପି କେତେକ ପାଠ୍ୟ ପୁସ୍ତକ ଓ ଓଡ଼ିଆରେ ଅଭିଧାନ ଓ ଓଡ଼ିଆ ବ୍ୟାକରଣ ପ୍ରଣୟନ କ୍ଷେତ୍ରରେ ମଧ୍ୟ ସେମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ବସ୍ତୁତଃ ବିଗତ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଶାବାସୀଙ୍କ ପକ୍ଷେ ଥିଲା ଏକ ଉଦ୍ୟମହୀନ, ଅବସାଦ ଗ୍ରସ୍ତ ଜଡ଼ତ୍ୱର ସମୟ ।

ମିଶନ୍ ପ୍ରେସ୍ ପ୍ରତିଷ୍ଠାର ପ୍ରାୟ ତିରିଶ ବର୍ଷ ପରେ (୧୮୬୬) ଓଡ଼ିଆମାନଙ୍କ ଉଦ୍ୟମରେ ପ୍ରେସ ପ୍ରତିଷ୍ଠା, ପୁସ୍ତକ ଓ ପତ୍ରିକା ପ୍ରକାଶନର ଶୁଭାରମ୍ଭ ହୋଇଥିଲା । ଗଠିତ ହୋଇଥିଲା କଟକ ପ୍ରିଣ୍ଟିଂ କମ୍ପାନୀ । ଏହି କ୍ଷେତ୍ରରେ ଗୌରୀଶଙ୍କରଙ୍କ ସାଧନା ଓ ସିଦ୍ଧି ଅବିସ୍ମରଣୀୟ । ଗୌରୀଶଙ୍କର ଥିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସଂସ୍କୃତି ଓ କାବ୍ୟ ସଙ୍ଗୀତର ଅନୁରାଗୀ । ଏଣୁ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ପ୍ରଦର୍ଶନ ଉଦ୍ଦେଶ୍ୟରେ ସେ ଓଡ଼ିଆ ସାହିତ୍ୟର ମହାନ କାବ୍ୟ ଗ୍ରନ୍ଥଗୁଡ଼ିକୁ ପୋଥିରୁ ଉଦ୍ଧାର କରି ତାହାକୁ ମୁଦ୍ରଣ କରିବାରେ ମନୋନିବେଶ କରିଥିଲେ । ଏହି କାର୍ଯ୍ୟରେ ତାଙ୍କର ସହାୟକ ଥିଲେ ବନମାଳୀ ସିଂହ ଓ କପିଳେଶ୍ୱର ବିଦ୍ୟାଭୂଷଣ । ସଂକ୍ଷେପରେ କହିଲେ ଗୌରୀଶଙ୍କରଙ୍କ ମୁଦ୍ରଣ ପ୍ରତିଷ୍ଠାନ କଟକ ପ୍ରିଣ୍ଟିଂ କମ୍ପାନୀ ଥିଲା ଏକ ଅଗ୍ରଗାମୀ ଅନୁଷ୍ଠାନ । 'ଉତ୍କଳ ଦୀପିକା' ସାପ୍ତାହିକ ପତ୍ରିକା ପ୍ରକାଶନ ବ୍ୟତୀତ ଏହି ମୁଦ୍ରଣାଳୟରେ ଅନ୍ୟ ଲେଖକଙ୍କ ରଚିତ ଅଥବା ସଙ୍କଳିତ ପୁସ୍ତକ ମଧ୍ୟ ମୁଦ୍ରିତ ହେଉଥିଲା ।

କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରଥମ ମୁଦ୍ରଣ କାର୍ଯ୍ୟ ୧୮୬୬ ମସିହାରୁ ଆରମ୍ଭ ହୋଇଥିବା ଜଣାଯାଏ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, ଜଗନ୍ନାଥ ଦାସଙ୍କ ଭାଗବତ, ସାମନ୍ତ ଚନ୍ଦ୍ରଶେଖରଙ୍କ ପାଞ୍ଜି ପ୍ରଭୃତି ମୁଦ୍ରିତ ହେବାରୁ ଜନସାଧାରଣଙ୍କ ପକ୍ଷେ ପୋଥି ଅପେକ୍ଷା ଏହି ଗ୍ରନ୍ଥ ସମ୍ପୂର୍ଣ୍ଣ ସହଜଲଭ୍ୟ ହୋଇ ପାରିଲା । କଟକ ପ୍ରିଣ୍ଟିଂ କମ୍ପାନୀ ମଧ୍ୟ ବେଶ୍ ଲାଭବାନ ହୋଇ ପାରିଥିଲା । ଏହି ପ୍ରେସ କମ୍ପାନୀର ସଫଳତାରେ ଅନୁପ୍ରାଣିତ ହୋଇ କଟକ, ବାଲେଶ୍ୱର, ପୁରୀ, ମୟୂରଭଞ୍ଜ, ବାମଣ୍ଡା ପ୍ରଭୃତି ସ୍ଥାନରେ ମଧ୍ୟ ମୁଦ୍ରଣ ଯନ୍ତ୍ର ସ୍ଥାପିତ ହୋଇଥିଲା । ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧି ମଧ୍ୟରେ ଏହିପରି ଯେଉଁ ସବୁ ମୁଦ୍ରଣ ଅନୁଷ୍ଠାନ ଓଡ଼ିଶାର ବିଭିନ୍ନାଞ୍ଚଳରେ ସ୍ଥାପିତ ହୋଇଥିଲା ସେମାନଙ୍କ ମଧ୍ୟରୁ ଫକୀର ମୋହନଙ୍କ ଦ୍ୱାରା ବାଲେଶ୍ୱରରେ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ (୧୮୬୮), ବୈକୁଣ୍ଠ ନାଥ ଦେଙ୍କ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ ପ୍ରେସ୍, (୧୮୭୩) କଟକର ପେଟ୍ରିଅଟ ପ୍ରେସ (୧୮୭୩), ମୟୂରଭଞ୍ଜ ପ୍ରେସ (୧୮୭୯), ବାଲେଶ୍ୱରର ଦାସ ପ୍ରେସ, (୧୮୮୨), ବାମଣ୍ଡାର ଜଗନ୍ନାଥ ବଲ୍ଲଭ ପ୍ରେସ (୧୮୮୪), କଟକର ଭିକ୍ଟୋରିଆ ପ୍ରେସ (୧୮୮୪), ବାମଣ୍ଡାର ସୁଦଳ ପ୍ରେସ (୧୮୮୬), କଟକର ଅରୁଣୋଦୟ ପ୍ରେସ (୧୮୯୩), ସତ୍ୟ ପ୍ରେସ (୧୮୯୮), ଦର୍ପଣରଞ୍ଜନ ପ୍ରେସ (୧୮୯୬) ଓ ଉତ୍କଳ ସାହିତ୍ୟ ପ୍ରେସ (୧୮୯୬)ର ନାମ ଉଲ୍ଲେଖଯୋଗ୍ୟ । ଏହି ସବୁ ମୁଦ୍ରଣାଳୟରୁ କେତେକ ପୁସ୍ତକ ପ୍ରକାଶିତ ହୋଇଥିଲେ ହେଁ ଏହି ଅନୁଷ୍ଠାନ ମଧ୍ୟରୁ କୌଣସିଟି ଦୀର୍ଘସ୍ଥାୟୀ ହୋଇ ପାରି ନ ଥିଲେ ଅଥବା କଟକ ପ୍ରିଣ୍ଟିଂ କମ୍ପାନୀ ସହ ପ୍ରତିଦ୍ୱନ୍ଦ୍ୱୀ ହୋଇପାରି ନ ଥିଲେ ।

ଗୌରୀଶଙ୍କର କମ୍ପାନୀର ପୁସ୍ତକ ମୁଦ୍ରଣ କାର୍ଯ୍ୟ ୧୯୧୮ ପର୍ଯ୍ୟନ୍ତ ଅବ୍ୟାହତ ରହିଥିବା ଜଣାଯାଏ । କ୍ରମେ ଏହି କ୍ଷେତ୍ରରେ ଶିଥିଳତା ଦେଖା ଦେଇଥିଲା ଓ କାଳକ୍ରମେ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ମାତ୍ର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଚାରର ସୁବିଧା ନିମନ୍ତେ ହିଁ ପ୍ରିଣ୍ଟିଂ କମ୍ପାନୀ ମୁଖ୍ୟତଃ ପ୍ରତିଷ୍ଠା କରାଯାଇଥିଲା । ଏ ସମ୍ପର୍କରେ ଗୌରୀଶଙ୍କର ସ୍ୱୀକାରୋକ୍ତି ପ୍ରଣିଧାନ ଯୋଗ୍ୟ (୧) । "ସେତେବେଳେ କଟେଇଥିବା ବନ୍ଧୁଙ୍କ ଠାରୁ ବୈଦେହୀଶ ବିଳାସ ପୁସ୍ତକର ଦୁଇ ଏକ ପଦ ଅର୍ଥ ସହିତ ଶୁଣି ସେ ବହିକୁ ମନ ଧାଇଁଲା ଏବଂ ସେତେବେଳେ ଜଣ ଅତି ପ୍ରିୟବନ୍ଧୁ ଯଥା ସ୍ୱର୍ଗୀୟ ବନମାଳୀ ସିଂହ, ରାଧାମୋହନ ପଟ୍ଟନାୟକ, ଜଗମୋହନ ଲାଲ, ଶ୍ୟାମମୋହନ ସେନ ଆଦି ମିଶି ନିତ୍ୟ ସନ୍ଧ୍ୟାବେଳେ ଅନ୍ତତଃ ଏକ ଘଣ୍ଟା ପ୍ରେମ ସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠ କରୁ । ଉତ୍କଳ ସାହିତ୍ୟର ସ୍ୱାଦ ପାଇଲୁ ଏବଂ ସେହି ସବୁ ପୁସ୍ତକର ସୁବିଧା ନିମନ୍ତେ ଛାପାଖାନାର ଅଭାବ ବିଶେଷ ରୂପେ ଅନୁଭୂତ ହେଲା । ଅଳ୍ପ ଦିନ ପରେ ଈଶ୍ୱରଙ୍କ ଅପାର ମଙ୍ଗଳ ବିଧାନରେ କଟକ ପ୍ରିଣ୍ଟିଂ କୋମ୍ପାନୀ ମୁଦ୍ରାଯନ୍ତ୍ରାଳୟ ଏ ନଗରରେ ପ୍ରତିଷ୍ଠିତ ହେଲା । ସେହିଦିନଠାରୁ ଉତ୍କଳ ସାହିତ୍ୟାନୁରାଗୀ ବନ୍ଧୁଗଣଙ୍କ ପରିଶ୍ରମ ଓ ଯତ୍ନ ଦ୍ୱାରା ପ୍ରାଚୀନ ଉତ୍କଳ ପୁସ୍ତକମାନ କ୍ରମେ ଯେପରି

୧) ଉତ୍କଳ ସାହିତ୍ୟ ସମାଜର ୧୪ଶ ବାର୍ଷିକ ଉତ୍ସବ ଉପଲକ୍ଷେ (୧୯୧୬) ପ୍ରଦତ୍ତ ।

ପ୍ରକାଶିତ ହୋଇଅଛି, ତାହା ଅନେକଙ୍କୁ ଜଣାଅଛି । × × × ଏକକାଳୀନ ଧରଣର ମୁଦ୍ରାଙ୍କିତ ପୁସ୍ତକ ଅପେକ୍ଷା ସେ ସମସ୍ତର (ପ୍ରାଚୀନ ସାହିତ୍ୟର) ଅଧିକ ଜନପ୍ରିୟ ତାହା ପ୍ରତ୍ୟକ୍ଷ ଦେଖାଇ ଦେଉଅଛି ।"

ଗୌରୀଶଙ୍କରଙ୍କ ଅବସରକାଳୀନ ପ୍ରିଣ୍ଟିଂ କମ୍ପାନୀ ସଂଲଗ୍ନ ପୁସ୍ତକ ଦୋକାନ ସମ୍ପର୍କରେ ଏହି ଅଭିମତ ଦେଇ ଲେଖିଥିଲେ—"ଏହି ସମୟରେ ଛାପାଖାନାର ମୁଦ୍ରିତ ପୁସ୍ତକ ସଂଖ୍ୟା ବୃଦ୍ଧି ଲାଭ କରିବାରୁ ତାହାବାହାର ସୁବିଧା ନିମନ୍ତେ ଏଥି ସଂଲଗ୍ନ ହୋଇ ଏକ ପୁସ୍ତକ ଦୋକାନ ଫିଟିଲା । ଦୋକାନ ଫିଟାଇବା କୋମ୍ପାନୀଙ୍କ ଉଦ୍ଦେଶ୍ୟ ନ ଥିଲେ ହେଁ ଗୌରୀଶଙ୍କରଙ୍କ ଜରୁରୀର ଯତ୍ନ ଫଳରେ ସେହି ଦୋକାନ ଦ୍ୱାରା କମ୍ପାନୀ ଯଥେଷ୍ଟ ଲାଭବାନ ହୋଇଥିଲେ । × × × ଖ୍ରୀ ୧୯୧୫ରେ ତାଙ୍କର ଏହି ଛାପାଖାନା ସମ୍ପର୍କ ପରିତ୍ୟାଗ କରିବା ପର୍ଯ୍ୟନ୍ତ କଟକର ସମସ୍ତ ପୁସ୍ତକ ଦୋକାନ ମଧ୍ୟରେ ଏହି ଦୋକାନ ଶୀର୍ଷସ୍ଥରେ ଅଗ୍ରସ୍ଥାନ ଲାଭ କରିଥିଲା (୨) ।

ଗୌରୀଶଙ୍କରଙ୍କ ପ୍ରାଚୀନ ସାହିତ୍ୟର ମୁଦ୍ରଣ ସମ୍ପର୍କରେ ମତ ବ୍ୟକ୍ତ କରି ଲକ୍ଷ୍ମୀ-ନରେନ୍ଦ୍ର କୁମାର ଲେଖିଛନ୍ତି : "ସଙ୍ଗୀତ ଓ ପ୍ରାଚୀନ ଛନ୍ଦ ଆଦି ଗ୍ରନ୍ଥ ଦେଶୀୟକ ଆଖ୍ୟାନ ହୋଇ ସେ ସବୁ ପୂର୍ବେ ଓଡ଼ିଆ ପୋଥିମାନ ସଂଗ୍ରହ କରି ପଣ୍ଡିତମାନଙ୍କୁ ଲଗାଇ ଶୁଦ୍ଧ ସଂସ୍କରଣମାନ ପ୍ରସ୍ତୁତ କରିବାକୁ ପୁସ୍ତକ ପ୍ରକାଶିତ । କମ୍ପାନୀ ହୋଇଥିଲେ ମଧ୍ୟ ଚଳିଥିଲେ" (୩) । ଫଳତଃ ଉପାଦେୟ, ଗୌରୀଶଙ୍କରଙ୍କ ପ୍ରତିଷ୍ଠିତ 'ଉତ୍କଳ ସାହିତ୍ୟ ଦର୍ପଣ' ଶବ୍ଦ ପ୍ରଚେଷ୍ଟାରେ ପୁସ୍ତକ ପ୍ରକାଶିକା କମ୍ପାନୀ ଓଡ଼ିଆ ଭାଗବତ, ରାମାୟଣ, ଓ ମହାଭାରତ ପ୍ରଭୃତି ମୁଦ୍ରଣ କରି ଯଥେଷ୍ଟ ଲାଭବାନ ହୋଇ ପାରିଥିଲେ ।

ଓଡ଼ିଆ ସାମ୍ବାଦିକତାର ଅଗ୍ରଦୂତ, ଯୋଗଜନ୍ମା ଗୌରୀଶଙ୍କରଙ୍କ ଅକ୍ଲାନ୍ତ ଉଦ୍ୟମ ଫଳରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ବହୁ ଅମୂଲ୍ୟ ଗ୍ରନ୍ଥ ଭାରତୀୟ ଲୋକ ଲୋଚନକୁ ଆସିପାରି ଥିବାରୁ ତାହାଙ୍କ ନିକଟରେ ଓଡ଼ିଶା ଚିରକୃତଜ୍ଞ । ଶତାଧିକ ବର୍ଷ ପରେ ଏଣୁ ଆମେ ତାଙ୍କୁ ପବିତ୍ର ଶ୍ରଦ୍ଧା ଓ କୃତଜ୍ଞତାର ସହିତ ସ୍ମରଣ କରୁଛୁ । ଊନବିଂଶ ଶତାବ୍ଦୀରେ କଟକ ପ୍ରିଣ୍ଟିଂ କମ୍ପାନୀ ପକ୍ଷରୁ ପ୍ରକାଶିତ ପୁସ୍ତକ ମାନଙ୍କର ଏକ କାଳାନୁକ୍ରମିକ ବିବରଣୀ ଏଠା ଦିଆ ଯାଉଛି । ଏହି ବିବରଣୀ ସଙ୍କ-ଳୋଚକ ପୂର୍ଣ୍ଣାଙ୍ଗ ହୋଇ ପାରନାହିଁ । ନମ୍ରତା ସହିତ ଏହା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଆଲୋଚକଙ୍କ ଦ୍ୱାରା ଏହା ପୂର୍ଣ୍ଣାଙ୍ଗ ହେବାର ଆଶା କରୁଛି ।

୧୮୭୨ — ପ୍ରେମ ସୁଧାନିଧି — ଉପେନ୍ଦ୍ର ଭଞ୍ଜ

୧୮୭୭ — ରସପଞ୍ଚକ; ସଂପାଦନା — ବନମାଳୀ ସିଂହଙ୍କ ଶର୍ମା

---

୨) କର୍ମ ଯୋଗୀ ଗୌରୀଶଙ୍କର - ମୃତ୍ୟୁଞ୍ଜୟ ରଥ ପୃ-୨୭ ।

୩) କର୍ମୀ ଗୌରୀଶଙ୍କର-ପୃ ୧୭ ।

ସାମନ୍ତ ଶାନ୍ତି — ଚନ୍ଦ୍ରଶେଖର ସିଂହ

୧୮୬୮ — ଗୋପୀନାଥ ବଲ୍ଲଭ ନାଟକ — ରଘୁନାଥ ପଣ୍ଡା

ଅନନ୍ତ ବ୍ରତ — କପିଳେଶ୍ୱର ବିଦ୍ୟାଭୂଷଣ

ଭ୍ରମ ଭଞ୍ଜନ (ନାଟକ) ଜଗନ୍ମୋହନ ଲାଲ

କୃଷ୍ଣସିଂହ ମହାଭାରତ

୧୮୭୦ — ଲାବଣ୍ୟବତୀ — ଭଞ୍ଜ; ସମ୍ପାଦକ ବନମାଳୀ ସିଂହଦେବ ଶର୍ମା । (ଦେଉ ପୁରୀ ସଂସ୍କରଣ)

ପ୍ରେମ ସୁଧାନିଧି ,, ,, ,,

ଭୂଗୋଳତତ୍ତ୍ୱ ବା ପ୍ରାକୃତ ଭୂଗୋଳ — ୧ମ — ଗୌରୀଶଙ୍କର ରାୟ

୧୮୭୧ — ଅର୍ଦ୍ଧ ସଂସାର — ଭାଗୀରଥି ଖାଟିଆ

ସର୍ବେଶ୍ୱର — ଗୋବିନ୍ଦ ରଥ

୧୮୭୩ — କପଟ ପାଶା — ଭକ୍ତଚରଣ ଦାସ

ବର୍ଣ୍ଣଶିକ୍ଷା — କପିଳେଶ୍ୱର ବିଦ୍ୟାଭୂଷଣ

ଶ୍ଳୋକ ରତ୍ନାବଳୀ

ଶ୍ରୀମଦ୍‌ଭାଗବତ — ଜଗନ୍ନାଥ ଦାସ

ଭାରତ ଦର୍ପଣା — ପ୍ରହ୍ଲାଦ ଚୂଡ଼ାମଣି

୧୮୭୪ — ବିଦଗ୍ଧ ଚିନ୍ତାମଣି — ସମ୍ପାଦକ — ଗୌରୀଶଙ୍କର ଓ ହରିଶଙ୍କର ରାୟ

୧୮୭୬ — ଅର୍ଦ୍ଧ ସଂସାର — ବୈଷ୍ଣବ ଦାସ

କୈବର୍ତ୍ତ ବିଳାସ — ଯଦୁ ରାଣ୍ଡି

କନ୍ଦର୍ପ ରଥୀ — ଅର୍ଜୁନ ନାୟକ

ସନ୍ଥମତ ବୌଦ୍ଧାଶ୍ରମ — ମଧୁସୂଦନ ରାଓ

ଭାରତ ଦର୍ପଣା — ଅର୍ଜୁନ ନାୟକ

ପଦ୍ୟ ମଞ୍ଜରୀ — ଗୋବିନ୍ଦ ରଥ

ବାର୍ତ୍ତା — ଜଗନ୍ମୋହନ ଲାଲ

ଓଡ଼ିଶା ଇତିହାସ — (ଅନୁବାଦ) ଜଗନ୍ମୋହନ ଲାଲ

ପ୍ରେମ ଚିନ୍ତାମଣି ଓ ବଳଭ ଭୌଗୋଳିକ — ରଘୁନାଥ ସାହୁ

ଅଳଙ୍କାର ବୋଧ — ଯୋଗେନ୍ଦ୍ର ବକ୍ସି

୧୮୭୭ — ଚନ୍ଦ୍ରପଦାବଳୀ — ଭଞ୍ଜ

ବସ୍ତୁ ସ୍ୱରୂପନାମ —

କୋଳାହଳ ଚନ୍ଦ୍ରିକା — ବଳରାମ ଦାସ

କୌଶଲ୍ୟା ବୋଧକ ଚନ୍ଦ୍ରିକା

କମଳାକାନ୍ତ ବୋଧ — ରତ୍ନାକର

ଜାବେଦନା ପାଦକୁଣ୍ଡି

୧୮୭୯—ଶ୍ରୀପଦ୍ମଭୁଜ ଚଉତିଶା—ରାମସୁନ୍ଦର ମିଶ୍ର

୧୮୮୦—ରତ୍ନାକର ଗର୍ଗ—କବିସୂର୍ଯ୍ୟ ବଳଦେବ
ସଙ୍ଗୀତ ସୁଧାବ୍ଧି—ଗୋବିନ୍ଦ ରଥ
ମହିମ୍ନ ସ୍ତବ—ଯୋଗେଶ୍ୱର ବକ୍ସି
ବୈଦେହୀଶ ଚଉତିଶା— ,,

୧୮୮୧—ଗଣେଶୋର—
ବା ଚଉତିଶା ଓ ଗଣେଶୋର ଟୀକା
ଗୀତ ମଞ୍ଜରୀ—୨ୟ ଭାଗ—ଗୋବିନ୍ଦ ରଥ

୧୮୮୨—ଗୌରିହର ଜଣାଣ—ଦାମୋଦର ଚୌଧୁରୀ
ମଧୁପ ଚଉତିଶା
ଜାନକୀ ବିଚ୍ଛେଦ ଚଉତିଶା
ସଙ୍କୀର୍ତ୍ତନ ଚଉଠ—ସଙ୍ଗ୍ରହ—ଜାନକୀପଦ ଦାସ

୧୮୮୩—ବୃନ୍ଦାବନ ବିଳାସ (ନାଟକ)—ବ୍ରଜସୁନ୍ଦର ସିଂହ
ବଳଭାକ—ଶ୍ୟାମସୁନ୍ଦର ସିଂହ
ରାମରୂପା ଚଉତିଶା
ଗୌରାଙ୍ଗ ଭୂଷଣ— ସଙ୍ଗ୍ରହ—ସ୍ୱରୂପ ଦାସ
ଶବରୀ ବିଳାପ—ଗୋବିନ୍ଦ ରଥ

୧୮୮୪—ରାମ ବନ୍ଦନ ଚଉତିଶା
କୃଷ୍ଣ ବିଳାସ—ଗୋବିନ୍ଦ ରଥ
ବକୁଳ ଚଉତିଶା—ବ୍ରଜସୁନ୍ଦର ସିଂହ
ମାନଭଞ୍ଜନ ଚଉତିଶା
ଲୀଳାନିଧି ଚଉତିଶା—ବ୍ରଜସୁନ୍ଦର ସିଂହ
ବନାଗମ ଚଉତିଶା— ,,
ସରଳ ବ୍ୟାକରଣ—ଜଗନ୍ନାଥ ରାଓ
ବାଲୁକେଶ୍ୱର ଜଣାଣ—ସଙ୍ଗ୍ରହ-ମୋହନ ନାୟକ

୧୮୮୫—ପ୍ରସ୍ତାବ ଅବଧାନ
ରାଧାକୃଷ୍ଣ ଚଉତିଶା—ଗୋବିନ୍ଦ ପାଟିଆ
ରୂପମଞ୍ଜରୀ—ବ୍ରଜସୁନ୍ଦର ସିଂହ
ଗୋପୀ ବସ୍ତ୍ର— ,,

୧୮୮୬—ବଂଶ ମାଳିକ ବୋଲି
ଜଳେଶ୍ୱର କଥା
ଭୂଷେଣ ପ୍ରଷେଣ ଓଷା

ନାଟକସାର — ଭୁବନେଶ୍ୱର ବଡ଼ପଣ୍ଡା
ମଧୁର ମିଳନ — ଶ୍ରୀଧର ଦାସ
ପ୍ରେମ ଭଜନ — ଜଗନ୍ମୋହନ ଲାଲ
୧୮୮୭ — ଲକ୍ଷ୍ମୀ ସହସ୍ରନାମ — ଦୟାନିଧି ମିଶ୍ର
ସ୍ତୁତିରୁକ୍ମିଣୀ ଉଷା ବା ଭଣ୍ଡପୋଷ ବାଳକ — ଗୋବିନ୍ଦ ରଥ
ପ୍ରବନ୍ଧ ଶିକ୍ଷାଦାନ — ଭୁଜବଳ ସିଂହ
ଅଳଙ୍କାର ବୋଧ - ୨ୟ ଖଣ୍ଡ — ଶ୍ରୀଧର ଦାସ
୧୮୮୮ — ନନ୍ଦନନ୍ଦନ ଓ ଜଳାଧର ଚଉତିଶା — ଭଗବତ ଦାସ
ମହାଦେବଙ୍କ ଚଉତିଶା — ମଧୁସୂଦନ ରାଓ
ଜନକ ଚମ୍ପୂ — ଦାମୋଦର ପଟ୍ଟନାୟକ
ଜେମା ଚଉତିଶା - ମଦନମୋହନ ପଟ୍ଟନାୟକ
୧୮୮୯ — ଅନନ୍ତ ଚଉତିଶା — ଭଗବାନଚନ୍ଦ୍ର ଦାସ
ସଙ୍ଗୀତ ମାଳା — ୧ମ — ଦାମୋଦର ପଟ୍ଟନାୟକ
୧୮୯୦ — ବଂଶୀ ସ୍ୱରୂପ ଚଉତିଶା —
ବଂଶ ଦୂତ ଚଉତିଶା — ବିଶ୍ୱଭଦ୍ର ଦାସ
ପ୍ରଣୟର ସଙ୍ଗୀତ — ୧ମ — ଅନନ୍ତ କୁମାର ଘୋଷ
ମହିମା ସ୍ତବ — ସଦାଶିବ ଦାସ
ଆଲୋକ ଧ୍ୱଂସନ — ପାଣିକୃଷ୍ଣ ଦାସ
ଛକଡ଼ ଚଉତିଶା
୧୮୯୧ — ଗୃହ ଲକ୍ଷଣ — [illegible]
ଧ୍ୟାନେ ସଙ୍ଗୀତ ବା ନାଟକ ଗୀତ — ସମ୍ପାଦନା — ଗୌରୀଶଙ୍କର ରାୟ
ଭୁବନେଶ୍ୱର — କୃପାସିନ୍ଧୁ ଦାସ
୧୮୯୨ — ଶ୍ରୀକୃଷ୍ଣ ବ୍ରତ କଥା — ୧ମ — ଗଣେଶ୍ୱର ମିଶ୍ର
ଲକ୍ଷ୍ମୀ ସ୍ତବସ୍ତୁ ଓ ନାରାୟଣ ସ୍ତବାଦି
ଶ୍ରୁତି ଚରିତ ବା ଅନନ୍ତ ଭୁବନେଶ୍ୱର ଉପାଖ୍ୟାନ
ସୁଖଦର୍ଶୀ — ଗୋବିନ୍ଦ ରଥ
ଦଧିବାମନ ସ୍ତବ — ଗୁଣବନ୍ଧୁ ଦାସ
ସଙ୍ଗୀତକୁସୁମ — ସଦାଶିବ ମିଶ୍ର
ସଙ୍ଗୀତାର୍ଣ୍ଣବ - ୧ମ — ପଣ୍ଡିତ ଶ୍ୟାମସୁନ୍ଦର ଓ ଅନ୍ୟାନ୍ୟ
୧୮୯୩ — ଚିତ୍ରମାଳିକା — ବାମନ ଦ୍ୱିବେଦୀ
ଭୁବନେଶ୍ୱର ଜଗାଣ ଚଉତିଶା — କୃତ୍ତିବାସ
ଶ୍ରୀ ଗଣେଶ ସହସ୍ରନାମ
ସଙ୍ଗୀତ ସାଗର ୩ୟ, ୪ର୍ଥ — ଦାମୋଦର ପଟ୍ଟନାୟକ
ଧର୍ମ ବୋଧ — ନୃସିଂହ ଭ୍ରମରବର

ସୋମନାଥ ବ୍ରତକଥା — ସ — ଶ୍ରୀଧର ଦାସ
ଶୀତା ମାଳ ଓ ଅଣ୍ଡିସ (ଅନୁବାଦ) ଲୋକମୋହନ ଦାସ
ଭଉ ମାଗୁଣ ବ୍ରତକଥା — କପିଳେଶ୍ୱର ବନ୍ଦ୍ୟୋପାଧ୍ୟାୟ
ଅନନ୍ତା ଦ୍ୱାଦଶୀ — ସ — ,,
ଅନନ୍ତ ବ୍ରତ କଥା — ,,
୧୮୯୪ — ପୁଷ୍ପମାଳା — ଫକୀରମୋହନ ସେନାପତି
ସୋମେଶ୍ୱର ଜଣାଣ ଚଉତିଶା
୧୮୯୫ — ସାଧୁ ତୋଷିଣୀ — ବଳଦେବ ଦାସ
ଭଗିନୀ ସମ୍ବାଦ — ଗୋପାଳ ବଲ୍ଲଭ ଦାସ
କଳ୍ପଲତା ଜ୍ୟୋତିଷ — ସ — ଗୋବିନ୍ଦ ରଥ
ଲୋକନାଥ ଜଣାଣ ଚଉତିଶା — ଚନ୍ଦ୍ରମଣି ମହାପାତ୍ର
୧୮୯୬ — ସପ୍ତସୋପାନ — ସୁଦର୍ଶନ ଗୁରୁ
ପ୍ରେମ ଶାସନ ଗୀତ — ଯଦୁନାଥ ସିଂହ
ସୁରଥ ଜନ୍ମ — ଗୋବିନ୍ଦ ରଥ
ପାଞ୍ଚାଳୀ ମାଳା — ସୁଲକ୍ଷଣା ଦେବୀ
କୁସୁମାଞ୍ଜଳି — ଦ୍ରୁମରାଜ ସିଂହ
ସଙ୍ଗୀତମାଳା — ମଧୁସୂଦନ ରାଓ
ଶାନ୍ତିଗୀତା — ଅନୁ — ଦାମୋଦର ଭାଗୀରଥି
ଗୁପ୍ତାବଶିଷ୍ଟ — ୨ୟ ଖ — ଯାନକୃଷ୍ଣ
୧୮୯୭ — ଭଟ୍ଟପାସ୍ତା — ୨ୟ ଖ
ଦୁଃଖୀ ଜଣାଣ — ବଳଦେବ ଦାସ
ସଙ୍ଗୀତ ସୁଧାପ୍ରଧାନ ନାଟକ — ବିକ୍ରମ ଦେବ ବର୍ମା
୧୮୯୯ — ଦୁଃଖୀ ପଞ୍ଚକ — ଜଗନ୍ନାଥ ରାଜ ପଣ୍ଡିତ
ଲକ୍ଷଣା ଦାୟିକା — ନୀଳକଣ୍ଠ ରାଜଗୁରୁ
ଜଗମୋହନ ନାଟକ — ରାମଶଙ୍କର ରାୟ
୧୯୦୦ — ରାମଚଣ୍ଡୀ ଜଣାଣ — ରାମଚନ୍ଦ୍ର ଦାସ
ସଙ୍ଗୀତ ସାଗର ୨ୟ — ଦାମୋଦର
ଭକ୍ତି ସୂଚନା ବା ଭକ୍ତ ସୁଧା — ଭଗବାନ ଚରଣ ଦାସ

ଗୀତିକା,
ଜୟଦେବ ନଗର, ଭୁବନେଶ୍ୱର-୨

# ଗୌରୀଶଙ୍କର :
# ଓଡ଼ିଆ ଜାତୀୟତାବାଦର ଭଗୀରଥ

*, ଡଃ ଶରତ ଚନ୍ଦ୍ର ନାୟକ

---

-୧-

ଊନବିଂଶ ଶତକର ଚତୁର୍ଥ ଦଶକରେ ଗୌରୀଶଙ୍କରଙ୍କର ଆବିର୍ଭାବ (୧୮୩୮-୧୯୧୭) ଓଡ଼ିଶା ପାଇଁ ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା । ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭ୍ୟୁଦୟ ଦୃଷ୍ଟିରୁ ସେ ଥିଲେ ଓଡ଼ିଶା ପାଇଁ ଦିଗ୍‌ଦର୍ଶକ, ସଚେତନ ଓ ବିକାଶ ପରିକଳ୍ପନାର ବାସ୍ତବମୂର୍ତ୍ତି । ଗୌରୀଶଙ୍କର ଥିଲେ ଓଡ଼ିଶାର ନବଯୁଗ ନିର୍ମାଣ ଯଜ୍ଞଶାଳାର ଅନନ୍ୟ ସ୍ତମ୍ଭ ।

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ଓ ବିଂଶ ଶତକର ପ୍ରଥମ ପର୍ଯ୍ୟାୟରେ ଗୌରୀଶଙ୍କରଙ୍କ ପରି ବହୁ ଓ ବର୍ଣ୍ଣାଢ୍ୟ ସୂଚନାର ବ୍ୟକ୍ତିତ୍ୱ ପ୍ରଦେଶ ଓ ସମାଜରେ ଦୃଷ୍ଟି ଆକର୍ଷଣର କେନ୍ଦ୍ର ହୋଇ ରହନ୍ତି । ନନ୍ଦୋପାଦ, ଫକୀରମୋହନ, ରାଧାନାଥ, ମଧୁସୂଦନ ରାଓ, ମଦନମୋହନ ଦାସ, ଜଗନ୍ମୋହନ ଲାଲ, ରାମଶଙ୍କର, ବୈକୁଣ୍ଠ-ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ନନ୍ଦ କିଶୋର ଦାସ ପ୍ରମୁଖ ସେ ସମୟର ନିଜ ନିଜ ଆପଣା କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭା ପ୍ରମୁଖ । ପୁଣି ଓଡ଼ିଶାର ଅଗ୍ରଗତିରେ ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ଅବଦାନ ମଧ୍ୟ ଅନସ୍ୱୀକାର୍ଯ୍ୟ । କେବଳ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଓଡ଼ିଆ ଓ ଓଡ଼ିଶାର ସାର୍ବିକ ବିକାଶ ପ୍ରସଙ୍ଗରେ ନିରବଚ୍ଛିନ୍ନ ଅର୍ଦ୍ଧଶତାବ୍ଦୀ ଧରି ନିଷ୍ଠାପର ଭାବେ ଗୌରୀଶଙ୍କର ଯେପରି ଅଟଳ ନିଷ୍ଠା ଓ ତତ୍ପରତା ସହ ଏକାଗ୍ରତା ସହକାରେ ନେତୃତ୍ୱ ନେଇ ଆସିଥିଲେ, ସେଥିପାଇଁ ସେ ମୁଖ୍ୟତଃ ଓଡ଼ିଆ ଜାତିର ଜନ୍ମଦାତା ସମ୍ମାନ ପାଇବାର ଯୋଗ୍ୟ । ତାଙ୍କର ନିରବଚ୍ଛିନ୍ନ କର୍ମତତ୍ପର ଜୀବନର ଦୀର୍ଘକାଳ ସେବାର ଫଳ ବର୍ତ୍ତମାନରେ ଉପେକ୍ଷିତ ହୋଇ ରହିଥିଲା, ତା' ଅନ୍ୟମାନଙ୍କ କ୍ଷେତ୍ରରେ ଦୁର୍ଲଭ୍ ପରିଦୃଷ୍ଟ । ପୁଣି ଗୌରୀଶଙ୍କରଙ୍କ ପରି ନିଷ୍କାମ ନିଃସ୍ୱାର୍ଥପର ଓଡ଼ିଆପ୍ରାଣ ଓ ଓଡ଼ିଆ ଶୁଭକାଂକ୍ଷୀ ନେତାଙ୍କ ତୁଳନା ସେ ଯୁଗରେ ସେତେବେଳେ ଓଡ଼ିଶାରେ ଦ୍ୱିତୀୟ ମିଳିବା ଅସମ୍ଭବ ।

-୨-

ମଧ୍ୟଯୁଗର ଶେଷ ପର୍ଯ୍ୟାୟରେ, ଅର୍ଥାତ୍ ଭୋଇ ଓ ସୂର୍ଯ୍ୟବଂଶର ସମ୍ରାଟମାନଙ୍କ କାଳରେ, ଉତ୍କଳୀୟ ଜାତୀୟତାବୋଧର ଏକ ସଠିକ ବିବରଣୀ ଦେବା କଠିନ ବ୍ୟାପାର ନୁହେଁ । କେବଳ ଏତିକି ସ୍ପଷ୍ଟ ଯେ, ସେ କାଳରେ ଏଥା ଉପରେ ଉତ୍କଳୀୟ ଜାତୀୟତା

ଓଡ଼ିଶା ସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପନ କରିଥିଲେ । ସେ କାଳର ସୁବିସ୍ତୃତ ଓଡ଼ିଶା ସାମ୍ରାଜ୍ୟରେ ମୁଖ୍ୟତଃ ଓଡ଼ିଆ ଓ ତେଲୁଗୁ ଭାଷାରେ ରାଜ୍ୟ-ଶାସନ କାର୍ଯ୍ୟ ସମ୍ପାଦିତ ହେଉଥିଲା । ସଂସ୍କୃତ ଭାଷା ରାଜ ପୃଷ୍ଠପୋଷକତା ଲାଭ କରିଥିଲା । ସେତେବେଳେ ଓଡ଼ିଶା ମୂଳତଃରେ ଓଡ଼ିଆ ଜାତୀୟତାବୋଧର ସେପରି ଉଦ୍ୟାବଶ୍ୟକୀୟ ଭୂମିକା ପ୍ରତି-ଦୃଷ୍ଟ ହୁଏନା ।

ସମ୍ରାଟମାନଙ୍କ ଗୌରବ, ପ୍ରତିପତ୍ତି, ପ୍ରଭୁତ୍ୱ ଓ ସେମାନଙ୍କ ବଂଶପ୍ରତି ଅନୁରକ୍ତି ବିଭିନ୍ନ ଭାଷାଭାଷୀ ପ୍ରଜା ଓ ବିଭିନ୍ନ ଭୂଗୋଳ ଅଞ୍ଚଳଗୁଡ଼ିକୁ ଯୋଡ଼ିଏ ବନ୍ଧନରେ ଆବଦ୍ଧ କରି ଓଡ଼ିଶା ସାମ୍ରାଜ୍ୟ ଗଠନରେ ବିଶେଷ ସହାୟକ ହୋଇ ପାରିଥିଲା । ଡଃ ଗଗନେନ୍ଦ୍ର ନାଥ ଦାଶଙ୍କ ମତରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଜାତୀୟତାର ସୁସ୍ଥ ବିକାଶ ପାଇଁ ସେତେବେଳେ ପରିବେଶ ଅନୁକୂଳ ନ ଥିଲା । ତେବେ ସମସ୍ତ ଓଡ଼ିଆମାନେ ଯୋଡ଼ିଏ ପ୍ରଶାସନରେ ରହିବା ଫଳରେ ଏକ ଘନିଷ୍ଠ ଯୋଗାଯୋଗ ଥିବା ସମ୍ଭବ ହୋଇଥିବା ଭାଷାଭିତ୍ତିକ ବିଶିଷ୍ଟ ଓଡ଼ିଶାବାସୀ ବ୍ରାହ୍ମଣଗଣଙ୍କ ଓଡ଼ିଆଭାଷା ପ୍ରତି ଅନାଦର/ଅବଜ୍ଞା ଏ କାଳରେ ଭାଷାଭିତ୍ତିକ ଓଡ଼ିଆ ଜାତୀୟତାର ବିକାଶପଥ ରୁଦ୍ଧଥିବାର ସମ୍ଭାବନାକୁ ଡଃ ଦାଶ ଏକାବେଳକେ ଅସ୍ୱୀକାର କରିନାହାନ୍ତି । ସେତେବେଳକୁ ଜଗନ୍ନାଥ ଚୈତନ୍ୟ ସର୍ବୋପରି ପ୍ରଭୁଙ୍କ ଏକାନ୍ତ ଉପାସ୍ୟ ଦେବତାରେ ପରିଣତ ହୋଇଥିଲେ । ଗଙ୍ଗ ସମ୍ରାଟଗଣ ଓଡ଼ିଶା ମୂଳକକୁ ଜଗନ୍ନାଥଙ୍କ ନାମରେ ସମର୍ପଣ କରି ତାଙ୍କ ପ୍ରତିନିଧି ରୂପେ ରାଜ୍ୟଶାସନ ପୂର୍ବକ ଜଗନ୍ନାଥଙ୍କୁ ରାଷ୍ଟ୍ର-ଦେବତାର ରୂପ ଦେଇ ଦେଇଥିଲେ । ଭକ୍ତମାନଙ୍କ ରାଜାଧିପତ୍ୟ ବା ରାଜବଂଶ ପ୍ରତି ଅନୁରକ୍ତି ହ୍ରାସ ପାଇଲେ ମଧ୍ୟ ଜଗନ୍ନାଥ ଭକ୍ତିର ସୂତ୍ର ବନ୍ଧନ ବିଭିନ୍ନ ଅଞ୍ଚଳ ଗୁଡ଼ିକୁ ଏକତ୍ରିତ ରଖିବାର ସମ୍ଭାବନା ହୁଏତ ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହୋଇ ପାରିଥାଏ ।

ମଧ୍ୟଯୁଗର ମଧ୍ୟଭାଗରେ ମୁକୁନ୍ଦ ଦେବଙ୍କ ପତନ (୧୫୬୮ ଖ୍ରୀ) ସାଙ୍ଗକୁ ସମଗ୍ର ଓଡ଼ିଶା ସାମ୍ରାଜ୍ୟର ପତନ ଘଟିଲା । ଦୀର୍ଘକାଳ ଧରି ଏକ ଶାସନାଧୀନ ରହିବା ପରେ ବିସ୍ତୀର୍ଣ୍ଣ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକ ଆଗନ୍ତୁକ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ ଖଣ୍ଡ/ରାଜ୍ୟରେ ବିଭକ୍ତ ହେଲା । ସେତେବେଳେ ରାଜନୈତିକ, ପ୍ରଶାସନିକ ଓ ଧର୍ମାନୁଗତ ଅନୁବନ୍ଧନ ସତ୍ତ୍ୱେ ଏକ ଅଞ୍ଚଳ/ଖଣ୍ଡ/ରାଜ୍ୟର ଓଡ଼ିଆ ଭାଷାଭାଷୀ ଜନଗୋଷ୍ଠୀ ଅନ୍ୟଭାଷାଭାଷୀଙ୍କ ତୁଳନାରେ ଅପର ଅଞ୍ଚଳର ଓଡ଼ିଆ ଭାଷାଭାଷୀଙ୍କୁ ନିଜର ଅଧିକ ନିକଟ ଓ ନିଜ ଲୋକର ମନେ କରିବା ଆରମ୍ଭ କଲେ । ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ଏ ପ୍ରକାର ଏକତ୍ୱବୋଧ (feeling oneness)କୁ ଡକ୍ଟର ଦାଶ "ଗଜପତି ଶାସନର ଦ୍ୱିତୀୟାର୍ଦ୍ଧରେ ସୃଷ୍ଟି ହୋଇଥିବା ଓଡ଼ିଆ ଜାତୀୟତାର ପ୍ରଥମ ଅଙ୍କୁର ଉଦ୍‌ଘୋଷ" ରୂପେ ଉଲ୍ଲେଖ କରିଛନ୍ତି । (୧) ଏହି ଏକତ୍ୱବୋଧ ପରିପ୍ରେକ୍ଷୀରେ ଯୁକ୍ତିବାଢ଼ି ସେ ଦର୍ଶାନ୍ତି, ଯେଉଁ ଓଡ଼ିଆ ଭାଷାଭାଷୀ ବିସ୍ତୀର୍ଣ୍ଣ ଅଞ୍ଚଳ ସତର ଓ ଅଠାରଶ ଶତାବ୍ଦୀରେ ମୋଗଲ, ଗୋଲକୁଣ୍ଡାର ସୁଲତାନ ଓ ଅର୍ଦ୍ଧ ସ୍ୱାଧୀନ ଜମିଦାରଙ୍କ ଦ୍ୱାରା ଶାସିତ

ହୋଇଥିଲା, ଏ କାଳରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସର୍ବତ୍ର ହିଁ ମାଦଳା- ପାଞ୍ଜିକାର ଠାରୁ ଆରମ୍ଭ କରି ଶାସକଙ୍କ କାର୍ଯ୍ୟାଳୟରେ ଓଡ଼ିଆ କାର୍ଯ୍ୟକାରକଗଣ 'ଓଡ଼ିଶା' ବା 'ଓଡ୍ରଦେଶ' ଶବ୍ଦର ପ୍ରୟୋଗ କରିଯାଇଛନ୍ତି । ଏପରିକି ବଙ୍ଗର ସୁଲ୍ତାନଙ୍କ ଅଧୀନରେ ଥିଲେ ମଧ୍ୟ ସମସ୍ତ ଓଡ଼ିଆ ଭାଷାଭାଷୀ ଜନସମାଜ ସୁଲ୍ତାନଙ୍କ ଶାସନରେ ତଥା ଅଷ୍ଟଲକ୍ଷ୍ମୀ ଆଦରରେ ଗଜପତି ରାଜାଙ୍କ ପ୍ରଚଳିତ ଅଙ୍କକୁ ହିଁ ମାନ୍ୟତା ଦେଇ ଗ୍ରହଣ କରି ନେଇଥିଲେ ।

ସପ୍ତଦଶ ଶତକରେ ଓଡ଼ିଆରେ ରଚିତ ଦିବାକର ଦାସଙ୍କ "ଜଗନ୍ନାଥ ଚରିତାମୃତ"ରେ ଉତ୍କଳୀୟ ବୈଷ୍ଣବ ଓ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟଙ୍କ ଅନ୍ତଃକଳହ ମଧ୍ୟରେ ଉତ୍କଳୀୟ ଚେତନାବୋଧର ସ୍ୱତନ୍ତ୍ର ମିଳିଥାଏ । ଉତ୍କଳୀୟ ବୈଷ୍ଣବ-ବର୍ଗଙ୍କ ଜଗନ୍ନାଥଙ୍କୁ ଆପଣା ଇଷ୍ଟ ଦେବତା ଓ ଗୌରାଙ୍ଗଙ୍କୁ ଅବତାର ରୂପେ ଅସ୍ୱୀକୃତି ଦେବାରେ ସେହି ଉତ୍କଳୀୟ ଚେତନାର ମାନସିକତା ହିଁ ପ୍ରକଟିତ ।

ସମଗ୍ର ମଧ୍ୟଯୁଗରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଜନଜୀବନ ମଧ୍ୟ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆରେ ଭଜନ, ଜଣାଣ ରଚନା ହୋଇଛି କାବ୍ୟଗ୍ରନ୍ଥର ମଙ୍ଗଳାଚରଣରେ ଜଗନ୍ନାଥ ବନ୍ଦନା ଓ ରଥଯାତ୍ରା ପ୍ରସଙ୍ଗ ବର୍ଣ୍ଣନା କରିବା ଅବଶ୍ୟ କରଣୀୟ ଥିଲେ । ଗଜପତି ରାଜା ମଧ୍ୟ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଜନତାଙ୍କୁ ଉପାଧି ପ୍ରଦାନ କରିବାର ଏକ ବିଧି ପ୍ରଚଳନ କରିଥିଲେ । ଜଗନ୍ନାଥଙ୍କ ରଥଯାତ୍ରାରେ ଛେରା ପହଁରା ବିଧିର ପ୍ରଚଳନ ଓ ଜନମାନସରେ ତାର ଗୁରୁତ୍ୱର ଅନୁଭୂତି ଫଳରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଗଜପତି ରାଜାଙ୍କ ନାମରେ ଏକ ପ୍ରଚଳନ ଅଙ୍କ ହେଲା । ଓଡ଼ିଆ ଭାଷା ଭାଷୀଙ୍କୁ ଧୀରେ ଧୀରେ ଜଗନ୍ନାଥ ମଧ୍ୟ ଓଡ଼ିଆ ଜାତୀୟତାର ସ୍ତମ୍ଭରେ ପରିଣତ ହୋଇ ପଡ଼ିଥିଲେ । ମଧ୍ୟଯୁଗର ପ୍ରଥମ ପର୍ଯ୍ୟାୟ ଶେଷରେ ଓ ଦ୍ୱିତୀୟରେ ଯଥାକ୍ରମେ କଳାପାହାଡ଼ ଓ ମୁସଲମାନମାନଙ୍କ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ, [illegible] ଏହି ଜଗନ୍ନାଥ କୈନ୍ଦ୍ରିକ ଉତ୍କଳୀୟ ଜାତୀୟତା-ବୋଧକୁ ଅଧିକ ବଳ ଯୋଗାଇ ଥିଲା । (୬)

୧୮୦୩ ଖ୍ରୀ ରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଦ୍ୱାରା ଓଡ଼ିଶା ଦଖଲ, ଔପନିବେଶିକ ଶାସନରେ ଓଡ଼ିଆ ଜନଜୀବନର ଦୁର୍ଦ୍ଦଶା, ଓଡ଼ିଶାରେ ବଙ୍ଗଳା ଭାଷାର ଅଧିକ ପ୍ରଚଳନ ତଥା ବଙ୍ଗାଳୀ ଅମଲା ଓ ମିରାସଦାରଙ୍କ ଦୁଃଶାସନ ଓ ଶୋଷଣ ଫଳରେ ସର୍ବାଧିକ ଜମିଦାରୀ ଓଡ଼ିଆଙ୍କ ହାତଛଡ଼ା, [illegible] ଅଣ-ଓଡ଼ିଆ ଜମିଦାରଙ୍କ ଓଡ଼ିଆ ପ୍ରଜାଙ୍କ ଉପରେ ଶୋଷଣ ଅବାଧ, ମାନ୍ଦ୍ରାଜରେ ଓଡ଼ିଆ ପ୍ରଜାମାନଙ୍କର ଦୁର୍ଦ୍ଦଶା ଓ ଲାଞ୍ଛନା ଭୋଗ କରିବା -- ଏସବୁ ସମଗ୍ର ପୃଥକ୍ ହୋଇ ଓଡ଼ିଆଙ୍କ ମଧ୍ୟରେ ଏକତାବୋଧ ଓ ସ୍ୱାଧୀନ ହୋଇ ଗୋଟିଏ ରାଜ୍ୟ ଗଠନ ହେବାର ସମ୍ଭାବନାକୁ ଜାଗ୍ରତ କରିଥିଲା । ଏହି ପ୍ରବଣତା ଓ ଅସନ୍ତୋଷର ପରିଣତି ହେଲା ୧୮୧୭ ଖ୍ରୀ.ର ପାଇକ ବିଦ୍ରୋହ । (ପ୍ରକୃତ ଏହା ଥିଲା ଔପନିବେଶିକ, ଅର୍ଥନୈତିକ ଓ ସାମାଜିକ ।) ବିଦ୍ରୋହୀ ନେତା ବକ୍ସି ଜଗବନ୍ଧୁଙ୍କ ମୂଳ ଘୋଷଣା ବିଦ୍ରୋହରେ

ନେତୃତ୍ୱ ପାଇଁ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କୁ ସମ୍ମାନ ଦେବା ଏବଂ ପୁରୀ ମନ୍ଦିରରେ ନବଅଙ୍କରେ ଜଗନ୍ନାଥଙ୍କ ଅଭିଷେକ — ଏସବୁ ଓଡ଼ିଆ ଜାତୀୟତା ବୋଧର ପ୍ରକାଶ ଲକ୍ଷ୍ୟରେ ଜଗନ୍ନାଥଙ୍କ ସୋପାନଭକ୍ତିକୁ ଅଧିକ ଦୃଢ଼ କରିଥାଏ । (୩)

ଏହି ଦୁର୍ଦ୍ଦଶାପୂର୍ଣ୍ଣ ଶାସନର ଅବସାନ ପାଇଁ ଓଡ଼ିଆ ଜାତିକୁ ବହୁ ମୂଲ୍ୟ ଦେବାକୁ ପଡ଼ିଥିଲା । ଇଂରେଜ ଶାସକଙ୍କ ଔଦାସୀନ୍ୟ ଓ ଅବହେଳା ଯୋଗୁଁ ଇଂରେଜ ପ୍ରଶାସନରେ ଏ ଜାତିର ସ୍ୱାଧୀନ ଅସ୍ତିତ୍ୱ ବିପନ୍ନ ହୋଇଥିଲା । ଆଧୁନିକ ଶିକ୍ଷା ଓ ସଂସ୍କୃତିଠାରୁ ଉଦ୍ଦେଶ୍ୟ ମୂଳକ ଭାବେ ଦୂରେଇ ରଖି ଓଡ଼ିଶାବାସୀଙ୍କୁ ଇଂରେଜ ସରକାର ସମାଜର ସର୍ବନିମ୍ନ ସୋପାନର ଗର୍ତ୍ତକୁ ଠେଲିବାର ଦ୍ୱାର ମୁକ୍ତ କରିଥିଲେ ।

ପାଇକ ବିଦ୍ରୋହ (୧୮୧୭ ଖ୍ରୀ) ପରେ ଇଂରେଜ ଶାସନରେ ଓଡ଼ିଶା ପ୍ରଶାସନ ହ୍ରାସ ହେଉ ଶାନ୍ତ ହେଲା । ୧୮୬୬ ଖ୍ରୀ.ର ଭୟଙ୍କର ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ଅସ୍ତିତ୍ୱକୁ ଦୋହଲାଇ ଦେଇଥିଲା । ଧୀରେ ଧୀରେ ମୁକ୍ତ ହୋଇ ଆସୁଥିବା ଓଡ଼ିଆ ଜାତିକୁ ଦେଶୀୟ ଓ ବିଦେଶୀମାନଙ୍କ ଶୋଷଣ ଫଳରେ ସାମଗ୍ରିକ ମ୍ଳାନ ମୁଖୀ ହୋଇ ପଡ଼ିଥିଲା । ନଅଙ୍କ ଦୁର୍ଭିକ୍ଷ କେବଳ ଓଡ଼ିଆ ଜାତିର ଅସ୍ତିତ୍ୱକୁ ଦୋହଲାଇ ଦେଇ ନ ଥିଲା, ଓଡ଼ିଆ ଜାତିର ଆଖି ଖୋଲି ଦେଇଥିଲା । ଏହାପରେ ଓଡ଼ିଆ ପ୍ରାଣରେ ଓଡ଼ିଆ ଜାତୀୟତାବୋଧ ଉଦ୍ଭବ ହେବାରେ ଲାଗିଲା ଏବଂ ଏହାର ଅବିସମ୍ବାଦିତ ଭଗୀରଥ ଥିଲେ ଯୌବନଙ୍କର ବନ୍ଧୁ ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଆ ଜାତୀୟତାବାଦର ବିକାଶ ସକାଶେ ନିମ୍ନଲିଖିତ ଘଟଣା / ପରିବେଶ / ଉପାଦାନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା —

୧) ନଅଙ୍କ ଦୁର୍ଭିକ୍ଷ

୨) କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ଓ ଉତ୍କଳ ଦୀପିକାର ପ୍ରକାଶନ

୩) ଇଂରେଜୀ ଶିକ୍ଷାର ପ୍ରସାର ପ୍ରଚେଷ୍ଟା

୪) କ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ

  ଖ) ଓଡ଼ିଆ ପାଠ୍ୟ ପୁସ୍ତକ ରଚନା ଓ ପ୍ରକାଶନ

  ଗ) ଓଡ଼ିଆ କାବ୍ୟ, ପୁରାଣ, ପୋଥି ଗ୍ରନ୍ଥ ସମ୍ପାଦନା ଓ ପ୍ରକାଶନ

  ଘ) ଓଡ଼ିଶା ଇତିହାସ ଚର୍ଚ୍ଚା ତଥା ଓଡ଼ିଆ ଜାତି ଓ ମାଟିର ବିକାଶ ପ୍ରଚେଷ୍ଟା

୫) ମଧୁବାବୁଙ୍କ ଉତ୍କଳର ଅବିସମ୍ବାଦିତ ନେତା ଭାବେ ସଙ୍ଗଠିତ ଆନ୍ଦୋଳନ ପ୍ରଚେଷ୍ଟା ।

୬) ଶ୍ରୀ ଜଗନ୍ନାଥଙ୍କ ଯଥାଯଥ ସେବାପୂଜା ପାଇଁ ଶ୍ରୀ ମନ୍ଦିରର ସୁଷ୍ଠୁ ପରିଚାଳନା ପ୍ରତି ସଚେତନତା ।

୭) ଉତ୍କଳ ସମ୍ମିଳନୀର ସୃଷ୍ଟି ଓ ପ୍ରସାର ।

୮) ସ୍ୱଦେଶୀ ପତ୍ରିକା ହେଲେ ଚିନ୍ତା ସହିତ ଓଡ଼ିଆ ଜାତିର ସ୍ୱାଭିମାନ ବଜାୟ ରଖିବା ପାଇଁ ଅପୂର୍ବ ଅନୁକରଣ ।

ଏ ସମସ୍ତ ଘଟଣା ପ୍ରବାହରେ ଜଣକୁ ଗୁରୁତ୍ୱ ଦେବ ସମସ୍ତ କରି ଦେଇ ଗୌରୀଶଙ୍କର ସକଳ ଜାତୀୟତାବୋଧକୁ ସ୍ପଷ୍ଟ ଓ ବଳିଷ୍ଠ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଉନ୍ନତିର ମାର୍ଗ ଓ ଓଡ଼ିଶା ପ୍ରଦେଶ ଗଠନର ପଥକୁ ଅନେକ ପରିମାଣରେ ତଥା ପ୍ରଶସ୍ତ କରି ଦେଇ ଥିଲେ । ଗୌରୀଶଙ୍କରଙ୍କ ବାଗ୍ମିତା ବହୁମୁଖୀ । ଆଲୋଚ୍ୟ ପ୍ରବନ୍ଧରେ ତାଙ୍କ ବାଗ୍ମିତାର ଏହି ସ୍ୱକୀୟ ପ୍ରବଣତା ଉପରେ ଅବବୋଧ ପାଇଁ ପ୍ରୟାସ କରାଯିବ । ଏହା ହିଁ ଗୌରୀଶଙ୍କରଙ୍କ ବାଗ୍ମିତାର ସମ୍ପୂର୍ଣ୍ଣତାକୁ ବଳିଷ୍ଠ, ସ୍ପଷ୍ଟ ଓ ଉନ୍ନତ ମୁଣ୍ଡାଳିର ଦାନ । ସୁତରାଂ ଦେଖି ପ୍ରସଙ୍ଗାନୁକ୍ରମେ ଗୌରୀଶଙ୍କରଙ୍କ ବହୁମୁଖୀ ବର୍ଣ୍ଣାଢ଼୍ୟ ବାଗ୍ମିତାର ବ୍ୟାପ୍ତି ଓ ଗଭୀରତାର ଆକଳନ ଓ ମୂଲ୍ୟାୟନ ପାଇଁ ମଧ୍ୟ ଯଥା- ସମ୍ଭବ ଚେଷ୍ଟା କରାଯିବ ।

— ୩ —

୧୮୯୦ ଖ୍ରୀଷ୍ଟାବ୍ଦରେ ମହାମନା ଅଗ୍ରଣୀ ଓଡ଼ିଆ ମଧୁସୂଦନ ଦାସ ସ୍ୱଧର୍ମ ନିଷ୍ଠା ଓ ନିପୁଣତା ବଳରେ ଉଦାରମନା ଭଣିନାଥର ତଥା ନଗ୍ରପାଳ ସ୍ୱାଧୀନଚେତନାରେ ଦେଶବାସୀଙ୍କ ସ୍ୱତନ୍ତ୍ରତାର ପଦକୁ ଉନ୍ନୀତ ହୋଇପାରିଥିଲେ । ସେତେବେଳେ ଜଣେ ଓଡ଼ିଆ ପକ୍ଷରେ ଏହା ବାସ୍ତବରେ ଥିଲା ଗଣନା କରିବା ପରି ଏକ ଅଭୂତ ଗୌରବ । ସେ ଦିନେ କେତିକି ପାଣ୍ଠି ଜମାଉଥିଲେ ତାହା ସମସ୍ତ ଲୋକ ତାହାଙ୍କୁମାନଙ୍କ ଜାତୀୟ- ତାର ସପକ୍ଷରେ ଅଧି ଭୂମିମାନ ଦେଖାଇଲେ ସଂସ୍କାର ଶିକ୍ଷାର ମହତ୍ତ୍ୱ ମର୍ମେ ମର୍ମେ ଅନୁଭବ କରିଥିଲେ । ଏହି ଉଚ୍ଚାଭିଳାଷୀ ମନସ୍ୱୀ ଜଣଙ୍କ ସ୍ୱପ୍ନ ଦେଖୁଥିଲେ, କେବେ ଶୀଘ୍ର ଓଡ଼ିଆ ଯୁବ ସମ୍ପ୍ରଦାୟ ଇଂରାଜୀ ଶିକ୍ଷାଲବ୍ଧ ହୋଇ ସାହେବଙ୍କ ଅନୁପମ ସମ୍ମାନଜନକ ପଦପଦବୀ ଅଳଙ୍କୃତ କରିବେ ! ତୁଳନା କଲେକ୍ଟରୁ ଅଧ୍ୟୟନ ଅସମାପ୍ତ ରଖି ଯୁବକ ଗୌରୀଶଙ୍କର କଟକ ଜେଲଖାନା (୧୮୫୯) କିରାଣୀ ପଦରେ ନିଯୁକ୍ତ ହୋଇଥିଲେ । ଜୀବନଧାରଣ ପାଇଁ କିରାଣୀ ଭାବରେ କର୍ମଜୀବନର ଆରମ୍ଭର ଅସ୍ୱ- ଆରମ୍ଭ କରିଥିଲେ ମଧ୍ୟ ଗୌରୀଶଙ୍କରଙ୍କ ଜୀବନର ଚରମ ବ୍ରତ ଥିଲା ମାତୃଭୂମି ଓଡ଼ିଶାର ନିସ୍ୱାର୍ଥ ସେବା । ସେଥିପାଇଁ ସେ ଜଣକ କିରାଣୀ ଗୌରୀଶଙ୍କର ପରେ ଅଗ୍ରଣୀ ବ୍ୟକ୍ତି- ତ୍ୱ ଭାବରେ ଓଡ଼ିଆ ଜାତିର ଯଥାର୍ଥ ମୁଖ୍ୟ କର୍ଣ୍ଣଧାର ହୋଇ ଉଠିଥିଲେ ।

କଟକ ସ୍କୁଲରୁ ୧୮୫୫-୫୬ ରେ ଗୌରୀଶଙ୍କର, ୧୮୫୯ ରେ ବନମାଳି- ସିଂହ, ୧୮୬୦ ଖ୍ରୀଷ୍ଟାବ୍ଦରେ ଜଗନ୍ମୋହନ ଲାଲ, ହରି କିଶୋର ଦାସ, ବୈକୁଣ୍ଠ ପଟ୍ଟନାୟକ ପ୍ରମୁଖ ଏଣ୍ଟ୍ରାନ୍ସ ପାଶ୍ କରିଥିଲେ । ୧୬ ବର୍ଷ ବୟସରେ ଏହି କଟକ ସ୍କୁଲରୁ ୧୮୬୬ ଖ୍ରୀଷ୍ଟାବ୍ଦରେ ମଧୁସୂଦନ ଦାସ ଏଣ୍ଟ୍ରାନ୍ସ ପାଶ୍ କରିଥିଲେ । ତରୁଣ ମଧୁସୂଦନଙ୍କୁ କଲିକତା ନଗରରେ ଉଚ୍ଚ ଶିକ୍ଷା ଦେବାରେ ମାଡ଼ିଯିବା ପାଇଁ ଏହି କଟକାନନ୍ଦ ହିଁ ଅନୁପ୍ରେ- ରିତ କରି ଦେଇଥିଲେ ।

କମିଶନର ଅଫିସର ସିରସ୍ତାଦାର ବାବୁ ବିଚିତ୍ରାନନ୍ଦ ଦାସ ହିଁ ଥିଲେ ଓଡ଼ିଶାର ନବ ଜାଗରଣର ଆଉ ଜଣେ ପୁରୁଷ । ସେ କେବଳ ଶିକ୍ଷିତ ସମ୍ଭ୍ରାନ୍ତ ବ୍ୟକ୍ତି ନଥିଲେ ! ବରଂ ନବଯୁଗର ଆହ୍ୱାନକୁ ଓଡ଼ିଶାରେ ସେ ଆବାହନ କରିବାକୁ ଆଗେଇ ଆସିଥିଲେ । ଏଣୁ ଉଦାର, ପ୍ରାଜ୍ଞୋଜ୍ଜ୍ୱଳ ଓ ଏକାନ୍ତ ଓଡ଼ିଆ ପ୍ରାଣ ବିଚିତ୍ରାନନ୍ଦ ହିଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ଓ ଉତ୍କଳ ଦୀପିକା ପତ୍ରିକା ପ୍ରକାଶନର ଥିଲେ ପ୍ରଧାନ ଉଦ୍ୟୋକ୍ତା ।

ଲକ୍ଷ ଲକ୍ଷ ଓଡ଼ିଆ ଜନସାଧାରଣଙ୍କ ଅଜ୍ଞାନ-ଅନ୍ଧକାର, ଅନ୍ଧବିଶ୍ୱାସ, ଅସ୍ପୃଶ୍ୟତା, ଆଶା-ଆଶଙ୍କା, ଦୁର୍ଭାବନା ଓ ସଂକଟ ଗୁଡ଼ିକୁ କେତେ ଶିକ୍ଷିତ ଓଡ଼ିଆଙ୍କ ମାନସିକ ଉଦ୍‌ବେଳନ ପାଇଁ ଓଡ଼ିଶାରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଓ ଓଡ଼ିଆ ଭାଷାରେ ସମ୍ବାଦ ପତ୍ର ପ୍ରକାଶ ଅତ୍ୟାବଶ୍ୟକ ହୋଇ ପଡ଼ିଥିଲା । ବିଚିତ୍ରାନନ୍ଦ ଏବଂ ତାଙ୍କ ସହ କାମ କରୁଥିବା ଉତ୍ସାହୀ ଯୁବକ ଗୌରୀଶଙ୍କର ଓ ଜଗନ୍ମୋହନ ରାୟ ଅଣ୍ଟାଭିଡ଼ି ବାହାରି ପଡ଼ିଥିଲେ ଓଡ଼ିଶାରେ ମୁଦ୍ରାଯନ୍ତ୍ର ସ୍ଥାପନ ପାଇଁ । ଏ ମହାନ୍ ଜାତୀୟ କାର୍ଯ୍ୟରେ ବିଚିତ୍ରାନନ୍ଦଙ୍କ ପ୍ରଚେଷ୍ଟାରେ ଓଡ଼ିଶା ଗଡ଼ଜାତର ରାଜା ମହାରାଜା ଏବଂ ମୋଗଲବନ୍ଦୀର ଜମିଦାରମାନେ ସାହାଯ୍ୟର ହାତ ବଢ଼ାଇ ଦେଇଥିଲେ । ଜନୈକ ବଂଶୀ-ଧରଙ୍କ ଶାଳ ଦ୍ୱାରା ପାଞ୍ଚଶହ ଟଙ୍କା ମୂଳଧନରେ କଟକ ସହରର ଦରଘା ବଜାରରେ ୧୮୬୬ ଖ୍ରୀ.ରେ 'କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍' ସ୍ଥାପିତ ହୋଇଥିଲା । ବିଚିତ୍ରା-ନନ୍ଦ ଦାସ, ଗୌରୀଶଙ୍କର ରାୟ, ଜଗନ୍ମୋହନ ରାୟ, ବନମାଳୀ ସିଂହ ପ୍ରମୁଖ ଡାଇରେକ୍ଟରଙ୍କୁ ନେଇ ଏହି କମ୍ପାନୀ ରେଜେଷ୍ଟ୍ରୀ ହୋଇଥିଲା । ଗୌରୀଶଙ୍କର ଥିଲେ ଏହି କମ୍ପାନୀର ଅବୈତନିକ ସେକ୍ରେଟାରୀ । ସେତେବେଳେ କଟକ ପ୍ରିଣ୍ଟିଂ କମ୍ପାନୀର ପରିଚାଳନାର ଗୁରୁ ଦାୟିତ୍ୱ ନ୍ୟସ୍ତ ହୋଇଥିଲା ଗୌରୀଶଙ୍କରଙ୍କ ଉପରେ । ଯୁବକ ଗୌରୀଶଙ୍କରଙ୍କର ମୁଦ୍ରଣ ପ୍ରିଣ୍ଟିଂ ପ୍ରେସ ସମ୍ପର୍କରେ ସାମାନ୍ୟତମ ଧାରଣା ନ ଥିଲା ! ପ୍ରାଣର ଅଦମ୍ୟ ଆବେଗରେ ପ୍ରିଣ୍ଟିଂ ପ୍ରେସ ସବୁ କଳକୁ ସେ ଖଣ୍ଡିଆ କରି ଖୋଲି-ଥିଲେ । ପ୍ରିଣ୍ଟିଂ କମ୍ପାନୀର ସୁଷ୍ଠୁ ପରିଚାଳନା ଗୌରୀଶଙ୍କରଙ୍କ ପ୍ରତି ଥିଲା ଏକ ଗୁରୁ ଆହ୍ୱାନ । କାରଣ ବ୍ୟବସାୟିକ / ଆର୍ଥିକ ଲାଭର ଆଶାରେ ଏହି ମୁଦ୍ରାଳୟ ସ୍ଥାପିତ ହୋଇ ନ ଥିଲା । ଏହି ମୁଦ୍ରାଯନ୍ତ୍ର ସ୍ଥାପନର ମୂଳ ଅଭିପ୍ରାୟ ଥିଲା, "ଓଡ଼ିଶାର ଦୁର୍ଗତି ନାଶନ ଓ ଉନ୍ନତି ସାଧନ ।" (୪) ଏହି ଛାପାଖାନାରେ ଛାପା କାମର ଶୁଭାରମ୍ଭ ହୋଇଥିଲା ୧୮୬୬ ମସିହା ଜୁଲାଇ ମାସ ୧ ତାରିଖରେ । ଓଡ଼ିଆ ଜାତୀୟ ଜୀବନରେ ଏହି ଦିନଟି ବାସ୍ତବରେ ଏକ ଐତିହାସିକ ଦିନ ।

ପ୍ରଥମେ ସୁତ୍ର ପଥର ଛାପା କଳରେ ମୁଦ୍ରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କଲିକତା ଠାରୁ ମାସିକ ପାଞ୍ଚ ଟଙ୍କା ଦରମାରେ ଲକ୍ଷ୍ମଣଦାସ (ପରେ ମୁନ୍ସୀ ଲଛିମନ) ଭୂତ୍ୟ ନିଯୁକ୍ତ ହୋଇ ପ୍ରେସର ଏକ ଅଭିନ୍ନ ଅଙ୍ଗରେ ପରିଣତ ହୋଇ-ଥିଲେ । ପ୍ରେସ୍ ପ୍ରତିଷ୍ଠାର ଦେଢ଼ ବର୍ଷ ନ ପୂରୁଣୁ ଗୌରୀଶଙ୍କରଙ୍କ ତତ୍ପରତାରେ

ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମ ସୁଧାନିଧି' କାବ୍ୟକୁ ତାଳପତ୍ର ପୋଥିରୁ ସଂଗ୍ରହ, ସମ୍ପାଦନ ପୂର୍ବକ କଠିନ ଶବ୍ଦାର୍ଥସହ ଖାଡିଆଙ୍କ ତତ୍ତ୍ୱରେ ମୁଦ୍ରିତ ରୂପ ଦେବା ସମ୍ଭବପର ହୋଇଥିଲା । (୫) ସର୍ବସାଧାରଣଙ୍କ ସୁବିଧା ପାଇଁ ସେ କାଳର ବେଳେବେଳେ ସରକାରୀ ଜାରିକରା ଆଇନର ମଧ୍ୟ ସରଳ ଓଡ଼ିଆ ଅନୁବାଦ ଏକ୍ଟମାନଙ୍କୁ ପ୍ରକାଶ କରାଯାଉଥିଲା । ତା ୪-୮-୧୮୬୭ ଠାରୁ କଟକ ପ୍ରିଣ୍ଟିଂ କମ୍ପାନୀରେ ସ୍ୱତନ୍ତ୍ର ଭାବେ ସୀସା ଓଡ଼ିଆ ଟାଇପରେ ଛପା କାର୍ଯ୍ୟ ଆରମ୍ଭ କରିଥିଲା । କମ୍ପାନୀ କାଳିପଦ ବନ୍ଦୋପାଧ୍ୟାୟଙ୍କ ସହାୟ ଓ ପଣ୍ଡିତ ଯଦୁର ରାୟ, ଭଗବାନଙ୍କ ଅନୁଗ୍ରହରୁ 'ଉତ୍କଳାଦର୍ଶ' ପ୍ରାପ୍ତ ହୋଇଥିଲା । (୬) ୧୮୬୭ ମସିହାରେ ବୋର୍ଡ ଅଫ୍ ଡ଼ାଇରେକ୍ଟରସ୍ ମିଟିଂ ମେଳରେ ସେ ଅବସ୍ଥା ବଜାରରେ କମ୍ପାନୀ ସ୍ଥାପନା ପାଇଁ ଜାଗା ନିର୍ଦ୍ଧାରଣ ହୋଇ ସାରିଥିବ ହେବ । ତାହାର କମ୍ପାନୀ ଶ୍ରୀଯୁକ୍ତ ଜଗନ୍ମୋହନ ଲାଲଙ୍କ ଦେଓ୍ୱାନ ଖାନ ସେ ଛାପା-କାର୍ଯ୍ୟ ଆରମ୍ଭ କରିଥିଲେ । ୧୮୬୯ ମସିହାରେ ଜାନୁଆରୀ ତା ୧୮ ଶନିବାର ଗୌରୀଶଙ୍କ ବଜାରରେ କମ୍ପାନୀ ନିଜସ୍ୱ ନିର୍ମିତ ଘରକୁ ଓ ସ୍ଥାନାନ୍ତରିତ ହେଲା, ଯହିଁରୁ ମୁଦ୍ରାଯନ୍ତ୍ର ଉଠି ଆସିଲା । ତତ୍କାଳୀନ ବଜାରର ଏହି କୋଠାଘରକୁ ଦେଖିଲେ ଲୋକ ବାବୁ 'ଅତି ଶୋଭନୀୟ ଅଟ୍ଟାଳିକା' ବୋଲି ପ୍ରଶଂସା କରୁଥିଲେ । ସୀସା ଟାଇପ ଓଡ଼ିଆ ଅକ୍ଷର ଓ ପ୍ରଶସ୍ତ ଗୃହ ପାଇ କଟକ ପ୍ରିଣ୍ଟିଂ କମ୍ପାନୀ ସେହି ବର୍ଷଠାରୁ (୧୮୬୯) ଅଧିକ ସକ୍ରିୟ ହୋଇଉଠିଥିବା ଲକ୍ଷ୍ୟ କରାଯାଏ । 'ଉତ୍କଳ ଦୀପିକା' ସାପ୍ତାହିକ ପ୍ରକାଶ ବ୍ୟତୀତ ସେହିବର୍ଷ ଭୂମି ମାପଜୋଖ, ଅଙ୍କ ଓ ଡ଼େଡ଼ିମାତ୍ରା, ଶିଶୁପାଠ ନାମକ ଛୋଟି ପାଠ୍ୟପୁସ୍ତକ ଓ ପଞ୍ଜିକା (୧୮୬୯-୭୦) ମହାଭାରତର ଅଂଶ (କୃତ୍ତିବାସ ଉଦ୍ଧୃତ), ଜନମାନେ ନାମକ ପାର୍ଶୀ ଗ୍ରନ୍ଥର ଅନୁବାଦ, ଦୁର୍ଭିକ୍ଷ ଚରିତ ଓ ଜଗତ ସମାଲୋଚନା ନାମକ ସାତୋଟି ସାଧାରଣ ପୁସ୍ତକ ପ୍ରକାଶ କରିବାକୁ ସକ୍ଷମ ହୋଇଥିଲା । ଏହି ଗ୍ରନ୍ଥଗୁଡ଼ିକ ଓ ଜ୍ଞାନବର୍ଦ୍ଧକ ନାଟକ, ଗଳ୍ପ, ସାହିତ୍ୟ ଓ ଶାସ୍ତ୍ରଗ୍ରନ୍ଥ ପୁନଃ ପ୍ରକାଶିତ କରି ତାହା ନିଜର ଉଦ୍ଦେଶ୍ୟ ସାଧନ ତତ୍ପର ପ୍ରବାହ ଦେଶରେ ଉନ୍ମୁକ୍ତ କରି ଦେଇଥିବାର ବଳ ଦେଶର ସମସ୍ତ ହେଉ କଟକ ପ୍ରିଣ୍ଟିଂ କମ୍ପାନୀ ସର୍ବଦା ସକ୍ରିୟ ହୋଇ ଉଠିଥିଲା । ସେ ଦୃଷ୍ଟିରୁ କଟକ ପ୍ରିଣ୍ଟିଂ କମ୍ପାନୀ ଓଡ଼ିଶା ଜାତୀୟ ହୋଇ ଉଠିଥିଲା ଏକ ଐତିହାସିକ ମୁଦ୍ରାଳୟ । ସ୍ୱର୍ଗୀ ଗୌରୀଶଙ୍କର ରାୟ ଓ ସମ୍ପାଦକ ଐତିହାସିକ ଦୃଷ୍ଟିରେ ଉଦାହରଣ ପ୍ରଦର୍ଶନ ପ୍ରଚେଷ୍ଟା ଏହି ପ୍ରିଣ୍ଟିଂ କମ୍ପାନୀକୁ ଉତ୍କଳର ଏକ ଗୌର-ବମ ସେଠାରେ ବହୁଦିନ ଯାଏଁ ଗୌରବ ମଣ୍ଡିତ ପ୍ରିଣ୍ଟିଂ କମ୍ପାନୀରେ ଉଦ୍ଧୃତ ହୋଇଥିଲା ।

କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରତିଷ୍ଠାକାଳରୁ ପ୍ରକାଶ ଆରମ୍ଭ ହେବାପରେ ଅନନ୍ତର ଓଡ଼ିଶାର ସାମୟିକ ପତ୍ର ଓ ସରକାରଙ୍କ ସହଯୋଗରେ ଚଳାଇବା ପାଇଁ ବିଚ୍ଛେଦାନନ୍ଦ, ଗୌରୀଶଙ୍କର, ଜଗନ୍ମୋହନ ପ୍ରମୁଖ ସାପ୍ତାହିକ ଓଡ଼ିଆ ପତ୍ରିକାଟିଏ ପ୍ରକାଶ କରିବା ପାଇଁ ମାନସିକ ଭାବେ ପ୍ରସ୍ତୁତ ହେଉଥିଲେ । ତତ୍କାଳୀନ ବଙ୍ଗଳାର ଘୋର ଦୁର୍ଭିକ୍ଷ ଦୃଷ୍ଟିଗତ ଏବଂ ଆଜି ଆସିବାକୁ ଥିବା ଦୁର୍ଦିନର ଘନ ଘଟା ମଧ୍ୟରେ ସେମାନଙ୍କ ଉଦ୍ୟୋଗରେ 'କଟକୁଆର ଛପା ଖବର' ପ୍ରାପ୍ତ 'ଉତ୍କଳ ଦୀପିକା'ର ତା ୪-୮-୧୮୬୬ରେ

ଅନୁସର୍ଣ୍ଣ କରିଲେ । ଛାପାଖାନା ପରିଚାଳନା ସଂଗେ ପତ୍ରିକା ସମ୍ପାଦନାର ଗୁରୁ-ଦାୟିତ୍ୱ ମଧ୍ୟ ଡାଇରେକ୍ଟରମାନଙ୍କ ଅନୁମୋଦନ କ୍ରମେ ଗୌରୀଶଙ୍କରଙ୍କ ଉପରେ ହିଁ ସମର୍ପିତ ହୋଇଥିଲା । ତା ପରେ ଆରମ୍ଭ ହୋଇଥିଲା ନିରବଚ୍ଛିନ୍ନ ଓ ନିର୍ଭୀକ ଭାବେ ଓଡ଼ିଆ ଜାତିର ଜାଗରଣର ଗାଥା · ..... ଓଡ଼ିଆ ଜାତିର ନବ ଜାଗରଣର ମହା-ମନ୍ତ୍ରରେ ଅନୁପ୍ରାଣିତ ହୋଇ ଉଠିଥିଲେ ସେବେଳେ ଗୌରୀଶଙ୍କର । ଓଡ଼ିଆ ଜାତିର ନବ ଜାଗରଣର ଏହି ମହାଯଜ୍ଞରେ ଗୌରୀଶଙ୍କର, କଟକ ପ୍ରିଣ୍ଟିଂ କମ୍ପାନୀ ଓ ଉତ୍କଳ ଦୀପିକା ଯେପରି ଏକ ଓ ଅଭିନ୍ନ ହୋଇ ଉଠିଥିଲେ । ବସ୍ତୁତଃ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କଟକ ପ୍ରିଣ୍ଟିଂ କମ୍ପାନୀର ଦ୍ୱିତଳ କୋଠାଟି ଓଡ଼ିଆ ଜାତୀୟତାବାଦ, ଓଡ଼ିଶାର ସାଂସ୍କୃତିକ ଓ ରାଜନୈତିକ ଉନ୍ମେଷର ପ୍ରୟୋଗଶାଳା ହୋଇ ଉଠିଥିଲା ଏବଂ 'ଉତ୍କଳ ଦୀପିକା' ଥିଲା ତାର ମୁଖପତ୍ର ଓଡ଼ିଶାରେ ନବଜାଗରଣର ଏକମାତ୍ର ନିର୍ଭରଯୋଗ୍ୟ ମୁଖପତ୍ରିକା । ଓଡ଼ିଶାର ଏହି ନବଜାଗରଣରେ ଅତି ଉତ୍ସାହୀ ଅଗ୍ର-ଦୂତ ଉଦ୍‌ଗାତା ଥିଲେ ଗୌରୀଶଙ୍କର । ୧୮୬୬ ସାଲରୁ ଆରମ୍ଭ ହୋଇ ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ସମ୍ବାଦପତ୍ର ଭାବେ ଦୀର୍ଘ ୭୨ ବର୍ଷକାଳ ଏକାଧାରେ ପ୍ରକାଶ ପାଇ 'ଉତ୍କଳ ଦୀପିକା' ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ଜନ ଜୀବନ ଉପରେ ଗଭୀର ରେଖାପାତ କରିଥିଲା ।

୧୮୬୬ ସାଲର ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା । ସାଂଘାତିକ ଦାରୁଣ ଅଭାବରେ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଶ୍ମଶାନସଦୃଶ ହୋଇ ଉଠିଥିଲା । ଏହି ନଅଙ୍କରେ ସରକାରୀ ହିସାବ ଅନୁସାରେ ପ୍ରାୟ କୋଡ଼ିଏ ଲକ୍ଷ ଓଡ଼ିଆ ଜୀବନ ହରାଇଥିଲେ । ପ୍ରକୃତ ମୃତ୍ୟୁସଂଖ୍ୟା ଥିଲା ତହିଁରୁ ଅଧିକ ଅନେକ । ଅନାହାରର ତାଡ଼ନାରେ ଗାଁଗଣ୍ଡା ଘରଦ୍ୱାର ପରିତ୍ୟାଗ କରି ଲକ୍ଷ ଲକ୍ଷ ଲୋକ ରାସ୍ତାର ପଥ ପ୍ରାନ୍ତରରେ ଭିଡ଼ ଜମାଇଥିଲେ । ଦୁର୍ଦ୍ଦଶାର ନିଦର୍ଶନ ତହିଁ ସେହି କାଳର ଦୀପିକାରେ ପ୍ରକାଶିତ ହୋଇଥିବା କବିତାରୁ ଲକ୍ଷ୍ୟ କରାଯାଇପାରେ—

“ଶାଗ ଖାଇବା ହେଲା ଓଜନ,
ଘର ଛାଡ଼ି ଦେଲେ ଲୋକେ ତେଜ ।
ଦେଖେ ଦରିଦ୍ରତା ପୁଣଃ ପୁଣ । ॥ ୨ ॥

ତନୁକୁ ଅନ ଯେ ହୋଇଲା କଠିନ ଅଭାବ ହେଲେକ ଲୋକ
ଛାଡ଼ି ଘରଦ୍ୱାର ଯୋଗଣ ଖାଦ୍ୟ ଖୋଜିଲେ କାହିଁ ଲୋକ, ହେ ଦେବ ।
ଦୁଃଖ କହିବ କେମନ୍ତ ବେଳ,
କହୁଥିଲୁ ଲାହାର ଶବେକ । ପ୍ରାଣେ ମାରିଲୁ ପରେକ ॥ ୩ ॥

ଛଡ଼ାଏ କରନ୍ତି ସ୍ୱାମୀ ଭାର୍ଯ୍ୟା ଦ୍ୱିତ ଅନ୍ଧର ଅପତ୍ୟ ସ୍ନେହ
ପେଟର ବେଦନା ସହି ନ ପାରି ପାପକୁ ଦେଲେ କି ଦେହ । ହେ ଦେବ
ଭଲେ ତୁମ ନାଶ ପରଲୋକ
ଏକ ଜଣଙ୍କୁ ଗିଳାକୁ ଦେଇ, ଜାନ କଷ୍ଟକୁ ଯୋଗରେ ଥାଉ ॥ ୪ ॥ (୨)

ଓଡ଼ିଆ ଜାତିର ଏହି ଚରମ ସଙ୍କଟ ସମୟରେ ଅଦୂରଦର୍ଶୀ ବଙ୍ଗୀୟ ଅମଲାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ପରିଚାଳିତ ଇଂରେଜ ଶାସକଙ୍କ ଅନ୍ଧବିଶ୍ୱାସ, ଅପାରଗତା, ଉଦାସୀନତା ଓ ଅବହେଳା ଜାତିକୁ ଘାରିଦେଇଥିଲା । ଏହା ବାସ୍ତବରେ ଏକ ମନୁଷ୍ୟକୃତ ନରମେଧ ଯଜ୍ଞ । ଓଡ଼ିଶାରେ ପ୍ରଚୁର ଖାଦ୍ୟ ଅଭାବ ହୋଇଥିବାବେଳେ ଭୁଲ ତଥ୍ୟ ଉପରେ ଆଧାରିତ ଇଂରେଜ ସରକାରଙ୍କ ରିପୋର୍ଟ ଯୋଗୁଁ ଏ ସଙ୍କଟ ଚେତନାର ଜନ୍ମ ଦେଇଥିଲା । 'ଓଡ଼ିଶା ବିଳାପ' କବିତାରେ ରାଧାନାଥ ଦୁର୍ଭିକ୍ଷର ନଗ୍ନ ଚିତ୍ର ସହିତ ସରକାରଙ୍କ ଉଦାସୀନତା ପାଇଁ ସରକାରଙ୍କ ଉପରେ ତୀବ୍ର ଆକ୍ଷେପ କରିଛନ୍ତି —

"ଦରିଦ୍ର ଦେଶର ଓଡ଼ିଶା ଦର୍ଶିଣ ବାୟୁ ଧୂମ୍ରମୟ ଧୂଳା
ଦୁର୍ଭିକ୍ଷ ରାକ୍ଷସ ଯୋଗୁଁ ପରମାଦ ଶୋଷିଲା ମତେ କର୍ମୀମାନ ।

× × ×

ଦୁଃଖ ପାଶ ମାସ ପର୍ଯ୍ୟନ୍ତ ହେଲୁ କେବେ କାହୁଁ ନାହିଁ ଖାଇବାକୁ ।
ଅଧମ ଅନ୍ନ ଅଭାବରେ, କୋଟି କୋଟି ଗଲେ ଯମପୁରେ ।
ଏକପକ୍ଷ ଦେଖେ ଚଲେ ସ୍ୱର୍ଗପଥେ ଦେଖେ ଯୁ ଜାତ୍ୟର ହେଲେ
ଦାରୁପୁଣ ଗୁଣ୍ଡି ଏହା ଅନ୍ନ କେଉଁ ଦେଖୁଅଛେ ପଳାଇଲେ ।
ସେମାନଙ୍କର ବସ୍ତ୍ର ଶଯ୍ୟା ନ ଥିବା ହସ୍ତ ପଦ ଅସ୍ଥି
ଦଶ ଦ ଦଣ୍ଡର ବୋଲେ ଦର୍ଶନର ଧାନ ମୁଣ୍ଡି ନୁଆଁଛନ୍ତି ।
କେଉଁଠାରେ ପଡ଼ିଛି ଶବ୍ଦଯାତ୍ରା ରକ୍ଷିତ ଶ୍ମଶାନରେ ମାଛିଛି ।
ଘୋଡ଼ା ଶୁଆଣ, ଜାଲ ବଡ଼ବାଜା ଚଲ କଣା ।
ଏବେ ପରମାଦ କହିଁ ଅପବାଦ ଅଦାଲତେ ମୋ ଉପରେ
ନାହିଁ କିଛୁ ଫଳ ଦୁଇଲା କେବଳ ଦୁଃଖ ଦୁର୍ଭାଗ୍ୟ ଭରେ
ଏହା ମୋ ସ୍ୱଦେଶରେ, ଧର୍ମ କ୍ଷଣ କହି ଯାଆରେ ।

× × ×

ଯଦ ଦର୍ଶନର ହୋଇଲା ଉଚ୍ଚ ଭଣ୍ଡାର ଅନ୍ନେଷଣ
ପ୍ରକୃତ ଅବସ୍ଥା ଜାଣି ପାରନ୍ତା ନ ହୁଅନ୍ତା ଏ ମରଣ
ବଡ଼ ଆଳସ୍ୟ କଲ, ପର କଥାରେ ଭୁଲ କରିଲ ।" (୮)

ସମ୍ଭବତଃ ଏ ସବୁ କବିତାର ବଳ ଥିଲେ ମୋର ଗୌରୀଶଙ୍କର । ଶ୍ରଦ୍ଧାସ୍ପଦ ଏପରି ସିଧ ଭାଷା ବାଙ୍ଗାଳୀ ଅଫିସର ଯୋଗୁଁ ଦର୍ଶନର ରେଭେନ୍‌ସା ପାଇଁ ସମ୍ପାଦକ ଗୌରୀଶଙ୍କରଙ୍କ ଉପରେ ରୁଷ୍ଟ ହୋଇ ଉଠିଥିଲେ । ପରେ ଗୌରୀଶଙ୍କରଙ୍କ ନିର୍ଭୀକତା ଓ ମହତ୍ ଅଭିଜ୍ଞତାର ପ୍ରମାଣ ପାଇ ତାଙ୍କ ଉପରେ ସର୍ବାଧିକ ଶ୍ରଦ୍ଧା ପ୍ରକାଶ କରିଥିଲେ ।

୧୮୬୬ ଖ୍ରୀ ରୁ ୧୮୬୯ ଖ୍ରୀ ପର୍ଯ୍ୟନ୍ତ ଉତ୍କଳଦୀପିକା ଭାଳ ଉତ୍କଳ ପାଠିକା ଉତ୍କଳର ପୁରପଲ୍ଲୀର ନଗରର ଦକ୍ଷିଣ କଥ ହିସାବ ଭଳି ଟୋଲାଧର ଖବରାଖବର ବହନ

ସ୍ୱଦେଶ ଓ ସ୍ୱଜାତି ଜନ ହୋଇଲେ । ତାହାଙ୍କ ପାଇଁ ଦାନ ଭକ୍ତିକ ଓ କର୍ମ ଭକ୍ତିକ ସରକାରୀ ତଥା ବେସରକାରୀ ଅନ୍ନଛତ୍ର ଖୋଲିବାର ଦାବୀ ଓ ବର୍ଣ୍ଣନା, ସରକାରୀ ଅନ୍ନଛତ୍ରରେ ଖାଦ୍ୟ ଯୋଗାଣରେ ଅବ୍ୟବସ୍ଥା ଦୂର କରିବା, ତାଙ୍କଙ୍କୁ କର୍ମ ଯୋଗାଣ, ଅନାଥ ବାଳକ ବାଳିକାଙ୍କ ଥଇଥାନ ଓ ଶିକ୍ଷା ବ୍ୟବସ୍ଥା, ଓଲାଉଠା (ହଇଜା) ରୋଗର ପ୍ରାଦୁର୍ଭାବ ଓ ପ୍ରତିକାର, ଭୂମି କର ଛାଡ଼ ମୋଚନ ପାଇଁ ବେନାମ ଲେଖନ, ଦୁର୍ଭିକ୍ଷ ଅନୁସନ୍ଧାନ କମିଶନଙ୍କ ତଥ୍ୟ ଦୁର୍ଭିକ୍ଷ ନିବାରଣରେ କମିଟି ଗଠନ, ସ୍ୱାସ୍ଥ୍ୟାଧିକାରୀଙ୍କ ସହ କୃଷ୍ଣଗଡ଼ ଓଡ଼ିଶା ଆଦି ବ୍ୟାପକ ପରାମର୍ଶ ଓ ବିବରଣୀ ପ୍ରକାଶ କରି 'ଉତ୍କଳ ଦୀପିକା' ଦୁର୍ଭିକ୍ଷ କାଳରେ ଓଡ଼ିଶାର ଜନତାଙ୍କ ନିନାଦର ମୁଖପତ୍ର ହୋଇ ଉଠିଥିଲା । ତାଙ୍କ ଯୋଗୁଁ ସରକାରେ ଦୀପିକାରେ ରେଭେନ୍ସାଙ୍କ ପରାମର୍ଶ ଗ୍ରହଣ କରି ଓଡ଼ିଶାରେ ଦେବାକୁ ଥିବା ବନ୍ଦୋବସ୍ତ ରହିତ କରି ପୂର୍ବ ବନ୍ଦୋବସ୍ତର ମିଆଦ ଅଧିକ ତିରିଶ ବର୍ଷ ବଢ଼ାଇ ଦେଇଥିଲେ । ଏ ସବୁ ମହତ୍ତ୍ୱକୁ ଓଡ଼ିଆଙ୍କୁ ବଞ୍ଚାଇବା ପାଇଁ ମହାମନା ବିଚାରାଧୀନ ବେଳ କ୍ୟାମ୍ପ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ହୋଇ ସନ୍ତୁଷ୍ଟ ନଥିଲେ । ପରେ କଣାଇ କଣାଇ ଦୁଃସ୍ଥ ଧର୍ମପ୍ରାଣ ତାଙ୍କୁ ଦୁଃସ୍ଥ ସମାଜରେ ପୁନଃ ସଂସ୍ଥାପନ ପାଇଁ ଧାରାବାହିକ ଉଦ୍ୟମ କରି ସଫଳତା ଅର୍ଜନ କରିଥିଲେ । (୪) ବାସ୍ତବରେ "ଉତ୍କଳ ଦୀପିକା" ଏଭଳି ସଙ୍କଟ କାଳରେ ପ୍ରକାଶ ପାଇ ନ ଥିଲେ ଆହୁରି କେତେ ଲକ୍ଷ ଅଧିକ ଓଡ଼ିଆ ଯେ ଦୁର୍ଭିକ୍ଷ ଦାଉରେ ମଲା ପଡ଼ିଥାନ୍ତେ ତାର ହିସାବ କରି ହେବନାହିଁ । ଦୁର୍ଭିକ୍ଷ ପରେ ଏକ ପୁନର୍ଜାଗରିତ ନବଚେତନା ତଥା ନୂତନ ଆତ୍ମପ୍ରତ୍ୟୟ ସୃଷ୍ଟି ହେଉ ହେଉ ଓଡ଼ିଆ ଜାତି କୌଣସି ପ୍ରକାରେ ମଥା ଟେକି ଚଳି ହେବାକୁ ଆରମ୍ଭ କଲା । ଏହିକାଳରେ ଓଡ଼ିଶାର ଓଡ଼ିଆ ଭାଷା ସମ୍ପ୍ରସାରଣ ଗୁରୁ ହେବାକୁ ଲାଗୁ ହୋଇଥିବା ସହିତ ଓଡ଼ିଆ ସ୍ୱାଭିମାନୀ ଅଧିକ ଜନଚେତନା ତଥା ଐକ୍ୟବଦ୍ଧ ହୋଇ ବାହାରର ମୁକାବିଲା କରିବାର ସଚେତନତା ଅଧିକ ଥାଇ ହୋଇ ଉଠିଲା ।

ଇଂରେଜ ପ୍ରଶାସନ ଓଡ଼ିଶା ଭୂଖଣ୍ଡ ଅଧିକୁ କାଟିବା ସମାନ୍ତର ଏହି ବନ୍ୟାଗତ/ଅବହେଳାକୁ ସଂଶୋଧନ କରି ଏକ ସୁସ୍ଥ ସବଳ ସମ୍ପ୍ରସାରଣ କରିବା ପାଇଁ ବହୁ ରଚନାତ୍ମକ ଯୋଜନା ଆଣି ଓଡ଼ିଆଙ୍କ ମନରେ ତେଜ ପ୍ରଶମନ କରି ପାରିଥିଲେ । ଆର୍ଥିକ ତଥା ରାଜନୈତିକ ଓଡ଼ିଆର ଅକ୍ଷୋଭିତ ହୁଏ ନ ପାଇ ବାହାରିଲା ବଙ୍ଗୀୟ ଅମଲଙ୍କ ଉପରେ, ବଙ୍ଗୀୟ ଜମିଦାରଙ୍କ ଉପରେ ଏବଂ ପରେ କଟକର ବଙ୍ଗୀୟଙ୍କ ଉପରେ । ବଙ୍ଗୀୟମାନେ "ଓଡ଼ିଆ ଭାଷା ନୁହେଁ" ବୋଲି ଏକ ଅମୂଳକ ଧାରଣା ପୋଷଣ କରି ଆସୁଥିଲେ । ତେଣୁ କେବଳ ଜନନ ଭାଷା ନୁହେଁ, ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ପାଇଁ ମଧ୍ୟ ଉତ୍କଳ ଦୀପିକା ପ୍ରକାଶନର ପ୍ରଥମ ବର୍ଷରୁ ହିଁ ପ୍ରଚେଷ୍ଟା ଆରମ୍ଭ କରି ଦେଇଥିଲା । 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ' ଏହି ପ୍ରଚଳିତ ପ୍ରବାଦକୁ ଖଣ୍ଡନ କରି ଦୀପିକା ଅକାଟ୍ୟ ଯୁକ୍ତି ବାଢ଼ିଥିଲା—"ବଙ୍ଗଦେଶୀୟ ଲୋକେ କହନ୍ତି ଓଡ଼ିଆ-ମାନଙ୍କର ଜ୍ଞାନ ଏପରି ସ୍ଥୂଳ ଯେ ନାନା ପ୍ରକାର ଚେଷ୍ଟା କଲେ ମଧ୍ୟ ସେମାନେ କୌଣସି ପ୍ରକାରରେ କୌଣସି ବିଷୟରେ ସୁଶିକ୍ଷିତ ହୋଇ ପାରନ୍ତି ନାହିଁ । ମାତ୍ର

ଅନୁଧ୍ୟାନ ପୂର୍ବକ ବିବେଚନା କରି ଦେଖିଲେ ସେମାନଙ୍କର ଏରୂପ ବିଚାର ଏକାନ୍ତ ଅଦୂରଦର୍ଶିତା ମୂଳକ । ସକଳ ବିଷୟରେ ଓଡ଼ିଆମାନେ ସ୍ୱଭାବରେ ପାରଦର୍ଶୀ ।

କେବଳ କେହି ସହାନୁଭୂତି ନ ଥିବାରୁ ଏବଂ ସ୍ୱଜନଦ୍ରୋହ ତଥା ଅନ୍ୟାନ୍ୟ ବାଧା ଜନ୍ମିବାରୁ ଉତ୍କଳୀୟ ମାନଙ୍କର ସ୍ୱଜାତି ମହତ୍ତ୍ୱଶ୍ରୀ ଧୀରେ କ୍ରମଶଃ ଲୋପ ହୋଇ ଯାଉଅଛି । ଏହି ଅଞ୍ଚଳମାନଙ୍କର ପ୍ରାଚୀନ ଅଧିବାସୀ ଓଡ଼ିଆମାନଙ୍କର ଅବସ୍ଥା ଯେ ଏତେ ବିଲୁପ୍ତ ହୋଇଅଛି ତାହାର କାରଣ କି ? କେବଳ ଅଦୃଷ୍ଟ ଦୋଷ କି ଏହି ହୀନ ଅବସ୍ଥାର ମୂଳୀଭୂତ କାରଣ ନୁହେଁ ? ଦେଶ କି ଗଭର୍ଣ୍ଣମେଣ୍ଟ ଓ ଦେଶହିତୈଷୀ ମହାଶୟ କେବଳ ଦେଶୀୟ ଓ ବିଦେଶୀ ଭୂସ୍ୱାମୀ ବଙ୍ଗାଳୀର ହସ୍ତର କାରଣ କି ପର୍ଯ୍ୟନ୍ତ ଔଦାସୀନ୍ୟ ଓ ଅସ୍ୱୀକାର ସ୍ୱୀକାର କରି ପାରନ୍ତି ? ପୂର୍ବେ ଏ ଉତ୍କଳ ଦେଶରେ ଯେଉଁ ସେବକ ଚେଷ୍ଟା କରୁଥାଉଥିଲା କେବେ ଆଜି କି ଉତ୍କଳର ଏପରି ଦୁରବସ୍ଥା ଥାଆନ୍ତା । × × ×

ପୁନଶ୍ଚ ଦେଶ ଏରୂପ ବଙ୍ଗାଳୀ ହସ୍ତର ହେବାର କାରଣ କି ଯେତିକ୍ ଦା ଅଛି କହୁ- ଯାଉଛୁ । ତଥାପି ଉତ୍କଳୀୟ ଲୋକମାନେ ଯେ ସକଳ ଭାବ'ଗ୍ରନ୍ଥ ରଚନା କରି ଯାଇଛନ୍ତି ତାହାର ତୁଳନା ଦେବା ପାଇଁ ଆଜି ପର୍ଯ୍ୟନ୍ତ ଶ୍ରେଷ୍ଠ ମଧ୍ୟ କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇନାହିଁ । ସାହିତ୍ୟ କି କାବ୍ୟ କି ଗଣିତ କି ଭୂଗୋଳ କି ଜ୍ୟୋତିଷ ବିଦ୍ୟା ସକଳ ବିଷୟରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶ ହୋଇଅଛି ମାତ୍ର ଏହି ସକଳ ପୁସ୍ତକ ଅନୁବାଦିତ ବା ଅପହୃତ । ସ୍ୱାଧୀନ ପୁସ୍ତକ କେତେ ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳିମାନେ ବିଦ୍ୟାସୁନ୍ଦରକୁ ସୁପ୍ରସିଦ୍ଧ ପୁସ୍ତକ ବୋଲି ମଣନ୍ତି । ଏବଂ ଏହି ଗ୍ରନ୍ଥ ରଚନା କରି ଭାରତ ଚନ୍ଦ୍ର ରାୟ ବଙ୍ଗଳା ଦେଶରେ ବିଖ୍ୟାତ ହୋଇଅଛନ୍ତି । 'ବିଦ୍ୟା ସୁନ୍ଦର' ରଚନା ଅନେକ ପୂର୍ବରୁ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରନ୍ତି, ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁର୍ଯ୍ୟ, କି ସ୍ୱଭାବ ବର୍ଣ୍ଣନା, ଶବ୍ଦଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତ ଚନ୍ଦ୍ରଙ୍କଠାରୁ ଅଧିକ ପଟୁତା ଲାଭ କରିଅଛନ୍ତି ।" (୧୭)

୧୮୬୬ ମସିହାରେ ଗୋପାଳ ଚନ୍ଦ୍ର ହାଲଦାର 'ନଅଙ୍କ ଦୁର୍ଭିକ୍ଷ' ଉପରେ ଏକ ପୁସ୍ତକ ଇଂରାଜୀରେ ରଚନା କରିଥିଲେ । ପୁସ୍ତକଟିର ଭୂମିକା ଅଳ୍ପକଥାରେ ଇଂରେଜ ଶାସନ ପଦ୍ଧତିରେ ତାଙ୍କର ଅନାସ୍ଥା ନିଯୁକ୍ତିମାନଙ୍କ ସମର୍ଥନ କରି ଓଡ଼ିଆଙ୍କୁ ଅପମାନିତ କରିଥିଲା । ଗୌରୀଶଙ୍କର ଏହାର ତୀବ୍ର ପ୍ରତିବାଦ କରି ଲେଖି- ଥିଲେ – "ସମୁଦାୟ ପୁସ୍ତକ ପାଠ କରିବାରେ ସ୍ପଷ୍ଟ ଲେଖକଙ୍କର କେବେକେ ବିଷୟରେ ଭ୍ରମ ଦେଖାଯାଏ । ପ୍ରଥମତଃ ଓଡ଼ିଆମାନଙ୍କୁ ସେ ସମୁଦାୟ ଅବୋଧ ସ୍ୱରୂପେ ବର୍ଣ୍ଣନା କରନ୍ତି । ଏ ପ୍ରବାଦ ଯେ କେତେଦୂର ଅମୂଳକ ଓ ଅଯଥାର୍ଥ ତାହା ଏ ପତ୍ରିକାରେ ପୂର୍ବେ ବାହୁଲ୍ୟ ରୂପେ ଲେଖାଯାଇଛି । ଗ୍ରନ୍ଥକର୍ତ୍ତାଙ୍କର କାରଣ ଏହି ଯେ ଓଡ଼ିଆ-

ମାନେ ବର୍ତ୍ତମାନ କାଳର ସ୍ୱଦେଶୀ ଜନସ୍ୱ ପଦାର୍ଥମାନ ପାଇଲେ, ଭବିଷ୍ୟତ କାଳ ପ୍ରତି ଦୃଷ୍ଟି ରଖନ୍ତୁ ନାହିଁ । ସୁତରାଂ ଦୁର୍ଭିକ୍ଷରେ ଏତାଦୃଶ୍ୟ ଦୁରବସ୍ଥାରେ ପତିତ ହେଲେ । × × × ଏ ଦେଶରେ ଶସ୍ୟ ନଷ୍ଟ ହେବାର କାରଣ ଗବର୍ଣ୍ଣମେଣ୍ଟରେ ଜଣାଇବାର ସ୍ୱତନ୍ତ୍ରବର୍ତ୍ତୀ ସମ୍ବାଦଦାତାମାନଙ୍କ ପ୍ରତି ଦୋଷ ଅର୍ପଣ କରନ୍ତି । × × × ଦେଶର ପ୍ରକୃତାବସ୍ଥା ଅନ୍ୱେଷଣ କରିବାର ସ୍ୱାଧୀନ କର୍ମଚାରୀମାନଙ୍କର କର୍ତ୍ତବ୍ୟ । ତାହା କେବଳ ଶସ୍ୟ ଅଭାବ ଜଣାଇ ନ ଦେଲେ । ଅତଏବ ଯଥାର୍ଥ ଦୋଷୀ କର୍ମଚାରୀମାନେ ଅଟନ୍ତି ।

ସ୍ୱତନ୍ତ୍ରବର୍ତ୍ତୀ ଲେଖନ୍ତି ସେ ଏଠାରେ ଅଳ୍ପ ଦିନରୁ ଜମିଦାର ଅଛନ୍ତି । ସେମାନଙ୍କ ଆୟ ଅଳ୍ପ ସ୍ଥଳେ ମଧ୍ୟ ଆପଣା ଅସ୍ୱାଚ୍ଛନ୍ଦ୍ୟରେ ଦୁର୍ଭିକ୍ଷ ନିବାରଣରେ ସାହାଯ୍ୟ କରି ଅଛନ୍ତି । ଏ ମତ ଭ୍ରମ — ବାବୁ ରାଧାନାଥ ରାୟ ଚୌଧୁରୀ, ବାବୁ ଲକ୍ଷ୍ମୀନାରାୟଣ ହରିଚନ୍ଦନ, ବାବୁ ଦେବେନ୍ଦ୍ରନାଥ ଠାକୁର ଓ ଅନ୍ୟ ଜମିଦାରମାନଙ୍କର ଅଳ୍ପ ଆୟ ? ଏମାନଙ୍କ ମଧ୍ୟରେ କେହି କେହି ଲକ୍ଷପତି ଅଟନ୍ତି ଓ ଏମାନେ ଆପଣା ଆପଣା ଶକ୍ତି ଅନୁସାରେ କଦାପି ସାହାଯ୍ୟ କରି ନାହାନ୍ତି ।

ଭକ୍ତବର୍ତ୍ତୀ କହେ ଓଡ଼ିଆ ଜମିଦାରଙ୍କ ଅନ୍ତଃକରଣ କଠୋର ହୋଇଅଛି । ସେ ସାହାଙ୍କ ସମ୍ବନ୍ଧ ନାମ ଲେଖିଅଛନ୍ତି ତାହା ତାଙ୍କ ଲେଖାକୁ କହେ ମାତ୍ର ସେ ଏକାନ୍ତ କଥା ଓ ଉପକାରର ଉପଯୁକ୍ତ ନୁହନ୍ତି ।" (୧୧)

ଗୌରୀଶଙ୍କର ଲକ୍ଷ ଲକ୍ଷ ଓଡ଼ିଆ ସ୍ୱଦେଶୀ ପ୍ରାଣରେ ଉତ୍କଳ ଦୀପିକା ମାଧ୍ୟମରେ ସ୍ୱାଭିମାନ ଓ ଉତ୍କଳୀୟ ଜାତୀୟତାବୋଧର ବୀଜ ବପନ କରିବା ଆରମ୍ଭ କରିଥିଲେ ।

ଏଣୁ ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ଗୌରବର କଳଙ୍କ ଓ ସୃଷ୍ଟି ମନରେ ଆଘାତ ହାଣିଲା । ଓଡ଼ିଆ ମନ ଓ ପ୍ରାଣ ଦୁଃଖ ସ୍ୱାଭିମାନରେ ଅବଗାହନ କରି ଆପଣାକୁ ଦେଖିବାକୁ ଲାଗିଲା । ବସ୍ତୁତଃ ଜାତୀୟତାବୋଧ ହୋଇ ଉଠିଥିଲା ଆଧୁନିକ ଯୁଗର ଏକ ଅବିଚ୍ଛେଦ୍ୟ ସଂସ୍କାରମୂଳୀ ସୃଷ୍ଟି ସ୍ପନ୍ଦନ । (୧୨) ନଅଙ୍କ ଦୁର୍ଭିକ୍ଷ ଓଡ଼ିଶା ପାଇଁ ବସ୍ତୁର ଅଭିଶାପ ହୋଇଥିଲେ ମଧ୍ୟ, ପରୋକ୍ଷ ରୂପରେ ଏହା ହିଁ ହୋଇ ଉଠିଲା ଉତ୍କଳୀୟ ଜାତୀୟତାବୋଧ ତଥା ନବଜାଗରଣର ଜନ୍ମଭୂମି । ଓଡ଼ିଆ ପ୍ରାଣରେ ଏହା ନୂତନ ଶକ୍ତି ଓ ଅପୂର୍ବ ଜାଗୃତି ସୃଷ୍ଟି କରିଥିଲା । ଦୁର୍ଭିକ୍ଷ ପରେ ଯେଉଁ ବ୍ୟାପକ ଓଡ଼ିଆ ଜନସ୍ରୋତ ହେଲା, ତାହା ପ୍ରତ୍ୟକ୍ଷ ଭାବରେ ତାଙ୍କ 'ଉତ୍କଳ ସମ୍ବନ୍ଧ' ରେ ନୁହେଁ. ମିଶନାରୀ ଇଂରେଜ ଶାସକମାନଙ୍କ ମଧ୍ୟ ଓଡ଼ିଶା ପ୍ରତି ଦୃଷ୍ଟି ଭଙ୍ଗୀରେ ଅମୂଳ ପରିବର୍ତ୍ତନ ଘଟିଲା । ପୂର୍ବ ଦେଖାଯାଉଥିବା ଇଂରେଜ ଶାସକଙ୍କ ଦୃଷ୍ଟିକୋଣରେ ନୂଆ ଓଡ଼ିଶାର ସଂସ୍କୃତି ପ୍ରଗତିରେ ଏବଂ ଇଂରାଜୀ ଶିକ୍ଷା ଓ ସଂସ୍କାର ପ୍ରତି ଆଗ୍ରହ ଦେଖା ଦେଲା । ଚିନ୍ତାଧାରାରେ ଓଡ଼ିଆ ଜାତି ପକ୍ଷରେ 'ଅନ୍ଧ ଯୁଗ' ତୁଳନାରେ 'ମାନସିକ ଯୁଗ' ଅଧିକ ଗ୍ରହଣୀୟ ହୋଇ ଉଠିଲା

ଲଢ଼ୁଥିଲା । 'ଉତ୍କଳ ଦୀପିକା' ପୃଷ୍ଠାରେ ଗୌରୀଶଙ୍କରଙ୍କ ଲେଖନୀରେ ସେହି ପୀଡ଼ିତ ଅସ୍ମିତାର ବେଦନା ମର୍ମଗତ ହୋଇ ଉଠିଛି—"ବଙ୍ଗଳାରେ ବହୁତ କଲେଜ ଅଛି, କିନ୍ତୁ ଓଡ଼ିଶା କ'ଣ ଦୋଷ କରିଅଛି ଯେ ଗୋଟିଏ ସୁଦ୍ଧା କଲେଜ ପାଉନାହିଁ । × × ହାୟ ! ଅହୋ ! ଦଶା ଦୁର୍ଭିକ୍ଷର ଉପୁଜିଲା, ତାହାର ନିବାରଣ ପକ୍ଷରେ ସରକାର ହାତ ଖୋଲି ଅପଣା କର୍ତ୍ତବ୍ୟ ସାଧନ କରି ଅଛନ୍ତି । ଏହାର ମାନସିକ ଦୁର୍ଭିକ୍ଷ ନିବାରଣର ଉପାୟ କରନ୍ତୁ ।" (୧୩) 'ମାନସିକ ଦୁର୍ଭିକ୍ଷ' ଶବ୍ଦ ଏହି ସଚେତନତା ସଦା ପ୍ରକାଶ ଯାହା ପଛରେ ଦର୍ଶିତ ହୁଏ ଏକ ଇଙ୍ଗିତାତ୍ମକ ଇତିବାଚକ ଦିଗ ।

୧୮୬୮ ଖ୍ରୀରେ କଟକରେ ହାଇସ୍କୁଲ ପ୍ରତିଷ୍ଠା ସହ ଉଚ୍ଚ ଶିକ୍ଷାର ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିଲା । କଲେଜ ପାଠ୍ୟକ୍ରମର ଶୁଭାରମ୍ଭ ପରି ୧୮୭୬ ଖ୍ରୀରେ ଏହା ଫାଷ୍ଟ୍‌ଗ୍ରେଡ୍ କଲେଜର ରୂପନିଏ । ୧୮୭୧ ସାଲ ବେଳକୁ ଜଗମୋହନ ସିଂହ ଓ ନନ୍ଦ କିଶୋର ଦାସ ଦୁଇଜଣ ଓଡ଼ିଆ ଡେପୁଟି କଲେକ୍ଟର ପଦରେ ନିଯୁକ୍ତି ପାଇଥିଲେ । ୧୮୭୩ ସାଲରେ ଜଣେ ଶାସ୍ତ୍ରୀ ଅଧ୍ୟାପକ ପାଇଁ ଓଡ଼ିଶାର ଦ୍ୱାରକା ପ୍ରସାଦ ଭଟ୍ଟାଚାର୍ଯ୍ୟ ଯାଆ ବାହାରିଥିଲେ । ମଧୁବାବୁ ୧୮୭୩ ସାଲରେ ଏମ୍.ଏ ଓ ୧୮୭୮ ଖ୍ରୀ.ରେ ବି.ଏଲ୍ ପାଶ୍ କରି ଏଲ୍ଗିନ୍ କୋର୍ଟରେ ଓକିଲାତି ଆରମ୍ଭ କରି ଦେଇଥିଲେ । ୧୮୭୮ ଖ୍ରୀରେ ସ୍ୱାମୀଙ୍କର କଟକ କଲେଜରୁ ଏଫ୍.ଏ ପାଶ୍ କରିଥିଲେ ।

ବସ୍ତୁତଃ, ୧୮୭୦/୭୫ ଖ୍ରୀ. ବେଳକୁ ଓଡ଼ିଶାରେ ଏକ ଶିକ୍ଷିତ ମଧ୍ୟବିତ୍ତ ସୃଷ୍ଟି ହୋଇ ସାରିଥିଲେ । ଯୁଗଧର୍ମ ପ୍ରତି ଆଗ୍ରହ ଆକର୍ଷଣ ଥିଲା ଏମାନଙ୍କ ଚରିତ୍ରର ଅନ୍ୟତମ ସ୍ୱାଭାବିକ ଦିଗ । ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ହେଉଛି ଓଡ଼ିଶାର ନବ ଜାଗରଣର ଯୁଗ, ଓଡ଼ିଆ ଜାତିର ଜାଗୃତିର ଯୁଗ । ଗୌରୀଶଙ୍କର ହେଉଛନ୍ତି ଏହି ନବ ଯୁଗର ଯୁଗ ପୁରୁଷ, ଯୁଗ ନାୟକ ।

ସେତେବେଳେ ଓଡ଼ିଶାର ଶାସନ ଏବଂ ପ୍ରତ୍ୟେକ ବିଭାଗର ପ୍ରଧାନ କର୍ମଚାରୀ ଥିଲେ ମଧ୍ୟ ବଙ୍ଗାଳୀ । ଓଡ଼ିଶା ଶିକ୍ଷା ବିଭାଗର କର୍ମଚାରୀ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷକବର୍ଗ ମଧ୍ୟ ବଙ୍ଗାଳୀ । ପୁଣି ଓଡ଼ିଶାର ସ୍କୁଲ ଗୁଡ଼ିକରେ ଛାତ୍ରଙ୍କ ମଧ୍ୟରେ ନବ୍ୟ ଶିକ୍ଷା ସଚେତନ ବଙ୍ଗୀୟ କର୍ମଚାରୀଙ୍କ ସନ୍ତାନ ମାନଙ୍କର ଭିଡ଼ । କଚେରୀରେ ଓଡ଼ିଆ ଭାଷା ପ୍ରଚଳନ ଫଳରେ ନବାଗତ ବଙ୍ଗୀୟ ଆମଲାତନ୍ତ୍ର ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ୧୮୬୪ ୬୫ ସାଲ ବେଳକୁ ଓଡ଼ିଶାର ସ୍କୁଲ ଗୁଡ଼ିକର ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ଶିକ୍ଷା ପ୍ରଦାନ କରା ଯାଉଥିଲା । ବଙ୍ଗୀୟ ଶିକ୍ଷକମାନଙ୍କୁ ଓଡ଼ିଆ ଭାଷାରେ ପଢ଼ାଇବା ବେଳେ ଉପହସିତ ହେବାକୁ ପଡ଼ୁଥିଲା । ଓଡ଼ିଆ ଭାଷାରେ ବ୍ୟାକରଣ ଓ ଅନ୍ୟାନ୍ୟ କେତେକ ଏହାଙ୍କ ପ୍ରଯୋଜନୀୟ ପାଠ୍ୟ ପୁସ୍ତକାଭାବର ଅଜୁହାତରେ ଓଡ଼ିଆ ସ୍କୁଲରେ ବଙ୍ଗଳା ଭାଷାରେ ଅଧ୍ୟୟନ ଲାଗି ଅପଚେଷ୍ଟା ଆରମ୍ଭ କରାଯାଇଥିଲା । ଏପରି ଏକ ସଙ୍ଗୀନ ସୁଯୋଗକୁ ବନ୍ଧୁଜନଙ୍କୁ

ଅପେକ୍ଷା କରି ରହିଥିଲେ । ଶ୍ୟାମାଚରଣ ହାଲଦାରଙ୍କ ପରି ଓଡ଼ିଶା ଶିକ୍ଷା ବିଭାଗର ବହୁ ଓଡ଼ିଆ ବିଦ୍ୱେଷୀ କର୍ମଚାରୀ । ସେମାନଙ୍କ ପ୍ରୋତ୍ସାହନରେ ଓଡ଼ିଶାର ସ୍କୁଲମାନଙ୍କରେ ଶିକ୍ଷା ଉପଯୋଗୀ ଓଡ଼ିଆ ପୁସ୍ତକ ନଥିବା ଦର୍ଶାଇ ଇଂରେଜ ସରକାର ୧୮୬୮ ଖ୍ରୀ.ରେ ଓଡ଼ିଶାର ସମସ୍ତ ସ୍କୁଲରେ ବଙ୍ଗଳା ଭାଷାରେ ଅଧ୍ୟୟନ ବାଧ୍ୟତାମୂଳକ କରିବା ପାଇଁ ପ୍ରସ୍ତାବ/ନିର୍ଦ୍ଦେଶ ପଠାଇ ଦେଇଥିଲେ ।

ଏହାର ଘୋର ବିରୋଧ କରି ଗୌରୀଶଙ୍କର ଉତ୍କଳ ଦୀପିକାରେ ଲେଖିଥିଲେ— "ଏ ପ୍ରସ୍ତାବ ଓଡ଼ିଶାର ସବୁ ମଙ୍ଗଳ ଆଶାର ମୂଳୋତ୍ପାଟନ କରିବାର ଉପକ୍ରମ କରୁଅଛି ଏବଂ ଶୀଘ୍ର ଏହାର ଅନ୍ୟଥା ନ ହେଲେ ରକ୍ଷା ନାହିଁ । × × × ଯେଉଁ ଦେଶରେ ସେତେବେଳେ ପ୍ରଥମ ବିଦ୍ୟା ଶିକ୍ଷାର ଆରମ୍ଭ ହେଲା ଓ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ସ୍ଥାପନ କଲେ ସେତେବେଳେ କି ପାଠୋପଯୋଗୀ ପୁସ୍ତକମାନ ସେ ଦେଶରେ ଥିଲା ? ସେଠାରେ ତ ଅନ୍ୟ ଭାଷା ଶିକ୍ଷା ଦେବାର କେହି ପ୍ରସ୍ତାବ କଲେ ନାହିଁ । ତେବେ ଏଠାରେ ଏ ରୂପ ହେବାର କାରଣ କି ?" (୧୪)

ଗୌରୀଶଙ୍କର ଉତ୍କଳ ଦୀପିକାରେ ଓଡ଼ିଶା ଶିକ୍ଷା ବିଭାଗର ଦାୟିତ୍ୱବାନ କର୍ମଚାରୀଙ୍କୁ ସେମାନଙ୍କ ଦାୟିତ୍ୱହୀନତା ଓ ଅପାରଗତା ପାଇଁ କଟାକ୍ଷ କରି ଲେଖିଥିଲେ— "ଏତେଦିନ ଏଠାରେ ବିଦ୍ୟାଳୟ ସ୍ଥାପନ ହେଲା ଓ ଉତ୍କଳ ପୁସ୍ତକର ଅଭାବ ବିଷୟ ପୁନଃପୁନଃ ଡେପୁଟି ଇନସ୍ପେକ୍ଟରମାନେ ଇନସ୍ପେକ୍ଟର ଓ ଡାଇରେକ୍ଟରଙ୍କୁ ଜଣାଇଲେ କିନ୍ତୁ ଅଦ୍ୟାପି ସେମାନେ ଭଲ ପୁସ୍ତକ କରିବା ନିମନ୍ତେ କିଛିମାତ୍ର ଉପାୟ କରି ନାହାନ୍ତି ଏବଂ ଯଦ୍ୟପି ଶିକ୍ଷକମାନେ ଏ ନଗରରୁ ଅର୍ଥନାଶରେ ତେବେ ପାଇ ଏକଖଣ୍ଡ ପୁସ୍ତକ ଉତ୍କଳ ଭାଷାରେ ଥାଉ ନାହିଁ, କୌଣସି ବିଷୟ ସାଧନ ପକ୍ଷରେ ସହାୟ ନକରି ପରିଶ୍ରମ କରିବା ନାସ୍ତିକତାର କର୍ମ ଅଟେ । ମାତ୍ର ଦୁଃଖର ବିଷୟ ଯେ, ଶିକ୍ଷାଦାନ କର୍ମଚାରୀମାନେ ପାଠଶାଳାର ପିଲାର ଅଭାବ ଧରି ଅନନ୍ତ ଅର୍ଥାତ୍ ସେମାନେ ଯେଉଁପେ ଉନ୍ନତି ନଥିବା ବାଳ୍ୟକାଳରେ ପୁସ୍ତକାଦି ଶିଖିବା ପାଇଁ ଅଧିକାର କରନ୍ତି, ଏ କର୍ମଚାରୀମାନେ ମଧ୍ୟ ସେହିରୂପ ଉପଯୁକ୍ତ ପୁସ୍ତକ ନଥିବା ବାହାନା କରୁଅଛନ୍ତି ।"

ଓଡ଼ିଆ ଭାଷା ବିରୋଧରେ ବ୍ୟକ୍ତ ତଥ୍ୟାନ୍ତର ବିବରଣୀ ଉତ୍କଳ ଦୀପିକା ପୃଷ୍ଠାରେ ପ୍ରକାଶ ପାଇବା ମାତ୍ରେ ଓଡ଼ିଶାରେ ତୀବ୍ର ଆନ୍ଦୋଳନ ସୃଷ୍ଟି ହୋଇଥିଲା । ଓଡ଼ିଆ ଭାଷା-ଭାଷୀମାନେ ସେତେବେଳେ ଏ ସମ୍ପର୍କରେ କିପରି ଆତଙ୍କିତ, କ୍ରୁଦ୍ଧ, ବିକ୍ଷୁବ୍ଧ ଓ ଉତ୍ତେଜିତ ହୋଇ ଉଠିଥିଲେ ଜନୈକ ବାଲେଶ୍ୱରବାସୀଙ୍କ ଏକ ପତ୍ରରୁ ଓଡ଼ିଆ ଜାତିର ମାନସିକ ଉତ୍ତେଜନାର ଚିତ୍ର ସ୍ପଷ୍ଟ ହୋଇଉଠେ⋯ ⋯⋯"ଏହି ପ୍ରସ୍ତାବ ପାଠ କରି ଆମ୍ଭେମାନେ ଅଳ୍ପପରିମାଣରେ ଦୁଃଖିତ ହେଲୁ । କେଜାଣି କି ଆମ୍ଭର ମାତୃଭାଷା ପ୍ରତି ଏ ରୂପ ଦୌରାତ୍ମ୍ୟ ଦେଖି ଘୃଣା ଓ କ୍ରୋଧର ଉଦ୍ରେକ ହୋଇ ହୃଦୟ ହୋଇ ଉଠିଲା; କେହି ବା କିପାଇଁ ? ମାତାର ଦୁର୍ଦ୍ଦଶା ଦେଖି ପୁତ୍ରମାନଙ୍କ କ୍ଷମତା ନଥିଲେ ମୁଖ

ପ୍ରଶଂସା ନାହିଁ ହୋଇପାରେ ? ଅନ୍ୟମାନଙ୍କ ଗ୍ରେ, ଡ୍ରାଇଡେନ୍‌ଙ୍କ ଓ ସେକ୍‌ସ୍-ପିଅର ମହାତ୍ମାମାନେ କହନ୍ତେ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । × × × ଯେଉଁ ଭାଷା କାବ୍ୟ ଜଗତର ଅନ୍ତଦ୍ୱାର ସ୍ୱରୂପ ସଂସ୍କୃତ ଭାଷାର ତନୟା, ସେ କି ଭାଷା ନୁହେଁ ? ଯେ ଭାଷାର ଭୂଷଣ ସୁକୁମାର ବସ୍ତୁ ଶାକଲ୍ୟ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ କବିମାନେ ବିବିଧ ଅଳଙ୍କାରରେ ଭୂଷିତ କରିଅଛନ୍ତି, ଯାହାର କମନୀୟ ରୂପ ମାଧୁରୀ ଦେଖି କାବ୍ୟରସାମୋଦୀ ବ୍ୟକ୍ତିମାନଙ୍କର ଚିତ୍ତକ୍ଷେତ୍ର ଆନନ୍ଦ ରସରେ ପ୍ଲାବିତ ହୋଇଯାଏ, ସେ କି ଏକ ସ୍ୱତନ୍ତ୍ର ଭାଷା ନୁହେଁ ?" (୧୫) ✻

ଓଡ଼ିଆ ଭାଷାର ଅସ୍ତିତ୍ୱର ସ୍ୱପକ୍ଷରେ ଓଡ଼ିଆ ଜାତିର ଜୀବନ ମରଣର ପ୍ରଶ୍ନ ଜଡ଼ିତ ରହିଥିଲା । ଜାତିର ଏ ସଙ୍କଟର ସଙ୍କଟମୟ ମୁହୂର୍ତ୍ତରେ ଗୌରୀଶଙ୍କର ଉତ୍କଳ ଦୀପିକା-ରେ ଅପୋଷହୀନ ମସୀ ସଂଗ୍ରାମ ଅବ୍ୟାହତ ରଖିଥିଲେ । ତାଙ୍କ ସୁଯୁକ୍ତି, ତୀକ୍ଷ୍ଣ ଯୁକ୍ତି ଓ ତଥ୍ୟପୂର୍ଣ୍ଣ ଆଲୋଚନା ଓଡ଼ିଶା ସରକାର ଓ ଜନତାଙ୍କ ଉପରେ ଗଭୀର ରେଖା-ପାତ କରୁଥିଲା ।

ଓଡ଼ିଆ ଭାଷାର ଉନ୍ନତି କମନ୍ତେ ଗୌରୀଶଙ୍କର ସେତେବେଳେ ଦୁଇଟି ମୁଖ୍ୟ ଦାବୀ ଉପରେ ଗୁରୁତ୍ୱ ଆରୋପ କରିଥିଲେ—

୧. ସରକାରୀ ଅଥବା ଘରୋଇ ସ୍କୁଲ୍ ପରିଚାଳିତ ବେସରକାରୀ ସମସ୍ତ ବିଦ୍ୟାଳୟରୁ ବଙ୍ଗଳା ଏକାବେଳକେ ଉଠାଇଦେବା ।

୨. ଓଡ଼ିଆ ଭାଷାରେ ପୁସ୍ତକାଦି ରଚନା କରିବାକୁ ଉତ୍ସାହ ଦେବା ବ୍ୟକ୍ତିଙ୍କୁ ସରକାରୀ ଅର୍ଥ ପ୍ରୋତ୍ସାହନ ।

ଏ ପ୍ରସଙ୍ଗ ଉପରେ ବିତର୍କ ଆରମ୍ଭ କରି ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ଲେଖିଥିଲେ—"ବଙ୍ଗଳା ଉଠିଗଲେ ଶିକ୍ଷା ବିଭାଗର କର୍ମଚାରୀମାନେ ଉତ୍କଳ ଭାଷାର ଉନ୍ନତି ଚେଷ୍ଟା କରିବାକୁ ବାଧ୍ୟ ହେବେ । ବର୍ତ୍ତମାନ ଏ କର୍ମଚାରୀମାନେ ବଙ୍ଗଦେଶରୁ ଆସୁଥିବାରୁ ଏ ଦେଶୀୟ ଭାଷା ଜାଣନ୍ତି ନାହିଁ ଏବଂ ବିଦ୍ୟାଳୟରେ ବଙ୍ଗଳା ପଠନ ହେଉଥିବାରୁ ଉତ୍କଳ ପକ୍ଷରେ ଧ୍ୟାନ ଦିଅନ୍ତି ନାହିଁ । କେବଳ ଉତ୍କଳ ଭାଷା ପଠନ ହେଲେ ସେମାନେ ଅବଶ୍ୟ ଉତ୍କଳ ବିଦ୍ୟା-ଶିକ୍ଷା କରିବେ ନରୁବା କର୍ମ ତ୍ୟାଗ କରିବେ । ସୁତରାଂ ଓଡ଼ିଆ ଭାଷାର ଉନ୍ନତି ହେବ । କେହି କେହି କହନ୍ତି ଯେ, ଉତ୍କଳ ଭାଷାରେ ଯଥେଷ୍ଟ ପୁସ୍ତକ ନାହିଁ ଅତ-ଏବ ଏ ସମୟରେ ବଙ୍ଗଳା ଭାଷା ଉଠାଇଦେଲେ ବିଦ୍ୟାଳୟ ବନ୍ଦ କରିବାକୁ ପଡ଼ିବ । ମାତ୍ର ବିବେଚନା କରି ଦେଖିଲେ ଏ ପ୍ରଦେଶର ଭାଷା ବିଦ୍ୟାଳୟ ପାଇଁ ଯଥେଷ୍ଟ ପୁସ୍ତକ ଅଛି × × × × ଏବଂ କ୍ରମଶଃ ଉତ୍କଳ ପୁସ୍ତକରେ ଏ ପ୍ରକାର ବୃଦ୍ଧି ହେଉଅଛି ଯେ ଅଳ୍ପକାଳରେ ପ୍ରାୟ ଶିକ୍ଷାର ଉପଯୋଗୀ ସମସ୍ତ ପୁସ୍ତକ ପ୍ରାପ୍ତ

✻ 'ବାଲେଶ୍ୱରବାର୍ତ୍ତା' ଛଦ୍ମନାମରେ ଏ ପତ୍ରିକାର ଲେଖକ ସ୍ୱୟଂ ଗୌରୀଶଙ୍କର ହୋଇଥିବାର ସମ୍ଭାବନାକୁ ମଧ୍ୟ ଉପେକ୍ଷା କରାଯାଇ ନପାରେ ।

ହେବ । ସେମାନେ ଓଡ଼ିଶାର ଏ ଅବସ୍ଥା ଜାଣିପାରୁ ନାହାନ୍ତି ଓ ବଙ୍ଗ ମୁଦ୍ରିତ ପାଠ ପଢ଼ନ୍ତି ଯେ ଉତ୍କଳ ଲୋକମାନେ ଆପଣା ଭାଷାର ଉନ୍ନତି ଇଚ୍ଛା କରୁ ନାହାନ୍ତି ସେମାନଙ୍କୁ ଆମ୍ଭେମାନେ ଏତେକ କହୁଅଛୁଁ ଯେ ଅବେ କଟକ ପ୍ରିଣ୍ଟିଂ କୋମ୍ପାନୀ ଆଦି ଏବଂ ବାଲେଶ୍ୱର ଛାପାଖାନା ସ୍ଥାପନର ବୃତ୍ତାନ୍ତକୁ ଅବଲୋକନ କରନ୍ତୁ । ତାହା ହେଲେ ସେମାନଙ୍କ ଭ୍ରମ ଦୂର ହେବ । (୧୬)

ଏହାର ଅଳ୍ପଦିନ ପରେ କଟକ ହାଇସ୍କୁଲର ବାର୍ଷିକୋତ୍ସବରେ କମିଶନର ରେଭେନ୍‌ସା ଉତ୍କଳ ପ୍ରୀତିକାରେ ଗୌରୀଶଙ୍କରଙ୍କ ମତବାଦକୁ ହିଁ ପୁନରୁଚ୍ଚାରଣ କରି ଘୋଷଣା କରିଥିଲେ —“ବଙ୍ଗଭାଷାର କୌଣସି ପ୍ରୟୋଜନ (ଏଠାରେ) ନାହିଁ । ଏହାକୁ ଏଠାରେ ଉଠାଇଦେବାର କର୍ତ୍ତବ୍ୟ । ସମସ୍ତ ଲୋକଙ୍କୁ ସ୍ୱଦେଶୀୟ ଭାଷା ଶିଖିବାର ସୁଯୋଗ ଏବଂ ଯାହାର କୌଣସି ବିଦେଶୀୟ ଭାଷା ଅଭ୍ୟାସ କରିବାର ଆବଶ୍ୟକ ହେବ ସେ ଇଂରାଜୀ ସ୍କୁଲକୁ ଯିବେ । ବଙ୍ଗଳାଭାଷା ଶିଖି ଏ ଦେଶୀୟ ଲୋକଙ୍କର କିଛି ଉପକାର ନାହିଁ । ଏତେଦିନ ବଙ୍ଗଳା ଭାଷା ଉଠାଇ ନଦେବାର ଏହି କାରଣ ଥିଲା ଯେ ଉତ୍କଳ ଭାଷାରେ ଶିକ୍ଷୋପଯୋଗୀ ଅନେକ ପ୍ରଥମ ପୁସ୍ତକ ନାହିଁ କିନ୍ତୁ ବର୍ତ୍ତମାନ ସେତେ ପୁସ୍ତକ ଉତ୍କଳ ଭାଷାରେ ପ୍ରାପ୍ତ ହୁଅଇ ଏବଂ କଟକ ପ୍ରିଣ୍ଟିଂ କମ୍ପାନୀ ଯେତେ ପୁସ୍ତକ ମୁଦ୍ରିତ କରି ଅଛନ୍ତି କିମ୍ବା ମୁଦ୍ରିତ କରିବେ ବୋଲି ପ୍ରସ୍ତୁତ କରୁଅଛନ୍ତି ଏଥିରୁ ବୋଧ ହୁଅଇ ଯେ ଏ ଅଭାବ ଅଧିକ କାଳ ରହିବ ନାହିଁ । × × × ଏ ଅବସ୍ଥାରେ ବଙ୍ଗଭାଷା ରଖିବାର କୌଣସି କାରଣ ନାହିଁ ।”

କମିଶନରଙ୍କ ଘୋଷଣା ପରେ ଭାଷା ବିବାଦର ଚରମ ମୀମାଂସା ହୋଇ ନଥିଲେ ହେଲେ କଟକ ତ୍ରିବେଣୀ ପତ୍ରରେ ପ୍ରକାଶିତ ସମ୍ପାଦକଙ୍କ ବକ୍ତବ୍ୟ ଏ ବିବାଦକୁ ସ୍ପଷ୍ଟ କରି ତୋଳିଥିଲା —“ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବେ ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ × × × ବୁଦ୍ଧିସ୍ମିଥ କମିଶନରଙ୍କ ଗଣନାନୁସାରେ ଉତ୍କଳର ଲୋକ ସଂଖ୍ୟା ବର୍ତ୍ତମାନ କୋଡ଼ିଏ ଲକ୍ଷ ଅଟଇ ଓ ଏଥିରୁ ସ୍ତ୍ରୀ ବାଳକ ଇତ୍ୟାଦି ମିଶାଇଲେ (ବାଦ) ଦେଲେ କେତେକ ଲକ୍ଷ ଲୋକ ଲେଖାପଢ଼ା ଜାଣିବାର ସମ୍ଭବ । କିନ୍ତୁ ଏତେ ଲୋକ କି ସ୍ୱତନ୍ତ୍ର ଭାଷା ରଖିପାରନ୍ତି ? ଅଳ୍ପ ସାହିତ୍ୟ ଥିବାରୁ ଏଠାରେ କେହି ନୂତନ ପୁସ୍ତକାଦି କରି କୃତକାର୍ଯ୍ୟ ହେବାର ଅସମ୍ଭବ । ବଙ୍ଗଦେଶ ବହୁ ବଡ଼ ଓ ସେଠାର ଲୋକସଂଖ୍ୟା ଅଧିକ ହେବାରୁ ସେଠାରେ ଭାଷାର ଏତାଦୃଶ ଉନ୍ନତି ହୋଇଅଛି । × × × ବଙ୍ଗ ଦେଶରେ ତିନି ଚାରିମାସରେ ପ୍ରାୟ ୩୦୦ ଖଣ୍ଡ ବଙ୍ଗ ପୁସ୍ତକ ମୁଦ୍ରିତ ହେଉଛି କିନ୍ତୁ ଉତ୍କଳରେ ୩/୪ ଖଣ୍ଡରୁ ଅଧିକ ନହେଲ, ଏଥିରୁ ସ୍ପଷ୍ଟ ପ୍ରମାଣେ ଉତ୍କଳ ଭାଷା କଦାପି ଉନ୍ନତ ହୋଇ ନପାରେ ।” (୧୭)

ଏହାର ଦୃଢ଼ ପ୍ରତିବାଦ କରି କଠୋର ଭାଷାରେ ଗୌରୀଶଙ୍କର ଜବାବ ଦେଇଥିଲେ —“ପ୍ରକୃତରେ ଦେଖାଯାଏ ଯେ ଉତ୍କଳ ଭାଷା ପ୍ରଚଳିତ ଥିବା ଭୂମିଖଣ୍ଡର

ଅଦ୍ଭୁତ ବଙ୍ଗ ପ୍ରଦେଶର ଲୋକଙ୍କୁ ଭଲ ଲାଗୁଛି । ଅତଏବ ଉତ୍କଳ କଥା ଭାବିବା ଲୋକର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଆଉ ପୁସ୍ତକ ମୁଦ୍ରାଙ୍କନର ସ୍ୱତନ୍ତ୍ର ଶାଖା (ଶ୍ରୀପୁର) ସ୍ଥାପିତ ହେଲେ ତାହା ଅନୁକୂଳ ପ୍ରମାଣିତ ହେବ । ଆମ୍ଭେମାନେ ପୁନଃ ପୁନଃ କହୁଅଛୁଁ ଯେ ବଙ୍ଗଦେଶ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଯେତେ ଦୟା ଦେଖାଯାଉଛି ସେହି ପରି ଉତ୍କଳ ପ୍ରତି ତାହା ହେଉନାହିଁ । ସୁତରାଂ ଉତ୍କଳ ଧନକୁ ଖର୍ଚ୍ଚ କରୁଅଛୁ । ତେବେ ସେଥିପାଇଁ ବଙ୍ଗ ଦେଶ ପ୍ରତି ପ୍ରଧାନ ଦୃଷ୍ଟି ଥାଏ ଓ ସେଥିରେ ଉତ୍କଳ ଅବସ୍ଥା କରୁଣାଜନକ ଜ୍ଞାନ ହୁଅନ୍ତା ତେବେ ସୁରେନ୍ଦ୍ର ବାବୁଙ୍କ କଥା ଶୋଭାପାଆନ୍ତା । × × ବର୍ତ୍ତମାନ ଉତ୍କଳ କଥା 'ଦଶ ସେଣ୍ଟିଆ ବାଲୁକା ବାଡ଼' ପ୍ରାୟ ଶୁଣିବାକୁ ଅଭ୍ୟସ୍ତ ହେଉଅଛୁ । ଏହାର କାରଣ ଏକ ଗବର୍ଣ୍ଣମେଣ୍ଟ ହୋଇ ନାହାନ୍ତି । ଏକ ସ୍ଥାନ ବେଙ୍ଗଲ ଗବର୍ଣ୍ଣମେଣ୍ଟ ହସ୍ତରେ ଏକ ସ୍ଥାନ ମଧ୍ୟ ପ୍ରଦେଶର ଗବର୍ଣ୍ଣମେଣ୍ଟ ହସ୍ତରେ ଓ ଅନ୍ୟ ଏକ ସ୍ଥାନ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ହସ୍ତରେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଉନ୍ନତ ହେଉନାହିଁ । ଏକ ଏକ ସ୍ଥାନରେ ଏକ ଏକ ପ୍ରଥା ପ୍ରଚଳିତ ଏବଂ ଏକ ଏକ ପ୍ରକାର ପୁସ୍ତକ ପଠିତ ହୁଅନ୍ତି । ସେଥିରେ ସମ୍ପୂର୍ଣ୍ଣ ଭାବ ଅବା ମତ ଜାଣିବାର ଉପାୟ ନାହିଁ । ସୁତରାଂ ଉତ୍କଳ ଦେଶ ପୁଣି ଏକ ଜାତୀୟ ହୋଇ ଉଠିବାର ଶୋଭାଉଅଛୁ ।" (୧୮)

ବସ୍ତୁତଃ ଉତ୍କଳର ଏକୀକରଣର ଚେତନା ଓ ତାହା ପ୍ରଥମେ ଗୌରୀଶଙ୍କରଙ୍କ ଲେଖାଗୁଡ଼ିକରେ ହିଁ ମୂର୍ତ୍ତ ହୋଇ ଉଠିଥିବା ଏଠାରେ ଲକ୍ଷ୍ୟ କରିବାର କଥା । ଓଡ଼ିଆ ଭାଷା କହୁଥିବା ଲୋକମାନଙ୍କ ଐକ୍ୟବୋଧ ( feeling of oneness ) ସେତେବେଳେ ଧୀରେ ଧୀରେ ବାସ୍ତବ ଭୂମିରେ * ସଙ୍ଗଠିତ ହୋଇ ଉଠୁଥିଲା । ଜାତୀୟ ଚେତନା (Patriotism) ଗୌରୀଶଙ୍କରଙ୍କ ଲେଖାରେ କ୍ରମଶଃ ଅଧିକ ସକ୍ରିୟ, ସଙ୍ଗଠିତ ଓ ସ୍ପଷ୍ଟ ହୋଇ ବ୍ୟାପକ ଭାବେ ଜାତୀୟତାବାଦୀ ବୋଧ (Nationalism) ରୂପ ନେବା ପାଇଁ ଯାଉଥିଲା । ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏହାର ସୂତ୍ରପାତ ସମ୍ଭବ ଏବଂ ସ୍ୱତନ୍ତ୍ରତାକୁ କପଣ ଏକ "Mass movement and a major Political Force" ରୂପେ ନେଇ ପାରିବା ଭଳି ଆପଣା ଧାରାର ସଙ୍ଗଠିତ ମହାପୁରୁଷଙ୍କ ହସ୍ତରେ ସମ୍ପୂର୍ଣ୍ଣରେ ସମର୍ପଣ କରିଦେଇ ଯାଇଥିଲେ ତାହା ଲକ୍ଷ୍ୟ କରିବାର କଥା ।

ବସ୍ତୁତଃ ଏହି ୧୮୭୪ ସାଲରୁ ହିଁ ସମ୍ବାଦପତ୍ରରେ ସମ୍ବଲପୁରକୁ ଓଡ଼ିଶା (ବଙ୍ଗ ପ୍ରଦେଶ) ଭୁକ୍ତ କରିବା ପାଇଁ ଜୋରଦାର ଦାବି ଆରମ୍ଭ ହୋଇ ଯାଇଥିଲା । (୧୯) ଏ ପ୍ରସଙ୍ଗରେ ଉତ୍କଳ ଦୀପିକା ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରି ପୁଣି ଲେଖିଥିଲେ— 'ଯେଉଁଠି କୌଣସି ଭାଷାକୁ ସମ୍ବଲପୁର ଏବଂ ଏକାଠି ମଧ୍ୟପ୍ରଦେଶ ଅନ୍ତର୍ଗତ ହୋଇ ଅଛି ତଥାପି ସମ୍ବଲପୁରକୁ ବାସ୍ତବରେ ଓଡ଼ିଶାର ଅଂଶ ବୋଲି ଜ୍ଞାନ କରିବାକୁ ହେବ । × × ସେଠାରେ ପ୍ରାୟ ସମସ୍ତ ଏକ ଜାତୀୟ ଲୋକ ଅଛନ୍ତି ଏବଂ ସେମାନେ ମଧ୍ୟ ଜାତି ହେବ । × × ଅତଏବ ସମ୍ବଲପୁରକୁ ଓଡ଼ିଶା ସହିତ ସଂଯୋଗ କରିବା ଉଚିତରେ ଆଉ ସନ୍ଦେହ ନାହିଁ ।" (୨୦)

---

* ଏହି ଚିହ୍ନିତ ଭୂଖଣ୍ଡ ପ୍ରତି ସୂଚାଉଛି ।

ଚଷ୍ଟାମବାସୀମାନେ ଓଡ଼ିଶାରେ ମିଶିବାକୁ ସକଳ ଅଧିକାର ପ୍ରକାଶ କରିଥିଲେ । ଏ ସମ୍ପର୍କିତ ଅନେକ ଚଷ୍ଟାମବାସୀଙ୍କ ମତର ପ୍ରତିଧ୍ୱନିରେ 'ଉତ୍କଳ ଦୀପ'ର ସମ୍ପାଦକ ଲେଖିଥିଲେ—"ଆମ୍ଭମାନଙ୍କ ଗଭର୍ଣ୍ଣମେଣ୍ଟ ଏ ଜନରବ ଏକଥା ଭାବିବାକୁ କାହିଁକି ମନୋଯୋଗ କରୁ ନାହାନ୍ତି ? ଏ ରୂପ କଲେ ପ୍ରଜାବର୍ଗଙ୍କର ଯଥେଷ୍ଟ ଉନ୍ନତି ସାଧନ ହେବ ସନ୍ଦେହ ନାହିଁ । ଦେଶ ହିତୈଷୀମାନେ ଗଭର୍ଣ୍ଣମେଣ୍ଟଙ୍କ ଅନୁକୂଳ ଇଚ୍ଛାକୁ ଭରସା କରୁଅଛନ୍ତି, କିନ୍ତୁ ଆବେଦନ କାହିଁକି କରୁ ନାହାନ୍ତି ? X X ସୁଯୋଗ୍ୟ ଦୀପିକା ସମ୍ପାଦକ ଏ ବିଷୟ ଅବଗତରୁ ଅଧିକ ଉତ୍ଥାପନ କରନ୍ତି ଓ ତାଙ୍କୁ ମଧ୍ୟ ଏଠାରେ ବିଶେଷ ପ୍ରାର୍ଥନା ଯେ ସେ ଏଥିରେ ବିଶେଷ ଉଦ୍ୟୋଗୀ ହୁଅନ୍ତୁ !" (୨୧)

ଭାଷାକୁ ନେଇ ବିବାଦ ପୁଣି ଗୁରୁତର ହୋଇଉଠିଲା । କଟକ ଟ୍ରେନିଂ ସ୍କୁଲରେ ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବା ନେଇ ଏକ ସଭାରେ ତୀବ୍ର ଯୁକ୍ତି ହୋଇଯାଇଥିଲା । ଉତ୍କଳ ଦୀପିକା ସଭାକୁ 'ଭଙ୍ଗକୋଲାହଳ' ସଭା ଏହାର ପ୍ରତିବାଦ କରିଥିଲା । କଟକ ଟ୍ରେନିଂ ସ୍କୁଲରେ ଏ ପ୍ରସ୍ତାବ ଗୃହୀତ କରୁଥିବା ସମୟରେ ମୁଖ୍ୟ ଭାରପ୍ରାପ୍ତ ଥିଲେ ରାଜକୃଷ୍ଣ ବାବୁ । ତାଙ୍କ ଅପକର୍ମକୁ ଉପହାସ କରି ଗୌରୀଶଙ୍କର 'ଉତ୍କଳ ଦୀପିକା' ପୃଷ୍ଠାରେ 'ଶ୍ରୀଭଣ୍ଡ ପଞ୍ଚାନନ' ଛଦ୍ମନାମରେ ଶାଣିତ ଲେଖନୀ ଧାରା ମାଧ୍ୟମରେ ଏମ୍. ଏ. ଡିଗ୍ରୀଧାରୀ ରାଜକୃଷ୍ଣ ବାବୁଙ୍କୁ 'ମେଷ'ରେ ବ୍ୟଙ୍ଗ-ରୂପାୟିତ କରିଥିଲେ । ଏଥିରେ ଉତ୍ତେଜିତ ହୋଇ ରାଜକୃଷ୍ଣ ବାବୁ 'ଉତ୍କଳ ଦୀପିକା' ସମ୍ପାଦକ ଗୌରୀଶଙ୍କରଙ୍କ ନାମରେ ମାନହାନି ମକଦ୍ଦମା ଦାଏର କରିଥିଲେ । ଓଡ଼ିଆ ଓ ବଙ୍ଗାଳୀଙ୍କ ମନୋମାଳିନ୍ୟରୁ ଏହି ବିବାଦ ଜାତ ହୋଇଥିବା ହୃଦୟଙ୍ଗମ କରି ମାଜିଷ୍ଟ୍ରେଟ ଗୌରୀଶଙ୍କରଙ୍କ ସପକ୍ଷରେ ରାୟ ଦେଇଥିଲେ । (୨୨) ୧୮୬୯ ସାଲରେ ବଙ୍ଗଳା ସରକାର ଯେଉଁ ଘୋଷଣା କଲେଯେ, "ନିମ୍ନ ଶ୍ରେଣୀରେ ଉତ୍କଳ ବିଦ୍ୟା-ଳୟରେ କେବଳ ଉତ୍କଳ ଭାଷାରେ", ମଧ୍ୟ ଶ୍ରେଣୀରେ ଓଡ଼ିଆରେ ଉତ୍ତମ ବ୍ୟୁତ୍ପତ୍ତି ନହେବା ପର୍ଯ୍ୟନ୍ତ କେବଳ ଭାଷା ଶିଖିବାପାଇଁ ବଙ୍ଗଳା ପଢ଼ାଯିବ ଓ ହାଇସ୍କୁଲରେ ଓଡ଼ିଆ ଅଥବା ବଙ୍ଗଳା ଭାଷାରେ ଅଧ୍ୟୟନ ଛାତ୍ରଙ୍କ ଇଚ୍ଛାଧୀନ ରହିବ । (୨୩)

ଏହାପରେ ଏ ଭାଷା ବିବାଦର ଝଡ଼ିବା ବାଲେଶ୍ୱରଠାରେ କେନ୍ଦ୍ରୀଭୂତ ହୋଇ-ଥିଲା । ଏହାର ପୁରୋଧା ଥିଲେ ବାଲେଶ୍ୱର ଜିଲ୍ଲା ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ସେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ' (୧୮୭୦) ନାମରେ ଏକ ପୁସ୍ତକ ରଚନା କରି ବସିଥିଲେ । ରାଜେନ୍ଦ୍ର ଲାଲ ମିତ୍ର ଏ ପୁସ୍ତକର ରଚନା ଓ ପ୍ରକାଶନ ପାଇଁ ବିଶେଷ ପ୍ରୋତ୍ସାହନ ପ୍ରଦାନ କରିଥିଲେ । (୨୪) ଏପରିକି ଏତେବେଳର ଭାଷା ବିବାଦର 'ନାୟକ' ବା 'ଜନକ' ଥିଲେ ଶ୍ରୀମିତ୍ର । ଏହାର ପ୍ରତିକ୍ରିୟା ଲକ୍ଷ୍ୟକରି ଗୌରୀଶଙ୍କର ଉତ୍କଳର ଅନ୍ତରକୁ ମଧ୍ୟ ହୃଦ୍ ଅନେକଟାର ସାଉଁଟି ରଖିଥିଲେ –"କେବଳ କେତେକ ସ୍ୱାର୍ଥାନ୍ୱେଷୀ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲିଯାଇ-ପାରେ ତେବେ ସେହି ଓଡ଼ିଆକୁ ହିନ୍ଦୀ ଓ ବଙ୍ଗଳା କହିଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ଗୁରୁଙ୍କୁ ଏତେ ଅହଙ୍କାର କରନ୍ତି ନାହିଁ । ଅଥଚ

ବସ୍ତୁର ବଦଳ ଏମାନଙ୍କର ଅହଙ୍କାର ହେବାର ଅନ୍ୟତମ କାରଣ ଅଟେ । ଓଡ଼ିଶାର ଶାସ୍ତ୍ରୀବର୍ଗ ବଙ୍ଗଳାରେ ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ଅଧିକାଂଶ ଅଞ୍ଚଳ ଶାସନ କରୁଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାକୁ ସମର୍ଥ ହୋଇନାହାନ୍ତି । ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବକାଳୀନ ଲୋକ ବଙ୍ଗଳାକୁ ଶ୍ରେଷ୍ଠ ଥିବା ପ୍ରମାଣରେ ଏହା କହିବା ଅନେକଙ୍କଠାରୁ ଶୁଣି ହୋଇଥିଲେ ଏହାର ସମ୍ଭବ ନୁହେଁ । × × × ବିଶେଷରେ ଓଡ଼ିଆରେ ଯେତେ ପ୍ରାଚୀନ ଭାଷା ଗ୍ରନ୍ଥ ଅଛି ବଙ୍ଗଳାରେ ସେତେ ନାହିଁ ।" (୨୫)

ଏହି ଧରଣର ଦ୍ୱେଷ ବିବାଦ ଉପେନ୍ଦ୍ରଙ୍କର ରୂପ ନେଇ ସାରିଥିଲା । ସ୍ୱାର୍ଥ ଗୋଷ୍ଠୀ ବଙ୍ଗାଳୀଙ୍କର ବଳ ବୃଦ୍ଧିରେ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷା ପ୍ରଚଳନ ପାଇଁ ଉଦ୍ୟମ ଛଡ଼ାଇ ଶୋଷଣରେ ଓଡ଼ିଆଙ୍କ ଚେତନା ସମ୍ପୂର୍ଣ୍ଣ ଅନ୍ଧକାରରେ ଲୁଚିପଡ଼ିଥିଲେ । ଏଥିପାଇଁ ଓଡ଼ିଶାର ବଙ୍ଗାଳୀ କର୍ମଚାରୀଙ୍କ ସ୍ୱାର୍ଥ ଯୁକ୍ତ ଯୋଜନା/ସ୍କୁଲ ଅଧିକ ଖୋଲାଇବାର ଚେଷ୍ଟା କରୁଥାଉଥିଲେ । ଏ ପ୍ରକାର ଷଡ଼ଯନ୍ତ୍ର ଦେଖି ଉଦ୍‌ବିଗ୍ନ ହୋଇ ଗୌରୀଶଙ୍କର ଏମାନଙ୍କୁ ଶିକ୍ଷା ଦେବା ପାଇଁ ସରକାରଙ୍କୁ ସତର୍କ କରାଇ ଦେଇଥିଲେ—"ଆଜି ଏକ କଥାରେ ଯେବେ ଆପଣ ମହାରାଣୀଙ୍କର ଉଦ୍ଦେଶ୍ୟ ଦେଖି ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷାରେ ଓଡ଼ିଶାର ମନ୍ତ୍ରୀପୋଲ୍ ଗଭର୍ଣ୍ଣମେଣ୍ଟକୁ ପ୍ରମାଣ କରି ପାରନ୍ତି ତେବେ ଏବେ ଗଭର୍ଣ୍ଣମେଣ୍ଟ କମ୍ପାନୀ ଅଧୀନ କୌଣସି ସ୍ଥାନରେ ବିଦ୍ୟାଳୟରେ ରହୁ ଦେଖି ଏପରି ଓଡ଼ିଆଙ୍କ ସ୍ୱାର୍ଥ ସମ୍ପୂର୍ଣ୍ଣ ନଷ୍ଟ ଉଦ୍ଦେଶ୍ୟ ପଠାଇ ପାରନ୍ତି । ରାଜ-ବିଦ୍ରୋହୀ ଏରୂପ ହୋଇପାରେ । ଅତଏବ ସେମାନେ ଏ ଉଦ୍ଦେଶ୍ୟରେ ସ୍ୱାର୍ଥ ଦେଇ ହୋଇ ରହନ୍ତୁ, ତାଙ୍କର ତଦନ୍ତ ଅନୁସନ୍ଧାନ କରିବା ଗଭର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଅଟେ ।" (୨୬) ସମ୍ଭବତଃ ଏ ଭାଷା ବିବାଦର ଓକିଲମାନଙ୍କର ଅଧିକାରକୁ ରାଜ ବିଦ୍ରୋହ ସହ ସମ୍ପର୍କାନ୍ୱିତ କରି ଗୌରୀଶଙ୍କର ସେମାନଙ୍କୁ ସମୁଚିତ ଶିକ୍ଷା ଦେବାକୁ ଚାହୁଁଥିଲେ ।

ସେତେବେଳେ ଲୋକଙ୍କ ଦୃଷ୍ଟି ଓ ପ୍ରେରଣାକୁ ନୈତିକ ଶକ୍ତି ପ୍ରଦାନ କରି 'ଉତ୍କଳ-ଦୀପିକା' ଓ 'ସମ୍ବାଦ ବାହିକା' ପତ୍ରିକା ପ୍ରମାଣ ସ୍ୱରୂପ ଓଡ଼ିଆ ସ୍ୱାର୍ଥରକ୍ଷାର ଦୁର୍ଗ ସଦୃଶ ହୋଇ ଉଠିଥିଲେ । ଗୌରୀଶଙ୍କର ଓ ସମସ୍ତଙ୍କ ସହଯୋଗିତା, ସେପଟେ ବଙ୍ଗଳାରେ ଭୂଦେବ ମୁଖୋପାଧ୍ୟାୟ, କୃଷ୍ଣମୋହନ ବାନାର୍ଜିଙ୍କ ବିରୋଧିତା, ଜମିଦାର ଦେବେନ୍ଦ୍ରନାଥ ଠାକୁରଙ୍କ ପୃଷ୍ଠପୋଷକତା ଫଳରେ ଓଡ଼ିଆ ଭାଷା ଭବିଷ୍ୟତ 'ଅପମୃତ୍ୟୁ' ଠାରୁ ବଞ୍ଚି ଯାଇଥିଲା ।

ଏଠାରେ ଉଲ୍ଲେଖ କରିବା ଅତ୍ୟନ୍ତ ପ୍ରୟୋଜନ ଯେ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଶିଳ୍ପୀଙ୍କ ଥିଲେ କେତେ ଖ୍ରୀଷ୍ଟିଆନ ମିଶନ ଲୋକ । ଦେଶପ୍ରେମୀ ପଦାର ଆଘାତ ପ୍ରତିହତ କରିବା ସାଙ୍ଗକୁ ଭାଷା ପିଠିରେ ଆଘାତ ବାଜିବା ପାଇଁ ସକଳ ପନ୍ଥା ଓଡ଼ିଆ ନାରେ ... ଆମୁଖ ସ୍ୱାଙ୍ଗକୁ ଅଲୋପ ରକ୍ଷା କରିବାର ଭୂମିକା ଗ୍ରହଣ କରିଥିଲେ ।

ସ୍ୱଦେଶୀ ପଣକୁ ଜାଗ୍ରତ/ଜୀବନ୍ତ କରିବା ପାଇଁ ଉତ୍ସାହକ ଯୌଥଭାବେ ଉଦ୍ୟମ କରୁଥିଲେ ଶିବିର ନେତାପଦ ଗୌରୀଶଙ୍କର । ତାଙ୍କର ନେତୃତ୍ୱରେ ଉତ୍କଳ ପାଠିକା ସାଙ୍ଗକୁ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ତତ୍ପର ହୋଇ ଏ କାର୍ଯ୍ୟ ଅନୁଷ୍ଠାନର ସମ୍ମିଳିତ ହୋଇ ପାରିଥିଲେ । ବାସ୍ତବରେ ଏହି 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ହିଁ ଥିଲା ଓଡ଼ିଆ ଜାତୀୟତାର ପ୍ରଥମ ବିସ୍ଫୋରଣ ବଳିଷ୍ଠ ଆତ୍ମପ୍ରକାଶ । (୨୭)

ଓଡ଼ିଆ ଭାଷାରେ ଉତ୍ତମ ପାଠ୍ୟପୁସ୍ତକର ଅଭାବ ଦୂର କରିବା ପାଇଁ ଗୋବିନ୍ଦ ରଥ ପ୍ରମୁଖ ଶିକ୍ଷିତ ଓଡ଼ିଆ ଯୁବକଙ୍କୁ ନେଇ ମିଳନାଗାରୁ ସହଯୋଗରେ ଗୌରୀଶଙ୍କର ଆସ୍ଥା ରଖିଥିଲେ । ଓଡ଼ିଆ ପୁସ୍ତକ ପ୍ରକାଶନ ପ୍ରତି ଉଦାସୀନ କଲିକତା ସ୍କୁଲ ସୋସାଇଟିକୁ ନେତା ଭାବ ଗୌରୀଶଙ୍କର ତତ୍ପରରେ ଓଡ଼ିଆ ପୁସ୍ତକ ପ୍ରକାଶ ତଥା ମନୋନୟନ ପାଇଁ କମିଟି ଗଠନର ପ୍ରସ୍ତାବ ଦେଇଥିଲେ । ପ୍ରସ୍ତାବ ମତେ ସରକାର ଗୌରୀଶଙ୍କରଙ୍କୁ ନେଇ କମିଟି ଗଠନ କରିଥିଲେ । ଗୌରୀଶଙ୍କରଙ୍କ ଆହ୍ୱାନ କ୍ରମେ ପ୍ରତିବର୍ଷ ଓଡ଼ିଆ ଭାଷାରେ ରଚିତ ଶ୍ରେଷ୍ଠ ପୁସ୍ତକ ପାଇଁ ଢେଙ୍କାନାଳ ମହାରାଜା ଏକ ସହସ୍ର ଟଙ୍କା ପୁରସ୍କାର ପ୍ରଦାନ କରିବା ପ୍ରକାଶେ କମିଟି ହସ୍ତରେ ଟଙ୍କା ଅର୍ପଣ କରିଥିଲେ ।

ଗୌରୀଶଙ୍କର ସ୍ୱୟଂ ଏକାଧିକ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ କରିଥିଲେ । ସେ କାଳରେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ ନାମରେ ବଙ୍ଗଳା ପାଠ୍ୟ-ପୁସ୍ତକର ଅବିକଳ ଅନୁବାଦ ପ୍ରକାଶ ପାଉଥିଲା । ଗୌରୀଶଙ୍କର ଥିଲେ ତାର ବ୍ୟତିକ୍ରମ । ଉତ୍କଳ ପାଠିକା ପୃଷ୍ଠାରେ ଓଡ଼ିଆ ଭାଷାର ମୌଳିକତା ନେଇ ସଂଗ୍ରାମ କରାଇ ଆସୁଥିବା ଗୌରୀଶଙ୍କର ଓଡ଼ିଆ ପାଠ୍ୟ ପୁସ୍ତକ ଆନ୍ଦୋଳନର ପ୍ରତିନିଧିତ୍ୱ କରୁଥିଲେ ଏ ବିଷୟ ପ୍ରତି ସତର୍କ ଦୃଷ୍ଟି ରଖିଥିଲେ । ଗୌରୀଶଙ୍କରଙ୍କ ନମ୍ରତା ଗଦ୍ୟ ଶୈଳୀରୁ ତାଙ୍କ ସ୍ୱାଧୀନ ଚେତା ସତ୍ତାମାନଙ୍କ ସ୍ପଷ୍ଟ ପ୍ରତିଫଳିତ ହୋଇଛି । ତାଙ୍କ ପ୍ରଣୀତ 'ଭୂଗୋଳ ତତ୍ତ୍ୱ' ପୁସ୍ତକର ସେଟଭାଣିଟି ଉଷ୍ମା ଗୌରୀଶଙ୍କରଙ୍କ ପରିଚ୍ଛନ୍ନ ଗଦ୍ୟଶୈଳୀର ଉଦାହରଣ ସ୍ୱରୂପ । ଗୌରୀଶଙ୍କର ଯଥାର୍ଥରେ ଓଡ଼ିଆ ଗଦ୍ୟ ସାହିତ୍ୟର ଆଦିପର୍ବର ଜଣେ ମହାରଥୀ ଗଦ୍ୟ ଲେଖକ । ଏପରିକି ଗୌରୀଶଙ୍କରଙ୍କ ଓଡ଼ିଆ ଗଦ୍ୟର ପରିଚ୍ଛନ୍ନତା, ଭାବ ସୁସ୍ପଷ୍ଟତା, ସାବଲୀଳତା ଓ ଅର୍ଥ ପରିବହନ ପାରଙ୍ଗମତା ପ୍ରଭୃତି ସାହିତ୍ୟ/ନାଟ୍ୟକାର ରାମଶଙ୍କରଙ୍କ ଗଦ୍ୟରେ ଦେଖିବାକୁ ମିଳେନା । ଗୌରୀଶଙ୍କର ଯଥାର୍ଥରେ ଥିଲେ ଜଣେ ଆଦର୍ଶ ଓଡ଼ିଆ ଗଦ୍ୟକାର ।

ଗୌରୀଶଙ୍କର ଥିଲେ ପ୍ରାଚୀନ ଓଡ଼ିଆ କାବ୍ୟ କବିତାର ମୁଗ୍ଧ ଉପାସକ । ଅଶ୍ଳୀଳତାର ଅଭିଯୋଗ ଆରୋପ କରି ଓଡ଼ିଆରେ ଭଞ୍ଜ କାବ୍ୟ ଉପେକ୍ଷାର ଆନ୍ଦୋଳନରେ ଗୌରୀଶଙ୍କର ଭଞ୍ଜ କାବ୍ୟ ପକ୍ଷରେ ପାଠିକା ପୃଷ୍ଠାରେ ସମର୍ଥନ କରିଥିଲେ । ପରେ ପରେ 'ଇନ୍ଦ୍ରଧନୁ' ମାଧ୍ୟମରେ ସେ ଓଡ଼ିଆ ସ୍ୱରକାବ୍ୟର ବର୍ଣ୍ଣନାରୀତିକୁ ଅଧିକ ଗୁରୁତ୍ୱ ଦାନ କରିବାକୁ ପ୍ରତିଷ୍ଠ ଥିଲେ । ପ୍ରିଣ୍ଟିଂ କମ୍ପାନୀ ସ୍ଥାପନର

ଦେଶଭକ୍ତ ମଧ୍ୟରେ ଭକ୍ତଙ୍କ 'ପ୍ରେମ ସୁଧାକର' କାବ୍ୟକୁ ସେ ମୁଦ୍ରିତ ରୂପ ଦେଇପାରି-ଥିଲେ । 'ବୈଦେହୀଶ ବିଳାସ' ଏବଂ 'ରସିକ ଓ ବ୍ୟଞ୍ଜନ' କାବ୍ୟକୁ ମୁଦ୍ରିତ ରୂପ ଦେବାପାଇଁ ଅନ୍ତିମ ବେଳାରେ ଦୁଇଶହ ଟଙ୍କା ଦାନ କରି ସଂସ୍କାରକ ଗୌରୀ-ଶଙ୍କରଙ୍କ ଜୀବନୀ ପୁସ୍ତକରେ ଲେଖକ ଡା. ଅଭେଦାନନ୍ଦ ବାସ୍ତବରେ ଲେଖି ରଖିଛନ୍ତି କଥା । (୨୮) 'ଉତ୍କଳ ପଞ୍ଜିକା' ଗୌରୀଶଙ୍କରଙ୍କ ଉଦ୍ୟମରେ ଏହି ଶତାବ୍ଦୀରୁ ପ୍ରକାଶପାଇ ଓଡ଼ିଶାରେ ବଙ୍ଗଳା ପାଞ୍ଜିର ପ୍ରଚଳନ ବନ୍ଦ କରି ଦେଇଥିଲା । (୨୯) ଏହେ ଡ଼ିଶି କମ୍ପାନୀର ମୁଦ୍ରିତ ପୁସ୍ତକ ଏଣେ ଅଣାଯାଇ ଏବେ ବୃଦ୍ଧି ପାଇବାରୁ ଗୌରୀଶଙ୍କରଙ୍କୁ କମ୍ପାନୀ ପୁସ୍ତକାଳୟ ଜରିଆରେ ଅଲଗା ପୁସ୍ତକ ଦୋକାନଟିଏ ଖୋଲିବାକୁ ପଡ଼ିଲା । ଶିକ୍ଷିତ ଓଡ଼ିଆ ପାଠକଙ୍କୁ ନେଇ ଏକ ଆଧୁନିକ ରୁଚି ସାହିତ୍ୟ ବଜାଇ ରଖିବା ଦୂରଦୃଷ୍ଟି ରଖିଥିବା ବୋଲି ରାଜେନ୍ଦ୍ର ଲାଲ ମିତ୍ର ଏକଦା ସନ୍ଦର୍ଭରେ ଶୁଣାଇଥିଲେ । ଓଡ଼ିଆ ପ୍ରତି ଗୌରୀଶଙ୍କର ତାଙ୍କ କଥାକୁ ଉଦ୍ଧୃତ କରିଥିଲେ । ଇତିହାସ, ପ୍ରତ୍ନତତ୍ତ୍ୱବିଦ ରାଜେନ୍ଦ୍ର ଲାଲ ମିତ୍ରଙ୍କ ସମ୍ପର୍କରେ ବ୍ୟକ୍ତି, ଗୌରୀଶଙ୍କରଙ୍କ ସମ୍ପର୍କରେ ହିଁ ଉକ୍ତାନ୍ତ ଶୁଣି ଦେଇଥାଉଥିଲା । (୩୦)

ପ୍ରାଚୀନ ଓଡ଼ିଆ ଗ୍ରନ୍ଥ, ଚଉପଦୀ, ଚମ୍ପୂ ଓ ସଙ୍ଗୀତଶାସ୍ତ୍ର ବିଷୟକ ଗ୍ରନ୍ଥପ୍ରତିଷ୍ଠା ପ୍ରେମିକ ଥିଲେ ଗୌରୀଶଙ୍କର । ସେ ସ୍ୱୟଂ ସୁମଧୁର କଣ୍ଠରେ ଗାନ କରି ପାରୁଥିଲେ । ଷ୍ଟିଣ୍ଟ କମ୍ପାନୀ ଦ୍ୱାରା ପ୍ରକାଶିତ ଗ୍ରନ୍ଥ ପୁସ୍ତକ ବିଷୟରେ ସଙ୍ଗୀତ ଚର୍ଚ୍ଚାର ଅନ୍ତର ଦେଇଥିଲେ । ଓଡ଼ିଶୀ ସଙ୍ଗୀତର ଚର୍ଚ୍ଚା ଓ ପ୍ରସାର ପାଇଁ ସେ ଅକାତରେ ନିଜ ଧନ ବ୍ୟୟ କରି ଯାଇଥିଲେ । ପୁଣି ଓଡ଼ିଶାରେ ରଙ୍ଗମଞ୍ଚର ବିକାଶ ଓ ଓଡ଼ିଆ ନାଟକର ପ୍ରସାର ପାଇଁ ଗୌରୀଶଙ୍କର ଜୀବନୀ ପୁସ୍ତକରେ ଲେଖକ ଉଦୋଗ/ପ୍ରୋତ୍ସା-ହନର କାହାଣୀ ଶୁଣାଇଥିଲେ । ଓଡ଼ିଆ ନାଟ୍ୟକାର ସମସ୍ତଙ୍କୁ ଯଥାଯୋଗ୍ୟ ଭାବରେ ଗୌରୀଶଙ୍କରଙ୍କ ଅବଦାନକୁ ଉପେକ୍ଷା କରି ହେବ ନାହିଁ ।

ଉତ୍କଳ ପ୍ରାଣ ବାବୁ ଦୁର୍ଗାଶଙ୍କରଙ୍କ ପରି ଅନନ୍ୟ ସାଧାରଣ ଗୁଣ ବ୍ୟକ୍ତିଙ୍କ ଆଶୀର୍ବାଦ ଓ ଆଶ୍ୱାସନା ବଳରେ ଗୌରୀଶଙ୍କର ସମସ୍ତ ପ୍ରକାର ପ୍ରତିକୂଳ ପରିବେଶକୁ ନିର୍ଭୀକ ଭାବରେ ମୁକାବିଲା କରି ଓଡ଼ିଶାରେ ନବ ଜାଗରଣର ପଥ ପ୍ରସ୍ତୁତରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ଦୁର୍ଗାଶଙ୍କରଙ୍କ ଦେହାନ୍ତ (୧୮୭୫) ଫଳରେ ଗୌରୀଶଙ୍କର ତାଙ୍କ Friend Philosopher ଓ Guideଙ୍କୁ ହରାଇ ବସିଥିଲେ । ଦୁର୍ଗା-ଶଙ୍କରଙ୍କ ମୃତ୍ୟୁରେ ଗୌରୀଶଙ୍କରଙ୍କ ମନରେ ପ୍ରଚଣ୍ଡ ମାନସିକ ଆଘାତ ଲାଗିଥିଲା— "ବାବୁ ଦୁର୍ଗାଶଙ୍କର ଦାସ ନବ୍ୟ ଶିକ୍ଷିତ ସମ୍ପ୍ରଦାୟର ଲୋକ ନଥିଲେ ଜଣାଇ ତାଙ୍କ ଦ୍ୱାରା ଦେଶର ହିତ ସାଧିତ ହୋଇଅଛି ଅଥବା ତାହାଙ୍କ ଦ୍ୱାରା ଦେଶର ହେବାର ଦେଶର ଆଉ ସେ ମାର୍ଗରେ ତାହାଙ୍କର ଚିନ୍ତା କରିବାର ସୁବିଧା ଦେଖାଯାଉ ନାହିଁ । ବର୍ତ୍ତମାନ ଓଡ଼ିଶାରେ ଅନେକ ସୁଶିକ୍ଷିତ ଓଡ଼ିଆ ଲେଖକମାନଙ୍କୁ ବିଦ୍ୟାଳୟ ପର୍ଯ୍ୟନ୍ତ ଉଚ୍ଚପଦ ମାନଙ୍କରେ ପ୍ରତିଷ୍ଠିତ ହୋଇ ଅଛନ୍ତି । ମାତ୍ର ଏହାଙ୍କ ଦ୍ୱାରା ସମାଜର କି ଲାଭ

ହୋଇଅଛୁ ? ସାମାନ୍ୟ ବ୍ୟକ୍ତିଙ୍କ ପରି ବଡ଼ ଲୋକମାନେ ମଧ୍ୟ ଆପଣା କ୍ଷୁଦ୍ର ସ୍ୱାର୍ଥ ପାଳିବା ପାଇଁ ଅତି ହୀନ ମହତ୍ କାର୍ଯ୍ୟ କରୁଅଛନ୍ତି ? ବାବୁ ମଧୁସୂଦନ ଦାସଙ୍କ ମୃତ୍ୟୁ ଉତ୍କଳର ଜଣେ ବଡ଼ ଉତ୍କଳୀୟ ଏପରି ବାହାର ଜାତି ଯେଉଁ ତାହାଙ୍କର ମାର୍ଗରେ ଗତି କରୁଅଛୁ । ସେ ଏକ ଲକ୍ଷଣକ୍ତା ଥିଲେବି ତାଙ୍କ ଶୋକରେ କାନ୍ଦୁଛି ଉତ୍କଳର ମୁଖ ଉଜ୍ଜ୍ୱଳ ହୋଇଥିଲା । ସେ ଆଖି ବୁଜିଲେ, ସବୁ ଅନ୍ଧକାର ହୋଇ-ଗଲା ।" (୩୧)

ମଧୁସୂଦନଙ୍କ ସହିତ ତାଙ୍କ ଘନିଷ୍ଠତା ସମ୍ପର୍କର ପ୍ରଥମ ଉତ୍କଳର ମୁଖୋ-ଜ୍ଜ୍ୱଳ କରିପାରି ନାହିଁ କର୍ମଜୀବନର ପ୍ରାରମ୍ଭ ତଥା ଏକ କର୍ମପନ୍ଥାରେ ଜଣେ ସମର୍ଥ ସହଯୋଗୀ ଗୋପବନ୍ଧୁଙ୍କ ଦୃଷ୍ଟିରେ ମଧୁ ଉତ୍କଳର ଆଶା ହୋଇଥିଲେ । ସମ୍ପୂର୍ଣ୍ଣ ଉତ୍କଳଭାଷୀର ମେଳଣରେ ପ୍ରତିନିଧି ଥିଲେ ବଳିଷ୍ଠ ନେତୃତ୍ୱ, ଅଭିନବ କଥା ଶକ୍ତିଶାଳୀ ପଦକ୍ଷେପ । ଏପରି ଏକ ସଙ୍କଟମୟ ସମୟରେ ୧୮୮୬ ମସିହା ସେପ୍-ଟେମ୍ବର ମାସରେ ଉତ୍କଳର ପ୍ରଥମ ଆଇନ ଉପାଧିଧାରୀ ମଧୁସୂଦନ ଦାସ ସେତେବେଳେ ଉତ୍କଳର ସେବା ପାଇଁ କଟକ ଫେରିଲେ, ଭବିଷ୍ୟତ୍ର ଗୋପବନ୍ଧୁଙ୍କ ପାଇଁ ଯୋଗ୍ୟ ପଥପ୍ରଦର୍ଶକ ପାଇଁ ପ୍ରେରଣା ଆଣିଥିଲେ । ଉତ୍କଳର ସର୍ବପ୍ରଥମ ବି. ଏ. ସର୍ବପ୍ରଥମ ଏମ୍. ଏ. ଓ ସର୍ବପ୍ରଥମ ବି. ଏଲ୍ ଉପାଧିଧାରୀ ମଧୁବାବୁଙ୍କ ଆଗମନ ଉତ୍କଳର ଯୁବ ସମାଜରେ ନୂତନ ଆଶା ଓ ଉଦ୍ଦୀପନା ସଞ୍ଚାର କରିଥିଲା । କିନ୍ତୁ କର୍ମୀଙ୍କର ପ୍ରଶସ୍ତ ଦୃଷ୍ଟିଭଙ୍ଗୀ ପ୍ରଭାବରେ ଗୋପବନ୍ଧୁଙ୍କର ଓ ଅନ୍ୟ ଯୁବକମାନଙ୍କ ହୃଦୟରେ ମଧୁବାବୁଙ୍କ ଏକ ସ୍ୱତନ୍ତ୍ର ସମ୍ମାନଜନକ ସ୍ଥାନ ସୃଷ୍ଟି କରିଥିଲା । ମଧୁବାବୁ କଲିକତାରୁ କଟକ ପ୍ରତ୍ୟାବର୍ତ୍ତନ ପରେ ଗୋପବନ୍ଧୁଙ୍କ ତାଙ୍କ କର୍ମଜୀବନର ସାଥୀ ଓ ସହକର୍ମୀ ହୋଇ ଉଠିଥିଲେ । ଉତ୍କଳର ରାଜନୈତିକ ଓ ସାଂସ୍କୃତିକ ଜୀବନ ଗଠନରେ ମୁଖ୍ୟତଃ ଜାତୀୟ ଜୀବନ ଗଠନରେ ତଥା ବିଚ୍ଛିନ୍ନ ଉତ୍କଳ ଏକତ୍ରୀ-କରଣ ସଂଗ୍ରାମରେ ଗୋପବନ୍ଧୁ ଥିଲେ ମଧୁବାବୁଙ୍କ ବିଶ୍ୱସ୍ତ ମନ୍ତ୍ରଦାତା, ସହଯୋଗୀ ଓ ସମର୍ଥକ । ତାଙ୍କଠାରୁ ଗୋପବନ୍ଧୁଙ୍କ ଉଦ୍ଭବ ଆବେଗରେ ମଧୁବାବୁ 'ମାଷ୍ଟରଭାଇ' ବୋଲି ସମ୍ବୋଧିତ କରୁଥିଲେ । ମଧୁବାବୁଙ୍କ ବ୍ୟକ୍ତିତ୍ୱ ପ୍ରତି ଗୋପବନ୍ଧୁଙ୍କର ଅନ୍ତରରେ ମଧ୍ୟ ରହିଥିଲା ଅସୀମ ଶ୍ରଦ୍ଧା ଓ ଅଖଣ୍ଡ ଅନୁରାଗ । ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା, ଓଡ଼ିଶାରେ ସ୍ୱତନ୍ତ୍ର ଶାସନ ପ୍ରବର୍ତ୍ତନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଜନପଦ ବଜାୟ ଦେଶର ଅସ୍ପୃଶ୍ୟ ଜାତିଙ୍କ ପ୍ରବେଶ, ଉତ୍କଳ ଶିଳ୍ପ ବିକାଶ ପ୍ରଚେଷ୍ଟା, ଓଡ଼ିଶା ବାହାରରେ ଓଡ଼ିଆ ଭାଷା ଅଞ୍ଚଳରେ ଶିକ୍ଷା, ଓଡ଼ିଶାରେ ଲୋକ କାରବାର ପ୍ରସାର, ଅଞ୍ଚଳରେ ଯୁବ ସ୍ୱେଚ୍ଛାସେବୀ ଉତ୍କଳ ସ୍ୱାଧୀନତା ଗଠନ, ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣ ଆନ୍ଦୋଳନ ଓଡ଼ିଆଙ୍କ ମନରେ ଜାତୀୟ ଜାଗ୍ରତତା ବୋଧର ଉଦ୍ବୋଧନ ଦ୍ୱାରା ଓଡ଼ିଶାରେ ନବଜାଗରଣର ବଳିଷ୍ଠ ଭିତ୍ତିଭୂମି ରଚନା — ମଧୁ-ମାନସରେ ଏସବୁ ଉଚ୍ଚାକାଙ୍କ୍ଷା ଗୁଡ଼ିକର ଉଦ୍ରେକ କରାଇବା ତଥା ରୂପରେଖ ଦେବାରେ ଗୋପବନ୍ଧୁଙ୍କର ସର୍ବଦା ସକ୍ରିୟ ଓ ସହଯୋଗ

ଜଣାଇ ଥିଲେ । ମଧୁବାବୁଙ୍କ ବ୍ୟାପକ କର୍ମଯୋଜନା ଓ କର୍ମ ତତ୍ପରତାକୁ ଗୌରୀଶଙ୍କର ପ୍ରାଧାନ୍ୟ ଦେଇ ପ୍ରକାଶ କରୁଥିଲେ । 'ଉତ୍କଳ ଦୀପିକା'ରେ ସ୍ୱୟଂ ମଧୁବାବୁ ନିଜ ନାମରେ ଓ ଛଦ୍ମ ନାମରେ ଓଡ଼ିଆରେ, ବିଶେଷ କରି ଇଂରାଜୀରେ, ଅନେକ ବିବରଣୀ ଓ ପତ୍ର ପତ୍ରାଦି ଲେଖାଳେଖି ପ୍ରକାଶ କରୁଥିଲେ । ଜନମତ ସୃଷ୍ଟି ପାଇଁ / ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ / ପ୍ରତିପକ୍ଷଙ୍କ ଅଭିଯୋଗକୁ ଖଣ୍ଡନ କରିବା ପାଇଁ ବେଳେବେଳେ ଏସବୁ ଅତ୍ୟନ୍ତ ପ୍ରୟୋଜନୀୟ ହୋଇ ଉଠିଥିଲା । ପୁରୀ ସଭା ସମିତିରେ ଓ ଅନ୍ୟାନ୍ୟ ପତ୍ରପତ୍ରିକାରେ ମଧୁବାବୁଙ୍କ ଉପରେ ଆକ୍ରମଣ ହେଲେ ଗୌରୀଶଙ୍କର ସ୍ୱୟଂ ବା ଅନ୍ୟ ନାମରେ ମଧୁବାବୁଙ୍କ ପକ୍ଷ ସମର୍ଥନ କରି ଉତ୍କଳ ଦୀପିକାରେ ତୀବ୍ର କଳମ୍ବ ତଥା ଶାଣିତ ପ୍ରତ୍ୟୁତ୍ତର ପ୍ରଦାନ କରୁଥିଲେ । ମଧୁବାବୁଙ୍କ ପୃଷ୍ଠପୋଷକତାରେ 'The Star of Utkal ଓ 'The Oriya' ପତ୍ରିକା ପ୍ରକାଶ ପାଉଥିଲେ ମଧ୍ୟ ସେସବୁ ବେଶୀ ଦିନ ତିଷ୍ଠି ପାରିନଥିଲା । ବସ୍ତୁତଃ 'ଉତ୍କଳ ଦୀପିକା' ହିଁ ମଧୁବାବୁଙ୍କ ମୁଖପତ୍ର ହୋଇ ଉଠିଥିଲା । ମଧୁ ବ୍ୟକ୍ତିତ୍ୱକୁ ଉଦ୍ଭାସିତ, ଉଜ୍ଜ୍ୱଳ ଓ ଗୁରୁତ୍ୱପୂର୍ଣ୍ଣ କରିବ ପ୍ରଭାବଶାଳୀ କରି ତୋଳିବା ପାଇଁ ସଜାଗରେ ଗୌରୀଶଙ୍କର 'ଉତ୍କଳ ଦୀପିକା'କୁ "ମଧୁ ବ୍ୟକ୍ତିତ୍ୱ ପ୍ରସୂତ ମଞ୍ଚ"ରେ ପରିଣତ କରିଥିଲେ । ଅନ୍ୟ ଅର୍ଥରେ କହିଲେ, ଏକ ପକ୍ଷରେ ଉତ୍କଳର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ରୂପେ ଗୌରୀଶଙ୍କର ମଧୁବାବୁଙ୍କୁ ଗଢିବାକୁ ମନପ୍ରାଣରେ / ନିଷ୍ଠାପୂର୍ବକ ସକ୍ରିୟ ହୋଇ ଉଠିଲେ । ଫଳତଃ 'ଏକ ଦେଶ ଏକ ନାୟକ ଚାହିଁ' ବିଚ୍ଛିନ୍ନ ଓଡ଼ିଶାକୁ ଏକତ୍ରିତ ପୂର୍ବକ ସବୁଜ ଶ୍ରୀମନ୍ତିକ/ସମୃଦ୍ଧି ସାଧନର ଗୌରୀଶଙ୍କରଙ୍କ ସ୍ୱପ୍ନ ଭବିଷ୍ୟତରେ ମଧୁବାବୁଙ୍କ ଦ୍ୱାରା ହିଁ ସମ୍ଭାବ୍ୟ ହୋଇ ପାରିବ ବୋଲି କର୍ମଯୋଗୀ ଗୌରୀଶଙ୍କର ଧ୍ୟାନମଗ୍ନ ଦୃଷ୍ଟିରେ କଳ୍ପିତ ହୋଇ ସାରିଥିଲେ । ତାଙ୍କ ପରବର୍ତ୍ତୀ ପର୍ଯ୍ୟାୟର ଉତ୍କଳର ଇତିହାସର ଅଗ୍ରଗତିରୁ ଜାଣୁଛ ଯେ ମଧୁବାବୁ ଏକଥା ମଧ୍ୟ ଗୌରୀଶଙ୍କରଙ୍କ ଦୂରଦୃଷ୍ଟିରୁ ବୋଧ ହୋଇ ସାରିଥିଲା । ବସ୍ତୁତଃ ସେ କାଳରେ ମଧୁବାବୁଙ୍କ ବକ୍ତୃତା ଓ ନିଷ୍ଠା କୀର୍ତ୍ତି ହିଁ ହୋଇ ଉଠିଥିଲା ଉତ୍କଳର ନବଜାଗରଣର ତଥା ଉତ୍କଳୀୟ ଜାତୀୟତା-ବୋଧର ମୂଳ ଭିତ୍ତିଭୂମି । ଉତ୍କଳର ନବ ଜାଗୃତିର ଅଗ୍ରଦୂତ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ଏଇ ନବଜାଗରଣର ବାର୍ତ୍ତା ପରିବେଷଣରେ ଅଗ୍ରାଧିକାର ଦେବାରେ କିଛି ଅସ୍ୱାଭାବିକତା ନଥିଲା ।

ଓଡ଼ିଆମାନେ/ହିନ୍ଦୁମାନେ ପୁରୀ ଜଗନ୍ନାଥଙ୍କୁ ଠାକୁର ରାଜା ରୂପେ ମାନ୍ୟ କରୁଥିଲେ । ଏହି କାରଣରୁ ପୁରୀର ଐତିହାସିକ ଠାକୁର ରାଜା ବଂଶ ପ୍ରତି ସମସ୍ତଙ୍କ ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଥିଲା । ଉଦାରନୈତିକ ବ୍ରାହ୍ମଣ ଗୌରୀଶଙ୍କର ଓ ଖ୍ରୀଷ୍ଟିୟାନ ମଧୁବାବୁ ଜଗନ୍ନାଥ ଓ ପୁରୀ ରାଜବଂଶ ପ୍ରତି ଏକାନ୍ତ ଅନୁରକ୍ତ ହୋଇ ଉଠିଥିଲେ । ଭଗବତ ଭକ୍ତ ପ୍ରଜାମାନଙ୍କ ସହିତ ସର୍ବ ନୈତିକ ହୃଦୟ ସମସ୍ତଙ୍କର ମଧ୍ୟ ପୁରୀ ମନ୍ଦିର ପ୍ରତି ଆବେଗାତ୍ମକ ହୋଇ ପଡ଼ିଥିଲେ । ଶ୍ରୀମନ୍ଦିର ଉପରେ ଅଥବା ପୁରୀ ରାଜବଂଶ ଉପରେ ଯେତେବେଳେ ସାମାନ୍ୟତମ ଅବମାନନା କରାଯାଉଥିଲା, ଗୌରୀଶଙ୍କର,

ମଧୁବାବୁ ଓ ଗୋପବନ୍ଧୁଙ୍କର ସମ୍ମୁଖ ଭୂମିକାରେ ତାର ତୀବ୍ର ପ୍ରତିବାଦ ଓ ପ୍ରତିରୋଧ କରିଥିଲେ । ସେହି ସମୟରେ ଏ ଦୁଇ ମହାଶକ୍ତି ହୋଇ ଉଠିଥିଲେ । ଉତ୍କଳର ସ୍ୱାଧୀନତା ଓ ଉତ୍କଳର ମସ୍ତକମଣି—ଏ ଦୁଇଙ୍କର ଉଦ୍ୟମ ଅତୁଳ ରକ୍ଷିବାପାଇଁ ଉତ୍କଳ ଗଢ଼ିବା ପରେ ପରେ ତାର ଗୌରବ କରି ସକଳେ ପ୍ରକାଶ ହୋଇ ଉଠିଛି ।

୧୮୭୮ ଖ୍ରୀ.ରେ ପୁରୀ ରାଜା ଜଣେ ବୈଷ୍ଣବ ବାବାଜୀଙ୍କୁ ହତ୍ୟା କରିବାର ଜଘନ୍ୟ ଅପରାଧରେ ଅଭିଯୁକ୍ତ ହୋଇଥିଲେ । ଗୌରୀଶଙ୍କରଙ୍କ ସାମ୍ବାଦିକ ହୃଦୟରେ କର୍ତ୍ତବ୍ୟ-ବୁଦ୍ଧି ଓ ଓଡ଼ିଆ ପ୍ରାଣ ତଥା ଜଗନ୍ନାଥ ବଂଶ ପ୍ରତି ସ୍ୱାଭାବିକ ଦୁର୍ବଳତାର ଆହ୍ୱାନର ଅପୂର୍ବ ସମ୍ମିଳନ ସାଧନ କରିଥିଲେ । ଏ ଅପକର୍ମ ପାଇଁ ଅଭିଯୁକ୍ତ ମହାରାଜାଙ୍କ ଭର୍ତ୍ସନା କରିବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କ ସମ୍ମାନ ଯେପରି ଅଧିକ କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ମଧ୍ୟ ଗୌରୀଶଙ୍କର ଉଦ୍‌ବିଗ୍ନ ହୋଇ ଉଠିଥିଲେ—"......... ସେ ଓଡ଼ିଶାର ରାଜବଂଶୀୟ ହୋଇଥିବାରୁ ତାଙ୍କ ପକ୍ଷରେ ଓ ମାନନୀୟ ଦଣ୍ଡ ସ୍ୱରୂପ ମାନିବାକୁ ହେବ । ଏପରି ଦଣ୍ଡର ଏପରି ବ୍ୟବହାର ଓ ଦୁର୍ଦ୍ଦଶା କେଉଁ ଦୁଃଖର କଥା ସହେତୁ ନାହିଁ ।" (୩୨) × × × "ମହାରାଜା ଆସିବା ବେଳେ ବହୁତ ଲୋକ ତାଙ୍କୁ ବାଟରେ ଦେଖୁଥିଲେ ଓ ଜେଲଖାନା ସମ୍ମୁଖରେ ଏତେ ଲୋକ ଜମା ହୋଇଥିଲେ ଯେ ସେମାନଙ୍କୁ ଘଉଡ଼ାଇବା ଦାୟ ହୋଇଥିଲା । ଓଡ଼ିଶାର ସର୍ବପ୍ରଧାନ ମାନ୍ୟ ବ୍ୟକ୍ତିର ଏ ପ୍ରକାର ଦୁରବସ୍ଥା ଦେଖି ସମସ୍ତେ ଚମକିତ ହୋଇଥିଲେ ।" (୩୩) କେବଳ ସମସ୍ତଙ୍କ ଅପେକ୍ଷା ଗୌରୀଶଙ୍କର ଯେ ଅଧିକ ଉତ୍କଣ୍ଠିତ ହୋଇଥିଲେ ତାର ପ୍ରମାଣ ହେଉଛି ଉତ୍କଳ ଦୀପିକା ପୃଷ୍ଠାରେ ତାଙ୍କର ଏହି ମୋକଦ୍ଦମାର ସମ୍ପୂର୍ଣ୍ଣ ଅବଗତ କାରୁଣ୍ୟ ଜନିତ ଧାରାବାହିକ ବର୍ଣ୍ଣନା । ଏ ବିବରଣୀ ଓ ବର୍ଣ୍ଣନା ଗୌରୀ-ଶଙ୍କରଙ୍କ ସାମ୍ବାଦିକ ଶୈଳୀର ଏପରି ମାର୍ମିକ ରୂପ ସୃଷ୍ଟି କରି ପାଠ କଲାବେଳେ ମନେହୁଏ ଯେପରି ଜୀବନ୍ତ ଦୃଶ୍ୟାବଳୀ ଦୂରଦର୍ଶନରେ ପ୍ରଦର୍ଶିତ ହେଉଛି । ଗଜପତିଙ୍କ ଯାବଜ୍ଜୀବନ କାରାବାସ ଦଣ୍ଡାଦେଶରେ ଓଡ଼ିଶାରେ ଶୋକର ଛାୟା ଖେଳି ଯାଇଥିଲା । ହେଲେ ବି ଗୌରୀଶଙ୍କରଙ୍କ ଆବେଗ ଏ ପ୍ରସଙ୍ଗରେ ଲକ୍ଷ୍ୟ କରିବାର କଥା—'ଏକ ଦଣ୍ଡ ଯାହାରେ ଶ୍ରେଷ୍ଠ ବଡ଼ ସମସ୍ତ ଲୋକଙ୍କୁ ଏପରି ଦୁଃଖିତ ହେବାର କେବେ କେହିଁ ଦେଖାଯାଇ ନାହିଁ । ବିଦେଶୀମାନେ ଲୋକଙ୍କର ଏ ପ୍ରକାର ଭାବ ଦେଖି ଆଶ୍ଚର୍ଯ୍ୟ ହେଉଅଛନ୍ତି କିନ୍ତୁ ଆମ୍ଭମାନଙ୍କ ଦୁଃଖବେଦନାରେ ଭାଗିରେ କେହି କିଛି ନାହିଁ । ଯେଉଁ ବଂଶର ପ୍ରବଳ ପ୍ରତାପ ଏକ ସମୟରେ ସମୁଦାୟ ଓଡ଼ିଶା ଆଦି ଗୋଦାବରୀଠାରୁ ତ୍ରିବେଣୀ ପର୍ଯ୍ୟନ୍ତ ରାଜ୍ୟ ଦଣ୍ଡରେ ଶାସନ୍ ଥିଲା ଯେଉଁ ବଂଶର ରାଜାଙ୍କର ମସ୍ତକମଣି ହୋଇଥିଲେ ଏବଂ ଯେଉଁ ବଂଶର ଅସାଧାରଣ କୀର୍ତ୍ତି ଅଦ୍ୟାପି କେବଳ ପ୍ରଶଂସା ଲଭୁଅଛି ଏବଂ ଲକ୍ଷ ଲକ୍ଷ ଲୋକଙ୍କର ପୂଜ୍ୟ ଓ ପ୍ରଶଂସାର ପାତ୍ର ହୋଇଅଛି ସେହି ବଂଶର ବର୍ତ୍ତମାନ ସନ୍ତାନ ଅତି ସାମାନ୍ୟ ଲୋକପରି ଯାବଜ୍ଜୀବନ କାରାବାସ ହେଲେ ଏପରି କଠିନ ହୃଦୟର ଲୋକ କିଏ ଅଛି ଯେ ଏହା ଦେଖି ତାହାର ମନ ବ୍ୟାକୁଳ ନ ହେବ ? ତାହାଙ୍କର ଦୁରବସ୍ଥା ଭାବିଲେ ତାହାର

ନନ୍ଦନଙ୍କୁ ଅସ୍ପୃଶ୍ୟ ଗଣନା କରିବେ ? ଆପଣାର ଧର୍ମ ଓ ସୂତ୍ରର ଆଇନାନୁସାରେ ଦଣ୍ଡ ହେଲେ ବି ମନରେ ଖେଦ ନାହିଁ ହୁଅନ୍ତା କାହିଁ ନା ସନ୍ତାନସ୍ନେହ ଭୁଲି ପାରିବ ।" (୩୪)

ସେହି ସମୟରେ ଶ୍ରୀମନ୍ଦିରରେ ପୁରୀ ରାଜାଙ୍କର ପାରମ୍ପରିକ ଅଧିକାର ସେବା ଅଧିକାର ନେଇ ଇଂରେଜ ସରକାର ଓ ରାଜାଙ୍କ ମଧ୍ୟରେ ମତଭେଦ ଦେଖା ଦେଇଥିଲା । ମନ୍ଦିର ସେବା କାର୍ଯ୍ୟରେ ରାଜା ଅବାଧ ଅଧିକାର ଉପଭୋଗ କରି ସରକାର ପୁରୀ ରାଜାଙ୍କ ହାତରୁ କାଢ଼ି ନେବାପାଇଁ ହାଇକୋର୍ଟ ଅଦାଲତରେ ମୋକଦ୍ଦମା ଦାଏର (୧୮୮୭) କରିଥିଲେ । ମନ୍ଦିରରେ ଦେବୋତ୍ତର ଶ୍ରୀଜଗନ୍ନାଥଙ୍କ ବହୁମୂଲ୍ୟ ପଦାର୍ଥମାନ ଏବଂ ମଠର ଅର୍ଥ ପୁରୀ ରାଜବଂଶୀୟ ଉତ୍ତରାଧିକାରୀମାନେ ଆତ୍ମସାତ୍ କରିଥିବା ପୁରୀ କଲେକ୍ଟର ଅଭିଯୋଗ କରିଥିଲେ । ସରକାରଙ୍କ ତରଫରୁ ଓକିଲ ମଧୁସୂଦନ ଦାସ ଓ ରାମଶଙ୍କର ରାୟ ଏବଂ ପୁରୀ ରାଜାଙ୍କ ତରଫରୁ ଓକିଲ ମଧୁସୂଦନ ଦାସ ଓ ରାମଶଙ୍କର ସ୍ୱତ୍ୱ ଏବଂ ମର୍ଯ୍ୟାଦା ସପକ୍ଷ ମକଦ୍ଦମା ଲଢ଼ୁଥିଲେ ।

ଏ ମକଦ୍ଦମା ଓଡ଼ିଆ ଜାତିରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ପୁରୀ ରାଜବଂଶ ପ୍ରତି ଏ ଅପମାନ ଓଡ଼ିଆ ଜାତି, ଏପରିକି ସାମଗ୍ରିକ ଭାବେ ହିନ୍ଦୁ ସମାଜ, ଘୋର ଦୁଃଖର ଅପମାନ ବୋଲି ମନେ କଲେ, ଗୌରୀଶଙ୍କର ଓ ରାମଶଙ୍କର ଏ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଉତ୍କଳ ଦୀପିକାରେ ସମ୍ପାଦକ ଗୌରୀଶଙ୍କର ଓ ସହସମ୍ପାଦକ ରାମଶଙ୍କର ଏ ସରକାରୀ ହସ୍ତକ୍ଷେପର କଡ଼ା ଭାଷାରେ ସମାଲୋଚନା ପ୍ରକାଶ କରୁଥିଲେ । ଏ ସମ୍ପର୍କିତ ଉଦ୍ୟମରେ ୧୮୮୭ ଖ୍ରୀ. ଡିସେମ୍ବର ୫ ତାରିଖରେ ପିରିଡ଼ି କମିଟିର ଗୃହରେ ଉତ୍କଳ ସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର ସେବାବିଧିରେ ହେଉଥିବା କାଳ ବଞ୍ଚିତ ବିଶୃଙ୍ଖଳା ପରିଚାଳନା ହେତୁ ଏ ପ୍ରକାର ସରକାରୀ ଅଯାଚିତ ହସ୍ତକ୍ଷେପର ତୀବ୍ର ନିନ୍ଦା କରି ଏହି ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଥିଲା ।

ଉତ୍କଳ ଦୀପିକା ଓ ଉତ୍କଳ ସଭାର ସମସ୍ତ ଆବେଦନ ଓ ପ୍ରତିବାଦ ସତ୍ତ୍ୱେ କୋର୍ଟ ଆଦେଶ ବଳରେ ସରକାର ଏକଟିଆ ସ୍ତମ୍ଭ ପ୍ରଭୃତି ଶ୍ରୀମନ୍ଦିର ଦ୍ରବ୍ୟ ନୋଟିସ କରିଥିଲେ । ଏପରି ସାହୁକାର ପିତା କନେଷ୍ଟବଳମାନଙ୍କ ଜଗିଲା ଭାବରେ ମୁସଲମାନ ଓ କ୍ରିଶ୍ଚିଆନ କନେଷ୍ଟବଳର ଶ୍ରୀମନ୍ଦିରଙ୍କ ରତ୍ନ ସିଂହାସନକୁ ଅଶୁଚି "ଛିଣ୍ଡି ଦିଅ ଚୋରି କରିବ" କହିବା ଫଳରେ ଦେଉଳ ମାଗୁଥିବା ପ.ଦ ଏପରି ହିନ୍ଦୁ ସମାଜରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା । ଉତ୍କଳ ଦୀପିକାରେ ଏ ଘଟଣାକୁ ନେଇ ଗୌରୀଶଙ୍କର ଇଂରେଜ ସରକାରଙ୍କୁ ନିର୍ମମ ହୋଇ ଦୈବବାଣୀ ଶୁଣାଇଦେଇ ଲେଖିଥିଲେ– "ଆମ୍ଭେମାନେ ଶ୍ରୀମତୀ ମହାରାଣୀଙ୍କ ନାମରେ ପଚାରୁଁ କି ଗଭର୍ଣ୍ଣମେଣ୍ଟ ଏହି ନ୍ୟାୟରେ ଭାରତ ଶାସନ କରିବାକୁ ଆସିଛନ୍ତି ?" (୩୫)

ପୁଣି ରାଜାଙ୍କ ତରଫରୁ ହାଇକୋର୍ଟର ରାୟ ବିରୁଦ୍ଧରେ କଲିକତା ହାଇକୋର୍ଟରେ ମକଦ୍ଦମା ଦାଏର କରାଯାଇଥିଲା । ଖବରକାଗଜ ଓ ସଭା ସମିତିରେ ଜନମତର ପ୍ରତି-ଫଳିତ ଅବଲମ୍ବନ ତଥା ଅନୁଧ୍ୟାନ କରି ଇଂରେଜ ସରକାର ଏ ମକଦ୍ଦମାରେ ଅନ୍ୟ ଜାତୀୟତାର ମନୋବୃତ୍ତି ଗ୍ରହଣ କରିନଥିଲେ । କଲିକତା ହାଇକୋର୍ଟ ହାଇକୋର୍ଟର ରାୟକୁ ପୂର୍ବବତ୍ ଅଟଳ ଘୋଷଣା କରିଦେଇଥିଲେ । ଏ ଘଟଣା ପରେ ଓଡ଼ିଆ ଜାତିର କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳି ସ୍ରୋତ ହୋଇପଡ଼ି ଧାବମାନ ହୋଇଉଠିଲେ ମଧୁବାବୁ........ ମଧୁବାରିଷ୍ଟର । ଧୀରେ ଧୀରେ ମଧୁବାବୁ ଓଡ଼ିଆ ଭାଷାଭାଷୀ ଜନ ମାନସରେ ଓଡ଼ିଆ ସ୍ୱାଭିମାନର ପ୍ରତୀକରେ ରୂପାନ୍ତରିତ ହୋଇ ଆସୁଥିଲେ । ଏହି ପରିସ୍ଥିତିକୁ ଉତ୍କଳ ଦୀପିକା ବିଶେଷ କରି ତାର ସମ୍ପାଦକ ହୃଦ୍‌ବୋଧ କରି ବେଶ୍ ବୁଝିଥିଲେ ଏହାକୁ ଅବହେଳା କରିବା, ଅନୁଚିତ ହେବ । ଏହାକୁ ପ୍ରମାଣିତ କରିବାପାଇଁ ଶ୍ରେଷ୍ଠତମ ଉଦାହରଣଟିଏର ଅବତାରଣା ଏଠାରେ ଅପ୍ରାସଙ୍ଗିକ ହେବ ନାହିଁ । ଉତ୍କଳ ଦୀପିକାରେ ମଧୁବାବୁଙ୍କ ଗୁଣଗାନ ଓଡ଼ିଆ ଓ ତତ୍ସମ୍ପାଦକଙ୍କ ‘ଅସମ୍ଭବ’ ଲଗିଥିବାରୁ ଗୌରୀଶଙ୍କର ତାଙ୍କ ପ୍ରତିଶ୍ରୁତିରେ ଲେଖିଥିଲେ—“ଆମ୍ଭେମାନେ ମାନ୍ୟବର ଦାସ ମହାଶୟଙ୍କର ଯେତେବେଳେ ଦୋଷ ଦେଖିଅଛୁଁ ସେତେବେଳେ ଯେମନ୍ତ ତାହା ପ୍ରକାଶ କରିଅଛୁଁ ଗୁଣ ଦେଖିଲେ ସେମନ୍ତ ବ୍ୟକ୍ତ କରିଅଛୁଁ । କେବଳ ଦାସ ମହାଶୟଙ୍କର ଦୋଷଠାରୁ ଗୁଣ ଅତ୍ୟନ୍ତ ଅଧିକ ଥିବାହେତୁ ଯେତେ ଅନେକ ସମୟରେ ଆମ୍ଭେମାନେ ତାଙ୍କର ପ୍ରଶଂସା କରିଅଛୁଁ ତାହା ଆମ୍ଭମାନଙ୍କ ଦୋଷ ନୁହେଁ । ବରଂ ସେକଥା ତାହାକୁ ଭଲ କଲରେ ଦୋଷ ତାହାର । ମନୁଷ୍ୟର ସ୍ୱଭାବରେ ଦୋଷଗୁଣ ଉଭୟ ଅଛି ଏବଂ ଯୋଗ୍ୟତା ଦେଖି ଦୋଷର ବିଚାର ହୁଏଇ ।” (୩୭)

ସମ୍ପାଦକ, ଜାତୀୟତା ଓ ସାଂସ୍କୃତିକ ଭିତ୍ତିର ବିଷୟରେ ବଙ୍ଗାଳୀ ପ୍ରଭାବକୁ ସଂକ୍ଷେପ ବିରୋଧ କରୁଥିବା ବେଳେ ଅନୁରୂପ କାରଣରୁ ଗଞ୍ଜାମ ଓଡ଼ିଆଭାଷୀଙ୍କୁ ଏବେକାର ଓଡ଼ିଶାରେ ମିଶାଇ ଦେବାପାଇଁ ସରକାର ସରକାରଙ୍କ ଦୃଷ୍ଟିକୁ ସଂକ୍ଷେପ ଅପର ପକ୍ଷରେ ବିରୋଧ କରୁଥିଲେ । ତାହେତୁ ସଂକ୍ଷେପର ଏଇ ଅଟାତ ବିରୋଧୀ ଦୃଷ୍ଟି ଫଳରେ ପରସ୍ପରଠାରୁ ବିଚ୍ଛିନ୍ନ ହେବେ ଅବଶିଷ୍ଟ ଲକ୍ଷଲକ୍ଷ ଓଡ଼ିଆଙ୍କର ମିଳ ଓଡ଼ିଆବାସୀଙ୍କ ସହ ଏକାଠି ହେବାର ଆଶା ସୁଦୂର ପରାହତ ହୋଇ ଉଠିଥିଲା । ଗୌରୀଶଙ୍କରଙ୍କ ସହ ପରାମର୍ଶ କରି ଓଡ଼ିଆ ଆନ୍ଦୋଳନକୁ ନୂତନ ରୂପରେଖ ଓ ଗତିବେଗ ଦେବାଲାଗି ୧୯୦୩ରେ ମଧୁବାବୁ ସ୍ଥାପନା କରିଥିଲେ ‘ଉତ୍କଳ ସମ୍ମିଳନୀ’ । ଉତ୍କଳର ପ୍ରଥମ ରାଜନୈତିକ ଅନୁଷ୍ଠାନ ‘ଉତ୍କଳ ସଭା’ କ୍ରମେ ଏଥିରେ ସାମିଲ ହୋଇ-ଯାଇଥିଲା । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ— ଓଡ଼ିଶାର ଜନଜୀବନରେ ଏକ ଅଭୂତପୂର୍ବ ଶିହରଣର କଥା— ଅତ୍ୟନ୍ତ ଗୁଣ ସ୍ମରଣୀୟ ମାହେନ୍ଦ୍ର ଲଗ୍ନ— ‘ଯଦି ଭାରତ’ର ଅନ୍ତର୍ଗତ ସମ୍ମୁଖିନର କାନକାରେ ସମ୍ମିଳନୀ ମଣ୍ଡପ ମର୍ମରିତ ହୋଇ ଉଠିଥିଲା । ସମ୍ମିଳନୀର ପ୍ରଥମ ଅଧିବେଶନରେ ଦୃଷ୍ଟିଗ ହୋଇଥିବା ସ୍ମରଣୀୟ ମୁହୂର୍ତ୍ତ

ସମ୍ଭବ ହେବ—ସାଂସ୍କୃତିକ ଉତ୍କଳର ଏକତା ସ୍ଥାପନ, ଏକ ଶାସନ ଦଣ୍ଡରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକର ଏକତ୍ରୀକରଣ, ପ୍ରବାସୀ ତଥା ପରତନ୍ତ୍ର ଅଞ୍ଚଳରେ ରହୁଥିବା ଓଡ଼ିଆମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ଉତ୍କଳର ସର୍ବାଙ୍ଗୀନ ଉନ୍ନତି ସାଧନ । ବିଚ୍ଛିନ୍ନ ଭାବେ ଅବସ୍ଥିତ ଓଡ଼ିଆ ଭାଷାଭାଷୀଙ୍କ ହୃଦୟଭୂମିରେ ଉକ୍ତ ଅଭିପ୍ସିତ ଏକାତ୍ମବୋଧ ସୃଷ୍ଟି (Feeling of Oneness) ଉତ୍କଳ ସମ୍ମିଳନୀ ଶକ୍ତ ଓ ଘନ କରାଇଦେଲା ଓଡ଼ିଆ ଆନ୍ଦୋଳନର ମୋଡ଼ ବଦଳି ଯାଇଥିଲା । ବସ୍ତୁତଃ ଉତ୍କଳ ସମ୍ମିଳନୀ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଓଡ଼ିଶା ପ୍ରଦେଶ ଗଠନର ପ୍ରାରମ୍ଭିକ ଭିତ୍ତିଭୂମି ରଚନା କରିଥିଲା । ଉତ୍କଳ ସମ୍ମିଳନୀର ସମସ୍ତ ବାର୍ଷିକ ଅଧିବେଶନର ଆବେଦନ/ଅନୁରୋଧ ଫଳରେ ଓଡ଼ିଆ ଜାତିର ସ୍ୱକୈନ୍ଦ୍ରିକ ସ୍ୱତନ୍ତ୍ରତା/ବୈଶିଷ୍ଟ୍ୟ ରାଷ୍ଟ୍ରୀୟ ସ୍ୱୀକୃତି ପାଇବାରେ ସକ୍ଷମ ହୋଇଥିଲା ।

ଏହି ଉତ୍କଳ ସମ୍ମିଳନୀର ସୃଷ୍ଟି ଓ ପରିଚାଳନାରେ ଗୌରୀଶଙ୍କର ମଧୁବାବୁଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କରିଥିଲେ । ଉତ୍କଳୀୟ ଜାତୀୟତାବୋଧର ବାର୍ତ୍ତା ବହନ ପୂର୍ବକ ଉତ୍କଳ ଦୀପିକା ଉତ୍କଳ ସମ୍ମିଳନୀର ମୁଖପତ୍ର ଓ ବାର୍ତ୍ତାବହ ହୋଇ ଉଠିଥିଲା ।

କିନ୍ତୁ କ୍ଷୋଭ ଓ ଉଦାସୀନତା ମଧ୍ୟରେ ଉତ୍କଳ ସମ୍ମିଳନୀର ଦୁଇ ଏକୋଟି ଅଧିବେଶନ ଆୟୋଜନରେ ସଫଳତାର ସନ୍ଦେହ ସୃଷ୍ଟି ହୋଇ ଯାଇଥିଲା । ଏହାର ପ୍ରତିଷ୍ଠାତା ଓ ସମ୍ପାଦକ ନିଜ ଦାୟିତ୍ୱ ଠିକ୍ ଅର୍ଥରେ ବହନ କରି ପାରୁନଥିଲେ । କ୍ରମଶଃ ଘାଣ୍ଟି ଅନେକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତ ସମ୍ମୁଖ ହୋଇ ପାରୁନାହିଁ । ସମ୍ମିଳନୀର ଆଦର୍ଶକୁ ରୂପାୟିତ କରିବା ପାଇଁ ରାଜନୈତିକ ନୀତିର ଯୋଗ ଅଭାବ ରହୁଥିଲା । ଅନୁଗତତାର ନବ ଗଠନାତ୍ମକ କାର୍ଯ୍ୟ କରିବା ଅପେକ୍ଷା ନିନ୍ଦାର ପ୍ରଶଂସା ବୃଦ୍ଧି ପାଇ ଥିଲା । 'ପ୍ରଜାବନ୍ଧୁ' ଓ 'ଓଡ଼ିଆ ଓ ନବ ସମ୍ବାଦ' ପତ୍ରିକାରେ ମଧୁବାବୁଙ୍କ ବିରୁଦ୍ଧରେ ବେନାମୀ ପତ୍ର ଲେଖାଯାଇ କୁତ୍ସାମୂଳକ ଅପପ୍ରଚାର ଆରମ୍ଭ ହୋଇଥିଲା । ଏହା ମଧୁବାବୁଙ୍କୁ ବ୍ୟଥିତ ଓ ମର୍ମାହତ କରିଥିଲା । ଉତ୍କଳ ସମ୍ମିଳନୀ ପ୍ରତି ମଧ୍ୟ ଏହାଥିଲା ଦାରୁଣ ଚେତନା ।

'ଜନୈକ ଦୃଷ୍ଟାଲିକାପ୍ରିୟ' ଛଦ୍ମ ନାମରେ ଗୌରୀଶଙ୍କର 'ଉତ୍କଳ ଦୀପିକା' (୧୯୦୪) ରେ ମଧୁବାବୁଙ୍କ ସପକ୍ଷରେ ଓଜସ୍ୱିତ ମନ୍ତବ୍ୟ କରି ଲେଖିଥିଲେ—''ଆଜି କାଲି ଅନେକ ଲୋକଙ୍କ ମୁଖରୁ ଶୁଣାଯାଏ "ପର ଘରର ଗୋଡ଼ା ଓଳି ମଧୁବାବୁ" । କେତେକ କେତେକ ଶିକ୍ଷିତ ବଙ୍ଗାଳୀମାନେ କହୁଥାଆନ୍ତି ''ମଧୁବାବୁ ଗୋଟାଏ ସମ୍ମିଳନୀ କଲେ କାହିଁକି ? ସେ ଆମ୍ଭମାନଙ୍କ ଶତ୍ରୁ ।'' କେତେକ କେତେକ ଓଡ଼ିଆମାନେ କହୁଥାଆନ୍ତି, ''ଓଡ଼ିଶାବାସୀ ବଙ୍ଗାଳୀମାନେ ଓଡ଼ିଆମାନଙ୍କ ସହିତ ସମାନ ଅଧିକାର ପାଇବା ଉଚିତ ବୋଲି ମଧୁବାବୁ ମତଦେଲେ କାହିଁକି ? ସେ ଆମ୍ଭମାନଙ୍କର ଶତ୍ରୁ ।'' ଅନ୍ୟ ଏକ ସମ୍ପ୍ରଦାୟ କହୁଥାନ୍ତି ''ଓଡ଼ିଶା ଟା ମଧ୍ୟପ୍ରଦେଶକୁ ନଯାଇ ବଙ୍ଗଳା ସଙ୍ଗେ

ଅନ୍ତତଃ ସମସ୍ତେ ମଧୁବାବୁ ମହତ୍ତ୍ୱକୁ ଜାଣିଲେ, ସେ ଆମ୍ଭମାନଙ୍କର ନେତା ।" ଉତ୍କଳ ସମ୍ମିଳନୀର ପ୍ରଥମ ସମ୍ପାଦକର ବିଶ୍ୱାସ ଯେ ମଧୁବାବୁ ନଥିଲେ ସେମାନେ ଓଡ଼ିଶାକୁ ସନ୍ନିବେଶିତ କରି ପାରି ନଥାନ୍ତେ, ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷା ଲୋପ ପାଇଥାନ୍ତା । ଏହି ଓ ଅନ୍ୟ ସମ୍ପାଦକମାନଙ୍କର ବିଶ୍ୱାସ ଯେ ମଧୁବାବୁ ନଥିଲେ ଓଡ଼ିଆମାନେ ଓଡ଼ିଶାକୁ ବଙ୍ଗାଳୀମାନଙ୍କ ହାତରୁ ରକ୍ଷା କରି ପାରନ୍ତେ । ମଧୁବାବୁଙ୍କ ଯେ ଦିନ ସେ ଆଶା ଭରସା ତାଙ୍କ ମନରେ ଜାଗିଥିଲା ।" ସେକାଳର ଓଡ଼ିଶାର ଜାତୀୟ ଆନ୍ଦୋଳନରେ ବିଭିନ୍ନ ଦଳ ପ୍ରଚଳିତର ଚିନ୍ତାକଳାପ, ଅଭୀପ୍ସା ଓ ଉଦ୍ଦେଶ୍ୟର ଦିଗ ଏହି ଆଲୋଚନାରୁ ସ୍ପଷ୍ଟ ହୋଇଯାଏ ।

୧୯୦୩ ଖ୍ରୀ ରେ ଓଡ଼ିଶାକୁ ସମ୍ବଲପୁର ମଧ୍ୟପ୍ରଦେଶ ସହ ସଂଯୁକ୍ତ କରିବାକୁ ଯାଉଥିବା ପ୍ରସ୍ତାବ ଶ୍ରୀ ଗୋସ୍ୱାମୀଙ୍କର ଯୁକ୍ତି ବାଢ଼ିଥିଲେ "ଚଟ୍ଟଗ୍ରାମ ଓ ଚମ୍ପାରଣର ଭଳି ସମ୍ବଲପୁର ମୂଳ ଓଡ଼ିଶା ସହିତ ମିଶି ବଙ୍ଗୀୟ ଗଭର୍ଣ୍ଣମେଣ୍ଟଙ୍କ ଶାସନାଧୀନ ହେଲେ ସବାପେକ୍ଷା ଉତ୍ତମ ।" (୩୬) ମଧୁବାବୁ ଓ ସମସ୍ତଙ୍କର ମଧ୍ୟ ଓଡ଼ିଶାର ବଙ୍ଗଳା ସହ ସଂଯୁକ୍ତ ହେବାର ଦୃଢ଼ ସମର୍ଥକ ଥିଲେ । ଅପର ପକ୍ଷରେ ଓଡ଼ିଶାର ମଧ୍ୟପ୍ରଦେଶ ସହ ମିଶ୍ରଣକୁ ଓକିଲ ଗୋକୁଳାନନ୍ଦ, ପାଧୁ ସ୍ୱାଇଁ, ଗୋପବନ୍ଧୁ ଏପରିକି ମଧୁବାବୁଙ୍କ ଅନୁଜ ଗୋପାଳ ବଲ୍ଲଭ ମଧ୍ୟ ଦୃଢ଼ ସମର୍ଥନ କରୁଥିଲେ ଏବଂ ଏହା ହିଁ ହେଲା ପରିଣତ ସ୍ୱରୂପ ପରବର୍ତ୍ତୀ କାଳରେ ଓଡ଼ିଶା ପ୍ରଦେଶ ଗଠନ କାଳରେ ଓଡ଼ିଶା ସିଂହଭୂମ, ସରାଇକେଳା ଓ ଖରସୁଆଁ ଓଡ଼ିଆ ଅଞ୍ଚଳ ହରାଇ ବସିଲା ।

ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ମଧୁବାବୁଙ୍କ ସମ୍ବନ୍ଧରେ ବିଶ୍ୱନାଥ କର, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରମୁଖ ବିଦ୍ରୋହୀଗଣ ଉଦାର ଧାରଣା ପୋଷଣ କରୁଥିଲେ— "ସମ୍ମିଳନୀ ଜଣକର ବା ଦଶ ଜଣଙ୍କର ମତାମତ ନୁହେଁ । ସେଥିରେ ଜଣେ ବା ଦଶ ଜଣ ତାହାର ସୃଷ୍ଟି-ସ୍ଥିତି-ପ୍ରଳୟ କର୍ତ୍ତା । ତୁମେ ଆମେ ସମସ୍ତେ କେବଳ ନାଚୁଆ, ଗାଉଣିଆ ଓ ବାଜୁଆ ମାତ୍ର । × × × ଦେଶର ଭାଗ୍ୟଚକ୍ର 'ଖେଳ'ରେ ମାତି ଅଛନ୍ତି × × ସମ୍ମିଳନୀଟା କେବଳ ଗୋଟାଏ ତାମସା ....." (୩୮)

ଏ ଈର୍ଷା, ଅସୂୟା ଓ ଆକ୍ଷେପୋକ୍ତି ମଧୁବାବୁଙ୍କୁ ଅତ୍ୟନ୍ତ ମର୍ମାହତ ସାମୟିକ ଭାବରେ କରି ତୋଳିଥିଲେ ମଧ୍ୟ ଓ ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ଅଧିବେଶନ ଗୁଡ଼ିକ ଅନ୍ତଃ-ବିବାଦ ତଥା ଗୋଷ୍ଠୀ କଳହ ଯୋଗୁଁ ଅବ୍ୟବସ୍ଥିତ ହୋଇ ପଡ଼ିଥିଲେ ମଧ୍ୟ ଉତ୍କଳ ସମ୍ମିଳନୀ ଏକତ୍ରୀକରଣକୁ ଏକ ବଳିଷ୍ଠ ଜାତୀୟ ତଥା ରାଜନୈତିକ ଦଳ ରୂପେ ଗ୍ରହଣ ହୋଇ ଉତ୍କଳ ପ୍ରଦେଶ ଗଠନ ପଥ ସୁଗମ କରି ପାରିଥିଲା ।

ରାମଚନ୍ଦ୍ର ରଥ, ଅନ୍ୟାନ୍ୟ ଜନପ୍ରତିନିଧି, ସଂସ୍କାର ସମ୍ପାଦକ, ଅର୍ଦ୍ଧ ସ୍ୱଦେଶୀ ଶାସନକୁ ଧାରଣୀକର୍ତ୍ତା, ବଙ୍ଗ ଭାଷାରେ ଲେଖକ, ବଙ୍ଗୀୟ, ଶାସକ ଓ ପଦସ୍ଥ ଲୋକ ସେକାଳରେ ମଧୁ ବାବୁଙ୍କୁ ଉତ୍କର୍ଷ ଓ କଟୁ ଶବ୍ଦମାନରେ ସମ୍ବୋଧିତ କରିଥିଲେ ।

୧୮୯୮ ଖ୍ରୀ.ରେ ଅଡିଷ-ସଂଘ-ଦ୍ରୋପଦ୍ରୁ, ଟେବାଲିଆ ଯୁବ ଜନପଦଙ୍କୁ ଉତ୍ତୀର୍ଣ୍ଣ ହେବା ପାଇଁ ସୁବର୍ଣ୍ଣ ପଦ୍ମଶୋଭର ନାଲିସ୍ କଣ ଅପ୍ରାଳାର ହୋଇବ ଅଦେଶ ନେଇ ମଧୁବାବୁ ସୁସ୍ଥ ଯାଇ ବୃନ୍ଦାବନ ସ୍ୱର୍ଣ୍ଣର ପର ଧାନଚାଲଣ କରୁଥିବା ପଣ ସ୍ୱଳାଭ ଟଙ୍କା, ମୁକ୍ତାହାର, ସ୍ୱଦେଶୀ ମୋହରଦ୍ୱାର ହଜାର କଣଥିଲେ । ତାହାକୁ ଦୁଇଟିକୁ ସ୍ୱାସ୍ଥ୍ୟ ଅବତରି ଲକ୍ଷ ଟଙ୍କା ଦୃଢ଼ଭାବ ଦୁଃଖ ଯୁବ ଜନପଦଙ୍କୁ ଏହାକୁ ପରେ ନବେଦସ୍ୱଇବାକୁ ମଧୁବାବୁ ସମାଲୋଚନାର ଶରବ୍ୟ ହୋଇଥିଲେ । ମଧୁବାବୁଙ୍କ ବନ୍ଧୁଭାବେ ବଂଶଗତ ଭୁଣ୍ଡାର ମଧ୍ୟ ଅଳ୍ପ ନ ଥିଲା । ସେତେବେଳେ ଏଣ୍ଡ ନଭୁକ ସ୍ୱଭାବ ଏକ ସୁପା ଶୁକବର ଶୁକ୍ତବଣ ଅବସ୍ଥାର ଓ ସନ୍ଦେହର ଦୃଷ୍ଟି ଦେଖରେ ଆନ୍ଦୋଳିତ ହୋଇ ଉଠିଥିଲା — ଗୌରୀବାଲା ପାଲିତା ଲୁଥ, ମଧୁବାବୁଙ୍କ କୃଅପେ ଥିଲେ ଦ୍ୱିଗୁଣ ଭଗ୍ନ !

ମଧୁବାବୁଙ୍କ ପକ୍ଷ ଗୌରୀଶଙ୍କରଙ୍କ ବାଂଗ୍ଳାରୁ ମଧ୍ୟ ସେମାନେ ତାଙ୍କ ବାଦ ସମ୍ବାଦର ଯୋଗରେ ଜଟିଳ ହୋଇ ପଡ଼ିଥିଲା । ଓଡ଼ିଆ ସାହିତ୍ୟର ନାଟକ, ଉପନ୍ୟାସ ଗଳ୍ପାଦିର ଓ ଅଲଙ୍କାରର ଛନ୍ଦ ପ୍ରୟୋଗରେ ପ୍ରଥମ ପ୍ରକୃତ ହେବା ପାଇଁ ତାହା କରୁଥିବା ଗୌରୀଶଙ୍କର ସ୍ୱାର୍ଥରେ ସେହି କ୍ଷେତ୍ର ଗୁଣ୍ଡମାନଙ୍କର ପ୍ରଥମ ନ ଥିଲେ । ଉତ୍କଳୀୟ ଜାତୀୟତାବୋଧ ଅପେକ୍ଷା ଭାରତୀୟ ଜାତୀୟତାବୋଧ ପ୍ରତି ସେ ଥିଲେ ଅଧିକ ଅନୁରକ୍ତ । ୧୯୦୩ ଖ୍ରୀ.ରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ନ ଦେଇ କଂଗ୍ରେସ ଅଧିବେଶନରେ ଯୋଗ ଦେବାକୁ ସେ ମାନ୍ଦ୍ରାଜ ଚାଲିଯାଇଛନ୍ତି । ଉତ୍କଳ ସମ୍ମିଳନୀରେ ଯୋଗଦେବା ପାଇଁ ତାଙ୍କର କୌଣସି ଅବସର/ଇଚ୍ଛାଥିଲା ଅଥବା ଅନୁଭବ ହୁଏନା । ପରେ ଦେଖାଯାଏ ସେ, ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ ଗୌରୀଶଙ୍କର ଯୋଗ ନଦେଇ 'ବଙ୍ଗାଳୀ ସମ୍ମିଳନୀ'ରେ ଯୋଗଦେବା ଅଧିକ ଉଚିତ ମନେ କରନ୍ତି । ପଦବୀ ମୋହ ଓ ସ୍ୱାର୍ଥପରତା ଦୃଷ୍ଟି ତାଙ୍କର କମ୍ ନଥିଲା ।

ଗୌରୀଶଙ୍କର ବ୍ୟକ୍ତିତ୍ୱର ସ୍ୱରୂପ ଆଙ୍କନ ଉଦ୍ଦେଶ୍ୟରେ ଏ ଦୁଇଟି ବ୍ୟକ୍ତିତ୍ୱ ଏହା ଏକ ଆଂଶିକ ଦୃଷ୍ଟାନ୍ତ ମାତ୍ର । ଜୋଗିଦ୍ୱାରେ ଲିଙ୍କ ବଙ୍ଗାଳୀମାନଙ୍କୁ ଗୌରୀଶଙ୍କର ଓଡ଼ିଆ ରୂପେ ଗ୍ରହଣ କରୁ ଥିବାରୁ ତାଙ୍କୁ ମଧ୍ୟ ବହୁ କଟୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି । ତେବେ ମଧୁବାବୁ ଓ ଗୌରୀଶଙ୍କରଙ୍କ ଅନୁରୂପ ସମାଲୋଚନାରେ ବିଚଳିତ/ବିବ୍ରତ ହୋଇ ସେ ନୀରବ କର୍ମବ୍ରତୀ ହୋଇନାହାନ୍ତି । ଓଡ଼ିଆମାନଙ୍କୁ ଦୂରେଇ ଦେଇ ନାହାନ୍ତି ବା ଓଡ଼ିଆଙ୍କଠାରୁ ଦୂରେଇ ରହି ନାହାନ୍ତି । ଗୌରୀଶଙ୍କରଙ୍କ ଓଡ଼ିଆପ୍ରାଣ ବ୍ୟକ୍ତିତ୍ୱ ଥିଲା ପ୍ରକୃତ ପକ୍ଷ ଶୁଦ୍ଧ, ସତେଜ, ସ୍ୱଚ୍ଛ ।

କଟକରେ ସର୍ବସାଧାରଣଙ୍କ ସଭା ସମିତି ତଥା ଡାକ୍ତରଖାନା ପାଇଁ କୋଠାଟିଏ ପ୍ରୟୋଜନୀୟତା ସେ ଅନୁଭବ କରିଥିଲେ । ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଶୁଣୁଛି ଅବଶ୍ୟ କଥା ଭଡ଼ାରେ ସେ ଉଦ୍ୟୋକ୍ତାମାନଙ୍କୁ ଦେଇଥିଲେ । କିନ୍ତୁ ସ୍ଥାୟୀ ସମିତି ପାଇଁ ତାହା ମଧ୍ୟ ଅପ୍ରଶସ୍ତ ଓ ଜମିଦାର ପାଇଁ ଅସୁବିଧା ଜନକ ହୋଇ ଉଠିଥିଲା

ଗୌରୀଶଙ୍କର ନିଜର ସମସ୍ତ ସଞ୍ଚିତ ଅର୍ଥ (ଟ ୧୦୦୬୬/-) ଖର୍ଚ୍ଚ କରି ମ୍ୟୁନିସିପାଲିଟି ସ୍କୁଲ ପ୍ରତିଷ୍ଠା କରିଥିଲେ । ଏଥିରୁ ତାଙ୍କର ଓଡ଼ିଆ ପ୍ରୀତି ଓ ଶିକ୍ଷାପ୍ରୀତିର ଶ୍ରେଷ୍ଠତାର ପ୍ରମାଣ ମିଳିଥାଏ । ସେ ଅତି ସରଳ ନିରାଡ଼ମ୍ବର ଜୀବନ ଯାପନ କରୁଥିଲେ । ନିଜର ଘୋଡ଼ାଗାଡ଼ି ଥିଲେ ମଧ୍ୟ କଟୋଇ ଚଟି, ସୂତାଧରା ବେଶ ସ୍ୱଚ୍ଛନ୍ଦ ପିନ୍ଧିବା ପସନ୍ଦ କରୁଥିଲେ । ଛୁଞ୍ଚା ଶାଗସିଝା ଛଡ଼ାଟି ଥିଲା ତାଙ୍କର ପଥ୍ୟ ଦ୍ରବ୍ୟ । ଲୁଣ ଗୁଣ୍ଡି ଖାଦ୍ୟପେୟ ଭଲପାଇଲେ ସେ ଏଭଳି ହୋଇ କହୁଥିଲେ—"ସ୍ୱାଦୁ ସମସ୍ତଙ୍କର ହୁଅନ୍ତୁ ଏଥି........ ...।" ଜଳ ଜମିର ମୋଟା ଦଳକା ଗୁଡ଼ିକର ଅର୍ଥ ହିଁ ଥିଲା ତାଙ୍କର ସ୍ଥିତି କାର୍ଯ୍ୟ । ହଜାର ହଜାର ଟଙ୍କା ଦାନ କରିପାରୁଥିବା ଗୌରୀଶଙ୍କର ମୋଟା ଦେଶୀଲୁଗା ଓ ପୁରୁଣା କାଳିଆ ଛତାକାଠ (ବେତକେବେଳେ ପଟା) ସ୍ୱାସ୍ଥ୍ୟ ବ୍ୟବହାର କରୁଥିଲେ ।

୧୯୧୭ ମସିହାରେ ଗୌରୀଶଙ୍କରଙ୍କୁ ସରକାର ରାୟ ବାହାଦୁର ଉପାଧିରେ ଭୂଷିତ କରିଥିଲେ । ଏ ବାର୍ତ୍ତା ପାଇବାମାତ୍ରେ ଗୌରୀଶଙ୍କର ବାଷ୍ପ ଗଦଗଦ ହୋଇ ବାଷ୍ପରୁଦ୍ଧ କଣ୍ଠରେ କହିଥିଲେ—"ଓଡ଼ିଶାର ମାଟି, ପାଣି, ପବନରେ ମୁଁ ବଢ଼ି ମଣିଷ ହୋଇଥିଲି । ଯାହା ପଇସା ଅର୍ଜନ କରିଛି ସବୁ ଓଡ଼ିଶାରୁ । ସେହି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିରେ ତାହା ବିନିଯୋଗ କରିଛି ମାତ୍ର । ଓଡ଼ିଶାର ପଇସା ଓଡ଼ିଶାରେ ଖର୍ଚ୍ଚ କରିଛି । ଏଥିରେ ମୋର ବାହାଦୁରି ବା କଣ ? ଏ ଦୃଷ୍ଟିରୁ ବସ୍ତୁତଃ ଓଡ଼ିଶାର ସେବା କରିବାକୁ ଅନ୍ୟ ମୋର ଶକ୍ତି ନାହିଁ । ରାୟବାହାଦୁର ଉପାଧି ଦେଇ ଓଡ଼ିଆ ଜାତି ଉପରେ ଋଣୀ ହୋଇଗଲି ମାତ୍ର ।" (୩୯) ଇଂରେଜ ସରକାର ଗୌରୀଶଙ୍କରଙ୍କୁ ରାୟବାହାଦୁର ପଦବୀ ଅର୍ପଣ କରିବା ପାଇଁ ଯେଉଁଦିନ କଟକରେ ଦରବାରର ଅନୁଷ୍ଠାନ ଆୟୋଜନ କରିଥିଲେ, ସେଦିନ ସେଥିରେ ଉପସ୍ଥିତ ନରହି ବରଂ ଗୌରୀଶଙ୍କର ନିଜ ଗ୍ରାମରେ ନିଜ ଅର୍ଥରେ ଖୋଲିଥିବା ଡାକ୍ତରଖାନା ଉଦ୍‌ଘାଟନ ପାଇଁ ଚାଲି ଯାଇଥିଲେ । ୧୯୧୭ ମସିହାରେ ଗ୍ରୀଷ୍ମ କର୍ମାଜଳ ସ୍ୱୟଂ ଦୃଢ଼ରେ ହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଏହି ବହୁମୁଖୀ ପ୍ରତିଭା ସମ୍ପନ୍ନ ପାଇଁ ତାଙ୍କର ଦୁଇ ବନ୍ଧୁମାନଙ୍କର ଗୋପାଳ ଚନ୍ଦ୍ର ପ୍ରହରାଜ ଓ ବିଶ୍ୱନାଥ କର ଏବଂ ମୃତ୍ୟୁ ପ୍ରତିବାଦ/ଚିଠିପତ୍ର ମଧୁବାବୁଙ୍କ ଦେଇଥିବା ଶ୍ରଦ୍ଧାଞ୍ଜଳି ଏଠାରେ ଉଲ୍ଲେଖ କରିଦିଆ ଯାଉଛି । ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ମନ୍ତବ୍ୟ—"ଗୌରୀଶଙ୍କର ସମ୍ପାଦକ ରୂପେ ଅବତୀର୍ଣ୍ଣ ହେବା ପୂର୍ବେ ଉତ୍କଳରେ କୌଣସି ସାଧାରଣ ଭାଷା ନଥିଲା । ପୂର୍ବେ ଲିଖିତ ଗ୍ରନ୍ଥମାନଙ୍କରେ ଉତ୍କଳୀୟମାନଙ୍କ ମଧ୍ୟରେ ଅଧିକ ଆଦାନ ପ୍ରଦାନ ହେଉନଥିବାରୁ ଉତ୍କଳ ଭାଷା ପ୍ରାଦେଶିକତାରେ ପୂର୍ଣ୍ଣ ଥିଲା ; ଏମନ୍ତକି ଜଣେ ଲେଖକ କୌଣସି ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାକୁ ଅନ୍ୟ ଅଞ୍ଚଳରେ ଲୋକେ ବୁଝିପାରୁ ନଥିଲେ । ଭାଷାରୁ ଏହିସବୁ ପ୍ରାଦେଶିକତା ଦୂର କରି ସମସ୍ତ ଉତ୍କଳର କୌଣସି ସାଧାରଣ ଭାଷା ପ୍ରବର୍ତ୍ତାଇବା ବିଷୟରେ ଉତ୍କଳ ଦୀପିକା ଯେଉଁ କାର୍ଯ୍ୟ କରିଅଛି, ତାହିଁର ମୂଲ୍ୟ ନିରୂପଣ କରିବା ସହଜ

ଲୁଟନ୍ତି ।"

ଗୌରୀଶଙ୍କରଙ୍କ ଦେହାନ୍ତରେ ବିଶ୍ୱନାଥ କର ଲେଖିଥିଲେ—"ଗୌରୀଶଙ୍କରଙ୍କ ପରି ନାଗର, କର୍ମଯୋଗୀ, କର୍ମୋତ୍ସାହ ପ୍ରଚାରକାରୀ ବୈଷ୍ଣବ, ଅତ୍ୟନ୍ତ ନିର୍ଭୀକ ସ୍ୱାଧୀନଚେତା ପ୍ରଭୃତି ଗୁଣ ଜଗତରେ ଆଉ କିଏ ରହିଲେ ? ଧର୍ମ ଜୀବନକୁ ଅର୍ଥହୀନ ଯେଉଁ ଜନତା ପାଇଁ ନିଷ୍କର୍ମ ହୋଇ ବସି ନାହାନ୍ତି, ବରଂ ଜନ୍ମଭୂମିର ଅନୁଷ୍ଠାନର ସୁବ୍ୟବସ୍ଥା କରିବାକୁ ଭୁଲିନାହାନ୍ତି । ଜୀବନରେ କେତେ କଷ୍ଟରେ ତାଙ୍କ ଦେଶ ଭକ୍ତ ମଧ୍ୟ ଦେଖିଥିଲୁଁ, ପୁଣି ତାଙ୍କ ଜୀବନର ଦୂରଦର୍ଶୀ ଚୋରାଏ ବୁଦ୍ଧିମତ ଦୋଷ ଦେଖି ବାଧିତ ହୋଇଥିଲୁଁ, କିନ୍ତୁ ସେ ପ୍ରବଳ ମନୁଷ୍ୟତ୍ୱର ସନ୍ମୁଖୀନ ହେବା ମାତ୍ରେ ମସ୍ତକ ସ୍ୱତଃ ନତ ହୋଇଯାଉଛି, ଦୂରରୁ ନାନା ସମୟରେ ସେ ମହତ୍ତ୍ୱ କଥା ସ୍ମରଣ କରି ଭକ୍ତି-ବିନମ୍ର ଅନ୍ତରରେ ନମସ୍କାର କରୁଅଛୁଁ ।" (୪୦)

. ଗୌରୀଶଙ୍କରଙ୍କ ମୃତ୍ୟୁରେ ଉତ୍କଳ ସମ୍ମିଳନୀର ୧୩ ଅଧିବେଶନରେ ଶୋକ ପ୍ରସ୍ତାବ ଆଗତ୍ତୁକ କରି ଆପଣାର ପ୍ରିୟ 'ମାଷ୍ଟରବାବୁ'ଙ୍କ ପ୍ରତି ସ୍ନେହ ଶ୍ରଦ୍ଧା କଣ୍ଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ମଧୁବାବୁ—"ଗୌରୀଶଙ୍କର ଓଡ଼ିଶାରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ । 'ଉତ୍କଳ ଦୀପିକା' ଉତ୍କଳର ଦୀପଶିଖା । ଏହି ସମୟରେ ମନୁଷ୍ୟଜାତି ଅସଭ୍ୟ ଅବସ୍ଥାରେ ଥିଲା । ସୂର୍ଯ୍ୟର ପ୍ରଥମ ଦୀପ ଯେତେବେଳେ ପୃଥିବୀ ଉଦୟ ହେଲେ ଅନ୍ଧକାର ଗୁମ୍ଫାରେ ଯୋଗି କଲେ । ମନୁଷ୍ୟ ଯେତେବେଳେ ଅଗ୍ନିରକ୍ଷା ପାଇଁ ବ୍ୟାକୁଳ ହେଲା । ସେତେବେଳେ ମନୁଷ୍ୟ କୌଶଳ ଜୀବନରେ କାହିଁକି ଅଗ୍ନି ହେବାକୁ ପ୍ରାପକ ସୃଷ୍ଟି କଲା । × × × ବର୍ତ୍ତମାନ ଦୀପ ଜାଳିବା ଅତି ସହଜ । କିନ୍ତୁ ପ୍ରଥମେ ଯାହାର ମସ୍ତିଷ୍କ ଦୀପ ଅନ୍ଧକାରରେ ଉଦ୍ଭାବିତ ହେଲା ତାହାର କେତେ ଚେଷ୍ଟାର ଫଳ ଏହା । ଶ୍ରେଷ୍ଠ ମାନବ ଜାତି ତାହା ନିକଟରେ କୃତଜ୍ଞ ରହିବାକୁ ବାଧ୍ୟ ।"

ଓଡ଼ିଆ ଜାତି 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀଶଙ୍କରଙ୍କ ନିକଟରେ କେତେ ପରିମାଣରେ କୃତଜ୍ଞ ରହିବା ଉଚିତ, ଏଠାରେ ବ୍ୟାଖ୍ୟାମୂଳକ କହିବା ତାହା ବହୁତ । ହିନ୍ଦି ବଙ୍ଗାଳୀ ସହ ଯେ ଏପରି ସଂଘର୍ଷ ହୋଇ ପଡ଼ିଥିଲେ ସେ କେବଳ ଗୌରୀଶଙ୍କର ଛାପାଖାନା ବୋଲି ବ୍ୟୁତ୍ପତ୍ତି ବର୍ଣ୍ଣିତ କରୁଥିଲେ । 'ଉତ୍କଳ ଦୀପିକା' କେବଳ ଏକ ସାଧାରଣ ଖବର କାଗଜ ନଥିଲା, ଏହା ଓଡ଼ିଆ ଆନ୍ଦୋଳନର ମୁଖପତ୍ର ହୋଇଉଠିଥିଲା । ଓଡ଼ିଆର ପ୍ରାଣବାଣୀ ଏଥିରେ ମୂର୍ତ୍ତିତ, ମର୍ମିତ ହୋଇ ଉଠୁଥିଲା । ଓଡ଼ିଆ ଅସ୍ମିତାର ମର୍ମବାଣୀ ଏଥିରେ ପ୍ରକାଶିତ ହେଉଥିଲା । ଉତ୍କଳୀୟ ଜାତୀୟତାବୋଧ/ଓଡ଼ିଆ ଜାତୀୟତାର ନାଭିକେନ୍ଦ୍ର ହୋଇ ଉଠିଥିଲା କଟକ ପ୍ରିଣ୍ଟିଂ କମ୍ପାନୀ ଓ ଉତ୍କଳ ଦୀପିକା । ଗୌରୀଶଙ୍କର ହୋଇ ଉଠିଥିଲେ ଉତ୍କଳୀୟ ଜାତୀୟତାବୋଧର ହୃତ୍ସ୍ପନ୍ଦନ, ଉଜ୍ଜୀବକ ; ଓଡ଼ିଆ ଜାତିର ଦଧୀଚି ।

ଓଡ଼ିଶା ପ୍ରଦେଶ ଗଠନ ରୂପକ କୋଣାର୍କର ସୂତ୍ରଧର ଓ ଭିତ୍ତିସ୍ଥାପକ ଥିଲେ

ଗୌରୀଶଙ୍କର, ଅର୍ଦ୍ଧଶେଷ କାମ୍ୟବସ୍ତୁର ପ୍ରତୀକ ଶିବେର ଖାନ୍ଦା । ତତ୍ପାତ୍ର ଓଡ଼ିଶା ପ୍ରଦେଶ ଗଠନ ସୂଚକ କୋଣାର୍କର ମୂର୍ତ୍ତି ମାଗୁଥିଲେ ପାଇଲା । ରାଜା କୃଷ୍ଣଚନ୍ଦ୍ର-ଗଜପତି, ଏ କାରଣ ଅରମ! । ଆଧୁନିକ ଓଡ଼ିଶା ଇତିହାସ ଆଲୋଚନା କଲେ ଏ ଦୁର୍ଭାଗ୍ୟ ଭୂଷ ସୃଷ୍ଟି ଆମେ ଗଢ଼ିଥିବ ଶ୍ରୀକୃଷ୍ଣ ଦେବଙ୍କ ଯାଇବା ! କାରଣ କରେ ନିଶ୍ଚୟ ଓଡ଼ିଆ ସ୍ଥାଣୁଥିଲେ ମଧ୍ୟ ଜୋମିଦାରମାନଙ୍କ ବଙ୍ଗାଳୀ ଗୃହରେ ଜନ୍ମ ଗ୍ରହଣ କରିଥିଲେ ଅର ଜଣକ ଆସିଥିଲେ ଓଡ଼ିଶାର ଉପାନ୍ତ ଅଞ୍ଚଳର ରାଜ ପରିବାରରୁ । ପାଇଲା ଗଜପତିଙ୍କ ସମ୍ପର୍କରେ କୋଡ଼ିଏ ଦୁଇଟି ଶିକ୍ଷାନୁଷ୍ଠାନର ନାମକରଣ, ଦୁଇ ଚଉକୋଟି ପ୍ରତିମୂର୍ତ୍ତି, ଏକମୁରେ ହେଲେ ମଧ୍ୟ କୋଡ଼ିଏ ଜଣାର ନାମକରଣର ସୌଭାଗ୍ୟ (!) ଲଭିଥିଲେ ମଧ୍ୟ ହତଭାଗ୍ୟ ଗୌରୀଶଙ୍କରଙ୍କ ଫଟୋ ଲଗାଇବାର ନ୍ୟୁନ/ଅନ୍ତତଃ ପାର୍ଶ୍ୱିକ ନାମକରଣ ବ୍ୟତୀତ ଓଡ଼ିଆ ଜାତି ତାଙ୍କ ପ୍ରତି ଆଉ ବିଶେଷ କିଛି ଅନୁଷ୍ଠାନ କରିବାର ସମୟ ପାଇନ !

କରୁଣାର ଅପରାଧ ଦାକରେ ବଧୀତର ଜନ୍ମ ଅନୁଭୂତି — ଯେ ଅପରାଧ ଅନୁଷ୍ଠାନ/ଅଧ୍ୟାପକର ଅପେକ୍ଷା ରଖେନା । ଗୌରୀଶଙ୍କର, ଓଡ଼ିଆ ଜାତିକୁ କ୍ଷମାକର !

## — ପାଦଟୀକା —

୧) ଗଗନେନ୍ଦ୍ର ନାଥ ଦାଶ—ଜଗନ୍ନାଥ ଜାତୀୟତାବାଦ-ପୃ ୬୯

୨) ଏ ସମ୍ପର୍କରେ ଏକାଧିକ ବିବରଣୀ ପାଇଁ ଦ୍ରଷ୍ଟବ୍ୟ—

କ) ଗଗନେନ୍ଦ୍ର ନାଥ ଦାଶ—ଜଗନ୍ନାଥ ଜାତୀୟତାବାଦ ପୃ ୬୮-୭୧

ଖ) Dr. G N. Dash: Jagannath and Oriya Nationalism Chapter-XIX in The Cult of Jagannath and the Regional Tradition of Orissa Page-359-374,

୩) Dr. G N Dash: The Cult of Jagannath and the Regional Tradition of Orissa Page-364,

୪) ୧୮୬୬ ମସିହା କଟକ ପ୍ରିଣ୍ଟିଂ କମ୍ପାନୀର ବାର୍ଷିକ ବିବରଣୀ-ପୃ-୨୮

୫) ଉତ୍କଳ ଦୀପିକା—ତା ୮.୧୨.୧୮୬୬

୬) ୧୮୬୭ ମସିହା କଟକ ପ୍ରିଣ୍ଟିଂ କମ୍ପାନୀର ବାର୍ଷିକ ବିବରଣୀ-ପୃ-୨୯

୭) ଉତ୍କଳ ଦୀପିକା—ତା ୨୯.୯.୧୮୬୭

୮) ଉତ୍କଳ ଦୀପିକା—ତା ୧୦.୧୧.୧୮୬୬

୯) ସୁରେନ୍ଦ୍ର ମହାନ୍ତି-ଶତାବ୍ଦୀର ସୂର୍ଯ୍ୟ (୧୯୬୬) ପୃ-୫୩

୧୦) ପ୍ରାପ୍ତ (ପତ୍ର) ଦୁଇଟିରେ ଉତ୍କଳ ଦୀପିକା ତା ୧.୯.୧୮୬୬ ଓ ତା ୨୦.୧୦.୧୮୬୬ରେ ପ୍ରକାଶିତ ।

୧୧) ଉତ୍କଳ ଦୀପିକା—ତା ୮. ୧୨. ୧୮୬୬

୧୨) Nationalism is a modern emotional fusion and exaggeration of *two phenomena*—*Nationalism* and Patriotism". says C.J.H. Essays on Nationalism (1926) P-5-29

୧୩) ଉତ୍କଳ ଦୀପିକା—ତା ୧. ୧. ୧୮୭୨

୧୪) ଉତ୍କଳ ଦୀପିକା—ତା ୪. ୧. ୧୮୬୮

୧୫) ଉତ୍କଳ ଦୀପିକା- ତା ୨୫, ୧, ୧୮୬୮

୧୬) ଉତ୍କଳ ଦୀପିକା—ତା ୪, ୪, ୧୮୬୮

୧୭) ଉତ୍କଳ ଦୀପିକା—ତା ୧୩, ୩, ୧୮୬୯

୧୮) ଉତ୍କଳ ଦୀପିକା—ତା ୧୩. ୩. ୧୮୬୯

୧୯) ଉତ୍କଳ ଦୀପିକା—ତା ୨୭. ୧୦. ୧୮୭୨

୨୦) ଉତ୍କଳ ଦୀପିକା—ତା ୧୬. ୧୧. ୧୮୭୨

୨୧) ଉତ୍କଳ ପୁତ୍ର—ତା ୧. ୮. ୧୮୭୩

୨୨) ଉତ୍କଳ ଦୀପିକା—ତା ୨୫. ୯. ୧୮୬୯

୨୩) ଉତ୍କଳ ଦୀପିକା—ତା ୨୭. ୧୧. ୧୮୬୯

୨୪) ଗଗନେନ୍ଦ୍ର ନାଥ ଦାଶ—ଓଡ଼ିଆ ଭାଷା ଭଣ୍ଡାର ପରୀକ୍ଷା-ପୃ-୪୯

୨୫) ଉତ୍କଳ ଦୀପିକା—ତା ୨୭. ୨. ୧୮୭୦

୨୬) ଉତ୍କଳ ଦୀପିକା—ତା ୨. ୪. ୧୮୭୦

୨୭) ଡାଃ ଗଗନେନ୍ଦ୍ର ନାଥ—ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ; ଏକ ସିଂହାବଲୋକନ (୨) - ଝଙ୍କାର; ଡିସେମ୍ବର, ୧୯୮୬-ପୃ-୮୫୫

୨୮) ଉତ୍କଳ ଦୀପିକା—ତା ୮. ୬. ୧୮୭୨

୨୯) ଉତ୍କଳ ଦୀପିକା—ତା ୨୮ ୩. ୧୮୬୮

୩୦) ଡ଼ ଜେ. କୁ. ଦୋଳବେହେରା—ଦେଶ, କାଳ, ପାତ୍ର ଓ ଜନନୀ ଫକୀରମୋହନ ପୃ-୭-୯ ଦ୍ରଷ୍ଟବ୍ୟ ।

୩୧) ଉତ୍କଳ ଦୀପିକା—ତା ୧୯. ୨. ୧୮୬୬

୩୨) ଉତ୍କଳ ଦୀପିକା—ତା ୨. ୩. ୧୮୭୮

୩୩) ଉତ୍କଳ ଦୀପିକା—ତା ୨୩, ୩. ୧୮୭୮

୩୪) ଉତ୍କଳ ଦୀପିକା—ତା ୧୩. ୪. ୧୮୭୮

୩୫) ଉତ୍କଳ ଦୀପିକା—ତା ୧. ୯. ୧୮୭

୩୬) ଉତ୍କଳ ଦୀପିକା – ତା ୨୧. ୮. ୧୯୦୯

୩୭) ଉତ୍କଳ ଦୀପିକା—ତା ୩୧. ୬. ୧୯୦୩

୩୮) ଗୋପାଳ ଚନ୍ଦ୍ର ପ୍ରହରାଜ—ପ୍ରଥମ ଖଣ୍ଡ ଭୂମିକା-ଉତ୍କଳ ସାହିତ୍ୟ ୨୨ଶ ଭାଗ, ପ୍ରଥମ ସଂଖ୍ୟା-ପୃ-୨୮-୩୫ ଦ୍ରଷ୍ଟବ୍ୟ ।

୩୯) ଗୌରୀଶଙ୍କର ରାୟଙ୍କ ପୁତ୍ରବଧୂ ଶ୍ରୀମତୀ ଶୈଳବାଳା ଦାସଙ୍କ ସହ ସାକ୍ଷାତ୍କାର—ତା ୭. ୧୦. ୧୯୭୫ ।

୪୦) ଉତ୍କଳ ସାହିତ୍ୟ—୨୦ଶ ଭାଗ ୧୨ଶ ସଂଖ୍ୟା-ପୃ ୫୯୧-୯୨ ।

ଓଡ଼ିଆ ବିଭାଗ
ମ୍ୟୁନିସିପାଲ୍ କଲେଜ
ରାଉରକେଲା-୧୨

# ଗୌରୀଶଙ୍କର ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ

* ଡକ୍ଟର ଗଗନେନ୍ଦ୍ର ନାଥ ଦାଶ

## ପ୍ରାରମ୍ଭ :-

ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷା, ସୁଦୃଢ଼ ଓ ସୁପ୍ରତିଷ୍ଠିତ କରିବା ପାଇଁ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ୧୮୬୮ର ଜାନୁଆରୀ ମାସରେ ଆରମ୍ଭ ହୋଇ ଅନେକଗୁଡ଼ିଏ ପର୍ଯ୍ୟାୟରେ ୧୮୭୦ର ମଧ୍ୟଭାଗ ପର୍ଯ୍ୟନ୍ତ ଚାଲିଥିଲା। ଏହି ଆନ୍ଦୋଳନ ପ୍ରସଙ୍ଗରେ ଯେଉଁ ଓଡ଼ିଆ ଓ ଅଣ-ଓଡ଼ିଆମାନେ ସମ୍ମୁଖରେ ବା ଅନ୍ତରାଳରେ ଥାଇ ବିଭିନ୍ନ ପ୍ରତ୍ୟକ୍ଷ ବା ପରୋକ୍ଷ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସେ ସମସ୍ତଙ୍କ ନାମ ଓ ଭୂମିକାର ସ୍ୱରୂପ ତଥା ଗୁରୁତ୍ୱ ନିର୍ଣ୍ଣୟ କରାଯାଇନାହିଁ। ଯେଉଁମାନଙ୍କ ନାମ ଓ ଭୂମିକା ସମ୍ପର୍କରେ କିଛି ଜଣାଯାଇଛି ସେମାନେ ହେଲେ ଗୌରୀଶଙ୍କର ରାୟ, ବିଚିତ୍ରାନନ୍ଦ ଦାସ, ନନ୍ଦକିଶୋର ଦାଶ, ଜଗନ୍ମୋହନ ରାୟ, ଫକୀର ମୋହନ ସେନାପତି, ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ, ଭୂଦେବ ମୁଖୋପାଧ୍ୟାୟ, T. E Ravenshaw, John Beames, H. C. B. C. Raban, R. L. Martin। ଏମାନଙ୍କ ମଧ୍ୟରେ ଉଜ୍ଜ୍ୱଳ ଭୂମିକା (ଏଠାରେ କେବଳ ଭୂମିକା ର ଉତ୍ତରକାଳୀନ ସ୍ୱୀକୃତି ଗୌରୀଶଙ୍କର ରାୟଙ୍କ ନାମ ଅଗ୍ରଗଣ୍ୟ।

ଗୌରୀଶଙ୍କରଙ୍କ ଭୂମିକା ଥିଲା ପ୍ରାଧାନ୍ୟ ତଥା ସକ୍ରିୟ। ପୁଣି ତାଙ୍କର ଭୂମିକା ହିଁ ଏ ଆନ୍ଦୋଳନର ପ୍ରସ୍ତୁତି ପର୍ଯ୍ୟାୟରୁ ଆରମ୍ଭ କରି ଅନେକଗୁଡ଼ିଏ ପର୍ଯ୍ୟାୟବ୍ୟାପୀ ଥିଲା। ଅଧିକନ୍ତୁ ମଧ୍ୟ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ପ୍ରଭାବଶାଳୀ। ଏହା ଏକ ଦିଗରେ ଆନ୍ଦୋଳନର ସୃଷ୍ଟି ପାଇଁ ପ୍ରତ୍ୟକ୍ଷରେ ଦାୟୀ ଥିଲା; ଆନ୍ଦୋଳନର ପ୍ରତ୍ୟେକ ପର୍ଯ୍ୟାୟରେ ତାର ଗତିଧାରାକୁ ଅବ୍ୟାହତ ରଖିଥିଲା ଓ ଗତିପଥକୁ ନିୟନ୍ତ୍ରଣ କରିଥିଲା। ଆଉ ଅନ୍ୟ ଦିଗରେ ଏହା ସରକାରୀ ନୀତିକୁ ପରୋକ୍ଷରେ ହେଲେ ହେଁ ପ୍ରଭାବିତ କରିବାରେ ସମର୍ଥ ମଧ୍ୟ ହୋଇଥିଲା ଯାହା ଫଳରେ ୧୮୬୯ର ନଭେମ୍ବର ମାସରେ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷା, ସୁଦୃଢ଼ କରିବା ପାଇଁ ସରକାରୀ ସ୍ତରରେ ପ୍ରଥମ ସଚେତନ ନୀତି ଗୃହୀତ ହେଲା ଓ ୧୮୭୩ରେ ଓଡ଼ିଆ ଭାଷା ଓଡ଼ିଶାର ବିଦ୍ୟାଳୟରେ ଏକଚ୍ଛତ୍ର ଆସନ ଲାଭ କଲା। ଶେଷରେ ତାଙ୍କର ଭୂମିକା ଏହି ଆନ୍ଦୋଳନର ପ୍ରତିକ୍ରିୟା-ଜନିତ ଏକ ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବ୍ୟର୍ଥ କରିବା ପାଇଁ ସମର୍ଥ ହୋଇ ପାରିଥିଲା। ସେହି ପ୍ରସଙ୍ଗରେ ଏ ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟାର ଜନକ ଓ ନାୟକ ସଂସ୍କୃତ ପଣ୍ଡିତ, ଲେଖକ ଓ ବାଙ୍ଗାଳୀ ପ୍ରବର ରାଜେନ୍ଦ୍ର ଲାଲ ମିତ୍ରଙ୍କ ଯୁକ୍ତି ଆସ୍ଫାଳନକୁ ଖଣ୍ଡନ ଓ ଦମନ ଭାବରେ

ମୁକାବିଲା କରିବାରେ ଗୌରୀଶଙ୍କର ଅନେକ ପଶ୍ଚାଦ୍‌ପଦ ହୋଇନଥିଲେ ବା ମାନସିକ ମନୋବଳରେ ବିଶ୍ୱବିଦ୍ୟାଳୟର ସମ୍ମୁଖୀନ ହେବା ପାଇଁ ଉତ୍ସାହିତ ହୋଇ ନଥିଲେ । (ଏହା ଗୌରୀଶଙ୍କରଙ୍କ ପକ୍ଷରେ କମ ଗୌରବଜନକ ନୁହେଁ ।) ତେଣୁ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଭୂମିକା ଓ ସେ କ୍ଷେତ୍ରରେ ତାଙ୍କର ଅବଦାନ ଏକାନ୍ତ ଭାବରେ ମହତ୍ତ୍ୱପୂର୍ଣ୍ଣ, ବରଣୀୟ ଓ ସ୍ମରଣୀୟ ।

ନିମ୍ନରେ ସଂକ୍ଷେପରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପ୍ରସ୍ତୁତି ପର୍ବ ତଥା ଉନ୍ମୋଚନ ପର୍ଯ୍ୟାୟରେ ଗୌରୀଶଙ୍କରଙ୍କ ଭୂମିକାର ସ୍ୱରୂପ ଓ ଗୁରୁତ୍ୱ ଜଣାଇବା ଚେଷ୍ଟା କରାଯିବ ।

## ଆନ୍ଦୋଳନର ପ୍ରସ୍ତୁତି ପର୍ବ :-

ଊନବିଂଶ ଶତକରେ, ଓଡ଼ିଶା ବ୍ରିଟିଶ ଶାସନାଧୀନ ହେବା ପରେ ମୁଖ୍ୟତଃ ସରକାରୀ ଉଦାସୀନତା, ଓଡ଼ିଆ ଜାତୀୟ ସ୍ପୃହାର ଅଭାବ, ଓଡ଼ିଆ କର୍ମଚାରୀଙ୍କ ପ୍ରଶାସନିକ ଅବହେଳା ଓ ଶିକ୍ଷା ବିଭାଗରେ କାମ କରୁଥିବା ବଙ୍ଗାଳୀ ଡେପୁଟି ଇନ୍‌ସ୍ପେକ୍ଟର ଓ ଶିକ୍ଷକମାନଙ୍କ ଓଡ଼ିଆ ପ୍ରତି ପ୍ରତିକୂଳ ତଥା ବଙ୍ଗଭାଷା ପ୍ରତି ଅନୁକୂଳ ମନୋଭାବ ହେତୁ ଓଡ଼ିଶାର ବିଦ୍ୟାଳୟରେ, ବିଶେଷ ଭାବରେ ନିମ୍ନ ଶ୍ରେଣୀରେ ଓଡ଼ିଆ ଭାଷା ଅବହେଳିତ ହେଉଥିଲା ଓ ସେହି ସୁଯୋଗରେ ବଙ୍ଗଭାଷା କ୍ରମଶଃ ଅନୁପ୍ରବେଶ କରିବାରେ ଓ ତାର ସ୍ଥିତି ଦୃଢ଼ କରିବାରେ ଲାଗିଥିଲା । ପୁଣି ଓଡ଼ିଶାର ବିଦ୍ୟାଳୟରୁ ଓଡ଼ିଆକୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବରେ ନିର୍ବାସନ କରିବାର ଏକାଧିକ ଉଦ୍ୟମ ଏ ମଧ୍ୟରେ ସରକାରୀ ସ୍ତରରେ ହୋଇଥିଲା ସତ୍ତ୍ୱେ ବେଳେ ସରକାରୀ ସ୍ତରରେ ତାର ସଫଳ ପ୍ରତିରୋଧ ମଧ୍ୟ କରାଯାଇ ପାରିଥିଲା (୧) । ଏସବୁ ପରୋକ୍ଷ ବା ଅପରୋକ୍ଷଭାବରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପଥ ପରିଷ୍କାର କରିଥିଲା । ୧୮୬୪ ରେ କଟକ ପ୍ରିଣ୍ଟିଂ କମ୍ପାନୀର ସ୍ଥାପନ ଓ ୧୮୬୬ ଅଗଷ୍ଟ ମାସ ଠାରୁ ଗୌରୀଶଙ୍କରଙ୍କ ସମ୍ପାଦନାରେ 'ଦୀପିକା'ର ପ୍ରକାଶନ ମଧ୍ୟ ପ୍ରତ୍ୟକ୍ଷରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପଥ ପରିଷ୍କାର କରିଥିଲା ।

ଏହାପରେ ଆପାତ ସମର୍ଥ କତିପୟ ଘଟଣା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ଅନୁକୂଳ ପରିବେଶ ସୃଷ୍ଟିରେ ସହାୟକ ହୋଇଥିଲା ସେ ମଧ୍ୟରେ ମୁଖ୍ୟତଃ ତିନୋଟି ଅଭିମୁଖ୍ୟ ଦୃଷ୍ଟି ଉଠିଥିଲା ବା ପ୍ରତିଫଳିତ ହୋଇଥିଲା । ପ୍ରଥମରେ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବାଧା ସୃଷ୍ଟି କରୁଥିବା ବଙ୍ଗଭାଷାଭାଷୀ ଶିକ୍ଷା ବିଭାଗୀୟ କର୍ମଚାରୀ, ବିଶେଷ ଭାବରେ ଡେପୁଟି-ଇନ୍‌ସ୍ପେକ୍ଟରମାନଙ୍କ ଓଡ଼ିଆ ବିରୋଧୀ କାର୍ଯ୍ୟକଳାପର ତୀବ୍ର ସମାଲୋଚନା । ଏଥିରେ ଦୀପିକାର ସମ୍ପାଦକ ଗୌରୀଶଙ୍କର ଅଗ୍ରଣୀ ଥିଲେ । ଦୀପିକା ପ୍ରକାଶନ ଆରମ୍ଭର ମାତ୍ର ମାସେ କ ପାଖରୁ ୧୮୬୬ ସେପ୍ଟେମ୍ବର ୧ ତାରିଖର ଦୀପିକାରେ "ଓଡ଼ିଶା ସ୍କୁଲ-ମାନଙ୍କରେ ଡେପୁଟୀ ଇନ୍‌ସ୍ପେକ୍ଟରୀ କର୍ମ" ଶୀର୍ଷକ ଲେଖାରେ ସେ କହିଥିଲେ, "ବଙ୍ଗ

ଦେଶୀ ଲୋକମାନେ ସ୍ୱଭାବତଃ ଉତ୍କଳ ଦେଶ ଉପରେ ବଢ଼ିଯାଆନ୍ତି ଏବଂ ଓଡ଼ିଆ ଭାଷା ଓ ସାହିତ୍ୟକୁ ସବୁ ପ୍ରକାରରେ ଅବଜ୍ଞା ଦେଖାଆନ୍ତି। ତାହାଙ୍କ ପୁଅମାନେ ଏବଂ ପ୍ରାୟ ସେମାନେ କୌଣସି ସ୍ଥାନରେ ଦୁଇ ତିନି ବର୍ଷରୁ ଅଧିକ ନ ରହିବାରୁ ଉତ୍କଳ ଭାଷା ଶିକ୍ଷା କରିବାକୁ ଇଚ୍ଛା କରନ୍ତି ନାହିଁ ଓ ଯଦି କଲେ ମଧ୍ୟ ଅଳ୍ପକାଳରେ ହେବାର କଥା । ଏ ଯୋଗୁଁ ବଙ୍ଗ ଦେଶରୁ ଅଦ୍ୟାପି ଯେଉଁ ୫ ଜଣ ଡେପୁଟି ଇନ୍‌ସ୍‌ପେକ୍ଟର ଆସି ଅଛନ୍ତି ସେହି ଉତ୍କଳ ଭାଷା ଉନ୍ନତି ବିଷୟରେ ଅଳ୍ପ ଚେଷ୍ଟା କରିନାହାନ୍ତି ବରଂ ଉତ୍କଳ ଭାଷା ପ୍ରଚଳିତ ଥିବା ମଫସଲ ସ୍କୁଲମାନଙ୍କରୁ ହଟାଇ ଦେଇ ବଙ୍ଗଭାଷା ପ୍ରଚଳିତ କରୁଅଛନ୍ତି । ଅଧିକ କଅଣ କହିବି ଏକ ଏକଜଣ ବଙ୍ଗଦେଶୀ ଡେପୁଟି ଇନ୍‌ସ୍‌ପେକ୍ଟର ଉତ୍କଳ ଦେଶକୁ ଏ ପ୍ରକାର ଘୃଣା କରନ୍ତି ଯେ ସରକାରଙ୍କ ରିପୋର୍ଟରେ ସୁଦ୍ଧା ତାହା ଜଣାଇବାକୁ ତ୍ରୁଟି କରନାହାନ୍ତି,'' (୨) ଇତ୍ୟାଦି । ସେହିପରି ୧୮୬୭ର ସାପ୍ତାହିକ ଏକ ସମ୍ପାଦକୀୟରେ ଅନୁରୂପ ଭାବରେ ସେ କହିଥିଲେ, ''ଅଧିକ କେତେକ ବଙ୍ଗାଳି ଡେପୁଟି ଇନ୍‌ସ୍‌ପେକ୍ଟର ଯେଉଁମାନେ କେବଳ ଅର୍ଥୋପାର୍ଜନ କର୍ମ କରନ୍ତି ଓ ବହୁତ ଟଙ୍କା ପାଇଲେ କର୍ମ ପରିତ୍ୟାଗ କରି ଚଳାନ୍ତି ଓ ମନେ ମନେ ଭାବୁଥାନ୍ତି ଓ କେତେବେଳେ ମଧ୍ୟ ପ୍ରକାଶ କରି ଚଳାନ୍ତି ଯେ, ଇଂରେଜମାନେ ଯେପରି ଭାରତ ଅଧିକାର କରି ତତ୍ରସ୍ଥ ଭାଷାଗଣକୁ ବଂଗଳା ଅକ୍ଷରରେ ଲଟିନିକରଣ କରି ଲେଖିବାକୁ ଇଚ୍ଛା ଜ୍ଞାନ କରନ୍ତି ମଧ୍ୟ ଅନେକ ଅର୍ଥ ବ୍ୟୟ କରି ଖ୍ରୀଷ୍ଟଧର୍ମ ପ୍ରଚାରନ୍ତି ଓ ଏପରି କେତେକ ପୁସ୍ତକ ଇଂରାଜୀ ମୁଦ୍ରିତ କରୁଅଛନ୍ତି; ସେହିପରି ସେମାନେ ଉତ୍କଳ ଭାଷାକୁ ଏକା-କେବଳରେ ନୋହିଲେ କତ୍ୟାନ୍ତ ସରକାରଙ୍କ ଲକ୍ଷ୍ୟକୁ ହଟାଇ ଦେଇ ଦେଶୀୟ ବଙ୍ଗଳା ଚଳାଇବେ, ଏହିରୂପ ମାନସ କରନ୍ତି ଓ ସୁଯୋଗ ଉପର ଯାଜକଙ୍କ ଠାରେ କହନ୍ତି ଯେ ଓଡ଼ିଆ ଅଲଗା କଦର୍ଯ୍ୟ ଭାଷା ।'' (୩)

ଏ କ୍ଷେତ୍ରରେ ଫୁଟି ଉଠିଥିବା ଦ୍ୱିତୀୟ ଅଭିମୁଖ୍ୟ ହେଉଛି ଓଡ଼ିଆ ଭାଷାରେ ମୁଦ୍ରିତ ପୁସ୍ତକର, ବିଶେଷ ଭାବରେ ପାଠ୍ୟ ପୁସ୍ତକର, ଅଭାବ ଦୂରକରି ତାହାର ରଚନା, ସଙ୍କଳନ ଓ ପ୍ରକାଶନ ପାଇଁ ଉଦ୍ୟମ । ଏ କ୍ଷେତ୍ରରେ ମଧ୍ୟ ଗୌରୀଶଙ୍କର ଅଗ୍ରଣୀ ଓ ସକ୍ରିୟ ଥିଲେ । ୧୮୬୭ର ଜାନୁଆରୀ ମାସରେ କାଳିପଦ ବନ୍ଦ୍ୟୋପାଧ୍ୟାୟଙ୍କ ସହିତ ଯେତେବେଳେ କଟକ ସ୍କୁଲବୁକ୍ କମିଟି ସ୍ଥାପିତ ହୋଇଥିଲା ସେତେବେଳେ ଗୌରୀ-ଶଙ୍କର ପତ୍ରିକା ପୃଷ୍ଠାରେ ଏ ଉଦ୍ୟମର ଭୂୟସୀ ପ୍ରଶଂସା କରି ପ୍ରୋତ୍ସାହିତ କରିଥିଲେ ତଥା କଟକ ପ୍ରିଣ୍ଟିଂ କମ୍ପାନୀ ଏ ଉଦ୍ୟମର ସହାୟକ ହେବା ଉଚିତ ବୋଲି ସୂଚନା ଦେଇଥିଲେ । (୪) ୧୮୬୭ର ମେ ମାସରେ ଯେତେବେଳେ ''ଉତ୍କଳ ଭାଷୋନ୍ନତି ବିଧାୟିନୀ ସଭା'' ସ୍ଥାପିତ ହେଲା ସେତେବେଳେ ସେ ଉଦ୍ୟମରେ ଗୌରୀଶଙ୍କର ବିଶେଷ ଆଗ୍ରହ ପ୍ରକାଶ କରିଥିଲେ ଓ ଏହି ସଭା ଯେଉଁ ପାଠ୍ୟ ପୁସ୍ତକ ତଥା ଅନ୍ୟାନ୍ୟ ପୁସ୍ତକ ସଙ୍କଳନ ଓ ପ୍ରକାଶନ ପାଇଁ ଯେଉଁ କାର୍ଯ୍ୟକ୍ରମମାନ ହାତକୁ ନେଇଥିଲା ସେଥିରେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । (୫)

ଏ ପ୍ରସଙ୍ଗରେ ପ୍ରକାଶ ପାଇଥିବା ତୃତୀୟ ଅଭିମୁଖ୍ୟଟି ହେଉଛି ଓଡ଼ିଆ ଭାଷା

ସ୍ତରରେ ଉପାଗତ ହେଉଥିବା ବଙ୍ଗାଳୀଙ୍କ ପ୍ରସ୍ତାବକୁ ପରାହତ କରି ଓଡ଼ିଆ ଭାଷାର ଅଭିଭାବକତ୍ୱ ଉଦ୍ୟମ । ଏହା ଫଳରେ ସେତେବେଳେ ପ୍ରକାଶିତ ହେଉଥିବା ଓଡ଼ିଆ ପୁସ୍ତକର ସ୍ଥାନରେ ଚଳୁଥିବା ବଙ୍ଗଳାଭାଷାର ପ୍ରସ୍ତାବକୁ ସମାଲୋଚନା କରାଯାଇଥିଲା । ଗୌରୀଶଙ୍କରଙ୍କ ସମ୍ପାଦନାରେ ଦୀପିକା ମଧ୍ୟ ଏ ବଳରେ ଅଗ୍ରଗାମୀ ଭୂମିକା ଗ୍ରହଣ କରି ୧୮୭୭ ମାର୍ଚ୍ଚ ୩ । ୪ ଅଙ୍କ ସଂଖ୍ୟାରେ ଜଗନ୍ମୋହନଙ୍କ 'ଚନ୍ଦ୍ରାବଳୀ' (ଈଶ୍ୱରଚନ୍ଦ୍ର, ବିଦ୍ୟାସାଗରଙ୍କ ଦ୍ୱାରା ବଙ୍ଗଭାଷାରେ ରଚିତ 'ଜନକ ଚରିତ'ର ଅନୁବାଦ ?) ପୁସ୍ତକର ସ୍ଥାନରେ ଥିବା ବଙ୍ଗ ପ୍ରସ୍ତାବର ସମାଲୋଚନା ସମ୍ବଳିତ ଏକ ପ୍ରେରିତ ପତ୍ର ପ୍ରକାଶ କରିଥିଲା । (୭) ପୁଣି ୧୮୭୭ ମେ' ମାସରେ ପ୍ରତିଷ୍ଠିତ 'ଉତ୍କଳ ଭାଷୋଦ୍ଧାରିଣୀ ସଭା'ର ମଧ୍ୟ ଏହା ଅନ୍ୟତମ ଉଦ୍ଦେଶ୍ୟ ଥିଲା ଯାହାର ସ୍ଥାପନରେ ଗୌରୀଶଙ୍କର ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ଏ ସବୁରୁ ଜଣାପଡ଼େ ଯେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପ୍ରସ୍ତୁତି ପର୍ବରେ ଆନ୍ଦୋଳନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେଉଥିବା ବେଳେ ଏହି ମଧ୍ୟରେ ଯେଉଁ କେତୋଟି ପ୍ରଧାନ ଅଭିମୁଖ୍ୟ ସୃଷ୍ଟି ହୋଇଥିଲା ସେ ସମସ୍ତରେ ଗୌରୀଶଙ୍କରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଅବଦାନ ରହିଥିଲା ।

ଏ ମଧ୍ୟରେ ୧୮୭୫ରେ ଟି. ଇ. ରେଭେନ୍‌ସା (T. E. Ravenshaw) ଓଡ଼ିଶା ଡିଭିଜନର କମିଶନର ଭାବରେ କାର୍ଯ୍ୟରେ ଯୋଗ ଦେଲେ । ତାର ଅବ୍ୟବହିତ ପରେ ୧୮୭୫ର ସେପ୍ଟେମ୍ବର ତା ୧୨ରେ ସେ ବଙ୍ଗ ସରକାରଙ୍କ ନିକଟକୁ ୧୮୭୪-୭୫ର ଓଡ଼ିଶାର ଶିକ୍ଷା ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟ ପ୍ରେରଣ କଲେ । ଏଥିରେ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଅବହେଳିତ ହେଉଥିବାରୁ କ୍ଷୋଭ ପ୍ରକାଶ କରି ସେ ଏ ପ୍ରତି ବଙ୍ଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଓ ଯଥାଶୀଘ୍ର ଓଡ଼ିଆ ସ୍କୁଲରୁ ବଙ୍ଗଳା ପାଠ୍ୟ ପୁସ୍ତକ ପରିବର୍ତ୍ତେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଚଳନର ଦୃଢ଼ ସୁପାରିଶ କରି ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ବାଟ ଫିଟାଇ ଦେଲେ । ବଙ୍ଗ ସରକାର ରେଭେନ୍‌ସାଙ୍କ ସୁପାରିଶ ସମ୍ପର୍କରେ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ମତାମତ ନେଇଥିବାରୁ ଡିରେକ୍ଟର ଆଟ୍‌କିନ୍‌ସନ ଏ ସମ୍ପର୍କରେ ଦକ୍ଷିଣ ପଶ୍ଚିମ ଶିକ୍ଷାଚକ୍ରର ଇନ୍‌ସପେକ୍ଟର ଭୂଦେବଙ୍କ ଅଭିମତ ନେଇଥିଲେ କାରଣ ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକ ସେତେବେଳେ ଏହି ଶିକ୍ଷାଚକ୍ରର ଅନ୍ତର୍ଗତ ଥିଲା । ଭୂଦେବ ତାଙ୍କର ସ୍ୱଳ୍ପ ଅଭିଜ୍ଞତା ହେତୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଭିମତ ଦେବାକୁ ତାଙ୍କ ତାତ୍‌କାଳିକ ଅକ୍ଷମତା ଦର୍ଶାଇ ସେ ଅଧିକ ତଥ୍ୟ ସଂଗ୍ରହରେ ଲିପ୍ତ ରହିଲେ ବୋଲି କହିଥିଲେ । ପରେ ସେ ଅସୁସ୍ଥ ହୋଇ ବିଲାତ ଚାଲିଯିବାରୁ ତାଙ୍କ ସ୍ଥାନରେ ଇନ୍‌ସପେକ୍ଟର ହୋଇ ଆସିଲେ ମାର୍ଟିନ (R. L. Martin) । ଡିରେକ୍ଟର ବଙ୍ଗ ସରକାରଙ୍କ ଦ୍ୱାରା ପୁଣି ଥରେ ମତାମତ ଜଣାଇବା ପାଇଁ ଆଦିଷ୍ଟ ହୋଇ ଇନ୍‌ସପେକ୍ଟର ମାର୍ଟିନଙ୍କ ଅଭିମତ ନେଇଥିଲେ । ଭୂଦେବଙ୍କ ପରି ମାର୍ଟିନ ମଧ୍ୟ ନିଜର ସ୍ୱଳ୍ପକାଳ ଅଭିଜ୍ଞତା ହେତୁ ଓଡ଼ିଶା ବିଷୟରେ ଜ୍ଞାନର ସ୍ୱଳ୍ପତା ଦର୍ଶାଇଥିଲେ କିନ୍ତୁ କମିଶନରଙ୍କ ସୁପାରିଶ ଦେଇଥିବା ପ୍ରସ୍ତାବର ବିରୁଦ୍ଧାଚରଣ କରି

ଓଡ଼ିଶାର ବିଦ୍ୟାଳୟର ମଧ୍ୟମ ଓ ଛାତ୍ର ଶ୍ରେଣୀରେ ବଙ୍ଗଭାଷାର ଶିକ୍ଷା ସୁଦୃଢ଼ ଓ ସମ୍ପ୍ରସାରିତ କରିବା ପାଇଁ ଏକ ମତ-ପ୍ରସ୍ତାବ ଦେଲେ । ଇନ୍‌ସ୍ପେକ୍ଟରଙ୍କ ମତ-ପ୍ରସ୍ତାବକୁ ଶ୍ରୀ ରେଭେନ୍‌ସା ଦୃଢ଼ ଭାବରେ ସମର୍ଥନ କରି ବଙ୍ଗ ସରକାରଙ୍କ ନିକଟକୁ ପଠାଇ ଦେଲେ । ବଙ୍ଗ ସରକାର ରେଭେନ୍‌ସାଙ୍କ ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ଏହି ମତ-ପ୍ରସ୍ତାବ ଉପରେ କୌଣସି ସିଦ୍ଧାନ୍ତ ନ ନେଇ ୧୮୬୭ର ନଭେମ୍ବର ମାସରେ ବିଶ୍ୱସ୍ତ ଭାବରେ କମିଶନର ରେଭେନ୍‌ସାଙ୍କ ସ୍ୱତନ୍ତ୍ର ଅଭିମତ ଲୋଡ଼ିଲେ । କମିଶନର ରେଭେନ୍‌ସା ମଧ୍ୟ ଏ ସମ୍ପର୍କରେ (ଅର୍ଥାତ୍ ତାଙ୍କର ମତପ୍ରସ୍ତାବ ତଥା ଇନ୍‌ସ୍ପେକ୍ଟର ଓ ରେଭେନ୍‌ସାଙ୍କ ମତ-ପ୍ରସ୍ତାବ ସମ୍ପର୍କରେ) କଟକ, ପୁରୀ ଓ ବାଲେଶ୍ୱରର କଲେକ୍ଟରଙ୍କ ମତାମତ ଆହ୍ୱାନ କରି ୧୮୬୭ର ଡିସେମ୍ବର ମାସରେ ଚିଠି ଲେଖିଲେ । ଏହି ରେଭେନ୍‌ସାଙ୍କ ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ମତ-ପ୍ରସ୍ତାବର ପ୍ରତିବାଦ ଓ ପ୍ରତିରୋଧରେ ୧୮୬୮ର ଜାନୁଆରୀ ମାସରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ଆରମ୍ଭ ହେଲା । (୭)

## ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ :-

୧୮୬୮ ଜାନୁଆରୀ ୪ ତାରିଖରେ ଗୌରୀଶଙ୍କର 'ଦୀପିକା' ପୃଷ୍ଠାରେ ଓଡ଼ିଶାର ବିଦ୍ୟାଳୟର ମଧ୍ୟମ ଓ ଛାତ୍ର ଶ୍ରେଣୀରେ ଓ ଏପରିକି ନିମ୍ନ ଶ୍ରେଣୀରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଭାଷା ପ୍ରଚଳନ ସପକ୍ଷରେ ଶିକ୍ଷା ବିଭାଗର ରେଭେନ୍‌ସାଙ୍କ ସମର୍ଥିତ ଇନ୍‌ସ୍ପେକ୍ଟର ମାର୍ଟିନଙ୍କ "ମତ ପ୍ରସ୍ତାବ"ର ବିରୋଧ କରି ତୀବ୍ର ଅସନ୍ତୋଷ ପ୍ରକାଶ କରନ୍ତି । ଏ ପ୍ରସଙ୍ଗରେ ସେ କହିଥିଲେ, "......ଏ ପ୍ରସ୍ତାବ ଓଡ଼ିଶାର ସର୍ବ ମଙ୍ଗଳ ଆଶାର ମୂଳୋତ୍ପାଟନ କରିବାର ଉପକ୍ରମ କରୁଅଛି ଏବଂ ଶୀଘ୍ର ଏହାର ଉପାୟ ନ ହେଲେ ରକ୍ଷା ନାହିଁ । ... ... ...ଯାହାଙ୍କ ଉପରେ ଶିକ୍ଷାର ଭାର ଅଛି ସେମାନେ ଦେଶର ଭାଷା ଉଠାଇ ଦେବାକୁ ଯତ୍ନ କରୁଅଛନ୍ତି, ଏହା କି ସାମାନ୍ୟ ଦୁଃଖର ବିଷୟ ।" (୮) ଇତ୍ୟାଦି । ଓଡ଼ିଶାର ସର୍ବ ମଙ୍ଗଳ ସହ ଓଡ଼ିଆ ଭାଷାକୁ ଓ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷାର ସୁଦୃଢ଼ ଶିକ୍ଷା ସଂଯୁକ୍ତ କରି ଏହା ମାଧ୍ୟମରେ ଗୌରୀଶଙ୍କର ଅତୁଳନୀୟ ସ୍ୱଦେଶପ୍ରୀତିର ପରିଚୟ ଦେଇଥିଲେ ତଥା ଭାଷା ନୀତିରେ ଓଡ଼ିଆ ଜାତୀୟତାର ଆହ୍ୱାନ ଶୁଣାଇଥିଲେ । 'ଦୀପିକା' ପୃଷ୍ଠାରେ ପ୍ରକାଶିତ ଏହି ଲେଖା ମାଧ୍ୟମରେ ହିଁ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଆରମ୍ଭ ହୋଇଥିଲା । ତେଣୁ ଗୌରୀଶଙ୍କରଙ୍କୁ ଏ ଆନ୍ଦୋଳନର ଜନକ ବା ସ୍ରଷ୍ଟା ବୋଲି ଗ୍ରହଣ କରାଯାଇପାରେ ।

ଏହାପରେ 'ଦୀପିକା'ର ବିଭିନ୍ନ ସଂଖ୍ୟାରେ ସେ ରେଭେନ୍‌ସାଙ୍କ ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ମତ-ପ୍ରସ୍ତାବର ସମାଲୋଚନା କରି ଓଡ଼ିଶାର ସମସ୍ତ ବିଦ୍ୟାଳୟର ସ୍ତରରେ ଓଡ଼ିଆ ପଠନ-ପାଠନର ଯଥାର୍ଥତା ଓ ଏକାନ୍ତ ଆବଶ୍ୟକତା ଦର୍ଶାଇ ଥିଲେ, ପୁଣି ଓଡ଼ିଆ ଭାଷା ସପକ୍ଷବାଦୀମାନଙ୍କ ମନ୍ତବ୍ୟ ଓ ବକ୍ତବ୍ୟ ତଥା ସେମାନଙ୍କ ଚିଠିପତ୍ରକୁ 'ଦୀପିକା' ପୃଷ୍ଠାରେ ସ୍ଥାନ ଦେଇ ସେମାନଙ୍କୁ ଉତ୍ସାହିତ ମଧ୍ୟ କରୁଥିଲେ (୯) । ଏପରି ଭାବରେ ଗୌରୀଶଙ୍କର କେବଳ ଓଡ଼ିଆ ଭାଷା-ସୁରକ୍ଷା

ଆନ୍ଦୋଳନର ଜନକ ନୁହନ୍ତି ତାର ପ୍ରଥମ ପର୍ଯ୍ୟାୟରେ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇନଥିଲେ । ଅଥଚ ଏ ପର୍ଯ୍ୟାୟରେ ତାଙ୍କର ଭୂମିକା ସବୁଠାରୁ ବେଶୀ ମହତ୍ତ୍ୱ ପରୋକ୍ଷରେ ଓ ଅନ୍ତତଃ ଆଂଶିକ ଭାବରେ ସମ୍ପୃକ୍ତ କରିଥିଲେ ବୋଲି କୁହାଯାଇପାରେ । କାରଣ ୧୮୬୮ ଜାନୁଆରୀ ତା ୪ ରିଖରେ ମୁଦ୍ରିତ ପ୍ରଥମ ଲେଖା ଓ ତା ୨୫ ରିଖରେ ଏ ସମ୍ପର୍କୀୟ ଏକ ପ୍ରେରକ ପତ୍ର 'ଦୀପିକା' ପୃଷ୍ଠାରେ ପ୍ରକାଶ ପାଇବା ପରେ ଜାନୁଆରୀ ତା ୨୬ ରିଖରେ କଟକର ପ୍ରଧାନ ବ୍ୟକ୍ତିମାନେ ଏକ ସଭାରେ ମିଳିତ ହୋଇ ରିଭେ-ନ୍ସାର ସମର୍ଥିତ ରେନ୍‌ହେଉ୍‌ଭନଙ୍କ 'ସ୍କୁଲ-ପ୍ରସ୍ତାବ' ବିରୁଦ୍ଧରେ ଆବେଦନ କରିବାର ସ୍ଥିର କଲେ (୧୦) ଏପ୍ରିଲ ତାରିଖରେ ଆବେଦନ କଲେ । ଏହି ଆବେଦନକୁ କମିଶନର ରେଭେନ୍‌ସା ଓ ତାପରେ ବଙ୍ଗ ସରକାର (ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର) ବିଶେଷ ମାନ୍ୟତା ଦେଇଥିଲେ ଓ ଶିକ୍ଷା-ନୀତି ନିର୍ଦ୍ଧାରଣରେ ବିଚାରକୁ ନେଇଥିଲେ ।

ଏ ମଧ୍ୟରେ ରାଜେନ୍ଦ୍ରଲାଲ ମିତ୍ର ଏକ ମତର ସମର୍ଥନ କରି ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ନେଇ ରିଭେନ୍ସାଙ୍କୁ ଚିଠି ଦେଲେ ଓ ତାର ଏକ ନକଲ କମିଶନରଙ୍କୁ ପଠାଇ ଦେଲେ । କମିଶନର ରେଭେନ୍‌ସା ମଧ୍ୟ ରାଜ-କଲେଜ କଲେଜର ତଥା କଟକ କଲେଜର ଅଧ୍ୟକ୍ଷ ହୋଇ ଏ ବିଷୟରେ ମତାମତ ନେଇଥିବା ରାଜକୃଷ୍ଣ ବନ୍ଦ୍ୟୋପାଧ୍ୟାୟ ଓ ଚନ୍ଦ୍ରଶେଖର ବନ୍ଦ୍ୟୋପାଧ୍ୟାୟଙ୍କ ମତାମତ, ରାଜେନ୍ଦ୍ର-ଲାଲଙ୍କ ପରିବର୍ତ୍ତିତ ମତ ତଥା କଟକବାସୀଙ୍କ ଆବେଦନ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ମତାମତ ବିଚାରକୁ ନେବା ପରେ ଓଡ଼ିଆ ଭାଷାର ଅଧିକ ପ୍ରଚଳନକୁ ଦୃଢ଼ ସମର୍ଥନ କରି ନିଜର ସୁଚିନ୍ତିତ ଅଭିମତ ବଙ୍ଗ ସରକାରଙ୍କୁ ୧୮୬୮ ମେ ତାରିଖରେ ପଠାଇ ଦେଲେ । ବଙ୍ଗସରକାର ସେ ବର୍ଷ ଜୁଲାଇ ମାସରେ ବିଷୟଟି ଉପରେ ପୁଣିଥରେ ରିଭେନ୍ସାଙ୍କ ଅଭିମତ ଲୋଡ଼ିଲେ । (୧୧)

କମିଶନର ରେଭେନ୍‌ସା ପ୍ରକାଶ୍ୟରେ ତଥା ସରକାରୀ ସ୍ତରରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ସ୍ପଷ୍ଟ ଓ ଦୃଢ଼ ଭାବରେ କରୁଥିବାରୁ (ତଥା ରାଜେନ୍ଦ୍ରଲାଲ ମତ ପରିବର୍ତ୍ତନ କରି ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଘୋଷଣା କରିବାରୁ) ଓଡ଼ିଆମାନଙ୍କ ଆଶଙ୍କା ବହୁ ପରିମାଣରେ ଦୂରୀଭୂତ ହୋଇ ଆନ୍ଦୋଳନ କ୍ରମେ ସ୍ତିମିତ ହୋଇ ପଡ଼ିଲା ।

## ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ

୧୮୭୦ର ଡିସେମ୍ବର ମାସରେ ପ୍ରଖ୍ୟାତ ପଣ୍ଡିତ ଶିକ୍ଷକ ଓ ବାଗ୍ମୀ ରାଜେନ୍ଦ୍ର-ଲାଲ ମିତ୍ର ପ୍ରତ୍ନତତ୍ତ୍ୱ ଅନୁସନ୍ଧାନ ବ୍ୟପଦେଶରେ ଓଡ଼ିଶା ଆସିଥିବା ଅବସରରେ କଟକ ଡିବେଟିଂ କ୍ଲବରେ ଉପସ୍ଥାପିତ 'ଦେଶପ୍ରେମ' ଶୀର୍ଷକ ପ୍ରବନ୍ଧ ଉପରେ ଅଭିମତ ଦେବାକୁ ଯାଇ କଟାକ୍ଷ ଅହଂକାର ଓ ଅନାବଶ୍ୟକ ଭାବରେ ଓଡ଼ିଆ ଭାଷା ବିରୋଧୀ ଏକ ଉକ୍ତି ଘୋଷଣା କରି ତଥା ଅନ୍ୟ ଭାବରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ବିରୁଦ୍ଧରେ ବଙ୍ଗଭାଷା ସପକ୍ଷବାଦୀ ଏକ ପ୍ରତି-ଆନ୍ଦୋଳନ ଠିଆ କରିବାର ଉଦ୍ୟମ

କରନ୍ତି । କେବଳ କଟକ ସ୍କୁଲ ପାଠ୍ୟ-ପୁସ୍ତକର ରଚୟିତା ହୋଇଥିବାରୁ କେବଳ ସ୍ୱାର୍ଥରକ୍ଷା, ଏକ ଅର୍ଥୋପାର୍ଜନ ଚିନ୍ତା ଦୃଷ୍ଟିରେ ସମ୍ଭାବିତ ଅବନତିର ମୁକାବିଲା ମନୋ-ବୃତ୍ତି ରାଜେନ୍ଦ୍ରଲାଲଙ୍କ ଏହି ଭାଷା-ଆନ୍ଦୋଳନ ଭଙ୍ଗ ଚେଷ୍ଟା ମଧ୍ୟରେ ପ୍ରକଟ ଥିଲା । ଏହି ଭାଷା-ଆନ୍ଦୋଳନ ବିରୋଧ ମଧ୍ୟରେ କେତେଗୁଡ଼ିଏ ଅଭିମୁଖ୍ୟ ପରିଲକ୍ଷିତ ହୋଇଥିଲା :

(କ) ଓଡ଼ିଶାରୁ ଓଡ଼ିଆ ଭାଷା ନିର୍ବାସନର ଯୁକ୍ତିପ୍ରଦର୍ଶନ ଦର୍ଶାଇବା । ରାଜେନ୍ଦ୍ର-ଲାଲଙ୍କ ମତରେ ଓଡ଼ିଆମାନେ ସେମାନଙ୍କ ପ୍ରାଦେଶିକ 'ବୋଲି' ପ୍ରତି ମୋହ ହେତୁ ତାହାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବାକୁ ଚେଷ୍ଟା କରି ନିଜର କ୍ଷତି କରୁ-ଅଛନ୍ତି ("the injury which was being inflicted on the Uriya race by their attachment io a provincial patois, which they wish to exalt into a distinct language.") (୧୨) ତେଣୁ "ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବେ ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରନ୍ତେ କାରଣ ତାହାଙ୍କ ମତରେ ଯେତେବେଳ ଉତ୍କଳ ଭାଷା ଉଠିଯାଇ ନାହିଁ, ତେତେ ଯାକ ଏ ଦେଶର ଉନ୍ନତି ହେବା ଅସମ୍ଭବ ।" (୧୩) ଏହା ଥିଲା କଟକରେ ରାଜେନ୍ଦ୍ରଲାଲଙ୍କ ମୁକ୍ତିକ ଘୋଷଣା ।

(ଖ) ଓଡ଼ିଆକୁ ବଙ୍ଗୀୟ ଲିପିରେ ଲେଖିବାର ଯୁକ୍ତି ଦର୍ଶାଇବା । ୧୮୬୯ ଜୁଲାଇ ୧୨ ତାରିଖରେ ସମାଚାର ଚନ୍ଦ୍ରିକାର 'ଭାରତ ମିହିର'ରେ ଏକ ପ୍ରବନ୍ଧ ଲେଖି ଏହି ପ୍ରସ୍ତାବ ଦିଅନ୍ତି ଓ ଏହା ପରେ ପରେ କଲିକତା 'ଓ ଡେଭିଡ଼' କଲେଜର ଏକ ଅଧିବେ-ଶନରେ ଓଡ଼ିଶାକୁ ଜଣାଉଥିବା ଅଧ୍ୟାପକ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ନେତୃତ୍ୱରେ ଏ ପ୍ରସ୍ତାବର ସମର୍ଥନ କରାଯାଇଥିଲା । (୧୪)

(ଗ) ଓଡ଼ିଆ ଭାଷାକୁ ବଙ୍ଗ ଭାଷାର ଏକ ବିକୃତ ରୂପ ବା 'ଅପଭ୍ରଂଶ ଭାଷା' ବୋଲି ଦର୍ଶାଇବା; ରାଜେନ୍ଦ୍ରଲାଲ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକାର ନ କରି କହୁଥିଲେ ଯେ ଏହା ଏକ ଆଞ୍ଚଳିକ 'ବୋଲି' (patois) । ପରେ 'ପାଠିକା'ର ଓଡ଼ିଆ ଭାଷାକୁ ବଙ୍ଗଭାଷା ପ୍ରଭାବରୁ ମୁକ୍ତ କରି ତାର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଉଦ୍ଦେଶ୍ୟର ପ୍ରତିକ୍ରିୟାରେ ଏହି ଅଭିମୁଖ୍ୟ ଅଧିକ ସ୍ପଷ୍ଟ ରୂପ ପରିଗ୍ରହ କରିଥିଲା ଯାହା ଆନ୍ଦୋ-ଳନର ଭବିଷ୍ୟ ପର୍ଯ୍ୟାୟରେ ଅଧିକ ଅଧିକ ସ୍ପଷ୍ଟ ରୂପେ ପ୍ରମାଣ ପାଇ ଆନ୍ଦୋଳନ ସୃଷ୍ଟି କରିଥିଲା । ୧୮୬୯ର ଜୁନ ୨୬ ତାରିଖରେ 'ଉତ୍କଳ ଦୀପିକା'ରେ ପ୍ରକାଶିତ ଚିଠିଟି କରିବାର ଭାଷାକୁ ସେ ମାସର ୨୬ ତାରିଖର 'ପାଠିକା'ରେ ତୀବ୍ର ସମାଲୋଚନା କରଯାଇ ତାହାକୁ ସଙ୍କର ଭାଷା ଓ ବଙ୍ଗୋତ୍କଳ ମିଶ୍ରିତ ଭାଷା ବୋଲି ଆକ୍ଷେପ କରାଯାଇଥିଲା । ଏହାର ପ୍ରତିକ୍ରିୟାରେ ଉକ୍ତ କବିତା ପୁଣିଥର ଲେଖକ ଓଡ଼ିଶାରେ ସଦ୍ୟ ପଦାର୍ପଣ କରିଥିବା ଜଣେ ଜଣା ଜଣ 'ମୁଖୋପାଧ୍ୟାୟ' (ରାଜକୃଷ୍ଣ ମୁଖୋପାଧ୍ୟାୟ ?) 'ଉତ୍କଳ ଦୀପିକା'ର ଜୁଲାଇ ୩ ସଂଖ୍ୟାରେ 'ଉତ୍କଳ ଏକ ଭାଷା ଅଟେ' ଓ 'ବଙ୍ଗଭାଷାର ବିକୃତ ହେଲେ ଉତ୍କଳ ଭାଷା ହୁଏ' ବୋଲି ମନ୍ତବ୍ୟ ଦେଇଥିଲେ ।

(ଘ) ଓଡ଼ିଆକୁ ଓଡ଼ିଶାର ବିଦ୍ୟାଳୟରୁ ନିର୍ବାସନ କରି ତା ପରିବର୍ତ୍ତେ ବଙ୍ଗଭାଷାର

ପ୍ରଚଳନ କରସାରି ହୋଇ ଦାବୀ କଲେ ଓଡ଼ିଆମାନଙ୍କ ନାମରେ ମିଥ୍ୟା ଅଭିଯୋଗ ପ୍ରେରଣର ଅପ-ପ୍ରୟାସ; ଏହାର ସୂଚନା କଲିକତାରୁ ପ୍ରକାଶିତ Indian Mirrorର ମାଧ୍ୟମରେ ଜଣା ପଡ଼ିଥିଲା । (୧୬)

ଏହି ସ୍ୱତ-ଆନ୍ଦୋଳନ ପ୍ରଚେଷ୍ଟା, ବିଶେଷ ଭାବରେ ଓଡ଼ିଆଭାଷୀ ଅଞ୍ଚଳର ପୁନର୍ମିଶ୍ରଣ ପ୍ରସ୍ତାବ ମଞ୍ଚରେ ରାଜେନ୍ଦ୍ରଲାଲଙ୍କ ଯୁକ୍ତି ଘୋଷଣା ଫଳରେ ସ୍ତିମିତ ହୋଇ ପଡ଼ିଥିବା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ପୁଣିଥରେ ଜାଗ୍ରତ ହୋଇ ଉଠେ ଓ ଏହାର ଦ୍ୱିତୀୟ ପର୍ଯ୍ୟାୟର ଆରମ୍ଭ ହୁଏ । ଏ ପର୍ଯ୍ୟାୟରେ ମଧ୍ୟ ଗୌରୀଶଙ୍କର ଓ ତତ୍-ସମ୍ପାଦିତ 'ଦୀପିକା', ସ୍ୱତ-ଆନ୍ଦୋଳନ ପ୍ରଚେଷ୍ଟା ମଧ୍ୟରେ ଫୁଟି ପଡ଼ିଥିବା ସ୍ୱଦେଶୀ ଘାଟ ମୁଖ୍ୟ ବିନ୍ଦୁରେ ସକ୍ରିୟ, ନିର୍ଦ୍ଦିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ପ୍ରଥମରେ ରାଜେନ୍ଦ୍ରଲାଲଙ୍କ ଭ୍ରମାତ୍ମକ ପ୍ରସ୍ତାବକୁ— ଅର୍ଥାତ୍ ଓଡ଼ିଶାରୁ ଓଡ଼ିଆ ଭାଷା ଉଚ୍ଛେଦର ପ୍ରସ୍ତାବକୁ—ସେ ଉପଯୁକ୍ତ ତଥ୍ୟ ପ୍ରମାଣ ତଥା ବଳିଷ୍ଠ ଯୁକ୍ତି ସାହାଯ୍ୟରେ ଖଣ୍ଡନ କରି ତାଙ୍କ ତୀବ୍ର ସମାଲୋଚନା କରିଥିଲେ । ସେ ପ୍ରଥମରେ ସେ କହିଥିଲେ ଯେ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ତିନି ପୃଥକ ଶାସନାଧୀନ ଥିବାରୁ ଓଡ଼ିଆ ଭାଷାର ପ୍ରଭୂତ କ୍ଷତି ହେଉଅଛି । ତେଣୁ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ଏକ ଶାସନାଧୀନରେ ରହିବାର ଏକାନ୍ତ ଆବଶ୍ୟକତା ଦର୍ଶାଇ ସେ ପରବର୍ତ୍ତୀକାଳରେ ଭବିଷ୍ୟତ ଓଡ଼ିଶା ଗଠନ କାର୍ଯ୍ୟକ୍ରମର ଆଦ୍ୟ ସୂଚନା କରିଥିଲେ । ତାଙ୍କ କଥାରେ ·········"ବର୍ତ୍ତମାନ ଉତ୍କଳ ଭାଷା 'ତିନି ଠେଙ୍ଗିଆ ଦାଣ୍ଡକୁ ବାହି' ପ୍ରାୟ ଗୁହାରୁ ଖଣ୍ଡଖଣ୍ଡ ହୋଇଅଛି । ଏହାର ଉତ୍ତର ତଟ ଗବର୍ଣ୍ଣମେଣ୍ଟ ହୋଇ ଅଛନ୍ତି, ଏକଭାଗ ବଙ୍ଗଳା ଗବର୍ଣ୍ଣମେଣ୍ଟ ହସ୍ତେ, ଏକ ଭାଗ ମଧ୍ୟ ପ୍ରଦେଶର ଗବର୍ଣ୍ଣମେଣ୍ଟ ହସ୍ତେ ଏବଂ ଅନ୍ୟ ଏକ ଭାଗ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉନାହିଁ ।" ଇତ୍ୟାଦି । (୧୭) ଅନ୍ୟତ୍ର ମଧ୍ୟ, "······ · ଉତ୍କଳ ଭାଷାର ଉନ୍ନତି ସାଧନ ଏକ ଗବର୍ଣ୍ଣମେଣ୍ଟ ହେବାରୁ ଏ କାର୍ଯ୍ୟ ଶୀଘ୍ର ରୂପେ ହେଉ-ନାହିଁ, ଏ ରୂପ ଅବସ୍ଥାରେ ତାହାର ଏହି ସେ ଶିକ୍ଷା ଦ୍ୱାରା ସେ ରୂପ କାର୍ଯ୍ୟ ସଫଳ ହୁଅନ୍ତା ଭିନ୍ନ ଭିନ୍ନ ହୋଇ କାର୍ଯ୍ୟ କଲେ ସେ ରୂପ ହୁଏନା······" ଇତ୍ୟାଦି । (୧୮)

ଦ୍ୱିତୀୟରେ ଓଡ଼ିଆକୁ ବଙ୍ଗଳା ଲିପିରେ ଲେଖିବା ପ୍ରସ୍ତାବ ବିରୁଦ୍ଧରେ ଗୌରୀଶଙ୍କର ଓ ଦୀପିକା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏ ପ୍ରସ୍ତାବର ଅସାରତା ଦର୍ଶାଇ ଏ ପ୍ରସ୍ତାବ ଦେଇଥିବା ସମାଲୋଚକ ଦ୍ୱାରିକାନାଥ ଓ ତାଙ୍କର ମୁଖ୍ୟ ସମର୍ଥକ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କୁ ଗୌରୀଶଙ୍କର 'ଦୀପିକା' ପୃଷ୍ଠାରେ ତୀବ୍ର ଶାଣିତ ସମାଲୋଚନା କରିଥିଲେ (୧୯) । ଏ ମଧ୍ୟରେ ଅନ୍ତର୍ଗତ ଥିବା ପତ୍ରମାନରେ ଲିଖିତ ନାମ ତୋଷ୍ୟ ଦୁଇଟି ଚାଟୁ ଚନ୍ଦ୍ରଶାସ୍ତ୍ର ପଦ୍ୟ ଓ ଶ୍ରୀରାମ ସହାନନ୍ଦ ଦତ୍ତ ନାମରେ ଲିଖିତ ଏବଂ ଶ୍ଳେଷାତ୍ମକ ପଦ୍ୟ । (୨୦) ଏଇ ଲେଖକ ପଦରେ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ଉଦ୍ଦେଶ୍ୟରେ କୁହା ଯାଇଥିଲା, " ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ

ନିଜ ନାମ 'ଏ ମେ' ଉପାଧି ପ୍ରାପ୍ତ ହୋଇ ଅଛନ୍ତି ।............ଧନ ଦୁଃଖର ବିଷୟ ଯାହା ସେ ପ୍ରକାର ବିଦ୍ୱାନ ତାହାଙ୍କ ଉପରରେ କେତେ ଲୋକ ଉତ୍କଳ ଅଧିକ ରହିବାକୁ ଯୋଗ୍ୟ ନାହାଁନ୍ତି । ତେବେ ଏହାଙ୍କର ଅଭି ଅଞ୍ଚଳ ! ଯାହା ଏକ ସ୍ୱଭାବ ବଙ୍ଗଳାର ବର୍ଣ୍ଣ ବଳ ଉପାଧିରୁ 'ସ' ଲୋପ କରି ଅଛନ୍ତି ।" 'ଏମେ'ରେ 'ସ' ଯୁକ୍ତ ଥିଲେ ହୋଇଥାଆନ୍ତା 'ଏ ମେସ' (ଏମେ+ସ) । ରାଜକୃଷ୍ଣ ମୁଖୋପାଧ୍ୟାୟ ତାଙ୍କର ପ୍ରକୃତ ଉପାଧି "ଏ ମେସ"କୁ ବଙ୍ଗଳାର ବର୍ଣ୍ଣବଳ 'ସ' ଲୋପ କରି 'ଏମେ' ଉପାଧି ଧାରଣ କରିଥିଲେ ବୋଲି ଗୌରୀଶଙ୍କର କହୁଥିଲେ । ଅନ୍ୟ କଥାରେ ରାଜକୃଷ୍ଣଙ୍କ ପ୍ରକୃତ ଉପାଧି 'ଏ ମେସ' ବୋଲି ଗୌରୀଶଙ୍କର ଶ୍ଳେଷରେ କହୁଥିଲେ ତାହାର ମେଷ ଶବ୍ଦର ଅର୍ଥ ଗଡ଼ଡ଼ାଳିକା ପ୍ରବାହ । ରାଜକୃଷ୍ଣ ମୁଖୋପାଧ୍ୟାୟ ପ୍ରକୃତ ଶିକ୍ଷିତ ଯୋଗ୍ୟତା ଓ ଉପାଧି (M. A.) ଲାଭ କରିଥିଲେ ମଧ୍ୟ ଗଡ଼ଡ଼ାଳିକା ପ୍ରବାହରେ ଭାସିଯାଇ ଓଡ଼ିଆକୁ ବଙ୍ଗୀୟ ଲିପିରେ ଲେଖିବା ଭଳି ଭ୍ରାମକ ଅସଙ୍ଗତ ଓ ଅସମୀଚୀନ ପ୍ରସ୍ତାବକୁ ସମର୍ଥନ କରିଥିବାରୁ ତାଙ୍କର 'ଏ ମେସ' ଉପାଧି ଯଥାର୍ଥ । ତେବେ ମେଷ ଶବ୍ଦର ଅନ୍ୟ ଅର୍ଥ ମଧ୍ୟ ମେଣ୍ଢା । ତେଣୁ ଶ୍ଳେଷରେ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କୁ 'ଏ ମେଣ୍ଢା' ବୋଲି ବି ବୁଝାଯାଇଥିଲା । ତାଙ୍କ ଓଡ଼ିଆ ଲେଖିବାର ଭାଷାକୁ ତୀବ୍ର ସମାଲୋଚନା କରାଯାଇ ଥିବାରୁ ରାଜକୃଷ୍ଣ କ୍ରୁଦ୍ଧ ଥିଲେ । କର୍ତ୍ତୃପକ୍ଷ ତାଙ୍କୁ ଶ୍ଳେଷରେ ମେଣ୍ଢା ବୋଲି ବୁଝାଯାଇ ଥିବାରୁ ଉତ୍କଣ୍ଠିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଠାରେ କ୍ଷମା ପ୍ରାର୍ଥନା ଦାବି କଲେ । ଶେଷରେ କଟକ ପ୍ରିଣ୍ଟିଂ କମ୍ପାନୀ ଅସ୍ୱୀକୃତ ହେବାରୁ ତାଙ୍କ ନାମରେ ଅଦାଲତରେ ମାନହାନି ମକଦ୍ଦମା କଲେ । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପକ୍ଷରୁ ଗୌରୀଶଙ୍କର ନିର୍ଭୀକ ଭାବରେ ଏ ବିଷୟର ସମ୍ମୁଖୀନ ହୋଇ ବେକସୁର ଖଲାସ ହୋଇଥିଲେ । (୨୯) ଏଥିରୁ ଓଡ଼ିଆ ଭାଷାର ପକ୍ଷ ସମର୍ଥନରେ ଗୌରୀଶଙ୍କରଙ୍କ ପ୍ରବଳତା, ଦୃଢ଼ତା ଓ ନିର୍ଭୀକତାର ପ୍ରମାଣ ମିଳେ ; ସେ ସମୟରେ ସେ କିପରି ଅତ୍ୟନ୍ତ ଜଟିଳ ଓ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହୋଇ ତାହାର ସଫଳ ମୁକାବିଲା କରିଥିଲେ ତା ମଧ୍ୟ ଜଣାଯାଏ ।

ବାସ୍ତବରେ ଓଡ଼ିଆ ଭାଷାକୁ ବଙ୍ଗଳା ପ୍ରଭାବରୁ ମୁକ୍ତ କରି ତାର ଶୁଦ୍ଧତା ରକ୍ଷା ପାଇଁ ଆନ୍ଦୋଳନର ପ୍ରସ୍ତୁତି ପର୍ବରେ ଗୌରୀଶଙ୍କରଙ୍କ ସମ୍ପାଦନାରେ 'ଦୀପିକା' ଯେଉଁ ଭୂମିକା ଗ୍ରହଣ କରିଥିଲା ତାହା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ସୂକ୍ଷ୍ମ, ଶାଣିତ ଓ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଥିଲା । (ରାଜକୃଷ୍ଣ) ମୁଖୋପାଧ୍ୟାୟଙ୍କ କରିବାର ଲେଖା ବିଷୟ ପୂର୍ବେ ବୁଝାଯାଇଛି । ଏପରିକି ଫକୀରମୋହନଙ୍କୁ 'ଉତ୍କଳର ଜଣେ ପ୍ରକୃତ ହିତସାଧକ' ବୋଲି ସ୍ୱୀକାର କରି ଓ ଓଡ଼ିଆ ଭାଷାର ଉନ୍ନତି ପାଇଁ ତାଙ୍କ ପରିଶ୍ରମ ଓ ଧନବ୍ୟୟକୁ ପ୍ରଶଂସା ମଧ୍ୟ କରି ତାଙ୍କ 'ଭାରତ ବର୍ଷର ଇତିହାସ' ପୁସ୍ତକର ଭାଷାକୁ ତୀବ୍ର ସମାଲୋଚନା କରିବା ପାଇଁ ଗୌରୀଶଙ୍କର କୁଣ୍ଠିତ ହୋଇ ନ ଥିଲେ । (୩୨) ଏ ପ୍ରସଙ୍ଗରେ ସେ କହିଥିଲେ, "...... ଗ୍ରନ୍ଥକର୍ତ୍ତା ବିଷୟଟି ମିଷ୍ଟାନ୍ନ ପ୍ରସ୍ତୁତ କରି ଉତ୍କଳ ଭାଷାର ବିନାଶ ସାଧନ ପକ୍ଷରେ ଯେ ରୂପ ଦୃଢ଼ ବୁଦ୍ଧି

ହୋଇ ଅବଶ୍ୟ ରହିବେ ତାଙ୍କୁ ଧନଂଜୟ କିମ୍ବା ଅନ୍ୟ କି ଛିନ କରନ୍ତୁ ।" ସେ ସମୟରେ ପ୍ରକାଶିତ ଅନେକ ପୁସ୍ତକ ଓ ପତ୍ରିକା 'ଦୀପିକା' ପ୍ରଭୃତିରେ ଏପରି ସମାଲୋ-ଚନାର ଶରବ୍ୟ ହୋଇଥିଲା । ଏହା ପରିପ୍ରେକ୍ଷୀରେ ବଙ୍ଗ ଭାଷାଠାରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିଲା ଯଦ୍ଦ୍ୱାରା ଏପରି ସମାଲୋଚନା ହେଉ ଓଡ଼ିଆ 'ସଙ୍କରଭାଷା' ଓ 'ବଙ୍ଗ ଭାଷାର ବିକୃତ ହେଉଛି ଓଡ଼ିଆ ହୋଏ' ବୋଲି ଦାବି କରିବା ଆରମ୍ଭ ହେଲା ।

ଚତୁର୍ଥରେ ଓଡ଼ିଆ ପକ୍ଷବର୍ତ୍ତୀ ଓଡ଼ିଶାର ବିଦ୍ୟାଳୟରେ ବଙ୍ଗଭାଷାର ପ୍ରଚଳନ ଦାବି କରି ଓଡ଼ିଆମାନଙ୍କ ନାମରେ ମିଥ୍ୟା ଦରଖାସ୍ତ ପ୍ରେରଣ ରୂପକ ଗୋପନୀୟ ଷଡ଼-ଯନ୍ତ୍ରମାନ 'ଦୀପିକା' ପତ୍ରିକାରେ ପଦାରେ ପକାଇ ଦେଇଥିଲା ଓ ତୀବ୍ର ସମାଲୋଚନା କରିଥିଲା ।(୨୩)

ମୋଟ ଉପରେ ଆନ୍ଦୋଳନର ଏହି ଦ୍ୱିତୀୟ ପର୍ଯ୍ୟାୟରେ ଗୌରୀଶଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଆନ୍ଦୋଳନର ନେତା ଭୂମିକାରେ ହିଁ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ସ୍ଥାନ ଥିଲା ଆନ୍ଦୋଳନର ପୁରୋଭାଗରେ ।

ଏ ସମୟରେ ଆନ୍ଦୋଳନର ଅନୁକୂଳରେ ସରକାରୀ ସ୍ତରରେ ଯେଉଁସବୁ ଘଟଣା ଘଟିଥିଲା ଏଠାରେ ତାର ସଂକ୍ଷିପ୍ତ ସୂଚନା ଦେବା ଉଚିତ ହେବ । କମିଶନର ରେଭେନ୍‌ସାଙ୍କ ଓଡ଼ିଆ ସପକ୍ଷବାଦୀ ମତ ପ୍ରସ୍ତାବ ଓ ଶିକ୍ଷା-ବିଭାଗ ଡିରେକ୍ଟରଙ୍କ ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ଓଡ଼ିଆ ଭାଷା-ବିରୋଧୀ ମତ-ପ୍ରସ୍ତାବ ଉପରେ ନିଜର ଅଭି-ମତ ଜଣାଇବା ପାଇଁ ଡିରେକ୍ଟରଙ୍କୁ ବଙ୍ଗସରକାର ଦୃଷ୍ଟି ମଧ୍ୟେ ପକାଇ ଦେଲେ । ଏ ମଧ୍ୟରେ ଇନ୍‌ସ୍ପେକ୍ଟର ନିଜର ମତ ପରିବର୍ତ୍ତନ କରିସାରି ଓଡ଼ିଆ ଭାଷାର ସପକ୍ଷବାଦୀ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଥିଲେ ବୋଲି ବୁଝାଯାଉଛି । ଡିରେକ୍ଟର କିନ୍ତୁ ନିଜର ପୂର୍ବ ମତ ଦୋହରାଇ ପ୍ରଥମ ଶ୍ରେଣୀ ଠାରୁ କଲେଜ ପରେ ଓଡ଼ିଆ ଭାଷା ପ୍ରଚଳନକୁ ବିରୋଧ କରି ଓ ବଙ୍ଗଭାଷା ପ୍ରଚଳନକୁ ଦୃଢ଼ ଭାବରେ ସମର୍ଥନ କରି ନିଜର ମତ ବଙ୍ଗ ସରକାରଙ୍କୁ ଜଣାଇ ଦେଲେ । ବଙ୍ଗ ସରକାର ୧୮୬୯ର ନଭେ-ମ୍ବର ମାସ ୮ ତାରିଖରେ ଡିରେକ୍ଟରଙ୍କ ମତକୁ ଅଗ୍ରାହ୍ୟ କରି କମିଶନର ରେଭେନସାଙ୍କ ମତକୁ ଅର୍ଥାତ ଓଡ଼ିଶାର ବିଦ୍ୟାଳୟରେ କେବଳ ଓଡ଼ିଆ ଭାଷା ଶିକ୍ଷାର ଯଥାର୍ଥତା ଓ ଆବଶ୍ୟକତାକୁ – ଯଥୋଚିତ ଭାବରେ ସ୍ୱୀକାର କଲେ ଯେଉଁ ପାଠ୍ୟ ପୁସ୍ତକର ଅଭାବ ହେତୁ ଶିକ୍ଷାର ମାନ କେତେକ ସ୍ତରରେ ଓ ସାମୟିକ ଭାବରେ ବଙ୍ଗଭାଷା ଶିକ୍ଷା ଅବ୍ୟାହତ ରହିବ ବୋଲି ନିଷ୍ପତ୍ତି ନେଲେ ଓ ଡିରେକ୍ଟରଙ୍କୁ ଜଣାଇ ଦେଲେ ।(୨୪) ଏହା ଫଳରେ ମୂଳ ଆନ୍ଦୋଳନ ଓ ତାର ପ୍ରତିକ୍ରିୟା ଜନିତ ସବୁ ଆନ୍ଦୋଳନ ସାମୟିକ ଅବସ୍ଥାନ ନେବ ବୋଲି ଆଶା କରାଗଲା । ଗୌରୀଶଙ୍କର ସରକାରୀ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏପରି ଆଶା ବ୍ୟକ୍ତ କରିଥିଲେ, "ଏତେ ଦିନ ଓଡ଼ିଆ ଓ ବଙ୍ଗଳା ଭାଷା ନେଇ ଯେଉଁ ବିରୋଧ ଜାତ ହୋଇଥିଲା ତାହା ସମସ୍ତ ନିବୃତ୍ତ ହେଲା ।" (୨୫)

## ଆନ୍ଦୋଳନର ତୃତୀୟ ପର୍ଯ୍ୟାୟ

ବଙ୍ଗ ସରକାରଙ୍କ ଭାଷା-ନୀତି ଯୋଗୁଁ ଓଡ଼ିଆ ଭାଷାକୁ ବିରୋଧ କରିବା ଉଦ୍ୟମର, ପୂର୍ବ ଅଧ୍ୟାୟରେ ଦେଖିଥିବା ପ୍ରତି-ଆନ୍ଦୋଳନ ଠିଆ କରିବାର ଉଦ୍ୟମର, ଅବସାନ ହୋଇ ନାହିଁ । ଏହା ପରରେ ଭାଷା-ନୀତିର ପ୍ରତିଷ୍ଠାରେ ରାଜେନ୍ଦ୍ର-ଲାଲଙ୍କ ଉତ୍ସାହ ଓ ପ୍ରେରଣାରେ ତାଙ୍କର ଜଣେ ଅନୁଗାମୀ ଓ ବାଲେଶ୍ୱର ଜିଲ୍ଲା ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ "ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ" ପୁସ୍ତକ ପ୍ରକାଶ କରି ଆଉଥରେ ଏକ ପ୍ରତି-ଆନ୍ଦୋଳନ ଠିଆ କରିବାକୁ ପ୍ରଚେଷ୍ଟା କଲେ ୧୮୭୦ର ଜାନୁଆରୀ ମାସରେ । ୧୮୬୮ର ଡିସେମ୍ବରରେ କଟକ ଡିବେଟିଂ କ୍ଲବରେ ରାଜେନ୍ଦ୍ର-ଲାଲ ଦେଇଥିବା ବକ୍ତୃତାର ବକ୍ତବ୍ୟକୁ ପ୍ରତିପାଦନ କରିବା, ସେ ପ୍ରସଙ୍ଗରେ ଗୌରୀଶଙ୍କରଙ୍କ ପ୍ରତିକୂଳ ସମାଲୋଚନାର ଜବାବ ଦେବା ତଥା ରାଜକୃଷ୍ଣ ମୁଖୋ-ପାଧ୍ୟାୟଙ୍କ "ଉତ୍କଳ ଭାଷା ସଂକର ଭାଷା ନହେ" ଓ "ବଙ୍ଗଭାଷାର ଅନ୍ତର୍ଗତ ହେଲେ ଉତ୍କଳ ଭାଷା ହୁଏ" ଆଦି ମନ୍ତବ୍ୟର ଯଥାର୍ଥତା ପ୍ରତିପାଦନ କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଅସ୍ୱୀକାର କରିବା ଥିଲା ଏ ପୁସ୍ତକର ଗୌଣ ବା ତାତ୍କାଳିକ ଉଦ୍ଦେଶ୍ୟ (୨୬) । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ କିନ୍ତୁ ବଙ୍ଗଭାଷାର ଏକ ଉପଭାଷା ବୋଲି କମିଶନର ତଥା ମିଶନାରୀ ଅଫିସରମାନଙ୍କ ମନରେ ଧାରଣା ଜନ୍ମାଇ ଦେଇ ବଙ୍ଗ ସରକାରଙ୍କ ଭାଷା-ନୀତିରେ ପରିବର୍ତ୍ତନ ଆଣିବା ତଥା ଓଡ଼ିଶାର ବିଦ୍ୟାଳୟରେ ବଙ୍ଗଭାଷାର ପ୍ରଚଳନକୁ ଅବ୍ୟାହତ ରଖିବା ଥିଲା ଏ ପୁସ୍ତକର ମୁଖ୍ୟ ବା ମୂଳ ଉଦ୍ଦେଶ୍ୟ । (୨୭) ଏ ସମୟରେ ବାଲେଶ୍ୱରରେ ଅବସ୍ଥାପିତ ଡେପୁଟି ଇନସ୍ପେକ୍ଟର ଶିବଦାସ ଭଟ୍ଟାଚାର୍ଯ୍ୟ ମଧ୍ୟ ସରକାରୀ ନୀତିର ବାସ୍ତବୀକରଣ କରି ବାଲେଶ୍ୱରର ସ୍କୁଲରେ ବଙ୍ଗଭାଷା ଶିକ୍ଷା ଅବ୍ୟାହତ ରଖିବା ପାଇଁ ଅପ-ଉଦ୍ୟମ କଲେ । (୨୮) କେବଳ ସେତିକି ନୁହେଁ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଭାଷା ଶିକ୍ଷା ପ୍ରଚଳିତ ହେଉ ବୋଲି ବାଲେଶ୍ୱରରୁ ବଙ୍ଗଳାରେ ଏକ ମୁଦ୍ରିତ ଆବେଦନ ପତ୍ରରେ ଓଡ଼ିଆମାନଙ୍କୁ ଭୁଲାଇ ତାଙ୍କ ଦସ୍ତଖତ ନେବାର ଅପ-ପ୍ରଚେଷ୍ଟା ମଧ୍ୟ କରା ଯାଇଥିଲା । (୨୯)

ଏହା ଫଳରେ ସ୍ୱାଭାବିକ ହୋଇ ସହସା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ଆହୁରି ଅଧିକ ଜାଗ୍ରତ ଓ କ୍ରିୟାଶୀଳ ହୋଇ ଉଠିଲା । ବାଲେଶ୍ୱରରେ କାନ୍ତିଚନ୍ଦ୍ର ଓ ଶିବଦାସଙ୍କ ଅପ-ଉଦ୍ୟମ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କଲା । ବାଲେଶ୍ୱରବାସୀ ଓଡ଼ିଆମାନେ ଶିବଦାସଙ୍କ ବଦଳି ଦାବୀ କଲେ । ବାଲେଶ୍ୱରବାସୀ ଫକୀରମୋହନ ସେନାପତି ମଧ୍ୟ ଆନ୍ଦୋଳନର ଏ ପର୍ଯ୍ୟାୟରେ ସକ୍ରିୟ ଅଂଶ ଗ୍ରହଣ କରିଥିବାର ଦାବୀ କରିଛନ୍ତି । (୩୦) ଯାହା ବିଶ୍ୱାସଯୋଗ୍ୟ । ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଭାଷାତତ୍ତ୍ୱବିଦ୍ ଜନ୍ ବିମ୍ସ୍ ଏହାର ଗୁରୁତ୍ୱ ଅନୁଭବ କଲେ ଓ କାନ୍ତିଚନ୍ଦ୍ରଙ୍କ ବକ୍ତବ୍ୟକୁ ଭାଷାତତ୍ତ୍ୱ ଭିତ୍ତିରେ ବୈଜ୍ଞାନିକ ସ୍ତରରେ ଖଣ୍ଡନ କରି ଏକ ନିବନ୍ଧ ରଚନା କରି କଲିକତାସ୍ଥ ଏସିଆଟିକ୍ ସୋସାଇଟିର ଏକ ଅଧିବେଶନରେ ଉପସ୍ଥାପନ କଲେ । (୩୧) କାନ୍ତିଚନ୍ଦ୍ରଙ୍କ ପ୍ରେରଣାଦାତା ତଥା ନେତା ରାଜେନ୍ଦ୍ରଲାଲ ସେଦିନ ଏ ଅଧିବେଶନରେ

ଲିଖିତ ଉକ୍ତ କାନ୍ତିଚନ୍ଦ୍ରଙ୍କ ମତବାଦକୁ ସମର୍ଥନ କରାଉଥିଲେ । ସେତେବେଳେ ବଙ୍ଗଳାରୁ ପ୍ରକାଶିତ 'ଉତ୍କଳ ହିତୈଷିଣୀ' କାନ୍ତିଚନ୍ଦ୍ରଙ୍କୁ ସମର୍ଥନ କରୁଥିବାବେଳେ କଲିକତାରୁ ପ୍ରକାଶିତ Calcutta Review ଓ ଭୂଦେବ ମୁଖୋପାଧ୍ୟାୟ ସମ୍ପାଦିତ Education Gazette କାନ୍ତିଚନ୍ଦ୍ରଙ୍କ ପୁସ୍ତକକୁ ତୀବ୍ର ସମାଲୋଚନା କରିଥିଲେ । (୬୨)

କେବଳ ବାଲେଶ୍ୱର ଓ କଲିକତାରେ ନୁହେଁ କଟକରେ ମଧ୍ୟ କାନ୍ତିଚନ୍ଦ୍ରଙ୍କ ପୁସ୍ତକ, ଶିବଦାସଙ୍କ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଶିକ୍ଷା ଅବ୍ୟାହତ ରହିବାର ଅପପ୍ରଚାର ଓ ସେଥିରେ ଓଡ଼ିଆମାନଙ୍କୁ ଭୁଲାଇ ବିଦ୍ୟାଳୟରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ପ୍ରଚଳନ ହେଉ ବୋଲି ଦାବୀପତ୍ର ଏକ ପକ୍ଷରେ ତାଙ୍କ ଦସ୍ତଖତ ନେବା ଭଳି ଅପଚେଷ୍ଟା ବିରୁଦ୍ଧରେ ଗୌରୀଶଙ୍କରଙ୍କ 'ଦୀପିକା' ପୃଷ୍ଠାରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଲା । ଗୌରୀଶଙ୍କର 'ଦୀପିକା'ର ବିଭିନ୍ନ ସଂଖ୍ୟାରେ କାନ୍ତିଚନ୍ଦ୍ରଙ୍କ ପୁସ୍ତକର ବକ୍ତବ୍ୟକୁ ତୀବ୍ର ଭାବରେ ସମାଲୋଚନା କରିଥିଲେ ତଥା Education Gazette ଓ Calcutta Reviewର ସମାଲୋଚନାର ପ୍ରତିକା ଦେଇ ତାହାକୁ ସ୍ୱାଗତ ଓ ସମର୍ଥନ କରାଇଥିଲେ । ସେ 'ଉତ୍କଳ ହିତୈଷିଣୀ'କୁ ମଧ୍ୟ ଅନେକ ଗ୍ରାହ୍ୟ ନ ଥିଲେ । ଏ କ୍ଷେତ୍ରରେ ଗୌରୀଶଙ୍କରଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ଓ ଓଡ଼ିଆମାନଙ୍କ ମନରେ କିପରି ଆଶା-ଭରସା ସୃଷ୍ଟି କରିଥିଲା ତା ଫକୀରମୋହନଙ୍କ ଏହି ଉକ୍ତିରୁ ଜଣାପଡ଼େ, "ବାବୁ ଗୌରୀଶଙ୍କର ସ୍ୱକୀୟ ଶକ୍ତି ଅନୁସାରେ ଚେଷ୍ଟା କରୁଥାନ୍ତି । ସେ ଉତ୍କଳ ଦୀପିକାରେ ଓଡ଼ିଆଭାଷା ସପକ୍ଷରେ ପ୍ରତି ସପ୍ତାହ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ବାହାର କରୁଥାଆନ୍ତି । ଆମ୍ଭେମାନେ ବାଲେଶ୍ୱରବାସୀ ସମସ୍ତ ଉତ୍କଳକୁ କେବଳ ତାହାଙ୍କ ଅନୁକମ୍ପାର ବାଣୀ ଶୁଣୁଥାଉ ।" (୬୩) କେବଳ ସେତିକି ନୁହେଁ ଏ ପର୍ଯ୍ୟନ୍ତ ମିଳିଥିବା ତଥ୍ୟରୁ ଜଣାଯାଏ ଯେ କାନ୍ତିଚନ୍ଦ୍ରଙ୍କ ପୁସ୍ତକ ବିରୁଦ୍ଧରେ ପ୍ରତିକ୍ରିୟାର ପ୍ରଥମ ପ୍ରକାଶ ୧୮୭୦ ଫେବୃଆରୀ ମାସ ୨୬ ତାରିଖ 'ଦୀପିକା' ପୃଷ୍ଠାରେ ହିଁ ଦେଖା ଯାଇଥିଲା ଓ ପରେ ତାହା ବାଲେଶ୍ୱର ଓ କଲିକତାକୁ ବ୍ୟାପିଲା । ପୁଣି ଶିବଦାସଙ୍କ ଅପପ୍ରଚାର ହେତୁ ତାଙ୍କ ବଦଳି ଦାବିରେ 'ଦୀପିକା' ସହ ବାଲେଶ୍ୱରର 'ସମ୍ବାଦ ବାହିକା' ସୁର ମିଳାଇ କହିଥିଲା "ଏହି ଡିପ୍ଟି ଯେବେ କୃତ୍ତିବାସ ହେଲେ ତେବେ ତାହାଙ୍କୁ ଦଣ୍ଡ ଦେବାପାଇଁ ବାଲେଶ୍ୱରବାସୀମାନେ ଯାହା କରିଅଛନ୍ତି ତାହା ଉଚିତ ହୋଇଅଛି ।" (୬୪) ଅଧିକନ୍ତୁ ମଧ୍ୟ ଓଡ଼ିଆମାନଙ୍କୁ ଭୁଲାଇ ଓଡ଼ିଆ ଭାଷା ଉଠାଇବାର ଓ ବଙ୍ଗଳା ସପକ୍ଷରେ ଏକ ମୁଦ୍ରିତ ଆବେଦନ ପତ୍ରରେ ତାଙ୍କଠାରୁ ଦସ୍ତଖତ ନେବା ଉଦ୍ୟମକୁ 'ଦୀପିକା' ତୀବ୍ର ସମାଲୋଚନା କରି ଓ ତାକୁ ଶବ୍ଦରେ ପକାଇ ଧ୍ୱସ୍ତ କରି ଦେଇଥିଲା । (୬୫)

ମୋଟ ଉପରେ ଆନ୍ଦୋଳନର ଉତ୍ପତ୍ତି ଦୃଷ୍ଟିରୁ ଫକୀରମୋହନ ବାଲେଶ୍ୱରବାସୀ ଓଡ଼ିଆ, ଜନ ବିମ୍ସ, ଭୂଦେବ ମୁଖୋପାଧ୍ୟାୟ ଓ Calcutta Review ବେଶ ସକ୍ରିୟ ଓ ପ୍ରଶଂସନୀୟ ଅଂଶ ଗ୍ରହଣ କରିଥିଲେହେଁ ଗୌରୀଶଙ୍କରଙ୍କ ଓ 'ଦୀପିକା'ର

ଭୂମିକା କୌଣସି ସ୍ତରରେ ସେମାନଙ୍କ ଠାରୁ ନ୍ୟୂନ ନ ଥିଲା ବରଂ କେତେ ସ୍ତରରେ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥା ନେତୃ ସ୍ଥାନୀୟ ଥିଲା ।

## ଉପସଂହାର –

ଉପରୋକ୍ତ ଆଲୋଚନାରୁ ଦେଖାଗଲା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଭୂମିକା କେତେଦୂର ଅର୍ଥପୂର୍ଣ୍ଣ, ବ୍ୟାପକ, ଗୁରୁତ୍ୱପୂର୍ଣ୍ଣ ତଥା ପ୍ରଶଂସନୀୟ ଥିଲା । ଏହାରୁ ଏକାଧିକ ସୂତ୍ର ସ୍ପଷ୍ଟ ହୁଏ ବୋଲି ମୁଁ ଭାବୁଛି । ପ୍ରଥମରେ ଏହି ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ଆଧୁନିକ ଓଡ଼ିଆ ସାହିତ୍ୟର ପରମ ସହାୟକ ହୋଇଥିଲା । ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ବିକାଶରେ ଗୌରୀଶଙ୍କରଙ୍କ ଭୂମିକା ସ୍ୱୀକାର୍ଯ୍ୟ । ଅନ୍ୟପକ୍ଷରେ ମଧ୍ୟ ଓଡ଼ିଶାର ସମ୍ବଲପୁର ମଣ୍ଡଳ ସହ ଓଡ଼ିଆ ଭାଷାକୁ ମଧ୍ୟ ଓଡ଼ିଶାର ବନ୍ଦ୍ୟାଳୟରେ ଓଡ଼ିଆ ଜାତିର ମିଳନକୁ ସଂଯୁକ୍ତ କରି ସେ ଭାଷାଭିତ୍ତିକ ଓଡ଼ିଆ ଜାତୀୟତାର ଆଦ୍ୟ ଆହ୍ୱାନ ସେହିଠାରୁ ଶୁଣାଇଥିଲେ । ସେହିପରି ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ଭିନ୍ନ ଶାସନାଧୀନରେ ଥିବାରୁ ଓଡ଼ିଆ ଭାଷା ଓ ସଂସ୍କୃତି ଲୋପ ପାଉଥିବା ଦର୍ଶାଇ ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ଏକ ଶାସନାଧୀନରେ ରହିବାର ଆବଶ୍ୟକତା ମତ ଦେଇଥିଲେ । ଏହା ଭିତରେ ସେ ଦେଖିଥିଲେ ବୃହତ୍ତର ଓଡ଼ିଶା ଗଠନର ସ୍ୱପ୍ନ ଓ କରିଥିଲେ ସେ ସ୍ୱପ୍ନ ସାର୍ଥକ ହେବାର ଆଦ୍ୟ ସୂଚନା । ତେଣୁ କେବଳ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ତାଙ୍କ ନେତୃତ୍ୱ ପାଇଁ ଗୌରୀଶଙ୍କରଙ୍କୁ ଆଜି ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଭାବରେ ସ୍ମରଣ କରିବା ଏକାନ୍ତ କାମ୍ୟ ।

## ସୂଚନା / ପ୍ରାନ୍ତଟୀକା –

୧) ଗାମନ୍ତସ୍ୱ, ନବଭାରତ, ୧୯୬୪, ପୃ ୧୯୮-୨୨୪; ଦାଶ, ରବେନ୍ଦ୍ର ନାଥ, ୧୯୮୬ (ଝଙ୍କାର, ୩୮/୮) ପୃ ୭୬୯

୨) ଦୀପିକା, ୧ ୯-୧୮୭୬, ଦ୍ରଷ୍ଟବ୍ୟ : ମହାନ୍ତି, ବଂଶୀଧର, ୧୯୭୮, ପୃ ୩୦

୩) ମହାନ୍ତି, ୧୯୮୯, ପୃ ୧୪

୪) ଦୀପିକା, ୨୭ ୧-୧୮୭୭ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ସୁଧାକର, ୧୯୭୨, ପୃ ୪୯୮-୯୯

୫) ଦୀପିକା ୨୨-୫-୧୮୬୭ ଓ ୧୦-୮-୧୮୬୭ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୬୫୩-୫୮

୬) ଦୀପିକା ୯-୩-୧୮୭୭, ଦ୍ରଷ୍ଟବ୍ୟ—ମହାନ୍ତି, ୧୯୮୯, ପୃ ୨୦୮-୧୦

୭) ଦ୍ରଷ୍ଟବ୍ୟ—ଦାଶ, ରବେନ୍ଦ୍ର ନାଥ, ୧୯୮୧ (ଝଙ୍କାର ୪୧/୮) ପୃ ୭୨୧-୨୩ ଓ (ଝଙ୍କାର, ୪୧/୭) ପୃ ୬୯୦-୯୧

୮) ଦୀପିକା ୪-୧-୧୮୬୮, ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୧-୦୨

୯) ଦୀପିକା ୨୫-୧-୧୮୬୮, ୧-୨-୧୮୬୮, ୪-୪-୧୮୬୮ ଓ ୧୮-୪-୧୮୬୮ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୪-୧୩

୧୦) ଦୀପିକା ୧-୨-୧୮୭୮ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୫
୧୧) ଦ୍ରଷ୍ଟବ୍ୟ, ଦାଶ, ଗଗନେନ୍ଦ୍ର ନାଥ, ୧୯୮୯ (ଝଙ୍କାର, ୪୧/୯) ପୃ ୮୧୦-୧୭
୧୨) Beames, John, 1870, p. 201
୧୩) ଦୀପିକା ୧୩-୩-୧୮୭୯ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୩୨
୧୪) ଦୀପିକା ୧୦-୭-୧୮୭୯ {ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୪୨-୪୪ ଓ ୨୪-୭-୧୮୭୯
୧୫) ଦୀପିକା ୨୭-୬-୧୮୭୯ ଓ ୧୦-୭-୧୮୭୯
୧୬) ଦୀପିକା ୨୫-୯-୧୮୭୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୭୭୪
୧୭) ଦୀପିକା ୧୩-୩-୧୮୭୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୩୩
୧୮) ଦୀପିକା ୨୫-୩-୧୮୭୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୩୪
୧୯) ଦୀପିକା ୧୫-୭-୧୮୭୯, ୧୭-୭-୧୮୭୯ ଓ ୨୪-୭-୧୮୭୯
୨୦) ଦୀପିକା ୨୪-୭-୧୮୭୯
୨୧) ଦୀପିକା ୨-୮-୧୮୭୯
୨୨) ଦୀପିକା ୧୦-୪-୧୮୭୯
୨୩) ଦୀପିକା ୨୫-୯-୧୮୭୯
୨୪) ଦାଶ, ଗଗନେନ୍ଦ୍ର ନାଥ, ୧୯୯୦, (ଝଙ୍କାର ୪୧/୧୧) ପୃ ୯୮୦-୮୧
୨୫) ଦୀପିକା ୨୭-୧୧-୧୮୭୯, ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୫୮
୨୬) ଷଡ଼ାଙ୍ଗୀ, ବାସୁଦେବ, ୧୮୭୦, କଟକ
୨୭) ତଦେବ
୨୮) ଦୀପିକା ୨୭-୩-୧୮୭୦, ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୩
୨୯) ଦୀପିକା, ୨୭-୩-୧୮୭୦ ଓ ୨-୪-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୨-୭୩ ଓ ପୃ ୫୭୫-୭୮
୩୦) ସେନାପତି, ୧୯୬୩, ପୃ ୫୩-୫୫
୩୧) Beames, John, 1870
୩୨) ଦୀପିକା ୩୦-୪-୧୮୭୦ ଓ ୩-୯-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୮-୮୧ ଓ ପୃ ୫୮୨-୮୩
୩୩) ତଦେବ
୩୪) ସେନାପତି, ୧୯୬୩, ପୃ ୫୪
୩୫) ଦୀପିକା ୨୭-୩-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୩
୩୬) ଦୀପିକା ୨୭-୩-୧୮୭୦ ଓ ଦ୍ରଷ୍ଟବ୍ୟ ପଟ୍ଟନାୟକ, ପୃ ୫୭୧-୭୩ ଓ ପୃ ୫୭୫-୭୮

## ଉପାଦାନ ପଞ୍ଜିକା

(କ) ଉତ୍କଳ ଦୀପିକା (ଦୀପିକା)

ଖ) ଦାଶ, ଗଜେନ୍ଦ୍ର ନାଥ, ୧୯୮୬, ଓଡ଼ିଆ ଭାଷା-ଭୂଗୋଳ ଅନ୍ୱେଷଣ : ଏକ ସିଂହାବଲୋକନ । ଝଙ୍କାର ୩୮/୮ ଓ ୩୮/୯

୧୯୮୮, ଓଡ଼ିଆ ଭାଷା-ଭୂଗୋଳ ଅନ୍ୱେଷଣ-- ଏକ ଦୃଷ୍ଟିପାତ । ନୂଆସୂତ୍ର—୨୨

୧୯୮୯, ଓଡ଼ିଆ ଭାଷା-ଭୂଗୋଳ ଅନ୍ୱେଷଣ : ପୁନର୍ସିଂହାବଲୋକନ । ଝଙ୍କାର, ୪୧/୫, ୪୧/୬, ୪୧/୭, ୪୧/୮, ଓ ୪୧/୯

୧୯୯୦, ଓଡ଼ିଆ ଭାଷା ଭୂଗୋଳ ଅନ୍ୱେଷଣ : ପୁନର୍ସିଂହାବଲୋକନ । ଝଙ୍କାର, ୪୧/୧୦ ୪୧/୧୧, ୪୧/୧୨, ୪୨/୨, ୪୨/୩

ପଟ୍ଟନାୟକ, ସୁଧାକର, ୧୯୭୨, ସମ୍ବାଦ ପତ୍ରରୁ ଓଡ଼ିଶାର କଥା ।

ଭଟ୍ଟାଚାର୍ଯ୍ୟ, କାନ୍ତିଚନ୍ଦ୍ର, ୧୮୭୦, ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ।

ମହାନ୍ତି, ବଂଶୀଧର, ୧୯୭୮, ଅଠରଶ ଦେଶୀ (ଉତ୍କଳ ପତ୍ରିକା)

୧୯୮୯, ଓଡ଼ିଆ ଭାଷା ଅନ୍ୱେଷଣ

ସାମନ୍ତରାୟ, ନଟବର, ୧୯୬୪, ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)

ସେନାପତି, ଫକୀରମୋହନ, ୧୯୬୩ ଫକୀରମୋହନ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ)

Beames, John, 1870. On the relation of the Uriya to the other Modern Aryan Languages. (Proceedings of the Asiatic Society, June, 1870, PP. 192-216)

ପ୍ରଫେସର, ଭାଷାତତ୍ତ୍ୱ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର, ବ୍ରହ୍ମପୁର ।

# ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ଶୈଳୀ ଓ ଶୈଳୀକାର

ଅଧ୍ୟାପକ ଗୌରାଙ୍ଗ ଚରଣ ଦାଶ,

## || ଏକ ||

ଊନବିଂଶ ଶତାବ୍ଦୀ ଭାରତୀୟମାନଙ୍କ ପାଇଁ ନୂତନ ଜୀବନ ଅନୁସନ୍ଧାନର ଶତାବ୍ଦୀ । ସେ କାଳରେ ସେମାନେ ନୂତନ ରୂପ ଓ ସ୍ୱରରେ ଜୀବନ ଉପଭୋଗର ସୁଯୋଗ ପାଇଥିଲେ । ଗତ କେତେ ଶତାବ୍ଦୀ ଧରି ସେମାନେ ଅପଣା ଅପଣା ବିଶ୍ୱାସର ଦୃଢ଼ ଗଣ୍ଡି ଭିତରେ ଅବରୋଧର ପଣ ବିତାଉଥିଲେ । ମୁକ୍ତ ଜୀବନକୁ ଡରୁଥିଲେ । ସେମାନଙ୍କ ସମାଜର ଧର୍ମ, ଶାସ୍ତ୍ର, ସାହିତ୍ୟ, ସ୍ୱର ଓ ଆଚରଣ ଗଭୀରରେ କେବଳ ସଂସ୍କାର ଓ ଅନୁକରଣ ସ୍ତରରେ ପ୍ରକାଶ ପାଉଥିଲା । ନିଜ ନିଜ ବାଟରେ ଯାତ ଯକେଇବାକୁ ସେମାନେ ସାହସ କରିପାରୁ ନଥିଲେ । ବାହ୍ୟଜଗତର ସ୍ୱରରେ ଅନ୍ୟର ଶୋଷଣ ଉପଭୋଗ ଭିତରେ ନିଜ ନିଜର ଜୀବନ ଶକ୍ତିକୁ ଅଗ୍ରସରରେ ନ ଦେଖାଇବା ପାଇଁ ଏବେ ଚିନ୍ତା ବା ଲକ୍ଷ୍ୟ ହେଉ ନଥିଲେ । ନାସ୍ତିକମାନଙ୍କ ପକ୍ଷ ଦାନ୍ତ କହୁଥିବା ଥିଲା ସେମାନଙ୍କ ଅସ୍ତ୍ର, ସେମାନଙ୍କ ଜୀବନ ଧର୍ମ ।

ସେମାନଙ୍କ ଅବବୋଧର ଏକ ବିପର୍ଯ୍ୟୟକର ଆନ୍ଦୋଳନ, ଲକ୍ଷିତ ଓ ଅଳସିତ ଜୀବନବୋଧ ଗତ ଶତାବ୍ଦୀରେ ଏକ ନୂଆ ପରିବର୍ତ୍ତନର ସଙ୍କେତ ପାଇଲା । ପାଶ୍ଚାତ୍ୟମାନଙ୍କର ଚେତନା-ଜଳ ଭିତରେ ସେମାନଙ୍କ ଦେହ ଓ ମନର ମଳିନ ଜମାଟ ମାଳିନ୍ୟ ଦୂର ହେବାର ସୁଯୋଗ ପାଇଲା । ସେମାନେ ବଦଳିବାକୁ ଆରମ୍ଭ କଲେ । ନୂଆ ଜୀବନ ଦେଖି ବଞ୍ଚିବା ପାଇଁ ଅନୁପ୍ରେରିତ ହେଲେ । ଲୋକମାନେ ଯେଉଁ ବାଟଗୁଡ଼ାକୁ ନିଜର ସ୍ୱତନ୍ତ୍ର ବିଶ୍ୱାସ ପାଇଁ ବାଛି ନେଉଥିଲେ, ପ୍ରଥମେ ପ୍ରଥମେ ସେ ବାଟଗୁଡ଼ାକ ବିଦେଶୀମାନଙ୍କର ପୀଡ଼ା ଜନକ ଅବସ୍ଥାର କାରଣ ହୋଇଥିଲେ । ନିଜ ଘର ଭିତରର ଶାସନକୁ ଅର୍ଜନୀକୁ ଏତେ ସହଜରେ ଯିବାକୁ ଦେବା ଲାଗି ସେମାନେ ସାହସ କରିପାରୁ ନଥିଲେ । ମାତ୍ର କ୍ରମଶଃ ବଡ଼ ଶଙ୍କିତ ସ୍ୱରରେ ସେମାନେ ସେମାନଙ୍କ ପାଖକୁ ଗଲେ । ସେମାନଙ୍କୁ ଗ୍ରହିଲେ, ସେମାନଙ୍କୁ ଅନୁଭବ କଲେ । ଭଲ ଭଲ ବାଟ ପକାଇଲେ । ସେ ଦେଶ ବାଟର ମଜା ବୁଝିଲେ । ନିଜକୁ ନୂଆ ସ୍ୱରରେ ଦେଖିବାର ସୁଯୋଗ ପାଇଲେ । ଲୋକମାନେ ନିଜର ସୁବିଧା ପାଇଁ ଯେତେ ଆମୋଦ ଉପଭୋଗ କରୁଥିଲେ, କଳା ଆଖି ଦାନବମାନେ ସେ ଗୁଡ଼ିକର ସୁକୁମାରତା ଉପରେ ଆଖି ପକାଇଲେ । ସେମାନଙ୍କର ଅବବୋଧର ଦୋଷଗୁଡ଼ିକ ଖୋଲିବାକୁ ଆରମ୍ଭ କଲେ ।

ଗାଦି ପାଖରେ ଠିଆ ହୋଇ ହିନ୍ଦୁ ଶକ୍ତିଆର ପରମ୍ପରା ଓ ଚଳ ପ୍ରସାରଣ ପାଇଁ ସେମାନେ ପ୍ରୟାସ କଲେ । ଭୋଗୀମାନେ ଯାତ୍ରା କରୁଥିଲେ, ତାହା ସେମାନଙ୍କ ପାଇଁ ଭାଲ ହେଲା । ସେମାନଙ୍କର ଉଦ୍ଦେଶ୍ୟ ପୂରଣ ହୋଇ ପାରିଲା । ମାତ୍ର ହୋଲି ଉତ୍ସବରେ 'ବହ୍ନାର କଣ୍ଠମଳା' 'ମାରଣା ପାଇଁ ହିନ୍ଦୁ ଧର୍ମର ଶତ୍ରୁମାନେ ଅବସର ଆକାଶ ଧାରଣ କଲେ, ଯେଉଁ ଶରୀର ଉପରେ ଶ୍ୱେତ ଭୂଷଣ ଗୁଡ଼ିକ ଚନ୍ଦ୍ର ରୂପରେ ଝାଲୁଝାଲୁ ହେଉଥିଲେ, ତାର ପଲମଳ କରିବା ପ୍ରତିଜ୍ଞା ଆରମ୍ଭ ହୋଇଥିଲା ସେହି କାଳରେ ।

ଧର୍ମାନ୍ତରୀକରଣ ପ୍ରକ୍ରିୟା ଆରମ୍ଭ କରିଥିଲେ ପାଦ୍ରୀମାନେ । ଭାରତୀୟମାନଙ୍କ ଚେତନାରେ ଅଧାର୍ମିକତାର ମଞ୍ଜି ବୋହିବାକୁ ଜମାଟ ବାନ୍ଧିଥିଲେ ବୋଲି ସେମାନେ ସେପଟରେ ଆଉ ଅନୁଭବ କରିଥିଲେ । ବୋଷ୍ଟମାଠିକା ବ୍ୟାଧିରୁ ଭାରତୀୟମାନଙ୍କୁ ମୁକ୍ତ କରିବା ପାଇଁ ଯୀଶୁବାଣୀ ପ୍ରଭୁର ଔଷଧ ହାତରେ ଧରି ସେଥିର ଅନେକଙ୍କୁ ଆସି ସେମାନେ ଭାରତ ଭୂମିରେ ପାଦ ଦେଲେ ।( ୧ ) ସେପଟରେ ଆରବ ଭାରତୀୟମାନଙ୍କର ଅଜ୍ଞତା, କୁସଂସ୍କାରପୂର୍ଣ୍ଣ ଜୀବନ ଅବସ୍ଥାକୁ ଦେଖି ଅସ୍ଥିର ହୋଇ ଉଠୁଥାନ୍ତିଲେ । ଯୀଶୁବାଣୀର ଆଲୋକରେ ଲୋକମାନଙ୍କ ଜମାଟରେ ଅନ୍ଧାରକୁ ଦୂରେଇବା ପାଇଁ ଚେଷ୍ଟା କଲେ । ବାଇବେଲକୁ ଦେଶୀଲୋକଙ୍କ ଭାଷାରେ ଅନୁବାଦ କଲେ । ଧର୍ମ – ଶିକ୍ଷା ଓ ସ୍ୱାସ୍ଥ୍ୟ ଆଧାରିତ ପ୍ରସ୍ତୁତି ବା ଷ୍ଟ୍ରାକ୍ଟ ସୃଷ୍ଟି ସ୍ଥାନ, ବଜାର, ମେଳା, ମନ୍ଦିର, ମଠର, ମସଜିଦ ଆଦି ସ୍ଥାନରେ ବାଣ୍ଟିଲେ । ମୁଦ୍ରାଯନ୍ତ୍ର ବସାଇଲେ । ସ୍କୁଲ ବି ଗଢ଼ିଲେ । ପଢ଼ା ଲେଖା ପାଇଁ ବହି ଲେଖିଲେ । ପଢ଼ିବା ପାଇଁ ଶିକ୍ଷକ ଏବଂ ପଢ଼ିବା ପାଇଁ ଛାତ୍ର ବି ଖୋଜିଲେ । ସେମାନଙ୍କ କଥା, କାହାଣୀ ଏବଂ ବସ୍ତୁକୁ ଦେଶୀମାନଙ୍କ ମୁଣ୍ଡରେ ପୂରାଇବା ଲାଗି ପ୍ରୟାସ କଲେ । ସେମାନଙ୍କ ଭାଷାକୁ ଇଂରାଜୀ ଅନୁବାଦ କଲେ । ବ୍ୟାକରଣ ଅଭିଧାନ ଲେଖିଲେ । ସେମାନଙ୍କ ଧର୍ମଗ୍ରନ୍ଥ ସବୁ ଅନୁସାରେ । ଏଥି ପଞ୍ଜିକା ବି ପ୍ରକାଶ କଲେ । ଯେତେ ଯାହା କଲେ, ସବୁର ମୂଳରେ ଥିଲା ଆଉ ଏକ ଅଦୃଶ୍ୟ ଉଦ୍ଦେଶ୍ୟ— ଧର୍ମ ପ୍ରଚାର, ଖ୍ରୀଷ୍ଟ ବୋଲି ଅନ୍ୟ ଜାତିମାନଙ୍କୁ ଶ୍ରେଷ୍ଠ ଭାବରେ ଦେଖିବାର ଜନଚେତନା । ମିଶନାରୀମାନେ ଭାରତୀୟମାନଙ୍କୁ ଜୟ କରିବେ ବୋଲି ଭାବିଲେ । ଇଂରେଜ ସରକାର ପ୍ରଥମେ ସ୍ପଷ୍ଟ କରିଥିଲେ ବାଲାମାନଙ୍କୁ ଜଗାଇ ଦେବା ପାଇଁ, ସେମାନଙ୍କୁ ଏବଂ ସେମାନଙ୍କ ଦେଶକୁ ବାନ୍ଧି ରଖିବା ପାଇଁ । ମାତ୍ର ସରକାରର ସ୍ୱପକ୍ଷରେ ସେମାନେ ଏହା କରିବାକୁ ବାଧ୍ୟ ହେଲେ । ମାତ୍ର ସେହି ପାଦ୍ରୀମାନେ ସେମାନଙ୍କୁ ଜୟ କରିବା ପାଇଁ ଏକ ଲୋକମାନଙ୍କୁ ଠାକୁର କଷ୍ଟି କରାଉଥିଲେ ଯେଉଁ ଲୋକମାନେ ସେମାନଙ୍କ ପାଦୁକା ଜନ୍ମ ଭରି ପଛଦ୍ୱାରରେ ଲୁହ ଦେବା ପାଇଁ ଅନେକ କୃପା ପ୍ରଦାନ କଲେନ । ସେମାନେ ଜନ୍ମ ଧରିଥିବା ବଂଶର ଜନ୍ମରେ ଜଳକା ମାନିଲେ । ଏସବୁ ଶୁଭାଙ୍କ ବି ଅଭେଦ ରହିଲେ ।

ପାଦ୍ରୀମାନଙ୍କ ଆନ୍ଦୋଳନରେ ଜୀବନ ଦେଖିଥିବା ଦେଶୀମାନେ ସାହେବମାନଙ୍କ ପାଖ ପଶିବାରେ ଆଗ୍ରହ କଲେ । ସେମାନେ ପଢ଼ିଲେ । ନିଜ ପାଇଁ ବାଟ ଖୋଲିଲେ । ନୂଆ ଆଖିରେ ନିଜର ଭାଷା, ସାହିତ୍ୟ, ଧର୍ମ, ସମାଜ, ଇତିହାସ, ରାଜନୀତି ଓ ଶିକ୍ଷାକୁ ପରିଶୀଳନ କଲେ । ବଙ୍ଗଭୂମିରୁ ରାଜା ରାମମୋହନ ରାୟ ପରିବର୍ତ୍ତନର ନୂତନ ଇସ୍ତାହାର ଘୋଷଣା କଲେ । ବାଲ୍ୟ ବିବାହ, ବହୁ ବିବାହ, ବିଧବାବିବାହ, କଲକଲୀ, ସତୀଦାହ ପରି ଘାତକସ୍ୱ କୁପ୍ରଥାର ବିଲୋପପାଇଁ ସାହେବମାନଙ୍କ ସହିତ ହାତ ମିଳାଇଲେ । ଲର୍ଡ ବେଣ୍ଟିଙ୍କଙ୍କ ସହାୟତାରେ ସତୀଦାହ ନିୟମ (୧୮୨୮) ମଧ୍ୟ ପ୍ରଣୟନ କଲେ । ଭାରତୀୟମାନେ ନୂଆ ଜୀବନର ସନ୍ଧାନ ପାଇଲେ । ଧର୍ମବ୍ୟବସ୍ଥାରେ ସମନ୍ୱୟବାଦୀ ଚିନ୍ତାର ପ୍ରାଧାନ୍ୟ ଲକ୍ଷ୍ୟ କଲା । ଧର୍ମର ନୂଆ ଅଭିଧାନ ଲେଖାହେଲା— ତାହା ହେଲା ବ୍ରାହ୍ମଧର୍ମ । ନୂଆ ସମାଜ ବ୍ୟବସ୍ଥା ଘୋଷଣା କରାଗଲା । ତାହା ହେଲା—ନୂଆ ସାମାଜିକ ବ୍ୟବସ୍ଥାର ଜୀବନବାଦୀ ରୂପାୟନ । ବଙ୍ଗଳାରୁ ଆରମ୍ଭ ହୋଇ ଖାଲି ଭାରତକୁ ବ୍ୟାପିଲା । କଲିକତାର ପର୍ଣ୍ଣ ମାଟି ପାଣି ଓ ପବନରେ ଅନ୍ତର୍ହିତ ଥିଲା ଏକ ଭାରତବର୍ଷ । ଓଡ଼ିଶାରେ ବି ସେ ନୂତନ ମନ୍ତ୍ର ପ୍ରସାରିତ ହେଲା । ଏ ମାଟିରେ ସକଳ ନୂତନତାର ପ୍ରଚାରକ ହେଲେ ଆଧୁନିକ ଶିକ୍ଷାପ୍ରାପ୍ତ ଯୁବଗୋଷ୍ଠୀ । ସେମାନଙ୍କର ଭରସା ଥିଲେ ଗୌରୀଶଙ୍କର ରାୟ ।

ଗୌରୀଶଙ୍କର ଯେଉଁ ସମୟ (୧୮୩୮)ରେ ଜନ୍ମ ହୋଇଥିଲେ, ତାହା ସୁଖଦ ଦେଖିବାର ଏକ ଅନୁକୂଳ କାଳ ନଥିଲା । ତାହାକୁ ନୂଆକରି ଗଢ଼ିବାର ଆହ୍ୱାନ ବହୁ ଲୋକଙ୍କ ଚେତନାରେ ଚେତନା ସୃଷ୍ଟି କରୁଥିଲା । ବିଶେଷତଃ ଓଡ଼ିଆମାନଙ୍କ ପାଇଁ ତାହା ଥିଲା ବିପତ୍ତିଜନକ ସମୟ । ଝଡ଼ବେଗ, ଦୁର୍ଭିକ୍ଷ, ଅଭୁକ୍ତତା, ଅସ୍ଥି ସ୍ୱପ୍ନର ପରି କେତେ କେତେ ଥର ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଜୀବନ ସହିତ ଧକ୍କା ଖାଉଥିଲା । ଗୋରାମାନଙ୍କର ପାଖ ଲୋକ ହୋଇ ଯୋଉମାନେ ନୂଆ ଚାକିରି ପାଇଥିଲେ, ସେମାନେ ଗୁହ ଖାଇବା ଆରମ୍ଭ କରିଦେଲେ । ଯେଉଁମାନେ ବଙ୍ଗଳୀମାନଙ୍କଠାରୁ ନିଜ ଭାଷା, ସାହିତ୍ୟ, ଜାତୀୟତା, ସ୍ୱାଭିମାନବୋଧ ପରି ଅନେକ ଅନେକ କଥା ଶିଖିଥିଲେ, ସେ ତତ୍ତ୍ୱ ଗୁଡ଼ିକୁ ନିଜ ମାଟିରେ ଯୋଡ଼ି ପକାଇଲେ । ବାଇମାନଙ୍କୁ ସୁଯୋଗ ମିଳିଗଲା । ସଙ୍ଗୀତ୍ରତାର ସ୍ମୃତି ଭିତରେ ଭାଙ୍ଗି ମୋଡ଼ି ହେଲେ । ଶିକ୍ଷିତ ସ୍ୱିଅଣ୍ଣ ବଙ୍ଗାଳୀମାନେ ନୂଆ ଜୀବନର ଅର୍ଥ ଓ ସ୍ୱାଦରେ ଅନ୍ୟମାନଙ୍କୁ ହେୟ କରି ଦେଖିବା ଆରମ୍ଭ କରିଦେଲେ । କେତେ ସ୍ୱାର୍ଥାନ୍ୱେଷୀ ମନ ସ୍ତରର ପଣ୍ଡିତ ପାଣ୍ଡିତ୍ୟ ଦେଖାଇ ଓଡ଼ିଶା ଓ ଆସାମକୁ ଆମର ବୋଲି କହିଲେ । ଅନ୍ୟମାନଙ୍କର ମନୀଷୀମାନଙ୍କୁ ନିଜର ବୋଲିକରି ବୋଲି ଦୃଷ୍ଟି ଦେଲେ । ଅନ୍ୟମାନଙ୍କର ଭାଷା, ସାହିତ୍ୟ, କଳା, ସଂସ୍କୃତିକୁ ନିଜ ପୂର୍ବ ପୁରୁଷଙ୍କର ମହାନ୍ ଅବଦାନ ରୂପରେ ଘୋଷଣା କଲେ । ପ୍ରାମାଣିକ ତଥ୍ୟ ଦେଖାଇଲେ । ଶାସକମାନଙ୍କର ଭାଜନ ହେଲେ । ଓଡ଼ିଶା ଏବଂ ଓଡ଼ିଆମାନଙ୍କୁ ଯାହା ନ କରିବା କଥା, ତାହା କଲେ । ଫଳରେ ଓଡ଼ିଆ ଜାତିର ଅସ୍ମିତାକୁ ଅନୁଭବ କରିବା ଏବଂ ତାର ସ୍ୱାଭିମାନକୁ ପ୍ରତିଷ୍ଠା କରିବାର ଆବଶ୍ୟକତା ହେଲା ସେ

ଚାଲିଲେ । ଗୌରୀଶଙ୍କର ତାହା ପାଳନ କରିବାପାଇଁ ଜଣେ ପାଖରେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।

ମଣିଷ ଯାହା ଭାବେ, କଥା ଭିତରେ ସେ କହିଥିଲେ, ସେ ଶୁଣିଛି ଆମମାନଙ୍କର ଏ କାଳରେ ପଢ଼ି ଆଉ କାହାରେ ବାହାରି ଯାଏ । ଲଜ୍ଜା ଏବଂ ଅଭିମାନସ୍ୱଭାବଟିଏ ଜଣ ପାଖରେ, ଏ ସମାଜ ପାଖରେ ଅଧିକ କାଳ ବଞ୍ଚି ପାରେନା । ତତ୍‌ପରେ ସ୍ୱରରେ ହାରିଯାଏ । ତା'ର ଅପମୃତ୍ୟୁ ଘଟେ । ଲୋକ ମଣିଷ ସମସ୍ତ ଏବଂ ସମାଜ ଭିତରେ ନିଜ ଜୀବନକୁ ଝଣ୍ଟିଦ୍ଧ ସ୍ୱରରେ ଛିଡ଼ା କରିଥାଏ ତାର କଥାଟି ଆମମାନଙ୍କ ଚେତନାରେ ନୂଆ ଜୀବନ ଶକ୍ତିର ସଞ୍ଚାର କରେ । ପ୍ରତ୍ୟେକ ଶବ୍ଦ ଭିତରେ ଅସୀମ ସେମିତ ଭାବାବେଗ ହୋଇଥାଏ । ଗୌରୀଶଙ୍କର ସେମିତି ମଣିଷଟିଏ ଥିଲେ । ଯାହା କହୁଥିଲେ ତାହା କରୁଥିଲେ । ଜୀବନ ଓ ଆଚରଣ ଭିତରେ ତାଙ୍କର ସମସ୍ତ ବ୍ୟକ୍ତିତ୍ୱ ମୂର୍ତ୍ତିମନ୍ତ ହେଉଥିଲା । ତାଙ୍କ ବ୍ୟକ୍ତିତ୍ୱ ଥିଲା ଭାବନାର୍ଦ୍ର ଜାତୀୟତାର ଏକ ଜୀବନ୍ତ ପରିପ୍ରକାଶ, ତାଙ୍କ ସ୍ୱପ୍ନ ଥିଲା ପ୍ରଗତିଶୀଳ ଜୀବନବୋଧର ଉତ୍ତରଣ ଓ ବିକାଶ ।

## ॥ ଦୁଇ ॥

ପ୍ରଥମେ ଊନବିଂଶ ଶତକର ପ୍ରଥମ ଦଶକରେ ମିଶନାରୀମାନେ ଯେଉଁ ଭାଷା ଏବଂ ଶୈଳୀରେ ନିଜକୁ ପ୍ରକାଶ କରୁଥିଲେ ତାହା ସେମାନଙ୍କର ଭାଷା ଓ ଶୈଳୀ ଥିଲା । ମାତ୍ର ଶବ୍ଦ ଥିଲା ଓଡ଼ିଆ । ସେମାନେ ଚେଷ୍ଟା କରିଥିଲେ ନିଜକୁ ଏକ ଭିନ୍ନ ଭାଷାରେ ପ୍ରକାଶ କରିବା ପାଇଁ । ମାତ୍ର ଏ କ୍ଷେତ୍ରରେ ସେମାନେ ଆମମାନଙ୍କ ସ୍ୱତ ଚେତନ ସୃଷ୍ଟିଶୀଳ ହେବା କଥା, ତାହାଠାରୁ ଅଧିକ ଥିଲେ ଧର୍ମ ପ୍ରଚାର ଏବଂ ନିଜର ଉଦ୍ଦେଶ୍ୟ ହିତ । ଅଥଚ ଧର୍ମ ପଣ୍ଡିତ, ଉଦାରତା, ବିଶ୍ୱାସକୁ ଆମମାନଙ୍କ ଉପରେ ଲଦି ଦେବାପାଇଁ ଚେଷ୍ଟା କରୁଥିଲେ । ଆମମାନଙ୍କ ବିଶ୍ୱାସ ଓ ଜୀବନଦର୍ଶନକୁ ପୌତ୍ତଳିକ ଜୀବନ-ଦର୍ଶନ ବୋଲି ପ୍ରସ୍ତୁତ କରୁଥିଲେ । ସେମାନଙ୍କ କହିବା, ଦେଖାଇବା, ପାଳିବା ଏବଂ ଜୀବନ-ଦର୍ଶନର ଗୋଟିଏ ସ୍ୱତନ୍ତ୍ର ଥିଲା । ଏଣୁ ସେମାନେ ଅନୁଶାସିତ ଦେଶୀମାନଙ୍କ ଚେତନାରେ ବୋଳିଦେବା ପାଇଁ ପ୍ରସ୍ତୁତ ହେଲେ । କିନ୍ତୁ ଦେଶୀ ପଣ୍ଡିତଙ୍କର ସାହାଯ୍ୟ ନେଲେ । ସେମାନଙ୍କୁ ଦେଶୀ ସ୍ୱତନ୍ତ୍ର ଉଦାର ରୂପରେ ପରିପୋଷଣ କଲେ । ମାତ୍ର ଭଦ୍ର-କଥିତ ପଣ୍ଡିତ ଓ ପଣ୍ଡିତମାନେ ସାଧାରଣଲୋକଙ୍କ ଠାରୁ ସ୍ୱତନ୍ତ୍ର ପାଇ ନଥିଲେ, ସେମାନଙ୍କ ଭାଷା ଶୁଣି ନାକ ଟେକୁଥିଲେ, ପ୍ରଥମେ ପାଦ୍ରୀମାନେ ଏ ଗୂଢ କଥାକୁ ଜାଣିପାରି ନଥିଲେ । ସାହେବଙ୍କର ଶାସନମାନେ ଏକ ସୁଯୋଗରେ ଦେଶୀମାନଙ୍କର ଅଧାଶକୁ ବୋଧଗମ୍ୟ ପାଣ୍ଡିତ୍ୟ ପ୍ରକାଶର ଆଶା ଏକ ଅଧିକାର ଓ ଦୃଷ୍ଟିକୋଣ ଭିତରରେ ଗ୍ରହଣ କରିନେଲେ । ବାଇବେଲ ଓ ଖ୍ରୀଷ୍ଟ ଗ୍ରନ୍ଥର ଅନୁବାଦ ଓ ଅନୁଲିଖନ ଭାଷାରେ କ୍ରମାନ୍ୱୟରେ ପ୍ରକାଶ ପାଇଲା । ପ୍ରାୟ ୧୮୧୧ ଠାରୁ ଆରମ୍ଭ କରି ୧୮୫०

ମିଶନାରୀ ମଧ୍ୟରେ ଓଡ଼ିଆରେ ଲେଖି ବହୁ ଲେଖକଙ୍କ ଯେ ଗ୍ରନ୍ଥ ଓଡ଼ିଆ ଲିପିରେ ଲେଖାଯାଇଥିଲେ ମଧ୍ୟ, ଓଡ଼ିଆଭାଷାର ସଂଗଠନ ତା ଭିତରେ ନଥିଲା । * ସେମାନେ ସଂସ୍କୃତ ଶବ୍ଦଗୁଡ଼ିକୁ କେବଳ ଅନୁବାଦ କରି ପଢ଼ାଉଥିଲେ । ଭାଷାର ଭାବ ଉପଲବ୍ଧି କରିବା ସେମାନଙ୍କ ପକ୍ଷରେ ସମ୍ଭବ ନଥିଲା । ଏବଂ ଏ କାର୍ଯ୍ୟରେ ସେମାନଙ୍କୁ ଯେଉଁ ପଣ୍ଡିତମାନେ ସାହାଯ୍ୟ କରୁଥିଲେ ସେମାନଙ୍କ ପାଖରେ ମଧ୍ୟ ସଂସ୍କୃତ ଭାଷାର ପ୍ରାଧାନ୍ୟ ଥିଲା । ପାଦ୍ରୀମାନେ ପ୍ରଥମେ ବଙ୍ଗଳା ଭାଷା ମାଧ୍ୟମରେ ଓଡ଼ିଆ ଭାଷା ଶିଖିଥିଲେ । ବଙ୍ଗଭୂମି ଥିଲା ସେମାନଙ୍କର କର୍ମକ୍ଷେତ୍ର । ତେଣୁ ଓଡ଼ିଆ ଭାଷା ଉପରେ ପ୍ରଭାବ ପକାଉଥିଲା ବଙ୍ଗଳା ।

ଉଇଲିୟମ୍ କେରି ପ୍ରଥମ ପାଦ୍ରୀ ଯିଏ ଓଡ଼ିଆମାନଙ୍କୁ ବାଇବେଲ ଦେବା ପାଇଁ ପ୍ରୟାସ କଲେ । ଜାତିର ଆତ୍ମାକୁ ଚିହ୍ନିବା ପାଇଁ ତା'ର ଭାଷା ଓ ସାହିତ୍ୟକୁ ଶିଖିବା ଦରକାର ବୋଲି ସେ ଜାଣିଥିଲେ, ଏ କଥାକୁ ଅନୁଭବ କରିଥିଲେ । କୌଣସି ଜାତିର ପଣ୍ଡିତ ଓ ପଣ୍ଡିତମାନଙ୍କର ଧାର୍ମିକ ଧର୍ମବୋଧ ଏବଂ ଅନ୍ୟ ଜାତିର ସାଧାରଣମାନଙ୍କର ସ୍ୱାଭାବିକ ଧର୍ମଭାବ ବାଣ୍ଟିବା ଲାଗି ଧରି ରହିଲେ । ଆପଣା ଜାତିର ଅଧିକାଂଶ ଶାସକମାନଙ୍କୁ ଅନୁଗାମୀମାନଙ୍କର ଭାଷା ଶିଖିବା ପାଇଁ ଉପଦେଶ ଦେଲେ । ବ୍ୟାକରଣ ଓ ଅଭିଧାନ ପ୍ରକାଶ କଲେ । ବଙ୍ଗଳା ଓ ଓଡ଼ିଆ ଭାଷା ଭିତରେ ଥିବା ପାର୍ଥକ୍ୟକୁ ମଧ୍ୟ ଦେଖାଇଲେ । ପାଠ୍ୟ ବହି ଲେଖିଲେ ଏବଂ ଅନୁବାଦ କଲେ । ଦେଶୀୟ ମାନଙ୍କର ଶବ୍ଦ ଓ ଭାଷାକୁ ଶିଖିବା ପାଇଁ ଚେଷ୍ଟା କଲେ । ସେମାନଙ୍କର ଅନ୍ତର ଭାବକୁ ଲେଖାରେ ପ୍ରକାଶ କରିବା ପାଇଁ ବାଟ ଖୋଲିଲେ । ଅଭିଧାନ ଦେଖାଇ ସେଗୁଡ଼ିକୁ ଛପାଇଲେ । ତାଙ୍କ ପ୍ରେରଣାରେ ବା କେତେ କଥା ଗ୍ରନ୍ଥରେ ତଥା ଲେଖକ ଅନୁବାଦମାନଙ୍କର ଅଲିଖିତ ଓ ଅଲୋଚିତ ଦିଗଗୁଡ଼ିକୁ ଦର୍ଶିତ ଟାଣିରେ ବାହାର କରିଥିଲେ । (୨) ** ସଂସ୍କୃତ-

* "ପ୍ରଥମେ ଈଶ୍ୱର ସ୍ୱର୍ଗ ଓ ପୃଥ୍ୱୀ ସୃଜନ କଲେ । ପୃଥ୍ୱୀ ଶୂନ୍ୟ ଓ ଅସ୍ତବ୍ୟସ୍ତ ଥିଲା । ପୁଣି ଗଭୀର ଜଳର ଉପରେ ଅନ୍ଧକାର ଓ ଈଶ୍ୱରଙ୍କ ଆତ୍ମା ଜଳର ଉପରେ ଦୋଳାୟମାନ ହେଉଥିଲେ । ଅନନ୍ତର ଈଶ୍ୱର କହିଲେ ଯେ ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଲା । ଅନନ୍ତରେ ସେ ଦୀପ୍ତି ଯେ ଉତ୍ତମ ଈଶ୍ୱର ତାହା ଦେଖିଲେ, ତହିଁ ଉତ୍ତାରେ ଈଶ୍ୱର ଦୀପ୍ତି ଓ ଅନ୍ଧକାର ଭିନ୍ନ କଲେ ।" କେରିଙ୍କ ଅନୁଦିତ ବାଇବେଲ—ଧର୍ମପୁସ୍ତକ । 1814, ପୃ—5.

** ଏକ ଦେଶୀୟ କୌଣସି ବାଣୀର ମଧ୍ୟରେ ଯାଉ କହିଲ ଯେ, ଅନ୍ୟ ବାଣୀ, ଶୁଣ । ପ୍ରଭୁ ଈଶ୍ୱରଙ୍କ ଅନ୍ତର ଅନେକ ସନ୍ତାନ ସନ୍ତୁଷ୍ଟ ହୁଅନ୍ତୁ । ପୁଣି ଭୂମିର ଜନ୍ମକୁ ଧରିବା ପର୍ଯ୍ୟନ୍ତ, କୌଣସି ସନ୍ତାନକୁ ଅଧିକ ନ କରୁଛ । ତାହା ଶୁଣି ବାଣୀ ଉତ୍ତର କଲ, ଆରେ, ଆମ୍ଭର ଏକ ସନ୍ତାନ ହୁଅନ୍ତୁ ପ୍ରମାଣ ପୁଣି ସେହି ଭୂମିର ଅନେକ ସନ୍ତାନର ଶ୍ରେଷ୍ଠ । ଏଥିର ତାତ୍ପର୍ଯ୍ୟ ଅଧିକ ଉତ୍ତମ ସନ୍ତାନକୁ ଜନ୍ମ କରିବ, ପୁଣି ଭଲ ସନ୍ତାନ ହେବନ । ଧ ପୃ. 1842.

ସାହେବ ହାତ ମିଳେଇଦେଲେ ଓ ବକ୍‌ଲାଣ୍ଡ ସି. ଲେଖି । ସେ ମଧ୍ୟ ବ୍ୟାକରଣ ଲେଖିଥିଲେ । ପ୍ରବୋଧ ଚନ୍ଦ୍ରିକା (୧୮୭୬) ପତ୍ରିକା ସମ୍ପାଦନା କଲେ । ସେଥି ଗଭର୍ଣ୍ଣମେଣ୍ଟ ପ୍ରୋତ୍ସାହନରେ ଭାଷା-ସଂସ୍କରଣ ଓ ପୁସ୍ତକ ପ୍ରଣୟନରେ ଲୋକ ହେଲେ ସହଜ ଏବଂ ଲେଖିକାଙ୍କ ତାଙ୍କୁ ସଫଳ ହେବାର ସୁଯୋଗ ଦେଲେ । ପ୍ରାୟ ୧୮୭୦ ମସିହା ପର୍ଯ୍ୟନ୍ତ ଯାହା ପ୍ରବର୍ତ୍ତିତ ଧାରା ଓଡ଼ିଆ ଗଦ୍ୟର ଭୂମି ଶୋଧନରେ ଶକ୍ତିଶାଳୀ ମାଧ୍ୟମ ରୂପରେ ପରିଗୃହୀତ ହେଉଥିଲା । ବିଦେଶୀ ମାନଙ୍କର ଭାଷା ଓ ସାହିତ୍ୟ ପ୍ରତି ସେମାନେ ଅଧିକରୁ ଅଧିକ ଶ୍ରଦ୍ଧାଶୀଳ ହୋଇ ପଡ଼ୁଥିଲେ । ଭାଷା ଓ ଭାବ ପ୍ରକାଶର ସବୁ ଋଣରୁ ନିଜ ନିଜକୁ ମୁକ୍ତ କରିବାପାଇଁ ଚେଷ୍ଟା କରୁଥିଲେ । ସେମାନଙ୍କର ସ୍ୱାର୍ଥ ଚେତନା ଜାଗ୍ରତ ହେଉଥିଲା, ପ୍ରତିଶୋଧକାରୀ ଜନ ପରିବର୍ତ୍ତିତ ରୂପ, ଭିତରେ ଅସ୍ମିତାର ସଚେତନ ଚେତନା ସ୍ପଷ୍ଟ ହେଉଥିଲା । ପରିବର୍ତ୍ତିତ ପ୍ରକ୍ରିୟା ଭିତରେ ନୂତନ ବିକାଶ ପାଇଁ ସେମାନେ ଦେଶୀ ମାନଙ୍କୁ ସୁଯୋଗ ଦେଉଥିଲେ । ଧର୍ମାନ୍ତର ହେବାର ଭୟରେ ଆପଣାର ଗୋପନୀୟ ଜୀବନ ଭିତରେ ଅଧିକାଂଶ ଦଳୀୟ ଦେଶୀଙ୍କୁ ସେମାନେ ବୋଧହୁଏ ଚିହ୍ନି ପାରିନଥିଲେ । ପରାକୁ ମୁହଁ ବାଢ଼ିଲେ ସେମାନଙ୍କୁ ଉପରକୁ ଆଣିଲେ ସେଇ ପାଦ୍ରୀମାନେ, ଯୋଉମାନଙ୍କୁ ସେମାନେ ସମ୍ପ୍ରତି କରି ଘୃଣା କରୁଥିଲେ, ଜୀବନ ଭୟରେ ଘର କୋଣରେ ଆଶ୍ରୟ ନେଉଥିଲେ । ପ୍ରଥମେ ପାଦ୍ରୀମାନେ ଯୋଉଁ ସ୍ଥାନରେ କରୁଥିଲେ, ତା ଭିତରେ ଓଡ଼ିଆର ଆତ୍ମା ନ ଥିବାକୁ ସେମାନେ ଉପଲବ୍ଧି କରୁଥିଲେ । ମାତ୍ର ସେମାନେ ଯେତେବେଳେ ସବୁ ଭାଷାକୁ ଅନୁଭବ କରିବା ପାଇଁ ପ୍ରୟାସ କଲେ, ଦେଶୀୟମାନେ ଅନେକ ଆଗିଲେ ନୂତନ ଭୂମିକୁ । ଦେଶୀମାନଙ୍କର ଶ୍ରଦ୍ଧା ବିଦେଶୀମାନଙ୍କର ଦୁର୍ବଳତା ଭିତରେ କାରଣ ହେଲା । ସେମାନଙ୍କର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ସଫଳ ପ୍ରଚେଷ୍ଟା କରି ଦେଶୀୟ ଜାତିର ଭୂମି ହୋଇ ଯାଉଥିଲା । ଏ କଥାକୁ ମଧ୍ୟ ବହୁତ ପାଦ୍ରୀମାନେ ଅନୁଭବ କରୁଥିଲେ । ଦେଶୀମାନଙ୍କୁ ସେମାନଙ୍କ ବାଟରେ ନିବା ପାଇଁ ସାହାଯ୍ୟ କଲେ । ବାଟ ଦେଖେଇ ଦେଲେ । ସେଇଥି ଯୋଗୁଁ ଏ ମାଟିରେ ଜନ୍ମ ନେଲା, ତାହା ବିଦେଶୀମାନଙ୍କୁ ଗ୍ରହଣ କରିବାକୁ ନ ଦେଇ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସ୍ୱରୂପ କରି ପାରିଲା । ଗୋଟିଏ ନୂଆ ଭାବ ଓ ରୂପରେ ସେମାନେ ଠିଆ ହେଲେ ।

୧୮୬୬ ମସିହା ପରର ପରେ ଓଡ଼ିଆମାନଙ୍କ ଜନଜୀବନରେ ଅଳ୍ପ ଏକ ନୂତନ ଚେତନା ସୃଷ୍ଟି ହେଲା । ଏ ନୂତନତା ଆସିଥିଲା ବଙ୍ଗଳାରୁ— ସେ ପରେ ପାଶ୍ଚାତ୍ୟ ଅନୁଗତ କରୁ ଓଡ଼ିଆ ଏବଂ ଏ ପକ୍ଷରେ ସକ୍ରିୟ ପ୍ରକାଶ ଜମିଦାରୀ କରୁଥିବା କରୁ ବଙ୍ଗାଳୀଙ୍କ ଦ୍ୱାରା । ଏହି ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ରାଜା ରାମମୋହନ ରାୟ ଭାରତୀୟ ଜୀବନରେ ଯେଉଁ ନୂତନ ଭାବ ସୃଷ୍ଟି କରିଥିଲେ ତାହା କଲ ଦେଇଥିଲା ବଙ୍ଗୀୟ ସମାଜ । ପୁଣି ବୌଦ୍ଧଧର୍ମର ଆସ୍ଥା, ଶ୍ରଦ୍ଧା, ତ୍ୟାଗ ଓ ସମ୍ପ୍ରୀତିର ଅବବୋଧରେ ସେ ହିନ୍ଦୁ, ସନାତନ, ଇସଲାମ, ଖ୍ରୀଷ୍ଟ ଓ ଅନ୍ୟ ଧର୍ମ ଗ୍ରନ୍ଥର ମୂଳ

ଶ୍ରୁତିକୁ ଆଧାର କରି ସେ ପ୍ରତିପାଦନ କଲେ ଆଲୋଚନା ମାଧ୍ୟମରେ । ବ୍ରାହ୍ମଧର୍ମ ଜନ୍ମ ନେଲା । ଧର୍ମକୁ ସମାଜ ଅଭିମୁଖୀ କରିବା ପାଇଁ ସେ ଚେଷ୍ଟା କଲେ । ଜୀବନବୋଧର ଏ ମୂଲ୍ୟବୋଧ – ଗର୍ଭିତ ବଙ୍ଗୀୟ ଶିକ୍ଷା ଓ ସାହିତ୍ୟ ଜଗତକୁ ଆସିଲା । ଧର୍ମ, ସମାଜ, ଶିକ୍ଷା ଓ ସାହିତ୍ୟକୁ ଗୋଟିଏ ଗଣ୍ଡି ଭିତରେ ବାନ୍ଧି ଦେଇପାରିଲେ । ରାଜ-ମାର୍ଗକୁ ଗୀର୍ବାଣ-ଗ୍ରନ୍ଥକୁ ଆଡ଼ କରିଦେବା ଲାଗି ଅସ୍ୱୀକାର କରିଥିଲେ । ତାଙ୍କର ସାଧାରଣୀକରଣ ସ୍ତରରେ ଶ୍ରୁତିକୁ ଦେଖାଇଲେ । ଜୀବନର ସକଳ କ୍ଷେତ୍ରରେ ପାଶ୍ଚାତ୍ୟବାଦର ଆବଶ୍ୟକତା ରହିଛି ବୋଲି ବ୍ରାହ୍ମମାନେ ବିଶ୍ୱାସ କଲେ ଏବଂ ସାହିତ୍ୟ ଓ ଶିକ୍ଷାକୁ ବିଶ୍ୱାସ ପ୍ରଚାରପ୍ରସାରଣର ମାଧ୍ୟମ ରୂପରେ ଗ୍ରହଣ କଲେ । ରାଜା ରାମମୋହନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଦେବେନ୍ଦ୍ରନାଥ ଠାକୁର, ତ୍ରୈଲୋକ୍ୟନାଥ ସାନ୍ୟାଲ ଆଦି ବଙ୍ଗ ଭୂମିର ସମକାଳୀନ ସନ୍ତାନମାନେ କଲମ ଚଳେଇଲେ । ମାତ୍ର ଧର୍ମକୁ ସମାଜ ଅଭିମୁଖୀ କରିବାର ଯେଉଁ ସ୍ୱପ୍ନ ସେମାନେ ଦେଖୁଥିଲେ ତାହା ସଫଳ ହେଲାନି । ସେମାନେ ସଂସ୍ଥା ଓ ସମ୍ପ୍ରଦାୟ ଭିତରେ ଆବଦ୍ଧ ହେଲେ । ସାହିତ୍ୟରେ ଏହା ଅଲଗା ଧାରା ସୃଷ୍ଟିର ତାହା ଅବଶ୍ୟ କାରଣ ହେଲା । ଜଳ ପହାଡ଼ି, ମତ ନା ଘରକୁ, ନବ ବୃନ୍ଦାବନ ପରି କେତେ କେତେ ଲେଖା ପ୍ରକାଶ ପାଇଲା, ମାତ୍ର ସେ ଆନ୍ଦୋଳନ ମାଟିକୁ ଛୁଇଁଲାନି । କେବଳ ପବନରେ ଭାସିବୁଲିଲା । ସେମାନେ ବୋଧହୁଏ ସାଧାରଣମାନଙ୍କୁ ଉଦାର ଦୃଷ୍ଟିରେ ଦେଖୁ ନଥିଲେ । ଲୋକମୁଖର ଭାଷାକୁ ନାକ ଟେକୁଥିଲେ । 'ଗାଉଁଗହଳିଆ ଭାଷା' ବୋଲି କହୁଥିଲେ । ଅମାର୍ଜିତ ଭାଷାରେ ସାହିତ୍ୟ ସୃଷ୍ଟି ଅନୁଚିତ ବୋଲି ଆଲୋଚନା କରୁଥିଲେ । ସେମାନେ ଚେତନାରେ ଗୀର୍ବାଣ-ଧର୍ମୀ ଥିଲେ । କଥନରେ ସାମାଜିକତାର କଥା କହୁଥିଲେ । କଥନ ଓ କରଣକୁ ଅଲଗା ଅଲଗା ପାଞ୍ଚ ଭଳାରେ ସଜାଇ ରଖିଥିଲେ । ସେମାନଙ୍କ ବାକ୍ୟବନ୍ଧ କେବଳ ଧର୍ମପନ୍ଥୀ ପାଇଁ ଥିଲା । ମାତ୍ର ପ୍ରାୟ ପଚାଶ ବର୍ଷକୁ ଅଧିକ କାଳ ଧରି ସେମାନେ ବଙ୍ଗ ଓ ଓଡ଼ିଆ ସାହିତ୍ୟ ଭୂମିରେ ଯେ ରାଜତ୍ୱ କରୁଥିଲେ, ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ ।

ବଙ୍ଗଳା ଭାଷାରେ ମିଶନାରୀ ଗଦ୍ୟଶୈଳୀ ଅଧିକକାଳ ରାଜତ୍ୱ କରିପାରି ନଥିଲା । ଆଳଙ୍କାରିକ ଗଦ୍ୟ ଆରମ୍ଭ ହୋଇଥିଲା ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଲଙ୍କାରଙ୍କ ଠାରୁ ଏବଂ ପୂର୍ଣ୍ଣତା ଲାଭ କରିଥିଲା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଠାରେ । ରାଜା ରାମମୋହନ ତାହାଣି ଲେଖିଲେବେଳେ ବେଶ୍ ସରଳ ଓ ଦ୍ୱନ୍ଦ୍ୱ ହୀନ ଶବ୍ଦରେ କଥା କହୁଥିଲେ, ମାତ୍ର ଧର୍ମ ଓ ଦର୍ଶନ ବିଷୟରେ ତର୍କ । ଏଣୁ ବହୁ ମାତ୍ରାରେ ସଂସ୍କୃତାଶ୍ରିତ ହୋଇ ଯାଉଥିଲେ । ସରଳତା ଠାରୁ ଦୂରେଇ ଯାଉଥିଲେ । ସମାଚାର ଦର୍ପଣ (ମାର୍ଶମାନ ସମ୍ପାଦିତ - ୧୮୧୮)ରେ ଯାହା ଆରମ୍ଭ ହୋଇଥିଲା ତାହା ସମ୍ବାଦ କୌମୁଦୀ (ରାଜା ରାମମୋହନଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ — ୧୮୨୮) ସମ୍ବାଦ ପ୍ରଭାକର (ଈଶ୍ୱରଚନ୍ଦ୍ର ଗୁପ୍ତ ସମ୍ପାଦିତ ୧୮୩୧) ଏବଂ ତତ୍ତ୍ୱବୋଧିନୀ (ପ୍ରଥମେ ଅକ୍ଷୟ କୁମାର

ଦତ୍ତ ସମ୍ପାଦିତ—୧୮୪୩)ରେ ପ୍ରତିଷ୍ଠା ଲାଭ କରିଥିଲା । ବୋଧୋଦୟ (୧୮୫୧) ସୀତାର ବନବାସ (୧୮୬୦), ଶକୁନ୍ତଳା (୧୮୫୪) ଆଦି ଗ୍ରନ୍ଥରେ ବିଦ୍ୟାସାଗର ନବଗଦ୍ୟ-ପ୍ରତିଷ୍ଠା କଲେ । ତାଙ୍କ ଗଦ୍ୟ ଥିଲା ଅନୁପ୍ରାସ ବହୁଳ, ସନ୍ଧିସମାସ ଯୁକ୍ତ, ଶ୍ରୁତିମଧୁର, ସଂସ୍କୃତାନୁଗ-ଶବ୍ଦ ଓ ଅଳଙ୍କାରବହୁଳ ସମୃଦ୍ଧ । ମାତ୍ର ବିଦ୍ୟାସାଗରଙ୍କ ସମୟ ବିରୋଧରେ ଯୁଦ୍ଧ ଘୋଷିଲେ 'ମାସିକ ପତ୍ରିକା' (୧୮୫୪)ର ସଂପାଦକ ପ୍ୟାରୀଚାନ୍ଦ ମିତ୍ର ଏବଂ ରାଧାନାଥ ସିକଦାର । ଲୋକମୁଖର କଥିତ ଭାଷାରେ ସାହିତ୍ୟ ଲେଖାଯିବା ଉଚିତ ବୋଲି ସେମାନେ କହିଲେ । ପ୍ୟାରୀଚାନ୍ଦ 'ଆଲାଲେର ଘରେର ଦୁଲାଲ' କଥାଭାଷାରେ ହିଁ ଲେଖିଥିଲେ । ପ୍ୟାରୀଚାନ୍ଦଙ୍କ ଶୈଳୀର ପ୍ରଭାବରେ ବିଦ୍ୟାସାଗର ମଧ୍ୟ ବାଧ୍ୟ ହୋଇଗଲେ । ସୀତାର ବନବାସର ଶେଷଭାଗର ପ୍ୟାରୀଚାନ୍ଦ ରୀତିର ହିଁ ପରିଚୟ । (୩) ସାଧୁଗଦ୍ୟ ସୃଜନର ପ୍ରଥମାବସ୍ଥାରେ ବିଦ୍ୟାସାଗରଙ୍କ ରୀତିରେ ରଚନା କରୁଥିବା ବଙ୍କିମଚନ୍ଦ୍ର ମଧ୍ୟ ତାଙ୍କ ଠାରୁ ହଟି ଆସିଲେ । 'ଦୁର୍ଗେଶ ନନ୍ଦିନୀ' ଓ 'କପାଳ କୁଣ୍ଡଳା'ର ବଙ୍କିମଚନ୍ଦ୍ର ବଦଳି ଗଲେ 'ବିଷବୃକ୍ଷ'ରେ । ବଙ୍ଗ ଦର୍ଶନ ପତ୍ରିକା (ବଙ୍କିମଚନ୍ଦ୍ର ସଂପାଦିତ—୧୮୭୨)ରେ ସେ ନିଜକୁ ନୂଆ ରୂପରେ ପ୍ରକାଶ କଲେ । ପ୍ୟାରୀଚାନ୍ଦ ଓ ବିଦ୍ୟାସାଗରଙ୍କର ଅଦ୍ଭୁତ ସମନ୍ୱୟ ଘଟିଲା ତାଙ୍କ ହାତରେ । ପରବର୍ତ୍ତୀ କାଳରେ ରବୀନ୍ଦ୍ରନାଥଙ୍କ ଅନୁଶାସନ ଚଳିତ ଗଦ୍ୟ ଶୈଳୀରେ ଅନେକ ଧାରାର କାରଣ ହେଲା । ଯାହାହେଉ ଏହି ପରବର୍ତ୍ତୀମାନଙ୍କ କଥା ଗୁଲିଥିଲାବେଳେ ଓଡ଼ିଆ ସାହିତ୍ୟିକ ଭାଷା ଏବଂ ଗାଉଁଲିମାନେ ବହୁଥିବା ଆଡ଼କୁ ଆସି ନ ଦେଇ ଇଂରେଜୀ ସମୁଦ୍ରରେ ବଙ୍ଗାଳୀ ଦେବାର ସ୍ୱପ୍ନ ଦେଖୁଥିଲେ । ସରଳ ଓ ସାବଲୀଳତା ତଥାପି ସେମାନଙ୍କ ସୀମା ଲଙ୍ଘନକୁ ଦେଇନଥିବା ଅସିପାରୁ ନଥିଲା ।

ଇଂରେଜ ଗଦ୍ୟ ଗ୍ରନ୍ଥ ବଙ୍ଗଳା ମାଧ୍ୟମ ଦେଇ ଓଡ଼ିଆ ସାହିତ୍ୟ ଉପରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ଧରି ପ୍ରଭୁତ୍ୱ କଲା । ମାତ୍ର ଓଡ଼ିଆ ଗଦ୍ୟ ପାରମ୍ପରିକ ସ୍ୱରକୁ ଆଦିରୁ ମୁକ୍ତ ହେବାକୁ ଆରମ୍ଭ କଲେବେଳେ, ଗ୍ରାମ୍ୟ ବଙ୍ଗଧାରା ପୂର୍ବ ଥରେ ତାଙ୍କୁ ନୂଆ ବେଶ ପୋଷାକର ମୋହ ଦେଖେଇଲା । ପ୍ରବୋଧ ଚନ୍ଦ୍ରିକା (୧୮୫୬) ମାଧ୍ୟମରେ ଗାନ୍ଧୀ ଲେଖି ଓଡ଼ିଆ ଗଦ୍ୟକୁ ଅଭିନବ ରୂପ ଦେବା ଲାଗି ପ୍ରଚେଷ୍ଟା କଲେ ମାତ୍ର ଓଡ଼ିଆ-ମାନେ ତାକୁ ଦେଖି ପାରିଲେନି । ବଙ୍ଗୀୟମାନଙ୍କ ଅପରୋକ୍ଷ ପ୍ରଭୁ ରୂପରେ ବିବେଚନା କରୁଥିବା ଓଡ଼ିଆମାନେ ବିଦ୍ୟାସାଗର ଏବଂ ତାଙ୍କ ସମଧର୍ମୀମାନଙ୍କର ଗଦ୍ୟ ରଚନାଗୁଡ଼ିକୁ ଓଡ଼ିଆରେ ଅନୁବାଦ କଲେ ଏବଂ ସେଗୁଡ଼ିକ ସ୍କୁଲର ପାଠ୍ୟ ବହି ହେଲା । ରାଧାନାଥ ସ୍ୱୟଂ 'ବିବେକୀ' ବୋଲି ପ୍ରବନ୍ଧଟିଏ ଲେଖିଥିଲେ ୧୮୭୩ ବେଳକୁ ଉତ୍କଳ ଦର୍ପଣରେ । ସେହି ପତ୍ରିକାରେ ଲକ୍ଷ୍ମୀନିଧି ଦୁବେ (୧୮୭୩) ନାଁରେ ଗଳ୍ପ ଟେ ଲେଖିଥିଲେ । ମଧୁସୂଦନ ମଧ୍ୟ ଉତ୍କଳ ଦର୍ପଣରେ ୧୮୭୫/୭୬ ମସିହାରେ ବୁଦ୍ଧଦେବ, ଉତ୍କଳଦୀପିକା, ଶାସନ ପ୍ରଣାଳୀ, ପିତୃଭକ୍ତି, ଏବଂ ଚନ୍ଦ୍ର ଓ ତାରା ଓ ପ୍ରଦୋଷର ଅଦ୍ଭୁତ ଉତ୍ପତ୍ତି ଆଦି ପ୍ରବନ୍ଧ ଓ କଥା ପ୍ରକାଶ କଲେ (୪) । ଉଭୟଙ୍କ ପ୍ରବନ୍ଧାବଳୀ ପ୍ରଥମେ

ପ୍ରକାଶ ପାଇଲା ୧୮୮୦ ମସିହାରେ । ଏହା ପାଠ୍ୟ ପୁସ୍ତକ ଭାବରେ ମଧ୍ୟ ପ୍ରଚଳିତ ହେଲା । ପରେ ପରେ ଉମେଶଚନ୍ଦ୍ର ସରକାରଙ୍କ ପଦ୍ମମାଳୀ (୧୮୮୮), ରାମଶଙ୍କରଙ୍କ 'ସୌଦାମିନୀ' (୧୮୭୮—୮୦), କାଞ୍ଚିକା (୧୮୯୧), ଉନ୍ମାଦିନୀ (୧୮୯୩) ଆଦି ଉପନ୍ୟାସ ଏବଂ କାଞ୍ଚିକାବେରୀ (୧୮୮୦) ବନମାଳା (୧୮୮୨) ରାମ ବନବାସ (୧୮୯୧) ଆଦି ନାଟକ, ଜଗମୋହନ ଲାଲଙ୍କ ବାବାଜି (୧୮୭୭) ପ୍ରଭୃତି ବହୁ ପୁସ୍ତକ ପ୍ରକାଶ ପାଇଲା । ଏଗୁଡ଼ିକ ଓଡ଼ିଆ ଲିପି ଏବଂ ଶବ୍ଦରେ ଲେଖା ଯାଇଥିଲା । ଓଡ଼ିଆ ପତ୍ର ପତ୍ରିକାରେ ପ୍ରକାଶ ପାଉଥିଲା । ଅନେକ ବଡ଼ ସ୍କୁଲରେ ଛୋଟ ଛୋଟ ଅବୋଧ ପିଲାମାନଙ୍କୁ ମଧ୍ୟ ପଢ଼ାଯାଉଥିଲା । ଭଲ ବନ୍ଧ ଭାବରେ ପ୍ରବନ୍ଧମାଳା ମଧ୍ୟ ପ୍ରକାଶିତ ହୋଇଥିଲା । ମାତ୍ର ସେ ଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖାଯାଇଥିଲା ବୋଲି ସ୍ୱୀକାର କରିବାକୁ ଅସମୀଚୀନ ମନେହୁଏ । ସେଗୁଡ଼ିକର ପଦବିନ୍ୟାସରେ ଅଲଙ୍କାର ସ୍ଥିତି ଏବଂ ପଦବିଭାଗରେ ବଙ୍ଗଳା ଭାଷାର ପ୍ରଭାବ ଦୋଷ ହିଁ ପରିଲକ୍ଷିତ ହୋଇଥିଲା । ସାଧୁନୀତି ଭାବ୍ୟର ଆଦର୍ଶ ଉପନ୍ୟାସ ଏବଂ ନାଟକର ରୂପକୁ ଠିକ ଧରେଇଦେଲେ । * ନାହିଁ ଆଦର୍ଶ, ବଙ୍ଗୀୟ ପ୍ରଭାବର ପ୍ରୀତିରେ ଓଡ଼ିଆ ଉପନ୍ୟାସମାନେ

---

* ରାଧାନାଥଙ୍କ ଉପାଖ୍ୟାନ ସୂତ୍ରରେ ନାୟିକା ରୂପ ବର୍ଣ୍ଣନା:-ଯେଉଁ ଗୃହରେ ସେ ବସିଥିଲା, ସେହି ଗୃହ ଭିତ୍ତି ପଦ୍ମରାଗ ମଣି ରକ୍ତ ବର୍ଣ୍ଣରେ ମଣ୍ଡିତ ହୋଇଥିବାରୁ ଭିତ୍ତିରେ ରମଣୀର ପଡ଼ି ସେଥିରେ ରକ୍ତିମା ଦୃଶ୍ୟ ପାଉଥିଲା । ସେହି ଲାବଣ୍ୟବତୀର ବୟସ ଷୋଡ଼ଶ ବର୍ଷ । ରୂପର କଥା ଅବା କ'ଣ କହିବୁ ? ଦେଖିଲେ ବୋଧ ହେଲା ଯେ, ସୌନ୍ଦର୍ଯ୍ୟ ନିଷ୍କଳା ଲଜ୍ଜା ଏବଂ ଯୌବନ ତିନିହେଁ ଏକମୂର୍ତ୍ତି ଧରି ଅବତୀର୍ଣ୍ଣ ହୋଇଅଛନ୍ତି × × ସେହି ସ୍ୱର୍ଗୀୟ ଲାବଣ୍ୟ ଦେଖି ଅନ୍ୟ ମନ ଏପରି ଅଭିଭୂତ ହେଲା ଯେ, ସୁନ୍ଦରୀ ଶରୀରରେ ଧରନ୍ତି ନାହିଁ (ରାଧାନାଥ ଗ୍ରନ୍ଥାବଳୀ : ଦ୍ୱିତୀୟ ସଂସ୍କରଣ, ୧୯୧୮, ପୃ-୪୧୩) ।

* ମଧୁସୂଦନଙ୍କ ପ୍ରସ୍ତାବର ଅଦ୍ଭୁତ ପରିଣାମ ନାୟକର ରୂପ ସଂକେତରେ :—'ସମ୍ପ୍ରତି କନ୍ୟାର ଯୌବନାରମ୍ଭ ହେଲା । ତାକୁ ହେବାର ଶରୀର ଲୁଚେଇବାକୁ କରିବାକୁ ଦେଲେ ନାହିଁ । ମାତ୍ର ସିଂହଳର ସେଠି ପାର୍ଶ୍ୱରେ ଅବରୁଦ୍ଧ କରିବାକୁ ସାହସୀ ହୁଅନ୍ତି ନାହିଁ, ପ୍ରଶସ୍ତ ସେପରି ପାର୍ଶ୍ୱରେ ସୂତା ବର୍ଣ୍ଣନ ହୋଇ ଭ୍ରମଣ କରେ' (ମଧୁସୂଦନ ଗ୍ରନ୍ଥାବଳୀ, ଗ୍ରନ୍ଥ ମନ୍ଦିର କଟକ, ୧୯୬୫, ପୃ ୪୫୮) ।

* ରାମଶଙ୍କର ରାୟଙ୍କ କାଞ୍ଚିକାରେ ହେମଲତାର ବର୍ଣ୍ଣନା— 'ଦୁଇଟି ଚଞ୍ଚଳ ଅଳ୍ପେଳମାନ ଅପୂର୍ବ ସୁନ୍ଦର ଦିଶୁଥିଲା । 'ଅଧି ତାପ ଜ୍ୟୋତ୍ସ୍ନାର ତୁଳନା ହୋଇ ନାହିଁ । ହେମ ଶୀତ କାଳୀନ କୁହୁଡ଼ି କାଳରେ ମଳିନ ହୋଇଛି । ହେମଲତାର ନେତ୍ର ହେଉନ ଏକାବେଳକେ ତାହାକୁ ପରିତ୍ୟକ୍ତ କଲା । ହେମଲତାର ଅଙ୍ଗେନ ଦେଖି ଏମନ୍ତ ମନରେ ଅନୁମାନ ହେଉଅଛି, ଶରତର ଜ୍ୟୋତ୍ସ୍ନାକୁ ନିସ୍ତବ୍ଧତା ଭାବେଣ ପଥ କରିଅଛି । ଶତ୍ରୁ ଛତ୍ରୀଙ୍କୁ ଦେଖି ପଣ୍ଡିତ ପ୍ରାପ୍ତ ବମ ଜଗତର ତୁମୁଳ ଧ୍ୱନି ଜ୍ୟୋତ୍ସ୍ନାମୟ ନୀଳ ଆକାଶ ଭେଦ କରି ନ ଚନ୍ଦ୍ରଲୋକକୁ ଶୁଣାଉଅଛି ।" (ରାମଶଙ୍କର ଗ୍ରନ୍ଥାବଳୀ), ଶ୍ରୀରାମଶଙ୍କର ରାୟ କର୍ତ୍ତୃକ ପ୍ରଣୀତ ଓ ପ୍ରକାଶିତ, ୧୯୩୦, ପୃ – ୬୩୯ ।)

କହାଯାଉଥିଲେ । ସେ ସଦାଙ୍କୁ ଟୀକା ଓ ଭୂଷଣ ଗର୍ବିତ ଅଭିଜାତ ଅଭ୍ୟନ୍ତ୍ର ବୋଲି କୁହାଯାଇ ପାରେ । ସେ ଗୁଣ୍ଡିକ ଲୁଗରେ ଓଡ଼ିଆର ଆତ୍ମା ନଥିଲା । ନବ ସାମନ୍ତମାନେ ପାଲିଶ୍ରୁଲବ ଭାଷାକୁ ସାହିତ୍ୟରେ ପ୍ରୟୋଗ କରି ଧବଳାଙ୍ଗ: ଶବସ୍ତନ୍ତ୍ର କୁଣ୍ଠିତ କରିବାକୁ ବୋଧହୁଏ ଭୁଲି ଯାଇ ନଥିଲେ । ସେମାନେ ଜନଙ୍କୁ, ଜନର ଜନଜୀବନ ପ୍ରଣାଳୀ ଏବଂ ସୁଦୂର ବଦେଶୀ ତାହାଙ୍କୁ ଠିକ ଭାବରେ ଅନୁଭବ କରିପାରୁ ନଥିଲେ । ସେମାନଙ୍କର ସାହିତ୍ୟରେ ଗଦ୍ୟ ରଚନାର ଯେ ଏକ ସ୍ୱତନ୍ତ୍ର ପରମ୍ପରା ଥିଲା, ଏହାକୁ ସେମାନେ ଆକଳନ କରି ପାରୁ ନଥିଲେ । ଗଦ୍ୟ କହିଲେ ସେମାନେ କ'ଣ ନାହିଁ କଣ ବୁଝୁଥିଲେ ।

ତେଣୁ ଅତର୍କିତ ଅଧ୍ୟାୟକୁ ଉଦ୍ଧାର କରିବାକୁ ହେଲେ, ମିଶନାରୀଙ୍କ ପରି ବ୍ରାହ୍ମଧର୍ମୀ ଗଦ୍ୟରେ ଓଡ଼ିଆ ଭାଷାର ଆତ୍ମା ଉପେକ୍ଷିତ ଥିଲା । ଏମିତି ଏ ସମୟରେ ଗୌରୀଶଙ୍କର ଅପଣା ସାଧରେ ବୋଧହୁଏ ପ୍ରତିଜ୍ଞା କରିଥିଲେ ପ୍ରକାଶ ଭଙ୍ଗୀରେ ନାଟକ ସ୍ୱ ଲେ-ମାନଙ୍କୁ ପ୍ରକାଶ କରିବା ପାଇଁ । ସେ ଓଡ଼ିଶାର ଧର୍ମ, ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ଓଡ଼ିଆ ଜାତିକୁ ଭଲଭାବେ ଭଲ ପାଉଥିଲେ । ପ୍ରଚଣ୍ଡ ପ୍ରତିଭାଶାଳୀ ତାଙ୍କ ଲେଖକ ଅଂଶାସନକୁ ଅଙ୍କୋଶ କରିଥିଲା । ତାଙ୍କ ଲେଖନରେ ଜନତାର ଅନ୍ତରଣ ପ୍ରକାଶିତ ହେଉଥିଲା । ତାଙ୍କ ବ୍ୟକ୍ତିତ୍ୱ ଲୁପ୍ତପ୍ରାୟ ହୋଇଥିବା ଅଞ୍ଚଳମାନଙ୍କରେ । ସେ ସାହିତ୍ୟ ଲେଖୁ ନଥିଲେ । ମାତ୍ର ତାଙ୍କର ପ୍ରତିଭାଶାଳୀ ସାହିତ୍ୟିକ ଉଦ୍ଭୁତ ଥିଲା । ସେତେ ଅଭିଭୁତିକୁ ଜନ୍ମ ଦେଇଥିଲେ, ପ୍ୟାରୀମୋହନ, ଫକୀରମୋହନ, ପଣ୍ଡିତ ମୃତ୍ୟୁଞ୍ଜୟ, ବିଶ୍ୱନାଥ, ଗୋପାଳ ଚନ୍ଦ୍ର ପ୍ରହରାଜ, ମଧୁସୂଦନ ଏବଂ ଗୋପବନ୍ଧୁଙ୍କ ପରି ଗଦ୍ୟକାର ମାନେ । ଉତ୍କଳଦୀପିକାର ପୃଷ୍ଠାରେ ଗଦ୍ୟଶୈଳୀକୁ ଅଧିକାର ଦେଲା, ଉପେକ୍ଷିତ ଓଡ଼ିଆ ଅସ୍ମିତା ସ୍ୱର ଏବଂ ଭାଷା ସାହିତ୍ୟ ଚେତନାର ମାଧ୍ୟମରେ ଏକ ନୂତନ ରୂପରେ ଅଭ୍ୟ ପ୍ରକାଶ କଲା । ତେଣୁ ଉନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟକୁ ଗୌରୀଶଙ୍କରଙ୍କର ଅଗ୍ନିକ ଦ୍ୱାରରେ ଯାନ୍ତ୍ରିକ ଭାବରେ ପରିଷ୍କାର କରିବା ଅନୁଚିତ ନୁହେଁ ।

## ॥ ତିନି ॥

ମଣିଷଟିଏ ଯାହା କୁହେଁ ଏବଂ ଲେଖେ, ତା' ଭିତରେ ସେ ବଞ୍ଚି ଥିବା ସମସ୍ତ ଏବଂ ତା ଜୀବନର ଅନୁଭୂତି ଅଭିଜ୍ଞତା ଭାବରେ ପ୍ରକାଶିତ ନ ହେଲେ, ଅନ୍ୟମାନେ ତାକୁ ହୃଦୟଙ୍ଗମ ଠିକ୍ ଗ୍ରହଣ କରିପାରନ୍ତି ନାହିଁ । ଗୌରୀଶଙ୍କର ଅଧିକା ଲେଖା ଭିତରେ ଜଣେ ସମ୍ପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇଥିଲେ । ସେ ମୁଖ୍ୟତଃ ଥିଲେ ଜଣେ ସାମ୍ବାଦିକ । ସାମ୍ବାଦିକ ସତ୍ୟାନ୍ୱେଷୀ ଏବଂ ନିର୍ଭୀକ । ତାଙ୍କର ସମ୍ପାଦନାରେ ପ୍ରକାଶିତ ଏବଂ ତତ୍ତ୍ୱାବଧାନରେ ପରିଚାଳିତ ଦୌଅ ସ୍ୱାଧୀନତା 'କଟକ ପ୍ରିଣ୍ଟିଂ କମ୍ପାନୀ'ରୁ 'ଉତ୍କଳ ଦୀପିକା' ସମ୍ବାଦପତ୍ର ପ୍ରଥମେ ପ୍ରକାଶ ପାଇଲା ୧୮୬୬ ମସିହା

ଅବସ୍ଥା ମାତ୍ର ଦୃଢ଼ ଭାବରେ, ଏକ ସାମ୍ବାଦିକ ସମ୍ପାଦକ ଭାବରେ । ପତ୍ରିକା ସମ୍ପାଦନା ଏବଂ ପ୍ରକାଶନ କାର୍ଯ୍ୟରେ ସେ ସ୍କୁଲର ପିଲାମାନଙ୍କ ପାଇଁ ପାଠ୍ୟପୁସ୍ତକ ଲେଖିଥିଲେ । ଭୂଗୋଳ ତତ୍ତ୍ୱ ବା ପ୍ରାକୃତ ଭୂଗୋଳର ପ୍ରଥମ ଓ ଦ୍ୱିତୀୟ ଭାଗ ଯଥାକ୍ରମେ ପ୍ରକାଶ ପାଇଥିଲା ୧୮୭୦ ଏବଂ ୧୮୭୨ ମସିହାରେ । ବଙ୍ଗଳାରେ ଲିଖିତ-ଇତିହାସର ମଧ୍ୟ ସେ ଓଡ଼ିଆ ଅନୁବାଦ କରିଥିଲେ । ଅନେକ କାବ୍ୟ କବିତା ଲେଖିଥିଲେ ଏବଂ ସେଗୁଡ଼ିକ ବିଭିନ୍ନ ସମୟରେ ପ୍ରକାଶ ପାଇଥିଲା ଉତ୍କଳ ଭାଷାର ପୁଷ୍ଟିରେ । ଜଗନ୍ନାଥ ସିଂହଙ୍କ ସହଯୋଗରେ ହେମସୁଧାନିଧି (୧୮୭୨) ରସପଞ୍ଚକ (୧୮୭୨) ଏବଂ ରସିକ ହାରାବଳୀ ଆଦି ଶୃଙ୍ଗାରଧର୍ମୀ କାବ୍ୟଗ୍ରନ୍ଥ ସମ୍ପାଦନା କରିଥିଲେ । ଉପେନ୍ଦ୍ରଙ୍କ ଲାବଣ୍ୟବତୀ (୧୮୭୦), ସହିତ ବୈଦେହୀଶ ବିଳାସ, କଳ୍ପଲତା ଆଦି (୧୮୭୨) ଏବଂ ଅନେକ ଶୃଙ୍ଗାରଧର୍ମୀ କାବ୍ୟ କବିତାର ମୁଦ୍ରଣ ଓ ପ୍ରକାଶନର ଗୁରୁଦାୟିତ୍ୱ ସେ ତୁଲାଇଥିଲେ । ଏପରିକି ଅଶ୍ଳୀଳ ସଙ୍ଗୀତ ବା ନାଟକ ଗୀତ (୧୮୯୧) ବହି ମଧ୍ୟ ସମ୍ପାଦନା କରିଥିଲେ । ତାଙ୍କର ସହଯୋଗରେ କଟକ ପ୍ରିଣ୍ଟିଂ କମ୍ପାନୀରୁ ଅନ୍ୟ ପ୍ରକାଶ କରିଥିଲା ଭଗବାନଚନ୍ଦ୍ର ଦାସଙ୍କ ସମ୍ପାଦନାରେ ବାଳପତ୍ରିକା, ଉତ୍କଳ ଶୁଭକରୀ (୧୮୭୯) ଏବଂ ଏକ ଇଂରାଜୀ ପତ୍ରିକା 'କଟକ ଷ୍ଟାର' (ସେପ୍ଟେମ୍ବର ୧୮୭୯) । ମାତ୍ର କେବଳ ତାଙ୍କର ସେ ଉଦ୍ଦେଶ୍ୟରୁ ଉଦ୍ଧାର ପଢ଼ାବହି ଲେଖି ନଥିଲେ । ଉଦ୍ଧ ବେଳେବେଳେ ବ୍ୟକ୍ତିଗତ ଅଧ୍ୟକ୍ଷ୍ୟ କାବ୍ୟ ସମ୍ପାଦନା କରିନଥିଲେ । ୧୮୭୦ ମସିହାରେ ଅଧିକ ପତ୍ରିକା ସମ୍ପାଦନ ଓ ପ୍ରକାଶ ପାଇଁ ଚେଷ୍ଟା କରି ନଥିଲେ । ଆପଣାର ସବୁ ସମୟ ଉତ୍କଳ ଦୀପିକା ସମ୍ପାଦନା ଓ ପ୍ରକାଶନରେ ବ୍ୟସ୍ତ କରୁଥିଲେ । ଭଲପତ୍ରା ବହି ରଚନା, ଭଲ ସାହିତ୍ୟ ସର୍ଜନା ଏବଂ ଭଲ ପତ୍ରିକା ପ୍ରକାଶନ ପାଇଁ ଭୂମି ପ୍ରସ୍ତୁତ କରୁଥିଲେ । ଭଲ ସ୍ରଷ୍ଟାଙ୍କୁ ଆଗକୁ ଦେବାପାଇଁ ସାଧନା କରୁଥିଲେ ।

ନିଜେ କିଛି ହେବା ଅପେକ୍ଷା, ଅନ୍ୟମାନଙ୍କ ପାଇଁ ହେବାର ବାଟଦେବା ଓ ସୁଯୋଗ ସୃଷ୍ଟି କରିବା ହେଉଛି ବଡ଼କଥା । ତାହା ଏକ ଗଭୀର କଥା । ଏହା ସମସ୍ତଙ୍କ ଦ୍ୱାରା ହୋଇପାରେନା । ଏହା ସମ୍ଭବ ହୁଏ ତପସ୍ୱୀମାନଙ୍କଦ୍ୱାରା । ବୌଦ୍ଧମାନଙ୍କର ଗୋଲ୍ଲା ଘର ଭିତରେ ଜୀବନ କଟିଥିଲେ । କିଛି ବର୍ଷ ପାଇଁ ସରକାରୀ ଚାକିରି କରି ଅବସର (୧୮୫୯-୮୨) ନେଇଥିଲେ । ଗ୍ରାମାଞ୍ଚଳ ଅଗିରେ ଜଙ୍ଗଲ ଏବଂ ବସ୍ତିମାନଙ୍କ ମାଟି ଉପରେ ଠିଆ ହୋଇ ଅଟଳ ଓ ଅବସାଦର ଅନୁଭବ ଏବଂ ବ୍ୟାପକ ପାଇଁ ତପସ୍ୟା କରୁଥିଲେ । ତାଙ୍କ କଲମରେ ସମୃଦ୍ଧ ଶୋଷଣ ଓ ଜୀବନ ଦୁଃଖ ଅନୁଭବର ଛବି ନେଇ ପ୍ରକାଶିତ ହେଉଥିଲା । ନିଜ ଭୂମିରେ ସେ ଯେଉଁ ବାଟଟି ଧରିଥିଲେ, ତାହା ଭବିଷ୍ୟତର ଉତ୍ତରସୂରି ସମାଜଗଠନର ଥିଲା ଆତ୍ମସମର୍ପଣ । ତାଙ୍କ ଜୀବନରେ ଦୁଇଟା ଥିଲା । ନିଜକୁ ବଡ଼ କରି ଦେଖେଇହେବାର ନିଶା ଚୋରି କରି ନଥିଲା । ଅତଏବ ଅନେକର ସ୍ତୁତି ସ୍ତୁଣୀ କରିବାର ସ୍ୱଭାବ ବା ନଥିଲା । ସମସ୍ତ୍ୟ ଅବଗାହନ ଓ ପ୍ରକୃତ ଖାଣ୍ଟିପଣର ମର୍ଯ୍ୟାଦା ଦେବା ପରେ ତାଙ୍କ

ଚେତନା ଜାଗ୍ରତ କରୁଥିଲା । ସେ ଯାହା କରୁଥିଲେ ଏବଂ ଲେଖୁଥିଲେ ସକଳ କ୍ଷେତ୍ରରେ ସେ ବୁଦ୍ଧି ରଖୁଥିଲେ ଏବଂ ତାହା ଥିଲା ସମକାଳୀନ ଓଡ଼ିଶାର ସମସ୍ୟା-ବଳୀର ସ୍ୱର ଓ ସ୍ୱାକ୍ଷର । ସ୍ୱର ଓ ଅକ୍ଷର ଭିତରେ ପ୍ରସ୍ତାର ଗଭୀର, ମନ ଓ ପ୍ରାଣ ପରିପୂର୍ଣ୍ଣ ଭାବରେ ନ ଥିଲେ, ରୂପାୟିତ ହେବାକୁ ଦର୍ଶକ ବା ଶ୍ରୋତା ପାଉଣାର ସକାଏ । ପୁଣି ଜଣେ ସାମ୍ବାଦିକର ଲେଖାରେ, ସବୁକଥା ଅପେକ୍ଷା ସତ୍ୟ ଓ ବାସ୍ତବତାର ଗୁରୁତ୍ୱ ଅଧିକ ପରିମାଣରେ ଥାଏ । ସେତେବେଳେ ସମସ୍ୟା ଏବଂ ବ୍ୟବସ୍ଥାର ପରିବର୍ତ୍ତିତ ରୂପ ସବୁଠି ସମ-ଭାବରେ ତାଙ୍କୁ ପାଠପଢେଇବାକୁ ପଡ଼େ । ଅର୍ଥାତ୍ ୧୮୬୬ ମସିହାରୁ ସେ ଯାହା ଦେଖୁଥିଲେ ଏବଂ ଦେଖା ତାଙ୍କୁ ଯେମିତି ଲେଖୁଥିଲେ ତାହା କ୍ରମଶଃ ବଦଳି ବଦଳି ଚାଲିଥିଲା ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ । ତେଣୁ ଗୌରୀଶଙ୍କରଙ୍କ ସମ୍ବାଦ ପରିବେଷଣ ସଙ୍ଗେ ଉତ୍କଳ ଓଡ଼ିଆ ଜାତୀୟ ପରିବର୍ତ୍ତିତ ରୂପର ଦର୍ପଣ ଅଟେ । ତେଣୁ ତାଙ୍କ ଲେଖା ଭିତରେ ତାଙ୍କ ବ୍ୟକ୍ତିତ୍ୱ ସହିତ ପ୍ରାୟ ୧୯୧୦ ମସିହା ପର୍ଯ୍ୟନ୍ତ ଓଡ଼ିଆ ଜାତୀୟ ଜୀବନ ପରିବର୍ତ୍ତିତ ରୂପ ଲକ୍ଷ୍ୟ କରାଯାଏ ।

ପ୍ରଶାସନିକ ବ୍ୟବସ୍ଥା ହେଉଛି ଗୋଟିଏ ଜାତିର ଭାଷା, ସାହିତ୍ୟ, ଧର୍ମ, ଶିକ୍ଷା, ସାମାଜିକ ଆର୍ଥନୈତିକ ଅବସ୍ଥା ସବୁ ଉପରେ ପ୍ରଭାବ ପକାଇଥାଏ । ସନ ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ଭୟାନକ ରୂପ, ତାତ୍କାଳିକ ଓଡ଼ିଶାର ପ୍ରାୟ ଏକ ତୃତୀୟାଂଶ ଲୋକଙ୍କୁ ଗ୍ରାସ କରିବାର କାରଣ ଥିଲା— ସରକାରଙ୍କ ପ୍ରଶାସନିକ ଅଦୂରଦର୍ଶିତା । ସେ କାଳରେ ଓଡ଼ିଆଙ୍କ ଉପରେ ପଡ଼ିଥିବା କାଳର କୋପଦୃଷ୍ଟି ସବୁ ଦିଗରୁ ବାଢ଼ ଆସିବାର ଲାଗିଥିଲା । ଜାତି ବିଲୋପର ବହୁବିଧ ଓଡ଼ିଆ ଭାଷା, ତା'ର ସାହିତ୍ୟ, ପରମ୍ପରା ଉପରେ ଆକ୍ରମଣ ଆରମ୍ଭ ହୋଇ ସାରିଥିଲା । ସୂକ୍ଷ୍ମଦର୍ଶୀ ଦୃଷ୍ଟି ନେଇ ଗୌରୀଶଙ୍କର ଯାହା ଦେଖୁଥିଲେ ଏବଂ ଅନୁଭବ କରୁଥିଲେ, ତାହା ପ୍ରକାଶ କରୁଥିଲେ ଉତ୍କଳ ଦୀପିକା ପତ୍ରିକାରେ, ତେଣୁ ସ୍ୱାଭାବିକ ଭାବରେ । ସମସ୍ତ, ପ୍ରଶାସକ ଏବଂ ପଣ୍ଡିତମାନଙ୍କ କୋଳାହଳ ଭିତରେ ଲୁଚି ରହିଥିବା ଏକ ପ୍ରାଚୀନ ଜାତିକୁ ନୂଆ ଚେତନାରେ ଉଦ୍ବୋଧନ କରିବା ପାଇଁ ଯୋଗ୍ୟ ଉପାଦାନ ଅବଦାନ — ତାହା ଉଦ୍ଧାର କରିବାକୁ ଆଗେଇ ଆସିଥିଲେ ଗୌରୀଶଙ୍କର ଏବଂ ତାଙ୍କ ସହିତ ଥିଲା ପତ୍ରିକାର ଅହେତୁକ ସମ୍ବୋଧନ ଅନ୍ତର୍ଦୃଷ୍ଟି ।

ଓଡ଼ିଆମାନେ ଇଂରେଜ ଓ ଅନ୍ୟ ଭାରତୀୟମାନଙ୍କ ସହ ପାଦମିଳାଇ ଚାଲି ନ ପାରିବାର ଅନେକ କାରଣ ଥିଲା । ଓଡ଼ିଶାରେ ଅଧିକ ସ୍କୁଲ ନଥିଲା । ଯୋଉ କେତେକ ସ୍କୁଲ ଥିଲା— ସେଥିରେ ବହୁତ କମ୍ ପଢୁଥିଲେ । ସେମାନଙ୍କ ପଢ଼ା ପାଇଁ ଏ ଭାଷାରେ ଉପଯୁକ୍ତ ବହି କୌଣସି ହୋଇ ନଥିଲା । ଯେଉଁ ବହିଗୁଡ଼ିକ ଚଳୁଥିଲା ସେ ଗୁଡ଼ିକୁ ଲେଖିଥିଲେ ଇଂରେଜ ପାଦ୍ରୀ ଓ ବଙ୍ଗାଳୀ । ଯେଉଁ ଅଳ୍ପ କେତେକ ଓଡ଼ିଆ ବହି ଲେଖିଥିଲେ ସେ ଗୁଡ଼ିକ ଥିଲା ବଙ୍ଗଳା ଓ ଇଂରାଜୀ ଭାଷାରେ ଲିଖିତ ବହିର ଅନୁବାଦ । ସେ ବହି ଗୁଡ଼ିକ ପାଠକମାନଙ୍କ ଅବବୋଧରେ ବାଧାସୃଷ୍ଟି କରୁଥିଲା । ବଙ୍ଗଳାରେ ୧୮୧୮ ବେଳକୁ ଛାପାଖାନା ପ୍ରତିଷ୍ଠା ହୋଇଥିଲା, ଓଡ଼ିଶାରେ ତାହା ହେଉ

ହୋଇ ନ ଥିଲା ୧୮୮୦ ମସିହା ପର୍ଯ୍ୟନ୍ତ । ସେଣୁ ଗୌରୀଶଙ୍କର ଓଡ଼ିଆ ବହି ଲେଖିବା ପାଇଁ ଏବଂ ଓଡ଼ିଶାରେ ସ୍କୁଲବୁକ୍ କମିଟି ଗଢ଼ିବା ପାଇଁ ଓଡ଼ିଆମାନଙ୍କୁ ଏବଂ ସରକାରଙ୍କୁ ଆହ୍ୱାନ ଦେଉଥିଲେ । "ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦେଲେ ଯେ ବହୁତ ପୁସ୍ତକର ମୁଦ୍ରଣ ହେବ, ଏହା ସମସ୍ତେ ଅନୁଭବ କରୁ ଥାଇବେ × × ଆମ୍ଭମାନଙ୍କର ଉଦ୍ଦେଶ୍ୟ ଏହି ଯେ ଉତ୍କଳ ପୁସ୍ତକର ଦୋଷଗୁଣ ବିଷୟ ବିଦେଶୀ ଲୋକଙ୍କ ଦ୍ୱାରା ଭ୍ରମ ହେବ ନାହିଁ । ଅତଏବ ସତ ପୁସ୍ତକ ନାନା ନ ହେବାରୁ ଭଲ ହୋଇ ପରିବର୍ତ୍ତିତ ହେବ । ଦେଶ ଭାଷାକୁ ସମାନ ରୂପେ ଜାଣି ଥିବା ବ୍ୟକ୍ତିଙ୍କ ଦେହ ଓଡ଼ିଆରେ ପ୍ରକାଶିତ କରି ପାରିବେ ନାହିଁ । ସୁତରାଂ ପାଠ୍ୟପୁସ୍ତକ କମିଟି ହୋଇ ଲଗାଯା ନ ଯିବ ।" ବୋଲି ଲେଖିଥିଲେ । (ଉ. ଦୀ. ତା ୪.୪.୧୮୭୮) ପାଠ୍ୟ ପୁସ୍ତକ ଲେଖନ, ମୁଦ୍ରଣ, ନିର୍ବାଚନ ଓ ବିତରଣ ସବୁ କଥାକୁ ସେ ସମାଲୋଚନା କରୁଥିଲେ । ମାନ ଉପରେ ଗୁରୁତ୍ୱ ଦେଉଥିଲେ । ନାରୀଶିକ୍ଷାର ପ୍ରସାର ଉପରେ ମଧ୍ୟ ଗୁରୁତ୍ୱ ଦେଉଥିଲେ । "ନାରୀମାନଙ୍କ ଶିକ୍ଷା ବିସ୍ତାର । ସଂସାରରେ ମନୁଷ୍ୟଙ୍କୁ ପଶୁ ଓ ଗୃହିଣୀ ନାରୀ ସବୁକୁ ଅରଣ୍ୟ ବୋଲି ଶାସ୍ତ୍ର ଯାହା କହନ୍ତି ତାହା କଥାକୁ ସତ୍ୟ × × ନାରୀ କେବଳ ସୁଖ ଦିଅନ୍ତି ମନୁ କହ ଅଛନ୍ତି ନୁହେଁ । ମାତ୍ର ସେମାନଙ୍କର ଅବସ୍ଥା, ଶିକ୍ଷା ପାଳନ ଉତ୍ପାଦ ସକଳ ସବୁ ନାରୀ ହାତରେ ଅଛି । ବୋଲି ଲେଖିଥିଲେ ଏବଂ ଉତ୍କଳର ନାରୀଶିକ୍ଷାର ସମ୍ବନ୍ଧ ପରାମର୍ଶ, ସେମାନଙ୍କ ସାମାଜିକ ମର୍ଯ୍ୟାଦା ବିଷୟରେ ମଧ୍ୟ ଅନେକବାର କହୁଥିଲେ । (ଉ. ଦୀ ତା ୩୦-୯-୧୮୭୧, ତା ୫-୧୧-୧୮୮୧ ) ଏ ଲେଖାରେ ଓଡ଼ିଆମାନଙ୍କୁ ଅବୋଧ ସ୍ୱଭାବ ଜ୍ଞାନବାହିନୀ ବିଦେଶୀମାନଙ୍କୁ ସମାଲୋଚନା କରି ଲେଖିଥିଲେ : "ଓଡ଼ିଆ-ମାନେ ସ୍ୱଭାବତଃ ଅବୋଧ", ଏହି ପ୍ରବାଦ ଯଥାର୍ଥ କି, ନା ? ବିଦେଶୀୟ ଲେଖକ କହନ୍ତି—ଓଡ଼ିଆମାନଙ୍କର ଜ୍ଞାନ ଏପରି ସ୍ଥୂଳ ଯେ, ନାନା ପ୍ରକାର ଚେଷ୍ଟା କଲେ ମଧ୍ୟ ସେମାନେ କୌଣସି ପ୍ରକାରରେ, କୌଣସି ବିଷୟରେ, ସୁଶିକ୍ଷିତ ହୋଇ ପାରନ୍ତି ନାହିଁ । × × ସକଳ ବିଷୟରେ ଓଡ଼ିଆମାନେ ସ୍ୱଭାବରେ ପାରଦର୍ଶୀ । କେବଳ ଦେହ ଭଣ୍ଡାମି ଦାନା ନ ଥିବାରୁ ... ... .. ଉତ୍କଳୀୟମାନଙ୍କର ବୁଦ୍ଧି ମହତ୍ତ୍ୱ ଓ ସେ ସମସ୍ତ ପ୍ରମାଣ ଦେଖାଯାଉ ଅଛି । (ଉ. ଦୀ. ୧୮୭୭) ।" ଗୌରୀଶଙ୍କର ସମ୍ପାଦକୀୟରେ କେବଳ ନିଜର ଅଭିମତ ଦେଇ ନାହାନ୍ତି । ପ୍ରକୃତ ଭୂଗୋଳ ବା ଭୂଗୋଳ ତତ୍ତ୍ୱ ତାଙ୍କ ଆଦର୍ଶର ରୂପାୟନ । ସ୍କ୍ରିଟ୍ ଆର୍ଜି, ହକ୍ସ, ହାରିସନ ଏବଂ ଷ୍ଟେନ୍ସ୍ ଭଳି ମନୀଷୀ ଭୂଗୋଳ ବିଷୟ ସାହାଯ୍ୟରେ ସେ ଜଳ ଉଚ୍ଚତାର ପରି-କଳ୍ପନା କରିଥିଲେ ସୁଦ୍ଧା, ଗଣ ଉପଯୋଗ ଓ ବାତ୍ୟାତଳ ସ୍ଥଳରେ ସେ ନୂତନତା ଆଣିବାକୁ ଚେଷ୍ଟା କରିଥିଲେ । * ତାଙ୍କ ଅନୂଦିତ ଉଦ୍ଧୃତାଂଶ ପଢ଼ ଏଥିରେ ସମାପ୍ତ

---

* ପୃଥିବୀ ଶବ୍ଦ ଉଚ୍ଚାରଣ କଲେ ପୃଥିବୀର ସକଳ ବିବରଣୀ ଜଣାଯାଏ, ତାହାକୁ ଭୂଗୋଳ ଶାସ୍ତ୍ର କହନ୍ତି । କେବଳ ପୃଥିବୀର ଗଠନ ଆକୃତି ଓ ପ୍ରକୃତି ଜାଣିଲେ ସେ ଭୂଗୋଳ ବିଦ୍ୟା କହାଗଲା, ଏମନ୍ତ ନୁହଁଇ । ପୃଥିବୀର ଉପର ଓ ଅନ୍ତରରେ

ଶବ୍ଦ, ସର୍ବନାମ, କାବ୍ୟଧର୍ମୀ ବର୍ଣ୍ଣନା ଶୈଳୀ ପ୍ରାଧାନ୍ୟଲାଭ କରିନଥିଲା । ତେବେ ପ୍ରାୟ ଶବ୍ଦାଳୁ ପ୍ରଥମାବସ୍ଥାରେ ଉପାଖ୍ୟାନରୀତି ଶୈଳୀର ପ୍ରେମରେ ପଡ଼ିଥିଲେ ସୁଦ୍ଧା, ପରବର୍ତ୍ତୀକାଳରେ ସେଥିରୁ ମୁକ୍ତ ପାଇବାପାଇଁ ଚେଷ୍ଟା କରିଥିଲେ । ୧୮୭୬ରେ ଉତ୍କଳ ଦର୍ପଣରେ ପ୍ରକାଶିତ ସୁଧାକରଙ୍କ ସ୍ୱଦେଶ, ମଧୁସୂଦନଙ୍କ ବାଦ୍ ଓ ବାଲ୍ୟ, ବୁଦ୍ଧଦେବ, ସୂର୍ଯ୍ୟ, ଜଳବାଷ୍ପ, ଶୌଦାମିନୀ ଓ ରୂପ ଆଦି ପ୍ରବନ୍ଧ ଏବଂ ପ୍ରଶଂସାର ଅଦ୍ଭୁତ ପରିଣାମ, ଭଣ୍ଡାମିର ଫଳ (*) ଆଦି କଥାର ଗଦ୍ୟକୁ ସେ ସୁନ୍ଦରଭାବେ ଦେଖିପାରୁ ନଥିଲେ । ୧୮୮୦ ମସିହାରେ ମଧୁବାବୁଙ୍କ ଲିଖିତ ପ୍ରବନ୍ଧମାଳା ପାଠ୍ୟ-ପୁସ୍ତକ ରୂପରେ ମନୋନୀତ ହେବା ଯୋଗୁଁ ସେ ସ୍ୱତନ୍ତ୍ର ପ୍ରକାଶ କରିଥିଲେ । ସେ ପ୍ରଭାବ ନିର୍ଭୀକ ସମାଲୋଚନା କରିଥିଲେ (ଉ ଦୀ ତା ୨୮.୨.୮୦) । ମଧୁବାବୁଙ୍କ ଗଦ୍ୟ ଯେ ବାଳ-ଉପଯୋଗୀ ନୁହେଁ, ଏହା ସେକାଳର ସଚେତନ ଓଡ଼ିଆ-ମାନେ ଅନୁଭବ କରିଥିଲେ । ବାଲେଶ୍ୱର ସମ୍ବାଦବାହିକା, ଶିକ୍ଷାବନ୍ଧୁ, ସମ୍ବଲପୁର ହିତୈଷିଣୀ, ଉତ୍କଳ ମଧୁପର ସମ୍ପାଦକମାନେ ମଧ୍ୟ ମଧୁବାବୁଙ୍କ ଗଦ୍ୟଶୈଳୀକୁ ସମାଲୋଚନା କରିଥିଲେ ଏବଂ ଗୌରୀଶଙ୍କର ପ୍ରଶ୍ନମାନଙ୍କ ଉତ୍ତରରେ ଓଡ଼ିଆଭାଷାର ସଂସ୍କାର ପାଇଁ ଯେପରି ସ୍ୱତନ୍ତ୍ରଚିନ୍ତକ ଥିଲେ । (୭)

ସାହିତ୍ୟମାନଙ୍କ ସହିତ ଓ ଭାଷା ମର୍ଯ୍ୟାଦା ଓ ସାମ୍ପ୍ରଦାୟିକତାର ସୁରକ୍ଷା ପାଇଁ ଆପଣା ପାଖରେ ସ୍ୱତନ୍ତ୍ରଚିନ୍ତକ ଥିଲେ ଏବଂ ଏହା ପ୍ରକାଶ ପାଏ ସେମାନଙ୍କ ଭାଷା ଓ ଶୈଳୀ ମାଧ୍ୟମରେ । ଅନ୍ୟର ଅନୁଷ୍ଠାନକୁ ପସନ୍ଦ କରିବା ପାଇଁ ସେମାନେ ପ୍ରସ୍ତୁତ ଥିଲେ ସ୍ୱୀକାର କରନ୍ତି । ସାହିତ୍ୟର ଏକବିଂଶରେ ଏ ଅପୂର୍ବ ଉଦାହରଣ ବିରଳ । ଆପଣାର ସାହିତ୍ୟମାନଙ୍କୁ ଭାଷାରେ ପ୍ରକାଶ କରୁଥିବା ଲୋକ ଜୀବିତ ଥିଲେ ହିଁ ହେଲେ । ସେ ଲେଖା ଗଦ୍ୟକୁ ଅପେକ୍ଷା--ଅଧିକ ଭାଷାରେ ଦେଖାଯାଇ ନ ଥିଲା । ଗୌରୀଶଙ୍କର ଗଦ୍ୟଶୈଳୀରେ ସ୍ୱାଭାବିକତା ଲକ୍ଷ୍ୟ କରାଯାଇଥିଲା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନକୁ ନେଇ ସେ । ୧୮୬୬ ମସିହା ବେଳକୁ ଆରମ୍ଭ ହୋଇଥିବା ଏ ଆନ୍ଦୋଳନ ଚରମରୂପ ନିଏ ୧୮୬୮/୭୦ ବେଳକୁ ଏବଂ ତାର ଚରମ ଧାରା ଘଟେ ୧୮୭୦ ମସିହାରେ । ରାଜେନ୍ଦ୍ରଲାଲ ମିତ୍ର, ରାମାନନ୍ଦ ଚଟ୍ଟୋପାଧ୍ୟାୟ, କାଳୀପଦ ବନ୍ଦ୍ୟୋପା-ଧ୍ୟାୟ, ରାଜକୃଷ୍ଣ ମୁଖୋପାଧ୍ୟାୟ, କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଆଦି ଓଡ଼ିଆର ବଙ୍ଗରେ ସ୍ୱତନ୍ତ୍ରତା ନାହିଁ ବୋଲି ମତ ଦେଇ, ଓଡ଼ିଆ ଭାଷା ରୂପରେ ବଙ୍ଗଳାର ଆରମ୍ଭ କରିଥିଲେ । ଖ୍ରୀ: ୧୮୬୮ ଜାନୁଆରୀ ମାସରେ କଟକ ଡିବେଟିଂ କ୍ଲବରେ 'ଶାନ୍ତିଉତ୍କଳମ' ବିଷୟରେ ପ୍ରବନ୍ଧ ପଢ଼ି ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଆରେ ବୋଲି

---

ଦେଖାଗଲା ଦେଖାଇ ଦେଲେ ପଦାର୍ଥ ଗୁଣ, ଦ୍ରବ୍ୟ ଏବଂ ଜଳ, ସ୍ଥଳ, ବାୟୁରେ ନାହିଁ ଏହା ଯେ ଚମତ୍କାର ଘଟଣା ହୁଏ, ଏ ସମସ୍ତର ସୃଷ୍ଟି, ସ୍ଥିତି ଓ ପ୍ରଲୟ ନିର୍ଣ୍ଣୟ କରିବା ଭୂଗୋଳ ଜ୍ୟୋତିଷ ଜ୍ଞାନସାପେକ୍ଷ ।

(ଶ୍ରୀ ନଟବର ସିଂହଙ୍କ ଅଧୁନା ଓଡ଼ିଆ ଗଦ୍ୟ ସାହିତ୍ୟ ପୁସ୍ତକରୁ ଉଦ୍ଧୃତ ପୃ ୮୪)

ଭାଷାର ପ୍ରଚଳନ କରି ଆପଣାର ଉପକାର କରିବା ଉଚିତ ବୋଲି ମତ ଦେଉଥିଲେ । ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖିବା ପାଇଁ ପରାମର୍ଶ ଦେଉଥିଲେ । ବହୁ ଅଳ୍ପଜ୍ଞ ସ୍ୱଭାବରେ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ବିକୃତ ରୂପ ଏବଂ ଏହା ଏକ ସ୍ୱତନ୍ତ୍ର ଭାଷା ବୋଲି କହିବାକୁ ପଛେଇ ନ ଥିଲେ । ସେଇମାନେ ଓଡ଼ିଆମାନଙ୍କର ସ୍ୱାର୍ଥ ସାଧନ ପାଇଁ 'ଉତ୍କଳହିତୈଷିଣୀ' ଏବଂ 'କଟକ ଷ୍ଟାର' ପତ୍ରିକା ପ୍ରକାଶ କରୁଥିଲେ । ଏହି ସମସ୍ତ ଓଡ଼ିଆମାନଙ୍କର କରୁଣ କର୍ତ୍ତିମାନଙ୍କୁ ଉପଲକ୍ଷ୍ୟ କରି ସେମାନଙ୍କ ହୃଦୟ କୋଣ ହୋଇଯାଉଥିଲା । ସେଥିକୁ ରାଜେନ୍ଦ୍ରଲାଲ ମିତ୍ରଙ୍କ ପ୍ରରୋଚନାରେ କଲେଜର ସଂସ୍କୃତ ସ୍କୁଲ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ' ଶୀର୍ଷକ ବହିଟିଏ ଲେଖିଥିଲେ ୧୮୭୦ ମସିହାରେ । ଗୌରୀଶଙ୍କର ବନ୍ଧୁମାନଙ୍କର ଏ ଉକ୍ତି କଥାକୁ ତୀବ୍ର ଭାବରେ ଆତ୍ମମୁକ୍ତିରେ ସମାଲୋଚନା କରିଥିଲେ । ରାଜେନ୍ଦ୍ରଲାଲ ମିତ୍ରଙ୍କୁ ମଧ୍ୟ ସମାଲୋଚନା କରି ସେ ଲେଖିଥିଲେ "ରାଜେନ୍ଦ୍ର ବାବୁଙ୍କର ଏ ମତ ଅତ୍ୟନ୍ତ ଭ୍ରମ ମୂଳକ ଓ ସେଇମାନେ ସେଥିରେ ଅନୁରାଗୀ ହେଉଛନ୍ତି ସେମାନେ ଅନର୍ଥକ ବୃଥା ଦୈନ୍ୟ କେବଳ ଅପଣା ସ୍ୱଭାବ ପଦକୁ କ୍ଳେଶ ଦେଉଅଛନ୍ତି । (ଉ. ଦୀ.—୧୩. ୬. ୬୮) । ମାଣିକ୍ୟକୁ ଅନ୍ଧାର ଘରେ ରଖିବାର ଚେଷ୍ଟା କଲେ ତାହାର ଜ୍ୟୋତି ରହିବାର ପଦାର୍ଥ (ଉ. ଦୀ. ୧. ୬. ୬୮) ସାହାଯ୍ୟ ତାହାକୁ ଶୁଦ୍ଧକ । ଓଡ଼ିଆ ଅକ୍ଷର ଗୋଲାକାର, ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧଗୋଲ୍, ଏହା ତାହାକୁ ଜନମୁକ୍ତ ଭାବରେ ଦୂରକ ଝଟତ ପଦକ ପ୍ରାୟେ ନାକ୍ସମାଜ ବଶିଲ, ଅଥବା ବାବୁଙ୍କର ବୈଷ୍ଣବସ୍ତୁ ଆଦ କ୍ଷତ ହୋଇଅଛ" (ଉ. ଦୀ. ୧୯. ୭. ୬୯) ବୋଲି ପରିହାସ କରିଥିଲେ ଉମାଚରଣ ହାଲଦାରଙ୍କୁ । ଏତଦ୍‌ପରଃ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ପ୍ରଥମ ଭାଗର ଅନେକ ହେଉ ଜାଲକା ଏବ ଅଶ୍ଳୀଳତାର ପରିଚ୍ଛିଓ ସୃଷ୍ଟି କରିଥିଲା । ଶ୍ରୀଯୁକ୍ତ ପଞ୍ଚାନନ ଛଦ୍ମନାମରେ ସେ ''ବାବୁ ମହାଶୟ ଅନେକ କଥାରେ ପରିପୂର୍ଣ୍ଣ ହୋଇ ବ୍ରଣ୍‌ସା ପହଞ୍ଚ ଲଭ କରି ଏବେ ଉପାଧି ପ୍ରାପ୍ତ ହୋଇ ଅଛନ୍ତି । × × × ବାବୁ ଏ ପ୍ରକାର ଚତୁରତାର କର୍ମକରି ଉପାଧିକୁ 'ଖ' ଲୋପ କରି ଅଛନ୍ତି '(ଉ. ଦୀ.) ଏମେ ଉପାଧିରେ 'ଖ' ଯୋଗକଲେ ବେ ଉଚାନ୍ତା ଏବେମ । ରାଜକୃଷ୍ଣ ମୁଖୋପାଧ୍ୟାୟ ଜଣେ ଉଚ୍ଚ ଶିକ୍ଷିତ ଥିଲେ ସତ୍ୟ ସେ ହାଲଦାରଙ୍କ ଦ୍ରୋହକୁ ସ୍ୱୀକାର କରିଥିବାରୁ ଗଭୀରଭାବ ସ୍ୱଭାବରେଖି ମାତ୍ର ଯାଉଥିଲେ, ଏହା ସେମ ବୁଝି । ଶାଣିତ ବିଦ୍ରୂପ ମାଧ୍ୟମରେ ଗୌରୀଶଙ୍କର ଜଣେ ଶିକ୍ଷିତ ବଙ୍ଗୀୟଙ୍କୁ ମେଣ୍ଟାଉଥିଲେ । ରାଜକୃଷ୍ଣବାବୁ ଘଟଣାକୁ କୋର୍ଟ ପର୍ଯ୍ୟନ୍ତ ନେଇଥିଲେ । ଗୌରୀଶଙ୍କରଙ୍କ ବିରୁଦ୍ଧରେ ମାନହାନି ମୋକଦ୍ଦମା କରିଥିଲେ । ମାତ୍ର ଗୌରୀଶଙ୍କର ଜିତିଯାଇଥିଲେ ଆପଣାର ଯୁକ୍ତି ବଳରେ । (୭) ବଙ୍ଗାଳୀମାନଙ୍କର ଓଡ଼ିଆ ଭାଷା ବିଦ୍ୱେଷୀ ମନୋବୃତ୍ତିକୁ 'ଓଡ଼ିଆ ଭାଷା ଉପରେ କଣ୍ଟ ଅଧିକ ଆକ୍ରମଣ' ବୋଲି ଉଲ୍ଲେଖ କରିଥିଲେ । ବହୁ କଷ୍ଟ ଭାଷାରେ ବିଦ୍ରୂପ କରିଥିଲେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କୁ ତାଙ୍କର 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ' ପୁସ୍ତିକା ପାଇଁ । ବ୍ରାହ୍ମଣ', ଅଙ୍କନ ସମସ୍ତ ପର ବଙ୍ଗାଳୀ

ସ୍ୱଦେଶ ଶିକ୍ଷା ଶାସନର ଦୋଷ ମାଲିକମାନଙ୍କୁ ମଧ୍ୟ ସମାଲୋଚନା କରିଥିଲେ । ମାତ୍ର ଓଡ଼ିଆ ଭାଷାର ପ୍ରାଚୀନତା ଓ ମୌଳିକତା ସଂପର୍କରେ ଭୁଲଧାରଣା ଅଯୌକ୍ତିକତାମାନ ପ୍ରସ୍ତୁତ କରିଥିଲେ ସେହି ଲୋକମାନେ । ଜନ୍ ବିମ୍ସ୍ ଏସିଆଟିକ୍ ସୋସାଇଟିରେ On the Relation of the Uriya to Other Modern Aryan Languages ଶୀର୍ଷକ ପ୍ରବନ୍ଧ ୧୮୭୦ ମସିହା ମେ ମାସ ୪ ତାରିଖରେ ଉପସ୍ଥାପନ କରିଥିଲେ । ବିମସଙ୍କ ପ୍ରବନ୍ଧର କେତେ ଅଯୌକ୍ତିକ ଯୁକ୍ତିର ଦେଖାଇଥିଲେ ରାଜେନ୍ଦ୍ର ଲାଲ ଏସିଆଟିକ ସୋସାଇଟିର ସେହି ସଭାରେ, ସେତେବେଳେ ଗୌରୀଶଙ୍କର ରାଜେନ୍ଦ୍ର-ଲାଲଙ୍କୁ ଏକ ସମ୍ପାଦକୀୟ ଲେଖରେ ଧନ୍ୟବାଦ ଜଣାଇବାକୁ ପଛେଇ ନଥିଲେ । ସେହିପରି ଟି. ଏ. ରେଭେନସା, ଜନ୍ ବିମ୍ସ, ଭୂଦେବ ମୁଖୋପାଧ୍ୟାୟ ଏବଂ ଶିକ୍ଷିତ ଓଡ଼ିଆ-ମାନଙ୍କ ସହ ଲୋକଙ୍କ ଉଦ୍ୟମଯୋଗୁ ୧୮୭୩ ମସିହାରେ ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷା ଓ ସାହିତ୍ୟ ପଢ଼ାଯିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା । ମାତ୍ର ଗୌରୀଶଙ୍କର ବଙ୍ଗାଳୀମାନଙ୍କୁ ବିଦ୍ରୁପ କରୁଥିଲେ ସୁଦ୍ଧା ଏତେ ନୀଚମନା ନଥିଲେ । ଓଡ଼ିଶାର ବହୁତନ୍ତ୍ର ବିଷୟରେ କାମ କରୁଥିବା ରାଜେନ୍ଦ୍ର ଲାଲଙ୍କୁ ସାହାଯ୍ୟ କରିବା ପାଇଁ ଓଡ଼ିଆମାନଙ୍କୁ ନିବେଦନ କରିଥିଲେ, ତାଙ୍କର ପ୍ରଶଂସା ବି କରିଥିଲେ (ଉ. ଦୀ. ୧୫-୪-୬୮/୨୧ ୧୧ ୬୮) ଏପରିକି ସେ କାଳର କଲିକତାର ଅବସର ପ୍ରାପ୍ତ ବିଚାରପତି ସାରଦା ଚରଣ ମିତ୍ର ସାରା ଭାରତବର୍ଷରେ ସବୁ ଭାଷାର ଗୋଟିଏ ଲିପି ଭାବରେ ଦେବନାଗରୀକୁ ଗ୍ରହଣ କରିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ, ତାକୁ ସମର୍ଥନ କରିଥିଲେ ଗୌରୀଶଙ୍କର ।

ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତାକୁ ପ୍ରମାଣ କରିବା ପାଇଁ ମଧ୍ୟ ଗୌରୀଶ-ଙ୍କର ସେତେବେଳେ କମ ପ୍ରୟାସ କରି ନଥିଲେ । ପ୍ରାଚୀନ କାବ୍ୟ କବିତା ସମ୍ପାଦନା କରି, ପ୍ରେମ ସୁଧାନିଧିର ମୁଖବନ୍ଧରେ ସେ ଲେଖିଥିଲେ—"ଉତ୍କଳ ଦେଶରେ ଯେ କେତେକ ପୁରାତନ ଭାଷା ପୁସ୍ତକ ଅଛି, ତାହା ଅନେକ ଲୋକଙ୍କ ଜାଣନ୍ତି ନ । × × କଟକ ପ୍ରିଣ୍ଟିଂ କମ୍ପାନୀର ଉଦ୍ୟମରୁ ଆମ୍ଭେମାନେ ସେ ପୁସ୍ତକ ସମୂହର ଗୌରବ ଜଣାଇ ପୂର୍ବକ ଗ୍ରନ୍ଥକର୍ତ୍ତାଙ୍କର କୀର୍ତ୍ତି ଅଧିକତର ପ୍ରଚାର କରିବାର ଚେଷ୍ଟା କରୁଅଛୁ × × ଆମ୍ଭମାନଙ୍କର ଏହି ଆଶା ଯେ, ଯେ ଲେଖକ ବର୍ଗଙ୍କର ଯଶମାନଙ୍କ ହାହାକାରରେ ସ୍ୱତନ୍ତ୍ର ଓ ସୁରମ୍ୟ ବସୁମତୀ ଦେବତାଙ୍କ ମସ୍ତକରେ ଭୂଷଣ ହୁଅନ୍ତି, ସେ ରୂପ ଯେ ଆମ୍ଭମାନଙ୍କର ସାମାନ୍ୟ ସତ୍ତ୍ୱରେ ଉତ୍କଳ ଦେଶରେ ବହୁ କାଳରୁ ଅଦ୍ଭୁତ ରତ୍ନ ସ୍ୱରୂପ ସେହି ରୂପଗ୍ରନ୍ଥମାନ ନ ଗୁଣିଜନଙ୍କର ହୃଦୟ ଭୂଷଣ ହୁଅନ୍ତି ତାହା ହେଲେ ଆମ୍ଭମାନଙ୍କର ଯଥାର୍ଥ ପୁରସ୍କାର ହେବ । (ଉ.ଦୀ. ଡିସେମ୍ବର ୧୫, ୧୮୭୭) ଏପରିକି ବଙ୍ଗାଳୀର କବି ଭାରତଚନ୍ଦ୍ର ଓ ଓଡ଼ିଶାର ଦୀନକୃଷ୍ଣଙ୍କ ଗ୍ରନ୍ଥ ସମ୍ପର୍କରେ ଏକ ତୁଳନାତ୍ମକ ତଥ୍ୟର ପ୍ରମାଣ ଦେଇଥିଲେ ଉତ୍କଳ ଦୀପିକାରେ । "ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରନ୍ତି, ତାହା ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର

ଅତି ଅପକୃଷ୍ଟ ହୋଇଥାଏ । ନା ରଚନା ସୁରୁଚି, ନା ଶବ୍ଦ ବର୍ଣ୍ଣନା, ନା ଶ୍ଳେଷ ଓ ଯମକ ରଚନା, ସମସ୍ତ ବିଷୟରେ ଯାନକୃଷ୍ଣ ଭରତଚନ୍ଦ୍ରଙ୍କ ଠାରୁ ଅଧିକ ପ୍ରଶଂସା ଲାଭ କରି ଅଛନ୍ତି । × × × ମାତ୍ର ଉପେନ୍ଦ୍ରଭଞ୍ଜଙ୍କ ପ୍ରତି କେହି ଦୃଷ୍ଟିପାତ କରୁନାହିଁ ।" (ଉ. ଦୀ ୨୮-୧୦-୬୬) ବୋଲି ଉଲ୍ଲେଖ କରିଥିଲେ । ଓଡ଼ିଆମାନଙ୍କ ଭିତରେ ଆତ୍ମସଚେତନତା ସୃଷ୍ଟି କରିବା ଥିଲା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ।

ସାହିତ୍ୟର ଧର୍ମ, ଉଦ୍ଦେଶ୍ୟ, କଳା ଓ ପ୍ରକାଶଭଙ୍ଗୀ ସମ୍ବନ୍ଧରେ ଗୌରୀଶଙ୍କର ଆପଣାର ସୁସ୍ପଷ୍ଟ ମତ୍ତର ଉତ୍କଳ ଦୀପିକାର ନିଉନ୍ତ ସଂଖ୍ୟାରେ ସ୍ପଷ୍ଟ ଭାବରେ ପ୍ରକାଶ କରୁଥିଲେ । ବିଶେଷତଃ ଗଦ୍ୟକୁ ଏକ ସ୍ୱତନ୍ତ୍ର ରୂପ ଦେବା ପାଇଁ ସେ ମୁଖ୍ୟ ପରିଚ୍ଛନ୍ନ ସାଧନା କରି ଆସୁଥିଲେ । ବଙ୍ଗଳା ଓ ଓଡ଼ିଆ ଗଦ୍ୟ ସ୍ୱରୂପ ଏକ ତୁଳନାତ୍ମକ ଚିତ୍ର ଦେବାକୁ ଯାଇ ସେ ଲେଖିଥିଲେ "ବଙ୍ଗାଳୀମାନେ ପଦ୍ୟମୟ ପୁସ୍ତକର ସ୍ୱର୍ଗଂକୁ ସେହି ପଦ୍ୟମାନଙ୍କରେ ଗଦ୍ୟମୟ ରୂପରେ ଲିଖିତ କରି ଅଛନ୍ତି ଆମ୍ଭେମାନେ ଆମ୍ଭମାନଙ୍କର ପଦ୍ୟମୟ ପୁସ୍ତକର ଅର୍ଥକୁ ସେହି ଶବ୍ଦମାନଙ୍କରେ ଗଦ୍ୟମୟ ଗଦ୍ୟ ରୂପେ ଲିଖିତ କରିପାରୁ ନାହୁଁ । ଦୁଃଖର ବିଷୟ ଏହି ଯେ ଆମ୍ଭେମାନେ ଅସ୍ମମାନଙ୍କ ମାତୃଭାଷାର ଉନ୍ନତି ବିଷୟରେ ଯତ୍ନ କରିପାରୁ ନାହୁଁ । (ଉ. ଦୀ. ୩୦-୫-୬୮) ଗୌରୀଶଙ୍କର ବଙ୍ଗଳା ଗଦ୍ୟ ସ୍ୱରୂପ ପରିବର୍ତ୍ତନକୁ ସଚେତନ ଭାବରେ ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ ଓଡ଼ିଆ ସାହିତ୍ୟିକମାନେ ସେପଟକୁ ଦୃଷ୍ଟି ଦେବା ଲାଗି ପରାମର୍ଶ ଦେଉଥିଲେ । ବିଶେଷତଃ ପାଠ୍ୟ ପୁସ୍ତକ ଭାବରେ ମନୋନୀତ କାବ୍ୟ ରଚନା ଏବଂ ଅଧିକାଂଶ କାବ୍ୟ ଧାର୍ମିକ ପ୍ରଚଳନକୁ ସେ କଟେ ବହୁଦୋଷ, ଅଶ୍ଳୀଳ, ଗ୍ଳାନି, ସାମାଜିକ ଭାବରେ ବିଷ୍ଟ କରୁଥିଲେ । ସମାଲୋଚକମାନେ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ଗୁଡ଼ିକୁ ଅଶ୍ଳୀଳ ଏବଂ ଶୃଙ୍ଗାର ଭାବରେ ପରିପୂର୍ଣ୍ଣ ବୋଲି ଅଭିଯୋଗ କରିବା ସଙ୍ଗେ ସଙ୍ଗେ ସେ ଗୁଡ଼ିକୁ ପାଠ୍ୟ ପୁସ୍ତକ ରୂପରେ ପ୍ରଚଳନ ନ କରିବା ପାଇଁ ଦାବି କଲେ । ଭଞ୍ଜ ବିରୋଧୀମାନଙ୍କ ମତାମତର ଉତ୍ତର ଦେବାକୁ ଯାଇ ସେ ଲେଖିଥିଲେ—"ବର୍ତ୍ତମାନ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରୁ କେତେକ ବ୍ୟକ୍ତି କହନ୍ତି ଅଶ୍ଳୀଳ ପୁସ୍ତକକୁ ଏକାବେଳକେ ଉଠାଇଦେବା ଉଚିତ । ପୁଣି କେହି କେହି ଅଶ୍ଳୀଳ ଅଂଶ ବାଦିଦେଇ ଭଲ ଅଂଶ ରଖି କରିବାର ପରାମର୍ଶ ଦିଅନ୍ତି ମାତ୍ର ଏହା ଯୁକ୍ତିସଙ୍ଗତ ନୁହେଁ । ଅଶ୍ଳୀଳତା ହେତୁରୁ କୌଣସି ପୁସ୍ତକ ତ୍ୟାଗ କଲେ, ଅନେକ ମହାଭାରତ ତ୍ୟାଗ କରିବାକୁ ହେବ । ଅନେକ ପରମ ସୁନ୍ଦର, ପରମ ରମଣୀୟ ଅତୁଳ ଅନୁପମ ମହାକାବ୍ୟ ପୋଡ଼ି ପକାଇବାକୁ ହେବ । × × × ଦେଶର ସାହିତ୍ୟ ସମସ୍ତ ସମାଜର ସମ୍ପତ୍ତି, ବର୍ତ୍ତମାନ ସମାଜର ଓ ଭବିଷ୍ୟତ ସମାଜର । କେବଳ ବର୍ତ୍ତମାନର ସମ୍ପତ୍ତି ନୁହେଁ । ସୁତରାଂ ସେ ପ୍ରକାର ପୁସ୍ତକର ଧ୍ୱଂସ କରିବା ଆମ୍ଭମାନଙ୍କର ଅଧିକାର ନୁହେଁ । ସେଥିପାଇଁ ସେ ରୂପେ ପ୍ରକାଶ ହୋଇ ଅଛନ୍ତି, ତାହାଙ୍କୁ ସେହି ରୂପେ ରହିବା ଉଚିତ । ଭଲ ମନ୍ଦ ତାହାଙ୍କୁ ଗ୍ରହଣ କରି ସୁଆଙ୍ଗ କରାଇବା ଉଚିତ ନୁହେଁ ।" (ଉ. ଦୀ. ୭-୩-୮୭) ଉପସ୍ଥିତ

ଏହି ସମୟରେ ଗୌରୀଶଙ୍କରଙ୍କର ସମୀକ୍ଷାମୂଳକ ଅନ୍ତର୍ଦୃଷ୍ଟିର ସଙ୍କେତ ସୁସ୍ପଷ୍ଟ । ସେ କେବଳ ଅଳଙ୍କାର ସୁରୀଗ୍ଧ କାବ୍ୟର ବନ୍ଧୁର ଭକ୍ତ ନାହାନ୍ତି । ବରଂ ଜଣେ ନିରପେକ୍ଷ ସମାଲୋଚକର ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ ସେଥିରେ ପ୍ରକାଶ ପାଉଛି । ଊନବିଂଶ ଶତକର ଶେଷ ଦୁଇ ଦଶକରେ ସାହିତ୍ୟରେ ଶ୍ଳୀଳତା, ଅଶ୍ଳୀଳତା, ପ୍ରାଚୀନତା ଓ ଆଧୁନିକତା ଏବଂ ଲିଙ୍ଗ ଶୁଦ୍ଧି ପଦ୍ଧତି ଅନୁସ୍ୱାର ମଃଜଣିଭଙ୍କୁ ଆଧାର କରି ସମାଲୋଚକମାନଙ୍କ ମଧ୍ୟରେ ଯେ ବାଦାନୁବାଦ ଚାଲିଥିଲା, ତାହା ପଛରେ ଥିଲା ଗୌରୀଶଙ୍କରଙ୍କର ଅନୁପ୍ରେରଣା । ଭାଷାର ଓ ସାହିତ୍ୟର ଗୋଟିଏ ବାହାର ଦୁଇ ପାଖରେ ଅବସ୍ଥାନ ରୂପରେ ଚିହ୍ନ କରିଥିଲେ ଆଲୋଚକମାନେ ନିଜ ଅଭିଜ୍ଞତାର ସେହି ବିଚାର ଗଣ୍ଡଗୋଳ ସୃଷ୍ଟି କରିଥିଲେ, ତାହା କେବଳ ଓଡ଼ିଆ ସମାଲୋଚନା-ସାହିତ୍ୟର ପରିଧିକୁ ନୁହେଁ, ଓଡ଼ିଆ ଗଦ୍ୟକୁ ଅଧିକ ଏକ ନୂଆ ରୂପରେ ପରିମଣ୍ଡିତ ହେବାର ପରିବେଶ ସୃଷ୍ଟି କରିଥିଲା । ସମାଲୋଚକମାନେ ଆଲୋଚନା କାଳରେ ସ୍ୱତନ୍ତ୍ରଭାବ ଏବଂ ପ୍ରାସଙ୍ଗିକତାର ଶବ୍ଦ ପ୍ରୟୋଗ କ୍ଷମତାରେ ସ୍ୱଚ୍ଛନ୍ଦ ହେଲେ । ଆପଣା ଆପଣାର ଅନୁଭବଗୁଡ଼ିକୁ ଯୁକ୍ତିର ସହିତ ସଂସ୍ଥାପନ କରିବା ପାଇଁ ପ୍ରୟାସ କଲେ । ଓଡ଼ିଆ ଗଦ୍ୟ ନୂଆ ରୂପ ନେଲା । ସମାଲୋଚନା ସାହିତ୍ୟରେ ଦାମୋଦର ମିଶ୍ରଙ୍କ ଦୋଷଦର୍ଶନ (୧୮୯୬) ଏବଂ ବୁଦ୍ଧିନାଥ ଶର୍ମାଙ୍କ କ୍ୟାଦର୍ଶ (୧୯୦୦) ପରି ପୁସ୍ତକର ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ ଗୌରୀଶଙ୍କର ।

ଗୌରୀଶଙ୍କରଙ୍କ ର ସାମ୍ପ୍ରତ ଅନ୍ତର୍ଦୃଷ୍ଟି ସାହିତ୍ୟ ଅପେକ୍ଷା ସମାଜର ଦୁଃଖକୁ ଅଧିକ ଛୁଇଁଥିଲା । ଓଡ଼ିଆ ଭାଷା ଓ ଓଡ଼ିଆମାନଙ୍କୁ ସେ ଭଲ ପାଉଥିଲେ । ତାଙ୍କ ଭିତରେ ପ୍ରଚଣ୍ଡ ସ୍ୱାଭିମାନବୋଧ ଥିଲା । ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ସେ ଥିଲେ କର୍ଣ୍ଣଧାର । ସନ ୧୮୭୦ରେ ତାଙ୍କର ଉଦ୍ୟମରେ ଓଡ଼ିଆ ଆସୋସିଏସନ ଗଠିତ ହୋଇଥିଲା । ସନ ୧୮୭୦ ବେଳେ ଗଠିତ ଉତ୍କଳଭାଷୋଦ୍ଧାରିଣୀ ସଭାର ସାଧାରଣ ତାହା କାର୍ଯ୍ୟ କରୁଥିଲା । ଭାରତୀୟ ଜାତୀୟ କଂଗ୍ରେସର ସେ ଥିଲେ ଅନ୍ୟତମ କାର୍ଯ୍ୟକର୍ତ୍ତା ଏବଂ ଉତ୍କଳ ସମ୍ମିଳନୀର ଅନ୍ୟତମ ଜନ୍ମଦାତା । ବ୍ରିଟିଶ ସରକାରଙ୍କ ଓଡ଼ିଶା-ନୀତିକୁ ସେ ସ୍ପଷ୍ଟଭାବେ ସମାଲୋଚନା କରୁଥିଲେ । ଓଡ଼ିଶାକୁ ସେମାନେ ଇଚ୍ଛା ଅନୁସାରେ କଲିକତା, ମାନ୍ଦ୍ରାଜ, କେନ୍ଦ୍ରପ୍ରଦେଶ ଏବଂ ବିହାର ସହିତ ଯୋଡ଼ି ଦେଉଥିବାରୁ ସେ ତାର ପ୍ରତିବାଦ କରୁଥିଲେ । ପତ୍ରିକା ମାଧ୍ୟମରେ ଆପଣାର ମତ ଓଡ଼ିଶାର ସ୍ୱାର୍ଥକୁ ପ୍ରକାଶ କରୁଥିଲେ । ଏକ ଶ୍ରେଣୀର ଭାଗ୍ୟହୀନ, ସମଗ୍ରଙ୍କର ଦାୟିତ୍ୱ ତାହାର ନୁହେଁ, ଦୂରବର୍ତ୍ତୀ ଶାସନ ସପକ୍ଷରେ ଶୋଷଣ, ଓଡ଼ିଶାର ଦୁର୍ଦ୍ଦଶା ଆଦି ଓଡ଼ିଆମାନଙ୍କର ସ୍ଥାନାନ୍ତର ପରି ବସ୍ତୁ ଅସ୍ତିତ୍ୱରେ ଓଡ଼ିଶାର ଅଧିକ ସମସ୍ୟାକୁ ସରକାରଙ୍କ କାନ ପାଖରେ ପୂରାଇବା ଲାଗି ଚେଷ୍ଟା କରୁଥିଲେ । ଜନସ୍ୱାର୍ଥ ଓଡ଼ିଆମାନଙ୍କ ହୃଦୟରେ ଜାତୀୟ—ପ୍ରୀତି—ସ୍ୱଦେଶ ପ୍ରୀତି ଭରିବା ପାଇଁ ସେ—"ହେ ଉତ୍କଳୀୟମାନେ ଉଠ, ଆପଣାର ପୂର୍ବ ପୁରୁଷର ଗର୍ବିତ ନାମ ରକ୍ଷାକର ଓ ଆପଣା ଆପଣାର ଲଜ୍ଜାସ୍ପଦ ଅଜ୍ଞାନାପବାଦ ଦୂରକରିଣ ବିଶେଷ ଉନ୍ନୋତନ କରିବାକୁ ତତ୍ପର ହୁଅ । ଆଉ କେତେକାଳ ଆଳସ୍ୟ ଶଯ୍ୟାରେ ଜୀବନ ଯାପନ କରିବ । (ଉ. ଦୀ. ୧୮୬୭)

କିନ୍ତୁ 'ହେ ଉତ୍କଳଦେଶୀୟ ଯୁବାମାନେ, ତୁମ୍ଭେମାନେ ବଙ୍ଗଦେଶୀୟ ଯୁବା ପୁରୁଷମାନଙ୍କୁ ଲକ୍ଷ୍ୟ କରି ସଂସାର ମାର୍ଗରେ ବିଚରଣ କର ଓ ଯେ ପ୍ରକାର ତୁମ୍ଭମାନଙ୍କର ଯଶଃ ଓ ଦେଶର ଗୌରବ ବୃଦ୍ଧି ହୁଏ ତାହା କରିବାରେ ଏକଲମାତ୍ର ତ୍ରୁଟି ନ ହେଉ ।' (ଉ. ଦୀ. ବ. ମ. ପୃ. ୧୮୭୮/୭୯) ଏହି ବହୁ ସମ୍ବୋଧନ ମୂଳକ ଲେଖା ଉତ୍କଳ ଦୀପିକା ପୃଷ୍ଠାରେ ପ୍ରକାଶ କରୁଥିଲେ । ଜାତିର ସମ୍ମୁଖ ରୂପ ଦେଖିବା ପାଇଁ ତାଙ୍କ ହୃଦୟ କେତେ ବ୍ୟାକୁଳ ହେଉଥିଲା । ଧନ ମନ ଜୀବନର କଥା ଶୁଣିବ ହୋଇ ବଞ୍ଚିଥିଲେ । ସମାଲୋଚନାରେ ଏହି ଶୈଳୀ ବ୍ୟକ୍ତିର ସଚେତନତା ଗୁଣ ଭାବରେ ପରିଚୟ । ଊନବିଂଶ ଶତକରେ, ଇଂରେଜ ଶାସନରେ ଏହି ସ୍ଥିତି ସ୍ୱର ନିଷ୍ପତ୍ତି ଥିଲା । ବଙ୍ଗଳା ନାଟକ ଏହା ପ୍ରବେଶ କରିଥିଲା ଓଡ଼ିଶା ଭିତରକୁ । କେବଳ ଏହି ଶତାବ୍ଦୀ ନୁହେଁ, ଚଳିତ ଶତାବ୍ଦୀର ପ୍ରଥମ ଦଶକର କଥାବାର୍ତ୍ତା ଏବଂ ନାଟ୍ୟାଭିନୟ ତାଙ୍କ ସୃଷ୍ଟିରେ ସଚେତନତା ଭାବ ବିଶେଷ ଭାବରେ ଲକ୍ଷ୍ୟ କରାଯାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟର ଅବଶ୍ୟ ଗତାନୁଗତିକତା ସ୍ଥିତି ରହିଛି । ମାତ୍ର ଗୌରୀଶଙ୍କରଙ୍କର ପ୍ରକାଶଭଙ୍ଗୀ ସ୍ୱାଭାବିକତା ଠାରୁ ବହୁ ଭାବରେ ସ୍ୱତନ୍ତ୍ର ।

ଗୌରୀଶଙ୍କର କେତୋଟି ଚାହିଁକ ଅନୁଭବ କରିଥିଲେ – ଓଡ଼ିଆ ସମାଜର ସବୁ କିଛି ହୃଦ୍ଦିକ ନୁହେଁ । ସବୁଠାରେ ଶାସନାଳୟର କର୍ମଚାରୀମାନେ ଗୁପ୍ତ ଶକ୍ତିବଳରେ ପ୍ରଜାମାନଙ୍କୁ ଶୋଷଣ କରନ୍ତି । ଦେଶୀୟର ପ୍ରଭାବରେ ହୋଇ ହୋଇଯାଉଛି ତାହା ଅନ୍ଧ ଗ୍ରହଣ । ପଣ୍ଡିତ ସବୁବେଳେ ସେହି ଗଣ୍ଡିର ଭିତରେ ରହିଲେ ଜୀବନ ଅଳ୍ପ ହୋଇ ସଙ୍କୁଚିତ କରନ୍ତି । ଏଭଳି ସଙ୍କୀର୍ଣ୍ଣତା କେବଳ ପରମ୍ପରାକୁ କଳୁଷିତ କରେନା, ବରଂ ଜାତୀୟତାର ସକଳ ସୂକ୍ଷ୍ମ ସମ୍ଭାବନାକୁ ନଷ୍ଟ କରିଦିଏ । କେଣ୍ଡୁ ଗୌରୀଶଙ୍କର ସବୁବେଳେ ଅନ୍ଧକାରର ଗୁହାଗର୍ଭରେ ନ ପଶିବା ପାଇଁ ଦେଶର ଯୁବସମାଜମାନଙ୍କୁ ଡାକ ଦେଇଥିଲେ । ଶିକ୍ଷା, ସୁସ୍ଥ ଏବଂ ବଳିଷ୍ଠଭାବର ଶିକ୍ଷିତମାନଙ୍କୁ 'ଏଥର ଦୌର୍ବଲ୍ୟରେ ପରିସ୍ଥିତିମାନ, ପରିସ୍ଥିତି ବଳାତ୍କାର ପ୍ରକୃତ ଅପରାଧ ଘଟିବା ମୋକଦ୍ଦମା ଅଧିକାଂଶ ଦେଖାଯାଏ । କେତେକ ପ୍ରକାର ଲୋକ ଯେଉଁ ଫୌଜଦାରୀ ଅପରାଧ ପୁଣି ନ ଜାଣନ୍ତି ଅଛନ୍ତି ଯେ, ସବୁ ବିଷୟରେ ସବୁ ଲୋକ, ଏ ବିଷୟରେ ଅପରାଧ କରନ୍ତି' । (ଉ. ଦୀ. ୧୧, ୪, ୭୦) ଅଧିକନ୍ତୁ ଶିକ୍ଷା ପ୍ରାପ୍ତ ବାବୁମାନଙ୍କୁ ''ବାବୁମାନେ ଶାରୀରିକ କୌଣସି କର୍ମ କରିବାକୁ ଅସମର୍ଥ । ଯେ ସବୁ କର୍ମକଲ୍ପ ସେ ବାବୁ, ଯାହାର ଜମି ଜମିଦାରୀ ଅଛି ସେ ବାବୁ, ଯେ ଚକୁଳିଆ ପିନ୍ଧେ ସେ ବାବୁ (ଉ. ଦୀ. ୧୮, ୩, ୭୬) ଚାକିରୀ କରୁଥିବା ବାବୁମାନଙ୍କୁ 'ଦମ୍ ଦସ୍ତୁର, ସମ୍ମାନ ହୋଇ କରିଲେ ଏମାନଙ୍କର ବେଶୀ ଦାମ୍ । ଏମାନେ ପ୍ରଜାମାନଙ୍କୁ ହଇରାଣ କରୁଥିଲେ । ଏମାନେ ଜୀବନକାଳ ମଧ୍ୟରେ ଧନ ଦୌଲତର ଜମି ହୋଇ ଯାଉଥିଲେ । ରଜା ହୁଁ ସେ ବାକୀ ଲବ୍ଧ ଧନ ନେଉଥିଲେ । ଦମ୍ ଦମରେ ବାକୀ ହେବାର ଖବର ପାଇଲେ ରଜା ବାକୀ ବନ୍ଦ କରିଦେଉଥିଲେ'' । ''ଏହି

ଅଥବା ଶିକ୍ଷା ଲବ୍ଧ ଧନ ବାପା ନ ପାଇ ପାରିବେ ଭଳି, କାରଣ ସେ ସମସ୍ତଙ୍କର ପିତା । (ଉ. ଦୀ. ୧୭-୪-୭୫) ଏବଂ ଇଂରେଜମାନଙ୍କର ଗୋଲାମୀ କରିବା ପାଇଁ ସବୁବେଳେ ଧାଇଁଥିବା ଜମିଦାର ଶ୍ରେଣୀମାନଙ୍କୁ "ପାଠଶାଳା କମିଟିମାନଙ୍କ କଥା ଶୁଣିଲେ ମୋ ଲକ୍ଷ ଅଶୀ ଅଧିକ ଏକଣା ପାଠ ପଢ଼ିଲେ ବାବୁମାନେ କାଣିବେ କାହିଁ" "(ଉ. ଦୀ. ୪-୧୨-୭୪) ଏବଂ ଜମିଦାରଙ୍କୁ ଗୁମିଶାସ୍ତ ବୋଝ ଭୁଲ ଜ୍ଞାନ କରନ୍ତୁ" (ଉ. ଦୀ ୨୭-୩-୭୮) ଏକ ବ୍ୟଙ୍ଗାତ୍ମକ ସ୍ୱରରେ ସମାଲୋଚନା କରୁଥିଲେ । ତାଙ୍କ ଏହାକୁ ଗ୍ରାମମାନଙ୍କ ପାଇଁ ଲୋକଙ୍କ ଦେଶରେ ସର୍ଣ୍ଣି ସହିତ ତୁଳନା କରିଥିଲେ । (ଉ. ଦୀ. ୧୮-୭-୭୮) ଧର୍ମ ସ୍ୱାତନ୍ତ୍ର୍ୟ ରକ୍ଷଣାର୍ଥ, ସମାଜ ବ୍ୟବସ୍ଥା ସବୁକଥାରେ ସେ ଉଦ୍‌ବେଗ କଣକ ଅବସ୍ଥାରେ ରହୁଥିଲ ସେ ତାହା ଅନୁଭବ କରୁଥିଲେ । ସକଳ ବ୍ୟବସ୍ଥାକୁ ପରିବର୍ତ୍ତନଶୀଳ ଭାବରେ ସମାଲୋଚନା କରୁଥିଲେ । ସମସ୍ତ ଓ ବ୍ୟବସ୍ଥା ସହିତ ସେ ଠିକ ନଜର ଅସ୍ୱୀକୃତା ନ ଥିଲେ ଏ ପ୍ରପଦ୍‌କରଣ ଭାଷାରେ ପାଠେଇବା ସମ୍ଭବ ନୁହେଁ । ମାତ୍ର ଗୌରୀଶଙ୍କର ବେଶ୍ ନମ୍ର ସ୍ୱରରେ ଅପଣା ଭୂଲରେ ସମାଜିକ ସ୍ଥିତିକୁ ଭାଷାରେ ପାଠ ଚଳାଇବା ପାଇଁ ଏହେଲ ଚିନ୍ତା ଓ ଲଳି ଉନ୍ନତି କରିଥିଲେ

ପଣ୍ଡିତ ବର୍ଗଙ୍କୁ ଅଧିକ କାଳ ଧରି ଗୌରୀଶଙ୍କର ମୁଖ୍ୟତଃ ଗଦ୍ୟରେ କଳକୁ ପ୍ରକାଶ କରୁଥିଲେ, ସେଥିପାଇଁ ଓଡ଼ିଆ ଗଦ୍ୟ-ଶୈଳୀର ବିବର୍ତ୍ତିତ ଧାରା ସହିତ ଗୌରୀ-ଶଙ୍କରଙ୍କ ସମ୍ପର୍କ ଅଛି । ଉତ୍କଳ ପ୍ରକାଶ କାଳରେ ସେ ଉତ୍ତମ ଶବ୍ଦ ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଥିଲେ ମାତ୍ର ପରେ ସେମୁଣରେ ଅଧିକ ଶବ୍ଦକୁ ସେ ସୁସ୍ପଷ୍ଟ ଉପେକ୍ଷା କରୁ ନଥିଲେ । ସାଧାରଣ ଜନତାର ବୁଝିବା ଭାଷାକୁ ଅନୁରୂପ ଭାବରେ ପ୍ରୟୋଗ କରିବା ପାଇଁ ସେ ଚେଷ୍ଟା ପ୍ରକାଶ କରୁଥିଲେ ସତ୍ୟ, ତା'ର ଯଥାଯଥତାକୁ ଏଡ଼େଇ ଦେଇପାରୁ ନଥିଲେ । ଦେଉଳଥା କୋଟ, ଚୌକିଦାର, କଲେକ୍ଟର, ହୋଟେଲ, ଗୁଣ୍ଡ ମେଜେଷ୍ଟ୍ରେଟ, ହାକିମ, ଟେଲିଗ୍ରାଫ, କଲ କାରଖାନା, ଜମାଦାର, ରେଜିମେଣ୍ଟ, ଡେପୁଟି, ବେଲଖାନ, ଜଜ୍, ଉକିଲ, ପୁଲିସ, ଲଣ୍ଠନ, କମିସନର, ମହକୁମା, ଲର୍ଡ଼, ଓଭରସିଅର, ସୁପରିଣ୍ଟେଣ୍ଡେଣ୍ଟ ଆଦି ଲୋକ କଥିତ ସ୍ଥାନୀୟ ଓ ପାଣି ଶବ୍ଦର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିବା । ସେତେବେଳେ ଇଂରାଜୀ ଶବ୍ଦ ଗୁଡ଼ିକୁ ଯେଉଁ ଭଳି ବିକୃତ ଭାବରେ ଉଚ୍ଚାରଣ କରୁଥିଲେ, ତାହାର ସଙ୍କେତ ମିଳେ ଗୌରୀଶଙ୍କରଙ୍କ ଗଦ୍ୟରେ । ଅଟ୍ଟୁ (ଅଗଷ୍ଟ), ଜୁନେଟି, ଜମେଟି (କମିଟି), ଲାଟକର (ଲେଡ଼ିଲର), ରେଜେଷ୍ଟ୍ରି ଫିସ୍ (ରେଜେଷ୍ଟ୍ରୀ ଫି), ଇଂରିଜୀ (ଇଂରାଜୀ), କମିସ୍ନର (କମିଶନର), ଗାର୍ଜନ (ଗାର୍ଡ଼ିଆନ), ଇସ୍କୋ-ଲଅ (ଇସ୍କୋଲଅ), ହାସପାତାଲ (ହସ୍ପିଟାଲ), ଅଫିସ(ଏଡ଼୍‌ଭୋକେଟ୍), ଟେକ୍ସ୍ (ଟ୍ୟାକ୍ସ) ସିଡ଼ମୁର (ସେପ୍‌ଟେମ୍ବର) ଫେବୃଆରି 'ଫେବୃଆରୀ), ପାଉଣ୍ଡ (ପାଉଣ୍ଡ୍), ଅକ୍ଟୋବର (ଅକ୍ଟୋବର), କମ୍ପାନୀ (କମ୍ପାନି), ରେଲବେ (ରେଲୱେ), ସିଭିଲ (ସିଭିଲ), ଡାକ୍ତର (ଡକ୍ଟର), ଅଫିସର (ଓଭରସିଅର), ବୋମ୍ବାଇ (ବମ୍ବେ) ଆଦି ଇଂରାଜୀ ଶବ୍ଦର ବିକୃତ ରୂପ । ଇଂଲିସମ୍ୟାନ୍, ଷ୍ଟେସନ୍, ବୋର୍ଡ, ସ୍କୁଲ-

କୋର୍ଟ, ମେମ୍ବର, ସ୍କୁଲ୍, ସାର୍ଟିଫିକେଟ୍, ଇନ୍‌କମ୍ ଟିକସ, କେନେସ୍କା ଷ୍ଟୋର, କଣ୍ଟ୍ରାକ୍ଟ, ସିଭିଲ ସର୍ଭିସ୍, ଜଜ୍, ଡେପୁଟୀଙ୍କ ଅର୍ଥ ଶବ୍ଦ ଗୁଡ଼ିକୁ ସେ ଅନୁରୂପ ଭାବରେ ପ୍ରୟୋଗ କରୁଥିଲେ । କେତେ ତାଙ୍କ ଗଦ୍ୟରେ ସଂସ୍କୃତ, ଇଂରାଜୀ, ପାର୍ଶୀ, ଲୋକ ମୁଖର କଥିତ ଶବ୍ଦର ସମନ୍ୱୟ ବିଶେଷ ଭାବରେ ଲକ୍ଷ୍ୟ କରାଯାଏ । ଶବ୍ଦ ପ୍ରୟୋଗ କାଳରେ ସେ କେବଳ ଶବ୍ଦର ବାହ୍ୟ ରୂପ ଉପରେ ଦୃଷ୍ଟି ଦେଉ ନଥିଲେ । ଆପଣା ଚେତନାରେ ତାର ଅର୍ଥକୁ ଅନୁଭବ କରୁଥିଲେ । ଶବ୍ଦ ସେମିତି ଶବ୍ଦ ରୂପରେ ପ୍ରକାଶିତ ହେଉଥିଲା । ବାସ୍ତବଧର୍ମୀ ଗଦ୍ୟ ରଚନା ତାଙ୍କଠାରେ ଦେଖିଥିଲେ ଚଳିଷ୍ଣୁ ।

ଗୌରୀଶଙ୍କରଙ୍କ ଗଦ୍ୟରେ ଅନେକ ସମୟରେ ଗଦ୍ୟ କାବ୍ୟ ଏବଂ ସଂସ୍କୃତାନୁଗ ଗଦ୍ୟ ଅବଶ୍ୟ ଲକ୍ଷ୍ୟ କରାଯାଏ । ମାତ୍ର ଏହାଙ୍କୁ ବିଦ୍ୟାସାଗରଙ୍କ 'ସୀତା ବନବାସ'ର 'ସରଳ' କରିବା ସମ୍ଭବ ନୁହେଁ । ପୂର୍ବରୁ ଏହାଙ୍କୁ କେତେ ମୁଦ୍ରଣରେ ଉଦ୍ଧୃତ ସାଙ୍କେତିକ ଶୈଳୀ ଭାବରେ ଚିହ୍ନିତ କରିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଗୌରୀଶଙ୍କର ସାହିତ୍ୟରେ ଜୀବନ ଗ୍ରନ୍ଥ ଓ ମୁଦ୍ରଣ ଶିଳ୍ପ ପ୍ରବେଶ'ଙ୍କୁ ପୂର୍ବକଥନରେ ଦେଖିପାରୁ ନଥିଲେ । ତା ହୋଇଥିଲେ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଉତ୍କଳ କାହାଣୀ (୧୯୦୧)ର ଗଦ୍ୟ ଶୈଳୀକୁ ସାଧୁଭାଷା ଶୈଳୀ ନୁହେଁ ବୋଲି କହି ସମାଲୋଚନା କର ନଥାନ୍ତେ, କେବଳ ସେହା ସଂଯୋଜନା ଓ ପଦବିନ୍ୟାସ କଳା ଅର୍ଥରେ ଗୌରୀଶଙ୍କରଙ୍କୁ ମଧ୍ୟମପନ୍ଥୀ ରୂପରେ ଚର୍ଚ୍ଚା କରିବା ଯୁକ୍ତିଯୁକ୍ତ । ସେ ଏହାଙ୍କୁ ବିଦ୍ୟାସାଗରଙ୍କ ଶବ୍ଦ ଚୟନ ପ୍ରତୀକ ନୁହନ୍ତି, ବରଂ ବଙ୍କିମ ଚନ୍ଦ୍ରଙ୍କ । ତାଙ୍କର ଲେଖନୀ ହିଁ ଓଡ଼ିଆ ଗଦ୍ୟଶୈଳୀକୁ ସାମ୍ଭାଳିବା ପାଇଁ ଉପଯୁକ୍ତ ବିବେଚିତ । (୯) ତାଙ୍କର କଲ୍ୟାଣମୟ ଉପରେ ସଫଳ ଅନୁକରଣ କରିଥିଲେ ଫକୀର ମୋହନ, ଚନ୍ଦ୍ରମୋହନ, ମଧୁସୂଦନ ଏବଂ ଗୋପବନ୍ଧୁଙ୍କ ପରି ଗଦ୍ୟକାରମାନେ ।

ସମସ୍ତ ଶତାବ୍ଦୀରେ ମଧ୍ୟ ଏହି ଶତାବ୍ଦୀରେ ଜାତୀୟ ସାମାଜିକ, ରାଜନୈତିକ, ଧର୍ମୀୟ ଓ ସାହିତ୍ୟିକ ସଂକଟ । ସମସ୍ତ ଓଡ଼ିଆ ମନୀଷୀମାନଙ୍କର ଜାତୀୟ ମଧ୍ୟ ସମ୍ବନ୍ଧୀୟ ପ୍ରତିଷ୍ଠା ଭିତରେ ଥିଲା ଶତାବ୍ଦୀର ଦାବୀ । ଶତାବ୍ଦୀ ସେମାନଙ୍କର ଅସ୍ମିତା ପ୍ରକାଶନର ସ୍ୱର । ଏ ପ୍ରସଙ୍ଗରେ ଗୌରୀଶଙ୍କରଙ୍କ ଉତ୍କଳ ଦୀପିକାରୁ କେତେ-ଗୋଟି ଉଦାହରଣ ଉଦ୍ଧାର ଦିଆଯାଇପାରେ । 'ସନ ୧୨୭୨ ର ଅଙ୍କ ଦୁର୍ଭିକ୍ଷ ବିଷୟରେ ଲେଖିଥିଲେ "ଏହି ରୂପ ଅଧିକ ଦିନ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଲା । ଅନାହାରରେ ଲୋକମାନେ କ୍ଷୁଧାନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ଦୈହିକ ସଂକଟ ଉପସ୍ଥିତ ହେବାରୁ ଓଲାଉଠା ରୋଗର ପ୍ରାଦୁର୍ଭାବ ହେଲା । ଅସଂଖ୍ୟ ପ୍ରାଣୀ ନାଶ ହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ଦୃଷ୍ଟ ଦର୍ଶନ ହେଲେ ସୁଦ୍ଧା ସମ୍ପୂର୍ଣ୍ଣ ଉଚ୍ଚପଦ ହାକିମ ମାନେ ସେଥିରେ ଭ୍ରୂକ୍ଷେପ ମାତ୍ର କଲେ ନାହିଁ, ବିଚାରା ତାହାଙ୍କର ଶିର ଥିଲା ଯେ, ଦେଶରେ ଖାଦ୍ୟ ଅଛି । ଉ. ଦୀ. ୧୧. ୮. ୬୭)(୧୦) ସେତେବେଳେ 'ସିନ୍ଦୁରାଷ୍ଟ୍ର'

(ଅଂଶତଃ) ଏବଂ ବ୍ରାହ୍ମ ଧର୍ମ୍ମ ସେମିତି ଗୌରୀଶଙ୍କରଙ୍କ ବଳିଷ୍ଠ ସମର୍ଥନ କାଳରେ ଲାଭ କରିଥିଲେ । ତା ପରେ ସେ-ଜନଗଣ-ମୁକ୍ତି ଖୋଜିଲେ ସେମାନଙ୍କ ଦଳକୁ ବଦଳିବାକୁ ଆରମ୍ଭ କଲେ । ୧୯୦୮ ମସିହା ବେଳକୁ ତାଙ୍କ-ପ୍ରକାଶ ଭଙ୍ଗୀରେ ଏକ ଅଦ୍ଭୁତ ପରିବର୍ତ୍ତନ ଦେଖାଦେଲା । ଉତ୍କଳରେ ଗୌରଦାସ ମିଶ୍ର ବଦଳିବାର ପ୍ରତିବାଦରେ ସେ ଲେଖିଥିଲେ—"ମିଶ୍ରଙ୍କ ଅସୁଖ ହେଲେ, ଗୌରଦାସ ଦରମା ପାଉନ୍ତ । ଦରମା ପାଇଲେ ଖାଉଛନ୍ତି, ପିନ୍ଧୁଛନ୍ତି । ଅସୁସ୍ଥ ହେଲେ କେବେ ସ୍କୁଲ ବନ୍ଧୁଙ୍କ ପାଇକୁ ରକ୍ଷା ପାଇବେ । ଏଣେ ସେହି ଭାଗ୍ୟଭାଗୀ ପରିବର୍ତ୍ତେ ମିଶ୍ରଙ୍କ ଅସୁଖ ହେବା ଉଚିତ । ମାତ୍ର ଗୌରଦାସଙ୍କ ହିଁ ଦଣ୍ଡ × × × ଏଥିରେ ତାହା ଧାର୍ମ୍ମିକ ଲୋକର, ଉଦାସୀ ବାଧିଏ, ଅନ୍ଧ ଲୋକଟିଏ, ଉଦାସୀ ବାଧିଏ ଲୋକ ଯଏ, କହିବେ ଅନ୍ୟାୟ କି'ଣ ।" (ଉ. ଦୀ. ୧୧. ୪ ୧୯୦୮) ବ୍ରାହ୍ମ ତାଙ୍କର ପଣ୍ଡିତ ଗୋବିନ୍ଦ ରଥ ମୋକଦ୍ଦମାରୁ ମୁକ୍ତି ପାଇବା ପରେ "ତାଙ୍କର ସୁଶିକ୍ଷିତ ପଣ୍ଡିତ ଗୋବିନ୍ଦ ରଥଙ୍କ ନାମରେ ସେଠା ଖଣ୍ଡପ୍ରାନ୍ତ କେତେପୋଷ୍ଟ କଲାବେଳ ବାବୁ, ବାଳମୁକୁନ୍ଦ କାନୁନଗୋ ମିଥ୍ୟା ଅପବାଦ ରଚନା କରିଥିବା ମର୍ମରେ ତତ୍ପରବର୍ତ୍ତୀ ଆଇନର ଧାରା ମତେ ସେହି ମୋକଦ୍ଦମା କରିଥିଲେ ତହିଁରେ କାଟୁଲଣ୍ଡରର ଡେପୁଟୀ ମ୍ୟାଜିଷ୍ଟ୍ରେଟ୍ ଏ. କେ. ରାୟ ସାହେବଙ୍କ ବିଚାରରେ ମୁକ୍ତି ପାଇଥିବା କଥା ପାଠକମାନଙ୍କୁ ଜଣାଇବୁ (ଉ. ଦୀ. ୧୮. ୪. ୧୯୦୮) ଉପର୍ଯ୍ୟୁକ୍ତ ରଚନାରେ ଭାଷାର ଆଡମ୍ବର ନାହିଁ । ବସ୍ତୁତ ଶବ୍ଦ ପ୍ରତି ଲୋଭ ନାହିଁ । ଭାବକୁ ଚମତ୍କାର ଢଙ୍ଗରେ ଗଢ଼ିବାର ପ୍ରୟାସ ନାହିଁ । ତାହା ଯେମିତି ଲେଖ ମୁଖର ସ୍ୱାଭାବିକ ଅଭିବ୍ୟକ୍ତିର ସ୍ପଷ୍ଟ ପ୍ରତିଫଳନ । ମାତ୍ର ଶବ୍ଦଯୋଜନାର କଣ୍ଠ ମଧ୍ୟ ଯୁଗଙ୍କୁ ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନ (ତା-୧୬. ୧୨. ୧୯୧୬) ରେ ସଭାପତିଙ୍କ ପ୍ରଦତ୍ତ ଅଭିଭାଷଣରେ ସେ କହିଥିଲେ—"ପୈତୃକ ସମ୍ପତ୍ତିର ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ଏବଂ ତଦ୍ୱାରା ସାଧାରଣ ବୃଦ୍ଧି ସାଧନ ସନ୍ତାନର କର୍ତ୍ତବ୍ୟ । ପୂର୍ବ ପୁରୁଷଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଅମୂଲ୍ୟ ସାହିତ୍ୟ ଧନର ଉନ୍ନତି ସାଧନାର ବଦଳେ, ଆମ୍ଭେମାନେ ସୁଦ୍ଧା ଅପଚୟ ରୋଧ କେବେ ନାହିଁ ।" ଉପର୍ଯ୍ୟୁକ୍ତ ଅଭିଭାଷଣରେ ଗୌରୀଶଙ୍କରଙ୍କର ଭାଷା କେତେକାଂଶ ଯେମିତି ସମ୍ପୂର୍ଣ୍ଣ ହୋଇଯାଇଛି ! (୧୩) ଏ ଶୈଳୀ କେବଳ ଗୌରୀଶଙ୍କରଙ୍କର ନୁହେଁ, ପ୍ରାୟ ସେହିକାଳ ଶତାବ୍ଦୀ ଧରି ସ୍ୱାଧୀନତା ଓଡ଼ିଆ ଗଦ୍ୟର ରୂପାନ୍ତର ପ୍ରକ୍ରିୟାର ଇତିହାସ । ତତ୍ପରତା ଯେ କୌଣସି ଭାଷାକୁ ମଜଭୂତ ସ୍ତରରେ ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷାରେ ଶବ୍ଦମାଳାର କୌଣସି ଅଭାବ ନାହିଁ, ତାହା ତାଙ୍କ ରଚନାରେ ସମ୍ପୂର୍ଣ୍ଣ ଅଭିବ୍ୟକ୍ତ ହୋଇ ପାରୁଥିଲା ।

ଗୌରୀଶଙ୍କରଙ୍କ ସାହିତ୍ୟ ଲେଖା କମ୍ ଥିଲେ । ମାତ୍ର ଆପଣା କାଳର ସାହିତ୍ୟିକ ମାନଙ୍କର ସେ ଥିଲେ ପ୍ରେରଣାଦାତା, ତଥା ପୃଷ୍ଠପୋଷକ ଓଡ଼ିଆ ନବଜାଗରଣର ଜନକ । ପ୍ରାୟ ସବୁଣ ବର୍ଷର ଉତ୍କଳ ଦୀପିକା ପୃଷ୍ଠାରେ ଓଡ଼ିଆ ଗଦ୍ୟର ଯେଉଁ କ୍ରମ ବିବର୍ତ୍ତିତ ରୂପ ଲକ୍ଷ୍ୟ କରାଯାଏ ତାହା ସେ ଜଣେ ଦକ୍ଷର ସମର୍ଥ ସମ୍ପାଦକ ଅଭାବରେ

ଉଚ୍ଚାରଣ, ସାଂକେତିକ ସ୍ୱରଲିପି, ପଞ୍ଜିକା ଅନୁବାଦରେ ଶୃଙ୍ଖଳା, ଏ ସବୁକୁ ନିର୍ବିବାଦରେ ସ୍ୱୀକାର କରାଯାଇ ପାରେ । ଉତ୍କଳ ପାଇଁ ଥିଲା ଧର୍ମ-ସଂହିତା ଓଡ଼ିଆ ଗଦ୍ୟ ସାହିତ୍ୟର ପରୀକ୍ଷା ଭୂମି ।

## ସହାୟକ ଗ୍ରନ୍ଥ ଓ ପତ୍ରିକା ସୂଚୀ :—


୧- Mayhew Aurthur — Christianity in India, Gian Publishing House, 2916 Shaktinagar, New Delhi-7 Pages 24 26.

୨- ମିଶ୍ର ଶ୍ରୀନିବାସ—(୧୯୬୮) ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ବିଦ୍ୟାପୁରୀ, କଟକ, ପୃ ୫, ୫୮ ।

୩- ଅବଦୁଲ ମଜିଦ ଅଲ ଅମାନ (ସ୍ୱଃ      ) ସାହିତ୍ୟ ସଂଗ୍ର । ପ୍ରକାଶକ : ଏସ ମଲ୍ଲିକ, ୩୬ ଏ, କଲେଜ ଛକ, କଲିକତା, ପୃ ୨୫୨-୨୯ ।

୪- ସାମନ୍ତରାୟ ନଟବର—(୧୯୬୬) ଓଡ଼ିଆ ସାହିତ୍ୟରେ ସମୀକ୍ଷା ଓ ସଞ୍ଚୟ, ଶ୍ରୀମତୀ ରତ୍ନପ୍ରଭା ସାମନ୍ତରାୟ, ଭୁବନେଶ୍ୱର, ପୃ ୫୬-୬୬ ।
(ଖ) Shastri, Sibanath—History of Brahma Samaj Second Edition (1974) Page 520

୫- ପୂର୍ବୋକ୍ତ ଟିପ୍ପଣୀ — ୪ ପୃ ୫୬-୬୬ ।

୬- ସାମନ୍ତରାୟ ନଟବର (୧୯୬୪) ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦) ବାଣୀ ଭବନ, ସାମନ୍ତରାପୁର, ଭୁବନେଶ୍ୱର ଦ୍ୱି.ସଂ ୧୯୮୩ ପୃ ୨୨୫-୩୬ ।

୭- ସାମନ୍ତରାୟ ନଟବର ୧୯୬୪ — ଓଡ଼ିଆ ସାହିତ୍ୟର ଇତିହାସ ପୃ ୨୦୧-୨୫୧ । ପଟ୍ଟନାୟକ ସୁଧାକର (୧୯୭୨) ସମ୍ବାଦ ପତ୍ରରୁ ଓଡ଼ିଶାର କଥା, ଗ୍ରନ୍ଥ ମନ୍ଦିର କଟକ, ପୃଷ୍ଠାର ପୃ ୫୦୧-୦୪, ୫୩୧-୩୬; ଦାଶ ରବୀନ୍ଦ୍ରନାଥ (୧୯୮୩)ଙ୍କ ଓଡ଼ିଆ ଭାଷା ଆନ୍ଦୋଳନ ପରିକ୍ରମା, ଓଡ଼ିଆ ଲେଖକ ସଂସଦ, କଟକ ପୃଷ୍ଠାର ପୃ ୪୩-୫୫, ଏବଂ ଦାଶ ରବୀନ୍ଦ୍ର ନାଥଙ୍କ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ, ଝଙ୍କାର, ୧୯୮୬ର ନଭେମ୍ବର, ଡିସେମ୍ବର, ସାମନ୍ତରାୟ ନଟବରଙ୍କ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଏବଂ ପ୍ରତିରୋଧ ଝଙ୍କାର—(୧୯୮୮) ଅଗଷ୍ଟ, ସେପ୍ଟେମ୍ବର, (୧୯୮୯) ଜାନୁଆରୀ ଏବଂ ଦାଶ ରବୀନ୍ଦ୍ରନାଥଙ୍କ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଏବଂ ପୁନଃପ୍ରତିଷ୍ଠା, ଝଙ୍କାର (୧୮୮୯) ଅଗଷ୍ଟ, ଅକ୍ଟୋବର, ନଭେମ୍ବର (୧୯୯୦) ଜାନୁଆରୀ, ମାର୍ଚ୍ଚ ଓ ମଇ ସଂଖ୍ୟା

ଏବଂ ରଥ ପଣ୍ଡିତ ମୃତ୍ୟୁଞ୍ଜୟଙ୍କ ଲିଖିତ 'ଧର୍ମଯୋଗୀ ଗୌରୀଶଙ୍କର'—ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ (୧୯୬୧) କଟକ ଷ୍ଟୁଡେଣ୍ଟସ ଷ୍ଟୋର, ପୃ ୩୬୪-୩୮୦, ଦ୍ରଷ୍ଟବ୍ୟ ।

୮- ରଥ, ପଣ୍ଡିତ ମୃତ୍ୟୁଞ୍ଜୟ : ଧର୍ମଯୋଗୀ ଗୌରୀଶଙ୍କର (୧୯୨୫) ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ (୧୯୬୧) କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ-୨ ।

୯- ମହାନ୍ତି, ସୁରେନ୍ଦ୍ର (୧୯୮୮) ଓଡ଼ିଆ ସାମ୍ବାଦିକତାର ଜନକ ଗୌରୀଶଙ୍କର, ଧର୍ମଯୋଗୀ ଗୌରୀଶଙ୍କର ଭୂମିକା, ଗୌରୀଶଙ୍କର ସ୍ମୃତି ସଂସଦ, କଟକ ୧। ପୃ ୧୪୦ ।

୧୦- ମହାନ୍ତି ବଂଶୀଧର—ସମ୍ପାଦନା (୧୯୬୮) ଝଙ୍କାର ଚଇତ୍ର, ବେଣ୍ଟୁର ପତ୍ରସର୍ଗ କଟକ-୨ । ପୃ ୧୧ ।

୧୧- Mazumdar, B.C. (1925)—Typical Selections from Oriya, Litratese, vol-3, Calcutta University, Introduction XXVII.

୧୨- ପୂର୍ବୋକ୍ତ ଟିପ୍ପଣୀ ପୃ-୩୫୬ ।

ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଗଡ଼ଜାତ ମହାବିଦ୍ୟାଳୟ,
ଅନୁଗୁଳ, ଢେଙ୍କାନାଳ ।

# ଓଡ଼ିଶାର ନବଜାଗରଣ ଓ ବୁଦ୍ଧିଜୀବୀ ଗୌରୀଶଙ୍କର

ଦେବେନ୍ଦ୍ର କୁମାର ଦାଶ

॥ ଏକ ॥

ଊନବିଂଶ ଶତାବ୍ଦୀ, ଓଡ଼ିଶା ତଥା ଭାରତ ଇତିହାସର ଏକ ସନ୍ଧିକାଳ । ଏହି ଶତାବ୍ଦୀରେ 'ସମଗ୍ର ଭାରତରେ ଦେଖା' ଦେଇଥିବା ସାମାଜିକ, ରାଜନୈତିକ ଆନ୍ଦୋଳନ ଭାରତ ଇତିହାସର ଗତିପଥକୁ ନୂତନ ଭାବେ ନିର୍ଦ୍ଧାରଣ କରିଥିଲା, ଭାରତୀୟ ମନୀଷା ବିଚିତ୍ର ଧାରାରେ ଆପଣାକୁ ଅଭିବ୍ୟକ୍ତ କରିଥିଲା । ଏହି ପରିବର୍ତ୍ତନର ପ୍ରେରଣା କୌଣସିଟି ଏକେ ବା କେତେକର କଥା ନୁହେଁ । ଔପନିବେଶିକ ଶାସନ ବ୍ୟବସ୍ଥା ଭିତରେ ଏହା ମୁଷ୍ଟିମେୟ ଜନସାଧାରଣଙ୍କୁ ହିଁ ସ୍ପର୍ଶ ଓ ପ୍ରଭାବିତ କରିଥିଲା । ତଥାପି ବୌଦ୍ଧିକ ଅର୍ଥରେ ଏହା ନବଜାଗରଣ ରୂପରେ ଚିହ୍ନିତ । ଗୌରୀଶଙ୍କର ରାୟ (୧୩. ୭. ୧୮୩୮— ୨. ୩. ୧୯୧୭), ଓଡ଼ିଶାରେ ଏହି ନବଜାଗରଣର ଥିଲେ ଅଗ୍ରଣୀ ଉଦ୍ଗାତା ।

ଗୌରୀଶଙ୍କରଙ୍କ ସାମାଜିକ ଭୂମିକାର ମୂଲ୍ୟାୟନ ତାଙ୍କ ସମକାଳରେ ହିଁ ଆରମ୍ଭ ହୋଇ ସାରିଥିଲା । ତାଙ୍କୁ ଯେତେବେଳେ ମାତ୍ର ତିରିଶ ବର୍ଷ, ସେତେବେଳେ କବି ରାଧାନାଥ ଏକ କବିତାରେ ତାଙ୍କୁ 'ଉତ୍କଳ-ହିତର ନାୟକ' ପାର୍ଥ ରୂପେ ଉଲ୍ଲେଖ କରିଥିଲେ । ପାଠ୍ୟ ପୁସ୍ତକ ଆନ୍ଦୋଳନ ଓ ଭାଷା-ରକ୍ଷା ଆନ୍ଦୋଳନ ବେଳେ ଯେତେବେଳେ ସେ କଟକ ଅଧ ଶତାବ୍ଦୀର ବ୍ୟକ୍ତିତ୍ୱ, ସେତେବେଳେ 'ନବ-ସୃଷ୍ଟି-ସୁଷମା-ପ୍ରଭୃତି ଗୀତିକା'ର ପ୍ରଣେତା ଓ ପ୍ରକାଶକ ବିଶ୍ୱାବରର କବି ମଧୁସୂଦନଙ୍କ ଦ୍ୱାରା ସେ ଅଭିନନ୍ଦିତ ହୋଇଥିଲେ । ଫକୀର ମୋହନ ମଧ୍ୟ ତାଙ୍କୁ କର୍ମୀ ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ନାୟକ ସ୍ୱୀକାରରେ କୁଣ୍ଠାବୋଧ କରିନାହାନ୍ତି । ତାଙ୍କ ମୃତ୍ୟୁ ପରେ ପରେ ଯେଉଁ ଜୀବନୀ (ଶ୍ରୀଧର ରାଉତ, ମୃତ୍ୟୁଞ୍ଜୟ ରଥ ଓ ଲାଲ ଦେବେନ୍ଦ୍ର କୁମାର ଦାସ) ତାଙ୍କ ଜୀବନୀ ଲେଖିଛନ୍ତି ସେମାନେ ତାଙ୍କୁ ମୁକ୍ତଚିନ୍ତା କର୍ମଯୋଗୀ, କର୍ମବୀର ଆଦି ଉପାଧିରେ ଭୂଷିତ କରିଛନ୍ତି । ଓଡ଼ିଶାରେ ପ୍ରିଣ୍ଟିଂ ପ୍ରେସ ସ୍ଥାପନ, ସମ୍ବାଦ ପତ୍ର ପ୍ରକାଶନ, ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ପ୍ରତିଷ୍ଠା ପାଇଁ ସଂଗ୍ରାମ, ପ୍ରାଚୀନ ଓଡ଼ିଆ ସାହିତ୍ୟର ପୁନରୁଦ୍ଧାର, ବହୁଳ ସାମାଜିକ ଓ ରାଜନୈତିକ ଆନ୍ଦୋଳନରେ ଅଂଶ ଗ୍ରହଣ, ଜାତୀୟ ଗ୍ରନ୍ଥାଗାର, ବିଦ୍ୟାଳୟ, ଚିକିତ୍ସାଳୟ ସ୍ଥାପନ, ସର୍ବୋପରି

ତେଣୁ ଆଗରୁ ଥିଲା ପ୍ରତିଷ୍ଠା ତାଙ୍କ କର୍ମୀ ଜୀବନର କେନ୍ଦ୍ରସ୍ଥାନୀ ରୂପରେ ସ୍ୱୀକୃତ । ଏବେ ମଧ୍ୟ ତାଙ୍କର ସେହି କର୍ମ-ଭୂମିକା ଉପରେ ହିଁ ଅତ୍ୟଧିକ ଗୁରୁତ୍ୱ ଆରୋପିତ । ତାଙ୍କର ଜନ୍ମ ଶତବାର୍ଷିକୀ ଉପଲକ୍ଷେ 'ଗୌରୀଶଙ୍କର ସ୍ମୃତି ସଂସଦ' ଆନୁକୂଲ୍ୟରେ ପ୍ରକାଶିତ 'କର୍ମବୀର ଗୌରୀଶଙ୍କର' ପୁସ୍ତକର ଶୀର୍ଷକରେ ତାଙ୍କର କର୍ମୀ ଜୀବନ ଉପରେ ଜୋର ଦିଆଯାଇଥିଲେ ବି ଏଥିରେ ସଂଯୁକ୍ତ କେତେକ ପ୍ରବନ୍ଧରେ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱର ଅନ୍ୟ କେତେକ ଦିଗ ଉପରେ ଆଲୋକପାତ କରାଯାଇଛି । ଏହି ଦୃଷ୍ଟିରୁ ସ୍ୱର୍ଗତ ଗୋପୀନାଥ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ନନ୍ଦକିଶୋର ରଞ୍ଜନ ପଟ୍ଟନାୟକ, କୁଳମଣି ମହାନ୍ତି, ହେମନ୍ତ କୁମାର ଦାସ ତଥା ସର୍ବଶ୍ରୀ ସୁରେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ପ୍ରବନ୍ଧ ଗୁରୁତ୍ୱପୂର୍ଣ୍ଣ । କେବଳ କର୍ମୀ ରୂପରେ ନୁହେଁ, ଜଣେ ବୁଦ୍ଧିଜୀବୀ ତଥା ଚିନ୍ତାନାୟକ ରୂପରେ ଗୌରୀଶଙ୍କର ତାଙ୍କ ସମୟକୁ କେଉଁଭଳି ଭାବେ ଆଲୋଡ଼ନ କରିଥିଲେ ଓ ଭବିଷ୍ୟତ ପାଇଁ କେଉଁ ପଥ-ନିର୍ଦ୍ଦେଶ କରିଥିଲେ, ତାହାର କେତେକ ସୂଚନା ଉପରୋକ୍ତ ଲେଖକମାନଙ୍କର ପ୍ରବନ୍ଧରେ ରହିଛି । ଉପରୋକ୍ତ ସଙ୍କଳନର ପ୍ରକାଶ ପୂର୍ବରୁ ଡକ୍ଟର ନଟବର ସାମନ୍ତରାୟ ତାଙ୍କର 'ଓଡ଼ିଆ ସାହିତ୍ୟ ଇତିହାସ' ପୁସ୍ତକ ଓ ଅନ୍ୟାନ୍ୟ ପ୍ରବନ୍ଧରେ ଓଡ଼ିଆ ଭାଷାକୁ ବିଲୋପନରୁ ରକ୍ଷାକରି ଓ ପ୍ରତିଷ୍ଠା କରିବାରେ ସେ ଯେଉଁ ସଂଗ୍ରାମୀ ଭୂମିକା ନେଇଥିଲେ, ତାହାକୁ ଅର୍ଦ୍ଧ-ଶତାବ୍ଦୀ ଓ ତାହାଠାରୁ ଅଧିକ ସମୟରୁ ମୁକ୍ତ କରି ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ ।

ଗୌରୀଶଙ୍କରଙ୍କ କର୍ମୀ ଭୂମିକାକୁ ଅସ୍ୱୀକାର ନ କରି, ଏତିକି କୁହାଯାଇପାରେ ଯେ, ତାଙ୍କ କର୍ମ ଥିଲା ମୁଖ୍ୟତଃ ବୌଦ୍ଧିକ-କର୍ମ । ଗୌରୀଶଙ୍କର ମୁଖ୍ୟତଃ ଥିଲେ ଜଣେ ସମ୍ପାଦକ ଓ ଚିନ୍ତାନାୟକ । ସମାଜ-ଆନ୍ଦୋଳନ ଠାରୁ ରାଜନୈତିକ ଆନ୍ଦୋଳନ ପର୍ଯ୍ୟନ୍ତ ଗୌରୀଶଙ୍କରଙ୍କ ଅଧିକାଂଶ କ୍ରିୟା ଥିଲା ବୁଦ୍ଧିମାର୍ଗୀୟ । ଓଡ଼ିଆ ଜାତୀୟତାର ତାହା ଥିଲା ଉନ୍ମେଷ ପର୍ବ ଓ ଓଡ଼ିଆ ଜାତୀୟ ଚେତନାର ଭଗୀରଥ ଥିଲେ ଗୌରୀଶଙ୍କର । ଭାଷା ସୁରକ୍ଷା ଆନ୍ଦୋଳନର ନେତୃତ୍ୱ, ଓଡ଼ିଆ ସାହିତ୍ୟର ପୁନରୁଦ୍ଧାର, ଓଡ଼ିଆ ଗଦ୍ୟ ଶୈଳୀର କଲ୍ୟାଣର ଓ ସମ୍ବାଦପତ୍ର ସମ୍ପାଦନ ମଧ୍ୟ ଦେଇ ଓଡ଼ିଶାର ମଧ୍ୟବିତ୍ତମାନଙ୍କୁ ନୂଆ ଜୀବନ ପ୍ରତି ଆକୃଷ୍ଟ କରିବା ଗୌରୀଶଙ୍କରଙ୍କ ବୁଦ୍ଧିଜୀବୀ ଭୂମିକାର ପରିଚାୟକ ।

## ॥ ଦୁଇ ॥

ଆଧୁନିକ ଶିଳ୍ପ ସଭ୍ୟତାର ମାନଦଣ୍ଡରେ ଅନଗ୍ରସର ରୂପେ ଅଭିହିତ କୌଣସି ସମାଜରେ ଜଣେ ବୁଦ୍ଧିଜୀବୀଙ୍କର ଅବଦାନ ଜଟିଳ ଓ ସରଳ ସାମାଜିକ ପ୍ରଗତି ହେତୁ ସମ୍ପୂର୍ଣ୍ଣ ଭୋଗକରିଥାଏ । କୌଣସି ଉତ୍ପାଦନ ଅନୁନ୍ନତ ବା ପ୍ରଗତିଶୀଳ ସମାଜ ବା ଶିକାର ଯୁଗ ପଶୁ ଚାରଣୀ ସମାଜ ବା ସମ୍ପ୍ରଦାୟ ସଂଘର୍ଷ ଓ ସଂଯୋଗ ଫଳରେ ସୃଷ୍ଟି

ହୋଇଥିବା ସାମାଜିକ ଓ ଆର୍ଥିକ ଆବର୍ତ୍ତରୁ ଏହି ବୁଦ୍ଧିଜୀବୀଙ୍କର ଆବିର୍ଭାବ । ଅନ୍ୟ ଭାଷାରେ କହିଲେ ଯେତେବେଳେ ଉତ୍ପନ୍ନ ବର୍ଦ୍ଧନ ହେତୁ ଦୁଇଟି ଭିନ୍ନ ଭିନ୍ନ ସ୍ତରରେ ଅବସ୍ଥାନ କରୁଥିବା ଦୁଇଟି ସମାଜ ବା ଶ୍ରେଣୀ ପରସ୍ପର ସଂଯୋଗ ପଥରେ ଉପସ୍ଥିତ ହୋଇ ପଡନ୍ତି, ସେତେବେଳେ ଅନଗ୍ରସର ସମାଜରେ ବୁଦ୍ଧିଜୀବୀଙ୍କର ଅଭ୍ୟୁଦୟ ଅନିବାର୍ଯ୍ୟ ହୋଇପଡେ । ଅଷ୍ଟାଦଶ ଶତକର ଭାରତବର୍ଷର ରାଷ୍ଟ୍ରୀୟ, ସାମାଜିକ ସଂଗଠନରେ ସଙ୍କଟିତ ହୋଇଥିବା ଦୁର୍ବଳତା ପାଇଁ ହେତୁ ଗୋଟିଏ ନାବାଳକ ଜନତା ଉପରେ ପଶ୍ଚିମର ଗୋଟିଏ ଦେଶୀୟ ଆଗ୍ରାସୀ ସଭ୍ୟତାର ଆକ୍ରମଣ ଆରମ୍ଭ ହୋଇଯାଇଥିଲା । ଏହି ଆକ୍ରମଣ ଆରମ୍ଭ ହୋଇଥିଲା ପ୍ରାୟତଃ ସମକାଳରେ ଭାରତର ତିନୋଟି ତଟରେ — କଲିକତା, ବମ୍ବେ ଓ ମାଡ୍ରାଜରେ । ପରେ ତାହା ଭାରତର ଭିତର ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଫଳରେ, ଦୁଇଟି ସମ୍ପୂର୍ଣ୍ଣ ବିପରୀତଧର୍ମୀ ଜୀବନଦର୍ଶନ ଓ ମୂଲ୍ୟବୋଧର ଆକ୍ରମଣ ଓ ଆତ୍ମରକ୍ଷାର ଆତଙ୍କଧର୍ମୀ ହୋଇ ଜଟିଳ ଭାବାବର୍ତ୍ତର ସୃଷ୍ଟି କରିଥିଲା, ତାହା ପ୍ରତ୍ୟେକ ସ୍ତରରେ ଆଧୁନିକ ବୁଦ୍ଧିଜୀବୀର ଚିନ୍ତାଶୀଳତାର ମାର୍ଗକୁ ନିୟନ୍ତ୍ରିତ କରିଛି ।

ବୌଦ୍ଧିକମାନଙ୍କ ଉପରେ କୌଣସି ଆଲୋଚନା ଆରମ୍ଭ କରିବା ପୂର୍ବରୁ ଏଗୁଡ଼ିକୁ ଭିନ୍ନ ଭାବରେ ଉପସ୍ଥାପନ କରାଯାଇପାରେ । ଅର୍ଥନୈତିକ ଉତ୍ପାଦନରେ ନିର୍ଦ୍ଦିଷ୍ଟ ଭୂମିକା ଥିବା କୌଣସି ଶ୍ରେଣୀ ଯେତେବେଳେ ଇତିହାସର କୌଣସି ସ୍ତରରେ ଉତ୍ଥିତ ହୁଏ, ସେତେବେଳେ ଏକ କାଳରେ ଏକ ବା ଏକାଧିକ ବୁଦ୍ଧିଜୀବୀ ଗୋଷ୍ଠୀ ଜନ୍ମ ନିଅନ୍ତି । ଏହି ବୁଦ୍ଧିଜୀବୀମାନେ ସେହି ଶ୍ରେଣୀର ଆଦର୍ଶ ସୃଷ୍ଟି କରନ୍ତି, ସଂଶୋଧନ କରନ୍ତି ସେହି ଶ୍ରେଣୀର କର୍ମକାଣ୍ଡ । ସାମାଜିକ ଅର୍ଥନୈତିକ ରାଜନୈତିକ ଆଦି ଯାବତୀୟ କର୍ମରେ ବୁଦ୍ଧିଜୀବୀଗଣ ଆପଣା ଶ୍ରେଣୀକୁ ସଚେତନତାବୋଧ ଓ ଆତ୍ମ-ବିଶ୍ୱାସରେ ସମୃଦ୍ଧ କରନ୍ତି । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ, ଆଧୁନିକ ପୁଞ୍ଜିପତି ଶ୍ରେଣୀର ଅଭ୍ୟୁଦୟ ହେଉ ରାଜନୀତି, ଅର୍ଥଶାସ୍ତ୍ର, ଦର୍ଶନ ସାହିତ୍ୟ ଓ ନ୍ୟାୟବିଜ୍ଞାନ କ୍ଷେତ୍ରରେ ଏମାନଙ୍କ ଭୂମିକାକୁ ଶ୍ରେଷ୍ଠ ପ୍ରତିପାଦନ କରିବା ପାଇଁ ଏକ ପଣ୍ଡିତବର୍ଗର ଅଭ୍ୟୁଦୟ ହୋଇଥିଲା । ଭାରତବର୍ଷରେ ଔପନିବେଶିକ ଶାସନ କାୟେମ ରଖିବା ପାଇଁ ଇଂରେଜ ଶାସକବର୍ଗ ଓ ଇଂରେଜ ବଣିକ ଶ୍ରେଣୀକୁ ଅନୁସରଣ କରି ଭାରତରେ ନବ-ଧନିକ ଶ୍ରେଣୀ ଓ ନୂଆ ଭୂମ୍ୟଧିକାରୀ ବା ଜମିଦାର ଗୋଷ୍ଠୀର ଆବିର୍ଭାବ ଘଟିଥିଲା । ସୁତରାଂ ସାମାଜିକ ଜୀବନ ନୂତନ ଅନୁଗାମୀ ଶ୍ରେଣୀଙ୍କ ଆଦର୍ଶର ପ୍ରବକ୍ତା ହିସାବରେ ଗୋଟିଏ ବୁଦ୍ଧିଜୀବୀ ଗୋଷ୍ଠୀର ଅଭ୍ୟୁଦୟ ପ୍ରତ୍ୟାଶିତ ଓ ସ୍ୱାଭାବିକ । ବିଦେଶୀ ଶାସକଙ୍କର ଶକ୍ତି ଓ ବୁଦ୍ଧିଜୀବୀମାନଙ୍କର ମେଧା — ଏହି ଦୁଇ ସ୍ତମ୍ଭ ଉପରେ ଛିଡ଼ା ହୋଇ ଔପନିବେଶିକ ବ୍ୟବସ୍ଥା ଅନ୍ତଃସ୍ଥଳରେ ଚରମ ଶୋଷଣ ନୀତି ସତ୍ତ୍ୱେ ତା'ର ତଥାକଥିତ ପ୍ରଗତିଶୀଳତାର ବାର୍ତ୍ତା ପ୍ରଚାର କରୁଥିଲା । ଏଥିରୁ ଆଉ ଗୋଟିଏ ସତ୍ୟ ଉଦ୍ଘାଟିତ, ତାହା ହେଲା ସମାଜ-ରୂପାନ୍ତରରେ ବଣିକ ଶ୍ରେଣୀ, ମେଧାର ମଞ୍ଚ ହେଉଛନ୍ତି ଏକ

କାର୍ଯ୍ୟକାରୀ ଅଥବା ସଙ୍ଗଠନାତ୍ମକ ଭୂମିକା ରହିଛି । ପୁଣି ବେଳେବେଳେ ଦେଖାଯାଏ ଯେ ବୁଦ୍ଧି ଓ ମେଧା କେବଳ ବ୍ୟକ୍ତିଙ୍କ ପାଖରେ କେନ୍ଦ୍ରୀଭୂତ— କେଉଁ ବ୍ୟକ୍ତିଙ୍କର ଦୁର୍ବଳ ଭୂମିକା । ପୁଣି ବେଳେବେଳେ ଦେଖାଯାଏ, ମେଧା ବ୍ୟକ୍ତିଙ୍କ ବଶୀଭୂତ ହେବାରେ ସାହାଯ୍ୟ କରୁଛି ଓ ମେଧା ତଥା ଚରିତ୍ରର ପ୍ରବଳ ମିଳନ ବ୍ୟକ୍ତିଙ୍କୁ ବୁଦ୍ଧିଜୀବୀ ରୂପରେ ଏକ ଅପ ତା ଗୁରୁତ୍ୱର ଓ ସାହସୀ ଭୂମିକା ନେବାରେ ସହାୟକ ହୋଇଛି । ଗୌରୀଶଙ୍କରଙ୍କ ବୁଦ୍ଧିଜୀବୀ-ଜୀବନ ଏହାର ଦୃଷ୍ଟାନ୍ତ ।

ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ବୁଦ୍ଧିଜୀବୀଙ୍କର ଭୂମିକାର ସ୍ୱରୂପ ଓ ସେମାନଙ୍କର ସ୍ୱକୀୟ ବୈଶିଷ୍ଟ୍ୟ ନେଇ କେତୋଟି ପ୍ରଶ୍ନର ଅବତାରଣା କରାଯାଇ ପାରେ । ଅଧ୍ୟାପକ ଆର୍ଣ୍ଣଲ୍ଡ୍ ଟଏନବୀ ପ୍ରାଚ୍ୟ-ପାଶ୍ଚାତ୍ୟ ସମାଜ ଭାରତୀୟ ଐତିହାସିକ ବୈଶିଷ୍ଟ୍ୟର ଆଲୋଚନା କରିବାବେଳେ ବୁଦ୍ଧିଜୀବୀମାନଙ୍କୁ 'ମାନବୀୟ ଟ୍ରାନ୍ସଫର୍ମର' ରୂପେ ଅଭିହିତ କରିଛନ୍ତି । ଗୋଟିଏ ଯାନ୍ତ୍ରିକ ଟ୍ରାନ୍ସଫର୍ମର ଯେଉଁଭଳି ଭିନ୍ନ ଶକ୍ତି ସମ୍ପନ୍ନ ବିଦ୍ୟୁତ୍‌ର ସ୍ରୋତକୁ ବିଦ୍ୟୁତ ପ୍ରବାହ ଗ୍ରହଣ କରିଥାଏ; ବୁଦ୍ଧିଜୀବୀଗଣ ସେହିଭଳି ଗୋଟିଏ ଜଗତରୁ ଅର୍ଜିତ ଜ୍ଞାନ, ଧ୍ୟାନଧାରଣା ଓ ଆଦର୍ଶ ଆଦିକୁ ଅନ୍ୟ ଏକ ଜଗତରେ ସଞ୍ଚାରିତ କରନ୍ତି । ଏହି ବୁଦ୍ଧିଜୀବୀଗଣ ହେଲେ ନୂତନ ମତାଦର୍ଶର ପ୍ରଚାର ଓ ସଂପ୍ରସାରଣର ମାଧ୍ୟମ— ଏହି ବିଷୟରେ ସମସ୍ତ ଇତିହାସ-ବେତ୍ତା ପଣ୍ଡିତ ଓ ସମାଜତାତ୍ତ୍ୱିକଗଣ ଏକମତ । ସମାଜର ସଙ୍କଟ ମୁହୂର୍ତ୍ତରେ ସେମାନେ ଗ୍ରହଣ କରନ୍ତି ସଂସ୍କାରକ-ଦାର୍ଶନିକର ଭୂମିକା । ସେହି ଭୂମିକା ଗ୍ରହଣ ପାଇଁ ତାଙ୍କର ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ କଠୋର ଭାବେ ନିୟନ୍ତ୍ରିତ କରିବାକୁ ହୋଇଥାଏ । ମାନବିକ ଇତିହାସର ଗୋଟିଏ ଯୁଗରୁ ଅନ୍ୟ ଏକ ଯୁଗକୁ ଯାତ୍ରା କରିବାବେଳେ ଏହି ସଂସ୍କୃତି ଓ ଆଦର୍ଶବାଦରେ ସେମାନେ ଥାଆନ୍ତି ଉଦ୍‌ବୁଦ୍ଧ । କିନ୍ତୁ ଜୀବନର ଆଲୋକ ଅନ୍ୟ ଜଗତରୁ ଗ୍ରହଣ କରି ଆପଣା ଦେଶ ବା ଜାତିକୁ ଆଲୋକିତ କରିବାବେଳେ ସେହି ଆଲୋକର ରଶ୍ମିରେ ଆପଣାର ଅନ୍ତର୍ଜଗତକୁ ମଧ୍ୟ ସେମାନେ ଆଲୋକିତ କରିଥାନ୍ତି । ଅନ୍ତର ଦୃଷ୍ଟି ଦ୍ୱାରା ଅନୁଭୂତ ସତ୍ୟରୁ ସେମାନେ ବିଶ୍ୱାସ କରିଥାନ୍ତି ଯେ ଏକ ଐତିହାସିକ ମୁହୂର୍ତ୍ତରେ ତାଙ୍କର ଜନ୍ମ ଓ ଐତିହାସିକ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ତାଙ୍କ ଦେହ ଓ ମନରେ ନିହିତ । ବ୍ୟକ୍ତିଗତ ଜୀବନର ସାମାନ୍ୟ ସ୍ୱାର୍ଥ ଓ ପ୍ରଚଳିତ ସମାଜ-ଜୀବନର ଅନ୍ଧକାରରୁ ମୁକ୍ତି ଲାଭ କରି ସଦେହ ଗୁରୁମାନେ ତ ମାନବ କଲ୍ୟାଣକୁ ଧାର୍ମିକର ପରିଣତ କରିବା ପାଇଁ ସେମାନେ ସ୍ୱତଃ ଅନୁପ୍ରେରିତ ହୋଇଥାନ୍ତି । ସାଂପ୍ରତିକ ସମାଜ ଯେଉଁ ନୈତିକ ଓ ଆତ୍ମିକ ସମସ୍ୟାରେ ଆଲୋଡ଼ିତ, ସେହି ସମସ୍ତ ସମସ୍ୟାର ବିଶ୍ଳେଷଣ କରି ତାହାର ସମାଧାନର ବିଭିନ୍ନ ବାଟ ଓ ସମ୍ଭାବନାର ପଥ ସେମାନେ ନିର୍ଦ୍ଦେଶ କରନ୍ତି । ଭବିଷ୍ୟତ କାଳର ଦୃଷ୍ଟିକୋଣରୁ ବିଚାର କଲେ ସେମାନଙ୍କ ଭୂମିକା ଅଧିକତର— ଏହି ବିଶ୍ୱାସ ସେମାନଙ୍କର କର୍ତ୍ତବ୍ୟ ଓ ଚେତନାରେ ଯୋଗାଏ ଅଦମ୍ୟ ଉଦ୍ଦୀପନା ଓ ପ୍ରାଣଶକ୍ତି ।

ଉପରୋକ୍ତ ସାଂସ୍କୃତିକ-ବସ୍ତୁର ଭିତ୍ତିରେ ଗୌରୀଶଙ୍କରଙ୍କ ଦାୟିତ୍ୱ ଓ ଭୂମିକା ଆଲୋଚନା କରାଯାଇପାରେ । ଗୌରୀଶଙ୍କର ଓଡ଼ିଶାର ମୌଳିକ ସମସ୍ୟାଗୁଡ଼ିକ ଦୂର କରି ସ୍ୱତନ୍ତ୍ର ଜାତୀୟ ଚେତନା ସୃଷ୍ଟିରେ ଏବଂ ସାହାଯ୍ୟ ବାସ୍ତବତା ଭିତରେ ଓଡ଼ିଆ ଏକ ଐତିହାସିକ ଅନିର୍ଦ୍ଦିଷ୍ଟତା ନେଇଥିଲା । ଏହି ସ୍ୱାଧୀନ ଓ ଜାତୀୟ ସ୍ୱାଧୀନତାର ପ୍ରେରଣା ପାଇଥିଲେ ସେ ଆପଣାର ଅନ୍ତର ପ୍ରଦେଶରୁ । ତାଙ୍କ ପୂର୍ବରୁ ମୁକ୍ତି ଦେଇ ଓଡ଼ିଆ ଶିକ୍ଷାଗତ ପୋଷଣଭାବରେ ଏଣ୍ଡ୍ରାଇଷ୍ଟ ମିଶନ ଅଧିକାର କରିଥିଲେ । ସେହି କେତେକଣକା ଏଣ୍ଡ୍ରାଇଷ୍ଟ ପଦ୍ଧତି ଚାଲିଥିଲେ ସେମାନେ ସରକାରଙ୍କ ସୁବିଧାର ଜନମତ ହେତୁ ପାଶ୍ଚାତ୍ୟ ଓ ବ୍ରାହ୍ମଣ୍ୟ ଜନନୀତିରେ ପକ୍ଷପାତୀ ହୋଇଥିଲେ । ଗୌରୀଶଙ୍କର ଓଡ଼ିଶାକୁ ଏକଗାଠ ଓ ଏହା ପାଇଁ କାର୍ଯ୍ୟ କରିବାର ମନୋବୃତ୍ତି ପୋଷଣ କରି 'ଉତ୍କଳ ଦୀପିକା'ର ପ୍ରକାଶନ ଓ ସମ୍ପାଦନା ଦାୟିତ୍ୱ ଅଧ୍ୟବସାୟ କରିଥିଲେ । ସେ ଦେଖିଥିଲେ ନବଜାଗରଣ ଆନ୍ଦୋଳନର ସଙ୍ଗୋଠୀ ସମ୍ପ୍ରଦାୟ ଆନ୍ଦୋଳନ । ନୂଆ ଜୀବନର ସମ୍ଭାବନାରେ ଭୁବନେଶ୍ୱର କଳ୍ପନା ସତ୍ୟ ଆଜି ସଫଳ ହୋଇଛି । ଅଥଚ ପ୍ରେରଣା ଅଭାବରୁ ଓଡ଼ିଆ ଜାତି ପଛରୁ ରହିଲା ସମ୍ପର୍କ ଓ ଐତିହାସିକ ସଂଗଠନ ସମ୍ବନ୍ଧ ଛୋଟପାଇଁ ନୋହଁ ଏକତାର ଲାଭ । ସଂଗଠନ ସମ୍ବନ୍ଧରୁ ଆଜି ନୂଆ ଜୀବନର ସ୍ୱପ୍ନ ଦେଖିଛୁ । ତାଙ୍କ ସମ୍ପୂର୍ଣ୍ଣତା ନ ଥିଲେ ସେ ପ୍ରକାଶିତ । ଇଂରେଜ ଶାସନ କଳ୍ପନାରେ ପଡ଼ିଥିବା ଅଞ୍ଚଳ ଏକ ପତ୍ରିକାର ଓଡ଼ିଶାରେ । ତାଙ୍କ ଏଠାରୁ ଖୁଲିବା ପାଇଁ ସ୍ୱର୍ଗ ଓ ପରିଶ୍ରମରେ ବାଧା ଲାଗିଥିଲା । ଫଳରେ ଓଡ଼ିଶା ନିଜର ବର୍ତ୍ତମାନ ସ୍ୱପ୍ନ ଶୁଣାଯାଉଛି । ଆଜି ଏକଣାଏ ଇଂରେଜମାନେ ବର୍ଣ୍ଣିତ ହୋଇ ଅଧିକାର, ଶାସନ ଓ ଦୈନିକ ହୋଇ ଅଛନ୍ତି । ସେମାନେ ଅଧିକ ଅଛନ୍ତି ଲୋକେ କର୍ମଚାରୀ ପରମାନନ୍ଦ । କିନ୍ତୁ ଗୌରୀଶଙ୍କର ଏମାନେ ନୂଆ ଜୀବନର ପ୍ରଦେଶ ଧର୍ମ ସ୍ୱ ଅଛନ୍ତି । ସମସ୍ତ ଓଡ଼ିଆ ଜାତିକୁ ଏମାନଙ୍କ ବୈଜ୍ଞାନିକ ଚେତନାରେ ସଚେତନ କରିବା ପାଇଁ ପଡ଼ିବ । ଏହା ସମ୍ଭବ ହେଲେ ସେମାନଙ୍କ ଏକ ସଙ୍ଗଠିତ ଜାତି ହିସାବରେ ପ୍ରସ୍ତୁତ କରିବା ପାଇଁ ପଡ଼ିବ । ଗୌରୀଶଙ୍କର ଉତ୍କଳ-ପ୍ରକୃତି ପ୍ରୟୋଗ ଏଥିପାଇଁ କର୍ମୀ ଦରକାର ନେଇପାରେ କିନ୍ତୁ ଅତୀତର ଗୌରବରେ ତାଙ୍କ ବର୍ତ୍ତମାନକୁ ସଂଶୋଧନ କରିବାକୁ ହେବ, ଇତିହାସ-ଦୃଷ୍ଟି ପରିପ୍ରେକ୍ଷୀ ଉପକ୍ରମ ସୃଷ୍ଟି କରିବାକୁ ହେବ ।

ଏଥିପାଇଁ ଯାତନାପ୍ରସୂତ ନବଜାଗରଣ ହେବାରେ ଗୌରୀଶଙ୍କରଙ୍କ ସାହାଯ୍ୟ କରିଥିଲା ତାଙ୍କର ଶିକ୍ଷା । ବସ୍ତୁତଃ ସାଧାରଣଙ୍କ ଅନୁସରଣ କରି ସ୍ୱାଭାବିକଭାବରେ ଆଧୁନିକ ମହାବିଦ୍ୟାଳୟ-ଶିକ୍ଷା ଥିଲା ତାଙ୍କର ପାଣ୍ଠୁଠିକ ଶକ୍ତି । ସେ ହୁଏତ ହୁଗୁଳି କଲେଜର ଶିକ୍ଷା ଅସମାପ୍ତ ରଖି ପାରିବାରିକ ବାଧ୍ୟବାଧକତାରେ ଓଡ଼ିଶାକୁ ଫେରି-ଆସିଲେ କିନ୍ତୁ ଏକ ହୁଗୁଳୀ ରହଣିରୁ ତାଙ୍କ ଆଧୁନିକ ମନ ଓ ଜୀବନର ଉନ୍ମେଷ ଘଟିଥିଲା । ହୁଗୁଳୀର ଅଦୂରରେ କଲିକତା ସହର । ଇଂରେଜ ଶାସନର

ଏହି ଶହ ବର୍ଷ ଭିତରେ କଲିକତା ସହର ଏକ ନୂଆ ଚାଲଣିର ପରମ୍ପରାରେ ପରିଣତ ହୋଇଥିଲା । ତାଙ୍କ ବାଣିଜ୍ୟର ଉନ୍ମେଷ ଯାହା ଏହି ନବ-ସାହିତ୍ୟିକ ଅଭିନବ-ମୌଳିକତା-ହେତୁ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା । ମାର୍କ୍ସଙ୍କର ବନ୍ଧୁ, ସହକର୍ମୀ ଓ ସବୁ ସାମ୍ରାଜ୍ୟବାଦ ଏଙ୍ଗେଲସ୍ ଲେନିନ୍‌ଙ୍କ ନବଜାଗରଣରେ ମୂଳ-ବୈଶିଷ୍ଟ୍ୟ ସମ୍ପର୍କରେ ସେତେ ମନ୍ତବ୍ୟ କରିଥିଲେ, ତାହାର ସହାୟତାରେ ସମକାଳୀନ କଲିକତା ସହରର ପରିଚୟ ବର୍ଣ୍ଣନା କରାଯାଇପାରେ । ସେ ଲେଖିଥିଲେ, 'ତାହା ଥିଲା ଏଭଳି ଏକ କାଳ ଯାହାର ଦାବି ଥିଲା ବିରାଟ ପୁରୁଷର ସୃଷ୍ଟି । ଚିନ୍ତା, ଆବେଗ, ଚରିତ୍ର, ବହୁଜ୍ଞତା ଓ ପାଣ୍ଡିତ୍ୟରେ ସତରେ ତାହା ବିରାଟ ପୁରୁଷର ସୃଷ୍ଟି କରିଥିଲା । "a tine which called for giants and produced giants—giants in power of thought, passion and character, in universality and learning" ତାହା ଥିଲା ରାମମୋହନ, ଡେରୋଜିଓ ଓ ସ୍ୱର୍ଗ ଦେବେନ୍ଦ୍ର ଠାକୁର, ବିଦ୍ୟାସାଗର ଓ ମାଇକେଲ୍ ମଧୁସୂଦନଙ୍କ କଲିକତା ସହର । ଏମାନେ ଥିଲେ କଲିକତାର ଆମୃତ-ଆଦର୍ଶବାଦୀର ଦଳ । ଏହି ଜୀବନର ସ୍ପର୍ଶ ସ୍ପର୍ଶରେ ଗୌରୀଶଙ୍କରଙ୍କ ସମ୍ବେଦନଶୀଳ ଓ ନୂତନ-ଜୀବନ-ଉନ୍ମୁଖ ମନ ଗୋଟାଏ ଅଭିନବ-ଧରଣର ଉଦ୍ଦୀପ୍ତ ଅନୁଭବ ଲାଭ କରିଥିଲା । ଏହି ଅନୁଭବ କଟକ ସହରକୁ ଆସି ଜଟିଳ ଦୃଷ୍ଟିକୋଣରେ ଅଙ୍କୁରିତ ହୋଇଥିଲା ।

ଇଂରେଜମାନେ କଟକ ସହରକୁ ଅଧିକାର କଲେ ୧୮୦୩ ମସିହାରେ ସେମାନେ ଓଡ଼ିଶାକୁ ଆସିଲେ ବାଣିଜ୍ୟ/ଧର୍ମ ପ୍ରଚାରକ ରୂପରେ ନୁହେଁ—ଶୋଷକ ଓ ଶାସକ ଭାବରେ । ଫଳରେ କଲିକତା ପ୍ରେସିଡେନ୍ସିର କେନ୍ଦ୍ର କଲିକତା ସହରକୁ ନୂଆ ଜୀବନର ସ୍ପର୍ଶରେ ସେମାନେ ଯେତେ ଆଲୋକିତ କରିଥିଲେ କଟକରେ ତାହା ସେମାନେ କରିପାରିନଥିଲେ । ତଥାପି ଓଡ଼ିଶା ବିଭାଗର ଶାସନକେନ୍ଦ୍ର ଭାବରେ କଟକ ସହରରେ ମଫସଲର ଇଂରେଜ ପ୍ରଶାସକ, କିଛି ବଙ୍ଗାଳୀ ଅମଲା, ଓକିଲ ଓ ଡାକ୍ତର ତଥା ମଧ୍ୟଶ୍ରେଣୀର ଓଡ଼ିଆ ଅମଲା, ସେମାନଙ୍କ ସେବାଧର୍ମ ବର୍ଗ କଟକ ସହରରେ ବସା ବାନ୍ଧିଥିଲେ । ବାହାରୁ ଐତିହାସିକ କାରଣରୁ ଏମାନେ କେବଳ ବହୁତ ସ୍ୱଳ୍ପସଂଖ୍ୟୀ ଗୋଷ୍ଠୀରେ ସୀମିତ ନ ଥିଲେ, ବାସ୍ତବ ଜୀବନର ଆଦର୍ଶବାଦୀ ଏମାନଙ୍କୁ ଭିନ୍ନ ସ୍ୱାର୍ଥ-ମଣ୍ଡଳୀରେ ବିଭକ୍ତ କରିଥିଲା । ଗୌରୀଶଙ୍କର ଜଣେ ନିମ୍ନ-ଶ୍ରେଣୀର ପରିବାରର ଅମଲା ସୂତ୍ରେ କଟକରେ ଯୋଗଦେଲେ ପରେ ଏକ ନିର୍ଦ୍ଦିଷ୍ଟ ସ୍ୱାର୍ଥ-ମଣ୍ଡଳୀରେ ଯୋଗ ଦେବାକୁ ବାଧ୍ୟ ହୋଇଥିଲେ—ତାହା ଥିଲା ଓଡ଼ିଆ ସ୍ୱଳ୍ପସଂଖ୍ୟୀ ଅମଲାମାନଙ୍କର ଗୋଷ୍ଠୀ । କିନ୍ତୁ ଗୌରୀଶଙ୍କର ଏହି ସଙ୍କୀର୍ଣ୍ଣ ଗୋଷ୍ଠୀ ଭିତରେ ସୀମାବଦ୍ଧ ହୋଇ ରହିନଥିଲେ । ଓଡ଼ିଆ ଜାତୀୟତାର କଳ୍ପତରୁ-ଭୂମିକା ସେ ସେତେବେଳେ ସ୍ୱତନ୍ତ୍ର ଗ୍ରହଣ କରିଥିଲେ । ପ୍ରଥମ ଭାରତୀୟ ସ୍ୱାଧୀନତା ମହାସମର ପରେ ଔପନିବେଶିକ ଶାସନ ଗଠନ ତାଙ୍କୁ ଏଥିପାଇଁ ସହଯୋଗିତା କରିଥିଲା ।

ସ୍ୱାଦେଶିକ ଭାବ-ଜାଗରଣ ବା ସଂଗଠିତ ଜାତୀୟ-ଚେତନାର ଉନ୍ମେଷ ଓ ବିକାଶରେ ପ୍ରଥମ ସ୍ୱତନ୍ତ୍ର ସ୍ୱାଧୀନତା ସଂଗ୍ରାମ-ଭାବରେ ବ୍ରିଟିଶ ଶାସନ-ଯନ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୮୫୭ ମସିହା ପର୍ଯ୍ୟନ୍ତ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରକୃତରେ ବାଣିଜ୍ୟିକ ସ୍ୱାର୍ଥ ନେଇ ବଙ୍ଗାଳୀ, ମରାଠୀ ଓ ତାମିଲମାନଙ୍କୁ ଶାସନ ଓ ଶୋଷଣ-ଯନ୍ତ୍ରରେ ସହଯୋଗୀ ଭାବରେ ଗ୍ରହଣ କରିଥିଲେ ଓ ତାହାର ଫଳରେ ହୋଇଥିଲା ବୈପ୍ଳବିକ-ଭାଷା-ଭିତ୍ତିକ ଜାତୀୟ ଚେତନାର ବିକାଶ । ସେହି କାଳରେ ବଙ୍ଗଳାରେ ଯେଉଁ ସ୍ୱତନ୍ତ୍ର ଜାତୀୟ ଚେତନାର ସୃଷ୍ଟି ହୋଇଥିଲା, ତାହାର କେନ୍ଦ୍ରରେ ଥିଲା କଲିକତା ସହର । କିନ୍ତୁ ୧୮୫୭ ମସିହା ପରେ ବ୍ରିଟିଶ ପ୍ରଶାସନ ନୀତି କଲା ବଙ୍ଗଳା ଓ ଅନ୍ୟାନ୍ୟ ଅଞ୍ଚଳ ମାନଙ୍କର ମଧ୍ୟବିତ୍ତ ବୁର୍ଜୁଆ, ଅବହେଳିତ ଅଞ୍ଚଳର ମଧ୍ୟବିତ୍ତ ଓ ଶିକ୍ଷିତ ଶ୍ରେଣୀକୁ ଅନ୍ତଃକଳହ ବୃଦ୍ଧି ହୋଇଥିଲା । 'ବିଭାଜନ ଓ ଶାସନ ନୀତି'ର ପ୍ରଭାବଶାଳୀଙ୍କ ଓଡ଼ିଆ ଜାତୀୟତାରେ କ୍ରମଶଃ ଶବ୍ଦ ପ୍ରଥମେ ଶୁଣାଯାଇଥିଲା । ବିଦ୍ରୋହୀ, ଏହି ସମସ୍ତ ପ୍ରମୁଖ ଇଂରେଜ ଅଧିକାରୀ ମାନେ କେହି ଓଡ଼ିଶାର ସ୍ୱାର୍ଥ-ସଂରକ୍ଷଣରେ ଉତ୍ସାହ ଭୂମିକା ଗ୍ରହଣ କରିଥିଲେ । ବିଶେଷତଃ ଓଡ଼ିଆମାନଙ୍କ ନିଜ ଅଧିକାରକୁ ହାସଲ କରିବାରେ ସେମାନେ ନେତୃତ୍ୱର ଭୂମିକା ଗ୍ରହଣ କରି ଅନୁପମ ଭାବରେ ସଫଳତା ଲାଭ କରିବାକୁ ଚେଷ୍ଟା କଲେ । ଇଂରେଜମାନେ ବାହାରର ସ୍ୱାର୍ଥପର ଏବଂ ସ୍ୱାର୍ଥାନ୍ୱେଷୀମାନଙ୍କ ଦୟା ବା ଅନୁକମ୍ପା ପ୍ରଦର୍ଶନ କରିବା ପୂର୍ବରୁ ତାଙ୍କ ଉପରେ ଆଘାତ କରିବାକୁ ଚାହିଁଥିଲେ । କାରଣ ତାଙ୍କର ଧାରଣା ଥିଲା ଯେ ନ ହେଲେ ଏମାନେ କ୍ଷମା ବା ଅନୁକମ୍ପା ଗ୍ରହଣ କରନ୍ତି ନାହିଁ । ଜେ ଜି ଲୁଇସ୍ ସେପ୍ଟେମ୍ବର ୨୭, ୧୮୬୯ରେ ଏକ ଚିଠିରେ ଲେଖିଥିଲେ "you must knock a native down before you pardon him. He will not accept your pardon till he is at your mercy" ଓଡ଼ିଶାକୁ ସାମ୍ରାଜ୍ୟ ଓ ଉପନିବେଶ କରିବା ପୂର୍ବରୁ ଏଥିପାଇଁ ସେମାନେ ଶୋଷଣ ଓ ପୀଡ଼ନର ଧ୍ୱଂସ କ୍ଷେତ୍ରରେ ପରିଣତ କରିଥିଲେ । ରେଭେନ୍ସା ଓ ଜନସ୍ ପ୍ରମୁଖ ଇଂରେଜ ପ୍ରଶାସକ ଏହାର ପରବର୍ତ୍ତୀ-କାଳରେ ଓଡ଼ିଶାର ସ୍ୱାର୍ଥରକ୍ଷା ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଓଡ଼ିଶା କଥା ନେଇ ସେମାନେ ବ୍ୟସ୍ତ ଥିଲେ ମାତ୍ର କହିଥିଲେ ବଙ୍ଗାଳୀ ଓଡ଼ିଆ, ମୁସଲମାନ, ଅସମୀୟ ଓ ବିହାରୀମାନେ । ସେମାନଙ୍କ ଦୃଷ୍ଟିରେ ଓଡ଼ିଶା ଥିଲା ବୃହତ୍ତର ବଙ୍ଗଳାର ଅଂଶବିଶେଷ; କେବଳ ସମୁଦ୍ର ତଟବର୍ତ୍ତୀ ଏକ ପଛୁଆ ଅଞ୍ଚଳ ଥିଲା । କେତେକ ଓଡ଼ିଆ ଲୋକ, ଯେଉଁମାନେ ବଙ୍ଗଳା ଶିକ୍ଷିତ ଥିଲେ, ଓଡ଼ିଶା ପାଇଁ ସେମାନଙ୍କର ଏକମାତ୍ର ଉପାୟ । ତାହାପରେ ଓଡ଼ିଶାରେ କେତେକ ଭଦ୍ରଲୋକ ଏବଂ ସିପାହୀ ଲୋକ ସେମାନଙ୍କର ୧୮୬୭ ମସିହାରେ ପ୍ରକାଶିତ ତାଙ୍କ 'ଉତ୍କଳୀୟ ଲୋକହିତ'ରେ ଲେଖିଥିଲେ; 'ଏ ସମସ୍ତ ଉତ୍କଳର ଅଭିଜ୍ଞତା ଦେଶର ଗ୍ରାମୀଣ ପ୍ରଜାମାନଙ୍କ ଉପରେ ପଡ଼ିଲା; ବନ୍ଦୋବସ୍ତ ବ୍ୟବସ୍ଥା ହେଲା, ଦେଶର ଓ ଭୂସମ୍ପତ୍ତିର ଜମା ବାକିରହିଲା ଅନେକ ପ୍ରମୁଖ ହେଲେ ନିଲାମ ଓ ଜମିଦାରୀ ଗଲା

ଏକଥା ଯଥାର୍ଥ ଯେ, ଆର୍ଥିକ ଜୀବନ; ଅନ୍ତ୍ୟ-ସ୍ୱଳ୍ପ, କେବଳ ଭୂମିର ବନ୍ଦୋବସ୍ତ ବ୍ୟବସ୍ଥା ଏକାନ୍ତ ସ୍ୱତନ୍ତ୍ର ଗଠନ ଅବଲମ୍ବିତ ହେଲା ଓ ରାଜସ୍ୱ କାର୍ଯ୍ୟାଳୟ ସମ୍ବନ୍ଧେ ସୁବନ୍ଦୋବସ୍ତ ଆଇନ ଶାସନ-ପ୍ରଚଳିତ ରହିଲା । ଏହି ଦୁଇ ବ୍ୟବସ୍ଥା ସ୍ୱଚ୍ଛତା ଜନୈ ଉତ୍କର୍ଷ ଦେଶୀୟ ଉନ୍ନତ ପରେ ସେ ବସ୍ତୁ ସମୂହ ପରିଷ୍କାର ଆସିଥିଲେ । ତାହା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ଦେଶର ସ୍ୱଦେଶୀୟ ହସ୍ତ ଦାଖଲ ହୋଇ ଆସୁଥିଲା ।' ଏକ ବର୍ଷ ପରେ କଟକରେ ଆସି ଦେଇ ସ୍ୱଭାବତଃ ନିଜ ମିଶି ତାହା କରୁଥିଲେ, ତାହା ଉପଯୁକ୍ତ ବକ୍ତବ୍ୟର ସ୍ୱରୂପ ମାତ୍ର । ବସ୍ତୁତଃ, କଟକରେ ଥିବା ବଙ୍ଗାଳୀ ଅମଲା ଓ ଜମିଦାର ମଧ୍ୟବିତ୍ତଙ୍କର ଅପରେ ସ୍ୱାର୍ଥ, ଓ ଅନ୍ୟର ବୃତ୍ତିକୁ ଓଡ଼ିଶାର ସ୍ୱାଭାବିକ ଉନ୍ନତିର ବାଧକ ରୂପେ ମଣୁଥିଲେ । ଗୌରୀଶଙ୍କରଙ୍କ ବୌଦ୍ଧିକ-ଜୀବନ-ଗଠନକୁ କଟକର ଏହି ପରିବେଶ ପ୍ରଭାବିତ କରିଥିଲା । କାରଣ ବୁଦ୍ଧିଜୀବୀ ଆପାତତଃ ସ୍ୱାଧୀନ ମନେହେଲେହେଁ, ପ୍ରକୃତରେ ସେ ସମସାମୟିକ କାଳ ଓ ପରିବେଶ ନିରପେକ୍ଷ ନୁହଁନ୍ତି । ବରଂ ସାମାଜିକ ପରିବେଷ୍ଟନୀ ତାଙ୍କ ମନନ ଓ ବୁଦ୍ଧିମତ୍ତାକୁ ନିୟନ୍ତ୍ରଣ ଓ ଗତିଶୀଳ କରିଥାଏ । ଗୌରୀଶଙ୍କର ଉତ୍କଳଦୀପିକା ପ୍ରକାଶ କରିବାବେଳେ ଓ ଜାତୀୟ ସାମାଜିକ ତଥା ରାଜନୈତିକ ଅଭିମୁଖୀ ସ୍ଥିର କରିବାରେ ଅଲେଖିତ ଗୋଷ୍ଠୀ ବୃତ୍ତିଜୀବୀ 'ଅଭିଜାତ' ସାମାଜିକ-ଅବସ୍ଥାନ ଓ ସେମାନଙ୍କର ମନୋଭଙ୍ଗୀ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର 'କରିଥିଲା' ।

ଇଂରେଜ-ବିଜୟ କାଳରେ ଭାରତୀୟ ସାଂସ୍କୃତିକ-ଐତିହ୍ୟ ଉପରେ ତତ୍କାଳୀନ ଇଉରୋପୀୟ ଯୁକ୍ତିବାଦୀ-ମନନର ଅଭିଘାତ ଏକ ସ୍ୱାଭାବିକ ପ୍ରକ୍ରିୟା ଥିଲା । ଗୌରୀଶଙ୍କରଙ୍କ ସମ୍ବେଦନଶୀଳ-ଚିତ୍ତରେ ଏହି ଅଭିଘାତ ଖୁବ୍ ମୁଦ୍ରିତ ହୋଇଯାଇଥିଲା । ଅଦୃଷ୍ଟବାଦୀ ଚିନ୍ତା, କର୍ମଫଳ ଓ ଜନ୍ମାନ୍ତରବାଦରେ ବିଶ୍ୱାସ; ଜାତି-ଉଚ୍ଚନୀଚ ପାର୍ଥକ୍ୟ ମଧ୍ୟରେ ଆପଣାକୁ ସ୍ୱେଚ୍ଛାକୃତ ଭାବେ ଆବଦ୍ଧ ରଖିବାର ଅବଶ୍ୟମ୍ଭାବିତା ମଧ୍ୟରେ ତାଙ୍କର ସମକାଳୀନ ଓଡ଼ିଆମାନେ ଅନ୍ତର୍ଦ୍ଧାନ ହୋଇଯାଇ ବସିଥିଲେ । ଗୌରୀଶଙ୍କର ଯେ ଏହି ସ୍ୱଭାବ-ବୃତ୍ତିରୁ ସମ୍ପୂର୍ଣ୍ଣ ମୁକ୍ତିଲାଭ କରିଥିଲେ—ଏହା ଦାବୀ କରାଯାଇ ନପାରେ । କିନ୍ତୁ ଏହିକି ସ୍ୱଭାବ-ବୃତ୍ତିରୁ ତାଙ୍କର ମୁକ୍ତି-ଆକାଂକ୍ଷା ଥିଲା ନିଶ୍ଚୟ । ଏହି ଚିନ୍ତା ମୁକ୍ତି-ଆକାଂକ୍ଷା ସୃଷ୍ଟି କରିଥିବା ଅସ୍ଥିରତା ଓ ଦ୍ୱନ୍ଦ୍ୱଶୀଳତା ଉତ୍କଳ-ଦୀପିକା ପୃଷ୍ଠାରେ ପରିସ୍ଫୁଟ । ବ୍ରିଟିଶ ଶାସନର ବ୍ୟବସ୍ଥାଗତ କାର୍ଯ୍ୟକାରିତା ସଂପର୍କରେ ସେ ସଚେତନ ଥିଲେ କିନ୍ତୁ ଔପନିବେଶିକ ବ୍ୟବସ୍ଥା ଭାରତୀୟଙ୍କ ମନରେ ଇଂରେଜ ଶାସନ ସମ୍ପର୍କରେ ସୃଷ୍ଟି କରିଥିବା ସନ୍ଦେହଗୁଡ଼ିକୁ ସେ ଅତିକ୍ରମ କରିପାରିନଥିଲେ । ତେଣୁ ତାଙ୍କର ସମସାମୟିକ ଅନ୍ୟାନ୍ୟ ବୁଦ୍ଧିଜୀବୀଙ୍କ ଭଳି ସେ ଇଂରେଜ ଶାସନକୁ ଯଥାରୀତି ଆଶୀର୍ବାଦ ରୂପରେ ଗ୍ରହଣ କରି-ନେଇଥିଲେ । ଉପନିବେଶ ବାଦୀ ଚିନ୍ତା ଓ ପରିବେଶ ମଧ୍ୟ ଦେଇ ଓଡ଼ିଶାରେ ସାଧାରଣରେ ଯେଉଁ ଜାଗରଣ-ଜନିତ ଧାରା ପଡ଼ିଥିଲା ନିଜର ଅଜ୍ଞାତରେ ଅନେକଙ୍କ

ଭଳି ଗୌରୀଶଙ୍କର ମଧ୍ୟ ସେଥିରେ ସ୍ୱୀକୃତ ହୋଇଥିଲେ। କିନ୍ତୁ ଏହି ସ୍ୱୀକୃତ ହେବାର ନୂତନ ଅଭିଜ୍ଞତା ଶଙ୍କରାଚାର୍ଯ୍ୟଙ୍କୁ ମାନବ-ବିଦ୍ୱେଷ ଅଭିମୁଖୀ କରିଦେଇ ନ ଥିଲା। ନାନା ଦେଶ ବୈଦେଶିକ ଧର୍ମରେ ବ୍ୟାପ୍ତ ଥାଇ ଏକାନ୍ତ ଭାବେ ନୈତିକ ନବଜାଗରଣର ବାଣୀ ଓ ଆଦର୍ଶକୁ ଯେ ଓଡ଼ିଶାରେ ପରିବ୍ୟାପ୍ତ କରିଥିଲେ, ତାଙ୍କ ସମ୍ପୃକ୍ତ ଭାବଧାରାକୁ ଦେଶ ଓ ସ୍ମୃତି-ପଥରେ ଆଜିର ଥିବା ଅନେକ ତଥାକଥିତ ସ୍ୱାଧୀନଙ୍କ ସ୍ୱଦେଶପ୍ରୀତିକୁ ତୁଳନା କରାଯାଇ ନ ପାରେ। ତାହାର କାରଣ ଗୌରୀଶଙ୍କରଙ୍କ ଭଳି ଲୋକମାନେ ଏହି ଐତିହାସିକ ଲକ୍ଷ୍ୟରେ ଆସି ଦାୟିତ୍ୱ ଓ କର୍ତ୍ତବ୍ୟ ଜ୍ଞାନ ସମ୍ପର୍କରେ ସ୍ପଷ୍ଟ ଓ ସଚେତନ ଥିଲେ। ସେଠାରେ ତାଙ୍କ ସମାଜ-ବ୍ୟବସ୍ଥା ମଧ୍ୟରେ ଅଧିକାର ବାଣିଜ୍ୟ ଆଦି ଥିଲେହେଁ, କଟକର ପ୍ରାଚୀନ ପରିବେଶରେ ଏଭଳି ସ୍ୱଦେଶ ନିଷ୍ଠାର ସ୍ୱାଗତ 'ଉତ୍କଳଦୀପିକା' ଗୌରୀଶଙ୍କରଙ୍କର ଅଭିଯାନ ଥିଲା ଯୁଗାନ୍ତକାରୀ ସୃଷ୍ଟିର ସାମ୍ରାଜ୍ୟ ଭଳି ଦିଗନ୍ତ-ପ୍ରସାରୀ। ଏହି ଐତିହାସିକ-ଶୀଳତା ମଧ୍ୟରେ ଗୌରୀଶଙ୍କରଙ୍କ କୃତିତ୍ୱ-ଭୂମିକା ଅନାବୃତ।

ଓଡ଼ିଆ ବିଭାଗ
ରାଉରକେଲା ମ୍ୟୁନିସିପାଲିଟି ମହାବିଦ୍ୟାଳୟ
ରାଉରକେଲା - ୭୬୯ ୦୧୨